# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଏପ୍ରିଲ ୩/୨୦୧୯ (୧୬ ପୃଷ୍ଠା+ସାହିତ୍ୟାୟନ) | Bhubaneswar, Wednesday, April 3/2019 | ★★★★★★

୪୫ଶ ଭାଗ ୧୨୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଗୁଗଲ ଛାଡ଼ିଲେ ରାଜନ ଆନନ୍ଦନ୍**

ଗୁଗଲ ଇଣ୍ଡିଆ ତଥା ଦକ୍ଷିଣ ପୂର୍ବ ଏସିଆ ପ୍ରେସିଡେଣ୍ଟ ରାଜନ ଆନନ୍ଦନ୍ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଚଳିତ ମାସ ଶେଷ ପର୍ଯ୍ୟନ୍ତ ସେ ଗୁଗଲରେ ଦାୟିତ୍ୱ ତୁଲାଇବେ ।

୧୩

୦୮

**‘୫୦ବର୍ଷରେ ବି ଅଜୟ ଦେବଗନ୍ ତରୁଣ’**

ବଲିଉଡ୍ ଅଭିନେତା ଅଜୟ ଦେବଗନ୍ ୫୦ବର୍ଷରେ ବି ଖୁବ୍ ସୁନ୍ଦର ଦେଖାଯାଉଛନ୍ତି ବୋଲି ସ୍ତ୍ରୀ କାଜଲ କହିଛନ୍ତି।




କହିଲେ କୋଇଲା ନିଲାମରୁ ଦେବୁ ୭୦ ହଜାର କୋଟି ।
୩ ବର୍ଷରେ ଦେଲେ ମାତ୍ର ୩୭୦ କୋଟି ।
ଓଡ଼ିଶା ପ୍ରତି କେନ୍ଦ୍ରର ଦରଦ ସବୁଥିରେ ଏମିତି
ଓଡ଼ିଶାର ହକ୍ ପାଇଁ ଲଢ଼ିବା
୨୧ ରୁ ୨୧ ରେ ‘ଶଙ୍ଖ’କୁ ଜିତାଇବା ।
ବିଜୁ ଜନତା ଦଳ


**ଆପଣଙ୍କ ଏହି କପି ସହିତ ପାଇବେ ସାହିତ୍ୟାୟନ**



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

**ଆଜିର ସମ୍ପାଦକୀୟ**

ଲେଖକଙ୍କ ଆହ୍ୱାନ

**ଆଜିର ମନ୍ତବ୍ୟ**

“ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭଳି ଅଭିନେତା କେବେ ଦେଖିନାହିଁ।
—ଓମାର ଅବ୍ଦୁଲ୍ଲା, ଏନ୍‌ସି ଉପାଧ୍ୟକ୍ଷ

**କିଛି ତଥ୍ୟ**

୨୦୧୭–୧୮ରେ ଦେଶରେ ପରିଚାଳିତ ୨୫୭ ରାଷ୍ଟ୍ରାୟତ୍ତ ସଂସ୍ଥା ମଧ୍ୟରୁ ୧୮୪ ସଂସ୍ଥା ଲାଭଜନକ ସ୍ଥିତିରେ ରହିଛନ୍ତି।
—ଦୀପମ୍

**ରାଜଧାନୀ ଏକ୍ସପ୍ରେସରୁ ଅଲଗା ହୋଇଗଲା ବଗି**

.........୧୬.........

# ଶ୍ରୀମନ୍ଦିରରୁ ଚୋରି



- ରାମମନ୍ଦିର ଦାନବାକ୍ସରୁ ନେଇଗଲେ ଟଙ୍କା
- ମା’ ସୀତାଙ୍କ ମୂର୍ତ୍ତି ନେବାକୁ ଉଦ୍ୟମ
- ସିସିଟିଭି ଫୁଟେଜ୍ ଯାଞ୍ଚ, ତଥାପି ମିଳୁନି ସୁରାକ୍

**ପୁରୀ ଅଫିସ,୨।୪**

ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ନେଇ ଉଠିଛି ପ୍ରଶ୍ନ । ସୁରକ୍ଷା ଦାୟିତ୍ୱରେ ଓଡ଼ିଶା ପୋଲିସ, ଜେଟିପି ଏବଂ ସ୍କ୍ୱାଡ୍ ରହୁଥିଲେ ମଧ୍ୟ ସୋମବାର ରାତିରେ ଶ୍ରୀମନ୍ଦିର ବେଢ଼ା ପରିସରସ୍ଥ ଶ୍ରୀରାମ ମନ୍ଦିରରୁ ଚୋରି ହୋଇଛି। କେହି ଦୁର୍ବୃତ୍ତ ଦାନବାକ୍ସରୁ ଟଙ୍କା ଚୋରାଇ ନେଇଛନ୍ତି। କେବଳ ସେତିକି ନୁହେଁ, ମା’ ସୀତାଙ୍କ ମୂର୍ତ୍ତି ନେବାକୁ ମଧ୍ୟ ଉଦ୍ୟମ କରିଥିଲେ। ହେଲେ ଏଥିରେ ବିଫଳ ହୋଇଥିବାବେଳେ ଶ୍ରୀକୃଷ୍ଣଙ୍କର ଏକ ମାର୍ବଲ ମୂର୍ତ୍ତି ଭାଙ୍ଗିଦେଇଛନ୍ତି। ସେହିପରି ମନ୍ଦିର ଘଣ୍ଟି ଭାଙ୍ଗି ତଳେ ପଡ଼ିଛି । ଏହି ଘଟଣାରୁ ବଡ଼ ଦେଉଳ ସୁରକ୍ଷାରେ ଛିଦ୍ର ଥିବା ସ୍ପଷ୍ଟ ହେଉଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତନାଘନା ଚଳାଇବା ସହ ସିସିଟିଭି ଫୁଟେଜ୍ ଯାଞ୍ଚ କରିଛି । ମାତ୍ର ଅଭିଯୁକ୍ତଙ୍କ ସମ୍ପର୍କରେ କୌଣସି ସୁରାକ୍ ପାଇପାରିନାହିଁ।

ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାର ନିକଟରେ ରହିଛି ରାମ ମନ୍ଦିର। ଏଠାରେ ପ୍ରଭୁ ରାମଚନ୍ଦ୍ର, ଲକ୍ଷ୍ମଣ, ଦେବୀ ସୀତାଙ୍କ ପ୍ରତିମୂର୍ତ୍ତି ପୂଜା ପାଉଛନ୍ତି। ଶ୍ରୀଗଣେଶ, ରାଧାକୃଷ୍ଣଙ୍କ ସମେତ ବିଭିନ୍ନ ପାର୍ଶ୍ୱ ଦେବଦେବୀ ମଧ୍ୟ ଅଛନ୍ତି। ସିସିଟିଭି ସର୍ଭେଲାନ୍ସରେ ଏହି ମନ୍ଦିର ରହିଛି। ସୋମବାର ☞ପୃଷ୍ଠା–୧୨

- କଂଗ୍ରେସ ପ୍ରକାଶ କଲା ନିର୍ବାଚନୀ ଇସ୍ତାହାର

# ନିଯୁକ୍ତି, କୃଷି, ଶିକ୍ଷାକୁ ଗୁରୁତ୍ୱ

**ନୂଆଦିଲ୍ଲୀ,୨।୪(ଆଇଏଏନ୍ଏସ୍)**

ପ୍ରଥମ ପର୍ଯ୍ୟାୟ ସାଧାରଣ ନିର୍ବାଚନକୁ ୯ ଦିନ ବାକି ଥିବାବେଳେ କଂଗ୍ରେସ ପକ୍ଷରୁ ମଙ୍ଗଳବାର ଦଳୀୟ ଇସ୍ତାହାର ପ୍ରକାଶ କରାଯାଇଛି। ୫୩ ପୃଷ୍ଠା ସମ୍ବଳିତ ଏହି ଘୋଷଣାପତ୍ରରେ ସୁଶାସନ, କୃଷିଋଣ ଛାଡ଼, ଶିକ୍ଷା, ଗରିବଙ୍କ ପାଇଁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା, କର୍ମନିଯୁକ୍ତି, ମହିଳାଙ୍କ ସୁରକ୍ଷା ଓ ସମ୍ମାନର ସହ ଜୀବନଧାରଣ, ଭ୍ରଷ୍ଟାଚାର ନିରୋଧୀ ଆଇନକୁ ବିନା ଭେଦଭାବରେ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଏହା ସାଧାରଣ ଲୋକଙ୍କ ଆଶା ଆକାଂକ୍ଷାକୁ ପ୍ରତିଫଳନ କରୁଛି ବୋଲି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କହିଛନ୍ତି। ଅନ୍ୟପକ୍ଷରେ ଭାଜପା ଏହାକୁ ‘ବିପଜ୍ଜନକ’ ବୋଲି ଅଭିହିତ କରି କାର୍ଯ୍ୟକାରୀଯୋଗ୍ୟ ନୁହେଁ ବୋଲି ସମାଲୋଚନା କରିଛି।

**ଭାଜପା କହିଲା ‘ବିପଜ୍ଜନକ’**



ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ କଂଗ୍ରେସର ନିର୍ବାଚନୀ ଇସ୍ତାହାରକୁ ପ୍ରଦର୍ଶନ କରୁଛନ୍ତି।

ବରିଷ୍ଠ କଂଗ୍ରେସ ନେତାମାନଙ୍କ ଉପସ୍ଥିତିରେ ଦଳ ମୁଖ୍ୟ ରାହୁଲ, ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ‘ହମ୍ ନିଭାଏଙ୍ଗେ’ ଇସ୍ତାହାରକୁ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ରାହୁଲ କହିଛନ୍ତି, କଂଗ୍ରେସର ଇସ୍ତାହାର ହେଉଛି ଲୋକଙ୍କ ସ୍ୱର। କଂଗ୍ରେସ କ୍ଷମତାକୁ ଆସିଲେ ତାଙ୍କ ସରକାର ମୋଟ ଘରୋଇ ଉତ୍ପାଦ (ଜିଡିପି)ର ୬% ଶିକ୍ଷା ଉପରେ ଖର୍ଚ୍ଚ କରିବ। ମୋଦି ସରକାର ସମାଜକୁ ବିଭାଜିତ କରି ଲୋକଙ୍କ ମଧ୍ୟରେ ଘୃଣା ବିସ୍ତାର କରୁଛନ୍ତି। ☞ପୃଷ୍ଠା–୧୨

**ପ୍ରତିଶ୍ରୁତି**

- ଶିଳ୍ପ, ସେବା ଓ ନିଯୁକ୍ତି କ୍ଷେତ୍ରରେ ଅଭିବୃଦ୍ଧି ପାଇଁ ନୂଆ ମନ୍ତ୍ରଣାଳୟ
- ଜିଡିପିର ୬% ଶିକ୍ଷା ଉପରେ ଖର୍ଚ୍ଚ ହେବ
- ସାରା ଦେଶର କୃଷକଙ୍କ ଚାଷଋଣ ଛାଡ଼ କରାଯିବ

- ଭବାନୀପାଟଣାରେ ଭାଜପାର ବିଜୟ ସଙ୍କଳ୍ପ ସମାବେଶ

# ‘ରୋଗ ଚିହ୍ନେ, ଔଷଧ ବି ଦିଏ’

- ପରିବର୍ତ୍ତନ ପାଇଁ ଆହ୍ୱାନ ଦେଲେ ମୋଦି
- ଖଣି, ଚିଟ୍‌ଫଣ୍ଡ ଦୁର୍ନୀତି, ନାରୀ ନିର୍ଯାତନା ଉପରେ ଟାର୍ଗେଟ
- ଭାଜପାରେ ଯୋଗଦେଲେ ବିଧାୟକ ପ୍ରବୀଣ ଭଞ୍ଜଦେଓ

**ଭବାନୀପାଟଣା,୨।୪(ଡି.ଏନ.ଏ./ସ୍ୱ.ପ୍ର.)**

ଦିନେ ଏ ମାଟିକୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ଆସିଥିଲେ। ସେ ନିଜେ ସ୍ୱୀକାର କରିଥିଲେ ଦିଲ୍ଲୀରୁ ୧ ଟଙ୍କା ପଠାଇଲେ ଗାଁରେ ୧୫ ପଇସା ପହଞ୍ଚୁଛି । ରାଜୀବ ଯଦି ଏକଥା ଜାଣିଥିଲେ, ତେବେ ଏହାର ସେ କ’ଣ ପ୍ରତିକାର କରିଥିଲେ। ରୋଗ ଦେଖେଇଦେଲେ, କିନ୍ତୁ ସେହି ରୋଗର ପ୍ରତିକାର କଲେ ନାହିଁ। ମୋଦି ରୋଗ ଜାଣେ, ଔଷଧ ବି ଦିଏ। କଳାହାଣ୍ଡି ଜିଲା ଭବାନୀପାଟଣା ଶ୍ରୀକୃଷ୍ଣ ନଗରଠାରେ ମଙ୍ଗଳବାର ଆୟୋଜିତ ଭାଜପାର ବିଜୟ ସଙ୍କଳ୍ପ ସମାବେଶରେ ଏଭଳି ଢଙ୍ଗରେ ନିଜ ସରକାରର ସଫଳଗାଥା ବଖାଣିଥିଲେ ପ୍ରଧାନମନ୍ତ୍ରୀ ☞ପୃଷ୍ଠା–୧୨



ସମାବେଶରେ ଦଳୀୟ ନେତାଙ୍କ ଗହଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ।

- ୨ ଲୋକ ସଭା, ୭ ବିଧାନସଭା ପ୍ରାର୍ଥୀ ଘୋଷଣା କଲା ବିଜେଡି

# ନିରାଶ ହେଲେ ୫ ବିଧାୟକ

- ମହେଶଙ୍କୁ ଢେଙ୍କାନାଳ, ଚନ୍ଦ୍ରାଣୀ କେନ୍ଦୁଝର ଲୋକ ସଭା ପ୍ରାର୍ଥୀ

**ଭୁବନେଶ୍ୱର,୨।୪(ବ୍ୟୁରୋ)**

ତୃତୀୟ ଓ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ଲାଗି ବିଜେଡି ମଙ୍ଗଳବାର ଆଉ ୨ ଲୋକ ସଭା ଓ ୭ ବିଧାନସଭା ଆସନ ଲାଗି ପ୍ରାର୍ଥୀ ଘୋଷଣା କରିଛି । ବହୁ ପ୍ରତୀକ୍ଷିତ ଢେଙ୍କାନାଳ ଲୋକ ସଭା ଆସନ ପାଇଁ ବିଜେଡି ପାଲଲହଡା ବିଧାୟକ ମହେଶ ସାହୁଙ୍କୁ ପ୍ରାର୍ଥୀ କରିଛି। ଏଠାରୁ ୪ ଥର ଏମ୍‌ପି ଥିବା ତଥାଗତ ସତପଥୀ ଚଳିତ ନିର୍ବାଚନ ଲଢ଼ିବେ ନାହିଁ ବୋଲି ପୂର୍ବରୁ ଘୋଷଣା କରିଥିଲେ। ଏହି ଆସନରେ ଦଳ କୌଣସି ନୂଆ ମୁହଁକୁ ନ ଦେଇ ମହେଶଙ୍କ ଉପରେ ଭରସା କରିଛି। ସେହିପରି କେନ୍ଦୁଝର ଏମ୍‌ପି ଶକୁନ୍ତଳା ଲାଗୁରୀଙ୍କୁ ନିରାଶ ହେବାକୁ ପଡିଛି। ତାଙ୍କ ସ୍ଥାନରେ ବିଜେଡି ଚନ୍ଦ୍ରାଣୀ ମୁର୍ମୁଙ୍କୁ ଲୋକ ସଭା ପ୍ରାର୍ଥୀ କରିଛି। ☞ପୃଷ୍ଠା–୧୨

**ବିଜେଡି ପ୍ରାର୍ଥୀତାଲିକା**

| | |
|---|---|
| **ଲୋକ ସଭା** | |
| କେନ୍ଦୁଝର | ଚନ୍ଦ୍ରାଣୀ ମୁର୍ମୁ |
| ଢେଙ୍କାନାଳ | ମହେଶ ସାହୁ |
| **ବିଧାନସଭା** | |
| ଭୁବନେଶ୍ୱର-ମଧ୍ୟ | ଅନନ୍ତ ନାରାୟଣ ଜେନା |
| ଭୁବନେଶ୍ୱର-ଉତ୍ତର | ସୁଶାନ୍ତ କୁମାର ରାଉତ |
| ଖଣ୍ଡପଡ଼ା | ସୌମ୍ୟରଞ୍ଜନ ପଟ୍ଟନାୟକ |
| ପାଲଲହଡ଼ା | ମୁକେଶ ପାଲ |
| ଆଠମଲ୍ଲିକ | ରମେଶ ଚନ୍ଦ୍ର ସାଏ |
| ଯାଜପୁର | ପ୍ରଣବ ପ୍ରକାଶ ଦାସ |
| କୋରେଇ | ଅଶୋକ ବଳ |


NECC NATIONAL EGG CO-ORDINATION COMMITTEE 02.04.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 91 | 146 | 156 |
| CTC | 90 | 145 | 155 |
| DKL | 90 | 145 | 155 |
| BDK | 93 | 149 | 159 |
| BLS | 93 | 149 | 159 |
| ANG | 91 | 146 | 156 |

*Conditions Apply
Eggs Retail Price- 40/-Dozen
Issued in the Interest of Consumers





ଶ୍ରମଜୀବିଙ୍କୁ ମାସିକ
୩୦୦୦ ଟଙ୍କାର ପେନ୍‌ସନ୍
ମୋଦି ଅଛନ୍ତି ତ ସବୁ ସମ୍ଭବ
ବିଜେପି
ନୂଆ ଆଶା, ପୂରା ଭରସା, ମୋଦିଙ୍କ ସାଥେ ନୂଆ ଓଡ଼ିଶା
ଏମ୍‌ପି ଏବଂ ଏମ୍‌ଏଲ୍‌ଏ ପାଇଁ ପଦ୍ମଫୁଲ ଚିହ୍ନରେ ଦୁଇଥର ଭୋଟ୍ ଦିଅନ୍ତୁ
Issued by BJP, 4R-3/2, Kharavel Nagar, Unit-3, Bhubaneswar






"ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନ କରୁଥିବା ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ପାଇଁ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଦିବାସ୍ୱପ୍ନ ଦେଖୁଛନ୍ତି।
-ମେହବୁବା ମୁଫ୍ତି,
ପିଡିପି ଅଧ୍ୟକ୍ଷା



## ସଂକ୍ଷେପରେ

### ୧୨ ତାଲିବାନ୍ ଆତଙ୍କବାଦୀ ନିହତ

**କାବୁଲ,୨।୪(ପି.ଟି.):** ଆଫଗାନିସ୍ତାନର ଫାରିୟାବ ପ୍ରଦେଶରେ କ୍ୱାଇସାର ଜିଲାରେ ତାଲିବାନ୍ ମୁଖ୍ୟ କମାଣ୍ଡର ମାଓଲାଓ୍ୱି ହୁସେନ୍ ସମେତ ୧୨ ଉଗ୍ରପନ୍ଥୀ ନିହତ ହୋଇଛନ୍ତି। ନିରାପତ୍ତା ବାହିନୀ ମଙ୍ଗଳବାର କ୍ୱାଇସାର ଜିଲାସ୍ଥିତ ତାଲିବାନ୍‌ର ଆଡ୍ଡାକୁ ଟାର୍ଗେଟ କରିବା ଫଳରେ ୧୨ ଆତଙ୍କବାଦୀ ପ୍ରାଣ ହରାଇଥିଲେ। ତାଲିବାନ କମାଣ୍ଡର ମାଓଲାଓ୍ୱି ହୁସେନ୍ ଏଥିରେ ଟଳି ପଡିଥିବା ଜଣାପଡିଛି।



### ୧,୭୦୦ ଜନଧନ ବ୍ୟାଙ୍କ ଖାତା ଉପରେ ଇସିଙ୍କ ନଜର

**ନୂଆଦିଲ୍ଲୀ,୨।୪(ପି.ଟି.):** ସାଧାରଣ ନିର୍ବାଚନ ପୂର୍ବରୁ ଉତ୍ତରପ୍ରଦେଶ (ୟୁପି)ସ୍ଥିତ ମୋରାଦାବାଦ ଜିଲାର ପ୍ରାୟ ୧,୭୦୦ ଜନଧନ ବ୍ୟାଙ୍କ ଖାତାରେ ସନ୍ଦେହଜନକ କାରବାର ହୋଇଛି। ଏଥିଲାଗି ନିର୍ବାଚନ କମିଶନ (ଇସି) ଏହି ସନ୍ଦିଗ୍ଧ ଆକାଉଣ୍ଟଗୁଡ଼ିକ ଉପରେ କଡ଼ା ନଜର ରଖିଛନ୍ତି। ନିର୍ବାଚନ ଋତୁରେ ଖାତାଗୁଡ଼ିକରେ ହୋଇଥିବା ଜମା ଅର୍ଥ ସମ୍ପର୍କରେ ତଦନ୍ତ କରିବା ପାଇଁ ଇସି କେତୋଟି ସର୍ଭିଲାନ୍ସ ଟିମ୍ ଗଠନ କରିଛନ୍ତି। ପ୍ରତ୍ୟେକ ଆକାଉଣ୍ଟରେ ପ୍ରାୟ ୧୦,୦୦୦ ଟଙ୍କା ଲେଖାଏ ଜମା ହୋଇଛି। ୧.୭ କୋଟି ଟଙ୍କା କିଏ ଜମା କରିଛନ୍ତି। ରାଜନୈତିକ ଦଳଗୁଡ଼ିକର ପ୍ରାର୍ଥୀ ଭୋଟରଙ୍କୁ ପ୍ରଲୋଭିତ କରିବା ପାଇଁ ଏପରି କରାଯାଇଛି କି ତାହା ଉକ୍ତ ଟିମ୍ ଯାଞ୍ଚ କରୁଛି।

### 'ମୁସ୍‌ଲିମଙ୍କୁ ମିଳିବନି ଭାଜପା ଟିକେଟ'

**ବେଙ୍ଗାଲୁରୁ,୨।୪:** ସାଧାରଣ ନିର୍ବାଚନ ପୂର୍ବରୁ ମୁସଲମାନ ସମ୍ପ୍ରଦାୟ ବିରୋଧରେ ବିବାଦୀୟ ମନ୍ତବ୍ୟ ଦେଇ ପୁଣିଥରେ ଚର୍ଚ୍ଚାରେ କର୍ନାଟକର ବରିଷ୍ଠ ଭାଜପା ନେତା କେ.ଏସ୍. ଈଶ୍ୱରପ୍ପା। ମୁସଲିମ୍‌ମାନେ ଆମକୁ ବିଶ୍ୱାସ କିମ୍ବା ସମର୍ଥନ କରନ୍ତି ନାହିଁ। ତେଣୁ ସେମାନଙ୍କୁ ଭାଜପା ଦଳୀୟ ଟିକେଟରେ ନିର୍ବାଚନ ଲଢ଼ିବା ପାଇଁ କେବେହେଲେ ସୁଯୋଗ ଦେବନାହିଁ ବୋଲି ଈଶ୍ୱରପ୍ପା କହିଛନ୍ତି। ଏହି ମନ୍ତବ୍ୟକୁ ଶାସକ କଂଗ୍ରେସ-ଜେଡିଏସ୍ ମେଣ୍ଟ ସମାଲୋଚନା କରିଛି। ପ୍ରକାଶ ଯେ, କଂଗ୍ରେସକୁ ସମର୍ଥନ କରୁଥିବା ମୁସ୍‌ଲିମ୍‌ମାନେ ହତ୍ୟାକାରୀ ବୋଲି ଗତବର୍ଷ ଜାନୁୟାରୀରେ ମନ୍ତବ୍ୟ ଦେଇ ବିବାଦୀୟ ହୋଇଥିଲେ ଶିବମୋଗା ବିଧାୟକ ଈଶ୍ୱରପ୍ପା।



କୋଲକାତାର ଏକ ରାସ୍ତାକଡ଼ କାନ୍ଥରେ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ ସପକ୍ଷରେ ଚାଇନା ଭାଷାରେ ନିର୍ବାଚନୀ ପ୍ରଚାର।



ସାଧାରଣ ନିର୍ବାଚନ ପୂର୍ବରୁ କଂଗ୍ରେସର ଇସ୍ତାହାର ଉନ୍ମୋଚନ ଅବସରରେ ଦଳ ସାଧାରଣ ସମ୍ପାଦକ ତଥା ପୂର୍ବ ଉତ୍ତରପ୍ରଦେଶ ପ୍ରଭାରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା।


ଗୟାର ଏକ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ଏଲ୍‌ଜେପି ଅଧ୍ୟକ୍ଷ ରାମବିଳାସ ପାଶ୍ୱାନ ଓ ଅନ୍ୟ ନେତୃବୃନ୍ଦ।

■ ଖୋଲାଚିଠିରେ ଦେଶବାସୀଙ୍କୁ ୨୦୦ ଲେଖକଙ୍କ ଅନୁରୋଧ

# ଘୃଣା ରାଜନୀତିକୁ ଜବାବ ଦିଅ

**ନୂଆଦିଲ୍ଲୀ,୨।୪(ପି.ଟି.)**


ଅମିତାଭ ଘୋଷ | ଅରୁନ୍ଧତୀ ରାୟ | ଗିରିଶ କର୍ନାଡ଼ | ନୟନତାରା ସେହଗଲ | ରୋମିଲା ଥାପ୍ପର

'ବିବିଧ ଓ ସମାନ ଭାରତ' ସପକ୍ଷରେ ଭୋଟ ଦେଇ ଘୃଣା ରାଜନୀତିକୁ ହଟାଇଦେବା ପାଇଁ ସାଧାରଣ ନିର୍ବାଚନ ପୂର୍ବରୁ ଦେଶର ୨୦୦ରୁ ଊର୍ଦ୍ଧ୍ୱ ଲେଖକ ଦେଶର ନାଗରିକମାନଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। ଭାରତୀୟ ସାଂସ୍କୃତିକ ମଞ୍ଚ ପକ୍ଷରୁ ଜାରି କରାଯାଇଥିବା ଏହି ଖୋଲାଚିଠିରେ ଗିରିଶ କର୍ନାଡ଼, ଅରୁନ୍ଧତୀ ରାୟ, ଅମିତାଭ ଘୋଷ, ନୟନତାରା ସେହଗଲ ଓ ରୋମିଲା ଥାପ୍ପରଙ୍କ ଭଳି ଲେଖକମାନେ ଉଲ୍ଲେଖ କରିଛନ୍ତି ଯେ, ଦେଶକୁ ବିଭାଜିତ କରିବା ପାଇଁ ଘୃଣା ରାଜନୀତିକୁ ବ୍ୟବହାର କରାଯାଉଛି। ଏଥିଯୋଗୁ ଦେଶରେ ଭୟ ସୃଷ୍ଟି ସହ ଅଧିକ ସଂଖ୍ୟକ ଲୋକଙ୍କୁ 'ପୂର୍ଣ୍ଣ ନାଗରିକ' ଭାବେ ରହିବାକୁ ଦିଆଯାଉନାହିଁ। ଲେଖକ, କଳାକାର, ଫିଲ୍ମ ପ୍ରଯୋଜକ, ସଙ୍ଗୀତଜ୍ଞ ଓ ଅନ୍ୟ ସାଂସ୍କୃତିକ କ୍ଷେତ୍ର ସହ ଜଡ଼ିତ ବ୍ୟକ୍ତିଙ୍କୁ ଧମକ ଦେଇ ସେମାନଙ୍କ ଉପରେ କଟକଣା ଜାରି କରାଯାଉଛି। ଏହାକୁ ନେଇ କେହି ପ୍ରଶ୍ନ ଉଠାଇଲେ ତାଙ୍କୁ ମିଥ୍ୟା ଓ ହାସ୍ୟାସ୍ପଦ ମାମଲାରେ ଫସାଇ ହଇରାଣ କରାଯାଉଛି। ଏଥିରୁ ମୁକ୍ତିପାଇବା ପାଇଁ ପ୍ରଥମ ପଦକ୍ଷେପ ସ୍ୱରୂପ ଆମକୁ ଘୃଣା ରାଜନୀତିର ମୂଳୋତ୍ପାଟନ କରିବାକୁ ପଡ଼ିବ। ଏକ ବିବିଧତାପୂର୍ଣ୍ଣ ଓ ସମାନ ଭାରତ ପାଇଁ ଏହା ବିରୋଧରେ ଭୋଟ ଦେବାକୁ ପଡ଼ିବ ବୋଲି ବୁଦ୍ଧିଜୀବୀମାନେ ଅନୁରୋଧ କରିଛନ୍ତି।

ଲେଖକମାନଙ୍କ ଏହି ଖୋଲାଚିଠି ଅନୁସାରେ ଦେଶରେ ଜଟିଳ ସ୍ଥିତି ସୃଷ୍ଟି ହୋଇଛି। ସମ୍ବିଧାନ ଦେଶର ସମସ୍ତ ନାଗରିକଙ୍କୁ ସମାନତା, ଖାଇବା, ପ୍ରାର୍ଥନା କରିବା, ନିଜ ପସନ୍ଦ ଅନୁସାରେ ବଞ୍ଚିବା, ଅଭିବ୍ୟକ୍ତିର ସ୍ୱାଧୀନତା ଓ ଅସନ୍ତୋଷ ବ୍ୟକ୍ତ କରିବାର ଅଧିକାର ପ୍ରଦାନ କରିଛି। କିନ୍ତୁ କିଛିବର୍ଷ ହେଲା ଦେଶର ନାଗରିକଙ୍କୁ ଭିଡ଼ହିଂସାର ଶିକାର ହେବାକୁ ପଡୁଛି। ସମ୍ପ୍ରଦାୟ, ଜାତି, ଲିଙ୍ଗ ଓ ଅଞ୍ଚଳ ଭିତ୍ତିରେ ସେମାନଙ୍କ ଉପରେ ଆକ୍ରମଣ କରାଯାଉଛି। ସମ୍ବିଧାନରେ ପ୍ରଦତ୍ତ ପ୍ରତିଶ୍ରୁତିଗୁଡ଼ିକର ଧାରଣାକୁ ସୁରକ୍ଷିତ ରଖିବା ଲାଗି ସମସ୍ତ ଭାରତୀୟ ଏହା ସମର୍ଥନରେ ଆଗେଇ ଆସିବା ଉଚିତ ବୋଲି ଚିଠିରେ ଆହ୍ୱାନ ଦିଆଯାଇଛି। ବୁଦ୍ଧିଜୀବୀମାନେ ଆହୁରି ଲେଖିଛନ୍ତି ଯେ, ହେତୁବାଦୀ, ଲେଖକ ଓ କର୍ମୀଙ୍କ ଉପରେ କେହି ନଜର ରଖୁ କି ସେମାନଙ୍କୁ ହତ୍ୟା କରୁ ବୋଲି ସେମାନେ ଚାହାଁନ୍ତି ନାହିଁ। ମହିଳା, ଦଳିତ, ଆଦିବାସୀ ଓ ସଂଖ୍ୟାଲଘୁଙ୍କ ପ୍ରତି ହିଂସା ବିରୋଧରେ କଡ଼ା ସନ୍ଦେଶ ଦେବା ପାଇଁ ଖୋଲାଚିଠିରେ ଦାବି କରାଯାଇଛି। ସେହିପରି ନିଯୁକ୍ତି, ଶିକ୍ଷା, ଗବେଷଣା, ସ୍ୱାସ୍ଥ୍ୟସେବା ଓ ସମସ୍ତଙ୍କ ପାଇଁ ସମାନ ସୁଯୋଗ ଲାଗି ସମ୍ବଳ ଏବଂ ସମାଧାନ ଲୋଡ଼ା। ସେମାନେ ସମସ୍ତେ ବିବିଧତା ଓ ଗଣତନ୍ତ୍ରର ସୁରକ୍ଷା ଚାହାନ୍ତି ବୋଲି ପତ୍ରରେ ଉଲ୍ଲେଖ କରିଛନ୍ତି। ଉକ୍ତ ଖୋଲାଚିଠି ଇଂଲିଶ୍, ହିନ୍ଦୀ, ମରାଠୀ, ଗୁଜରାଟୀ, ଉର୍ଦ୍ଦୁ, ବାଂଲା, ମାଲୟାଲମ୍, ତାମିଲ, କନ୍ନଡ଼ ଓ ତେଲୁଗୁ ଭାଷାରେ ପ୍ରକାଶ ପାଇଛି। ପ୍ରକାଶ ଯେ, ନିକଟରେ ୧୦୩ ଫିଲ୍ମ ପ୍ରଯୋଜକ ଏକାଠି ହୋଇ ସାଧାରଣ ନିର୍ବାଚନରେ ଫାସୀବାଦକୁ ହରାଇବା ପାଇଁ ଦେଶବାସୀଙ୍କୁ ଆହ୍ୱାନ ଦେଇଥିଲେ।

## 'ପ୍ରଧାନମନ୍ତ୍ରୀ ହେବାର ମହତ୍ତ୍ୱାକାଂକ୍ଷା ନାହିଁ'

**ୱାରଙ୍ଗଲ,୨।୪(ପି.ଟି.)**

ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍)ଙ୍କ ପ୍ରଧାନମନ୍ତ୍ରୀ ହେବାର ମହତ୍ତ୍ୱାକାଂକ୍ଷା ନାହିଁ ବୋଲି ମଙ୍ଗଳବାର ସେ ସ୍ପଷ୍ଟ କରିଛନ୍ତି। ତେଲେଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍) ଅଧ୍ୟକ୍ଷ କେସିଆର୍ ଏକ ସଭାକୁ ସମ୍ବୋଧିତ କରି କହିଛନ୍ତି, ଦେଶର ପ୍ରକୃତ ସମସ୍ୟାଗୁଡ଼ିକର ସମାଧାନ ପାଇଁ କେନ୍ଦ୍ରରେ ଏକ ଅଣକଂଗ୍ରେସ ଓ ଅଣଭାଜପା ସରକାର ଗଠନ ହେଉ ବୋଲି ସେ ଚାହାନ୍ତି। କାରଣ ଏହି ଦୁଇ ଜାତୀୟ ଦଳ ୭୦ ବର୍ଷରେ ଲୋକଙ୍କ ସମସ୍ୟା ସମାଧାନରେ ବିଫଳ ହୋଇଛନ୍ତି।


କେ. ଚନ୍ଦ୍ରଶେଖର ରାଓ

■ କଡ଼ା ଜବାବ ଦେଲା ଭାରତ: ୭ ସେନାଘାଟି ଧ୍ୱଂସ

# ୩ ପାକିସ୍ତାନୀ ସୈନ୍ୟ ନିହତ

**ଜମ୍ମୁ,୨।୪(ପି.ଟି.)**

ଜମ୍ମୁ-କଶ୍ମୀର ସଂଲଗ୍ନ ନିୟନ୍ତ୍ରଣରେଖା (ଏଲ୍‌ଓସି)ରେ ପାକିସ୍ତାନୀ ସେନା ତୁହାକୁ ତୁହା ଗୁଳିବର୍ଷା ଓ ମୋର୍ଟାର ମାଡ଼ କରି ଭାରତୀୟ ସେନାକୁ ଟାର୍ଗେଟ କରୁଛି। ଏହାର ଜବାବରେ ଯବାନମାନେ ପ୍ରତିପକ୍ଷକୁ କଡ଼ା ଜବାବ ଦେଇଛନ୍ତି। ଏଥିରେ ପାକିସ୍ତାନର ଅନେକ ସୈନ୍ୟ ମୃତାହତ ହୋଇଥିବାବେଳେ ୭ ସେନାଘାଟି ଧ୍ୱଂସ ହୋଇଯାଇଛି।

ପାକିସ୍ତାନୀ ସେନା ମଙ୍ଗଳବାର କ୍ରମାଗତ ପଞ୍ଚମ ଦିନ ଧରି ଅସ୍ତ୍ରବିରତି ଉଲ୍ଲଂଘନ କରିଛି। ପୁଞ୍ଚ୍ ଜିଲାର ଶାହପୁରରେ ମଙ୍ଗଳବାର ଭୋର ସମୟରେ ପାକିସ୍ତାନୀ ସେନା ଗୁଳିମାଡ଼ କରିଥିଲା। ରାଜୌରି ଜିଲାର ନୌଶେରା ସେକ୍ଟରରେ ପୂର୍ବାହ୍ନ ୧୧ଟା ୩୦ରେ ମୋର୍ଟାର ମାଡ଼ କରିଥିଲା। ଏଥିରେ ୩ ସୀମାନ୍ତବାସୀ ଆହତ ହୋଇଛନ୍ତି। ଭାରତର ଜବାବୀ କାର୍ଯ୍ୟାନୁଷ୍ଠାନରେ ପାକ୍-ଅଧିକୃତ କଶ୍ମୀର (ପିଓକେ)ସ୍ଥିତ ରଖ୍‌ଚାକ୍ରି ଓ ରାଓ୍ୱଲକୋଟ୍‌ରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ୩ ପାକିସ୍ତାନୀ ସୈନ୍ୟ ନିହତ ହୋଇଥିବା ଜଣେ ପ୍ରତିରକ୍ଷା ଅଧିକାରୀ ସୂଚନା ଦେଇଛନ୍ତି। ପାକିସ୍ତାନର ଇଣ୍ଟର-ସର୍ଭିସେସ୍ ପବ୍ଲିକ୍ ରିଲେଶନ୍ସ ମଧ୍ୟ ଏହା ସ୍ୱୀକାର କରି ଏକ ବିବୃତି ଜାରି କରିଛି।

## ଚୁମ୍ବକରେ

* ଟ୍ରେନ୍ ଓ ବିମାନଗୁଡ଼ିକରେ 'ମୈଁ ଭି ଚୌକିଦାର' ସ୍ଲୋଗାନ ଲେଖାଥିବା କପ୍‌ରେ ଚା ପରିବେଷଣ ଯୋଗୁ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ହୋଇଥିବା ଦର୍ଶାଇ ନିର୍ବାଚନ କମିଶନ ମଙ୍ଗଳବାର ରେଲଓ୍ୱେ ଓ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟକୁ ନୋଟିସ ପଠାଇଛନ୍ତି। ଏଥିପାଇଁ ଦାୟୀ ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେଇ ଏହାର ରିପୋର୍ଟ ସପ୍ତାହେ ମଧ୍ୟରେ ଦାଖଲ କରିବାକୁ ଦୁଇ ମନ୍ତ୍ରଣାଳୟକୁ ଏଥିରେ ନିର୍ଦ୍ଦେଶ ରହିଛି।
* ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ପଶ୍ଚିମବଙ୍ଗର ସିଲିଗୁଡ଼ି ଓ କୋଲ୍‌କାତାସ୍ଥିତ ବ୍ରିଗେଡ୍ ପରେଡ୍ ଗ୍ରାଉଣ୍ଡରେ ଭାଜପାର ଦୁଇଟି ନିର୍ବାଚନୀ ସଭାକୁ ସମ୍ବୋଧିତ କରିବେ।
* ସାଧାରଣ ନିର୍ବାଚନର ପ୍ରଚାର ବେଳେ କଂଗ୍ରେସ ଦେଶବିରୋଧୀ କାର୍ଯ୍ୟସୂଚୀକୁ କାର୍ଯ୍ୟକାରୀ କରିବା ପାଇଁ ଉଦ୍ୟମ କରୁଛି। ଏଥିଲାଗି କଂଗ୍ରେସକୁ ନିର୍ବାଚନ ଲଢ଼ିବାକୁ ଦିଆ ନ ଯାଉ ବୋଲି ପାଲଗଡ଼ରେ ଶିବସେନା ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେ ଦାବି କରିଛନ୍ତି।
* ତାମିଲନାଡୁର ଶାସକ ଏଆଇଏଡିଏମ୍‌କେ ସହ ଏଏମ୍‌ଏମ୍‌କେ ମିଶ୍ରଣ ହୋଇଯିବ ବୋଲି ମଦୁରାଇ ଆଧୀନାମ୍ ପୀଠାଧୀଶ ଅରୁଣାଗିରିନାଥ ଜ୍ଞାନସମ୍ବନ୍ଧ ଦେଶୀକାର ପ୍ରଚାର କରୁଥିବା ଅଭିଯୋଗ ହୋଇଛି। ଏଥିପାଇଁ ଏଏମ୍‌ଏମ୍‌କେ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବ ବୋଲି ଦଳର ଉପ ସାଧାରଣ ସମ୍ପାଦକ ଟିଟିଭି ଦିନାକରନ୍ ଚେତାବନୀ ଦେଇଛନ୍ତି।
* ଏସ୍‌ପି ପ୍ରତିଷ୍ଠାତା ମୁଲାୟମ୍ ସିଂ ଯାଦବଙ୍କ ମୋଟ ସମ୍ପତ୍ତିର ପରିମାଣ ୧୬.୫୨ କୋଟି ଟଙ୍କା। ସେ ପୁଅ ଅଖିଳେଶଙ୍କଠାରୁ ଧାର ନେଇଥିବା ୨.୧୩ କୋଟି ଟଙ୍କା ଶୁଝିନାହାନ୍ତି। ମୁଲାୟମ୍‌ଙ୍କ ସମ୍ପତ୍ତି ୫ ବର୍ଷରେ ୩ କୋଟି ଟଙ୍କା ହ୍ରାସ ପାଇଛି ବୋଲି ମୈନପୁରୀ ଆସନରେ ନାମାଙ୍କନପତ୍ର ଦାଖଲ ବେଳେ ସତ୍ୟପାଠରେ ଉଲ୍ଲେଖ କରିଛନ୍ତି।
* ବରିଷ୍ଠ ଏସ୍‌ପି ନେତା ଆଜମ୍ ଖାନ୍ ମଙ୍ଗଳବାର ରାମପୁର ଆସନରୁ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଏହି ଆସନରେ ଭାଜପା ଜୟପ୍ରଦାଙ୍କୁ ପ୍ରାର୍ଥୀ କରିଛି।


ଆଜମ୍ ଖାନ୍


ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହଙ୍କ ରୋଡ୍ ଶୋ ବେଳେ କର୍ନାଟକର ବେଙ୍ଗାଲୁରୁ ସାଉଥ୍ ଆସନରେ ସମର୍ଥକଙ୍କ ଗହଣରେ ଦଳର ସର୍ବକନିଷ୍ଠ ପ୍ରାର୍ଥୀ ତେଜସ୍ୱୀ ସୂର୍ଯ୍ୟା। ଏହି ଆସନରେ ବରିଷ୍ଠ କଂଗ୍ରେସ ନେତା ବି.କେ ହରିପ୍ରସାଦଙ୍କୁ ଦଳ ପ୍ରାର୍ଥୀ କରିଛି।

# ହାର୍ଦ୍ଦିକଙ୍କୁ ଝଟକା

**ନୂଆଦିଲ୍ଲୀ,୨।୪(ପି.ଟି.)**

### ଜରୁରୀ ଶୁଣାଣିକୁ ସୁପ୍ରିମକୋର୍ଟଙ୍କ ନା

୨୦୧୫ ବିଷପୁର ଦଙ୍ଗା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା କଂଗ୍ରେସ ନେତା ହାର୍ଦ୍ଦିକ ପଟେଲଙ୍କୁ ମଙ୍ଗଳବାର ସୁପ୍ରିମକୋର୍ଟରୁ ଝଟକା ଲାଗିଛି। ଗତବର୍ଷ ଅଗଷ୍ଟରେ ଗୁଜରାଟ ହାଇକୋର୍ଟ ଦେଇଥିବା ରାୟକୁ ଚ୍ୟାଲେଞ୍ଜ କରି ହାର୍ଦ୍ଦିକ ନିକଟରେ ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଖଲ କରିଥିଲେ। ଜଷ୍ଟିସ୍ ଅରୁଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଏହାର ଜରୁରୀ ଶୁଣାଣି କରିବାକୁ ମଙ୍ଗଳବାର ମନାକରିଦେଇଛନ୍ତି। ଏହାର ଜରୁରୀ ଶୁଣାଣି କରାଯିବାର କି ଆବଶ୍ୟକତା ରହିଛି ବୋଲି ହାର୍ଦ୍ଦିକଙ୍କ ଓକିଲଙ୍କୁ ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ଫଳରେ ୨୫ ବର୍ଷୀୟ ପଟିଦାର ନେତା ହାର୍ଦ୍ଦିକଙ୍କ ପାଇଁ ଆସନ୍ତା ୪ ତାରିଖରେ ଗୁଜରାଟର ଜାମନଗର ଲୋକ ସଭା ଆସନରୁ ନିର୍ବାଚନ ଲଢ଼ିବାର ବାଟ ବନ୍ଦ ହୋଇଯାଇଛି।

■ କଲ୍ୟାଣ ସିଂଙ୍କ ବିରୋଧରେ ରାଷ୍ଟ୍ରପତିଙ୍କୁ ଚିଠି ଲେଖିଲେ ଇସି

# ଆଦର୍ଶ ଆଚରଣବିଧି ଉଲ୍ଲଂଘନ କରିଛନ୍ତି ରାଜସ୍ଥାନ ରାଜ୍ୟପାଳ

**ନୂଆଦିଲ୍ଲୀ,୨।୪(ପି.ଟି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପୁନଃ କ୍ଷମତାସୀନ କରିବା ପାଇଁ ରାଜସ୍ଥାନ ରାଜ୍ୟପାଳ କଲ୍ୟାଣ ସିଂ ମନ୍ତବ୍ୟ ଦେବା ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ବୋଲି ନିର୍ବାଚନ କମିଶନ (ଇସି) ସ୍ପଷ୍ଟ କରିଛନ୍ତି। କଲ୍ୟାଣ ସାମ୍ବିଧାନିକ ପଦରେ ଥିବାରୁ ଇସି ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ପତ୍ର ଲେଖି ଏହି ପ୍ରସଙ୍ଗ ଉଠାଇଥିବା ଜଣାପଡ଼ିଛି। ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ କଲ୍ୟାଣ ସିଂ ରାଜ୍ୟପାଳ ପଦରେ ଅବସ୍ଥାପିତ। ତେଣୁ ତାଙ୍କର ଆଚାର ବ୍ୟବହାର ଅଣରାଜନୈତିକ ହେବା କଥା। କିନ୍ତୁ ସେ ମାର୍ଚ୍ଚ ୨୩ରେ ଆଲିଗଡ଼ସ୍ଥିତ ନିଜ ବାସଭବନରେ ଭାଜପା କର୍ମୀମାନଙ୍କୁ ସମ୍ବୋଧିତ କରି କହିଥିଲେ, ଆମେ ସମସ୍ତେ ଭାଜପା କର୍ମୀ। ଭାଜପାର ବିଜୟ ଆମେ ଚାହୁଁ। ଆମେ ମୋଦିଜୀଙ୍କୁ ପୁଣିଥରେ ପ୍ରଧାନମନ୍ତ୍ରୀ କରିବାକୁ ଚାହୁଁ। ମୋଦି ପୁନଃ ନିର୍ବାଚିତ ହେବା ଜରୁରୀ ବୋଲି ରାଜ୍ୟପାଳ କହିଥିଲେ। ତାଙ୍କର ଏହି ମନ୍ତବ୍ୟକୁ ଇସି ଯାଞ୍ଚ କରି ରାଷ୍ଟ୍ରପତିଙ୍କ ନିକଟକୁ ପତ୍ର ଲେଖିଛନ୍ତି।


କଲ୍ୟାଣ ସିଂ

## ରାଫାଲ ଦୁର୍ନୀତି ସମ୍ପର୍କିତ ପୁସ୍ତକ ଜବତ

**ନୂଆଦିଲ୍ଲୀ,୨।୪(ପି.ଟି.)**

ରାଫାଲ ଚୁକ୍ତିରେ ହୋଇଥିବା ଦୁର୍ନୀତି ସମ୍ପର୍କରେ ସାମାଜିକ କର୍ମୀ ଏସ୍. ବିଜୟନ୍ ତାମିଲ ଭାଷାରେ ଏକ ପୁସ୍ତକ ଲେଖିଛନ୍ତି। 'ନଟ୍ଟାଇ ଉଲୁକ୍କୁମ୍ ରାଫାଲ୍ ବେରା ଉଝାଲ୍' ବା 'ଦେଶକୁ ଥରାଇ ଦେଇଥିବା ରାଫାଲ୍ ଦୁର୍ନୀତି' ଶୀର୍ଷକ ଏହି ବହିକୁ ଚେନ୍ନାଇର ଏକ ପ୍ରକାଶନ ସଂସ୍ଥା ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ଉନ୍ମୋଚିତ ହେବାର ଥିଲା। ଏହାକୁ ଦି ହିନ୍ଦୁ ଗ୍ରୁପ୍ ଅଧ୍ୟକ୍ଷ ଉନ୍ମୋଚନ କରିବାର କାର୍ଯ୍ୟକ୍ରମ ଥିଲା। ତେବେ ଏହା ପୂର୍ବରୁ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ ଆଣି ନିର୍ବାଚନ କମିଶନଙ୍କ ସ୍କ୍ୱାଡ୍ ୧୪୨ଟି ପୁସ୍ତକ ଜବତ କରିଛି। ଭାଜପା ସରକାର ଭୟଭୀତ ହୋଇ ପ୍ରତିରକ୍ଷା ଦୁର୍ନୀତିକୁ ଘୋଡ଼ାଇବା ଲାଗି ଏଭଳି ପଦକ୍ଷେପ ନେଇଥିବା ସିପିଆଇଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ ସମାଲୋଚନା କରିଛନ୍ତି।

# ଏଥର ନିର୍ବାଚନୀ ପ୍ରସଙ୍ଗ ନୁହେଁ 'ଗୋର୍ଖାଲାଣ୍ଡ'

**ଦାର୍ଜିଲିଂ,୨।୪(ପି.ଟି)**




■ ୧୯୮୬ରେ ଗୋର୍ଖାଲାଣ୍ଡ ଆନ୍ଦୋଳନ ଆରମ୍ଭ

■ ପୃଥକ ରାଜ୍ୟ ଗଠନ ଦାବିରୁ ଓହରିଲେ ଜିଜେଏମ୍ ଏବଂ ଜିଏନ୍‌ଏଲ୍‌ଏଫ୍

■ ପାର୍ବତ୍ୟାଞ୍ଚଳର ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ

ଗୋର୍ଖାଲାଣ୍ଡକୁ ପୃଥକ୍ ରାଜ୍ୟର ମାନ୍ୟତା ଦାବି ଏଥର ନିର୍ବାଚନୀ ପ୍ରସଙ୍ଗ ହେବନାହିଁ। ଦୀର୍ଘ ୩୦ବର୍ଷ ମଧ୍ୟରେ ପ୍ରଥମଥର ପାଇଁ ଏଭଳି ଏକ ଦାବିକୁ କୌଣସି ଦଳ ବା ଗୋଷ୍ଠୀ ଜୋରଦାର କରୁନାହାନ୍ତି। ଉକ୍ତ ଅଞ୍ଚଳର ଗୋର୍ଖା ଜନମୁକ୍ତି (ଜିଜେଏମ୍) ଏବଂ ଗୋର୍ଖା ନ୍ୟାଶନାଲ ଲିବରେଶନ୍ ଫ୍ରଣ୍ଟ(ଜିଏନ୍‌ଏଲ୍‌ଏଫ୍)ଭଳି ଆଞ୍ଚଳିକ ଦଳଗୁଡ଼ିକ ପୃଥକ୍ ରାଜ୍ୟ ଗଠନ ଦାବିରୁ ଓହରିଯାଇ ଉକ୍ତ ଅଞ୍ଚଳର ବିକାଶ ଏବଂ ଗଣତନ୍ତ୍ରର ପୁନଃ ପ୍ରତିଷ୍ଠା ଉପରେ ଗୁରୁତ୍ୱ ଦେଇଛନ୍ତି। ୧୯୮୬ରେ ଗୋର୍ଖାଲାଣ୍ଡ ଦାବି ଆରମ୍ଭ ହେବା ପରଠାରୁ ବିଭିନ୍ନ ସମୟରେ ଦାର୍ଜିଲିଂ ହିଲ୍ସରେ ଏଥିପାଇଁ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ଗୋର୍ଖାଲାଣ୍ଡକୁ ଏକ ପୃଥକ୍ ରାଜ୍ୟର ମାନ୍ୟତା ଦେବା ଏବଂ ସମ୍ବିଧାନର ଷଷ୍ଠ ଅନୁସୂଚୀ କାର୍ଯ୍ୟକାରୀ କରାଇବା ଆଦି ଦାବି ନିର୍ବାଚନୀ ବୈତରଣୀ ପାର ପାଇଁ ମୁଖ୍ୟ ପ୍ରସଙ୍ଗ ହୋଇ ଆସିଥିଲା।

ଏଥର ନିର୍ବାଚନରେ ତୃଣମୂଳ ଓ ଭାଜପା ଏହି ପ୍ରସଙ୍ଗକୁ ନିର୍ବାଚନୀ ଅସ୍ତ୍ର କରିନାହାନ୍ତି। ଏପରି କି ଦାର୍ଜିଲିଂ ଲୋକ ସଭା ଆସନରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରୁଥିବା ସ୍ଥାନୀୟ ଗୋଷ୍ଠୀ ଜିଜେଏମ୍ ଏବଂ ଜିଏନ୍‌ଏଲ୍‌ଏଫ୍ ଉକ୍ତ ପ୍ରସଙ୍ଗରୁ ଦୂରେଇ ଯାଇଛନ୍ତି। ପୂର୍ବତନ ଗୋର୍ଖା ଜନମୁକ୍ତି ମୋର୍ଚ୍ଚା ବିଧାୟକ ତଥା ଉକ୍ତ ଆସନରୁ ତୃଣମୂଳ ପ୍ରାର୍ଥୀ ହୋଇଥିବା ଅମର ସିଂ ରଏ କହନ୍ତି, ଏଥର ଆମ ପାଇଁ ଗୋର୍ଖାଲାଣ୍ଡ ମୁଖ୍ୟ ପ୍ରସଙ୍ଗ ନୁହେଁ। ଆମେ ଉକ୍ତ ପାର୍ବତ୍ୟାଞ୍ଚଳର ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ ଦେଉଛୁ। ଦୀର୍ଘବର୍ଷ ଧରି ଉକ୍ତ ଅଞ୍ଚଳ ବିଭିନ୍ନ କ୍ଷେତ୍ରରେ ଅନୁନ୍ନତ ହୋଇ ରହି ଆସିଛି। ଦୀର୍ଘ ୧୦ବର୍ଷ ହେଲା ଭାଜପା ସାଂସଦ ଉକ୍ତ ଅଞ୍ଚଳ ଲୋକଙ୍କ ପାଇଁ କିଛି କରିନାହାନ୍ତି ବୋଲି ସେ ପ୍ରକାଶ କରିଥିଲେ।

୨୦୧୭ରେ ଉକ୍ତ ପାର୍ବତ୍ୟାଞ୍ଚଳରେ ୧୦୪ ଦିନିଆ ଧର୍ମଘଟ ସମୟରେ ରଏ ଗୋର୍ଖାଲାଣ୍ଡ ଆନ୍ଦୋଳନର ଜଣେ ଦୃଢ଼ ସମର୍ଥକ ଥିଲେ। ଉକ୍ତ ଲୋକ ସଭା ଆସନରୁ ତାଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ଜିଏନ୍‌ଏଲ୍‌ଏଫ୍‌ର ପୂର୍ବତନ ମୁଖ୍ୟ ତଥା ବର୍ତ୍ତମାନର ଭାଜପା ପ୍ରାର୍ଥୀ ରାଜୁ ସିଂ ବିସ୍ତା।


ମାଗଣା ଶାଢ଼ୀ ନୁହେଁ, ନିରପେକ୍ଷ ଖବର ଚାହେଁ ।
ମୁଁ ବି ଧରିତ୍ରୀ DHARITRI ପଢ଼େ ।
#SayYesToJournalism #SayNoToBribe


## ସଂକ୍ଷେପରେ

### ସଞ୍ଜୟଙ୍କଠାରୁ ସ୍ତ୍ରୀ ଧନୀ
### ରଞ୍ଜନଙ୍କ ଅସ୍ଥାବର ସମ୍ପତ୍ତି ମୂଲ୍ୟ ୧ ହଜାର ଟଙ୍କା

**ପୁରୀ ଅଫିସ,୨।୪:** ପୁରୀ ଲୋକ ସଭା ପ୍ରାର୍ଥୀ ଭାବେ ସିପିଆଇ (ଏମ୍‌ଏଲ୍) ରେଡ୍ ଷ୍ଟାର ପକ୍ଷରୁ ମଙ୍ଗଳବାର ନାମାଙ୍କନ ଦାଖଲ କରିଛନ୍ତି ରଞ୍ଜନ ମିଶ୍ର। ଖୋର୍ଦ୍ଧା ଜିଲା ବାଣପୁର କୁମାରଙ୍ଗା ଶାସନର ରଞ୍ଜନ ସତ୍ୟପାଠରେ ଦର୍ଶାଇଛନ୍ତି ଯେ, ତାଙ୍କ ଅସ୍ଥାବର ସମ୍ପତ୍ତିର ମୂଲ୍ୟ ମାତ୍ର ୧,୦୦୦ ଟଙ୍କା । ତାଙ୍କ ପାଖରେ ୫୦୦ ଟଙ୍କା ଥିବାବେଳେ ଏକ ବ୍ୟାଙ୍କ ଖାତାରେ ୫୦୦ ଟଙ୍କା ଜମା ରହିଛି । ସ୍ଥାବର ସମ୍ପତ୍ତି କିଛି ନାହିଁ କିମ୍ବା ତାଙ୍କ ନାମରେ କୌଣସି ପ୍ରକାର ମାମଲା ନାହିଁ। ସେହିପରି ବ୍ରହ୍ମଗିରି ବିଧାନସଭା ଆସନ ଲାଗି ପ୍ରାର୍ଥିପତ୍ର ଦାଖଲ କରିଛନ୍ତି ବିଜେଡିର ସଞ୍ଜୟ ଦାସବର୍ମା। ତାଙ୍କ ସତ୍ୟପାଠ ଅନୁଯାୟୀ, ତାଙ୍କଠାରୁ ତାଙ୍କ ସ୍ତ୍ରୀ ହେଉଛନ୍ତି ଧନୀ। ସଞ୍ଜୟଙ୍କ ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୯,୮୭,୮୬୯ ଟଙ୍କା ହୋଇଥିବାବେଳେ ତାଙ୍କ ସ୍ତ୍ରୀଙ୍କ ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୨୮,୬୮,୦୬୩ ଟଙ୍କା। ସେହିପରି ସଞ୍ଜୟଙ୍କ ସ୍ଥାବର ସମ୍ପତ୍ତିର ମୂଲ୍ୟ ହେଉଛି ୭ ଲକ୍ଷ ଟଙ୍କା। ତାଙ୍କ ନାମରେ ଗୋଟିଏ ଆପରାଧିକ ମାମଲା ବିଚାରାଧୀନ ରହିଥିବା ବେଳେ ସେ ବ୍ୟାଙ୍କରୁ ୧୮,୮୪,୯୬୧ ଟଙ୍କା ଋଣ କରିଛନ୍ତି। ବ୍ରହ୍ମଗିରିର କଂଗ୍ରେସ ପ୍ରାର୍ଥୀ ଉମାକାନ୍ତ ସତ୍ୟପାଠରେ ଦର୍ଶାଇଛନ୍ତି ଯେ, ତାଙ୍କ ଅସ୍ଥାବର ସମ୍ପତ୍ତି ମୂଲ୍ୟ ୭୨,୩୧୧ ଟଙ୍କା। ସ୍ଥାବର ସମ୍ପତ୍ତି କିଛି ନାହିଁ କିନ୍ତୁ ତାଙ୍କ ନାମରେ ୩ଟି ଆପରାଧିକ ମାମଲା ବିଚାରାଧୀନ ରହିଛି। ପିପିଲି ନିର୍ବାଚନମଣ୍ଡଳୀର ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପ୍ରାର୍ଥୀ ପଦ୍ମଚରଣଙ୍କ ଅସ୍ଥାବର ସମ୍ପତ୍ତି ମୂଲ୍ୟ ୧,୭୦,୭୮୨ ଟଙ୍କା ଓ ସ୍ଥାବର ସମ୍ପତ୍ତି ମୂଲ୍ୟ ୨୨.୮୭ ଲକ୍ଷ ଟଙ୍କା। ସେ ୪, ୫୫,୫୫୭ ଟଙ୍କା ଋଣ କରିଛନ୍ତି। ତାଙ୍କ ନାମରେ କୌଣସି ଆପରାଧିକ ମାମଲା ନାହିଁ।




# ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ବିଜ୍ଞପ୍ତି

■ ୨ରୁ ୯ ନାମାଙ୍କନପତ୍ର ଦାଖଲ
■ ୧୦ରେ ଯାଞ୍ଚ
■ ୧୨ରେ ପ୍ରାର୍ଥିପତ୍ର ପ୍ରତ୍ୟାହାର

ଭୁବନେଶ୍ୱର,୨।୪(ବ୍ୟୁରୋ)

ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ସକାଶେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏହି ପର୍ଯ୍ୟାୟରେ ୬ଟି ଲୋକ ସଭା ଏବଂ ୪୨ ବିଧାନସଭା ଆସନ ପାଇଁ ନିର୍ବାଚନ ଆସନ୍ତା ୨୯ ତାରିଖରେ ହେବ। ଏଥିପାଇଁ ପ୍ରାର୍ଥୀମାନେ ଏପ୍ରିଲ ୨ ରୁ ୯ ତାରିଖ ମଧ୍ୟରେ ନାମାଙ୍କନ ପତ୍ର ଦାଖଲ କରି ପାରିବେ। ଏପ୍ରିଲ ୧୦ ତାରିଖରେ ଯାଞ୍ଚ ହେବ। ୧୨ରେ ପ୍ରାର୍ଥୀମାନେ ନିଜର ନାମାଙ୍କନ ପ୍ରତ୍ୟାହାର କରିପାରିବେ। ମୟୂରଭଞ୍ଜ ଲୋକ ସଭା ଅଧୀନରେ ଥିବା ଯଶିପୁର, ସାରସକଣା, ରାଇରଙ୍ଗପୁର, ଉଦଳା, ବଡସାହି, ବାରିପଦା ଏବଂ ମୋରଡା, ବାଲେଶ୍ୱର ଲୋକ ସଭା ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ଜଳେଶ୍ୱର, ଭୋଗରାଇ, ବସ୍ତା, ବାଲେଶ୍ୱର, ରେମୁଣା, ନୀଳଗିରି ଏବଂ ସିମୁଳିଆ, ଭଦ୍ରକ ଲୋକ ସଭା ଅଧୀନରେ ଥିବା ସୋରୋ, ସିମୁଳିଆ, ଭଣ୍ଡାରିପୋଖରୀ, ଭଦ୍ରକ, ବାସୁଦେବପୁର, ଧାମନଗର ଏବଂ ଚାନ୍ଦବାଲି, ଯାଜପୁର ଲୋକ ସଭା ଅଧୀନରେ ଥିବା ବିଞ୍ଝାରପୁର, ବରି, ବଡଚଣା, ଧର୍ମଶାଳା, ଯାଜପୁର, କୋରେଇ ଏବଂ ସୁକିନ୍ଦା, କେନ୍ଦ୍ରାପଡା ଲୋକ ସଭା ନିର୍ବାଚନ ମଣ୍ଡଳୀ ଅଧୀନରେ ସାଲେପୁର, ମାହାଙ୍ଗା, ପାଟକୁରା, କେନ୍ଦ୍ରାପଡା, ଆଳି, ରାଜନଗର ଏବଂ ମହାକାଳପଡା ବିଧାନସଭା ଏବଂ ଜଗତ୍‌ସିଂହପୁର ଲୋକ ସଭା ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ପାରାଦୀପ, ତିର୍ତ୍ତୋଲ, ବାଲିକୁଦା-ଏରସମା, ଜଗତ୍‌ସିଂହପୁର, ନିଆଳି, କାକଟପୁର ଏବଂ ନିମାପଡା ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଉକ୍ତ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏହି ନିର୍ବାଚନ ମଣ୍ଡଳୀରେ ଏପ୍ରିଲ ୨୯ ତାରିଖ ସକାଳ ୭ଟାରୁ ସନ୍ଧ୍ୟା ୬ଟା ଯାଏ ଭୋଟ ଗ୍ରହଣ କରାଯିବ।

# ସୌମ୍ୟରଞ୍ଜନଙ୍କୁ ଟିକେଟ ମିଳିବା ପରେ ତେଜିଲା ଅସନ୍ତୋଷ

**ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ**
■ ସ୍ୱାଧୀନ ପ୍ରାର୍ଥୀ ହୋଇପାରନ୍ତି ଅନୁଭବ, ଗୟାଧର


ସୌମ୍ୟରଞ୍ଜନ ପଟ୍ଟନାୟକ, ଅନୁଭବ ପଟ୍ଟନାୟକ, ଗୟାଧର ପରିଡ଼ା

ନୟାଗଡ଼ ଅଫିସ,୨।୪

ବହୁ ପ୍ରତୀକ୍ଷା ପରେ କଟକ ଲୋକ ସଭା ଅନ୍ତର୍ଗତ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ପାଇଁ ଶେଷରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟ ସଭା ସଦସ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କୁ ଟିକେଟ ଦେଇଛନ୍ତି। ନାମାଙ୍କନ ପତ୍ର ଦାଖଲକୁ ୨ଦିନ ବାକି ଥିବାବେଳେ ବିଦ୍ରୋହକୁ ଚାପିବା ପାଇଁ ମୁଖ୍ୟମନ୍ତ୍ରୀ ଏଭଳି କରିଥିବା ଆଲୋଚନା ହେଉଛି। ମଙ୍ଗଳବାର ଏହି ଆସନ ପାଇଁ ପ୍ରାର୍ଥୀ ଘୋଷଣା ପରେ ଆଶାୟୀ ଥିବା ଖଣ୍ଡପଡ଼ା ବିଧାୟକ ଅନୁଭବ ପଟ୍ଟନାୟକ ଓ ଭାପୁର ବ୍ଲକ ଉପାଧ୍ୟକ୍ଷ ଗୟାଧର ପରିଡ଼ା ନିରାଶ ହୋଇପଡିଛନ୍ତି। ଟିକେଟ ପାଇବାରୁ ବଞ୍ଚିତ ହେବା ପରେ ଉଭୟ ନେତା ସେମାନଙ୍କ ବାସଭବନରେ ବୈଠକ କରୁଥିବା ଜଣାପଡ଼ିଛି। ବୈଠକରେ ଉଭୟ ସ୍ୱାଧୀନ ଭାବେ ପ୍ରାର୍ଥୀ ହେବା ନେଇ ଜୋର୍‌ସୋର ଚର୍ଚ୍ଚା ଚାଲିଛି। ହେଲେ କେହି ଏ ନେଇ ମୁହଁ ଖୋଲୁନାହାନ୍ତି। ଖଣ୍ଡପଡ଼ା ବିଧାୟକ ଅନୁଭବ ପଟ୍ଟନାୟକ କହନ୍ତି, ଅଞ୍ଚଳର ବିକାଶ ପାଇଁ ସେ ପ୍ରଚେଷ୍ଟା ଜାରି ରଖିଥିଲେ। ଅନେକ କାର୍ଯ୍ୟ କରିବାକୁ ବାକି ରହିଛି। ମୁଖ୍ୟମନ୍ତ୍ରୀ ବାହାରୁ ଆଣି ଜଣେ ବ୍ୟକ୍ତିଙ୍କୁ ଟିକେଟ ଦେଇଥିବାରୁ ସେ ଓ କର୍ମୀମାନେ ମର୍ମାହତ। ଦଳୀୟ କର୍ମୀ ଓ ସମର୍ଥକଙ୍କୁ ଡାକି ଆଲୋଚନା ପରେ ଯାହା ନିଷ୍ପତ୍ତି ହେବ ତାହା କରିବେ ବୋଲି ପ୍ରକାଶ କରିଥିଲେ। କର୍ମୀମାନେ ଯଦି ଚାହିଁବେ ତେବେ ସେ ସ୍ୱାଧୀନରେ ଲଢ଼ିବେ ବୋଲି କହିଥିଲେ। ଗୟାଧର ପରିଡ଼ାଙ୍କ ପ୍ରତିକ୍ରିୟା ଲୋଡିବାରୁ ସେ ଏ ନେଇ କୌଣସି ମତ ଦେଇପାରିବେ ନାହିଁ ବୋଲି କହିଥିଲେ। ଅନ୍ୟପକ୍ଷରେ ଗୟାଧର ସ୍ୱାଧୀନ ଭାବେ ନିର୍ବାଚନ ମଇଦାନକୁ ଓହ୍ଲାଇବେ ବୋଲି ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ ଗତ ଡିସେମ୍ବରରେ ଭାପୁର ବ୍ଲକ ବାଘୁଆପଲ୍ଲୀ ପଞ୍ଚାୟତ ଉପନିର୍ବାଚନରେ ସୌମ୍ୟରଞ୍ଜନଙ୍କ ସମର୍ଥିତ ପ୍ରାର୍ଥୀଙ୍କୁ ଗୟାଧରଙ୍କ ସମର୍ଥିତ ପ୍ରାର୍ଥୀ ପରାସ୍ତ କରିଥିଲେ। ସାମାନ୍ୟ ସରପଞ୍ଚ ପ୍ରାର୍ଥୀଙ୍କୁ ଜିତାଇପାରି ନ ଥିବାବେଳେ କିପରି ବିଧାୟକ ଭାବେ ଜିତିବେ ତାହାକୁ ନେଇ ଆଲୋଚନା ହେଉଛି। ଅନ୍ୟପକ୍ଷରେ ବିଦ୍ରୋହୀଙ୍କୁ ମନାଇବା ଓ ଅସନ୍ତୋଷକୁ ପ୍ରଶମିତ କରିବା ସୌମ୍ୟରଞ୍ଜନଙ୍କ ପାଇଁ ଚ୍ୟାଲେଞ୍ଜ ହେବ ବୋଲି ରାଜନୈତିକ ସମୀକ୍ଷକ ମତ ଦେଉଛନ୍ତି।

# ବିଜେଡି ନେତାଙ୍କ ଗାଡ଼ିରୁ ମିଳିଲା ୧୨ ଲକ୍ଷ

ଭଟଲି,୨।୪(ଡି.ଏନ୍.ଏ.)

ନିର୍ବାଚନୀ ସ୍କ୍ୱାଡ୍ ମଙ୍ଗଳବାର ଜଣେ ବିଜେଡି ନେତାଙ୍କ ଗାଡିରୁ ୧୨ଲକ୍ଷ ଟଙ୍କା ଜବତ କରିଛି। ମିଳିଥିବା ସୂଚନା ମୁତାବକ, ବରଗଡ଼ ଜିଲା ଭଟଲି ବ୍ଲକ ଅଧୀନ ବରଗଡ଼-ଅମ୍ବାଭୋନା ମୁଖ୍ୟରାସ୍ତା ବାଉଲସିଂହା ଛକ ନିକଟରେ ମଙ୍ଗଳବାର ନିର୍ବାଚନ ସ୍କାଡ୍ ପକ୍ଷରୁ ଗାଡି ଯାଞ୍ଚ କରାଯାଉଥିଲା। ସ୍କାର୍ଡ଼ ଟିମ୍ ଅମ୍ବାଭୋନାରୁ ବରଗଡ଼ ଯାଉଥିବା ଏକ କାର(ନଂ.ଓଡି୧୭ଜି-୨୩୨୩)କୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ଅଧିକାରୀମାନେ ଗାଡ଼ିରୁ ଏକ ବ୍ୟାଗ୍‌ରେ ଭର୍ତ୍ତିଥିବା ୧୨ଲକ୍ଷ ଟଙ୍କା ଏବଂ ପଞ୍ଜାବ ନ୍ୟାଶନାଲ(ପିଏନ୍‌ବି)ର ଏନ୍‌ଇଏଫ୍‌ଟି ଡିପୋଜିଟ ଫର୍ମ ଜବତ କରିଥିଲେ। ଏପରି କି ଟିମ୍‌ରେ ଥିବା ଅଧିକାରୀମାନେ କାରରେ ଥିବା ଯୋଗେଶ୍ୱର ନାୟକଙ୍କୁ ଟଙ୍କା ବିଷୟରେ ପଚାରି ବୁଝିଥିଲେ। ତଦନ୍ତ ବେଳେ ଗାଡ଼ିଟି ଅମ୍ବାଭୋନା ବ୍ଲକର ବିଜେଡି ନେତା ପ୍ରେମ ପଟେଲଙ୍କ ବୋଲି ଜଣାପଡିଥିଲା। ଏପରି କି ଯୋଗେଶ୍ୱର ପଟେଲଙ୍କର ପେଟ୍ରୋଲ ପମ୍ପର ମ୍ୟାନେଜର ବୋଲି ଅଧିକାରୀମାନେ ଜାଣିବାକୁ ପାଇଥିଲେ। ସେ ବରଗଡ଼ ବ୍ୟାଙ୍କକୁ ଉକ୍ତ ଟଙ୍କା ଜମା କରିବାକୁ ଯାଉଥିବା ଅଧିକାରୀମାନଙ୍କୁ କହିଥିଲେ। ସ୍କ୍ୱାଡ୍ ଟିମ୍ ଉକ୍ତ ଟଙ୍କାକୁ ଭଟଲି ଥାନାକୁ ଆଣି ଥାନା ଭାରପ୍ରାପ୍ତ ଅଧିକାରୀ ଦିଲୀପ କୁମାର ବେହେରାଙ୍କୁ ଜିମା ଦିଆଯାଇଥିଲା। ଏନେଇ ପୋଲିସ ଘଟଣାର ଅଧିକ ତଦନ୍ତ ଚଳାଇଛି। ଅନ୍ୟପକ୍ଷେ ପୋଲିସ ଘଟଣା ସଂକ୍ରାନ୍ତରେ ଭଟଲି ବିଧାନସଭା ରିଟର୍ନିଂ ଅଫିସରଙ୍କୁ ଅବଗତ କରାଇଛି। ତେବେ ଗାଡ଼ି ମାଲିକ ପ୍ରେମ ପଟେଲଙ୍କୁ ପଚାରିବାରୁ ଉକ୍ତ ଟଙ୍କା ପେଟ୍ରୋଲ ପମ୍ପର। ମ୍ୟାନେଜର ଉକ୍ତ ଟଙ୍କା ଧରି ବରଗଡ଼ ପିଏନ୍‌ବି ଶାଖାକୁ ଜମା କରିବାକୁ ଯାଉଥିବା ପ୍ରକାଶ କରିଛନ୍ତି।

# ଚୌକିଦାରି ନାଁରେ ମିଛ ପ୍ରଚାର ଚଳିବ ନାହିଁ: ମାୟାବତୀ

■ ସଂରକ୍ଷଣ ନୀତି ନେଇ ରାଜ୍ୟ ସରକାରଙ୍କୁ ସମାଲୋଚନା
■ କଂଗ୍ରେସକୁ ବି ଛାଡ଼ିଲେନି


ମାୟାବତୀଙ୍କୁ ଦଳୀୟ ନେତାମାନେ ସ୍ୱାଗତ କରୁଛନ୍ତି।

ଭୁବନେଶ୍ୱର,୨।୪(ବ୍ୟୁରୋ)

ଦେଶର ଚୌକିଦାରି ନାଁରେ ଭାଜପା କରୁଥିବା ମିଛ ପ୍ରଚାର (ଜୁମ୍‌ଲା) ଚଳିବ ନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ଗରିବଙ୍କ ପ୍ରତି ପ୍ରତାରଣା କରିଛି। ଅତୀତରେ କଂଗ୍ରେସ ସରକାର କରିଥିବା ସବୁ ଭୁଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୋହରାଇଛନ୍ତି। ରାଜ୍ୟରେ ଥିବା ନବୀନ ପଟ୍ଟନାୟକଙ୍କ ସରକାର ମଧ୍ୟ ଲୋକଙ୍କ ଉତ୍ଥାନ ନେଇ ଏତେଟା ଗମ୍ଭୀର ନ ଥିବା ବିଏସ୍‌ପି ମୁଖ୍ୟ ମାୟାବତୀ କହିଛନ୍ତି। ରାଜଧାନୀ ଭୁବନେଶ୍ୱରସ୍ଥିତ ବରମୁଣ୍ଡା ପଡିଆରେ ଦଳ ପକ୍ଷରୁ ଆୟୋଜିତ ନିର୍ବାଚନୀ ସଭାରେ ମାୟାବତୀ ଏହି ମନ୍ତବ୍ୟ ପ୍ରଦାନ କରିଛନ୍ତି। ମାୟାବତୀ ନିଜର ୨୫ ମିନିଟ୍ ବକ୍ତବ୍ୟରେ ଭାଜପାକୁ ସର୍ବାଧିକ ଟାର୍ଗେଟ କରିଛନ୍ତି। ଅନୁରୂପ ଭାବେ କଂଗ୍ରେସକୁ ମଧ୍ୟ ସମାଲୋଚନା କରିବାକୁ ପଛାଇନାହାନ୍ତି। ବିଜେଡିକୁ କମ୍ ସମାଲୋଚନା କରିଥିଲେ ବି ସଂରକ୍ଷଣ ନୀତି ଉପଯୁକ୍ତ ଭାବେ ଲାଗୁ ନ କରାଯିବା ନେଇ ଖୁବ୍ ବର୍ଷିଛନ୍ତି।

ମାୟାବତୀ କହିଛନ୍ତି ଯେ, ଓଡ଼ିଶାରେ ଅନୁସୂଚିତ ଜାତି(ଏସ୍‌ସି), ଅନୁସୂଚିତ ଜନଜାତି(ଏସ୍‌ଟି) ଏବଂ ଅନ୍ୟାନ୍ୟ ପଛୁଆ ବର୍ଗ(ଓବିସି)ଙ୍କ କ୍ଷେତ୍ରରେ ସଂରକ୍ଷଣ ନୀତି ଠିକ୍ ଭାବେ ଲାଗୁ କରାଯାଇନାହିଁ। ନବୀନବାବୁ ଯଦି ରାଜ୍ୟର ସମସ୍ୟା ପ୍ରତି ସମ୍ବେଦନଶୀଳ ହୋଇଥାନ୍ତେ, ତେବେ ନିର୍ବାଚନ ସମୟରେ ତାଙ୍କୁ ଶିଳାନ୍ୟାସ ଓ ଉଦ୍‌ଘାଟନ କରିବାକୁ ପଡନ୍ତା ନାହିଁ। କେନ୍ଦ୍ର ସରକାର ନିଜ ଅନ୍ତିମ ବଜେଟ୍‌ରେ କେବଳ ଭୋଟରଙ୍କୁ ସ୍ୱପ୍ନ ଦେଖାଇଛନ୍ତି। ଇସ୍ତାହାର ମାଧ୍ୟମରେ ଜନସାଧାରଣଙ୍କୁ ଭାଜପା ଓ କଂଗ୍ରେସ ଭଳି ଦଳ ଭୁଆଁ ବୁଲାଉଛନ୍ତି। ବିଏସ୍‌ପି କଥା ନୁହେଁ, କାମରେ ବିଶ୍ୱାସ କରିଥାଏ। ତେଣୁ ଅନ୍ୟ ଦଳ ଭଳି ନିର୍ବାଚନୀ ଇସ୍ତାହାର ରାଜନୀତିରେ ବିଶ୍ୱାସ ରଖେ ନାହିଁ। ଦେଶପ୍ରେମର କଥା କହୁଥିବା ଦଳ ପୁଲୱାମା ଆକ୍ରମଣ ପରେ ଦଳୀୟ କାର୍ଯ୍ୟକ୍ରମରେ ବ୍ୟସ୍ତ ରହିଥିଲା। ଚୌକିଦାରି ନାଁରେ ଦେଶୀବିଦେଶୀ ପୁଞ୍ଜିପତିମାନଙ୍କୁ କେବଳ କେନ୍ଦ୍ର ସରକାର ସହାୟତା କରୁଥିବା ମାୟାବତୀ କହିଛନ୍ତି। କେନ୍ଦ୍ର ସରକାର ନିଜ ନିର୍ବାଚନୀ ପ୍ରତିଶ୍ରୁତିର ଏକ ଚତୁର୍ଥାଂଶ ପୂରଣ କରିନାହାନ୍ତି। ବିମୁଦ୍ରୀକରଣ ଏବଂ ଜିଏସ୍‌ଟିକୁ ଲାଗୁ କରାଯିବା ପୂର୍ବରୁ ସରକାରଙ୍କ ପକ୍ଷରୁ କୌଣସି ପ୍ରସ୍ତୁତି କରାଯାଇ ନ ଥିଲା। ଅବହେଳିତ ବର୍ଗର ଉତ୍ଥାନ ପାଇଁ ସଚ୍ଚାର କମିଟି ସୁପାରିସକୁ ଠିକ୍ ରୂପେ ଲାଗୁ କରାଯାଇନାହିଁ। ଉଚ୍ଚବର୍ଗର ଅବହେଳିତଙ୍କ ପାଇଁ ୧୦ ପ୍ରତିଶତ ସଂରକ୍ଷଣ ସହ ଅନ୍ୟ କିଛି ଦିଗ ଉପରେ ମଧ୍ୟ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି। କଂଗ୍ରେସ ଦଳ ଅତୀତରେ ବୋଫର୍ସ ଦୁର୍ନୀତି କରିଥିଲା, ଭାଜପା ସମୟରେ ରାଫାଲ ଦୁର୍ନୀତି ହୋଇଛି। ସୀମାସୁରକ୍ଷାର ଢିଲା କାରଣରୁ ବାରମ୍ବାର ଆତଙ୍କବାଦୀ ଆକ୍ରମଣ ହେଉଛି। ସିବିଆଇ, ଇଡି ଭଳି ସ୍ୱୟଂଶାସିତ ସଂସ୍ଥାକୁ କେନ୍ଦ୍ର ସରକାର ଅପବ୍ୟବହାର କରୁଥିବା ମାୟାବତୀ କହିଛନ୍ତି।

ନିଜ ସପକ୍ଷରେ ଜନମତକୁ ଆଣିବା ପାଇଁ ବିଭିନ୍ନ ଦଳ ମିଛ ସର୍ବେକ୍ଷଣ, ମତାମତ ସମ୍ପର୍କିତ ପେଡ୍ ନ୍ୟୁଜ ପରିବେଷଣ କରାଯାଉଛି। ସବ୍‌କା ସାଥ୍, ସବ୍‌କା ବିକାଶ ସ୍ଲୋଗାନ ଦେଇ କେବଳ ଧନପଶୁଙ୍କୁ ଫାଇଦା ଦିଆଯାଉଛି। ତେଣୁ କେନ୍ଦ୍ରରେ ଅବହେଳିତ ବର୍ଗର ସରକାର ପାଇଁ ବିଏସ୍‌ପି ଭଳି ବହୁଜନ ହିତୈଷୀ ଦଳକୁ ଭୋଟ ଦେବା ପାଇଁ ମାୟାବତୀ ସମବେତ ଜନତାଙ୍କୁ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ସଭାରେ ରାଜ୍ୟ ସଭା ସଦସ୍ୟ ସତୀଶ ମିଶ୍ର, ବିଏସ୍‌ପି ନେତା ଧରମବୀର ସିଂ ଅଶୋକ, ପୂର୍ବତନ ବିଧାୟକ କୃଷ୍ଣ ସଗରିଆ, ସାମାଜିକ ନ୍ୟାୟ ଅଭିଯାନର ଆବାହକ ଅକ୍ଷୟ ମଲ୍ଲିକ, ଦେବୀ ପ୍ରସାଦ ପୃଷ୍ଟି, ବିଏସ୍‌ପି ଓଡ଼ିଶା ଶାଖା ସଭାପତି ଟଙ୍କଧର ବାଗ ପ୍ରମୁଖ ଉପସ୍ଥିତ ଥିଲେ।

# ମନ୍ଦିରରେ ବିଜେଡିର ପ୍ରଚାର

■ ଲୋଇସିଂହା ବିଜେଡି ପ୍ରାର୍ଥୀଙ୍କ ନାମାଙ୍କନରେ ତ୍ରୁଟି
■ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଫେରାଦ ହେଲା ଭାଜପା



ଭୁବନେଶ୍ୱର,୨।୪(ବ୍ୟୁରୋ)

ଧର୍ମଶାଳା ବିଧାନସଭା ନିର୍ବାଚନ ମଣ୍ଡଳୀର କୃଷ୍ଣପଡା ଗ୍ରାମରେ ଥିବା ଏକ ମନ୍ଦିର ଉପରେ ବିଜେଡି ତା'ର ଦଳୀୟ ରଙ୍ଗ, ଚିହ୍ନ ଏବଂ ନିର୍ବାଚନ ପ୍ରଚାର ବିଷୟ ଲେଖିଛି। ମନ୍ଦିର ପରିସରରେ ପ୍ରଚାର କରିବା ବା ପୋଷ୍ଟର ମାରିବା ଆଦର୍ଶ ନିର୍ବାଚନ ଆଚରଣ ବିଧିର ପରିପନ୍ଥୀ । ବିଜେଡି କ୍ଷମତା ଲୋଭରେ ଧର୍ମାନୁଷ୍ଠାନରେ ନିର୍ବାଚନୀ ପ୍ରଚାର କରୁଛି । ଶାସକ ଦଳ ଆଦର୍ଶ ନିର୍ବାଚନ ଆଚରଣ ବିଧିକୁ ଉଲ୍ଲଂଘନ କରିଛି। ଯଥାଶୀଘ୍ର ଏହି ଘଟଣା ଉପରେ ଯାଜପୁର ଜିଲାପାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ମନ୍ଦିର ପରିସରରେ ଥିବା ହୋର୍ଡିଂ ହଟାଇବାକୁ ରାଜ୍ୟ ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଯାଇଥିବା ଭାଜପା ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଦାବି କରିଛି । ସେହିପରି ଲୋଇସିଂହା ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥୀ ପ୍ରଦୀପ ବେହେରାଙ୍କ ନାଁରେ ଭିଜିଲାନ୍ସ କେସ ରହିଛି। ହାଇକୋର୍ଟରେ ତାହା ବିଚାରାଧୀନ ରହିଛି । ଏକଥା ସେ ତାଙ୍କ ନିର୍ବାଚନ ନାମାଙ୍କନ ପତ୍ରରେ ଉଲ୍ଲେଖ କରିନାହାନ୍ତି। ସେ ଜଣେ ସରକାରୀ କର୍ମଚାରୀ ହୋଇଥିବା ବେଳେ ତାଙ୍କ ନାଁରେ ଭିଜିଲାନ୍ସ ମାମଲା ଥାଇ ମଧ୍ୟ ତାଙ୍କର ସ୍ୱେଚ୍ଛାକୃତ ଅବସର ଆବେଦନକୁ ବିଦ୍ୟୁତ ବିଭାଗ କିପରି ଅନୁମୋଦନ କଲେ ବୋଲି ଭାଜପା ପ୍ରଶ୍ନ କରିଛି। ବିଜେଡିରୁ ପ୍ରାର୍ଥୀ ହେବେ ବୋଲି ତାଙ୍କର ସବୁ ବେଆଇନକୁ ସରକାର ଓ ମୁଖ୍ୟ ନିର୍ବାଚନ ଅଧିକାରୀ ଆଖି ବୁଜି ଦେଇଛନ୍ତି କି ବୋଲି ମହାନ୍ତି କହିଛନ୍ତି । ମିଥ୍ୟା ତଥ୍ୟ ଉପସ୍ଥାପନ କରି ନାମାଙ୍କନ କରିଥିବାରୁ ବିଜେଡି ପ୍ରାର୍ଥୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ତାଙ୍କ ନାମାଙ୍କନ ପତ୍ରକୁ ଖାରଜ କରାଯାଉ ବୋଲି ପ୍ରତିନିଧି ଦଳ ଦାବି କରିଛି । ଏହି ପ୍ରତିନିଧି ଦଳରେ ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର, ଭାଜପା କୃଷକ ମୋର୍ଚ୍ଚାର ସାଧାରଣ ସମ୍ପାଦକ ସୁରଥ ବିଶ୍ୱାଳ, ରାଜ୍ୟ ଯୁବ ମୋର୍ଚ୍ଚା ଉପସଭାପତି ସିକନ୍ଦର ଅଲ୍ଲୀ ଏବଂ ଭାଜପା ନିର୍ବାଚନ ପ୍ରକୋଷ୍ଠର ସଂଯୋଜକ ଜୟନ୍ତ ଜେନା ପ୍ରମୁଖ ଯୋଗ ଦେଇଥିଲେ।

# ଚନ୍ଦ୍ରଶେଖରଙ୍କ ଗସ୍ତର ୨୮ ବର୍ଷ ପରେ ମୋଦି


ପ୍ରାକ୍ତନ ପ୍ରଧାନମନ୍ତ୍ରୀ ଚନ୍ଦ୍ରଶେଖର


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

ସୋନପୁର,୨।୪(ନି.ପ୍ର.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୬ ତାରିଖ ଶନିବାର ଓଡିଶା ଗସ୍ତରେ ଆସୁଛନ୍ତି। ସୁନ୍ଦରଗଡରେ ଦଳୀୟ ସଭା ସାରି ସୁବର୍ଣ୍ଣପୁର ଆସିବେ। ପୂର୍ବାହ୍ନ ୧୨ଟାରେ ସେ ଜିଲା ସଦର ମହକୁମାର ରାମେଶ୍ୱରସ୍ଥିତ ଷ୍ଟାଡିୟମରେ ପହଞ୍ଚି ଭାଜପାର ବିଜୟ ସଂକଳ୍ପ ସମାବେଶକୁ ସମ୍ବୋଧନ କରିବେ। ପ୍ରଧାନମନ୍ତ୍ରୀ ଏଠାରେ ଗୋଟିଏ ଘଣ୍ଟା ରହିବାର କାର୍ଯ୍ୟକ୍ରମ ରହିଛି। ତାଙ୍କ ଗସ୍ତକୁ ନେଇ ଜିଲାବାସୀଙ୍କ ମଧ୍ୟରେ ଉତ୍ସୁକତା ପ୍ରକାଶ ପାଇଛି । କାରଣ ନୂତନ ଜିଲା ଗଠନ ହେବା ଦିନଠାରୁ ଏଠାକୁ କୌଣସି ପ୍ରଧାନମନ୍ତ୍ରୀ ଆସି ନ ଥିଲେ। ବଲାଙ୍ଗୀର ଜିଲା ଅଧୀନରେ ସୋନପୁର ଏକ ଉପଖଣ୍ଡ ଥିବା ବେଳେ ୧୯୯୧ ମସିହା ମେ ୨୧ତାରିଖରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଚନ୍ଦ୍ରଶେଖର ଶେଷ ପ୍ରଧାନମନ୍ତ୍ରୀ ଭାବେ ସୁବର୍ଣ୍ଣପୁର ଆସିଥିଲେ। ସେ ସହରର ମାଣିକେଶ୍ୱରୀ ପଡିଆରେ ଏକ ନିର୍ବାଚନୀ ସଭାରେ ଯୋଗ ଦେଇଥିଲେ। ଏହାର ୨୮ବର୍ଷ ପରେ ଆଉ ଜଣେ ପ୍ରଧାନମନ୍ତ୍ରୀ ଏହି ଜିଲା ସଦର ମହକୁମାରେ ପାଦ ଥାପିବେ।

ପ୍ରଧାନମନ୍ତ୍ରୀ ମୋଦିଙ୍କ କାର୍ଯ୍ୟକ୍ରମ ପାଇଁ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଉଛି। ଏସ୍‌ପିଜିର ଏକ ଟିମ୍ ମଙ୍ଗଳବାର ରାତି ସୁଦ୍ଧା ସୋନପୁରରେ ପହଞ୍ଚିବେ। ସଭାସ୍ଥଳ ତିଆରି ସହ ଷ୍ଟାଡିୟମ ସମ୍ମୁଖ ରିଂରୋଡ ପାର୍ଶ୍ୱକୁ ସମତଳ କରାଯାଇ ହେଲିପ୍ୟାଡ ପ୍ରସ୍ତୁତ କରାଯାଉଛି। ଏଥିପାଇଁ ସହରର ଟ୍ରାଫିକ୍ ବ୍ୟବସ୍ଥାକୁ କଡାକଡି କରାଯିବ। ରୟାଲ ପଡିଆ, ଗାନ୍ଧୀ ପଡିଆ ଓ କୁଞ୍ଜ ଛକ ନିକଟରେ ଗାଡି ପାର୍କିଂ ବ୍ୟବସ୍ଥା କରାଯାଉଛି। ଭାଜପା ପକ୍ଷରୁ ମଧ୍ୟ କାର୍ଯ୍ୟକ୍ରମକୁ ସଫଳ କରାଯିବା ପାଇଁ ଦଳୀୟ ପ୍ରସ୍ତୁତି ଚାଲିଛି। ବଲାଙ୍ଗୀର ଲୋକ ସଭା ଅନ୍ତର୍ଗତ ସୁବର୍ଣ୍ଣପୁର ଜିଲାର ବୀରମହାରାଜପୁର ଓ ସୋନପୁର ନିର୍ବାଚନ ମଣ୍ଡଳୀ ଏବଂ କନ୍ଧମାଳ ଲୋକସଭା ଅନ୍ତର୍ଗତ ବୌଦ୍ଧ ଓ କଣ୍ଟାମାଳ ନିର୍ବାଚନ ମଣ୍ଡଳୀକୁ ଦଳ ଅଧିକ ଫୋକସ କରିଛି। ବୌଦ୍ଧ ଜିଲାରେ ବିଜେଡିର ହେବିୱେଟ୍ ପ୍ରଦୀପ ଅମାତ ଓ ସୁବର୍ଣ୍ଣପୁରରେ ରାଜ୍ୟ କ୍ୟାବିନେଟ୍ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ପ୍ରାକ୍ତନ ମନ୍ତ୍ରୀ ପଦ୍ମନାଭ ବେହେରା ବିଧାୟକ ଅଛନ୍ତି। ଏହି ସବୁ ନିର୍ବାଚନ ମଣ୍ଡଳୀରେ ଭାଜପା ବିଧାୟକ ପ୍ରାର୍ଥୀ କେବେ ବିଜୟୀ ହୋଇନାହାନ୍ତି। ଲୋକସଭା ପ୍ରାର୍ଥୀ ମଧ୍ୟ ବିଜେଡିର ଦଳୀୟ ପ୍ରାର୍ଥୀଙ୍କଠାରୁ ଗତ ନିର୍ବାଚନଗୁଡିକରେ ବହୁ କମ୍ ଭୋଟ ପାଇଥିଲେ। ତେବେ ଗତ ପଞ୍ଚାୟତ ନିର୍ବାଚନରେ ଭାଜପାକୁ ଏହି ଦୁଇ ଜିଲାରେ ଆଶାତୀତ ସଫଳତା ମିଳିଛି। ମୋଦିଙ୍କ ପ୍ରଚାର ଯୋଗୁଁ ଭାଜପା ଏଠାରେ ଜନମତ ନିଜ ସପକ୍ଷରେ ନେବା ପାଇଁ ଚେଷ୍ଟା କରୁଛି। ମୋଦିଙ୍କ ସଭା ଆଳରେ ଦଳ ଅସନ୍ତୁଷ୍ଟ ଦଳୀୟ ନେତାଙ୍କୁ ମନାଇବାକୁ ମଧ୍ୟ ଚେଷ୍ଟା କରୁଥିବା ସୂଚନା ମିଳୁଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଦିବ୍ୟାନି
ପରିବାରବର୍ଗ


ସାର୍ଥକ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




**BRIDE WANTED**

Widower groom JE 43, Manager 38, Business 40 (caste-no-bar). 7873374269. D-66419

Hindu divorcee Teli/ 39 yrs/ 5'6"/ BTech/ Rs.- 20 lakhs PA seeks beautiful educated bride. Caste-no -bar. Mob: 9900176521. D-11892

Wanted Brahmin homely bride for 1980 born 5'9", Diploma Engineer Brahmin boy. Contact: 8917628852, 6370737397. D-66115

Wanted beautiful educated Odia Homely Brahmin bride for our son aged 32, 5'9", MCA Software Developer, Bhubaneswar. Mobile. 9658250177, 8847882970. D-11886

**GROOM WANTED**

Beautiful Mali girl 1992/ 5'5", MA, M.Phil, PhD. 9777344118, 9337336614. D-66116

Awaiting high profile employed Brahmin groom with parental establishment in Bhubaneswar/ Cuttack for aspirant well qualified fairly beautiful 34+ bride. Contact: 9437391615.D-11898

୨୫ବର୍ଷର ଭଦ୍ରକ ବାସିନ୍ଦା ଭୁବନେଶ୍ୱରରେ ନର୍ସ ଚାକିରି କରିଥିବା ଖଣ୍ଡାୟତ ଝିଅ ପାଇଁ ପୁଅ ଦରକାର: 7008080967.D-60828

Now Matrimonial ads. only on Wednesday & Sunday
Book 1 Get 1 FREE

## classified




**SALE**

3 storied building for sale near Dhauli, Bhubaneswar, all are 3BHK, flat new building Contact: 9337730923.D-58068

ଭୁବନେଶ୍ୱର KEC, ଗୁଡିଆପୋଖରୀ ଠାରେ 30'road boundarywall electry, gharabari, Temple, sqft. 650/-ରେ ଦିଆଯାଉଅଛି। 7008045582, 9692003948. D-11895

ଭୁବନେଶ୍ୱର ପିତାପଲ୍ଲୀଛକ NH-5 ଠାରୁ 100' ଦୂରତାରେ BDA yellow zone ପ୍ଲଟ ମିଳୁଅଛି: 8338932027. D-65376

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ କିଛି ଦୂରତାରେ plot 1200କୁ 1,32,000/-, BEC Collegeଠାରେ 1200କୁ 3,00,000/- (out-right). 9776934361, 8144706560. D-66317

Conversion Demarcation Plot Sale ବ୍ରାହ୍ମଣଝରିଲୋ ନଖରାରୁ ୬ କିଲୋମିଟର ୧୨୦୦ ବର୍ଗଫୁଟକୁ 6,60,000/- 9861281504. D-66320

Bhubaneswar ପିତାପଲ୍ଲି ଛକରେ BDA plot electric, 30'road available. 9090963952. D-65389

**Bhubaneswar AIIMS Hospitalଠାରେ yellowzone gharabari 30'road, ଇଲେକ୍ଟ୍ରିସିଟିଥାଇ plot sqft. 1500/-ରେ ବିକ୍ରିହେବ: 9937819395.** D-65397

Plot for sale at Puri, near Lokanath Mandir back side, Mouza, Sankarpur, sthitiban, pata plot, 30' wide revenue road, 20' branch road, 1.5 km. from Jagannath Temple, 1 km. from Sea Beach, 1km. from N.H. Contact Pradeep: 9438422888.D-66055

ଭୁବନେଶ୍ୱର Tamando Kendriya Vihar Colony ନିକଟରେ yellowzone 30' road plot. 9348767829. D-66310

Bhubaneswar GITA Collegeଠାରେ 1200 sqft. 4,50,000/-ରେ demarcated plot ମିଳୁଅଛି। 9937823228. D-66306

Bhubaneswar AIIMS front Govt. roadକୁଲାଗି gharabari yellowzone plot ବିକ୍ରିହେବ: 9439206202. D-66308

ନଖରା ତ୍ରିନାଥ ବଜାରଠାରେ SC ଘରବାରି ପ୍ଲଟ 1200କୁ 3,80,000/- ପ୍ରତାପ ନଗରୀ ଧାକୁଲେଇପୀଠଠାରେ 1200କୁ 3,00,000/- (out-right). 9776934361, 8144706560. D-66318

30 ଫୁଟ ରାସ୍ତା ଥାଇ ଭୁବନେଶ୍ୱର ଯାଆଁଳାଠାରେ ହରିଜନ ଘରବାରି ପ୍ଲଟ ବିକ୍ରିହେବ। Contact: 9668243484, 9437504683. D-66063

Booking 2BHK simplex 1200 sqft. land 12,80,000/-, 7km. from BJEM-II, monthly Installment 10,000/- 7735738102. D-11944

ଭୁବନେଶ୍ୱର Infosys-II ପଛପଟେ ପାଚେରିସହ sqft. 600/-ରେ plot ବିକ୍ରିହେବ। 8658962508, 8480864171. D-66321

ନଖରା ଛକଠାରୁ ମାତ୍ର ୧କି.ମି. ଦୂରତାରେ ବାଲିକୁଦା ଛକପଛ ୫୦୦ ମିଟର ଦୂରତାରେ ଏବଂ ଗୋପାଳପୁର ନୂଆ ବସଷ୍ଟାଣ୍ଡ ନିକଟରେ ଘରବାରି, ବାଉଣ୍ଡାରୀ ରାସ୍ତା ଥାଇ ପ୍ଲଟ ବିକ୍ରିଅଛି। 9439621231, 7682056722. D-11593

**ଫୁଲନଖରାରେ ନିର୍ମିତ ବୃହତମ ମାର୍କେଟ (Grand Bazar) NH-5 ରୁ ଅଳ୍ପ ଦୂରତାରେ ଘରବାରି ବାସୋପଯୋଗୀ plot କିଣନ୍ତୁ। 9777342153.** D-66322

ସୁନ୍ଦରପଦା Hitech plaza frontରେ Govt. Roadକୁ ଲାଗି ଘରବାରି ପ୍ଲଟ ବିକ୍ରିହେବ sqft. 800/-, 1,000/-. 9777236619. D-66324

Sale- 2800 Sqft. building on 2400 sqft. land, Acharya Vihar, Bhubaneswar. 9348986710, 9437056848. D-65903

ମୌଜା ହରପୁର ଘରବାରି ୧୮୦୦ରୁ୨୪୦୦ ଏସ୍.ସି. ପ୍ଲଟ ୩୦X୪୦= ୧୨୦୦ ଜେନେରାଲ ୧୫୦ଫୁଟ ଇନ୍‌ଫୋଭ୍ୟାଲି ରାସ୍ତାରୁ ୩୦ ଫୁଟିଆ ରାସ୍ତା 9776116771. D-60947




Office spaces for rent: 1.625 sqft. (X2 units, 2nd floor) in Basudha trade centre, Master Canteen, 2.1240 sqft. (6th floor) in Esplanade Mall, Rasulgarh, 3.1225 sqft. (2nd floor) in DLF Cybercity, Patia. Contact: 9437020530. Email: auro.akc@gmail.com. D-66062

2000 sqft. house with all modern facilities in 1st floor available for office at Bomikhal near Durgamandap with 2000 sqft. garage space. Rent is negotiable, Bhubaneswar: 9437179626. D-58070

Single bedroom with separate drawing, dinning, kitchen, verandah at CRP square available for govt./ corporate employee. Contact: 7978333287.D-66064




ଶିରିଡ଼ି ସାଇ ଶନିମନ୍ଦିର, ନାସିକ May, June ମାସ ପାଇଁ ଯୋଗାଯୋଗ: ଶ୍ରୀସାଇ ସେବାଟ୍ରଷ୍ଟ, ଭୁବନେଶ୍ୱର। 7978044197.D-65627




Fully refreshed/ relaxed body massage by expert therapist, Shastri Nagar. 7377984773. D-66060

Rejuvenate and Ayurvedic full body massage by smart therapist. 9114402304. D-66059

Newly opening ayurvedic body massage smart therapist Shree herbal. 7750020754. D-66068

Summer special mesmerizing offer expert therapeutic refreshing massage appointment. 9668374480. D-66069

Herbal full body massage by smart/expert therapist. Contact: 8338067247.D-66067

Experience fullbody massage with us by experts. Enquiry- 0674-2597822, 7377048581. D-66066

Herbal full body massage with refreshment by well trained therapist. 7381239385, 0674-2540855. D-66065

Sampark ayurvedic massage club fully relaxed by smart lady, home service available. 8280102993. D-65868

**ପ୍ରଥମ ଜନ୍ମଦିନ ଶୁଭେଚ୍ଛା**



**ଦିବ୍ୟାନୀ (ତ୍ରିଶା)**
ଭାଗୀରଥି ବିହାର, ଢେଙ୍କାନାଳ

ଆଜି ତୋର ପ୍ରଥମ ଜନ୍ମଦିନ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀ ସାଇବାବାଙ୍କୁ ଆମର କୋଟି କୋଟି ପ୍ରଣାମ। ସେ ତୋତେ ଦୀର୍ଘାୟୁ ରଖନ୍ତୁ। ଶୁଭେଚ୍ଛା- ଜେଜେ, ଜେଜେମା, ପାପା, ମାମା, ବଡବାପା, ବଡମାମା, ଅଜା, ଆଈ, ମାମୁ, ଇଶାନ ଭାଇ ଓ ପରିବାରବର୍ଗ।
ଧ-୬୨୦୮୯

**ପଞ୍ଚମ ଜନ୍ମବାର୍ଷିକୀ ଶୁଭେଚ୍ଛା**



**ସାର୍ଥକ**
ନିଶ୍ଚିନ୍ତକୋଇଲି, କଟକ

ଧନ ଆଜି ତୋର ଜନ୍ମଦିନରେ ଆମେ ସମସ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛୁ, ଈଶ୍ୱର ତୋତେ କୋଟି ପରମାୟୁ ଦିଅନ୍ତୁ ଓ ତୋର ଚଲାପଥକୁ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ: ଜେଜେ-ମା, ଅଜା-ଆଈ, ବଡବାପା-ବଡମା, ମାମୁ-ମାଇଁ, ସୋନୁ ଭାଇ, ବାବା ଓ ମାମା
ଧ-୬୬୦୭୦


**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ୧୫ ଜିଲାରେ ଝଡ଼ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨।୪ (ବ୍ୟୁରୋ)

ଆସନ୍ତା ୨୪ ଘଣ୍ଟା ମଧ୍ୟରେ କଳାହାଣ୍ଡି, କନ୍ଧମାଳ, ନୟାଗଡ, ଖୋର୍ଦ୍ଧା, ପୁରୀ, ନବରଙ୍ଗପୁର, କଟକ, ମୟୂରଭଞ୍ଜ, ବାଲେଶ୍ୱର, ଯାଜପୁର, ଭଦ୍ରକ, କେନ୍ଦ୍ରାପଡା, ଜଗତସିଂହପୁର, ପୁରୀ ଏବଂ ଗଞ୍ଜାମ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର, କେନ୍ଦ୍ରାପଡା, ଜଗତସିଂହପୁର, ଖୋର୍ଦ୍ଧା ଜିଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ କାଳବୈଶାଖି ଜନିତ ଝଡ଼ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୫ ତାରିଖ ଯାଏ ଉତ୍ତର, ଦକ୍ଷିଣ ଓ ଏବଂ ଉପକୂଳ ଓଡିଶାରେ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ପଶ୍ଚିମ ଏବଂ ଆଭ୍ୟନ୍ତରୀଣ ଓଡିଶାରେ ପାଗ ଶୁଖିଲା ରହିବ। ପାରଦ ୪୦ ଡିଗ୍ରୀ ସେଲସିୟସ ଉପରେ ରହିବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ପାଣିପାଗ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ମଙ୍ଗଳବାର ସୋନପୁରରେ ରାଜ୍ୟର ସର୍ବାଧିକ ତାପମାତ୍ରା ୪୦.୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ମାଲକାନଗିରି ୪୦.୨, ସୁନ୍ଦରଗଡରେ ସର୍ବାଧିକ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

# ବାଲିସିଂସାରେ ଗୋଷ୍ଠୀ ସଂଘର୍ଷ, ୮ ଗୁରୁତର

ଓଡ଼ଗାଁ, ୨।୪(ସ୍ୱ.ପ୍ର.)

ପୂର୍ବ ଶତ୍ରୁତାକୁ ନେଇ ମଙ୍ଗଳବାର ନୟାଗଡ଼ ଜିଲା ଓଡଗାଁ ଥାନା ସୁନାମୁହିଁ ପଞ୍ଚାୟତ ବାଲିସିଂସା ଗ୍ରାମରେ ଦୁଇଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି। ଏଥିରେ ଉଭୟ ଗୋଷ୍ଠୀର ୮ ଜଣ ଗୁରୁତର ହୋଇଛନ୍ତି। ଆହତଙ୍କ ମଧ୍ୟରେ ଗୋଟିଏ ପରିବାରର ସୁଶାନ୍ତ ଦାସ(୩୧), ସ୍ତ୍ରୀ ସୁପ୍ରଭା ପ୍ରଧାନ(୨୬), ଶରତ ଦାସ(୩୫), ସ୍ତ୍ରୀ ଅନ୍ନପୂର୍ଣ୍ଣା ଦାସ(୩୦) ଓ ସମ୍ପର୍କିୟା ଭାଉଜ ମାଳତୀ ଦାସ(୩୪)ଙ୍କ ଏବଂ ଅନ୍ୟ ଗୋଷ୍ଠୀର ଦୀନବନ୍ଧୁ ଦାସ(୩୩), ଜଗନ୍ନାଥ ବାରିକ(୩୪) ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ବେଳେ ପୂର୍ଣ୍ଣଚନ୍ଦ୍ର ସାହୁ(୩୫)ଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁସାରେ ବାଲିସିଂସା କରାସାହିର ସୁଶାନ୍ତ ନିଜ ଜାଗାରେ ଦୋକାନ କରି ପରିବାର ଭରଣପୋଷଣ କରନ୍ତି। ସାହିର କେତେକ ଲୋକ ୩/୪ ବର୍ଷ ହେବ ଏହାକୁ ବିରୋଧ କରିଆସୁଥିବାରୁ ସେମାନଙ୍କ ମଧ୍ୟରେ ତିକ୍ତତା ବୃଦ୍ଧି ପାଇଥିଲା। ଏହାର ସମାଧାନ ନିମନ୍ତେ ସାହିରେ ବୈଠକ ବସିଥିଲେ ସୁଦ୍ଧା ସୁଫଳ ମିଳି ନ ଥିଲା। ପରେ ସାହିର କେତେକ ଲୋକ ଖାପ ପଞ୍ଚାୟତ ନିଷ୍ପତ୍ତି

## ଦୋକାନ ଭଙ୍ଗାରୁଜା, ଉତ୍ତେଜନା

ଭଳି ସୁଶାନ୍ତଙ୍କ ଦୋକାନ ସମ୍ମୁଖରେ ଦୁଇ ଟ୍ରିପ୍ ମାଙ୍କଡା ପଥର ଢାଳି ଦେଇଥିଲେ। ପଥର ରଖିଥିବା ବ୍ୟକ୍ତିଙ୍କୁ ସୁଶାନ୍ତଙ୍କ ପରିବାର ପଥର ଉଠାଇବାକୁ କହିବାରୁ ୩୦ ତାରିଖ ବିଳମ୍ବିତ ରାତିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ସହିତ ଅନ୍ୟ ୩/୪ଜଣ ସୁଶାନ୍ତଙ୍କ ପରିବାରକୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏ ନେଇ ସୁଶାନ୍ତଙ୍କ ସ୍ତ୍ରୀ ଥାନାରେ ୩୧ ତାରିଖରେ ଲିଖିତ ଅଭିଯୋଗ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ସେମାନେ ସୋମବାର ପୂର୍ବାହ୍ନରେ ସୁଶାନ୍ତଙ୍କ ଦୋକାନକୁ ସିଗାରେଟ କିଣିବା ବାହାନାରେ ଆସି ଗଣ୍ଡଗୋଳ କରିଥିଲେ। ଦୋକାନ ଭଙ୍ଗାରୁଜା କରିବା ସହିତ ଦୋକାନ ଭିତରେ ଥିବା ଫ୍ରିଜ ବାହାରେ ଫିଙ୍ଗିବା ପରେ ସେଠାରେ ଥିବା ବାଇକ୍ ଭାଙ୍ଗିରୁଜି ଦେଇଥିଲେ। ଖବର ପାଇ ସ୍ଥାନୀୟ ପୋଲିସ ଉକ୍ତ ଗ୍ରାମରେ ପହଞ୍ଚି କେତେକ ଆହତଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ। ଏ ନେଇ ଗ୍ରାମରେ ଚାପା ଉତ୍ତେଜନା ଲାଗିରହିଛି। ଥାନାରେ ଲିଖିତ ଅଭିଯୋଗ ହୋଇ ନ ଥିବାରୁ କୌଣସି ମାମଲା ରୁଜୁ ହୋଇ ନ ଥିବା ପୋଲିସ ସୂଚନା ଦେଇଛି।


## ମନେ ପଡ଼ନ୍ତି

**ସପ୍ତମ ଶ୍ରାଦ୍ଧ ବାର୍ଷିକୀ**



**ସ୍ୱର୍ଗତ ପ୍ରଫୁଲ୍ଲ ଚନ୍ଦ୍ର ସାହୁ**
ମାର୍କଣ୍ଡେଶ୍ୱର ସାହି, ପୁରୀ
ଆବିର୍ଭାବ: ୧୪।୦୭।୧୯୩୪
(ରଥଯାତ୍ରା)
ତିରୋଧାନ- ୦୨।୦୪।୨୦୧୧

ବାପା, ଆପଣ ଆମକୁ ଛାଡି ଚାଲିଯିବାର ଚାହୁଁ ଚାହୁଁ ଆଠ ବର୍ଷ ବିତିଗଲା। ଆପଣଙ୍କ ପାର୍ଥିବ ଅନୁପସ୍ଥିତି ଆମ ଜୀବନରେ ଯେଉଁ ଶୂନ୍ୟତା ଭରି ଦେଇଛି, ତାହା ଅପୂରଣୀୟ। ଆପଣଙ୍କ ଆତ୍ମା ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଶାନ୍ତିରେ ରହୁ। ଶୋକସନ୍ତପ୍ତ:- ସହଧର୍ମିଣୀ କନକଲତା, ଝିଅ,ଜ୍ୱାଇଁ- କଲ୍ୟାଣୀ-ପଞ୍ଚାନନ, ଶିବାନୀ-ପଦ୍ମଚରଣ, ବୁଢିଆ-ରଘୁନାଥ, ତୃପ୍ତି-ପ୍ରେମାନନ୍ଦ, ମିନୁ-ଗିରୀଶ, ଝୁନୁ-ଅକ୍ଷୟ ଓ ନାତି ନାତୁଣୀମାନେ।
ଧ-୧୧୯୫୦

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**କେଦାରନାଥ ବିଶୋଇ**
ବଡ଼ଦାଣ୍ଡ ସାହି, ପୁରୁଣା ଭୁବନେଶ୍ୱର
ଆବିର୍ଭାବ: ତା୧୮।୦୫।୧୯୩୩
ତିରୋଧାନ: ତା୨୯।୦୩।୨୦୧୪
(ଚତୁର୍ଦ୍ଦଶୀ ତିଥି)

ବାବା ଚାହୁଁ ଚାହୁଁ ୫ବର୍ଷ ବିତିଗଲା ତୁମ ସ୍ନେହ, ଶ୍ରଦ୍ଧା, ଭଲପାଇବା ଏବେବି କାହାରି ମନରୁ ଲିଭି ନାହିଁ, ତୁମର ଅନୁପସ୍ଥିତି ଆମ୍ଭମାନଙ୍କୁ ପ୍ରତି ମୁହୂର୍ତ୍ତରେ ଅସ୍ତବ୍ୟସ୍ତ କରୁଛି। ବାବା ଯେଉଁଠି ବି ଥାଅ ଭଲରେ ଥାଅ। ତୁମ ଅମର ଆତ୍ମାର ସଦ୍‌ଗତି ହେଉ, ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ନିକଟରେ ପ୍ରାର୍ଥନା। ଶୋକସନ୍ତପ୍ତ: ପତ୍ନୀ-ସୁମିତ୍ରା ବିଶୋଇ, ପୁତ୍ର- ସନ୍ତୋଷ, ସନତ୍, ବୋହୂ- (କୁନି, ଶାନ୍ତି ଓ ସ୍ନେହା), ନାତି ଓ ନାତୁଣୀ- ସୋନୁ, ଚିନୁ, ରୁମୁଲି, ପ୍ରୀତି।
ଧ-୪୮୭୧୮

**୧୭ତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ସୁନୀତା ପାତ୍ର**
ରମ୍ଭା, ଗଞ୍ଜାମ
ଚୈତ୍ର କୃଷ୍ଣପକ୍ଷ ତ୍ରୟୋଦଶୀ

ଆପଣଙ୍କର ପବିତ୍ର ଆତ୍ମାର ଶାନ୍ତି, ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଆପଣ ଯେଉଁଠି ବି ଥାଆନ୍ତୁ ଭଲରେ ଥାଆନ୍ତୁ। ଶୋକସନ୍ତପ୍ତ: ନନ୍ଦୁ, ରେନି, ବନ୍ଧୁ ଏବଂ ପରିବାରବର୍ଗ।
ଧ-୬୬୦୭୧

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ**
**ତ୍ରୟୋଦଶ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଗାୟକ ପ୍ରବର ବୀରମଣୀ ନନ୍ଦ**
ଘଟକୁଡ଼ି, ବ୍ରହ୍ମଗିରି, ପୁରୀ
ତିରୋଧାନ : ୧୭।୦୩।୨୦୦୪
ଚୈତ୍ର କୃଷ୍ଣ ଦ୍ୱାଦଶୀ, ବାରୁଣୀ ସ୍ନାନ

ଆଜି ତ୍ରୟୋଦଶ ଶ୍ରାଦ୍ଧବାର୍ଷିକ ଅବସରରେ ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଆମର ବିନମ୍ର ପ୍ରାର୍ଥନା। କୃପାଭିକ୍ଷୁ ବାସନ୍ତି, ମମି, ନାତି ନାତୁଣୀ ଓ ପରିବାରବର୍ଗ।
ଧ-୬୩୭୬୨


# ପୁରୀକୁ ପଠାଗଲା ୨୫ଖଣ୍ଡ ରଥକାଠ

ଦଶପଲ୍ଲା,୨।୪ (ଡି.ଏନ.ଏ.)

ଦଶପଲ୍ଲା ବନାଞ୍ଚଳରୁ ମଙ୍ଗଳବାର ୬ଷ୍ଠ ପର୍ଯ୍ୟାୟ ରଥ କାଠ ପୁରୀ ରଥଖଳାକୁ ପଠାଯାଇଛି। ପୋଖରୀଗୋଛା ଓ ଚଢେୟାପଲ୍ଲୀ ସେକ୍ସନରୁ ୨୫ଖଣ୍ଡ ଅସନ, ଧଉରା ଓ ଫାଶି କାଠ ଟ୍ରକ ଯୋଗେ ପୁରୀ ପଠାଯାଇଛି। ଚଳିତ ବର୍ଷ ତିନି ରଥ ନିର୍ମାଣ ପାଇଁ ୮୬୫ ଖଣ୍ଡ କାଠ ଆବଶ୍ୟକ ଥିବାବେଳେ ପୂର୍ବ ବର୍ଷର ୧୯୫ ଖଣ୍ଡ କାଠ ବଳକା ରହିଛି। ରଥ ନିର୍ମାଣ ପାଇଁ ଆଉ ୬୭୦ ଖଣ୍ଡ କାଠ ଆବଶ୍ୟକ ଥିବାବେଳେ ନୟାଗଡ଼ ବନଖଣ୍ଡ ଅଧୀନ ବିଭିନ୍ନ ଜଙ୍ଗଲରୁ ଏସବୁ କାଠ ପର୍ଯ୍ୟାୟକ୍ରମେ ପଠାଯାଉଛି। ମଙ୍ଗଳବାର ଧଉରା ୧୨ ଫୁଟିଆ ୧୧ ଖଣ୍ଡ, ୨୦ ଫୁଟିଆ ୭ ଖଣ୍ଡ, ଅସନ ୨୦ ଫୁଟିଆ ୫ ଖଣ୍ଡ ସହ ୨ ଖଣ୍ଡ ଫାଶି କାଠ ପଠାଯାଇଛି। ବର୍ତ୍ତମାନ ସୁଦ୍ଧା ଦଶପଲ୍ଲା ବନାଞ୍ଚଳରୁ ମୋଟ ୨୪୫ ଖଣ୍ଡ କାଠ ପୁରୀ ପଠାଯାଇଥିବା ବନାଞ୍ଚଳ ଅଧିକାରୀ ସୋମନାଥ ନାୟକ ପ୍ରକାଶ କରିଛନ୍ତି।

**■ ବର୍ଷେ ତିଷ୍ଠିଲାନି ପ୍ରଧାନମନ୍ତ୍ରୀ ଆବାସ ଗୃହ**

# ତାଜା ଭୁଶୁଡ଼ି ଜଣେ ମୃତ, ୪ ଗୁରୁତର

ଭୁବନ, ୨।୪(ଡି.ଏନ୍.ଏ.)

ବର୍ଷେ ତିଷ୍ଠିଲାନି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିର୍ମିତ ଗୃହ। କେବଳ ଘର ତାଜା ତ ଭୁଶୁଡ଼ିଲାନି, ତା' ସହ ଚାଲିଗଲା ଜଣଙ୍କ ଜୀବନ। ଏପରି ଅଭାବନୀୟ ଘଟଣା ଘଟିଛି ଢେଙ୍କାନାଳ ଜିଲା ଭୁବନ ବ୍ଲକ ଓଡ଼ିଶ ପଞ୍ଚାୟତ ଅନ୍ତର୍ଗତ ବର୍ଣ୍ଣାଳୀ ଗ୍ରାମରେ। ମୃତକ ହେଲେ ଜୟରାମ ମୁଣ୍ଡାଙ୍କ ପୁଅ ଭରତ (୨୫)। ଏଥିରେ ଜୟରାମଙ୍କ ସ୍ତ୍ରୀ ପାଲା ମୁଣ୍ଡା (୪୫), ଝିଅ ଲକ୍ଷ୍ମୀ (୨୭), ଝିଆରୀ ଦ୍ରୌପଦୀ (୩୮), ନାତି ଅରୁଣ (୧୫) ଗୁରୁତର ହୋଇଛନ୍ତି। ସମସ୍ତଙ୍କୁ ପ୍ରଥମେ ଭୁବନ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଭରତଙ୍କୁ ମୃତ ଘୋଷଣ କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଅନ୍ୟମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

ଆଜି ଭାଗ୍ୟ ଓ ଏକାଦଶ ସ୍ଥାନରେ ତିନି ତିନୋଟି ଗ୍ରହ ଅବସ୍ଥାନ କରି ଆପଣଙ୍କୁ ସାମଗ୍ରିକ କ୍ଷେତ୍ରରେ ଅନୁକୂଳ ଫଳ ପ୍ରଦାନ କରିବେ। ଦୈହିକ ସୁସ୍ଥତା ଅକ୍ଷୁଣ୍ଣ ରହିବା ସହ କାମକୁ ଉତ୍ସାହର ସହ କରିବାରେ ସମର୍ଥ ହେବେ। ଅଶ୍ୱିନୀ ନକ୍ଷତ୍ର ସକାଶେ ଯାତ୍ରାକାଳରେ ସତର୍କତା ଅଭାବରୁ କୌଣସି ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡିପାରେ।

**ବୃଷ**

ଅଷ୍ଟମରେ ଏକାଧିକ ଗ୍ରହ ବିଭିନ୍ନ ଦିଗରୁ ଅର୍ଥଲାଭର ମାର୍ଗ ଉନ୍ମୋଚନ କରାଇପାରନ୍ତି। ମନେ ମନେ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା ପାଇଁ ବହୁତ ବିଳମ୍ବ ଘଟିପାରେ। ବାଣିଜ୍ୟ, ବ୍ୟବସାୟ, ପରିବହନ, ଶିଳ୍ପ ଓ ଏଜେନ୍ସିପରୁ ମନ ଖୁସି ରହିବ। ବିବାଦୀୟ ଘଟଣାଠାରୁ ଦୂରେଇ ନ ରହିଲେ ନିଜ ଉପରକୁ କିଛି ପରିମାଣରେ ଝମେଲା ଆସିପାରେ।

**ମିଥୁନ**

ସପ୍ତମସ୍ଥ ଗ୍ରହ ଆପଣଙ୍କୁ ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଦିଗରେ ଅନୁପ୍ରେରିତ କରିପାରେ। କିନ୍ତୁ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି, ପ୍ରତିଯୋଗିତାରେ ପରାଜୟର ଗ୍ଲାନି ମଧ୍ୟ ଭୋଗିବାକୁ ପଡ଼ିବ। ସାମାଜିକ ସ୍ତରରେ ପ୍ରକୃତ ଘଟଣା ନ ବୁଝି କୌଣସି କଥାରେ ମୁଣ୍ଡ ପୂରାନ୍ତୁ ନାହିଁ। ରାହୁଙ୍କ କୁପ୍ରଭାବରୁ ଅଧିକାଂଶ ସମୟ ଅସାବଧାନତା କାରଣରୁ ଜିନିଷ ହଜି ଯିବାର ସମ୍ଭାବନା ରହିଛି।

**କର୍କଟ**

ଛଅଟି ଗ୍ରହ ଦୁଃସ୍ଥାନରେ ଅବସ୍ଥାନ କରି ଆପଣଙ୍କୁ ବିଭିନ୍ନ ପ୍ରକାର ସମସ୍ୟା ମଧ୍ୟରେ ଗତି କରାଇପାରନ୍ତି। ତଥାପି ସାମାନ୍ୟ ଅସୁବିଧା ହେଲେ ମଧ୍ୟ ପାରିବାରିକ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ସ୍ୱାସ୍ଥ୍ୟରେ ବିଶେଷ ଉନ୍ନତି ଘଟିବା ହେତୁ ମନୋବଳ ବୃଦ୍ଧି ପାଇବ। ସଭାସମିତି, ଆନୁଷ୍ଠାନିକ କାମ, ମନୋରଞ୍ଜନ, ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ସିଂହ**

ଆଜି ତିନୋଟି ଗ୍ରହ ଲାଭସ୍ଥାନକୁ ଆପଣଙ୍କୁ ଅଭିଳଷିତ ଦ୍ରବ୍ୟପ୍ରାପ୍ତିରେ ସହାୟକ ହେବେ। କର୍ମକ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତିବିଶେଷଙ୍କ ସାନ୍ନିଧ୍ୟ ଲାଭ କରିବେ। ବିଶେଷଭାବେ ପରିବହନ, ମନୋରଞ୍ଜନ କାର୍ଯ୍ୟକ୍ରମାଦିରୁ ଲାଭବାନ ହେବେ କିନ୍ତୁ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ।

**କନ୍ୟା**

କର୍ମସ୍ଥାନ ପ୍ରତି ଗ୍ରହ ସମ୍ବନ୍ଧ ଆପଣଙ୍କୁ କାର୍ଯ୍ୟସିଦ୍ଧି, ପାରିବାରିକ ଶାନ୍ତି ଓ ସାମାଜିକ ସ୍ତରରେ ସମ୍ମାନ ଦେବାର ସୁଯୋଗ ସୃଷ୍ଟି କରିବ। ଆନୁଷ୍ଠାନିକ କାମର ଉଦ୍‌ଯାପନୀର ଶେଷ ସମୟରେ ବିବାଦୀୟ ପରିବେଶରେ ବାତାବରଣ ଅଶାନ୍ତ ହୋଇପାରେ। ଆଇନ ଅଦାଲତରୁ ସୁଫଳ ପାଇବେ। ପାରିବାରିକ,ଆନୁଷ୍ଠାନିକ,ବ୍ୟବସାୟିକ କ୍ଷେତ୍ର ମଧ୍ୟମ ପ୍ରକାରର ରହିବ।

**ତୁଳା**

ଭାଗ୍ୟସ୍ଥାନକୁ ଗ୍ରହଦୃଷ୍ଟି ଭାଗ୍ୟର ଅନୁକୂଳତା ପ୍ରତ୍ୟେକ କାର୍ଯ୍ୟରେ ସିଦ୍ଧିଲାଭ ପାଇଁ ପରିବେଶ ସୃଷ୍ଟି କରିବ। ବିଭିନ୍ନ ଯୋଜନାର କାମ ହାତକୁ ନେବେ କିନ୍ତୁ ସାମୟିକ ଆର୍ଥିକ ସ୍ଥିତିକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ବ୍ୟବସାୟ ଓ ବାଣିଜ୍ୟରେ ଉନ୍ନତି ଘଟିବ ଏବଂ ନିର୍ମାଣ କାର୍ଯ୍ୟ ମଧ୍ୟ ଅଟକିବ ନାହିଁ। ଆନୁଷ୍ଠାନିକ କ୍ଷେତ୍ରରେ ବନ୍ଧୁ ମିଳନରୁ ଉତ୍ସାହିତ ହେବେ।

**ବିଛା**

ଧନଭାବସ୍ଥ ଗ୍ରହ ଅର୍ଥ ଓ ସମ୍ମାନ ପ୍ରଦାନ କରିବା ସହ ବନ୍ଧୁମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଇପାରେ। ପୁତ୍ର, କନ୍ୟାଙ୍କ ବୈବାହିକ କର୍ମ ସକାଶେ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବାର ସୂଚନା ମଧ୍ୟ ରହିଛି। ଜମିଜମା, କଳିତକରାଳ, ଗୃହସୀମା ପ୍ରଭୃତି ସମ୍ପର୍କୀୟ ବିବାଦମାନ ସ୍ଥିତିରୁ ସହସା ମୁକ୍ତି ମିଳିବ। ସାମାଜିକ ସ୍ତରରେ ନୀଚ ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇ ପାରନ୍ତି।

**ଧନୁ**

ଆଜିର ଗ୍ରହସ୍ଥିତି ଆପଣଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ଜୟଯୁକ୍ତ କରାଇ ଆଶା ପୂରଣ କରାଇପାରିବ। ପାରିପାର୍ଶ୍ୱିକ ପରିସ୍ଥିତି ପ୍ରତି ସଜାଗ ରହି ବୁଦ୍ଧିବଳ ଖଟାଇ କାର୍ଯ୍ୟ ହାସଲ ପାଇଁ ଚେଷ୍ଟା କଲେ ନିଶ୍ଚିତ ଉପକୃତ ହେବ। ମଙ୍ଗଳଙ୍କ ପ୍ରଭାବରେ ସାମୟିକ ଗରମ ଜନିତ ବ୍ରଣ, ଘିମିରି, ଆଣ୍ଠୁଗଣ୍ଠି ବାତ, ଗ୍ୟାଷ୍ଟ୍ରିକ, ଭ୍ରମ, ରୋଗରେ କଷ୍ଟ ପାଇବେ।

**ମକର**

ରାଶିର ଉଭୟପାର୍ଶ୍ୱରେ ଛଅଟି ଗ୍ରହ ରାଶିକୁ ପ୍ରଭାବିତ କରି ଅସ୍ଥିରତା ସୃଷ୍ଟି କରିପାରନ୍ତି। ଅନ୍ୟମାନଙ୍କ ପ୍ରରୋଚନାରେ ପଡି ପଡ଼ୋଶୀ କିମ୍ବା ଜଣାଶୁଣା କେହି ବ୍ୟକ୍ତି ପ୍ରତିବାଦ କରି କାମ ହାସଲରେ ବିଘ୍ନ ଘଟାଇବେ। ପାରିବାରିକ ଜଞ୍ଜାଳ ବୃଦ୍ଧି ହେତୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ତଥାପି ନିଜର କାର୍ଯ୍ୟ ଦକ୍ଷତା ହେତୁ ନିଜ ପରିସରରେ ପ୍ରଶଂସିତ ହେବେ।

**କୁମ୍ଭ**

ଅନୁକୂଳ ଗ୍ରହ ସମ୍ପର୍କରୁ ଆଜି ଯାହା ଇଚ୍ଛା କରୁଛନ୍ତି ତାହା ଅବିଳମ୍ବେ ପ୍ରାପ୍ତ ହେବ। ପ୍ରତ୍ୟେକ କ୍ଷେତ୍ରରେ ବିଜୟଲାଭ କରି ବନ୍ଧୁ, ପରିବାର ଓ ସର୍ବସାଧାରଣଙ୍କର ପ୍ରୀତିଭାଜନ ହୋଇପାରନ୍ତି। କର୍ମକ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ସାମୟିକ ଭାବରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**ମୀନ**

ଚତୁର୍ଥ ରାଶିରେ ରାହୁଙ୍କ ଉପସ୍ଥିତି କାରଣରୁ ପାରିବାରିକ ସ୍ଥିରତା ରକ୍ଷା କରିବାରେ ଅସମର୍ଥ ହୋଇପଡ଼ିବେ। ବିବାଦୀୟ ପରିସ୍ଥିତିରେ ଲଢ଼େଇ କଲେ ବାଦୀ ଓ ପ୍ରତିବାଦୀ ଉଭୟେ କ୍ଷତିଗ୍ରସ୍ତ ହେବେ। କିନ୍ତୁ ସାମାଜିକ, ଆନୁଷ୍ଠାନିକ କାମରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ ପ୍ରତିଷ୍ଠା ଓ ପ୍ରଶଂସା ଅକ୍ଷୁଣ୍ଣ ରହିବ। ବନ୍ଧୁଙ୍କ ସହ ନୂତନ ସ୍ଥାନ ପରିଦର୍ଶନର ସୁଯୋଗ ଲାଭ କରିବେ।

ଆଜି ଚୈତ୍ର କୃଷ୍ଣପକ୍ଷର ତ୍ରୟୋଦଶୀ ଯୁକ୍ତ ଚତୁର୍ଦ୍ଦଶୀ ବୁଧବାର, ଏପ୍ରିଲ ୩ ତାରିଖ, ରାଶି ନକ୍ଷତ୍ର-ପୂର୍ବଭାଦ୍ରପଦ/କୁମ୍ଭ, ଧନୁରାଶିର ଘାତଚନ୍ଦ୍ର, କର୍କଟ ରାଶିର ଘାତବାର,ଚତୁର୍ଦ୍ଦଶୀର ପାର୍ବଣ ଶ୍ରାଦ୍ଧ, ସକାଳ ଘ୬।୨୫ମି. ଗତେ ଘ୮।୫୫ମି. ମଧ୍ୟେ, ଘ୨।୫୫ମି. ଗତେ ଘ୪।୨୫ମି. ମଧ୍ୟେ ଅମୃତ ବେଳା। ଦିବା ଘ୭।୨୫ମି. ମଧ୍ୟେ ଘ୧୦।୨୫ମି. ଗତେ, ଘ୧୧।୫୫ମି. ମଧ୍ୟେ ଘ୪।୨୫ମି. ଗତେ, ଘ୫।୫୯ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୧୧।୫୦ମି. ଗତେ ଘ୧।୨୨ମି. ମଧ୍ୟେ ରାହୁକାଳ।

ଆମ ମନ ଆଉ ପ୍ରାଣ ସବୁବେଳେ ପ୍ରଶଂସା ଶୁଣିବାକୁ ବ୍ୟାକୁଳ ହୁଏ। ସେଥିପାଇଁ ଆମେ ସମାଲୋଚନା ସହିପାରୁନା ଏବଂ କାହା ଦ୍ୱାରା ନଗଣ୍ୟ ଓ ଉପେକ୍ଷିତ ହେବାକୁ ଚାହୁଁ ନାହିଁ। କିନ୍ତୁ ଆମେ ଯେପରି ସର୍ବଦା ଧକ୍କା ଓ ପରାଜୟ ନିମନ୍ତେ ପ୍ରସ୍ତୁତ ହେବାକୁ ପଡିବ ଏବଂ ଧୀର ଶାନ୍ତ ଭାବରେ ସହିବାକୁ ପଡିବ। -ଶ୍ରୀମା



# ଲେଖକଙ୍କ ଆହ୍ୱାନ

ସାଧାରଣ ନିର୍ବାଚନ ଯେତେ ପାଖେଇ ଆସୁଛି, ଭୋଟରଙ୍କ ଆଶୀର୍ବାଦ କେଉଁ ରାଜନୈତିକ ଦଳ ଓ ନେତାଙ୍କ ଉପରେ ରହିବ ସେ ନେଇ ଚର୍ଚ୍ଚା ହେଉଛି। କିଏ ସ୍ଥିର ସରକାର ଦେଇପାରିବେ ଓ କେଉଁ ନେତାଙ୍କ ହାତରେ ଦେଶର ଡୋରି ଶୋଭା ପାଇବ, ସେଥିଲାଗି ବିଭିନ୍ନ ସ୍ତରରେ ଆଲୋଚନା ପର୍ଯ୍ୟାଲୋଚନା ଚାଲିଛି। ନିର୍ବାଚନ ସମୟରେ ପ୍ରତ୍ୟେକ ଯୋଗ୍ୟ ଭୋଟର ତାଙ୍କର ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିବା ଉଚିତ। କିନ୍ତୁ ଦେଶରେ ଶତପ୍ରତିଶତ ମତଦାନ ହେଉ ନ ଥିବାରୁ ଏହି ହାର ବଢ଼ାଇବା ଲାଗି ସରକାରୀ ଓ ବେସରକାରୀ ସ୍ତରରେ ଉଦ୍ୟମ ହେଉଛି। ପୁଣି କେଉଁ ନେତାଙ୍କୁ ଭୋଟ ଦେବା ଦରକାର, ସେଥିନେଇ ବୁଦ୍ଧିଜୀବୀମାନେ ସେମାନଙ୍କ ମତ ଦେବାରେ ଲାଗିଲେଣି। ଗତ ମାସ ଦେଶର ୧୦୩ ଜଣ ଚଳଚ୍ଚିତ୍ର ନିର୍ମାତା ଆଗାମୀ ନିର୍ବାଚନରେ ଫାସିବାଦକୁ ପରାସ୍ତ କରିବା ଲାଗି ଆହ୍ୱାନ ଦେଇଥିଲେ। ଏବେ ଅରୁନ୍ଧତୀ ରାୟ, ଅମିତାଭ ଘୋଷ, ରୋମିଲା ଥାପରଙ୍କ ଭଳି ୨୦୦ ଲେଖକ ନିବେଦନ କରି କହିଛନ୍ତି ଯେ, ରାଜନୀତିରେ ଘୃଣାଭାବକୁ ପ୍ରୋତ୍ସାହିତ କରୁଥିବା ଦଳ ଏବଂ ନେତାଙ୍କୁ ଭୋଟ ଦେବା ଉଚିତ ନୁହେଁ। ଏହି ଉଭୟ ବୁଦ୍ଧିଜୀବୀ ଗୋଷ୍ଠୀଙ୍କୁ ଦେଖିଲେ ସ୍ପଷ୍ଟ ଜଣାପଡୁଛି, ଏଭଳି ନିବେଦନ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାଜପାର ରାଜନୀତିକୁ ବିରୋଧ କରାଯାଇଛି। ବିଗତ କିଛିବର୍ଷ ହେବ ସମ୍ପ୍ରଦାୟ, ଜାତି, ଲିଙ୍ଗ ଏବଂ ଆଞ୍ଚଳିକତାକୁ ନେଇ ଦେଶବ୍ୟାପୀ ବିଭେଦ ସୃଷ୍ଟି ହୋଇଛି। ଏହାର ପରିଣତି ସ୍ୱରୂପ ଦଙ୍ଗା, ହିଂସା ଓ ଅସୂୟାଭାବ ବୃଦ୍ଧି ପାଇଛି। ତେଣୁ ସେଭଳି ଅପ୍ରୀତିକର ପରିସ୍ଥିତିରୁ ରକ୍ଷା ପାଇବା ପାଇଁ ବୁଦ୍ଧିଜୀବୀଙ୍କ ଆହ୍ୱାନ ସକାରାତ୍ମକ ଦିଗ ଦେଖାଉଛି।

ଭାରତରେ ୬୫ ପ୍ରତିଶତରୁ ଊର୍ଦ୍ଧ୍ୱ ଯୁବଶକ୍ତି ଥିବାରୁ ଆମେ ଗର୍ବ କରୁଛେ। ହେଲେ ସେମାନଙ୍କ ପାଇଁ କର୍ମସଂସ୍ଥାନ ଯୋଗାଇବାରେ ନେତୃତ୍ୱ ଅସଫଳ ହୋଇଛି। କେନ୍ଦ୍ରରେ ଭାଜପା ସରକାର ଗତ ୫ ବର୍ଷ ତଳେ ଘୋଷଣା କରିଥିଲେ ଯେ, କ୍ଷମତାକୁ ଆସିଲେ ପ୍ରତ୍ୟେକ ବର୍ଷ ୨ କୋଟି ଯୁବତୀଯୁବକଙ୍କୁ ନିଯୁକ୍ତି ଦିଆଯିବ। ହେଲେ ଏବେ ରେଳୱେରେ ୯୦,୦୦୦ ପଦବୀ ପାଇଁ ଅଢ଼େଇ କୋଟିରୁ ଊର୍ଦ୍ଧ୍ୱ ଆବେଦନପତ୍ର ପଡ଼ିଥିବା ଦେଖିବାକୁ ମିଳିଛି। ଏହି ଆବେଦନକାରୀଙ୍କ ସଂଖ୍ୟା ଅଷ୍ଟ୍ରେଲିଆ ମହାଦେଶର ଜନସଂଖ୍ୟାଠାରୁ ଅଧିକ। 'ଭାତହାଣ୍ଡିରୁ ଗୋଟିଏ ଚିପିବା' ଭଳି ସ୍ଥିତି ଅନ୍ୟସବୁ କ୍ଷେତ୍ରରେ ମଧ୍ୟ ପରିଲକ୍ଷିତ ହେଉଛି। ଅନୁରୂପ ଭାବେ ସ୍ୱାସ୍ଥ୍ୟସେବା, ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଭାରତ ସେଭଳି ଅଗ୍ରଗତି କରିପାରି ନାହିଁ। କୃଷିପ୍ରଧାନ ଦେଶ ହୋଇଥିଲେ ମଧ୍ୟ ଚାଷୀ କ୍ରମାଗତ ଅବହେଳିତ ହୋଇ ରହିଛି। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସମାନ ସୁବିଧା ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯାଇପାରି ନାହିଁ। ଏଭଳି ଅନେକ କ୍ଷେତ୍ରରେ ଅସଙ୍ଗତି ଦେଖାଦେଇଥିବା ବେଳେ ବର୍ତ୍ତମାନର ନେତୃତ୍ୱ ପାଖରେ ଅସହିଷ୍ଣୁତା ପରିଲକ୍ଷିତ ହେଉଛି। ଯେଉଁମାନେ ସରକାରଙ୍କ 'ହଁ'ରେ ହଁ ମାରୁନାହାନ୍ତି, ସେମାନଙ୍କୁ ଦେଶଦ୍ରୋହୀ ଆଖ୍ୟା ଦିଆଯାଇ ହଇରାଣ ହରକତ କରାଯାଉଛି। ଏଭଳି କଠୋରପନ୍ଥୀ ମନୋଭାବ ଭାଜପା ପୋଷଣ କରୁଥିବା ବେଳେ କଂଗ୍ରେସର ପୂର୍ବ ଧର୍ମନିରପେକ୍ଷ ଚରିତ୍ରରେ ପରିବର୍ତ୍ତନ ଆସିଥିବା ଭଳି ମନେହେଉଛି। ଭାଜପାର କଠୋର ହିନ୍ଦୁତ୍ୱ ଚିନ୍ତାଧାରାକୁ ପ୍ରତିହତ କରିବା ପାଇଁ କଂଗ୍ରେସ ଅଧ୍ୟକ୍ଷ ରାହୁଲଙ୍କ ସମେତ ଅନ୍ୟ କଂଗ୍ରେସ ନେତାମାନେ ଘନଘନ ପୂଜାପାଠ ଓ ବିଭିନ୍ନ ମନ୍ଦିର ପରିଦର୍ଶନ କରିବାକୁ ଆରମ୍ଭ କଲେଣି।

ବର୍ତ୍ତମାନର ପରିସ୍ଥିତି ଦେଖିଲେ ଯେଉଁମାନେ ଭୋଟ ପାଇବା ପାଇଁ ବିଭାଜନ ରାଜନୀତି କରୁଛନ୍ତି, ସେମାନଙ୍କୁ ଦେଶର ନାଗରିକମାନେ କ୍ଷମତାରୁ ଦୂରେଇ ରଖିବା ଲାଗି ଚେଷ୍ଟା କରିବା ଉଚିତ ବୋଲି ବୁଦ୍ଧିଜୀବୀମାନେ କରିଥିବା ନିବେଦନକୁ ହୃଦୟଙ୍ଗମ କରିବା ଦରକାର। ଏଭଳି ଅନୁରୋଧ କରିବା ପରେ ଜଣାପଡୁଛି ଯେ ବୁଦ୍ଧିଜୀବୀଙ୍କ ମନରୁ ଭୟ ଛାଡ଼ିଲାଣି। ଏହି ଦୁଇ ଗୋଷ୍ଠୀଙ୍କ ପଦକ୍ଷେପ ଆହୁରି ମଧ୍ୟ ଜଣାଇ ଦେଉଛି ଯେ, ପରିସ୍ଥିତିର ଚାପରେ ଭାରତର ବୁଦ୍ଧିଜୀବୀମାନେ ସାମାଜିକ ନେତୃତ୍ୱ ନେବା ପାଇଁ ଆଗେଇ ଆସିଲେଣି। ଏକବିଂଶ ଶତାବ୍ଦୀରେ ଏଭଳି ଘଟଣା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। କେବଳ ରାଜନେତା ଓ ରାଜନୀତି ମାଧ୍ୟମରେ ଭାରତ ଭଳି ଦେଶର ପ୍ରଗତି ଏବଂ ଉନ୍ନତି ଘଟିପାରିବ ନାହିଁ। ସାମାଜିକ ନେତୃତ୍ୱ ମାଧ୍ୟମରେ ରାଜନୀତି ପରିଚାଳିତ ହେବା କଥା। ତାହା ହେଉ ନ ଥିବାରୁ ଦେଶର ପ୍ରବଳ କ୍ଷତି ଘଟିଛି। ଏବେ ସେହି ଶୂନ୍ୟସ୍ଥାନ ପୂରଣ ହେବାର ସଂକେତ ମିଳୁଛି।

## ୨୫ ବର୍ଷ ତଳର ଧରିତ୍ରୀ

୩ ଏପ୍ରିଲ ୧୯୯୪

- ଗୋଆ ରାଜ୍ୟପାଳ ଭାନୁପ୍ରତାପ ସିଂ ୱିଲଫ୍ରେଡ ଡି'ସୁଜାଙ୍କ ନେତୃତ୍ୱରେ ପରିଚାଳିତ ମନ୍ତ୍ରିମଣ୍ଡଳକୁ ବରଖାସ୍ତ କରି ତାଙ୍କ ସ୍ଥାନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ରବି ନାଏକଙ୍କୁ ରାଜ୍ୟର ଷଷ୍ଠ ମୁଖ୍ୟମନ୍ତ୍ରୀ ଭାବେ ଅବସ୍ଥାପିତ କରିଛନ୍ତି
- ୧୯୯୧ ମସିହାର ଇନ୍ଦିରା ଗାନ୍ଧୀ ପ୍ରିୟଦର୍ଶିନୀ ବୃକ୍ଷମିତ୍ର ପୁରସ୍କାର ପାଇଁ ମଧ୍ୟପ୍ରଦେଶର କ୍ରିଷ୍ଟାଚନ୍ଦ୍ର ଏବଂ ମହାରାଷ୍ଟ୍ରର ଆନ୍ଦିରାମ ମହାଦେବ ମୋହିତେ ମନୋନୀତ।
- ପେରୁର ରାଜଧାନୀ ଲିମା ସହର ନିକଟରେ ଏକ ବସ ରାସ୍ତାକଡକୁ ଓଲଟି ପଡିବା ଫଳରେ ୪୪ଜଣ ଯାତ୍ରୀଙ୍କ ପ୍ରାଣହାନି।
- ଗ୍ରୁପ-୭୭ ରାଷ୍ଟ୍ର ସମୂହର ଏସୀୟ ମହାଦେଶର ସଦସ୍ୟ ରାଷ୍ଟ୍ରମାନେ ଇରାନକୁ ଏହି ଗ୍ରୁପର ଅଧ୍ୟକ୍ଷ ରୂପେ ମନୋନୀତ କରିଛନ୍ତି।

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | C | D | | | 8 | 6 | 9 | 5 | 0 | | | | 1 |
| | | | | A | 5 | | 3 | | | | | | B | 0 |
| | | 3 | | 1 | | | C | | | E | D | | | |
| | | | | 9 | | 5 | | | | | 6 | 8 | | |
| | 5 | A | | 8 | E | D | | | | | 4 | 2 | 3 | |
| | 0 | | | | 6 | 4 | | | C | 2 | | 5 | | |
| | | | | | | B | 1 | | 7 | | 0 | D | | |
| | | | | 2 | | | 7 | | 1 | | | 9 | | 4 |
| | 7 | 4 | A | | | | | | D | | | | 6 | C |
| | | 5 | | | | | | | | | B | 1 | 0 | |
| | | E | | | | | B | | | | C | | | |
| 1 | C | | 8 | B | 0 | | 4 | A | | | | | E | 3 |
| | 3 | | | | | | | | | 6 | | 7 | A | |
| 0 | | 6 | | 5 | | | | 8 | | | 7 | B | | |
| 2 | | | E | | | 6 | | | | | | | C | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 6 | D | 0 | 4 | 1 | 7 | 8 | E | C | A | 2 | 5 | B | 9 |
| A | 9 | 2 | 5 | 7 | C | 4 | 6 | 0 | 1 | 8 | B | 3 | D | E |
| 4 | E | C | 8 | 9 | 6 | 5 | A | B | 7 | D | 3 | 2 | 0 | 1 |
| 5 | B | 7 | D | 3 | E | 1 | C | 2 | 9 | 6 | 0 | 8 | 4 | A |
| 1 | 0 | 8 | A | B | 2 | 3 | 9 | D | 4 | 5 | E | 7 | C | 6 |
| 0 | 7 | 4 | C | A | 9 | 8 | B | 6 | 2 | 3 | 5 | E | 1 | D |
| E | C | 1 | 2 | D | B | A | 3 | 5 | 0 | 4 | 6 | 9 | 7 | 8 |
| B | A | 5 | 6 | E | 7 | 0 | D | C | 8 | 1 | 9 | 4 | 2 | 3 |
| 8 | 2 | 3 | 4 | 0 | 5 | 9 | 1 | 7 | E | C | D | A | 6 | B |
| 6 | D | 9 | 1 | 8 | 3 | 2 | E | 4 | B | 7 | A | 0 | 5 | C |
| 9 | 8 | A | 3 | 6 | 4 | B | 2 | 1 | 5 | 0 | C | D | E | 7 |
| D | 1 | 6 | B | 5 | 8 | E | 0 | A | 3 | 2 | 7 | C | 9 | 4 |
| 7 | 3 | E | 9 | 2 | 0 | C | 4 | 8 | D | B | 1 | 6 | A | 5 |
| C | 5 | 0 | E | 1 | D | 6 | 7 | 3 | A | 9 | 4 | B | 8 | 2 |
| 2 | 4 | B | 7 | C | A | D | 5 | 9 | 6 | E | 8 | 1 | 3 | 0 |

ଗତକାଲିର ଉତ୍ତର

# ଗଣମାଧ୍ୟମର ଗଣିତ



ସୌମ୍ୟା ପରିଡ଼ା

୨୦୦୮ରେ ମୁମ୍ବାଇର ୨୬/୧୧ ଆତଙ୍କବାଦୀ ଆକ୍ରମଣର ଟିକିନିଖି ଖବର ପୂରା ଦେଶବାସୀଙ୍କୁ ଗଣମାଧ୍ୟମର କର୍ମୀମାନେ ଦେଇଥିଲେ। ଏହାଦ୍ୱାରା ଆତଙ୍କବାଦୀ ଆକ୍ରମଣରେ ପ୍ରଭାବିତ ଲୋକଙ୍କ ସମ୍ପର୍କୀୟମାନେ ଦୂରରେ ଥାଇ ବି ତାଙ୍କ ବିଷୟରେ ଜାଣିପାରୁଥିଲେ। ହେଲେ ସବୁ ଘଟଣାର ଟିଟ୍‌ବିଟ୍ ଖବରର ସିଧାପ୍ରସାରଣ ବି ଆମର କିଛି ଲଢୁଆ ବୀରଙ୍କ ପ୍ରାଣ ନେଇଥିଲା। ଦିନରାତି ଲାଇଭ୍ ଟେଲିକାଷ୍ଟ ସହ ଆମ ସୁରକ୍ଷା ଏଜେନ୍ସିର ପ୍ରତିଟି ଗତିବିଧିକୁ କ୍ୟାମେରାରେ ଡୋଲିଧରିଥିଲେ ଆମ ଦେଶର ନାମୀଦାମୀ ଓ ଆଗଧାଡ଼ିର ସମସ୍ତ ଚ୍ୟାନେଲ। ଫଳସ୍ୱରୂପ ଦେଶ ବାହାରେ ରହି ଆତଙ୍କବାଦୀମାନଙ୍କୁ ସବୁ ଅପ୍‌ଡେଟ୍ ଦେବାରେ ସାହାଯ୍ୟ କରିଥିଲେ ତାଙ୍କର ସହଯୋଗୀମାନେ। ନଭେମ୍ବର ୨୬ରୁ ୨୮ ତାରିଖ ଯାଏ ସବୁ ଘଟଣାର ଟିଟ୍‌ବିଟ୍ ଖବରର ଲାଇଭ୍ ଟେଲିକାଷ୍ଟ ପରେ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ସବୁ ଖବରକୁ ଡେଫର୍ଡ ଲାଇଭ୍ ଦେଖେଇବାକୁ ନିର୍ଦ୍ଦେଶ ଆସିଥିଲା। ହେଲେ ସେତେବେଳକୁ ଆମର ଅନେକ କ୍ଷତି ଘଟିସାରିଥିଲା। ଏମିତିକି ସେତେବେଳେ ଗଣମାଧ୍ୟମ ମନଇଚ୍ଛା ବିଭିନ୍ନ ଲୋକଙ୍କୁ ଲାଇଭ୍ ରିପୋର୍ଟିଂରେ ସାମିଲ କରି, ହୋଟେଲ୍ ତଥା ବିଭିନ୍ନ ସ୍ଥାନରେ ଫସିରହିଥିବା ଲୋକମାନଙ୍କ ଜୀବନକୁ ଅନ୍ଧାର ଭିତରକୁ ଠେଲିଦେଇଥିଲା।

ଛବିଶ ଏଗାରର ଏହି ଘଟଣା ପରେ ବି ଯେମିତି ଆମର କୌଣସି ପରିବର୍ତ୍ତନ ହୋଇନାହିଁ। ଟିଆର୍‌ପି ବଢ଼େଇବା ନିଶା ଏବେ ବି ଆମ ସମସ୍ତଙ୍କୁ ଘାରିଛି। ସର୍ଜିକାଲ୍ ଷ୍ଟ୍ରାଇକ୍ ଓ ପରର ପରିସ୍ଥିତିକୁ ନେଇ ଏବେ ବି ଆଲୋଚନା ପର୍ଯ୍ୟାଲୋଚନା ଗଣମାଧ୍ୟମରେ ଜୋର୍ ଧରିଛି। ପଡ଼ୋଶୀ ଶତ୍ରୁ ଦେଶରେ ଆମର କମାଣ୍ଡୋ ଥିଲାବେଳେ ବି ବିଭିନ୍ନ ଦଳୀୟ ନେତା, ସୈନ୍ୟବାହିନୀର ପୂର୍ବତନ ଉଚ୍ଚପଦସ୍ଥ କର୍ମଚାରୀ ତଥା ଗଣମାଧ୍ୟମର ପ୍ରତିନିଧିଙ୍କୁ ନେଇ ଇଣ୍ଡିଆଗେଟ୍‌ରେ ଶତ୍ରୁ ଦେଶ ବିରୋଧରେ ସେରୋସାୟରୀ ଶୋ'ର ଆୟୋଜନ ଅନେକଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। କାରଗିଲ୍ ଯୁଦ୍ଧବେଳେ ଗଣମାଧ୍ୟମକୁ ଖବର ଦେବାକୁ ସ୍ୱତନ୍ତ୍ରଭାବେ ସରକାରଙ୍କ ପକ୍ଷରୁ କିଛି ପ୍ରତିନିଧି ଥିଲେ। ହେଲେ ଏବେ ସେମିତି କିଛି ହୋଇନାହିଁ। ଫଳରେ ବିଭିନ୍ନ ଗଣମାଧ୍ୟମରେ ଭିନ୍ନଭିନ୍ନ ଲୋକ ନିଜର ବ୍ୟକ୍ତିଗତ ମତ ଦେଇ ସାଧାରଣରେ ଭ୍ରମ ସୃଷ୍ଟି କରୁଛନ୍ତି। ନିଜକୁ ଦେଶପ୍ରେମୀର ଦୌଡ଼ରେ ସାମିଲ କରିବାକୁ ଯାଇ କିଛି ଲୋକ ଶସ୍ତା ରାଜନୀତି ବି କରୁଛନ୍ତି। ଆଉ ଏସବୁ ନେଇ ପ୍ରଶ୍ନ ପଚାରୁଥିବା ସାଧାରଣ ଲୋକଙ୍କୁ ଦେଶଦ୍ରୋହୀର ଆଖ୍ୟା ଦିଆଯାଉଛି। କଥାକଥାକେ ଦେଶଛାଡ଼ର ନାରା ଦିଆଯାଉଛି। ସୋସିଆଲ୍ ମିଡିଆରେ ସମସ୍ତେ ଯୁଦ୍ଧାସ୍ତ୍ର ଧରି ବସିଛନ୍ତି। ମୋଟାମୋଟି ଦେଖିବାକୁ ଗଲେ ଦେଶ ଏକାଠି ହେବା ଅପେକ୍ଷା ଭିନ୍ନଭିନ୍ନ ମତକୁ ନେଇ ନିଜନିଜ ଭିତରେ ଭାଗଭାଗ ହେଉଛି। ଏବେ ଦେଶର ଆଭ୍ୟନ୍ତରୀଣ ଶାନ୍ତି ତଥା ବିଭିନ୍ନ ଉଡ଼ାଖବରକୁ କାବୁରେ ରଖିବା ପାଇଁ ଜମ୍ମୁ-କଶ୍ମୀରରେ ପଡ଼ୋଶୀ ଶତ୍ରୁଦେଶର ଚ୍ୟାନେଲ୍ ଦେଖିବାକୁ ବ୍ୟାନ୍ କରାଯାଇଛି। ହେଲେ ଆମ ଦେଶର ଅନେକ ଚ୍ୟାନେଲ୍ ସହ ବିଭିନ୍ନ ସୋସିଆଲ୍ ନେଟ୍‌ୱର୍କିଂ ସାଇଟ୍ ଉପରେ ବି ନଜର ରଖିବା ଜରୁରୀ ମନେହେଉଛି।

ଗଣମାଧ୍ୟମ ସବୁବେଳେ ସତ କୁହେ, ଆଉ ଠିକ୍ ଖବର ଲୋକଙ୍କ ପାଖେ ପହଞ୍ଚାଏ- ଏହି କାରଣ ପାଇଁ ଗଣମାଧ୍ୟମକୁ ଚତୁର୍ଥ ସ୍ତମ୍ଭ କୁହାଯାଏ। ହେଲେ, ଏବେ ଗଣମାଧ୍ୟମର ଗଣିତରେ ବେଶ୍ ପରିବର୍ତ୍ତନ ଦେଖାଦେଇଛି। ଆଗରୁ ଯେକୌଣସି ଖବର ପ୍ରସ୍ତୁତ କରିବା ପୂର୍ବରୁ ସାମ୍ବାଦିକମାନେ ତାକୁ ତର୍ଜମା କରୁଥିଲେ, ତା'ର ସତ୍ୟାସତ୍ୟ ଜାଣିବାକୁ ଚେଷ୍ଟା କରୁଥିଲେ। ହେଲେ ଏବେ ଏହା ଅନ୍ୟ ଯେକୌଣସି ବୃତ୍ତି ସହ ସମାନ ହେଲାଣି। ଖବରକାଗଜ ହେଉ କି ବୈଦ୍ୟୁତିକ ଗଣମାଧ୍ୟମ, ଅଧିକାଂଶ ଦଳୀୟ ଚିହ୍ନରେ ଜଣାଗଲେଣି। ଖୁବ୍ କମ୍ ଗଣମାଧ୍ୟମ ଅଛନ୍ତି, ଯେଉଁଗୁଡ଼ିକ ଉପରେ ଦଳୀୟ ଚାପ ନାହିଁ। ଅବଶ୍ୟ ଏମିତି ଗଣମାଧ୍ୟମର ସଂଖ୍ୟା ଖୁବ୍ କମ୍। ତଥାପି ପୂରା ଲୋପ ପାଇନି ବୋଲି ଆମେ ବେଶ୍ ଦୃଢ଼ୋକ୍ତିର ସହ କହିପାରିବା। ଆଗରୁ ଗୋଟିଏ କଥା ବା ଘଟଣା ଉପରେ ରିପୋର୍ଟଟିଏ ପ୍ରସ୍ତୁତ କରିବାକୁ ହେଲେ ସାମ୍ବାଦିକମାନେ ସମୟ ନେଉଥିଲେ, ହେଉ ପଛେ ଟିକିଏ ଡେରି, ହେଲେ ଠିକ୍ ଖବର ଦେଉଥିଲେ। ଏବେ କିନ୍ତୁ ଆଉ ସେକଥା ନାହିଁ କହିଲେ ଚଳେ। ଆମେ ସମସ୍ତେ ଯେମିତି ଦୁଇ ମିନିଟିଆ ନୁଡୁଲ୍‌ସ୍ ତିଆରି ବିଜ୍ଞାପନରେ ଅନୁପ୍ରାଣିତ। କୌଣସି ଖବର ହାତକୁ ଆସିଲା ମାନେ, ତା'ର ସତ୍ୟାସତ୍ୟ ଜାଣିବା ପୂର୍ବରୁ ଆଗ ଅଧଘଣ୍ଟିଆ, ଘଣ୍ଟିକିଆ ନ୍ୟୁଜ୍ ରୁମ୍ ଆଲୋଚନାରେ ଲାଗିଯାଉଛେ। ଦୁଇ ଚାରିଜଣଙ୍କୁ ଷ୍ଟୁଡିଓ ଆଲୋଚନାରେ ବସାଇ ନିଜ ପଣ୍ଡିତପଣିଆ ଦେଖାଉଛେ। କାରଣ ଆମେ ଯଦି ନ କରିବା ତା'ହେଲେ ଏଇଟା ଆଉ କିଏ ଆମ ପୂର୍ବରୁ କରିଦେବ। ସେ ଆଞ୍ଚଳିକ ହେଉ କି ଘରୋଇ-ଜାତୀୟ ଟିଭି ଚ୍ୟାନେଲ୍, ଅଳ୍ପବହୁତେ ସବୁଠି ସେଇ ସମାନ ଅବସ୍ଥା। ଗୋଟିଏ କଥା ଦେଖେଇବେ, ଗୋଟିଏ ଏଜେନ୍ସିଠୁ ଖବର କି ନିର୍ବାଚନ ଫଳାଫଳ ନେବେ, ହେଲେ ସମସ୍ତେ ଏକାସାଙ୍ଗରେ ଏକ୍ସକ୍ଲୁସିଭ୍ ଲେଖିବେ। କିଛି ଜାତୀୟ ତଥା ଆଞ୍ଚଳିକ ଖବରକାଗଜର ବି ସେଇ ସମାନ ଅବସ୍ଥା। ସମସ୍ତଙ୍କଠୁ ଭିନ୍ନ ଦେଖେଇବାକୁ ଯାଇ ମିଛ ଖବରକୁ ସେନ୍‌ସେଶନାଲ କରିବେ। ଆଉ ମିଛ ଖବରର ମାଫିନାମା କେଉଁ ଗୋଟେ କୋଣରେ ଦୁଇଧାଡ଼ିରେ ଲେଖି ନିଜ ଭୁଲ୍ ସୁଧାରିବେ।

ଗଣମାଧ୍ୟମ ପରି ବୋଧହୁଏ ବିଭିନ୍ନ ରାଜନୈତିକ ଦଳକୁ ବି ସଚେତନ ହେବାର ସମୟ ଆସିଛି। କିଛିଦିନ ତଳେ ବଲିଉଡ୍ ମୁଭି ଉରି ରିଲିଜ୍ ହୋଇଥିଲା। ବକ୍ସ ଅଫିସ୍‌ରେ ଏହା ଉଭୟ ଟଙ୍କା ଓ ନାଁ କମେଇଥିଲା। ଏହାକୁ ଦେଖିଲେ ସାଧାରଣ ଲୋକେ ଦେଶପ୍ରେମରେ ଅନୁପ୍ରାଣିତ ହେବା ପରି ସବୁ ଖୋରାକ ବି ଯୋଗାଇଥିଲା, ଯାହା ସ୍ୱାଗତଯୋଗ୍ୟ। ହେଲେ ଏହା ଆଗାମୀ ନିର୍ବାଚନକୁ ଆଖିଆଗରେ ରଖି ପ୍ରସ୍ତୁତ କରାଯାଇଥିବା କଥାରେ ଡେଣ୍ଟାଲ୍ ପ୍ରାଇମ୍‌ମିନିଷ୍ଟର୍ ହେଉ କି ବାଲ୍‌ଥାକ୍‌ରେ ଆଦି ପରି ବାୟୋପିକ୍ ଫିଲ୍ମ, ଏସବୁ ନିର୍ବାଚନୀ ପ୍ରଚାରର ଅଂଶବିଶେଷ ମାତ୍ର। ଆଗରୁ ଦେଶପ୍ରେମକୁ ନେଇ ଅନେକ ଫିଲ୍ମ କରାଯାଇଛି। ଅତୀତରେ କାର୍‌ଗିଲ୍ ଓ ପୋଖ୍‌ରାନ୍ ପରି ଚଳଚ୍ଚିତ୍ର ବି କରାଯାଇଛି। କେବଳ ଏଇ ଦୁଇଟି ନୁହେଁ ବରଂ ବୀରଜାରା ଓ ବଜ୍‌ରଙ୍ଗି ଭାଇଜାନ୍ ପରି ଫିଲ୍ମରେ ବି ଉଭୟ ଦେଶ କଥା ସକାରାତ୍ମକ ଭଙ୍ଗୀରେ ଦେଖାଯାଇଛି। ହେଲେ 'ଉରି' ପରି ଫିଲ୍ମ କିନ୍ତୁ ଥିଲା ଟିକିଏ ଭିନ୍ନ। ଏଥିରେ ସର୍ଜିକାଲ୍ ଷ୍ଟ୍ରାଇକ୍ ପରି ସେନ୍ସିଟିଭ୍ ଇସ୍ୟୁକୁ ନିଆଯାଇଥିଲା। ଦେଶର ଆଭ୍ୟନ୍ତରୀଣ ଇସ୍ୟୁ, ସେନାର ବିଭିନ୍ନ ପଦକ୍ଷେପ, ଶତ୍ରୁଙ୍କୁ ସଂହାର କରିବାର ବିଭିନ୍ନ ଉପାୟକୁ ନେଇ ରାଜନୀତିରେ ଅସ୍ଥାୟୀ ଫାଇଦା ପାଇଁ ଚଳଚ୍ଚିତ୍ର କରିବା ବୋଧହୁଏ ଠିକ୍ ନୁହେଁ। ବରଂ ପଡ଼ୋଶୀ ଦେଶକୁ ଉଚିତ ଶିକ୍ଷା ଦେବା ପାଇଁ ହେଲେ ଆମ ଆଭ୍ୟନ୍ତରୀଣ ଶକ୍ତିକୁ, ଆମର ପ୍ରତିଟି ପଦକ୍ଷେପକୁ, ଆମ ସେନାକୁ ଆଉ ଆମର ପ୍ରକୃତ ହିରୋଙ୍କୁ ନକଲି ହିରୋଙ୍କ ଦୁନିଆରୁ ଦୂରେଇ ରଖିବା ନିହାତି ଜରୁରୀ।

ଆଜି ବି ଆମ ଦେଶ ତଥା ରାଜ୍ୟର ଅଧିକାଂଶ ଅଞ୍ଚଳରେ ଲୋକେ ଦୁଇଓଳି ଦୁଇମୁଠା ପେଟପୂରା ଖାଇବାକୁ ପାଆନ୍ତି ନାହିଁ। ବିଭିନ୍ନ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ବହୁମୁଖୀ ଯୋଜନା ସତ୍ତ୍ୱେ ଆଜି ସାଧାରଣ ନ ଥିବାବାଲା ଲୋକଟିଏ ଉପରେ ଦାଉ ସାଧନ୍ତି ସରକାରୀ ଓ ଥିଲାବାଲା ଲୋକମାନେ। କିନ୍ତୁ ଗଣମାଧ୍ୟମର ଅଶୀ ପ୍ରତିଶତ ସମୟ ଯାଏ ରାଜନେତା ଓ ବ୍ୟବସାୟୀଙ୍କ ପଛରେ। ନାମକୁମାତ୍ର ବିଭିନ୍ନ ସମସ୍ୟା ତଥା ତା'ର ସମାଧାନର ବାଟ ବାହାର କରିବାର କାର୍ଯ୍ୟକ୍ରମକୁ ଜାଗା ଓ ସମୟ ଦିଆଯାଏ। କାରଣ ଗଣମାଧ୍ୟମର ଗଣିତ ହିସାବରେ ହଟ୍ ନ୍ୟୁଜ୍ ହିଁ ଟିଆର୍‌ପି ଦିଏ। ଟିଆର୍‌ପି ପାଇଁ ବିଜ୍ଞାପନ ଆସେ ଆଉ ବିଜ୍ଞାପନ ଆସିଲେ ହିଁ ଗଣମାଧ୍ୟମ ତା'ର ପାଉଣା ପାଏ। ଆଗରୁ କଲମ, ସାମ୍ବାଦିକତା ଏସବୁ ସରସ୍ୱତୀଙ୍କ ସହ ଯୋଡ଼ା ଯାଉଥିଲା। ହେଲେ ଏସବୁ ଯେବେଠୁ ଲକ୍ଷ୍ମୀଙ୍କ ସହ ଯୋଡ଼ାହେଲା, ସେବେଠୁ ଏହାର ଚିତ୍ର ବଦଳିବା ଆରମ୍ଭ ହେଲା। ଚତୁର୍ଥ ସ୍ତମ୍ଭ ଲୋକଙ୍କ ପାଇଁ, ତେଣୁ ଅନ୍ତତଃ ଗଣମାଧ୍ୟମ ଓ ଗଣମାଧ୍ୟମର ଉପର ସ୍ତରରେ ନିଷ୍ପତ୍ତି ନେଉଥିବା ଲୋକମାନଙ୍କୁ ଏ ବିଷୟରେ ଭାବିବାକୁ ପଡ଼ିବ। ଯେକୌଣସି ଖବର ପ୍ରସାରଣ ପୂର୍ବରୁ ନିଜର ବ୍ୟାବସାୟିକ ଲାଭ ସହ ଅନ୍ତତଃ ସାଧାରଣ ଲୋକଙ୍କ ସୁରକ୍ଷା କଥା ଭାବିବାକୁ ପଡ଼ିବ ହିଁ ପଡ଼ିବ।

ମୋ-୯୩୩୮୫୬୬୫୮୭,
saumya.consultant@gmail.com

# ଜାତୀୟ ସରକାର ହେଲେ କ୍ଷତି କ'ଣ



ଗିରିଜାଶଙ୍କର ତରାସିଆ

ଭାରତବର୍ଷର ତଦାନୀନ୍ତନ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ପ୍ରତାପ ସିଂ ଦେଶରେ ଜାତୀୟ ସରକାର ଗଠନ ସମ୍ପର୍କରେ ନିଜର ମତାମତ ପ୍ରକାଶ କରିବାକୁ ଯାଇ ୧୯୯୦ ମସିହା ଜୁନ୍ ୫ ତାରିଖ ଦିନ ଦର୍ଶାଇଥିଲେ କି, ସର୍ବନିମ୍ନ କାର୍ଯ୍ୟକ୍ରମକୁ ଭିତ୍ତିକରି ଯଦି ସର୍ବସମ୍ମତିକ୍ରମେ କେନ୍ଦ୍ରରେ ଏକ ଜାତୀୟ ସରକାର ଗଠନ କରାଯାଏ ତେବେ ସେ ଏହାକୁ ଦୃଢ ସମର୍ଥନ ଜଣାଇବେ। ଦେଶ ସ୍ୱାଧୀନତା ପ୍ରାପ୍ତିର ପ୍ରାୟ ବାସ୍ତରିବର୍ଷ ପରେ ଭାରତବର୍ଷର ସାମାଜିକ ଓ ଅର୍ଥନୈତିକ ଅବସ୍ଥା ଏକ ପ୍ରକାର ବିପର୍ଯ୍ୟସ୍ତ ହୋଇପଡ଼ିଛି। ଅବଶ୍ୟ ଦେଶର ଆଦୌ ପ୍ରଗତି ହୋଇ ନାହିଁ ବୋଲି କୁହାଯାଉ ନାହିଁ। କିନ୍ତୁ ଯେଉଁ ମାତ୍ରାରେ ଅଭିବୃଦ୍ଧି ହେବାକଥା ତାହା ପରିଲକ୍ଷିତ ହେଉନାହିଁ। ବିମୁଦ୍ରୀକରଣ ଏବଂ ଜିଏସ୍‌ଟି ପ୍ରଚଳନ ଯୋଗୁ ଭାରତର ଆର୍ଥିକ ଅବସ୍ଥାରେ ଅବନତି ଘଟିଥିବା କଥା ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ରଘୁରାମ ରାଜନ କହିଛନ୍ତି। ୧୯୪୫ ଦ୍ୱିତୀୟ ବିଶ୍ୱ ମହାସମର ସମୟରେ ପରମାଣୁ ବୋମାର ଶିକାର ହୋଇ ଜାପାନର ଅର୍ଥନୀତି ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିବା ସହିତ ବ୍ୟାପକ ଧନଜୀବନ ନଷ୍ଟ ହୋଇଥିଲେ ମଧ୍ୟ କୌଣସି କଞ୍ଚାମାଲ ନ ଥିବା ଜାପାନ ଦେଶର ଅଧିବାସୀଙ୍କ ନିଷ୍ଠା, ଆତ୍ମତ୍ୟାଗ ଏବଂ ପ୍ରଚଣ୍ଡ ଦେଶପ୍ରେମ ଯୋଗୁ ଆଜି ବିଶ୍ୱର ଏକ ପ୍ରଗତିଶୀଳ ଦେଶଭାବେ ମୁଣ୍ଡ ଟେକିପାରିଛି। ଅଥଚ ନିକଟ ଅତୀତରେ ପ୍ରକାଶିତ ବିଶ୍ୱ କ୍ଷୁଧା ସୂଚକାଙ୍କ ୨୦୧୮ ଅନୁଯାୟୀ ଭାରତ ୧୧୯ଟି ଦେଶ ମଧ୍ୟରେ ୧୦୩ ସ୍ଥାନରେ ରହିଛି। ଅର୍ଥାତ୍ ଭାରତର ସ୍ଥାନ ୧୦୨ଟି ଦେଶ ତଳେ ରହିଛି।

ଭାରତରେ ବେକାରି ସମସ୍ୟା ଗୁରୁତର ରୂପ ଧାରଣ କରିଥିବା ବେଳେ ଲିଙ୍ଗଗତ ବୈଷମ୍ୟ ଅନ୍ୟ ଦେଶମାନଙ୍କ ତୁଳନାରେ ଅଧିକ ଥିବା ଲକ୍ଷ୍ୟ କରାଯାଉଛି। ଅଥଚ ଦେଶସେବା ପାଇଁ ଅଙ୍ଗୀକାରବଦ୍ଧ ବୋଲି ଦାବି କରୁଥିବା ରାଜନୈତିକ ଦଳଗୁଡ଼ିକ ସଂକୀର୍ଣ୍ଣ ଦଳୀୟ ସ୍ୱାର୍ଥରୁ ଊର୍ଦ୍ଧ୍ୱରେ ରହି ବୃହତ୍ତର ଜାତୀୟ ସ୍ୱାର୍ଥ ରକ୍ଷା ନିମନ୍ତେ ତତ୍ପରତା ପ୍ରକାଶ କରୁନାହାନ୍ତି। ଦେଶ ସ୍ୱାଧୀନତା ପରେ ୧୯୫୧ ଜନପ୍ରତିନିଧି ଆଇନ ଅନୁଯାୟୀ ୧୯୫୨ ମସିହାରେ ଦେଶରେ ପ୍ରଥମ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ପଶ୍ଚିମବଙ୍ଗର ତତ୍କାଳୀନ ମୁଖ୍ୟ ଶାସନ ସଚିବ ସୁକୁମାର ସେନ୍ ସ୍ୱାଧୀନ ଭାରତର ପ୍ରଥମ ନିର୍ବାଚନ କମିଶନର ଭାବେ ନିଯୁକ୍ତି ପାଇଲେ। ତାଙ୍କର କୁଶଳ ପରିଚାଳନା ଯୋଗୁ ନାନା ପ୍ରତିବନ୍ଧକ ସତ୍ତ୍ୱେ ଦେଶର ପ୍ରଥମ ସାଧାରଣ ନିର୍ବାଚନ ନିରପେକ୍ଷ ଏବଂ ଶାନ୍ତିପୂର୍ଣ୍ଣ ଭାବେ ସଫଳତାର ସହିତ ଅନୁଷ୍ଠିତ ହୋଇଥିଲା। ଦେଶର ପ୍ରାୟ ୧୮ କୋଟି ସାବାଳକ ସେମାନଙ୍କର ମତଦାନ କରିବାର ଯୋଗ୍ୟତା ହାସଲ କରିଥିଲେ। ନିର୍ବାଚନର ବ୍ୟୟବହୁଳତାକୁ କମ୍ କରାଇବାର ଲକ୍ଷ୍ୟନେଇ ୧୯୫୨ର ଏହି ପ୍ରଥମ ସାଧାରଣ ନିର୍ବାଚନରେ ଲୋକ ସଭାର ପ୍ରାୟ ୫୦୦ ଆସନ ସହିତ ଦେଶର ୪,୦୦୦ ବିଧାନସଭା ଆସନ ନିମନ୍ତେ ଏକ ସମୟରେ ନିର୍ବାଚନ ଅନୁଷ୍ଠିତ ହେଲା। ଅବଶ୍ୟ ପ୍ରବଳ ତୁଷାରପାତକୁ ଦୃଷ୍ଟିରେ ରଖି ସ୍ୱାଧୀନ ଭାରତର ପ୍ରଥମ ସାଧାରଣ ନିର୍ବାଚନର ପ୍ରଥମ ମତଦାନ ୧୯୫୧ ମସିହା ଅକ୍ଟୋବର ୨୫ ତାରିଖରେ ହିମାଚଳ ପ୍ରଦେଶର ଚିନି ତହସିଲ (ଜିଲା)ରେ ଅନୁଷ୍ଠିତ ହୋଇଥିଲା। ଦେଶର ଅନ୍ୟପ୍ରାନ୍ତରେ ୧୯୫୨ ମସିହା ଜାନୁୟାରୀ ଓ ଫେବୃୟାରୀରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏହି ନିର୍ବାଚନରେ ପ୍ରାୟ ୧୦ କୋଟି ଟଙ୍କା ସରକାରୀ ଭାବେ ବ୍ୟୟ କରାଯାଇଥିଲା। ଏବେ କିନ୍ତୁ ନିର୍ବାଚନ ପରିଚାଳନା ନିମନ୍ତେ ବିପୁଳ ପରିମାଣର ଅର୍ଥ ବ୍ୟୟ କରାଯାଉଛି।

୨୦୦୨ ମସିହା ମୌସୁମୀ ଅଧିବେଶନରେ ଲୋକ ସଭା ସଦସ୍ୟମାନଙ୍କର ଆଚରଣରେ ଅସନ୍ତୋଷ ପ୍ରକାଶ କରି ୨୦୦୨ ଅଗଷ୍ଟ ୧୧ ତାରିଖ ଇକୋନମିକ ଟାଇମ୍‌ସ ଖବରକାଗଜରେ ଦର୍ଶାଯାଇଥିଲା ଯେ; "The Lok sabha spent a whopping Rs 3.8 crore of the tax payers' money this week and all the MPs did was to enter the House and came out within minutes."

ନିର୍ବାଚନ ସମୟରେ ପରସ୍ପର ବିରୋଧରେ ଲଢୁଥିବା ରାଜନୈତିକ ଦଳଗୁଡ଼ିକ ନିର୍ବାଚନ ପରେ ହାତକୁ ହାତ ମିଳାଇ ମିଳିତ ସରକାର ଗଠନ କରିପାରୁଛନ୍ତି। ଅର୍ଥାତ୍ କୌଣସି ରାଜନୈତିକ ଦଳ ପାଇଁ କୌଣସି ରାଜନୈତିକ ଦଳ ଆଉ ଅସ୍ପୃଶ୍ୟ ହୋଇ ରହିନାହିଁ। ବିଶ୍ୱ ଇତିହାସକୁ ଅନୁଧ୍ୟାନ କଲେ ଦେଖାଯାଇଛି ଯେ, ଅନେକ ରାଷ୍ଟ୍ରରେ ସଙ୍କଟ ସମୟରେ ମିଳିତ ସରକାର ବା ଜାତୀୟ ସରକାରମାନ ଗଠିତ ହୋଇଛି। ଇଂଲଣ୍ଡରେ ୧୭୫୭ ଖ୍ରୀଷ୍ଟାବ୍ଦରେ ଏଲିଡରଙ୍କ ନେତୃତ୍ୱରେ ମିଳିତ ସରକାର ଗଠିତ ହୋଇଥିବା ବେଳେ ୧୭୮୨ରେ ୱିଲିୟମ ଫକ୍ସ, ୧୮୯୫ରେ ଲର୍ଡ ସାଲିସ୍‌ବରୀ ପ୍ରମୁଖ ମିଳିତ ସରକାରର ନେତୃତ୍ୱ ନେଇଥିଲେ। ୧୯୨୯ ମସିହାରେ ଇଂଲଣ୍ଡରେ ଗୁରୁତର ଅର୍ଥନୈତିକ ସଙ୍କଟ ଦେଖାଦେବାରୁ ରାମ୍‌ସେ ମ୍ୟାକ୍‌ଡୋନାଲଡଙ୍କ ନେତୃତ୍ୱରେ ଜାତୀୟ ସ୍ୱାର୍ଥରକ୍ଷା ପାଇଁ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ନେଇ ଜାତୀୟ ସରକାର ଗଠନ କରାଯାଇଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ସୃଷ୍ଟି ହୋଇଥିବା ଜରୁରିକାଳୀନ ପରିସ୍ଥିତିରେ ଇଂଲଣ୍ଡର ତିନିମୁଖ୍ୟ ରାଜନୈତିକ ଦଳ କଞ୍ଜରଭେଟିଭ ପାର୍ଟି, ଲେବର ପାର୍ଟି ଏବଂ ଲିବରାଲ ପାର୍ଟିକୁ ନେଇ ଚାଲିଥିବା ଜାତୀୟ ସରକାର ୧୯୪୦ରୁ ୧୯୪୫ ପର୍ଯ୍ୟନ୍ତ ସଫଳତାର ସହିତ କାର୍ଯ୍ୟ କରିଥିବାର ନଜିର ରହିଛି। ଏହି ଜାତୀୟ ସରକାରର ନେତୃତ୍ୱ ନେଇଥିଲେ ସାର୍ ୱିନ୍‌ଷ୍ଟନ ଚର୍ଚ୍ଚିଲ।

ପାକିସ୍ତାନ ଦ୍ୱାରା ନିୟୋଜିତ ବିଚ୍ଛିନ୍ନତାବାଦୀ ଶକ୍ତିମାନେ ଭାରତ ମାଟିରେ ଯେଉଁଭଳି ସନ୍ତ୍ରାସବାଦୀ କାର୍ଯ୍ୟକଳାପ ଚଳାଇ ଭାରତର ଅଖଣ୍ଡତା ପ୍ରତି ବିପଦ ସୃଷ୍ଟି କରିବାରେ ଲାଗିଛନ୍ତି ଏହାର ଠିକ୍ ମୁକାବିଲା କରିବା ପାଇଁ ତଥା ଦେଶରେ ଦେଖାଦେଇଥିବା ଗୁରୁତର ଆର୍ଥିକ ସଙ୍କଟକୁ ସୁଧାରିବା ସହିତ ଉତ୍କଟ ବେକାରି ସମସ୍ୟାର ସମାଧାନ ନିମନ୍ତେ କିଛି ଦିନ ପାଇଁ କେନ୍ଦ୍ରରେ ଏକ ଜାତୀୟ ସରକାର ଗଠନ ହେଲେ କ୍ଷତି କ'ଣ?

ଖଣ୍ଡପଡ଼ା, ନୟାଗଡ଼, ମୋ- ୯୯୩୭୩୩୪୮୦୦

## ଏଇ ଭାରତରେ

୬୧ ବର୍ଷ ବୟସ୍କା ଜଣେ ମହିଳା ଦୀର୍ଘ ୧୫ ବର୍ଷ ହେଲା ପରଘର ଝାଡୁ ମାରି ପେଟ ପୋଷୁଥିଲେ। ପ୍ରମିଳା ନାମ୍ନୀ ଏହି ମହିଳାଙ୍କ ଦୁଃଖ କାହାଣୀ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ସିଟି ପୋଲିସ ଉକ୍ତ ମହିଳାଙ୍କୁ ତାଙ୍କ ପୁଅ ସହ ଭେଟ କରାଇବାରେ ସହାୟତା କରିଥିଲେ। ଦୀର୍ଘ ବର୍ଷ ପରେ ମା' ଓ ପୁଅଙ୍କ ମିଳନ ଏବେ ଚର୍ଚ୍ଚାର ବିଷୟ ହୋଇଛି। ମହାରାଷ୍ଟ୍ରର ନାଶିକ ଜିଲାର ବାସିନ୍ଦା ନନ୍ଦୁରବାର ସହରର ମୂଳ ବାସିନ୍ଦା ଉକ୍ତ ମହିଳା ୧୯୯୫ରେ ତାଙ୍କ ସ୍ୱାମୀଙ୍କୁ ହରାଇଥିଲେ। କଠିନ ପରିଶ୍ରମ କରି ପୁଅ ଦୁହିଁଙ୍କୁ ପାଠ ପଢ଼ାଇଥିଲେ। ଜଣେ ପୁଅ ସେଲ୍ସଟ୍ୟାକ୍ସ ଅଫିସରେ ସୁପରିଣ୍ଟେଣ୍ଡେଣ୍ଟ ଏବଂ ଆଉ ଜଣେ ବସ୍ କଣ୍ଡକ୍ଟର ଭାବେ ଚାକିରି ପାଇଥିଲେ। ମନୋମାଳିନ୍ୟ କାରଣରୁ ଦୁଇପୁଅ ମା'ଠାରୁ ଅଲଗା ହୋଇଯାଇଥିଲେ। ଶେଷରେ ଏହି ମହିଳା ପରଘରେ କାମକରି ନିଜ ପେଟ ପୋଷିଲେ। ପୁଅମାନେ କେଉଁଠି ରହିଲେ ସେ ବିଷୟରେ ପ୍ରମିଳା କିଛି ଜାଣିପାରିଲେ ନାହିଁ। ଗତ ସପ୍ତାହରେ ଏକ ଭିଡିଓ କ୍ଲିପ୍ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ସେଥିରେ ପ୍ରମିଳା ଜଣାଇଥିଲେ ତାଙ୍କର ଜଣେ ପୁଅ ସତୀଶ ପାୱାର ପୋଲିସ ସବ୍-ଇନ୍ସପେକ୍ଟର ଏବଂ ଆଉ ଜଣେ ଅତୀଶ ପାୱାର ମହାରାଷ୍ଟ୍ର ରାଜ୍ୟ ସଡ଼କ ପରିବହନ ନିଗମରେ କଣ୍ଡକ୍ଟର ଭାବେ କାମ କରନ୍ତି। ନାଶିକ ପୋଲିସ କମିଶନର ଏହି ଭିଡିଓ କ୍ଲିପ୍‌କୁ ଦେଖିବାର ସୁଯୋଗ ପାଇ କେତେକ କର୍ମଚାରୀଙ୍କୁ ପୋଲିସ ବିଭାଗରେ କାର୍ଯ୍ୟରତ ପ୍ରମିଳାଙ୍କ ପୁତ୍ରର ସନ୍ଧାନ ନେବାକୁ କହିଥିଲେ। ପୋଲିସ ଅନୁସନ୍ଧାନ କରୁ କରୁ ସେଲ୍ସଟ୍ୟାକ୍ସ ଅଫିସ୍‌ର ଜିଏସ୍‌ଟି ସେକ୍ସନରେ ଥିବା ଜାଣିବାକୁ ପାଇଥିଲେ। ସତୀଶ ପାୱାର ଏବଂ ତାଙ୍କ ମା'ଙ୍କୁ ପୋଲିସ କମିଶନର ଅଫିସକୁ ଡକାଯିବା ପରେ ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ ଦୂର କରାଯାଇଥିଲା। ମା'ପୁଅ ପରସ୍ପରକୁ ମିଠା ଖୋଇବା ପରେ ପୁଅ ମା'ଙ୍କୁ ସାଥିରେ ନେଇ ଘରକୁ ଫେରିଥିଲେ।

## ଚିରନ୍ତନୀ

ଭୁଲିବାକୁ ମୋତେ କରିଥିଲୁ ଅଭିଳାଷ
ଲୋଡ଼ିଥିଲୁ କେତେ ଅଖଣ୍ଡ ଅବକାଶ,
ଛାଡ଼ି ଏ ଧରଣୀ ଆକାଶ ବିହାର ଲାଗି
ସ୍ୱପନ ମଦିରା ପାନେ ହେଲୁ ଅନୁରାଗୀ।
(ଜୀବନର ସ୍ୱର୍ଣ୍ଣ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଅଭିନନ୍ଦନ ପ୍ରେରଣାର ଉତ୍ସ

ମହାଶୟ,

ଆମ ଦେଶର ବୀର ଯବାନ ଅଭିନନ୍ଦନଙ୍କୁ ବିନା ସର୍ତ୍ତରେ ପାକିସ୍ତାନ ପ୍ରତ୍ୟର୍ପଣ କରିବା ପରେ ସତ୍ୟ ଓ ନ୍ୟାୟର ଜୟ ହୋଇଛି। ଅଭିନନ୍ଦନଙ୍କ ବୀରତ୍ୱପୂର୍ଣ୍ଣ କାର୍ଯ୍ୟ ଜାତି, ବର୍ଣ୍ଣ, ଧର୍ମ, ଭାଷା ତଥା ବୟସ ନିର୍ବିଶେଷରେ ସମଗ୍ର ଭାରତବାସୀଙ୍କୁ ଅସୀମ ଦେଶପ୍ରେମରେ ଉଦ୍‌ବୁଦ୍ଧ କରିଛି। ଏପରି କି ଯୁବସମାଜ ସହିତ ଛୋଟ ପିଲାଟିଏ ବି ବଡ଼ମାନଙ୍କ ସହିତ ସ୍ୱର ମିଳାଇ ଭାରତ ସେନା ଜିନ୍ଦାବାଦ୍ ସ୍ଲୋଗାନ ଦେଇ ବଡ଼ ହେଲେ ଯବାନ ହେବି ବୋଲି କହୁଛି। ଏହା ଆମ ଦେଶ ପାଇଁ ନିଶ୍ଚିତ ଭାବେ ଏକ ଶୁଭସଙ୍କେତ। ଏଇ ପରିପ୍ରେକ୍ଷୀରେ ଆମ ଦେଶର ସେନାକୁ ଅଧିକ ମଜଭୁତ ଓ ସଙ୍ଗଠିତ କରିବା ତଥା ଯବାନମାନଙ୍କୁ ସହଯୋଗ କରିବା ପାଇଁ ସମଗ୍ର ଦେଶର ସମସ୍ତ ସରକାରୀ ବା ବେସରକାରୀ କର୍ମଚାରୀ ନିଜ ନିଜର ଦିନକର ଦରମା ସେନାପାଣ୍ଠିକୁ ମୁକ୍ତ ହସ୍ତରେ ଦାନ କରିବାକୁ ନିବେଦନ କରୁଛି। ଯବାନମାନେ ସୀମାରେ ସଜାଗ ଅଛନ୍ତି ବୋଲି ତ ଆମେ ଶାନ୍ତିରେ ଶୋଇପାରୁଛୁ।

ଡ. ନିରଞ୍ଜନ ସାହୁ, ସାହୁପଡ଼ା, ବରୀ, ଯାଜପୁର

### ମୋ ବସ୍ କଣ୍ଡକ୍ଟରଙ୍କ କାରସାଦି

ମୋ ବସ୍ ଜନସାଧାରଣଙ୍କ ଯାତାୟାତ ପାଇଁ ଉତ୍ତମ ସେବା ପ୍ରଦାନ କରୁଛି। ଯାତ୍ରୀଙ୍କ ସୁବିଧା ଅସୁବିଧାକୁ ତଦାରଖ କରିବା ପାଇଁ ପରିଦର୍ଶକମାନେ ନିଯୁକ୍ତି ପାଇଛନ୍ତି। ଟିକେଟ ସ୍ୱଚ୍ଛତା ପାଇଁ ମଝିରେ ମଝିରେ ଯାଞ୍ଚ କରାଯାଉଛି। ତଥାପି କିଛି କଣ୍ଡକ୍ଟର କିଛି ଯାତ୍ରୀଙ୍କୁ ଟିକେଟ୍ ନ ଦେଇ ଭଡ଼ା ଆଦାୟ କରୁଛନ୍ତି। ଏଥିପାଇଁ ଯାତ୍ରୀ ମଧ୍ୟ ଅନୁରୂପ ଭାବେ ଦାୟୀ। ବିନା ଟିକେଟ୍ ପଇସା କମ୍ପାନୀ ତହବିଲକୁ ନ ଯାଇ କଣ୍ଡକ୍ଟରମାନଙ୍କ ପକେଟକୁ ଯାଉଛି। ଏପରି ଅବସ୍ଥା ଚାଲୁ ରହିଲେ ନିଶ୍ଚୟ କିଛିଦିନ ପରେ ସଂସ୍ଥା ଦେବାଳିଆ ହୋଇଯିବ। ତେଣୁ ଉକ୍ତ ବସ୍‌ଗୁଡିକର ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ନିବେଦନ ଉକ୍ତ ଘଟଣା ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ।

ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# 'ଭ୍ରଷ୍ଟାଚାରୀଙ୍କୁ ପ୍ରାର୍ଥୀ କରିଛି ବିଜେଡି'

ସମ୍ବଲପୁର, ୨।୪ (ବ୍ୟୁରୋ)

ସମ୍ବଲପୁର ଲୋକ ସଭାରେ ବିଜେଡି ଜଣେ ଭ୍ରଷ୍ଟାଚାରୀ, ଦୁର୍ନୀତିଗ୍ରସ୍ତ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀଙ୍କୁ ପ୍ରାର୍ଥୀ କରିଛି। ତାଙ୍କ କାର୍ଯ୍ୟକାଳ ସମୟରେ ଅନେକ ପୋଲ ଭୁଶୁଡ଼ି ପଡ଼ିଥିଲା। ଅଟକଳ ମୂଲ୍ୟଠାରୁ କୋଟି କୋଟି ଟଙ୍କା ଅଧିକ ବିଲ୍ କରାଯାଇ ବାଟମାରଣା କରାଯାଇଥିଲା। ସେହି ପ୍ରାର୍ଥୀଙ୍କୁ ଜନସାଧାରଣ ଗ୍ରହଣ କରିବେ ନାହିଁ। ଅନ୍ୟପଟେ ଭାଜପା ପ୍ରାର୍ଥୀ ନୀତୀଶ ଗଙ୍ଗଦେବଙ୍କ ନାମରେ କୌଣସି ଅଭିଯୋଗ ନାହିଁ। ତାଙ୍କର ଲୋକପ୍ରିୟତା ରହିଛି। ତେଣୁ ଭାଜପା ନିଶ୍ଚୟ ବିଜୟୀ ହେବ। ରାଜ୍ୟର ୨୧ ଲୋକ ସଭା ଆସନରେ ଭାଜପା ଦକ୍ଷ ଓ ବିଜୟ ସମ୍ଭାବନା ଥିବା ପ୍ରାର୍ଥୀଙ୍କୁ ମଇଦାନକୁ ଓହ୍ଲାଇଛି। ତେଣୁ ସବୁ ଲୋକ ସଭା ଆସନ ଦଳ ଦଖଲ କରିବ। ଅନୁରୂପ ଭାବେ ବିଧାନସଭା ଆସନରେ ମଧ୍ୟ ଭାଜପା ଭଲ ପ୍ରଦର୍ଶନ କରି ୧୨୦ ମିଶନ ପୂରା କରିବ ବୋଲି ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଭାଜପା ଓଡ଼ିଶା ପ୍ରଭାରୀ ଅରୁଣ ସିଂ ଦମ୍ଭୋକ୍ତି ପ୍ରକାଶ କରିଛନ୍ତି। ସେ କହିଲେ, ବିଜେଡି ଓଡ଼ିଶାରେ ୧୯ ବର୍ଷ ଶାସନ କରିଛି। ହେଲେ ଆଜିପର୍ଯ୍ୟନ୍ତ ଲୋକଙ୍କ ସାଧାରଣ ସମସ୍ୟା ଦୂର ହୋଇପାରି ନାହିଁ। ଏବେ ମଧ୍ୟ ପିଇବା ପାଣି ସମସ୍ୟା ଯୋଗୁ ସହରରେ ଜଣ୍ଡିସ ଭଳି ମହାମାରୀ ରୋଗ ବ୍ୟାପୁଛି। ଏହାର ପ୍ରତିକାର ବ୍ୟବସ୍ଥା କରିବାକୁ ଯାଇ ବିଜେଡି ସରକାର ୧୬୦ କୋଟି ଟଙ୍କା ଖର୍ଚ୍ଚ ଦର୍ଶାଇ ତାହାକୁ ହଡ଼ପ କରିଛି। ନିକଟରେ ପୁଣି ସହରରେ ଜଣ୍ଡିସ ରୋଗୀ ଚିହ୍ନଟ ହୋଇଛନ୍ତି। ଫ୍ଲାଏଓଭର କାମ ପାଇଁ ପ୍ରଥମେ ୬୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିବାବେଳେ ଏବେ ତାହା ୨୧୨ କୋଟି ଟଙ୍କାରେ ପହଞ୍ଚିଥିଲେ ମଧ୍ୟ କାମ ଅସମ୍ପୂର୍ଣ୍ଣ ରହିଛି। ବିଜେଡି ସରକାର ରାଜ୍ୟରେ ବିକାଶ କରିପାରୁ ନାହିଁ। ଏଠାରେ ଜଣେ ଆଇଏଏସ୍ ଅଧିକାରୀ ସରକାର ପରିଚାଳନା କରୁଛନ୍ତି। ସରକାରରେ ନେତାମାନଙ୍କର କୌଣସି ଭୂମିକା ନାହିଁ। ବିଜେଡି ନିର୍ବାଚନ ହାରିବା ଭୟରେ ପ୍ରଶାସନିକ ଅଧିକାରୀ, ପୋଲିସ ମାଧ୍ୟମରେ ଭାଜପା ନେତା ଓ କର୍ମକର୍ତ୍ତାଙ୍କୁ ମିଥ୍ୟା ମାମଲାରେ ଫସାଇ ଅଯଥାରେ ହାଇରାଣ ହରକତ କରୁଛି। କିଛିଦିନ ତଳେ ବରଗଡ଼ ଜିଲାରେ ଭାଜପା ଜିଲା ପରିଷଦ ସଭ୍ୟାସଭ୍ୟମାନଙ୍କୁ ଅପହରଣ କରାଯାଇଥିଲା। ସେମାନଙ୍କୁ ଆର୍ଥିକ ପ୍ରଲୋଭନ ଦେଖାଯାଇଥିଲା। ନ ମାନିବାରୁ ଜୀବନରେ ମାରିଦେବାକୁ ଧମକ ଦିଆଯାଇଛି। ଏ ନେଇ ଥାନାରେ ଅଭିଯୋଗ କରାଯାଇଛି। ଏଥିରୁ ସ୍ପଷ୍ଟ ହେଉଛି ଯେ ବିଜେଡି ହୀନ ରାଜନୀତି କରୁଛି। ବିଜେଡିର ୩ ଏମ୍‌ପି ଓ ୩୫ ବିଧାୟକ ଭାଜପାରେ ଯୋଗଦେଇଛନ୍ତି। ପ୍ରତିଦିନ ଭାଜପା ମିଶ୍ରଣ ପର୍ବରେ ବିଜେଡି ନେତାମାନେ ଦଳରେ ସାମିଲ ହେଉଛନ୍ତି ବୋଲି ସିଂ କହିଥିଲେ।



ଭାଜପା ଓଡ଼ିଶା ପ୍ରଭାରୀ ଅରୁଣ ସିଂ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

**ଭାଜପାର ଅଭିଯୋଗ**

- ପ୍ରଶାସନିକ ଅଧିକାରୀଙ୍କ ହାତରେ ରାଜ୍ୟ
- ଭୟରେ ମିଥ୍ୟା ମାମଲା କରାଯାଉଛି
- ଦଳରେ ୩ ବିଜେଡି ଏମ୍‌ପି, ୩୫ ବିଧାୟକ

## ବିଜେଡିକୁ ଘାରିଛି ପରାଜୟ ଭୟ : ଭାଜପା

### ଅନୁମୋଦନ ହେଉନାହିଁ ବୁଢାନଙ୍କ ଇସ୍ତଫାପତ୍ର

ଭୁବନେଶ୍ୱର, ୨।୪ (ବ୍ୟୁରୋ)

ସାରସକଣା ବିଧାନସଭା ନିର୍ବାଚନ ମଣ୍ଡଳୀର ଭାଜପା ପ୍ରାର୍ଥୀ ବୁଢାନ ମୁର୍ମୁ ଚାକରି ଛାଡି ଜିଲାବାସୀଙ୍କ ସେବା କରିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ। ଏଥିପାଇଁ ଗତ ଅକ୍ଟୋବର ୪ତାରିଖରୁ ନିଜର ଇସ୍ତଫା ପତ୍ର ଦେଇଥିଲେ। ଏହାର ୬ ମାସ ବିତିଯାଇଥିଲେ ବି ରାଜ୍ୟ ସରକାରଙ୍କ ଅନୁମୋଦନ ମିଳୁନାହିଁ। ଏହା ବିଜେଡିର ପରାଜୟ ଭୟ ବୋଲି ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ଦଳର ମୁଖପାତ୍ର ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି ଯେ, ନିୟମ ଅନୁଯାୟୀ ଇସ୍ତଫା ଦେବାର ୩ ମାସ ମଧ୍ୟରେ ତାହା ଗୃହୀତ ହେବା କଥା। ଦୀର୍ଘଦିନ ଧରି ଏହି ଫାଇଲ ମୁଖ୍ୟମନ୍ତ୍ରୀଙ୍କ ଅଫିସରେ କାହିଁକି ଅଟକି ରହିଛି ତାହା ବୁଝାପଡୁନାହିଁ ବୋଲି ଲେଖାଶ୍ରୀ ଅଭିଯୋଗ କରିଛନ୍ତି। ଦଶପଲ୍ଲାରେ ବିଜେଡି ଟିକେଟରେ ଲଢୁଥିବା ରମେଶ ଚନ୍ଦ୍ର ବେହେରା ମିଥ୍ୟା ଜାତିଗତ ପ୍ରମାଣ ପତ୍ର ଦେଇ ନାମାଙ୍କନ ପତ୍ର ଦାଖଲ କରିଥିଲେ। ତାଙ୍କ ନାଁରେ ଭିଜିଲାନ୍ସ କେସ ରହିଥିବା ଭାଜପା ପକ୍ଷରୁ ଅଭିଯୋଗ କରାଯାଉଛି।

## ଟିକେଟ ପାଇ ଭାଜପା ଛାଡ଼ିଲେ ତୁଷାରକାନ୍ତି

### ସୁରେନ୍ଦ୍ର ସେଠୀଙ୍କ ଟିକେଟକୁ ନେଇ ଆଶଙ୍କା

ଭୁବନେଶ୍ୱର, ୨।୪ (ବ୍ୟୁରୋ)



ନିର୍ବାଚନ ସମୟରେ ଦଳବଦଳ ସାଧାରଣ କଥା ହୋଇଥାଏ। ଟିକେଟ ନ ପାଇ ଦଳ ଛାଡିବା ସବୁ ସମୟରେ ଦେଖାଯାଇଥାଏ। ହେଲେ ଗୋଟିଏ ଦଳରୁ ଟିକେଟ ପାଇସାରିବା ପରେ ଦଳ ପରିବର୍ତ୍ତନ ରାଜ୍ୟ ରାଜନୀତିରେ ନୂଆଧାରା ହୋଇଛି। ପୁରୀ ଜିଲା କାକଟପୁର ବିଧାନସଭା ଆସନ ପାଇଁ ଭାଜପା ଟିକେଟ ପାଇଥିବା ତୁଷାରକାନ୍ତି ବେହେରା ମଙ୍ଗଳବାର ବିଜେଡିରେ ସାମିଲ ହୋଇଛନ୍ତି। କିଛିଦିନ ପୂର୍ବେ ଆନନ୍ଦପୁରରୁ ଭାଜପା ଟିକେଟ ପାଇଥିବା ଭାଗୀରଥି ସେଠୀ ଦଳ ଛାଡି ବିଜେଡିରେ ଯୋଗ ଦେଇଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ ବିଜେଡି ପ୍ରାର୍ଥୀଭାବେ ଘୋଷଣା କରିଥିଲା। ତୁଷାରକାନ୍ତିଙ୍କ ଯୋଗଦାନ ବିଜେଡି ଟିକେଟ ନେଇଥିବା ସୁରେନ୍ଦ୍ର ସେଠୀଙ୍କ ଚିନ୍ତା ବଢାଇଛି। ଚତୁର୍ଥ ପର୍ଯ୍ୟାୟରେ କାକଟପୁରରେ ନିର୍ବାଚନ ହେଉଥିବାରୁ ସୁରେନ୍ଦ୍ରଙ୍କୁ ପରିବର୍ତ୍ତନ କରାଯିବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ସେହିପରି କବିସୂର୍ଯ୍ୟନଗର କଂଗ୍ରେସ ନେତା ସୀତାରାମ ପାଣିଗ୍ରାହୀ ମଧ୍ୟ ବିଜେଡିରେ ସାମିଲ ହୋଇଛନ୍ତି। ବିଜେଡିରେ ସାମିଲ ହେବା ପରେ ତୁଷାରକାନ୍ତି କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶ ଦ୍ୱାରା ପ୍ରେରଣା ପାଇଛି। ଓଡ଼ିଶାର ପ୍ରଗତି ପାଇଁ କେବଳ ବିଜୁ ଜନତା ଦଳ ହିଁ ଏକମାତ୍ର ବିକଳ୍ପ । ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱ ହିଁ ଓଡ଼ିଶାକୁ ଦେଶର ସର୍ବୋଚ୍ଚ ସ୍ଥାନରେ ପହଞ୍ଚାଇବ।

# ରାଜା, ବର୍ଷାସୋନି ବି ପଦ୍ମ ଧରିଲେ

## ନିମାପଡ଼ା, ସୁକିନ୍ଦାର ବିଜେଡି କର୍ମୀ ଭାଜପାରେ ସାମିଲ

ଭୁବନେଶ୍ୱର, ୨।୪ (ବ୍ୟୁରୋ)

ପୂର୍ବତନ ମନ୍ତ୍ରୀ ରଘୁ ମହାନ୍ତି ଏବଂ ତାଙ୍କ ପୁତ୍ର ରାଜା ଓ ପୁତ୍ରବଧୂ ବର୍ଷା ସୋନିଙ୍କ ସମେତ ବିଜେଡିର ସହସ୍ରାଧିକ କାର୍ଯ୍ୟକର୍ତ୍ତା ମଙ୍ଗଳବାର ବିଧିବଦ୍ଧ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସେମାନେ ଭାଜପା ରାଜ୍ୟ କାର୍ଯ୍ୟାଳୟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଷ୍ଟ୍ରୀୟ ଉପସଭାପତି ଓ ରାଷ୍ଟ୍ରୀୟ ପ୍ରବକ୍ତା ବୈଜୟନ୍ତ ପଣ୍ଡାଙ୍କ ଉପସ୍ଥିତିରେ ଦଳରେ ସାମିଲ ହୋଇଛନ୍ତି। ପୂର୍ବତନ ବିଧାୟକ ମନୋରଞ୍ଜନ ସେଠୀ, ପୂର୍ବତନ ବିଜେଡି ଜିଲା ସଭାପତି ଯଯାତି ଦାସ, କର୍ଣ୍ଣଲ ବିଶ୍ୱାଳ, ରାଧାକୃଷ୍ଣ ମେକାପ, ପ୍ରଦୀପ ପ୍ରଧାନ, କୈଳାସ ନାୟକଙ୍କ ସମେତ ପୂର୍ବତନ ସରପଞ୍ଚ, ସମିତିସଭ୍ୟଙ୍କ ସହ ଶତାଧିକ ଲୋକ କଂଗ୍ରେସ ଓ ବିଜେଡି ଛାଡି ଭାଜପାରେ ସାମିଲ ହୋଇଛନ୍ତି। ସେହିପରି ନିମାପଡା ଭାଜପା ପ୍ରାର୍ଥୀ ପ୍ରଭାତୀ ପରିଡାଙ୍କ ନେତୃତ୍ୱରେ ନିମାପଡା ଏନଏସି ପୂର୍ବତନ ଅଧ୍ୟକ୍ଷ ଦିଲୀପ ମିଶ୍ର, ଅଗଣି ସ୍ୱାଇଁ, ପ୍ରଭାତ ଚରଣ ସେନାପତି, ପୀତବାସ ବେହେରା, ବାବୁଲି ନାୟକ, ଅଭି ମୁଦୁଲି, ମାମିନା ବେହେରା, ରସାନନ୍ଦ ଭୋଇ, ପ୍ରମୋଦ ବାରିକ, ସୁଦୀପ୍ତ ମହାନ୍ତି, ପ୍ରଦୀପ୍ତ ରଥ, ଜ୍ୟୋତି ପରିଡାଙ୍କ ସମେତ ଶତାଧିକ କର୍ମୀ ବିଜେଡି ଛାଡି ଭାଜପାରେ ଯୋଗ ଦେଇଛନ୍ତି।

ସୁକିନ୍ଦା ବିଧାୟକ ପ୍ରାର୍ଥୀ ପ୍ରଦୀପ୍ତ ବଳସାମନ୍ତଙ୍କ ନେତୃତ୍ୱରେ ମଞ୍ଜୁର ଅଲ୍ଲୀ ଖାନ, ବିଶ୍ୱଜିତ ରାଜ, ପ୍ରତିଭା ଚକ୍ର, ରବିନ୍ଦର ଜେନାମଣି, ଗୀତା ନାୟକ, ସୁଜାତା ମହନ୍ତ, ଜ୍ଞାନଚନ୍ଦ୍ର ନାଥ, କ୍ଷେତ୍ରବାସୀ ସାହୁ, କୃଷ୍ଣଚନ୍ଦ୍ର ମହନ୍ତ, ଜୀବନ ମହାପାତ୍ରଙ୍କ ସମେତ ଶତାଧିକ କର୍ମୀ ବିଜେଡି ଓ କଂଗ୍ରେସ ଛାଡି ଭାଜପାରେ ସାମିଲ ହୋଇଛନ୍ତି । କେନ୍ଦ୍ରମନ୍ତ୍ରୀ ପ୍ରଧାନ ଏବଂ ରାଷ୍ଟ୍ରୀୟ ଉପସଭାପତି ପଣ୍ଡା ଦଳୀୟ ଉତ୍ତରୀୟ ଏବଂ ଟୋପି ପିନ୍ଧାଇ ସମସ୍ତ ନୂତନ ସଦସ୍ୟଙ୍କୁ ଦଳରେ ସ୍ୱାଗତ କରିଛନ୍ତି । ଦଳରେ ସାମିଲ ହୋଇଥିବା ସମସ୍ତ ସଦସ୍ୟଙ୍କୁ ରାଜ୍ୟ ଉପସଭାପତି ସମୀର ମହାନ୍ତି ସ୍ୱାଗତ କରିଛନ୍ତି । ଏହି ମିଶ୍ରଣ ଦ୍ୱାରା ଦଳ ଆହୁରି ମଜଭୁତ ହେବ ବୋଲି ମହାନ୍ତି କହିଛନ୍ତି ।

ଏହି ମିଶ୍ରଣ ପର୍ବରେ ବରିଷ୍ଠ ନେତା ପ୍ରତାପ ଷଡଙ୍ଗୀ, ବରିଷ୍ଠ ନେତା ଦାମୋଦର ରାଉତ, ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରଭାତୀ ପରିଡା, ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପସଭାପତି ଠାକୁର ରଞ୍ଜିତ ଦାସ, ବାଲେଶ୍ୱର ଜିଲା ସଭାପତି ମଦନ ମୋହନ ଦତ୍ତ, ଭୁବନେଶ୍ୱର ଜିଲା ସଭାପତି ହରେକୃଷ୍ଣ ଖୁଣ୍ଟିଆ ପ୍ରମୁଖ ଯୋଗ ଦେଇଥିଲେ।




ରାଜା ଓ ବର୍ଷାସୋନିଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍ୱାଗତ କରୁଛନ୍ତି।

# ଚତୁର୍ଥ ପର୍ଯ୍ୟାୟ ନାମାଙ୍କନ ଦାଖଲ ଆରମ୍ଭ

ଭୁବନେଶ୍ୱର, ୨।୪ (ବ୍ୟୁରୋ)

- ତୃତୀୟ ପର୍ଯ୍ୟାୟରେ ବିଧାନସଭା ଆସନ ପାଇଁ ୧୦୪, ଲୋକ ସଭା ଲାଗି ୧୯ ନାମାଙ୍କନ ପତ୍ର ଦାଖଲ
- ଜବତ ହେଲା ୯୫ ଲକ୍ଷ ଟଙ୍କା

ରାଜ୍ୟରେ ତୃତୀୟ, ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ସକାଶେ ମଙ୍ଗଳବାର ୭୧ ଜଣ ବିଧାନସଭା ଆସନ ପାଇଁ ଓ ଲୋକ ସଭା ଲାଗି ୭ ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ତୃତୀୟ ପର୍ଯ୍ୟାୟରେ ୪୨ ବିଧାନସଭା ଆସନ ପାଇଁ ମୋଟ ୧୦୪ ଜଣ ନାମାଙ୍କନପତ୍ର ଦାଖଲ କରିଥିବା ବେଳେ ୬ ଲୋକ ସଭା ଆସନ ପାଇଁ ମୋଟ ୧୯ ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେହିପରି ୪ର୍ଥ ପର୍ଯ୍ୟାୟ ସକାଶେ ମଙ୍ଗଳବାରଠାରୁ ନାମାଙ୍କନ ପତ୍ର ଦାଖଲ ଆରମ୍ଭ ହୋଇଛି।

ଚଳିତ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିବା ସହିତ ସ୍ୱଚ୍ଛ ଓ ନିରପେକ୍ଷତା ଅବଲମ୍ବନ କରିବା ସକାଶେ ବିଭିନ୍ନ ସ୍ଥାନରେ ଯାଞ୍ଚ ଜାରି ରହିଛି। ରାଜ୍ୟରେ ଫ୍ଲାଇଂ ସ୍କାଡ ଏବଂ ପୋଲିସ ଦ୍ୱାରା ଏ ପର୍ଯ୍ୟନ୍ତ ୯୫ ଲକ୍ଷ ଟଙ୍କାରୁ ଅଧିକ ଟଙ୍କା ଜବତ କରାଯାଇଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ବିଭିନ୍ନ ଜିଲାରେ ୭୧୪୬ ଜାମିନବିହୀନ ଗିରଫ ପରୱାନା କାର୍ଯ୍ୟକାରୀ କରାଯାଇଛି। ସିଆରପିସିର ଧାରା ୧୦୭/୧୧୬ ଅନୁଯାୟୀ ୩୬୭୫୮ ଜଣଙ୍କୁ ଅଟକ ରଖାଯାଇଛି। ଲାଇସେନ୍ସ ପ୍ରାପ୍ତ ୪୫୬୧ଟି ବନ୍ଧୁକ ସମ୍ପୃକ୍ତ ଜିଲା ପ୍ରଶାସନ ଠାରେ ଦାଖଲ କରାଯାଇଛି। ଲାଇସେନ୍ସ ନ ଥିବା ୧୭୯ଟି ଅସ୍ତ୍ରଶସ୍ତ୍ର ଏବଂ ୨୬୪. ୩୨ କିଲୋଗ୍ରାମ ବିସ୍ଫୋରକ ଦ୍ରବ୍ୟ ଜବତ ହୋଇଛି। ଏ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାରେ ଅବକାରୀ ବିଭାଗ ଓ ପୋଲିସର ମିଳିତ ଚଢାଉ ଫଳରେ ୮୫ ହଜାର ଲିଟର ମଦ ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୨ କୋଟି ୬୦ ଲକ୍ଷ ଟଙ୍କା ହେବ। ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରି ସର୍ବସାଧାରଣ ସ୍ଥାନରେ ଲାଗିଥିବା ୧୮ ଲକ୍ଷ ୬୮ ହଜାର ୫୮୬ ହୋର୍ଡିଂ, ପୋଷ୍ଟର ଆଦିକୁ ହଟାଇ ଦିଆଯାଇଛି। ସେହିପରି ବ୍ୟକ୍ତିଗତ ମାଲିକାନାରେ ଥିବା ସ୍ଥାନଗୁଡିକରେ ବେଆଇନ ଭାବେ ଲାଗିଥିବା ୧ ଲକ୍ଷ ୭୩ ହଜାର ୮୯୦ଟି ହୋର୍ଡିଂ ଓ ପୋଷ୍ଟରକୁ ମଧ୍ୟ ବାହାର କରାଯାଇଛି।

ରାଜ୍ୟସ୍ତରରେ ଖୋଲାଯାଇଥିବା ନିୟନ୍ତ୍ରଣ କକ୍ଷକୁ ଏବେ ସୁଦ୍ଧା ୫୧୭ଟି ଅଭିଯୋଗ ଆସିଛି। ରାଜ୍ୟସ୍ତରୀୟ ଭୋଟର ହେଲ୍ପ ଲାଇନରେ ୧୨୭୦୪ ଅଭିଯୋଗ ଗ୍ରହଣ କରାଯାଇ ତାହାର ତ୍ୱରିତ ସମାଧାନ କରାଯାଇଛି। ସି-ଭିଜିଲ ଆପ୍ ମାଧ୍ୟମରେ ବର୍ତ୍ତମାନ ସୁଦ୍ଧା ୫୧୫ଟି ଅଭିଯୋଗ ଗ୍ରହଣ କରାଯାଇ ସେଥିରୁ ୪୫୧ଟି ଅଭିଯୋଗର ସମାଧାନ କରାଯାଇଛି।

CCTV CAMERA
ସବୁ ଦେଖୁଛି
For Installation Contact:-UTILITY SERVICES
8984063442

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ନିର୍ମାଣ କାର୍ଯ୍ୟ ପାଇଁ ଇ-ଟେଣ୍ଡର ବିଜ୍ଞପ୍ତି**

ଟେଣ୍ଡର ବିଜ୍ଞପ୍ତି ନଂ.: ସିଇସି/ବିଏସ୍‌ପି/୧୮-୧୯/୮୨, ତାରିଖ: ୨୮।୦୩।୨୦୧୯ (ଖୋଲା ଟେଣ୍ଡର)

କାର୍ଯ୍ୟର ନାମ: "ଅନୁପପୁର-କାଟନୀ ୩ୟ ଲାଇନ୍ ପ୍ରକଳ୍ପ ସଂକ୍ରାନ୍ତରେ ଏପିଆର୍-କାର୍ଗେଲ ସେକ୍ସନ୍ ମଧ୍ୟରେ ବ୍ରିଜ୍ ନଂ.: ୧୧୩, ୧୧୮, ୧୨୮, ୧୫୧, ୧୫୭, ୧୬୨ ଏବଂ ୧୬୫ ନିମନ୍ତେ ୩x୪୫.୭ ମି, ଓପନ୍ ୱେବ୍ ଗିର୍ଡର କମ୍ପୋଜିଟ୍ ଗିର୍ଡର୍ ଏଡି ୧x୩୦.୫ ମି, ୧x୨୪.୪ ମି, ୫x୧୮.୩୦ ମି, ଏବଂ ୬x୧୨.୨୦ ମି, କମ୍ପୋଜିଟ୍ ଷ୍ଟିଲ ଗିର୍ଡର/ପ୍ଲେଟ୍ ଗିର୍ଡର୍‌ର ଯୋଗାଣ, ଫାବ୍ରିକେଶନ୍, ପରିବହନ ଏବଂ ଲଞ୍ଚିଂ ସମେତ ତତ୍‌ସମ୍ପର୍କିତ ଏବଂ ବିବିଧ କାର୍ଯ୍ୟ"।

ଟେଣ୍ଡର ମୂଲ୍ୟ: ₹୧୨,୩୭,୨୫,୭୩୪.୨୪/-। ଇଏମ୍‌ଡି: ₹୭,୮୮,୭୦୦/-। ଟେଣ୍ଡର କାଗଜପତ୍ର ମୂଲ୍ୟ: ₹୧୦,୦୦୦/- । କାର୍ଯ୍ୟର ସମାପ୍ତି ଅବଧି: ସ୍ୱୀକୃତି ପତ୍ର ଜାରି ହେବା ତାରିଖରୁ ୧୨ ମାସ।

ଟେଣ୍ଡର ସମାପ୍ତିର ତାରିଖ ଓ ସମୟ: ତା୨୬।୦୪।୨୦୧୯ରିଖ ୧୫.୦୦ ଘଟିକା

ଉପରୋକ୍ତ କାର୍ଯ୍ୟର ଟେଣ୍ଡର ଯୋଗ୍ୟତା ମାନଦଣ୍ଡ ଏବଂ ସମ୍ପୂର୍ଣ୍ଣ ବିବରଣୀ ସମ୍ପର୍କିତ ଅଧିକ ବିବରଣୀ ପାଇଁ ଦୟାକରି ଚିଫ୍ ଆଡ୍‌ମିନିଷ୍ଟ୍ରେଟିଭ୍ ଅଫିସର (ସିଓଏନ୍)/ ଏସ୍.ଇ.ସି.ରେଳପଥ/ବିଳାସପୁର-ପିନ୍: ୪୯୫୦୦୪ କିମ୍ବା ଚିଫ୍ ଇଞ୍ଜିନିୟର (ସିଓଏନ୍)/ଏସ୍.ଇ.ସି. ରେଳପଥ/ନାଗପୁର, ପିନ୍: ୪୪୦୦୦୧ କିମ୍ବା ଡେପୁଟି ଚିଫ୍ ଇଞ୍ଜିନିୟର/(ସିଓଏନ୍)/ଏସ୍.ଇ.ସି. ରେଳପଥ/ରାୟପୁର ପିନ୍: ୪୯୨୦୦୯ଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ କିମ୍ବା ଆମ ୱେବ୍‌ସାଇଟ୍: www.ireps.gov.in ଦେଖନ୍ତୁ।

ଏକ୍ଜିକ୍ୟୁଟିଭ୍ ଇଞ୍ଜିନିୟର/ ସିଓଏନ୍/ଟି ଆଣ୍ଡ ଏସ୍/ବିଳାସପୁର

CPR/10/01

ସ୍ୱଚ୍ଛ ଭାରତ ଅଭିଯାନ

**ପୂର୍ବ ତଟ ରେଳପଥ**

**ସ୍ଲାଇଡିଙ୍ଗ୍ ବୁମ୍ ଲେଭେଲ କ୍ରସିଙ୍ଗ ଫାଟକଗୁଡ଼ିକର ବ୍ୟବସ୍ଥା**

(01) ଟେଣ୍ଡର ବିଜ୍ଞପ୍ତି ସଂ. ST-OT-SLIDINGBOOM-KUR-136, ତା.26.03.2019ରିଖ

କାର୍ଯ୍ୟର ନାମ : ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳରେ 15 ଗୋଟି ଇଣ୍ଟରଲକ୍‌ଡ ବ୍ୟସ୍ତବହୁଳ ଲେଭେଲ କ୍ରସିଙ୍ଗ ଫାଟକଗୁଡ଼ିକ ଠାରେ ସ୍ଲାଇଡିଙ୍ଗ୍ ବୁମ୍ ଲେଭେଲ କ୍ରସିଙ୍ଗ ଫାଟକଗୁଡ଼ିକର ବ୍ୟବସ୍ଥା ।

ଟେଣ୍ଡର ମୂଲ୍ୟ (ଟଙ୍କାରେ): 33,21,117/-, EMD (ଟଙ୍କାରେ) : 66,400/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 3,540/- ।

**ଭଡ଼ା ସୂତ୍ରରେ ଗାଡ଼ି**

(02) ଟେଣ୍ଡର ବିଜ୍ଞପ୍ତି ସଂ. ST-OT-VEH-SSES-BBS-137, ତା.27.03.2019ରିଖ

କାର୍ଯ୍ୟର ନାମ : ଅବଶିଷ୍ଟ 27 ମାସ ଅବଧି ନିମନ୍ତେ ସିଗ୍‌ନାଲିଙ୍ଗ୍ ପରିସଂପତ୍ତି (Assets)ର ରକ୍ଷଣାବେକ୍ଷଣ, ବ୍ରେକ୍‌ଡାଉନ୍ ସ୍ଥଳରେ ଉପସ୍ଥିତ (Attending Breakdown) ହେବା ଏବଂ ଯାତ୍ରା ସମୟରେ ଅଟକ (En-route Detention)କୁ ଦୂର କରିବା ନିମନ୍ତେ ସିନିୟର ସେକ୍ସନ ଇଂଜିନିୟର / ସିଗ୍‌ନାଲ / ଭୁବନେଶ୍ୱର ଅଧୀନରେ ସିଗ୍‌ନାଲିଙ୍ଗ୍ କର୍ମଚାରୀ ଏବଂ ସାମଗ୍ରୀଗୁଡ଼ିକର ପରିବହନ ନିମନ୍ତେ ଦିନ ରାତି (Round the clock) ଚାଳକ ସହିତ TATA-207 DI କିମ୍ବା ଅନୁରୂପ ଗୋଟିଏ ବହୁ-ଉପଯୋଗିତା ଗାଡ଼ି ଭଡ଼ା ସୂତ୍ରରେ ନେବା ।

ଟେଣ୍ଡର ମୂଲ୍ୟ (ଟଙ୍କାରେ): 8,47,536/-, EMD (ଟଙ୍କାରେ) : 17,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 2,360/- ।

(03) ଟେଣ୍ଡର ବିଜ୍ଞପ୍ତି ସଂ. ST-OT-VEH-SSES-BALU-138, ତା.27.03.2019ରିଖ

କାର୍ଯ୍ୟର ନାମ ଅବଶିଷ୍ଟ 27 ମାସ ଅବଧି ନିମନ୍ତେ ସିଗ୍‌ନାଲିଙ୍ଗ୍ ପରିସଂପତ୍ତି (Assets)ର ରକ୍ଷଣାବେକ୍ଷଣ, ବ୍ରେକ୍‌ଡାଉନ୍ ସ୍ଥଳରେ ଉପସ୍ଥିତ(Attending Breakdown) ହେବା ଏବଂ ଯାତ୍ରା ସମୟରେ ଅଟକ (En-route Detention)କୁ ଦୂର କରିବା ନିମନ୍ତେ ସିନିୟର ସେକ୍ସନ ଇଂଜିନିୟର / ସିଗ୍‌ନାଲ / ବାଲୁଗାଁ ଅଧୀନରେ ସିଗ୍‌ନାଲିଙ୍ଗ୍ କର୍ମଚାରୀ ଏବଂ ସାମଗ୍ରୀଗୁଡ଼ିକର ପରିବହନ ନିମନ୍ତେ ଦିନ ରାତି (Round the clock) ଚାଳକ ସହିତ TATA-207 DI କିମ୍ବା ଅନୁରୂପ ଗୋଟିଏ ବହୁ-ଉପଯୋଗିତା ଗାଡ଼ି ଭଡ଼ା ସୂତ୍ରରେ ନେବା ।

ଟେଣ୍ଡର ମୂଲ୍ୟ (ଟଙ୍କାରେ): 8,22,336/-, EMD (ଟଙ୍କାରେ) : 16,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 2,360/- ।

(04) ଟେଣ୍ଡର ବିଜ୍ଞପ୍ତି ସଂ. ST-OT-VEH-TRUCK-KUR-139, ତା.26.03.2019ରିଖ

କାର୍ଯ୍ୟର ନାମ : 24 ଘଣ୍ଟିଆ ଉପଲବ୍ଧତା ସହିତ 24 ମାସ ଅବଧି ନିମନ୍ତେ ଖୋର୍ଦ୍ଧା ରୋଡ୍ ମଣ୍ଡଳର ଖୋର୍ଦ୍ଧା ରୋଡ୍ ଠାରେ ସିନିୟର ସେକ୍ସନ ଇଂଜିନିୟର (ଦକ୍ଷିଣ)ଙ୍କ ନିମନ୍ତେ SWARAJ MAZDA Limited SARTAJ HG 72 BS-IV 3335/Eicher 10.75 E2 PLUS 3515 କିମ୍ବା ଅନୁରୂପ ମେକ୍ ଏବଂ ମଡେଲ ବିଶିଷ୍ଟ 4.5 ଟନ୍ ବୋଝେଇ କ୍ଷମତାଯୁକ୍ତ ଟ୍ରକ୍ ଭଡ଼ା ସୂତ୍ରରେ ନେବା ।

ଟେଣ୍ଡର ମୂଲ୍ୟ (ଟଙ୍କାରେ): 11,28,116.10, EMD (ଟଙ୍କାରେ) : 22,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 2,360/- ।

ବିଡ୍ ଆରମ୍ଭ ହେବା ତାରିଖ : ତା.08.04.2019ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା. 22.04.2019 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ସଂକେତ ଏବଂ ଦୂରସଂଚାର), ଖୋର୍ଦ୍ଧା ରୋଡ୍

PR-01/K/19-20






ଜୟଦେବ ନିର୍ବାଚନମଣ୍ଡଳୀର ବିଧାୟକ ତଥା ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରାଙ୍କୁ ଟିକେଟ୍ ପ୍ରଦାନ ଦାବି ଓ କଟକ ସଦର ନିର୍ବାଚନମଣ୍ଡଳୀର ବିଧାୟକ ଚନ୍ଦ୍ରସାରଥି ବେହେରାଙ୍କୁ ଟିକେଟ ନ ଦେବା ଦାବି ନେଇ କେତେକ ବିଜେଡି କର୍ମୀ ମଙ୍ଗଳବାର ଭୁବନେଶ୍ୱର ନବୀନ ନିବାସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ପୂର୍ବ ତଟ ରେଳପଥ**

**ବୈଦ୍ୟୁତିକ କାର୍ଯ୍ୟ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. VSKP-EL-C-T-130ER ତା.29.03.2019ରିଖ

କାର୍ଯ୍ୟର ନାମ : "ପୂର୍ବ ତଟ ରେଳପଥର ୱାଲ୍ଟିୟର ମଣ୍ଡଳରେ କୋରପୁଟ-ସିଙ୍ଗାପୁର ରୋଡ୍ ମଧ୍ୟରେ ଦୋହରୀକରଣ ସମ୍ବନ୍ଧୀୟ ତୁମରିପୁଟ-ବାଇଗୁଡ଼ା ସେକ୍ସନ ମଧ୍ୟରେ ସବ୍-ସେକ୍ସନିଙ୍ଗ୍ ଏବଂ ପାରାଲେଲିଙ୍ଗ୍ ପୋଷ୍ଟ (SSP) (ନୂଆ = 02 ଗୋଟି, ବୃଦ୍ଧିକରଣ = 01 ଗୋଟି), ସେକ୍ସନିଙ୍ଗ୍ ପୋଷ୍ଟ (ବୃଦ୍ଧିକରଣ = 01 ଗୋଟି) ର ଡିଜାଇନ୍ (Design), ଯୋଗାଣ, ଉତ୍ଥାପନ, ରୂପାନ୍ତରଣ, ପରୀକ୍ଷଣ ଏବଂ ସମ୍ପାଦନ (Commissioning) ତଥା ସଂପର୍କିତ PSI କାର୍ଯ୍ୟ ।"

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 313.21 ଲକ୍ଷ, EMD (ଟଙ୍କାରେ) : 3,06,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 11,800/-, କାର୍ଯ୍ୟ ଶେଷ ହେବା ଅବଧି : 08 (ଆଠ) ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା. 24.04.2019 ରିଖ 1200 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ଖୋଲାଯିବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଉପ-ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ), ବିଶାଖାପାଟଣା

PR-02/CC/19-20

# ପ୍ରାର୍ଥୀପତ୍ର ଦାଖଲ କଲେ ବଦ୍ରି, ନିରଞ୍ଜନ

ଆନନ୍ଦପୁର/କୋଳିମାଟି, ୨।୪ (ସ୍ୱ.ପ୍ର./ଡି.ଏନ.ଏ.)

୨୦୧୯ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଘସିପୁରା-୨୧ ନିର୍ବାଚନମଣ୍ଡଳୀ ପାଇଁ ୨ ହେଭିୱେଟ୍ ନେତାଙ୍କ ସମେତ ୪ ପ୍ରାର୍ଥୀ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ନିର୍ବାଚନ ଅଧିକାରୀ ରବୀନ୍ଦ୍ର କୁମାର ସାହୁଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଏପ୍ରିଲ୍ ୨୩ ତୃତୀୟ ପର୍ଯ୍ୟାୟ ନିର୍ବାଚନ ନିମନ୍ତେ ମାର୍ଚ୍ଚ ୨୮ରୁ ନାମାଙ୍କନ ପତ୍ର ଦାଖଲ କାର୍ଯ୍ୟ ଆରମ୍ଭ ହୋଇଥିଲା। ମଙ୍ଗଳବାର ଷଷ୍ଠ ଦିନରେ ଘସିପୁରା ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ତଥା ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର ଏବଂ କଂଗ୍ରେସ ବିଧାୟକ ପ୍ରାର୍ଥୀ ତଥା ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ନାମାଙ୍କନ ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି। ସେହିଭଳି ଘସିପୁରା ନିର୍ବାଚନ ମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ପୃଥ୍ୱୀରାଜ କୁଅଁର ସ୍ୱାଧୀନ ଭାବେ ନାମାଙ୍କନ ପ୍ରାର୍ଥୀ ପତ୍ର ଦାଖଲ କରିଥିଲେ। କଳିଙ୍ଗସେନା ପକ୍ଷରୁ ଜଗବନ୍ଧୁ ମହାନ୍ତ ନିଜର ନାମାଙ୍କନ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି।

ପ୍ରାର୍ଥିପତ୍ର ଦାଖଲ ଶେଷ ପରେ ମନ୍ତ୍ରୀ ବଦ୍ରି ଖବରଦାତାଙ୍କ ପ୍ରଶ୍ନରଉତ୍ତର ଦେଇ କହିଛନ୍ତି ଯେ, ଲୋକଙ୍କ ପାଇଁ ଆମେ କାମ କରିଛୁ, ସେମାନେ ଜବାବ ଦେବେ, ନିର୍ବାଚନ ସରିବା ପରେ ଜଣାପଡିବ କିଏ କାହା ସହିତ ଲଢିଲା, ନିରଞ୍ଜନ ପଟ୍ଟନାୟକ ଚ୍ୟାଲେଞ୍ଜକୁ ଗ୍ରହଣ କରି ନିର୍ବାଚନ ଲଢିବା ପାଇଁ ଆସି ମୋ ଉପରେ ଦୟା ଦେଖାଇନାହାନ୍ତି, ସେ ଦଳର ସଭାପତି ଅଛନ୍ତି ଯେଉଁଠି ଚାହିଁବେ ନିର୍ବାଚନ ଲଢିପାରିବେ ବୋଲି ସେ କହିଥିଲେ। ନିରଞ୍ଜନ ଓଡିଶା ପାଇଁ ପ୍ରକାଶ ପାଇଥିବା ଇସ୍ତାହାର ସମ୍ପର୍କରେ ସୂଚନା ଦେବା ସହିତ ଲୋକଙ୍କର ସମର୍ଥନ ତାଙ୍କ ସହିତ ରହିଛି। ସେ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି ବୋଲି କହିଥିଲେ। କଳିଙ୍ଗ ସେନାର ପ୍ରାର୍ଥୀ ଜଗବନ୍ଧୁ ମହାନ୍ତ କହିଛନ୍ତି ଯେ, ଘସିପୁରା ନିର୍ବାଚନମଣ୍ଡଳୀରେ ଚାଲିଥିବା ଅରାଜକତା ବିରୋଧରେ କଳିଙ୍ଗସେନାର ଲଢେଇ ହେବ, ଲୋକମାନଙ୍କ ଉନ୍ନତି ନିମନ୍ତେ ଦଳ ସମସ୍ତ ପ୍ରକାର ଉଦ୍ୟମ ଜାରି ରଖିବ ବୋଲି ମତ ଦେଇଥିଲେ। ପୃଥ୍ୱୀରାଜ ସ୍ୱାଧୀନ ଭାବେ ନିଜର ନାମାଙ୍କନ ପତ୍ର ଦାଖଲ କରିଥିଲେ ହେଁ ୪ରେ ବିଧିବଦ୍ଧ ଭାବେ ଭାଜପା ପକ୍ଷରୁ ପ୍ରାର୍ଥୀପତ୍ର ଦାଖଲ କରିବେ ବୋଲି ଜଣାପଡିଛି।



ବଦ୍ରି ପାତ୍ର ଓ ନିରଞ୍ଜନ ପଟ୍ଟନାୟକ ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି।

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. ELS-ANGL-OT-18-19-09

କାର୍ଯ୍ୟର ନାମ : ଦୁଇ ବର୍ଷ ଅବଧି ନିମନ୍ତେ ଇଲେକ୍ଟ୍ରିକ୍ ଲୋକୋ ସେଡ୍, ପୂର୍ବ ତଟ ରେଳପଥ, ଅନୁଗୋଳର ଏସି ଇଲେକ୍ଟ୍ରିକ୍ ଲୋକୋମୋଟିଭ୍ (WAG7) ଗୁଡ଼ିକର ଟାଇପ୍ HETT 5400, 4 ଗୋଟି କପର ଉଣ୍ଡ (Wound) ଟ୍ରାନ୍ସଫର୍ମରଗୁଡ଼ିକର ମରାମତି ।

ଟେଣ୍ଡର ମୂଲ୍ୟ (ଟଙ୍କାରେ) : 64,00,207.88, EMD (ଟଙ୍କାରେ) : 1,28,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,900/-, ଶେଷ ହେବା ଅବଧି : 24 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.12.04.2019ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା. 26.04.2019 ରିଖ 1500 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ଉପଲବ୍ଧ ହେବ http://www.ireps.gov.in ରେ ।

ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRS), ଅନୁଗୋଳ

PR-02/K/19-20

See Career Appointment on every Wednesday & Saturday



“ ସିନେମାରେ ସମାଜିକ ରୁଚି ଓ ପସନ୍ଦ ପ୍ରତିଫଳିତ ହୁଏ। ତେଣୁ ସମାଜଠାରୁ ସିନେମା ପୃଥକ ହୋଇପାରିବ ନାହିଁ।

-ତବୁ, ବଲିଉଡ୍ ଅଭିନେତ୍ରୀ।



# ଆଇଏସ୍‌ଏସ୍‌କୁ ବିପଦ ମହାକାଶ ଆବର୍ଜନା: ନାସା

**ୱାଶିଂଟନ୍:**

ଗତ ସପ୍ତାହରେ ଭାରତ ଆଣ୍ଟି-ସାଟେଲାଇଟ୍ (ଏ-ସାଟ୍) ମିଜାଇଲ୍ ପରୀକ୍ଷା କରିବା ଯୋଗୁ ମହାକାଶରେ ୪୦୦ ଖଣ୍ଡ ଆବର୍ଜନା ଜମା ହୋଇଛି। ତାହା ଇଣ୍ଟରନ୍ୟାଶନାଲ୍ ସ୍ପେସ୍ ଷ୍ଟେଶନ୍ (ଆଇଏସ୍‌ଏସ୍) ପ୍ରତି ବିପଦ ସୃଷ୍ଟିକରିବ ବୋଲି ଅନ୍ତର୍ଜାତୀୟ ମହାକାଶ ଗବେଷଣା ସଂସ୍ଥା (ନାସା) ମୁଖ୍ୟ ଜିମ୍ ବ୍ରାଇଡେନ୍‌ଷ୍ଟାଇନ୍ ସତର୍କ ସୂଚନା ଦେଇଛନ୍ତି। ଭାରତ ଗତ ସପ୍ତାହରେ ସାଟେଲାଇଟ୍ ବିଧ୍ୱଂସୀ ଏକ କ୍ଷେପଣାସ୍ତ୍ର ପରୀକ୍ଷା କରିଥିଲା। ଏହା ପୃଥିବୀର ନିମ୍ନ କକ୍ଷରେ ଥିବା ଏକ ସାଟେଲାଇଟ୍‌କୁ ୩ ମିନିଟରେ ଧ୍ୱଂସ କରିବାକୁ ସଫଳ ହୋଇଥିଲା। ଏଥିଯୋଗୁ ସାଟେଲାଇଟ୍ ଭାଙ୍ଗି ୪୦୦ଖଣ୍ଡରେ ପରିଣତ ହୋଇଥିଲା। ଏଗୁଡ଼ିକ ଆଇଏସ୍‌ଏସ୍ ପ୍ରତି ବିପଦ ସୃଷ୍ଟିକରିବା ଆଶଙ୍କା ଅଛି ବୋଲି ଜିମ୍ ପ୍ରକାଶ କରିଛନ୍ତି। ତନ୍ମଧ୍ୟରେ ୬୦ ଖଣ୍ଡ ୬ ଇଞ୍ଚ ଆକାର ବିଶିଷ୍ଟ। ଏଗୁଡ଼ିକୁ ସହଜରେ ଟ୍ରାକ୍ କରାଯାଇପାରିଛି। ୨୪ଟି ଟୁକୁଡା ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରଠାରୁ କିଛି ଦୂରରେ ରହି ଘୂରିବୁଲୁଛି। ଏହାଦ୍ୱାରା ଆଗାମୀ ଦିନରେ ମହାକାଶ ମାନବ ମିଶନରେ ବାଧା ସୃଷ୍ଟିହେବା ଆଶଙ୍କା ରହିଛି ବୋଲି ଜିମ୍ କହିଛନ୍ତି। ୧୦ ଦିନ ମଧ୍ୟରେ ଏଭଳି ବର୍ଜ୍ୟପଦାର୍ଥର ୪୪ ପ୍ରତିଶତ ଆଇଏସ୍‌ଏସ୍‌କୁ ଆଘାତ କରିବା ଆଶଙ୍କା ଅଛି। ଏହାଦ୍ୱାରା ମହାକାଶ ଗବେଷଣା କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହେବ। ପୂର୍ବରୁ ୨୦୦୭ରେ ଚାଇନା ଦ୍ୱାରା କରାଯାଇଥିବା ଏଭଳି ଆଣ୍ଟି-ସାଟେଲାଇଟ୍ ପରୀକ୍ଷଣ ଯୋଗୁ ସୃଷ୍ଟି ହୋଇଥିବା ପାଖାପାଖି ୩ ହଜାର ଖଣ୍ଡ ବର୍ଜ୍ୟପଦାର୍ଥ ଏପର୍ଯ୍ୟନ୍ତ ମହାକାଶରେ ଘୂରିବୁଲୁଛି। ଇତିମଧ୍ୟରେ ମହାକାଶରେ ଘୂରିବୁଲୁଥିବା ୨୩ ହଜାର ଛୋଟ ଛୋଟ ଖଣ୍ଡକୁ ଆମେରିକା ଦ୍ୱାରା ଚିହ୍ନଟ କରାଯାଇଛି। ଏଭଳି ପଦାର୍ଥକୁ ପୃଥିବୀର ବାୟୁମଣ୍ଡଳକୁ ଅଣାଗଲେ ବାୟୁର ଘର୍ଷଣ ଯୋଗୁ ଏଗୁଡ଼ିକ ଜଳିଯିବ। ତେବେ ଏନେଇ ଆଗାମୀ ଦିନରେ ପ୍ରୟାସ କରାଯିବାର ଯୋଜନା ରହିଛି। ସୂଚନାଯୋଗ୍ୟ, ଲୋ ଆର୍ଥ ଅର୍ବିଟ୍‌ରେ ଥିବା ଏକ ସାଟେଲାଇଟ୍‌କୁ ଭାରତର ଏକ ମିଜାଇଲ୍ ୩ ମିନିଟ୍‌ରେ ଧ୍ୱଂସ କରିଥିଲା। ଏଭଳି ପରୀକ୍ଷଣ ପୂର୍ବରୁ ଆମେରିକା, ରୁଷ୍ ଏବଂ ଚାଇନା ଦ୍ୱାରା କରାଯାଇଥିଲା।

**ଆଣ୍ଟାଇ ସାଟେଲାଇଟ୍ ପରୀକ୍ଷଣ**



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନ କହି ନ କହି କହି ତ ଗଲୁଣି**
**ଏଡ଼େ ବଡ଼ ବଡ଼ କଥା**
**ଜାଣୁନାହୁଁ ଯେଣୁ ଅଦୃଶ୍ୟର କୋପ**
**ସେ ପାଇଁ କି ଲମ୍ବା ବାର୍ତ୍ତା ।**

ମଣିଷର ସବୁ ଦମ୍ଭ ଓ ବଡ଼ିମା ଈଶ୍ୱରଙ୍କ ଶକ୍ତି ଆଗରେ ହାର ମାନିଥାଏ। ଭଗବାନ ସବୁ ସହିଥାନ୍ତି କିନ୍ତୁ କାହାର ଗର୍ବ ସହ୍ୟ କରିପାରି ନ ଥାନ୍ତି। ବାହାଦୁରୀ ବା ଦୁଃସାହସ ଅଦୃଶ୍ୟର କୋପ ଆଗରେ ନତମସ୍ତକ ହେବା ସାର ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ନିକିତି ତଉଲ ସାନ ବଡ଼କୁ**
**ଭାରି ଯେହୁ ହୁଏ ଯାଏ ତଳକୁ ।**

ନିକିତିରେ ତଉଲିଲେ ଯେଉଁଟା ଭାରି ହୁଏ ତାହା ସବୁ ବେଳେ ତଳକୁ ହିଁ ଝୁଲି ରହିଥାଏ। ପରୋକ୍ଷରେ ଯାହା ପାଖରେ ଗୁଣ ଓ ପ୍ରତିଭା ଥାଏ ତା'ର ଗୁରୁତ୍ୱ ବେଶି ରହୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ‘୫୦ ବର୍ଷରେ ବି ଦେବଗନ୍ ତରୁଣ’

**ମୁମ୍ବାଇ:** ବଲିଉଡ୍ ଅଭିନେତା ଅଜୟ ଦେବଗନ୍ ମଙ୍ଗଳବାର ୫୦ବର୍ଷରେ ପାଦ ଦେଇଛନ୍ତି। ସେ ଏହି ବୟସରେ ବି ଖୁବ୍ ସୁନ୍ଦର ଦେଖାଯାଉଛନ୍ତି ବୋଲି ତାଙ୍କ ସ୍ତ୍ରୀ କାଜଲ ମୁଖାର୍ଜୀ ପ୍ରକାଶ କରିଛନ୍ତି। କାଜଲ ମଙ୍ଗଳବାର ଅଜୟଙ୍କ ସହିତ ତାଙ୍କର ଏକ ଫଟୋ ସୋସିଆଲ ମିଡିଆରେ ପୋଷ୍ଟ କରି ଜନ୍ମଦିନର ଅଭିନନ୍ଦନ ଜଣାଇଛନ୍ତି।

୧୯୯୯ରେ ଅଜୟ ଓ କାଜଲଙ୍କ ମଧ୍ୟରେ ବିବାହ ହୋଇଥିଲା। ଉକ୍ତ ଦମ୍ପତିଙ୍କର ବର୍ତ୍ତମାନ ନାଇସା ଓ ଯୁଗ୍ ନାମକ ଦୁଇ ସନ୍ତାନ ଅଛନ୍ତି। ଅଜୟ ୧୯୯୧ରେ ‘ଫୁଲ୍ ଔର କାଣ୍ଟେ’ରୁ ନିଜ ଅଭିନୟ ଜୀବନ ଆରମ୍ଭ କରିଥିଲେ। ଏହାପରେ ସେ ଗୋଟିଏ ପରେ ଗୋଟିଏ ଅନେକ ଫିଲ୍ମରେ ଅଭିନୟ କରିବାର ସୁଯୋଗ ପାଇଲେ। ଅଜୟ ଦୁଇଟି ନ୍ୟାଶନାଲ ଫିଲ୍ମ ଆୱାର୍ଡ ପାଇବା ସହିତ ପଦ୍ମଶ୍ରୀ ପୁରସ୍କାର ମଧ୍ୟ ପାଇଛନ୍ତି।



# ଆରପାରିରେ ତାମିଲ ଫିଲ୍ମ ନିର୍ଦ୍ଦେଶକ ଜେ. ମହେନ୍ଦ୍ରନ୍

**ଚେନ୍ନାଇ୨।୪:** ତାମିଲ ଫିଲ୍ମ ନିର୍ମାତା ତଥା ବରିଷ୍ଠ ନିର୍ଦ୍ଦେଶକ ଜେ. ମହେନ୍ଦ୍ରନ୍‌ଙ୍କର ୭୯ ବର୍ଷ ବୟସରେ ଚେନ୍ନାଇଠାରେ ମଙ୍ଗଳବାର ସକାଳେ ପରଲୋକ ହୋଇଛି। କିଛିଦିନ ହେବ ସେ ଅସୁସ୍ଥ ହୋଇ ଚେନ୍ନାଇର ଆପୋଲୋ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ସୋମବାର ତାଙ୍କୁ ଘରକୁ ଆଣିବା ପରେ ମଙ୍ଗଳବାର ତାଙ୍କର ପରଲୋକ ଘଟିଥିବା ତାଙ୍କ ପରିବାର ପକ୍ଷରୁ ସୂଚନା ଦିଆଯାଇଥିଲା। ୧୯୩୯ରେ ଜନ୍ମିତ ମହେନ୍ଦ୍ରନ୍ ଜଣେ ସ୍କ୍ରିପ୍ଟ ରାଇଟର ଭାବେ ୬୦ ଦଶକରୁ କ୍ୟାରିୟର ଆରମ୍ଭ କରିଥିଲେ।



# ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସର୍ବଶିକ୍ଷା ଅଭିଯାନ, କୋରାପୁଟ

ଶିକ୍ଷା ଅଧିକାର
ସର୍ବ ଶିକ୍ଷା ଅଭିଯାନ
ସଭିଏଁ ପଢନ୍ତୁ ସଭିଏଁ ବଢନ୍ତୁ

**କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ୨୦୧୯-୨୦ ଶିକ୍ଷା ବର୍ଷ ପାଇଁ ନାମଲେଖା ବିଜ୍ଞାପନ**

ପତ୍ର ସଂଖ୍ୟା : ୬୮୧/୨୦୧୯ — ତାରିଖ : ୨୯.୦୩.୨୦୧୯

No.01-n: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, କୋରାପୁଟ ଜିଲ୍ଲାର ବ୍ଲକ ସ୍ତରରେ ଥିବା ୧୪ ଗୋଟି କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ତଫସିଲଭୁକ୍ତ ଜାତି/ ତଫସିଲଭୁକ୍ତ ଜନଜାତି / ସଂଖ୍ୟା ଲଘୁ ସମ୍ପ୍ରଦାୟ / ପଛୁଆବର୍ଗ / ସାଧାରଣ ବର୍ଗର ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିବା ବାଳିକା ଏବଂ ସାମାଜିକ, ସାଂସ୍କୃତିକ / ଅର୍ଥନୈତିକ / ଭୌଗୋଳିକ ପ୍ରତିବନ୍ଧକ ସକାଶେ ଅଧାରୁ ପାଠ ଛାଡିଥିବା ବାଳିକା, ଦୀର୍ଘ ଦିନ ଧରି ବିଦ୍ୟାଳୟରେ ଅନୁପସ୍ଥିତ ଥିବା ବାଳିକା, ବିଦ୍ୟାଳୟରେ ଆଦୌ ନାମ ଲେଖାଇନଥିବା ୧୦ ବର୍ଷ ବୟସରୁ ଅଧିକ ବୟସ୍କା ବାଳିକା ମାନଙ୍କ ପାଇଁ ନାମଲେଖାଇବା ଲାଗି ସମ୍ପୃକ୍ତ ବିଦ୍ୟାଳୟ ସ୍ତରରେ ଷଷ୍ଠ ଶ୍ରେଣୀ ନିମନ୍ତେ ଦରଖାସ୍ତ ଗ୍ରହଣ କରାଯାଉଅଛି। ଉପରୋକ୍ତ ଶ୍ରେଣୀ ଅନ୍ତର୍ଭୁକ୍ତ, ଭିନ୍ନକ୍ଷମ, ଅନାଥ, ପିତା/ମାତା ନଥିବା ବାଳିକା, ଶିଶୁ ଚାଲାଣ (ବାଳିକା) / ଦାଦନ ଖଟିବାକୁ ଯାଇଥିବା ପିତାମାତାଙ୍କ ଝିଅ / ଜରି ଗୋଟାଳି / ଚାଲାଣ ମହିଳାଙ୍କ କିଶୋରୀ / ଏଡସ୍ ସଂକ୍ରମିତ ପିତାମାତାଙ୍କ ଝିଅଙ୍କୁ ନାମ ଲେଖାଇବାର ସୁଯୋଗ ରହିଛି। ଚଳିତ ବର୍ଷ ସଂପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଷଷ୍ଠଶ୍ରେଣୀରେ ଖାଲିଥିବା ସ୍ଥାନ ସଂଖ୍ୟା ଅନୁଯାୟୀ ଅଗ୍ରାଧିକାର ଭିତ୍ତିରେ ଚୂଡାନ୍ତ ନାମଲେଖା ତାଲିକା ପ୍ରସ୍ତୁତ କରି ନାମଲେଖା ପାଇଁ ତାରିଖ ନିର୍ଦ୍ଧାରିତ କରିବେ ଏବଂ ଏହି କାର୍ଯ୍ୟକ୍ରମ ୧୫.୦୪.୨୦୧୯ ତାରିଖ ସୁଦ୍ଧା ଶେଷ ହେବାକୁ ସ୍ଥିର ହୋଇଅଛି। ଏଥି ନିମନ୍ତେ କୌଣସି ମେଧାଭିତ୍ତିକ ପରୀକ୍ଷା କରିବାର ଆବଶ୍ୟକତା ନାହିଁ। ଏହି ଆବାସିକା ବିଦ୍ୟାଳୟମାନଙ୍କରେ ମାଗଣାରେ ରହିବା, ଖାଇବା ଓ ପଢିବାର ସମସ୍ତ ସୁବିଧା ସୁଯୋଗ ରହିଅଛି।

ତେଣୁ ଆପଣମାନଙ୍କୁ ଜଣାଇ ଦିଆଯାଉଛି ଯେ, ଯଦି ଏହି ପ୍ରକାରର କୌଣସି ବାଳିକା ଆପଣଙ୍କ ଗୋଚରରେ ଅଛନ୍ତି, ଆପଣ ସଂପୃକ୍ତ ବିଦ୍ୟାଳୟ ଓ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସର୍ବଶିକ୍ଷା ଅଭିଯାନ, କୋରାପୁଟ ଓ ସଂପୃକ୍ତ ବ୍ଲକ୍‌ର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଯୋଗାଯୋଗ କରି ଏହି ସୁବିଧା ଓ ସୁଯୋଗ ନିଅନ୍ତୁ।

| କ୍ରମିକ ନଂ | ବ୍ଲକର ନାମ | କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ନାମ | ଖାଲିଥିବା ସ୍ଥାନ ଷଷ୍ଠ ଶ୍ରେଣୀ (ଆପାତତଃ) | ପ୍ରଧାନ ଶିକ୍ଷକଙ୍କ ଯୋଗାଯୋଗ ନଂ |
|---|---|---|---|---|
| ୧ | ବନ୍ଧୁଗାଁ | (କେଜିବିଭି- ତୁରୁକ୍‌ପେଟା) | ୧୫ | ୯୪୩୭୩୬୬୬୭୨ |
| ୨ | କୁନ୍ଦୁରା | (କେଜିବିଭି-ଭେଜାହାଣ୍ଡି) | ୩୬ | ୯୪୩୭୧୨୫୬୩୦ |
| ୩ | ବୋରିଗୁମ୍ମା | (କେଜିବିଭି-ବୋରିଗୁମ୍ମା) | ୩୯ | ୯୪୩୮୦୦୯୦୯୨ |
| ୪ | କୋରାପୁଟ | (କେଜିବିଭି-ପୂଜାରୀପୁଟ) | ୩୬ | ୯୪୩୭୭୭୮୭୭୭ |
| ୫ | ଲକ୍ଷ୍ମୀପୁର | (କେଜିବିଭି-କାକିରିଗୁମ୍ମା) | ୨୫ | ୯୪୩୯୩୧୯୯୭୨ |
| ୬ | ପଟ୍ଟାଙ୍ଗି | (କେଜିବିଭି-ପୋଡାପଦର) | ୩୦ | ୯୪୩୯୩୯୮୨୧୫ |
| ୭ | ଜୟପୁର | (କେଜିବିଭି-ଜୟନ୍ତଗିରି) | ୩୩ | ୯୪୯୧୧୯୮୫୯୪ |
| ୮ | ନାରାୟଣପାଟଣା | (କେଜିବିଭି-ନାରାୟଣପାଟଣା) | ୨୮ | ୮୮୯୫୬୮୫୯୦୯ |
| ୯ | ଲମତାପୁଟ | (କେଜିବିଭି-ମାଳିପୁଟ) | ୪୩ | ୯୪୩୮୫୫୧୮୪୮ |
| ୧୦ | କୋଟପାଡ | (କେଜିବିଭି-ଜାମାଲ୍) | ୩୦ | ୮୮୯୫୨୬୧୨୬୨ |
| ୧୧ | ନନ୍ଦପୁର | (କେଜିବିଭି-ନନ୍ଦପୁର) | ୩୪ | ୯୪୩୭୨୭୪୭୬୩ |
| ୧୨ | ଦଶମନ୍ତପୁର | (କେଜିବିଭି-ବନାସିଲ୍) | ୩୪ | ୮୭୬୩୧୩୨୧୯୬ |
| ୧୩ | ବୈପାରୀଗୁଡ଼ା | (କେଜିବିଭି-ଟାଙ୍ଗିଣିଗୁଡ଼ା) | ୪୦ | ୮୪୫୭୦୭୦୭୨୬ |
| ୧୪ | ସେମିଳିଗୁଡ଼ା | (କେଜିବିଭି-ଆଲ୍ଲିଗାଁ) | ୪୦ | ୯୪୩୭୮୩୫୩୧୦ |

27035/11/0001/1920 — ସ୍ୱା./- ଜିଲ୍ଲା ପ୍ରକଳ୍ପ ସଂଯୋଜକ, ସର୍ବଶିକ୍ଷା ଅଭିଯାନ, କୋରାପୁଟ

# ୨୩ ଛାତ୍ରୀଛାତ୍ରଙ୍କୁ ବିଷ ଦେଲେ ଶିକ୍ଷକ

**ବେଜିଂ,୨।୪:** ଚାଇନାରେ ଘଟିଛି ଏକ ଅଭାବନୀୟ ଘଟଣା। ସ୍ଥାନୀୟ ହେନାନ ପ୍ରଦେଶର ଜିଆଓଜୁଓସ୍ଥିତ ମେଙ୍ଗ୍‌ମେଙ୍ଗ୍ କିଣ୍ଡରଗାର୍ଟେନ ସ୍କୁଲରେ ଜଣେ ଶିକ୍ଷକ ୨୩ ଛାତ୍ରୀଛାତ୍ରଙ୍କୁ ଦଲିଆରେ ନାଇଟ୍ରାଇଟ୍ ମିଶାଇ ଖାଇବାକୁ ଦେଇଛନ୍ତି। ଏହା ଖାଇବା ପରେ ପିଲାଙ୍କୁ ବାନ୍ତି ହୋଇଥିଲା। ଶିକ୍ଷକ ପିଲାଙ୍କ ଘରକୁ ଫୋନ୍ କରି ଏହା ଜଣାଇଥିଲେ। ଛାତ୍ରୀଛାତ୍ରଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସୁସ୍ଥହେବା ପରେ ପିଲାମାନେ କହିଥିଲେ ଯେ, ସେମାନଙ୍କୁ ଖାଇବାକୁ ଦିଆଯାଇଥିବା ଦଲିଆ ମିଠା ପରିବର୍ତ୍ତେ ଲୁଣିଆ ଲାଗୁଥିଲା। ଦଲିଆ ପରୀକ୍ଷା ପରେ ସେଥିରେ ନାଇଟ୍ରାଇଟ୍ ମିଶାଯାଇଥିବା ଜଣାପଡ଼ିଥିଲା।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ**-ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ମେଘମୁକ୍ତ ରହିବ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୮ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୫.୦ | ୨୩.୭ |
| ଚାନ୍ଦବାଲି | ୩୭.୪ | ୨୬.୧ |
| କଟକ | ୩୮.୬ | ୨୩.୫ |
| ପାରାଦ୍ୱୀପ | ୩୧.୫ | ୨୬.୦ |
| ଭୁବନେଶ୍ୱର | ୩୭.୮ | ୨୪.୪ |
| ଗୋପାଳପୁର | ୩୦.୮ | ୨୨.୭ |
| ପୁରୀ | ୩୩.୦ | ୨୭.୦ |
| ଅନୁଗୋଳ | ୩୯.୭ | ୨୨.୦ |
| ବାରିପଦା | ୩୫.୬ | ୨୪.୦ |
| ଝାରସୁଗୁଡ଼ା | ୩୯.୬ | ୨୧.୮ |
| କେନ୍ଦୁଝର | ୩୫.୫ | ୨୨.୩ |
| ସମ୍ବଲପୁର | ୩୯.୨ | ୨୨.୩ |
| ସୁନ୍ଦରଗଡ଼ | ୪୦.୦ | ୨୦.୫ |
| ହୀରାକୁଦ | ୩୯.୧ | ୨୨.୭ |
| ତାଳଚେର | ୩୯.୬ | ୨୫.୬ |
| ଭବାନୀପାଟଣା | ୩୮.୭ | ୨୩.୪ |
| ବଲାଙ୍ଗୀର | ୩୯.୩ | ୨୨.୪ |
| କୋରାପୁଟ | ୩୫.୨ | ୧୯.୬ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | ୩୯.୬ | ୨୧.୫ |
| ମାଲକାନଗିରି | ୪୦.୨ | ୨୦.୦ |
| ସୋନପୁର | ୪୦.୮ | ୨୦.୮ |
| ଦାରିଙ୍ଗିବାଡ଼ି | ୩୩.୦ | ୧୮.୦ |

ଡିଗ୍ରୀ ସେଲ୍‌ସିୟସ୍

## ଇତିହାସର ଆଇନାରେ

### ଏପ୍ରିଲ ୩ର ପ୍ରମୁଖ ଘଟଣା

୨୦୧୦ ଏପ୍ରିଲ ୩ରେଆପଲ୍ ଇଙ୍କ୍ ପ୍ରଥମ ପିଢ଼ିର ଏକ ଟାବଲେଟ୍ କମ୍ପ୍ୟୁଟର ଆଇପ୍ୟାଡ୍ ରିଲିଜ କରିଥିଲା। ଟାବଲେଟ୍ କମ୍ପ୍ୟୁଟରକୁ ସାଧାରଣତଃ ସଂକ୍ଷେପରେ ଟାବଲେଟ୍ କୁହାଯାଏ। ଏହା ଏକ ମୋବାଇଲ୍ ଡିଭାଇସ୍।

୨୦୧୩ ଏପ୍ରିଲ ୩ରେ ଆର୍ଜେଣ୍ଟିନାର ବୁଏନ୍ସ ଏରିସ୍ ଓ ଲା ପ୍ଲାଟାରେ ପ୍ରବଳ ବର୍ଷା ଯୋଗୁ ବନ୍ୟା ଆସିବା ଫଳରେ ୫୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିଲା। ବୁଏନ୍ସ ଏରିସ୍ ହେଉଛି ଆର୍ଜେଣ୍ଟିନାର ରାଜଧାନୀ ତଥା ବୃହତ୍ ନଗରୀ। ଏହି ସହର ଲା ପ୍ଲାଟାର ପଶ୍ଚିମ ଉପକୂଳରେ ଅବସ୍ଥିତ। ଏହା ଦକ୍ଷିଣ ଆମେରିକା ମହାଦେଶର ଦକ୍ଷିଣ-ପୂର୍ବ ଉପକୂଳସ୍ଥ ଏକ ବୃହତ୍ ସହର।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

## ଉପ-ଜିଲ୍ଲାପାଳ, ସୋନପୁର ତଥା ରିଟର୍ଣ୍ଣିଂ ଅଧିକାରୀ

**୬୫- ସୋନପୁର ବିଧାନସଭା ନିର୍ବାଚନମଣ୍ଡଳୀଙ୍କ କାର୍ଯ୍ୟାଳୟ, ସୋନପୁର**

ସଂଖ୍ୟା.୨୦୦୩ — ତାରିଖ.୦୧।୦୪।୨୦୧୯

**ପ୍ରାପ୍ତେଷୁ,** ୬୫-ସୋନପୁର ବିଧାନସଭା ନିର୍ବାଚନମଣ୍ଡଳୀର ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସମସ୍ତ ପ୍ରାର୍ଥୀ।

**ବିଷୟ:** ପ୍ରାର୍ଥୀଙ୍କ ଦୈନନ୍ଦିନ ନିର୍ବାଚନ ଖର୍ଚ୍ଚର ହିସାବ ଯାଞ୍ଚ ସମ୍ବନ୍ଧରେ।

**ମହାଶୟ,** ଏଥିସହିତ ମୁଁ ଆପଣଙ୍କୁ ଜଣାଇବାକୁ ଚାହେଁ ଯେ, ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ଦୈନନ୍ଦିନ ନିର୍ବାଚନ ଖର୍ଚ୍ଚ ଯାଞ୍ଚ କରିବା ନିମନ୍ତେ ମାନ୍ୟବର ନିର୍ବାଚନ ଆୟୋଗଙ୍କ ଥିବା ନିର୍ଦ୍ଦେଶ ଅନୁପାଳନରେ ଚଳିତ ଏକକାଳୀନ ସାଧାରଣ ନିର୍ବାଚନରେ ୬୫-ସୋନପୁର ବିଧାନସଭା ନିର୍ବାଚନମଣ୍ଡଳୀରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନଙ୍କର ଦୈନନ୍ଦିନ ନିର୍ବାଚନୀ ଖର୍ଚ୍ଚ ସଂକ୍ରାନ୍ତୀୟ ରେଜିଷ୍ଟର ଏବଂ ତତ୍‌ସମ୍ବନ୍ଧୀୟ ସମସ୍ତ କାଗଜାତ ନିମ୍ନରେ ସୂଚିତ କାର୍ଯ୍ୟସୂଚୀ ମତେ ଅନୁଷ୍ଠିତ ହେବ ତଦନୁସାରେ ଆପଣ କିମ୍ବା ଆପଣଙ୍କ ଏଜେଣ୍ଟଙ୍କ ଦ୍ୱାରା ଉକ୍ତ ଖର୍ଚ୍ଚର ହିସାବ ସଂକ୍ରାନ୍ତୀୟ ରେଜିଷ୍ଟର, ଦସ୍ତାବିଜ/କାଗଜାତ ଉପସ୍ଥାପନ କରିବାକୁ ଜଣାଇ ଦିଆଯାଉଛି।

ଆପଣଙ୍କ ବିଶ୍ୱସ୍ତ

ସ୍ୱା./- ଉପ-ଜିଲ୍ଲାପାଳ, ସୋନପୁର ତଥା ରିଟର୍ଣ୍ଣିଂ ଅଧିକାରୀ, ୬୫- ସୋନପୁର ବିଧାନସଭା ନିର୍ବାଚନମଣ୍ଡଳୀ

| କ୍ରମିକ ସଂଖ୍ୟା | ଯାଞ୍ଚ ତାରିଖ | ଯାଞ୍ଚ ସମୟ | ଯାଞ୍ଚ ସ୍ଥାନ |
|---|---|---|---|
| ୧ | ୦୩।୦୪।୨୦୧୯ | ପୂର୍ବାହ୍ନ ୧୧ ଘଟିକା | ସର୍କିଟ ହାଉସ ସଭାକକ୍ଷ, ସୋନପୁର |
| ୨ | ୦୭।୦୪।୨୦୧୯ | ପୂର୍ବାହ୍ନ ୧୧ ଘଟିକା | ସର୍କିଟ ହାଉସ ସଭାକକ୍ଷ, ସୋନପୁର |
| ୩ | ୧୧।୦୪।୨୦୧୯ | ପୂର୍ବାହ୍ନ ୧୧ ଘଟିକା | ସର୍କିଟ ହାଉସ ସଭାକକ୍ଷ, ସୋନପୁର |
| ୪ | ୧୫।୦୪।୨୦୧୯ | ପୂର୍ବାହ୍ନ ୧୧ ଘଟିକା | ସର୍କିଟ ହାଉସ ସଭାକକ୍ଷ, ସୋନପୁର |

ସ୍ୱା./-ଉପ-ଜିଲ୍ଲାପାଳ, ସୋନପୁର ତଥା ରିଟର୍ଣ୍ଣିଂ ଅଧିକାରୀ, ୬୫- ସୋନପୁର ବିଧାନସଭା ନିର୍ବାଚନମଣ୍ଡଳୀ

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — * GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ ।
ବ୍ୟବସାୟ, ପ୍ରେମବିବାହ, ମନ ଚାହୁଁଥିବା ଭଲପାଉଥିବା, କଳାଯାଦୁ, କରି କରାଉଥିବା, ପତି-ପତ୍ନୀ ମଧ୍ୟରେ ଝଗଡା ଏବଂ ଗୃହକ୍ଳେଶ, ସଉତୁଣୀ ଶତ୍ରୁ ମୁକ୍ତି, ରୁଷିଥିବା ଲୋକଙ୍କୁ ରାଜି କରାଇବା, ବଶୀକରଣ, ମୂଠ ଯାଦୁ ଟୋଣା, କ୍ୟାରିୟରରେ ଅସଫଳତା, ରୋଗରେ ଔଷଧ କାମ ନ କରିବା ଘରେ ହେଉଥିବା ଝଗଡା, ମା, ଭଉଣୀ ଓ ଝିଅମାନେ ନିଃସଙ୍କୋଚରେ ଫୋନ୍ କରନ୍ତୁ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠକରଣୀ
ବାବା ଆଲାମ ଖାନ
(ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର)
9773820765
8512004851

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114, 2nd Lane, PI Colony Bangalore, Karnataka 570001
9407808604
7310568553

FINANCE
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

!! ଭଟକିବାରୁ ବଞ୍ଚନ୍ତୁ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ରର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ । ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ ।
ମୋ ଆଗରୁ କାମ କରିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663
8743922900

FINANCE
BCF ଋଣ ଲିମିଟେଡ୍ ଭରସାର ପ୍ରତିକ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୧୨ ଘଣ୍ଟାରେ ୫ କାଗଜରେ ପାଆନ୍ତୁ। 2% ସୁଧ 45% ଛାଡ
No File Charge No Guarantor
Vasundhara Mall, West Boring Canal Rd, Rajapur, Patna, Bihar 800001
8958186716
9675859756

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍‌ଚର୍, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free
9115871031
Add. : T-51, Gali No. 8, Gautampuri, Delhi

ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର
CITY FINANCE GROUP LTD.
ଭାରତର ସର୍ବଶ୍ରେଷ୍ଠ ସୁପ୍ରସିଦ୍ଧ କମ୍ପାନୀ ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ ଋଣ, ବିପିଏଲ୍ କାର୍ଡ ଋଣ, ବ୍ୟବସାୟ ଋଣ, ଆଧାରକାର୍ଡ ମାତ୍ର 24 ଘଣ୍ଟାରେ ଘରେ ବସି କିମ୍ବା ଅନ୍‌ଲାଇନ୍‌ରେ ପାଆନ୍ତୁ କମ୍ ସମୟ ସହଜ କିସ୍ତିରେ ଉପଲବ୍ଧ। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
Helpline Number
9855585642
8053882482
B-283, JJ Camp Tigri, South Delhi, Delhi - 110062

FINANCE
TCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ୫ କାଗଜରେ ପାଆନ୍ତୁ।
0% ସୁଧ 50% ଛାଡ
No File Charge No Guarantor
Online Facility Available
Saharaganj Mall, Shahnajaf Rd, Lucknow, Uttar Pradesh 226001
07535093304
09675742689

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD
(Registration - U6519TN198PLC008555)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ , ଇଟାଭାଟି ଏବଂ ସମସ୍ତ ଋଣ ୩-୪ ଦିନରେ ପାଆନ୍ତୁ ୨% ସୁଧ, ୪୦% ରିହାତି। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ପୂର୍ଣ୍ଣ ବିଶ୍ୱାସ ସହିତ କାମ କରାନ୍ତୁ।
Helpline: 7302958798
A-6, GALI NO.6B, SWATANTRA NAGAR, NARELA, DELHI

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 90 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Karol Bagh
Mob.: 8676907143, 9348274623

**ପାଠକଙ୍କ ପାଇଁ ସୂଚନା** — ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଭାଜପାରେ ରଘୁ ମହାନ୍ତି



ଭୁବନେଶ୍ୱର,୨।୪(ବ୍ୟୁରୋ): ବିଜେଡିରୁ ଟିକେଟ ନ ପାଇବା ଆଶଙ୍କା କରି ବିଜେଡିରୁ ଇସ୍ତଫା ଦେଇଥିବା ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ମଙ୍ଗଳବାର ଭାଜପାରେ ଯୋଗ ଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ରାଜ୍ୟ କାର୍ଯ୍ୟାଳୟରେ ରଘୁ ଆନୁଷ୍ଠାନିକ ଭାବେ ଦଳରେ ସାମିଲ ହୋଇଛନ୍ତି। ଭାଜପା ପକ୍ଷରୁ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଛି। ରଘୁଙ୍କୁ ଭାଜପା ବାଲେଶ୍ୱରର ବସ୍ତାରୁ ପ୍ରାର୍ଥୀ କରି ପାରେ ବୋଲି ଆଲୋଚନା ହେଉଛି। ଏଠାରେ ସୂଚନା ଯୋଗ୍ୟ ଯେ ରଘୁ ନିଜର ପାରିବାରିକ ସମସ୍ୟା ଯୋଗୁ ୨୦୧୪ରେ ବିଜେଡି ଟିକେଟ ପାଇବାରୁ ବଞ୍ଚିତ ହୋଇଥିଲେ। ଦଳ ତାଙ୍କୁ ନିଲମ୍ବନ କରିଥିଲେ ମଧ ପରବର୍ତ୍ତୀ ସମୟରେ ତାଙ୍କ ଉପରୁ ଏହି ଆଦେଶ ପ୍ରତ୍ୟାହାର କରାଯାଇଥିଲା। ତାଙ୍କୁ ଓଡିଶା ଉଠାଜଳସେଚନ ନିଗମ(ଓଏଲଆଇସି) ଅଧକ୍ଷ ଭାବେ ନିଯୁକ୍ତି ଦିଆଯାଇଥିଲା। ବସ୍ତାରୁ ତାଙ୍କୁ ବିଜେଡି ଟିକେଟ ମିଳୁ ନ ଥିବା ଜାଣିପାରିବା ପରେ ସେ ନିଗମ ଅଧକ୍ଷ ପଦରୁ ଇସ୍ତଫା ଦେଇଥିଲେ। ପରେ ସେ ବିଜେଡିରୁ ମଧ ଇସ୍ତଫା ଦେଇଥିଲେ।

### ମୁଖ୍ୟମନ୍ତ୍ରୀଙ୍କ ବ୍ରହ୍ମପୁର ଗସ୍ତ ଆଜି

- କନିଷିରୁ ଶୁଭାରମ୍ଭ ହେବ ବିଜେଡିର ନିର୍ବାଚନୀ ପ୍ରଚାର
- ମହାନଗରରେ ରୋଡ୍ ଶୋ'

ବ୍ରହ୍ମପୁର ଅଫିସ,୨।୪: ବିଜେଡିର ନିର୍ବାଚନ ପ୍ରଚାର ପାଇଁ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଗଞ୍ଜାମ ଜିଲା ଗସ୍ତରେ ଆସିବେ। ପ୍ରଥମେ ଗୋପାଳପୁର ନିର୍ବାଚନ ମଣ୍ଡଳୀର କନିଷିରେ ଦଳ ପକ୍ଷରୁ ଆୟୋଜିତ ଜନ ସମାବେଶକୁ ସମ୍ବୋଧିତ କରିବେ। ସେଥିପାଇଁ ଜିଲା ବିଜେଡି ପକ୍ଷରୁ ପ୍ରସ୍ତୁତି ଜୋରଦାର ହୋଇଛି। ଦଳ ପ୍ରାର୍ଥୀ ଘୋଷଣା ହେବା ପରେ କନିଷିରୁ ନବୀନ ନିର୍ବାଚନୀ ପ୍ରଚାରର ଶୁଭାରମ୍ଭ କରିବାର କାର୍ଯ୍ୟକ୍ରମ ରହିଛି। ସୂଚନାନୁସାରେ, ଭୁବନେଶ୍ୱରରୁ ନବୀନ ହେଲିକପ୍ଟରରେ ଆସି କନିଷିରେ ଓହ୍ଲାଇବେ ଏବଂ ସଭା ଶେଷରେ ସେ ବିଭିନ୍ନ ଅଞ୍ଚଳରେ ରୋଡ ଶୋ' କରିବେ। ବୁଧବାର ଅପରାହ୍ନ ୪ଟାରେ ନବୀନଙ୍କ ରୋଡ ଶୋ' କନିଷିରୁ ଆରମ୍ଭ ହେବ। ସେଠାରୁ ବ୍ରହ୍ମପୁର ଗୁଡସଶେଡ୍ ରୋଡ ଦେଇ ଗୋସାଣୀନୂଆଗାଁ ପାଠାଗାର ଛକ, ନୂଆ ଆମ୍ବ ମାର୍କେଟ ତଥା ଅନ୍ଧପସରା ରୋଡରେ ପହଞ୍ଚିବେ। ପୁରୁଣା ବ୍ରହ୍ମପୁର ମେଣ୍ଟ୍ଛକ, ବାଲୁଙ୍କେଶ୍ୱର ମନ୍ଦିର ଛକ, ହରିଡ଼ାଖଣ୍ଡି ଛକ, ତାଲୁକା ରୋଡ ଓ ଶ୍ରୀରାମ ନଗର ଛକକୁ ଆସିବେ। ପରବର୍ତ୍ତୀ ପର୍ଯ୍ୟାୟରେ ଗେଟବଜାର, ବାବାଜୀତୋଟା, ଖଲ୍ଲିକୋଟ କଲେଜ, ବିଜିପୁର ଛକ, ଟାଟାବେଞ୍ଚ ଛକ, କମାପଲ୍ଲୀ ଓ ଇଞ୍ଜିନିୟରିଂ ସ୍କୁଲ ଛକ ଦେଇ ଖୋଡ଼ାସିଙ୍ଗି ଓ ଆମ୍ବପୁଆରେ ରୋଡ ଶୋ' କରିବେ। ବ୍ରହ୍ମପୁରରୁ ନବୀନ ଛତ୍ରପୁର ଅଞ୍ଚଳରେ ରୋଡ ଶୋ' କରି ଜିଲା ସଦର ମହକୁମାକୁ ଯିବେ। ସେଠାରେ ମଧ ଜନସମାବେଶକୁ ସମ୍ବୋଧିତ କରିବା ପରେ ଗଞ୍ଜାମ ଓ ରମ୍ଭା ଏନ୍ଏସି ଅଞ୍ଚଳରେ ରୋଡ ଶୋ' କରି ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ସଫଳ କରିବା ପାଇଁ ଜିଲା ଯୁବ ବିଜେଡି, ମହିଳା ବିଜେଡି ଓ ମହାନଗର ବିଜେଡି ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି।

### ବିଜେଡି ପ୍ରାର୍ଥୀ ଚୟନରେ ଅସନ୍ତୋଷ
### ଇସ୍ତଫା ଦେଲେ କର୍ମୀ

ଜଟଣୀ,୨।୪(ଡି.ଏନ.ଏ.): ଜଟଣୀ ନିର୍ବାଚନମଣ୍ଡଳୀ ପାଇଁ ବିଜେଡି ପ୍ରାର୍ଥୀ ଚୟନରେ ଅସନ୍ତୋଷ ପ୍ରକାଶ କରି ଜଟଣୀ ବ୍ଲକର ଜଣେ ସମିତି ସଭ୍ୟା, କେତେଜଣ ପୂର୍ବତନ କାଉନ୍ସିଲର ଓ କର୍ମୀ ମଙ୍ଗଳବାର ଦଳରୁ ଇସ୍ତଫା ଦେଇଛନ୍ତି। ଇସ୍ତଫା ପତ୍ର ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇ ଦେଇଛନ୍ତି। ଜଟଣୀ ବ୍ଲକ ତରାବୋଇ ପଞ୍ଚାୟତର ସମିତିସଭ୍ୟା ଜୟନ୍ତୀ ଛୋଟରାୟ, ମ୍ୟୁନିସିପାଲିଟିର ପୂର୍ବତନ କାଉନ୍ସିଲର ତଥା ପୂର୍ବତନ ବିଜେଡି ନଗର ସଭାପତି ଲୁସେନ ରାୟ। ସେହିପରି ପୂର୍ବତନ କାଉନ୍ସିଲର ଜଟାଧାରୀ ପ୍ରଧାନ, ଅନସୂୟା ପ୍ରଧାନ, ସବିତା ପ୍ରଧାନ, ପୂର୍ବତନ ଜିଲା ପରିଷଦ ସଦସ୍ୟ ବିଜୟ ଛୋଟରାୟଙ୍କ ସମେତ ଅକ୍ଷୟ କୁମାର ବାରିକ, ଭବାନୀ ପ୍ରସାଦ ପଟ୍ଟନାୟକ, ରଞ୍ଜିତ ମଙ୍ଗରାଜ, ରଜନୀକାନ୍ତ ପଟ୍ଟନାୟକ, ସଂଗ୍ରାମ କେଶରୀ ବଡଜେନା, ଶୁଭ୍ରମ୍ କେଶରୀ ବଡଜେନା ପ୍ରମୁଖ ଦଳରୁ ଇସ୍ତଫା ଦେଇଛନ୍ତି।



କେନ୍ଦୁଆଠାରେ ଆୟୋଜିତ ସଭାରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ରଘୁବର ଦାସଙ୍କୁ ସ୍ୱାଗତ କରାଯାଉଛି।

### ମୟୂରଭଞ୍ଜରେ ଭାଜପା ପକ୍ଷରୁ ନିର୍ବାଚନ ପ୍ରଚାର ଆରମ୍ଭ
# ମଇଦାନରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ

ବାରିପଦା ଅଫିସ,୨।୪

- ବକ୍ତବ୍ୟରେ ଝାଡ଼ଖଣ୍ଡର ବିକାଶକୁ ନଜିର ଦେଲେ
- ବିକାଶ କ୍ଷେତ୍ରରେ ମୟୂରଭଞ୍ଜ ପ୍ରତି ଅବହେଳା ଲାଗି ଓଡ଼ିଶା ସରକାରଙ୍କ ଉପରେ ବର୍ଷିଲେ
- ସଭାରେ ନ ଥିଲେ କେହି ରାଜ୍ୟସ୍ତରୀୟ ନେତା

ମୟୂରଭଞ୍ଜ ଜିଲାରେ ଚତୁର୍ଥ ପର୍ଯ୍ୟାୟରେ ଭୋଟ ହେବାକୁ ଥିବା ବେଳେ ମଙ୍ଗଳବାରଠାରୁ ଭାଜପା ପ୍ରଚାର ଅଭିଯାନ ଆରମ୍ଭ କରିଛି। ପଡୋଶୀ ରାଜ୍ୟ ଝାଡଖଣ୍ଡର ମୁଖ୍ୟମନ୍ତ୍ରୀ ରଘୁବର ଦାସ ଏହି ଅଭିଯାନରେ ସାମିଲ ହୋଇ ୩ଟି ସ୍ଥାନରେ ଆୟୋଜିତ ବିଜୟ ସଙ୍କଳ୍ପ ସଭାକୁ ଉଦ୍‌ବୋଧନ ଦେଇଛନ୍ତି। ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀ ଅଧୀନ ଶାମାଖୁଣ୍ଟା ବ୍ଲକର କେନ୍ଦୁଆ କଲେଜ ପଡିଆ, ବାରିପଦା ନିର୍ବାଚନ ମଣ୍ଡଳୀ ଅଧୀନ ଖୁଣ୍ଟା ବ୍ଲକର ଡୁକୁରା ସ୍ଥିତ ଖେଳ ପଡିଆ ଏବଂ ଉଦଳା ନିର୍ବାଚନ ମଣ୍ଡଳୀ ଅଧୀନ କପ୍ତିପଦା ଯାତ୍ରା ପଡିଆ ଠାରେ ଦଳ ପକ୍ଷରୁ ପ୍ରଚାର ସଭା କରାଯାଇଥିଲା। ଦଳର ଲୋକ ସଭା ଓ ବିଧାନସଭା ପ୍ରାର୍ଥୀମାନଙ୍କ ଲାଗି ରଘୁବର ପ୍ରଚାର ଆରମ୍ଭ କରି ଭାଜପା ଶାସିତ ଝାଡ଼ଖଣ୍ଡରେ କିଭଳି ବିକାଶ କାର୍ଯ୍ୟ ହୋଇଛି ତାହା ବଖାଣିଥିଲେ। ସାମଗ୍ରିକ ବିକାଶ କ୍ଷେତ୍ରରେ ଓଡ଼ିଶା କିଭଳି ପଛରେ ପଡିଛି ଏବଂ ଆଦିବାସୀ ଅଧୁଷିତ ମୟୂରଭଞ୍ଜ ଜିଲାର ବିକାଶ ପ୍ରତିହତ ହୋଇଛି, ତାହା ଉଲ୍ଲେଖ କରି ସେ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ଆର୍ଥିକ ବିକାଶ କ୍ଷେତ୍ରରେ ଗୁଜରାଟ ପରେ ଏବେ ଝାଡଖଣ୍ଡ ଏକ ମଡେଲ ରାଜ୍ୟ ଭାବେ ପରିଗଣିତ ହେଉଛି ବୋଲି ସେ କହିଥିଲେ।

ମୟୂରଭଞ୍ଜର ଲୋକ ସଭା ଓ ଏହା ଅଧୀନ ୭ଟି ବିଧାନସଭା ଆସନ ଲାଗି ସୋମବାର ସୁଦ୍ଧା ଭାଜପା ପକ୍ଷରୁ ପ୍ରାର୍ଥୀ ଘୋଷଣା ସରିବା ପରେ ମଙ୍ଗଳବାରଠାରୁ ଦଳ ପ୍ରଚାର ମଇଦାନକୁ ପ୍ରଥମେ ଓହ୍ଲାଇ ଆସିଛି। ମଙ୍ଗଳବାର ୩ଟି ସ୍ଥାନରେ ହୋଇଥିବା ନିର୍ବାଚନୀ ସଭାରେ ଦଳର କୌଣସି ରାଜ୍ୟସ୍ତରୀୟ ତୁଙ୍ଗନେତାଙ୍କୁ ଦେଖିବାକୁ ମିଳି ନ ଥିଲା। ମଞ୍ଚରେ ରଘୁବର ଥିଲେ ମୁଖ୍ୟ ଆକର୍ଷଣ। ସେ ହେଲିକପ୍ଟର ଯୋଗେ ଆସି ଦଳ ଲାଗି ପ୍ରଚାର କରିଥିଲେ।

ରଘୁବର କହିଥିଲେ, ଝାଡ଼ଖଣ୍ଡ ଓ ଓଡିଶା ରାଜ୍ୟରେ ପ୍ରାକୃତିକ ସବୁଜିମା ସାଙ୍ଗକୁ ଖଣି ଖାଦାନ ଭରି ରହିଛି। ଏହି ଖଣି ଖାଦାନରୁ ମିଳୁଥିବା ୧୧ ଶହ କୋଟି ଟଙ୍କାର ରୟାଲଟିକୁ ଝାଡ଼ଖଣ୍ଡ ସରକାର ବିକାଶ କାର୍ଯ୍ୟ ସମେତ ଲୋକଙ୍କ ମୌଳିକ ଆବଶ୍ୟକତା ମେଣ୍ଟାଇବା ଲାଗି ବ୍ୟବହାର କରୁଛନ୍ତି। ଓଡିଶା ସରକାର ଏହା କରୁନାହାନ୍ତି। ଫଳରେ ଝାଡ଼ଖଣ୍ଡ ରାଜ୍ୟ ବିକାଶ କ୍ଷେତ୍ରରେ ଆଗେଇ ଚାଲିଛି। ପଡୋଶୀ ମୟୂରଭଞ୍ଜବାସୀଙ୍କ ପାଖରେ ଏଯାଏ ରାସ୍ତାଘାଟ ଓ ପାନୀୟ ଜଳ ଭଳି ମୌଳିକ ସୁବିଧା ପହଞ୍ଚି ନାହିଁ କି ରୋଜଗାର ପନ୍ଥା ଲାଗି କିଛି ବାଟ ଫିଟି ନାହିଁ। ଓଡିଶା ସରକାର ବିଭିନ୍ନ ପେନସନ ଯୋଜନାରେ ବିଧବା ଓ ଭିନ୍ନକ୍ଷମ ମହିଳାଙ୍କୁ ମାତ୍ର ୫ ଶହ ଟଙ୍କା ଦେଉଛନ୍ତି। କିନ୍ତୁ ଝାଡ଼ଖଣ୍ଡ ସରକାର ଦେଉଛନ୍ତି ୧ ହଜାର ଟଙ୍କା। ଓଡ଼ିଶାରେ ଭାଜପା ସରକାର ଆସିଲେ ମହିଳାମାନଙ୍କୁ ମାସିକ ୧ ହଜାର ଟଙ୍କା ପେନସନ ଦେବା ଲାଗି ସେ ରାଜ୍ୟର ଭାଜପା ନେତାଙ୍କୁ ସୁପାରିସ କରିବେ ବୋଲି କହିଥିଲେ। ଝାଡ଼ଖଣ୍ଡରେ ଭିନ୍ନକ୍ଷମ, ବିଧବା ଏବଂ ଏକାକୀ ରହୁଥିବା ମହିଳାଙ୍କୁ ଭୀମରାଓ ଆମ୍ବେଡକର ଆବାସ ଯୋଜନାରେ ଘର ପ୍ରଦାନ କରାଯାଉଛି। ବେକାର ଯୁବତୀଯୁବକମାନେ କିଭଳି ରୋଜଗାରକ୍ଷମ ହେବେ ସେଥିଲାଗି ଗୁରୁତ୍ୱ ଦିଆଯାଉଛି। ଓଡିଶା ସରକାର ରାଜ୍ୟବାସୀଙ୍କ ହିତ ପାଇଁ କିଛି କାର୍ଯ୍ୟ କରୁନାହାନ୍ତି। ଝାଡ଼ଖଣ୍ଡ ସରକାର ସାନ୍ତାଳି ସମ୍ପ୍ରଦାୟର ଅଲଚିକି ଭାଷାକୁ ମାନ୍ୟତା ଦେଇଛନ୍ତି। ଏହି ସମ୍ପ୍ରଦାୟ ରହୁଥିବା ଅଞ୍ଚଳରେ ସରକାରୀ କ୍ଷେତ୍ରରେ ଏ ଭାଷାର ବ୍ୟବହାର କରାଯାଉଛି। ରେଳ ଷ୍ଟେଶନଗୁଡିକରେ ସାନ୍ତାଳି ଭାଷାରେ ସୂଚନା ଦିଆଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ଦ୍ଦେଶରେ ଆଗାମୀ ଦିନରେ ମୟୂରଭଞ୍ଜ ଜିଲାର ବିଭିନ୍ନ କ୍ଷେତ୍ରରେ ଏହି ଭାଷା ବ୍ୟବହାରକୁ ବାଧ୍ୟତାମୂଳକ କରାଯିବ ବୋଲି ସେ କହିଥିଲେ।

ଏସବୁ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଲୋକ ସଭା ପ୍ରାର୍ଥୀ ବିଶେଶ୍ୱର ଟୁଡୁ, ବାଙ୍ଗିରିପୋଷି ବିଧାୟକ ପ୍ରାର୍ଥୀ ସୁଗୁଦା ମୁର୍ମୁ, ବାରିପଦା ବିଧାୟକ ପ୍ରାର୍ଥୀ ପ୍ରକାଶ ସୋରେନ, ଉଦଳା ବିଧାୟକ ପ୍ରାର୍ଥୀ ଭାସ୍କର ମଢ଼େଇ, ଜିଲା ପରିଷଦ ସଭାପତି ସୁଜାତା ମୁର୍ମୁ, ଭାଜପା ଜିଲା ମୁଖପାତ୍ର କବି ବିଷ୍ଣୁ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅନ୍ୟ ଦଳ ଛାଡି ଶତାଧିକ କର୍ମୀ ଭାଜପାରେ ସାମିଲ ହୋଇଥିବା ଦଳ ପକ୍ଷରୁ କୁହାଯାଇଛି।

### କଂଗ୍ରେସର ୨ ଲୋକ ସଭା, ୯ ବିଧାନସଭା ପ୍ରାର୍ଥୀ ଘୋଷଣା
# କଟକରୁ ଲଢ଼ିବେ ପଞ୍ଚାନନ

ଭୁବନେଶ୍ୱର,୨।୪(ବ୍ୟୁରୋ)

ପ୍ରାର୍ଥୀ ଘୋଷଣା କ୍ଷେତ୍ରରେ ଭାଜପା, ବିଜେଡିଠାରୁ ବହୁ ପଛରେ ପଡ଼ିଥିବା କଂଗ୍ରେସ ମଙ୍ଗଳବାର ବିଳମ୍ବିତ ରାତିରେ ୨ ଲୋକ ସଭା ଓ ୯ ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ପ୍ରକାଶ କରିଛି। ନିକଟରେ କଂଗ୍ରେସରେ ଯୋଗଦେଇଥିବା ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋଙ୍କୁ କଟକ ଲୋକ ସଭା ଆସନରୁ ପ୍ରାର୍ଥୀ କରାଯାଇଥିବାବେଳେ ମାନସ ଜେନାଙ୍କୁ ଯାଜପୁର ଲୋକ ସଭା ଆସନରୁ ପ୍ରାର୍ଥୀ କରାଯାଇଛି। ଏଥିସହିତ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ପୁଅ ପୃଥ୍ୱୀବଲ୍ଲଭ ପଟ୍ଟନାୟକଙ୍କୁ ବେଗୁନିଆରୁ ପ୍ରାର୍ଥୀ କରାଯାଇଥିବା ବେଳେ ପିପିଲି ବିଧାନସଭା ଆସନ ପାଇଁ ଦଳ ଯୁଧିଷ୍ଠିର ସାମନ୍ତରାୟଙ୍କୁ ପୁଣିଥରେ ଟିକେଟ୍ ଦେଇଛି।

**କଂଗ୍ରେସର ପ୍ରାର୍ଥୀତାଲିକା**

| | |
|---|---|
| **ଲୋକ ସଭା** | |
| କଟକ | ପଞ୍ଚାନନ କାନୁନ୍‌ଗୋ |
| ଯାଜପୁର | ମାନସ ଜେନା |
| **ବିଧାନସଭା** | |
| ବାଲେଶ୍ୱର | ମାନସ ଦାସ ପଟ୍ଟନାୟକ |
| ଧର୍ମଶାଳା | ସ୍ମୃତିରେଖା ପହି |
| ଯାଜପୁର | ସନ୍ତୋଷ କୁମାର ନନ୍ଦ |
| ହିନ୍ଦୋଳ | ତ୍ରିନାଥ ବେହେରା |
| କାମାକ୍ଷାନଗର | ଭବାନୀ ଶଙ୍କର ମହାପାତ୍ର |
| ବଡ଼ମ୍ବା | ବବି ମହାନ୍ତି |
| ପାରାଦୀପ | ଅରିନ୍ଦମ୍ ସର୍କେଲ |
| ପିପିଲି | ଯୁଧିଷ୍ଠିର ସାମନ୍ତରାୟ |
| ବେଗୁନିଆ | ପୃଥ୍ୱୀବଲ୍ଲଭ ପଟ୍ଟନାୟକ |

### ନବୀନ ନିବାସରେ ଭିଡ଼



ମଙ୍ଗଳବାର ଭୁବନେଶ୍ୱରସ୍ଥିତ ନବୀନ ନିବାସରେ ଟିକେଟ ଆଶାୟୀ ଓ ନେତାଙ୍କ ଭିଡ଼।

### କାଶୀପୁରରେ ଭାଜପାର ବିଜୟ ସଂକଳ୍ପ ସମାବେଶ



ସଭାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସ୍ୱାଗତ କରାଯାଉଛି।

# ଭାଜପା ସରକାର ଆସିଲେ ରାଜ୍ୟର ହେବ ବିକାଶ: ଧର୍ମେନ୍ଦ୍ର

କାଶୀପୁର,୨।୪(ଡ଼ି.ଏନ.ଏ)

ଓଡ଼ିଶାବାସୀ ଏବେ ପରିବର୍ତ୍ତନ ଚାହୁଁଛନ୍ତି। କେନ୍ଦ୍ରରେ ମୋଦି ସରକାର ଓ ଓଡ଼ିଶାରେ ଭାଜପା ସରକାର ପ୍ରତିଷ୍ଠା ହେଲେ ରାଜ୍ୟର ବିକାଶ ହେବ। ଡବଲ ଇଞ୍ଜିନ ବାଲା ସରକାରର ଆବଶ୍ୟକତା ରହିଛି। ମଙ୍ଗଳବାର ରାୟଗଡ଼ା ଜିଲା କାଶୀପୁରରେ ଆୟୋଜିତ ଭାଜପାର ବିଜୟ ସଂକଳ୍ପ ସମାବେଶରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେଇ ଏହା କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ଓଡ଼ିଶାରେ ଭାଜପା ସରକାର ଆସିଲେ ସମସ୍ତଙ୍କର ନିଜ ଗ୍ରାମରେ ରୋଜଗାରର ବ୍ୟବସ୍ଥା କରିବା ସହିତ ଜଣେବି ଲୋକ ଦାଦନ ପାଇଁ ବାହାର ରାଜ୍ୟକୁ ଯିବେ ନାହିଁ। ଭୂମିହୀନ ଲୋକଙ୍କୁ ଜମି ଓ ଗରିବ ପରିବାରଙ୍କୁ ପକ୍କା ଘର ପ୍ରଦାନ କରାଯିବ। କେହି ଏଥିରୁ ବଞ୍ଚିତ ହେବେ ନାହିଁ ବୋଲି କହିଛନ୍ତି। ରାୟଗଡା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ବସନ୍ତ ଉଲ୍ଲକା ଏବଂ କୋରାପୁଟ ଏମ୍‌ପି ପ୍ରାର୍ଥୀ ଜୟରାମ ପାଙ୍ଗିଙ୍କୁ ଭୋଟଦେଇ ବିଜୟ ଲାଭ କଲେ ଏହି ଅଞ୍ଚଳର ବିକାଶ ହୋଇପାରିବ ବୋଲି କହିଛନ୍ତି। କେନ୍ଦ୍ରମନ୍ତ୍ରୀ ପ୍ରଧାନ କାଶୀପୁର ବ୍ଲକ ପଡିଆରେ ହେଲିକପ୍ଟରରୁ ଅବତରଣ କରିବା ପରେ ଭାଜପା କର୍ମୀମାନେ ସ୍ୱାଗତ କରିଥିଲେ। ସେଠାରୁ ଏକ ବିଶାଳ ରାଲିରେ କାଶୀପୁର ମୁଖ୍ୟରାସ୍ତା ଦେଇ ଜଗନ୍ନାଥ ମନ୍ଦିର ନିକଟରେ ଥିବା ସଭାସ୍ଥଳରେ ପହଞ୍ଚିଥିଲେ। କାଶୀପୁରର ବରିଷ୍ଠ ଭାଜପା ନେତା ସଂଗ୍ରାମ କେଶରୀ ଦଣ୍ଡସେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ଜିଲା ଯୁବ ମୋର୍ଚ୍ଚା ସଭାପତି ନୀଳାଦ୍ରି ବିହାରୀ ପାତ୍ର, ଉମାଶଙ୍କର ନାୟକ, ଗୁଣନିଧି ବାଗ, ସୁଶାନ୍ତ ପ୍ରଧାନି, ଅମିତ ବୈଦ୍ୟ, କାଳିରାମ ମାଝି, ରାକେଶ ମଣ୍ଡଳଙ୍କ ସମେତ ବହୁ ବ୍ଲକସ୍ତରୀୟ ଏବଂ ଜିଲାସ୍ତରୀୟ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

# ଅନୁପାତକୁ ନେଇ ଆଶଙ୍କାରେ ସବୁ ପ୍ରାର୍ଥୀ

**ବାଲିଗୁଡ଼ା ନିର୍ବାଚନ ମଣ୍ଡଳୀ**

ଫୁଲବାଣୀ ଅଫିସ, ୨।୪

କନ୍ଧମାଳ ଜିଲାର ୩ ବିଧାନସଭା କ୍ଷେତ୍ରରୁ ବାଲିଗୁଡା ନିର୍ବାଚନମଣ୍ଡଳୀରେ ନିର୍ବାଚନୀ ଉଷ୍ମତା ଜୋର ଧରିଲାଣି। ଏହି ନିର୍ବାଚନମଣ୍ଡଳୀକୁ ନେଇ ଚର୍ଚ୍ଚା ଅଧିକ। କଂଗ୍ରେସ ଏହି ନିର୍ବାଚନମଣ୍ଡଳୀର ବାସିନ୍ଦା ମନୋଜ ଆଚାର୍ଯ୍ୟଙ୍କୁ କନ୍ଧମାଳ ଲୋକ ସଭା ଆସନରେ ପ୍ରାର୍ଥୀ କରିଛି। ବିଜେଡି ଓ ଭାଜପା ଲୋକ ସଭା ପ୍ରାର୍ଥୀ ନିର୍ବାଚନମଣ୍ଡଳୀ ବାହାରର। ତେଣୁ ଏଠାରେ ସମସ୍ତଙ୍କ ନଜର କେନ୍ଦ୍ରୀଭୂତ ହୋଇଛି। ୩ ପ୍ରମୁଖ ଦଳ ଏଠାରୁ କିପରି ଅଧିକ ଭୋଟ ହାତେଇବେ ସେ ନେଇ ଆପ୍ରାଣ ଉଦ୍ୟମ ଆରମ୍ଭ କରିଛନ୍ତି। କଂଗ୍ରେସ ପାଇଁ ଏହା ଅଧିକ ସମ୍ମାନର ପ୍ରଶ୍ନ ହୋଇଛି। ସେହିପରି ଗତ ନିର୍ବାଚନରେ ଏହି ନିର୍ବାଚନମଣ୍ଡଳୀକୁ ବିଜେଡି ଅକ୍ତିଆର କରିଥିଲା। ୨୦୦୦ ସାଧାରଣ ନିର୍ବାଚନରୁ ଏହି ନିର୍ବାଚନମଣ୍ଡଳୀ ଅଣକଂଗ୍ରେସ ଗଡ ଭାବେ ଉଭା ହୋଇଛି। ୩ଥର ଭାଜପା ଏବଂ ୨୦୧୪ରେ ବିଜେଡି ଏହାକୁ ନିଜ ଅଧୀନକୁ ନେଇଛି। ଏଥର ନିର୍ବାଚନରେ ଦଳକନ୍ଦଳ, ଉପଯୁକ୍ତ ପ୍ରାର୍ଥୀଙ୍କୁ ଦଳ ଟିକେଟ ନ ଦେବା ଏବଂ ବିଜେଡି ବିଧାୟକଙ୍କ ଟିକେଟ କଟିବା ଆଦିକୁ ବିଚାରକୁ ନେଲେ କୌଣସି ଦଳର ବିଜୟ ସମ୍ଭାବନା ସହଜ ହେବନାହିଁ। ଏହି ବିଧାନସଭା କ୍ଷେତ୍ରରେ ଥିବା ୪ ବ୍ଲକ କ.ନୂଆଗାଁ, ବାଲିଗୁଡା, ତୁମୁଡିବନ୍ଧ ଓ କୋଟଗଡର ଭୋଟ ଅନୁପାତ ହିସାବକୁ ନେଲେ ବିଜେଡି, କଂଗ୍ରେସ ଓ ଭାଜପା ପ୍ରାର୍ଥୀ ଆଶଙ୍କାରେ ଥିବା ରାଜନୈତିକ ମହଲରେ ଆଲୋଚନା ହେଉଛି। ତେଣୁ ପ୍ରତିଦ୍ୱନ୍ଦ୍ୱିତା ରୋଚକ ହେବ ବୋଲି ଏକ ପ୍ରକାର ଚିତ୍ର ସ୍ପଷ୍ଟ ହୋଇଯାଇଛି।

କ.ନୂଆଗାଁରେ ବିଜେଡିର ଅଧିକ ଭୋଟ ଥିବା ବେଳେ ବାଲିଗୁଡା, ତୁମୁଡିବନ୍ଧ ଏବଂ କୋଟଗଡରେ ସେତେ ଭଲ ସ୍ଥିତି ନ ଥିବା ଆକଳନ କରାଯାଉଛି। କୋଟଗଡ କଂଗ୍ରେସର ଗଡ଼ ହୋଇଥିବା ବେଳେ ତୁମୁଡିବନ୍ଧରେ ଭାଜପାର ଅଧିକ ଭୋଟ ରହିଛି। ଆଉ ରହିଲା ବାଲିଗୁଡା। ଏହି ବ୍ଲକ ଏବେ ନିର୍ଣ୍ଣାୟକ ଭୂମିକା ନେବ ବୋଲି ସବୁଠି ଆଲୋଚନା ହେଉଛି। କାରଣ ଏଠାରେ ସମସ୍ତ ଦଳର ଭୋଟ ଅନୁପାତ ପ୍ରାୟତଃ ପାଖାପାଖି। ବାଲିଗୁଡା ବ୍ଲକ ଅଧକ୍ଷ ପଦକୁ କଂଗ୍ରେସ ନେଇଥିବା ବେଳେ ବିଙ୍କାପିତ ଅଞ୍ଚଳ ପରିଷଦ ଅଧକ୍ଷା ପଦବୀ ବିଜେଡି ହାତରେ ରହିଛି।



କରେନ୍ଦ୍ର ମାଝି



ଚକ୍ରମଣି କହଁର

ବିଜେଡି ଚଳିତ ଥର ଏଠାରେ ନୂତନ ପ୍ରାର୍ଥୀଙ୍କୁ ଟିକେଟ ଦେଇଛି। ବିଧାୟକ ଥିବା ରାଜୀବ ପାତ୍ରଙ୍କ ବଦଳରେ କ.ନୂଆଗାଁ ବ୍ଲକ ଅଧକ୍ଷ ଚକ୍ରମଣି କହଁରଙ୍କ ଉପରେ ଆସ୍ଥା ପ୍ରକଟ କରିଛି। କଂଗ୍ରେସ ମଧ ସିମନ ମଲ୍ଲିକଙ୍କୁ ନୂତନ ଭାବେ ପ୍ରାର୍ଥୀ କରିଛି। ମାତ୍ର ଭାଜପା ପୁଣି ଥରେ କରେନ୍ଦ୍ର ମାଝିଙ୍କ ଉପରେ ଆସ୍ଥା ପ୍ରକଟ କରି ଟିକେଟ ଦେଇଛି। କରେନ୍ଦ୍ର ୨୦୦୪ ଓ ୨୦୦୯ରେ ଭାଜପାରୁ ବିଧାୟକ ଥିଲେ। ୨୦୧୪ରେ ରାଜୀବ ପାତ୍ର ବିଜେଡି ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ।

ଗତ ସାଧାରଣ ନିର୍ବାଚନରେ ରାଜୀବ ପାତ୍ର ୩୭ ହଜାର ୬୦୬ ଖଣ୍ଡ ଭୋଟପାଇଥିବା ବେଳେ ତାଙ୍କ ତଳକୁ କଂଗ୍ରେସର କ୍ଲେଶ ପ୍ରଧାନ ୩୪ ହଜାର ୯୧୦ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ଏବଂ ଭାଜପା ତୃତୀୟ ସ୍ଥାନକୁ ଖସି କରେନ୍ଦ୍ର ମାତ୍ର ୧୮ ହଜାର ୧୦୩ ଖଣ୍ଡ ଭୋଟ ପାଇଥିଲେ। ଏଥର ନିର୍ବାଚନରେ ଉଭୟ ବିଜେଡିରୁ ରାଜୀବ ଏବଂ କଂଗ୍ରେସରୁ କ୍ଲେଶ ଆଶାୟୀ ଥିଲେ ମଧ ଦଳ ତାଙ୍କୁ ନିରାଶ କରିଛି। ଉଭୟଙ୍କର ସମର୍ଥକ ଥିବାରୁ ଭୋଟ ପ୍ରଭାବିତ ହେବ ବୋଲି ମଧ ଆଲୋଚନା ହେଉଛି। ୨୦୧୪ରେ ୧ ଲକ୍ଷ ୩୭ ହଜାର ୧୬୩ ଭୋଟର ଥିବା ବେଳେ ଚଳିତ ଥର ଏହି ନିର୍ବାଚନମଣ୍ଡଳୀରେ ୧ ଲକ୍ଷ ୫୧ ହଜାର ୯୯୧ ଜଣ ଭୋଟର ମତଦାନ କରିବେ।



ସିମନ ମଲ୍ଲିକ

ମୁଁ ମୋ ତରଫରୁ ପ୍ରାର୍ଥୀ ହୋଇନାହିଁ। ୪ ବ୍ଲକ ସଭାପତି ଏବଂ ଆଗଧାଡ଼ିର ନେତା ମୋତେ ମନୋନୀତ କରିଛନ୍ତି। ପ୍ରାୟ ଅଢ଼େଇ ବର୍ଷ ହେବ ସେମାନେ ମୋତେ ଫୋକସରେ ରଖି ସାଂଗଠନିକ କାର୍ଯ୍ୟରେ ଲିପ୍ତ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ମୁଁ ସେହି ଅନୁସାରେ ପଞ୍ଚାୟତଠାରୁ ଆରମ୍ଭ କରି ବୁଥ ଏବଂ ବ୍ଲକରେ ସାଂଗଠନିକ କାର୍ଯ୍ୟ ଜାରି ରଖିଛି। ମୁଁ ଚାଷୀ ପରିବାରରୁ ଆସିଛି। ଆମର ଏଠାରେ ଚାଷୀଙ୍କ ସମସ୍ୟା ରହିଛି। ମୁଁ ନିଶ୍ଚିତ ଜିତିବି ଏବଂ ଚାଷ ସମସ୍ୟା ଉପରେ ଧ୍ୟାନ ଦେବି ବୋଲି କଂଗ୍ରେସ ପ୍ରାର୍ଥୀ ସିମନ ମଲ୍ଲିକ କହିଛନ୍ତି।

ବାଲିଗୁଡା ନିର୍ବାଚନମଣ୍ଡଳୀରେ ସ୍ଥିତି ଯାହା ଥିଲା, ତାହା ଆହୁରି ଉପରକୁ ଯାଇଛି। ଗତ ଥର ଆମେ ଜିତିଥିଲୁ। କୋଟଗଡ଼ କଂଗ୍ରେସ ଗଡ଼ ହେଲେ ବି ଏବେ ମୁଖ୍ୟମନ୍ତ୍ରୀଙ୍କ ଉନ୍ନୟନ କାର୍ଯ୍ୟ ପ୍ରତି ଲୋକଙ୍କ ଆସ୍ଥା ବଢ଼ିଛି। ଆମେ ସେଠାରେ ଭଲ କରିବୁ ଏବଂ ନିର୍ବାଚନ ଜିତିବୁ ବୋଲି ଜିଲା ବିଜେଡି ସଭାପତି ସରୋଜ କର୍ଣ୍ଣ କହିଛନ୍ତି। ଭାଜପା ଜିଲା ସଭାପତି ଲିଙ୍ଗରାଜ ଦଳବେହେରାଙ୍କୁ ପଚାରିବାରୁ ଆମେ ପ୍ରାର୍ଥୀ କଥା ଦେଖୁନୁ। ଦଳ ବଡ। ଦଳ ପାଇଁ ସମସ୍ତେ କାମ କରୁଛୁ। ନିଶ୍ଚିତ ଭାବେ ଆମେ ଭଲ କରିବୁ ବୋଲି ସେ କହିଛନ୍ତି।



ଈଶ୍ୱର ଆମକୁ ହାତ ଦେଇଛନ୍ତି ପରିଶ୍ରମ କରି ବଞ୍ଚିବା ପାଇଁ, ଲୁଣ୍ଠନ, ଚୋରି ବା ବଳାତ୍କାର ପାଇଁ ନୁହେଁ। - ଆଇଜାକ୍ ୱାଟ୍ସ

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ, ଇଗ୍ନୋ ରିଜିଓନାଲ ସେଣ୍ଟର, ରେଲୱେ ଅଡିଟୋରିୟମ, ସକାଳ ୮ଟା।
- ସ୍ୱାଭିମାନ ଅନୁଷ୍ଠାନ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ, ପ୍ରେସ କ୍ଲବ ଅଫ୍ ଓଡ଼ିଶା, ପୂର୍ବାହ୍ନ ୧୦ଟା ୩୦।
- ମାସିକ ମ୍ୟାଗାଜିନ 'ଦି ଆଣ୍ଟି-କୋରପ୍ସନ'ର ଉଦ୍‌ଘାଟନ ଓ ଶପଥପାଠ ଉତ୍ସବ, ସୂଚନା ଭବନ, ପୂର୍ବାହ୍ନ ୧୧ଟା ୩୦।
- ଉତ୍କଳ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗର ବାର୍ଷିକ ଉତ୍ସବ, ସ୍ନାତକୋତ୍ତର ପରିଷଦ ସଭାକକ୍ଷ, ପୂର୍ବାହ୍ନ ୧୧ଟା ୩୦।
- ନିର୍ମଳାକୃତି ବିକାଶ ଟ୍ରଷ୍ଟ ପକ୍ଷରୁ ନିର୍ମଳାକୃତି ସମ୍ମାନ ଓ ଚଳଚ୍ଚିତ୍ର ସିନ୍ଦୂରର ଲୋକାର୍ପଣ ଉତ୍ସବ, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।

**ପୁରୀ**

- ଶ୍ରୀ ଶ୍ରୀ ସତ୍ୟ ନାରାୟଣ ସମିତିର 'ବାଦୀପାଲା', ଦୋଳବେଦୀ, ଲକ୍ଷ୍ମୀ ବଜାର, ସନ୍ଧ୍ୟା ୭ଟା।

# ପ୍ରଚାରର ନୂଆ ତରିକା

**ଭୁବନେଶ୍ୱର,୨।୪ (ବ୍ୟୁରୋ)**

ସାଧାରଣ ନିର୍ବାଚନ ପାଇଁ ସରଗରମ ହେଲାଣି ରାଜ୍ୟ ରାଜନୀତି। ନେତାମାନେ ଏବେ ନିର୍ବାଚନମଣ୍ଡଳୀମୁହାଁ ହେଲେଣି। ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଲାଗି ନାମାଙ୍କନ ପ୍ରକ୍ରିୟା ଶେଷ ହୋଇଥିବାରୁ ପ୍ରାର୍ଥୀମାନେ ଏବେ ଜୋରଦାର ପ୍ରଚାରରେ ଲାଗି ପଡ଼ିଛନ୍ତି। ଭୋଟରଙ୍କ ନିକଟତର ହେବା ସହ ଭୋଟ ହାତେଇବା ପାଇଁ ସବୁ ପ୍ରକାର ଉଦ୍ୟମ ଆରମ୍ଭ କରିଛନ୍ତି। ବିଗତ ନିର୍ବାଚନଗୁଡ଼ିକ ତୁଳନାରେ ଏଥର ପ୍ରାର୍ଥୀଙ୍କ ପ୍ରଚାର ତରିକାରେ ଅନେକ ଭିନ୍ନତା ଦେଖିବାକୁ ମିଳୁଛି। ହାଇଟେକ୍ ପ୍ରଚାର ଉପରେ ସବୁ ଦଳ ଗୁରୁତ୍ୱ ଦେଉଛନ୍ତି। ସଭା, ସମିତି ଯାଇ ମାଇକ୍‌ରେ ଜିନ୍ଦାବାଦ କହିବା ଅପେକ୍ଷା କମ୍ ସମୟରେ କିଭଳି ଅଧିକ ଭୋଟରଙ୍କ ନିକଟରେ ପହଞ୍ଚିହେବ, ତାହା ଉପରେ ଗୁରୁତ୍ୱ ଦେଉଛନ୍ତି ଓଡ଼ିଶାର ପ୍ରମୁଖ ରାଜନୈତିକ ଦଳ ଓ ପ୍ରାର୍ଥୀ। ଭାଜପା ମୋଦିଙ୍କ ଡିଜିଟାଲ ପ୍ରତିଛବିକୁ ଲୋକଙ୍କ ନିକଟରେ ପହଞ୍ଚାଇ ନିଆରା ପ୍ରଚାର ଆରମ୍ଭ କରିଛି। ଗୋଟିଏ ସ୍ଥାନରେ ନରେନ୍ଦ୍ର ମୋଦି ଭାଷଣ ଦେଲେ ତାହାର ଜୀବନ୍ତ ପ୍ରତିଛବି କିଭଳି ସାରା ଦେଶରେ ପହଞ୍ଚିବ, ସେଭଳି ପ୍ରଚାର ଆରମ୍ଭ ହୋଇଛି। ସେପଟେ ବିଜେଡି ମଧ୍ୟ ଏ କ୍ଷେତ୍ରରେ ପଛରେ ପଡ଼ିନି। ଦଳର ମୁଖିଆ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାରଠାରୁ ପ୍ରଚାର ଆରମ୍ଭ କରିବାକୁ ଥିବାବେଳେ ତାହାକୁ କିଭଳି ଡିଜିଟାଲ ଟେକ୍ନୋଲୋଜି ପ୍ରୟୋଗରେ ଅଧିକ ଲୋକଙ୍କ ନିକଟରେ ପହଞ୍ଚା ଯାଇପାରିବ, ସେ ନେଇ ଦଳ ଗୁରୁତ୍ୱ ଦେଉଛି। ସେହିଭଳି କଂଗ୍ରେସ ମଧ୍ୟ ଏଥର ନିର୍ବାଚନରେ ହାଇଟେକ୍ ପ୍ରଚାରକୁ ଗୁରୁତ୍ୱ ଦେବ ବୋଲି ନେତାମାନେ କହୁଛନ୍ତି।




### ସୋସିଆଲ ମିଡିଆ ପାଲଟିଛି ରଣକ୍ଷେତ୍ର

ପାମ୍ଫଲେଟ୍, ପୋଷ୍ଟର ଓ ବ୍ୟାନରର ଯୁଗ ଆଉନାହିଁ। ଏଭଳିସ୍ଥଳେ ରାଜନୈତିକ ଦଳ ଓ ନେତାଙ୍କ ସାହାରା ପାଲଟିଛି ସୋସିଆଲ ମିଡିଆ। ଫେସ୍‌ବୁକ୍, ଟୁଇଟର ଓ ୟୁଟ୍ୟୁବ୍ ଭଳି ପ୍ଲାଟଫର୍ମ ନିର୍ବାଚନୀ ପ୍ରଚାର ପାଇଁ ବହୁଳ ଭାବେ ବ୍ୟବହୃତ ହେଉଛି। ମୁଖ୍ୟତଃ ଯୁବ ଭୋଟରଙ୍କ ନିକଟରେ ପହଞ୍ଚିବାକୁ ଦଳ ଓ ନେତାମାନେ ଏହି ପ୍ଲାଟଫର୍ମକୁ ବ୍ୟବହାର କରୁଛନ୍ତି। ୨୦୧୪ ସାଧାରଣ ନିର୍ବାଚନ ସମୟରେ ଭାରତରେ ୨୫କୋଟି ଇଣ୍ଟରନେଟ୍ ବ୍ୟବହାରକାରୀ ଥିବାବେଳେ ବର୍ତ୍ତମାନ ଏହା ୫୫କୋଟିରେ ପହଞ୍ଚିଛି। ସ୍ମାର୍ଟଫୋନ୍‌ର ବ୍ୟବହାର ଭାରତରେ ୪୦କୋଟି ଟପିଯାଇଛି। ୩୦କୋଟିରୁ ଅଧିକ ଫେସ୍‌ବୁକ୍ ବ୍ୟବହାର କରୁଥିବା ବେଳେ ୨୦କୋଟି ହ୍ୱାଟ୍‌ସଆପ୍ ଓ ୩.୪ କୋଟିରୁ ଅଧିକ ଲୋକ ଟୁଇଟର ବ୍ୟବହାର କରୁଛନ୍ତି, ଯେଉଁଥିପାଇଁ ନରେନ୍ଦ୍ର ମୋଦି, ରାହୁଲ ଗାନ୍ଧୀଙ୍କଠାରୁ ଆରମ୍ଭ କରି ନବୀନ ପଟ୍ଟନାୟକ, ଧର୍ମେନ୍ଦ୍ର ପ୍ରଧାନଙ୍କ ପର୍ଯ୍ୟନ୍ତ ସମସ୍ତେ ସୋସିଆଲ ମିଡିଆ ପ୍ଲାଟଫର୍ମକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଟୁଇଟରରେ ପ୍ରଧାନମନ୍ତ୍ରୀ ମୋଦିଙ୍କର ୪.୩କୋଟିରୁ ଅଧିକ ଫଲୋଅର୍ ଥିବାବେଳେ ରାହୁଲ ଗାନ୍ଧୀଙ୍କର ୮୮ଲକ୍ଷରୁ ଅଧିକ ରହିଛନ୍ତି। ସେହିଭଳି ନବୀନ ପଟ୍ଟନାୟକଙ୍କର ଟୁଇଟରରେ ୨୫ଲକ୍ଷରୁ ଅଧିକ ଫଲୋଅର୍ ଥିବାବେଳେ ସେ ଆଉପାଦେ ଆଗକୁ ଯାଇ ଇନ୍‌ଷ୍ଟାଗ୍ରାମରେ ଆକ୍ଟିଭ୍ ରହିଛନ୍ତି। ଅନ୍ୟପକ୍ଷରେ କେବଳ ନିଜର ପ୍ରଚାର ପାଇଁ ନୁହେଁ, ବିରୋଧୀଙ୍କ ଗୋଡ଼ ଟାଣିବାକୁ ମଧ୍ୟ ଦଳଗୁଡ଼ିକ ସୋସିଆଲ ମିଡିଆର ବହୁଳ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ଫେକ୍ ଆକାଉଣ୍ଟ, ମିଥ୍ୟା ସୂଚନା, ମିଥ୍ୟା ଖବର ଓ ପରସ୍ପର ବିରୋଧୀ ମନ୍ତବ୍ୟ ସୋସିଆଲ ମିଡିଆ କ୍ୟାମ୍ପେନ୍‌ର ଏକ ନକାରାତ୍ମକ ଦିଗ ପାଲଟିଛି।

ପ୍ରତ୍ୟେକ ପ୍ରାର୍ଥୀ ନିଜ ସୋସିଆଲ ମିଡିଆ ଆକାଉଣ୍ଟର ସମ୍ପୂର୍ଣ୍ଣ ବିବରଣୀ ନିର୍ବାଚନ କମିଶନଙ୍କ ନିକଟରେ ଦାଖଲ କରିବାକୁ କୁହାଯାଇଥିବା ବେଳେ 'ସି-ଭିଜିଲ' ନାମକ ଆପ୍ ଦ୍ୱାରା ସାଧାରଣ ଲୋକେ ଆଚରଣବିଧି ଉଲ୍ଲଂଘନ କରୁଥିବା ପ୍ରାର୍ଥୀଙ୍କ ବିରୋଧରେ ଅଭିଯୋଗ କରିପାରିବେ।

## ଡିଜିଟାଲ କ୍ୟାମ୍ପେନ୍‌ରେ ଭାଜପା, ବିଜେଡି

ଡିଜିଟାଲ କ୍ୟାମ୍ପେନ୍ କ୍ଷେତ୍ରରେ କଂଗ୍ରେସ ଓ ବିଜେଡିଠାରୁ ଆଗରେ ରହିଛି ଭାଜପା। ୨୦୧୪ ନିର୍ବାଚନରେ ଭାଜପାର ଡିଜିଟାଲ କ୍ୟାମ୍ପେନ୍ ମୋଦିଙ୍କୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବେଳେ ୨୦୧୯ରେ ଏହା ଓଡ଼ିଶା ରାଜନୀତିରେ ଏକ ବଡ଼ ପ୍ରଭାବ ପକାଇବ ବୋଲି ଦଳ ଆଶା ରଖିଛି। ଭାଜପା ଡିଜିଟାଲ କ୍ୟାମ୍ପେନ୍‌କୁ ଏଥର ଅଧିକ ଗୁରୁତ୍ୱ ଦେଇ ନବୀନ ପଟ୍ଟନାୟକଙ୍କ ବିରୋଧରେ ଯୁବପିଢ଼ିଙ୍କ ନିକଟରେ ପହଞ୍ଚିବାକୁ ଏହାକୁ ପ୍ରମୁଖ ଅସ୍ତ୍ର କରିଛି। ମିଶ୍ରଣ ପର୍ବ ହେଉ କି ରାଜନୈତିକ ସଭା, ଶୋଭାଯାତ୍ରାର ଫେସ୍‌ବୁକ୍ ଲାଇଭ୍ ଓ ୱେବ୍ ଲାଇଭ୍ କରାଯାଉଛି। କେବଳ ଏତିକି ନୁହେଁ, 'ନମୋ' ଆପ୍ ଜରିଆରେ 'ମେରା ବୁଥ୍ ସବ୍‌ସେ ମଜବୁତ୍' କାର୍ଯ୍ୟକ୍ରମରେ ମୋଦି ନିଜ ଦଳୀୟ କର୍ମକର୍ତ୍ତାଙ୍କ ସହ ଭିଡିଓ ଜରିଆରେ ଆଲୋଚନା କରୁଛନ୍ତି, ଯାହାକି ବିଭିନ୍ନ ପ୍ଲାଟଫର୍ମରେ ଲାଇଭ୍ ଷ୍ଟ୍ରିମିଂ ହେଉଛି। 'ଇଣ୍ଡିଆ ମୋଦିଫାଇଡ୍', 'ନମୋ ଏଗେନ୍' ଭଳି ଡିଜିଟାଲ ପ୍ରିଣ୍ଟ ଟି-ଶାର୍ଟ, ଡିଜିଟାଲ ରଥ ଓ ଦେଶର ୪୦୦ରୁ ଊର୍ଦ୍ଧ୍ୱ ସ୍ଥାନରେ କ୍ରିଷ୍ଟି ଡିଜିଟାଲ ପ୍ରୋଜେକ୍ଟର ଲଗାଇ ଭାଜପା ନିଜର କ୍ୟାମ୍ପେନ୍‌କୁ ଆଉପାଦେ ଆଗକୁ ନେଇଛି। ଅନ୍ୟପକ୍ଷରେ ବିଜେଡିର ଆଇଟି ସେଲ୍ 'ଅଗ୍‌ମେଣ୍ଟେଡ୍ ଟେକ୍ନୋଲୋଜି'ର ବ୍ୟବହାର କରି 'ସେଲ୍ଫି ୱିଥ୍ ସିଏମ୍' କ୍ୟାମ୍ପେନ୍ ଆରମ୍ଭ କରିଛି। ଏହାଦ୍ୱାରା ସାଧାରଣ ଲୋକ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଦ୍ୱାରା ମୁଖ୍ୟମନ୍ତ୍ରୀଙ୍କ ସହ ଉଭୟ ସେଲ୍ଫି ଓ ଭିଡିଓ ନେବାର ସୁଯୋଗ ପାଇପାରୁଛନ୍ତି। ସେହିପରି ବିଜେଡିର 'ମୋ ନବୀନ ମୋ ଘରେ' ଡିଜିଟାଲ କ୍ୟାମ୍ପେନ୍ ମଧ୍ୟ ବିଶେଷ ଲୋକପ୍ରିୟତା ହାସଲ କରିଛି। ଏହି ଅଗ୍‌ମେଣ୍ଟେଡ୍ ରିୟାଲିଟି ପ୍ଲାଟଫର୍ମ ଦ୍ୱାରା ଦଳ ରାଜ୍ୟର କୋଣ ଅନୁକୋଣରେ ଘରେ ଘରେ ପହଞ୍ଚିପାରୁଛି। ତେବେ ୨୦୧୪ ରାଜନୈତିକ ଦଳଗୁଡ଼ିକ ପାଇଁ ସୋସିଆଲ ମିଡିଆ ନିର୍ବାଚନ ଥିବାବେଳେ ୨୦୧୯ କିନ୍ତୁ 'ଆପ୍' ନିର୍ବାଚନରେ ପରିଣତ ହୋଇଛି। ଏହାସହ ଆଡ୍ ଫିଲ୍ମ, ଫିଚର ଫିଲ୍ମ, ନିର୍ବାଚନୀ ସଙ୍ଗୀତ ଆଦି ମାଧ୍ୟମରେ ମଧ୍ୟ ବିଭିନ୍ନ ଦଳ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚିବାର ଜୋରଦାର ଉଦ୍ୟମ ଚଳାଇଛନ୍ତି।







## ଡାକ୍ତର ସୁବାସ ରଥଙ୍କ ପରଲୋକ



**କଟକ ଅଫିସ, ୨।୪:** ଜଣାଶୁଣା ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ତଥା ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ପରିଚାଳନା ନିର୍ଦ୍ଦେଶକ ଡାକ୍ତର ସୁବାସ ଚନ୍ଦ୍ର ରଥ(୭୦)ଙ୍କ ମଙ୍ଗଳବାର ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। ୧୯୪୮ ସେପ୍ଟେମ୍ବର ୧୧ରେ କଟକ ଜିଲା ଟାଙ୍ଗୀର କଏରାପାରୀ ଗ୍ରାମରେ ଜନ୍ମିତ ଡା. ସୁବାସ ଏମ୍‌ବିବିଏସ୍ ପାସ୍ କରିବା ପରେ ଚାକିରିରେ ଯୋଗଦେଇଥିଲେ। ୧୯୯୯ରେ ସ୍ୱେଚ୍ଛାକୃତ ଅବସରନେଇ ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲ ସ୍ଥାପନ କରିଥିଲେ। ଡା. ରଥଙ୍କ ପରଲୋକ ଖବର ପାଇ ବହୁବିଶିଷ୍ଟ ବ୍ୟକ୍ତି ତାଙ୍କ ପଳାସପଲ୍ଲୀସ୍ଥିତ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ। ମରଶରୀରକୁ ଶୋଭାଯାତ୍ରାରେ କଟକ ଟାଙ୍ଗୀକୁ ଅଣାଯାଇଥିଲା। 'ଡ୍ରିମ୍‌ସ' ପରିସରରେ ସ୍ୱର୍ଗତ ରଥଙ୍କ ଭାଇ ଅବସରପ୍ରାପ୍ତ ପ୍ରଶାସକ ପ୍ରଫୁଲ୍ଲ ଚନ୍ଦ୍ର ରଥ, 'ଡ୍ରିମ୍‌ସ'ର ପ୍ରତିଷ୍ଠାତା ଅଧକ୍ଷ ପ୍ରମୋଦ ଚନ୍ଦ୍ର ରଥ, ଶିଳ୍ପୋଦ୍ୟୋଗୀ ପ୍ରଦୀପ୍ତ ଚନ୍ଦ୍ର ରଥ, ପ୍ରଶାନ୍ତ ଚନ୍ଦ୍ର ରଥଙ୍କ ସମେତ ସୂର୍ଯ୍ୟକାନ୍ତ ଆଚାର୍ଯ୍ୟ, ଇଂ. ଲଳିତ ମୋହନ ମିଶ୍ର, ବଳରାମ କର, ଅଖିଳ କୁମାର ମହାପାତ୍ର, ଡ. ରୁଦ୍ରନାରାୟଣ ମିଶ୍ର, ପରିବାରର ସଦସ୍ୟ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ପୁତ୍ର ମନୋଜ କୁମାର ରଥ ମୁଖାଗ୍ନି ଦେଇଥିଲେ।

ସେଲ୍ଫି କର୍ନର ଧରିତ୍ରୀ
DHARITRI
ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ।
ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି : metroselfie@gmail.com


ଅନ୍ତର୍ଯ୍ୟାମୀ


ନିହାରିକା


ସ୍ମୃତି


ଦେବୀପ୍ରସାଦ


ପ୍ରଦୀପ୍ତ


ଦିଲ୍ଲୀପ


ଆପୋସ


ବିଭୁଦତ୍ତ


ଜୟପ୍ରଭା



ଓଡ଼ିଶା ଗସ୍ତ ଅବସରରେ ରାଜଭବନଠାରେ ଉପରାଷ୍ଟ୍ରପତି ଏମ୍.ଭେଙ୍କାୟା ନାଇଡୁଙ୍କୁ ଭେଟି ବିଶିଷ୍ଟ ଜ୍ୟୋତିର୍ବିଦ୍ ତଥା ଆଧ୍ୟାତ୍ମିକ ଲେଖକ ଡ. ପ୍ରଦୀପ କୁମାର ଚୌଧୁରୀ ସ୍ୱରଚିତ ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱ ଉପରେ ଆଧାରିତ ଓଡ଼ିଆ, ହିନ୍ଦୀ, ଇଂଲିଶ ଓ ବଙ୍ଗଳା ଭାଷାରେ ପ୍ରକାଶିତ 'ନୀଳବ୍ରହ୍ମ ଶ୍ରୀଜଗନ୍ନାଥ' ପୁସ୍ତକ ପ୍ରଦାନ କରୁଛନ୍ତି।

ବିଏମ୍‌ସି ପୂର୍ବତନ ମେୟରଙ୍କ ଜାମିନ ଖାରଜ

## ଜେଲ୍ ଭିତରେ ରହି ନିର୍ବାଚନ ଲଢ଼ିବେ ଶିବଶଙ୍କର

**କଟକ ଅଫିସ, ୨।୪**

ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି)ର ପୂର୍ବତନ ମେୟର ତଥା ବ୍ରହ୍ମପୁର ଆସନରୁ ସ୍ୱାଧୀନ ଭାବେ ନିର୍ବାଚନ ଲଢୁଥିବା ଶିବଶଙ୍କର ଦାସଙ୍କ ଜାମିନ ଆବେଦନକୁ ହାଇକୋର୍ଟ ମଙ୍ଗଳବାର ଖାରଜ କରିଦେଇଛନ୍ତି। ଫଳରେ ଜେଲ୍ ଭିତରେ ରହି ଶିବଶଙ୍କର ନିର୍ବାଚନ ଲଢିବେ। ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକଙ୍କ ଜମିକୁ ଜାଲିଆତି କରି ହଡ଼ପ କରିବା ଅଭିଯୋଗରେ ଶିବଶଙ୍କରଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ଏହି ଆଧାରରେ ପୋଲିସ ତାଙ୍କୁ ଗିରଫ କରିଥିଲା। ବିଭିନ୍ନ ପର୍ଯ୍ୟାୟରେ ତାଙ୍କ ନାମରେ ୫୩ଟି ଫୌଜଦାରି ମାମଲା ରୁଜୁ ହୋଇଥିଲା। ଆଉ ମାତ୍ର ୩ଟି ମାମଲାରେ ସେ ଜାମିନ ପାଇବାକୁ ବାକି ଥିବାବେଳେ ସେଥିରୁ ମଙ୍ଗଳବାର ଗୋଟିଏ ମାମଲାର ଜାମିନ ଆବେଦନକୁ ହାଇକୋର୍ଟ ଖାରଜ କରିଛନ୍ତି। ସୂଚନାଥାଉକି, ଶିବଶଙ୍କର ୨୦୦୮ରେ ନବଗଠିତ ବ୍ରହ୍ମପୁର ମହାନଗର ନିଗମର ପ୍ରଥମ ମେୟର ଭାବେ ନିର୍ବାଚିତ ହୋଇଥିଲେ।

# ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ବିରୋଧରେ କ୍ୟାପିଟାଲ ଥାନାରେ ଅଭିଯୋଗ

**ଭୁବନେଶ୍ୱର,୨।୪ (ବ୍ୟୁରୋ)**

### 'ବିଜୁ ବାବୁ' ଫିଲ୍ମକୁ ନେଇ ବିବାଦ

ସାଧାରଣ ଲୋକଙ୍କୁ ପ୍ରଭାବିତ କରି ଭୋଟ ହାତେଇବା ପାଇଁ ଫିଲ୍ମକୁ ଏକ ମାଧ୍ୟମ କରିଛି ବିଜେଡି। ଏଥିଲାଗି 'ବିଜୁ ବାବୁ' ଭଳି ଫିଲ୍ମ ନିର୍ମାଣ କରାଯାଇଛି ବୋଲି ଅଭିଯୋଗ ଆଣିଛି କଳିଙ୍ଗ ସେନା। ଏହି ଫିଲ୍ମ ଉପରେ ରୋକ୍ ଲଗାଇବା ସହ ଫିଲ୍ମର ଅଭିନେତା ଓ ନିର୍ମାତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସୋମବାର ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ କଳିଙ୍ଗ ସେନା ଭେଟି ଦାବିପତ୍ର ଦେଇଥିଲା। ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବାରୁ ମଙ୍ଗଳବାର ଅପରାହ୍ନରେ ଦଳର ମୁଖ୍ୟ ହେମନ୍ତ ରଥଙ୍କ ନେତୃତ୍ୱରେ ଏକ ଟିମ୍ କ୍ୟାପିଟାଲ ଥାନାକୁ ଯାଇ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ବିରୋଧରେ ଅଭିଯୋଗ କରିଛନ୍ତି।

କଳିଙ୍ଗ ସେନା ମୁଖ୍ୟ ରଥ କହିଛନ୍ତି, ଜନମତକୁ ପ୍ରଭାବିତ କରିବା ପାଇଁ ଶାସକ ଦଳ ବିଜୁ ବାବୁ ଫିଲ୍ମ ନିର୍ମାଣ କରି ଓଡିଶାର ବିଭିନ୍ନ ହଲ୍‌ରେ ରିଲିଜ୍ କରିଛି। ଫିଲ୍ମ ବନ୍ଦ କରିବା ସହ ନିର୍ମାତା ଓ ମୁଖ୍ୟ ଅଭିନେତା ତଥା କେନ୍ଦ୍ରାପଡା ଏମ୍‌ପି ପ୍ରାର୍ଥୀ ଅନୁଭବ ମହାନ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦବି କରି ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଜଣାଇଥିଲୁ। ହେଲେ ନିର୍ବାଚନ ଅଧିକାରୀ ଶାସକ ଦଳକୁ ସୁହାଇଲା ଭଳି କାର୍ଯ୍ୟ କରୁଛନ୍ତି। ନିର୍ବାଚନ ଅଧିକାରୀ ଆଇନକୁ ପାଳନ କରିବା ବଦଳରେ ବେଆଇନ କାମ କରୁଛନ୍ତି। ତେଣୁ ତାଙ୍କ ବିରୋଧରେ ଏନେଇ କ୍ୟାପିଟାଲ ଥାନାରେ ଅଭିଯୋଗ କରିଥିବା ସେ କହିଛନ୍ତି। ଯଦି ପୋଲିସ କିଛି କାର୍ଯ୍ୟାନୁଷ୍ଠାନ ନ ନିଏ ତେବେ କଳିଙ୍ଗ ସେନା ପକ୍ଷରୁ ରାଜ୍ୟର ବିଭିନ୍ନ ହଲ୍‌ରେ ଭଙ୍ଗାରୁଜା କରିବା ସହ ଆଇନକୁ ହାତକୁ ନେବେ ବୋଲି ସେ ଚେତାବନୀ ଦେଇଛନ୍ତି।

ଧରିତ୍ରୀ CAREER APPOINTMENT
every Wednesday & Saturday

REQUIREMENT
1. Civil Engineer for ongoing work of building at Berhampur University. Candidate must have sufficient knowledge regarding building construction & preparation of Bill.
2. Computer Operator for office having sufficient knowledge of Typing & official works.
Both Salary Negotiable.
Contact Bhubaneswar:
8249407572, 8249414800

WANTED
Receptionist/ Manager, Office Assistant, Peon, Flex Operator for a leading Flex unit at Bhubaneswar.
Contact
8093789452, 7873161992

REQUIREDURGENTLY
M/S. West Coast Diesels LLP, Rajkot, Gujarat manufacturer of "ALFA" make diesel engines, generators, alternator etc., requires Sale Officer & Diesel Engine Mechanic for Odisha branch office. Interested candidates having good knowledge and willing to work may send their complete bio-data by E-Mail within 15 days from publication of this advertisement to : The General Manager (East Zone), M/S. West Coast Diesels LLP, HIG-II/34, BDA Housing Colony, Kapila Prasad, Bhubaneswar-751002.
E-mail: odisha@wcdllp.com, Mob.: 9337003316, 0674-2590511

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs. ମାସିକ ଦରମା upto Rs.25000/-.
Contact Immediately
Mob: 8763257042

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଏବଂ ବାଲେଶ୍ୱର ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27000/-. (Part Time/Full Time)
Contact: 9938676412

Urgently Required for
OFFICIAL / HOTEL JOBS
Salary : 8,000/- to 25,000/-
Qualification : 9th, 10th, +2, +3, ITI, Diploma.
Age : 18-35 years
9668051710

ଆବଶ୍ୟକ
ଅଭିଜ୍ଞ ସିକ୍ୟୁରିଟି ଗାର୍ଡ ଆବଶ୍ୟକ ଭୁବନେଶ୍ୱର ପାଇଁ। ଆକର୍ଷଣୀୟ ବେତନ ସହିତ ଅନ୍ୟାନ୍ୟ ସରକାରୀ ସୁବିଧା ଅଛି।
ଯୋଗାଯୋଗ:-
7978600321, 8249702080
0674-2384705

କାର୍ ଡ୍ରାଇଭର ଆବଶ୍ୟକ
ଜଗତପୁର ଅଫିସ୍ ପାଇଁ।
ଯୋଗାଯୋଗ ପାଇଁ
Mob No:
7381075901
9437496020

WANTED
Security Guard Housekeeping & Technical candidates.
Contact:
7504105134
9861275253

URGENT REQUIRED
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ। ଦରମା: 27,000/, ଶିକ୍ଷାଗତ ଯୋଗ୍ୟତା: 8th to 10th & above.
Contact: 8339922964

Urgently Required
ଭୁବନେଶ୍ୱରରେ ସ୍କୁଲ ଭ୍ୟାନ୍ ପାଇଁ 3 Drivers & Spoken English Teacher ଆବଶ୍ୟକ ଅଛି। Family ରହିବା ସହିତ ୧୦,୦୦୦ରୁ ଊର୍ଦ୍ଧ୍ୱ ଦରମା।
9437072450

Contact: 9938414918
ଭୁବନେଶ୍ୱର ଅଫିସ୍‌ରେ କାମ କରିବା ପାଇଁ 10th/ above candidates (M/F) ଆବଶ୍ୟକ। ବୟସ: (18-35) yrs. ରହିବା ସୁବିଧା ଅଛି। Monthly Salary upto Rs. 24000/-.

ME SUPER 30
Requires for our Coaching Center. From all over Odisha (Part/Full Time)
1.Educational Business Developer
2.Consultant & Receptionist
Plot No.165, District Centre, Chandrasekharpur, Bhubaneswar
Mob : 9777776141

WANTED +2/ GRADUATE
As Harbour Data Collector (Trainee) in NETFISH, ODISHA Rs. 17000/- PM, +2 Biology or any graduate with computer knowledge, 30 years. Mob No: 9438004106. Send biodata to netfish.odisha@gmail.com on or before 04.04.2019.

REQUIREMENT
INDIAN, CHINESE COOK-12,000/ PM, ASSISTANT-8,000/ PM, WAITER- 6,500 / PM FOR AC RESTAURANT IN BHUBANESWAR
CONTACT :- 6370061224
8908107191

REQUIRED
Service Manager (DME), Sales Man and Mis Person (Graduate) for Mahindra Dealership. Min. Exp. 3 Yrs. Apply with details to following
hod.edbbs@gmail.com

ଆବଶ୍ୟକ
ମହିଳା ଡାକ୍ତରଙ୍କ ଭୁବନେଶ୍ୱର ଘରେ ରହି ଘରକାମ ଯଥା ରୋଷେଇ, ଲୁଗାସଫା, ବାସନ ସଫା ଆଦି ପାଇଁ ମହିଳା ଆବଶ୍ୟକ। ଯୋଗାଯୋଗ ନଂ:-
9778054164
9439991751

WANTED
WORKING BOYS / GIRLS
For PEST-Control Company in Bhubaneswar.
Contact
9861022646/ 8249937131

ଜିଲ୍ଲା ଓ ବ୍ଲକସ୍ତରୀୟ ନିଯୁକ୍ତି
ନିଜ ନିଜ ଜିଲ୍ଲା ଓ ବ୍ଲକ୍‌ରେ କାମ କରିବା ପାଇଁ ପ୍ରାର୍ଥୀ ଆବଶ୍ୟକ। ବୟସ 30 ବର୍ଷ ମଧ୍ୟରେ, ଯୋଗ୍ୟତା: 8thରୁ +3. ଦରମା: 6,500/- to 25,800/-.
Mob: 9583494854

ଚେନ୍ନାଇରେ ଚାକିରି। ହିନ୍ଦୀ କହିପାରୁଥିବେ। କେବଳ ଅଭିଜ୍ଞ ପ୍ରାର୍ଥୀ। ହୋଣ୍ଡା ସିଟି କାର ଡ୍ରାଇଭର। ରୋଷେୟା। ଅଫିସ୍ ଆସିଷ୍ଟାଣ୍ଟ। ଚାକର। ଘର କେୟାର୍-ଟେକର୍। ଭଲ ଦରମା। ଯୋଗାଯୋଗ: ଅଗରୱାଲ, ଏଫ୍ଏଫ୍ଏଫ୍ ଲିଃ
9884761210

URGENTLY REQUIRED
ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ନିଯୁକ୍ତି
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବାପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.45,000
For More Details Contact 9178134788 7064222275

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।



“ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖ, କିନ୍ତୁ ନିଜ ଉଦ୍ୟମରେ ଟିକିଏ ହେଲେ ଅବହେଳା କର ନାହିଁ।
-ବ୍ୟାସକବି ଫକୀର ମୋହନ ସେନାପତି



## ସଂକ୍ଷେପରେ

### ୪ ମୋବାଇଲ ଫୋନ ଜବତ, ଜଣେ ଗିରଫ

**କଟକ ରୋଡ,୨।୪(ଡି.ଏନ୍.ଏ.):** ମୋବାଇଲ ଫୋନ ଚୋରି ଅଭିଯୋଗରେ ବଡ଼ଗଡ଼ ପୋଲିସ ମଙ୍ଗଳବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ମହିଁଷାଖାଲ ବସ୍ତିର ଚନ୍ଦନ ଦାସ। ଏହା ସହ ତାଙ୍କ ନିକଟରୁ ୪ଟି ମୋବାଇଲ ଫୋନ ଜବତ ହୋଇଛି। ସୂଚନା ଅନୁଯାୟୀ, ଗତ ୨ଦିନ ପୂର୍ବେ ଗ୍ୟାରେଜ ଛକ ନିକଟରେ ଥିବା ରାଜକମଲ ଦାସଙ୍କ ଘରେ ପଶି ଅଭିଯୁକ୍ତ ଫୋନ ଚୋରି କରିଥିଲେ। ରାଜକମଲଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୯୧/୧୯)ରୁଜୁ କରି ତଦନ୍ତ ଚଳାଇଥିଲା।

### ଚେକିଂ ବେଳେ ଚୋରା ମୋବାଇଲ ଫୋନ ଜବତ, ୨ ଗିରଫ

**ଭୁବନେଶ୍ୱର,୨।୪ (ବ୍ୟୁରୋ):** ଶହୀଦନଗର ପୋଲିସ ନାଇଟ୍ ଚେକିଂବେଳେ ଦୁଇଟି ଚୋରା ମୋବାଇଲ ଫୋନ୍ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଖାରବେଳନଗର ଥାନା ଅଞ୍ଚଳର ଲୋକନାଥ ନାୟକ ଏବଂ ବାଦଲ ନାୟକ। ସୂଚନା ମୁତାବକ, ସୋମବାର ବିଳମ୍ବିତ ରାତିରେ ବାଣୀବିହାର ଛକରେ ପୋଲିସ ଚେକିଂ ଚାଲିଥିଲା। ସନ୍ଦେହଜନକ ଅବସ୍ଥାରେ ଚାଲି ଚାଲି ଯାଉଥିବା ଦୁଇଜଣଙ୍କୁ ପୋଲିସ ଅଟକାଇ ଚେକିଂ କରିବାରୁ ସେମାନଙ୍କ ନିକଟରୁ ଦୁଇଟି ମୋବାଇଲ ଫୋନ ମିଳିଥିଲା। ପଚରାଉଚରାରୁ ତାହା ଚୋରି ଫୋନ୍ ବୋଲି ଜଣାପଡିବା ପରେ ତାହାକୁ ଜବତ କରାଯାଇଥିଲା। ଏ ନେଇ ଏସ୍ଆଇ ବିକ୍ରମ ମାଣିଆଙ୍କ ଅଭିଯୋଗକ୍ରମେ ୧୫୫/୧୯ରେ ମାମଲା ରୁଜୁ କରାଯାଇ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ଖାରଜ ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

### ଆମ୍ରି ପକ୍ଷରୁ ଆମ୍ବୁଲାନ୍ସ ସପୋର୍ଟ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୨।୪:** ଉତ୍କଳ ଦିବସ ଅବସରରେ ଆମ୍ରି ହସ୍ପିଟାଲ ପକ୍ଷରୁ ଆମ୍ବୁଲାନ୍ସ ସପୋର୍ଟ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ଭୁବନେଶ୍ୱରର ହାଉସିଂ ସୋସାଇଟି ରେସିଡେନସିଆଲ କମ୍ପ୍ଲେକ୍ସଗୁଡ଼ିକ ଲାଗି ଏହି ସୁବିଧା ଆରମ୍ଭ ହୋଇଛି। ସେହିଭଳି ଭୁବନେଶ୍ୱରର କସମୋପଲିସଠାରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ମଧ୍ୟ ହସ୍ପିଟାଲ ପକ୍ଷରୁ ଆୟୋଜନ କରାଯାଇଛି। ଏହା ବାଦ ସ୍ୱଚ୍ଛତା ଉପରେ ମଧ୍ୟ ବିଭିନ୍ନ କାର୍ଯ୍ୟପନ୍ଥା ଗ୍ରହଣ କରାଯାଉଛି। କଟକ ଏବଂ ଭୁବନେଶ୍ୱରର ବିଭିନ୍ନ ରେସିଡେନସିଆଲ କମ୍ପ୍ଲେକ୍ସଗୁଡ଼ିକରେ ହେଲଥ ଟକ୍ କାର୍ଯ୍ୟକ୍ରମ ମଧ୍ୟ ଆମ୍ରି ପକ୍ଷରୁ ଆୟୋଜନ ହେଉଛି। କାର୍ଯ୍ୟକ୍ରମରେ ଆମ୍ରି ହସ୍ପିଟାଲ ଜିଏମ୍ ରୋନାଲ୍ଡ କିରନ ମେ ଏବଂ ହସ୍ପିଟାଲର ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ସାଇକେଲ ଚାଳକଙ୍କୁ ବଞ୍ଚାଇବାକୁ ଯାଇ ସିରିଜ୍ ଦୁର୍ଘଟଣା

**ଭୁବନେଶ୍ୱର,୨।୪ (ବ୍ୟୁରୋ):** ସତ୍ସଙ୍ଗ ବିହାର ଓଭରବ୍ରିଜ ଉପରେ ଜଣେ ସାଇକେଲ ଚାଳକଙ୍କ ବେପରୁଆ ରାସ୍ତାପାର ହେଉଥିବା ବେଳେ ଦୁର୍ଘଟଣାକୁ ରୋକିବାକୁ ଯାଇ ୪ଟି କାର୍ ସିରିଜ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ୪ଟି କାରରେ ଥିବା ଚାଳକ ଏବଂ ଯାତ୍ରୀ ସାମାନ୍ୟ ଆହତ ହୋଇଥିବା ବେଳେ ସାଇକେଲ ଚାଳକ ଜଣକ ଫେରାର ହୋଇଯାଇଥିଲେ। ସୂଚନା ମୁତାବକ, ସନ୍ଧ୍ୟା ୮ଟା ୩୦ବେଳେ ଶହୀଦନଗର ଥାନା ଅଧୀନ ସତସଙ୍ଗବିହାର ସମ୍ମୁଖରେ ବିପରୀତ ରାସ୍ତାରେ ଜଣେ ସାଇକେଲ ଆରୋହୀ ଟ୍ରାଫିକ ନିୟମ ଉଲ୍ଲଂଘନ କରି ରାସ୍ତା ପାର ହେଉଥିଲେ। ଏହି ସମୟରେ ପଛରୁ ଆସୁଥିବା ଓଡି ୦୨ଓ୍ୱାଇ ୭୮୫ କାର ଚାଳକ ସାଇକେଲ ଚାଳକଙ୍କୁ ରକ୍ଷା କରିବାକୁ ଯାଇ ସ୍ୱିଚ୍ ବ୍ରେକ ମାରିଥିଲେ। ଏହି ସମୟରେ ପଛରୁ ଆସୁଥିବା ନଂ ବିଶିଷ୍ଟ ଓଡି ୦୨ଜି ୨୩୪୮ ଅନ୍ୟ କାର ଉକ୍ତ କାର୍‌କୁ ଶକ୍ତ ଧକ୍କା ଦେଇଥିଲା। ଉଭୟ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଥିବା ବେଳେ ପଛକୁ ପଛ ନଂ ଓଡି ୦୨ ଏଟି ୧୩୩୪ ଏବଂ ନଂ ବିଶିଷ୍ଟ ଓଡି ୦୨ଓ୍ୱାଇ ୧୯୯୯ ଦୁଇଟି କାର୍ ଧକ୍କା ଦେଇଥିଲା। ୪ଟି କାର୍ ସିରିଜ୍ ଧକ୍କା ହେବା ପରେ ସେଠାରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା। ଖବରପାଇ ଶହୀଦ ନଗର ଏବଂ ମଞ୍ଚେଶ୍ୱର ପିସିଆର ଭ୍ୟାନ ଘଟଣାସ୍ଥଳରେ ପହଞ୍ଚି ଟ୍ରାଫିକ ନିୟନ୍ତ୍ରଣ କରିବା ସହ ଦୁର୍ଘଟଣାଗ୍ରସ୍ତ କାରଗୁଡ଼ିକୁ ରାସ୍ତାରୁ ଉଠାଇନେଇଥିଲା। ଓଡି ୦୨ଜି ୨୩୪୮ କାର ଚାଳକଙ୍କ ମୁଣ୍ଡ ଏବଂ ଗୋଡରେ ସାମାନ୍ୟ ଆହତ ଲାଗିଥିବା ବେଳେ କାର ଆଗପଛ ଅଧିକ କ୍ଷୟକ୍ଷତି ହୋଇଛି।

■ ଓଡ଼ିଶା ପୋଲିସର ୮୪ ପ୍ରତିଷ୍ଠା ଦିବସ

# ‘ପୋଲିସ ଲୋକଙ୍କ ଆସ୍ଥାଭାଜନ ହୋଇ କାମ କରୁ’

**ଭୁବନେଶ୍ୱର,୨।୪ (ବ୍ୟୁରୋ)**



ଅନେକ ସମୟରେ ପୋଲିସ ଲୋକଙ୍କୁ ଅଭିଯୋଗକୁ ଗ୍ରହଣ କରୁନି। ଏପରିକି ଥାନାକୁ ଗଲେ ପୋଲିସ ଗାଳିଗୁଲଜ କରି ବିଦା କରିଦେଉଥିବାର ଅଭିଯୋଗ ହେଉଛି। ତେଣୁ ସେଭଳି ନ କରି ଲୋକଙ୍କ ଆସ୍ଥା ଭାଜନ ହୋଇ କାମ କରିବାକୁ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଆହ୍ୱାନ ଦେଇଛନ୍ତି।

ମଙ୍ଗଳବାର ରିଜର୍ଭ ଗ୍ରାଉଣ୍ଡରେ ଅନୁଷ୍ଠିତ ୮୪ତମ ଓଡିଶା ପୋଲିସ ପ୍ରତିଷ୍ଠା ଦିବସ ପାଳନ ଅବସରରେ ସେ କହିଲେ, ଲୋକଙ୍କ ନିକଟତର ହୋଇ ସେମାନଙ୍କ ସମସ୍ୟା ବୁଝି ସମାଧାନ କରନ୍ତୁ। ବରିଷ୍ଠ ନାଗରିକଙ୍କ ସୁରକ୍ଷା ପ୍ରତି ଅଧିକ ଗୁରୁତ୍ୱ ଦିଆଯିବା ଦରକାର। ପ୍ରତି ଥାନାରେ ଦାୟିତ୍ୱରେ ଥିବା ଅଧିକାରୀମାନେ ପ୍ରତି ସପ୍ତାହରେ ବରିଷ୍ଠ ନାଗରିକମାନଙ୍କୁ ଭେଟି କ’ଣ ସମସ୍ୟା ରହିଛି ତାହାକୁ ସମାଧାନ କରନ୍ତୁ। ପ୍ରତି ଥାନା ଅଞ୍ଚଳରେ ବଢ଼ିଚାଲିଥିବା ଲୁଟ୍, ଚୋରି ଓ ଡକାୟତି ଆଦି ଅପରାଧକୁ ରୋକିବା ସହ ଅପରାଧୀଙ୍କୁ ଗିରଫ କରିବାକୁ ପୋଲିସ କମିଶନର ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ପାଟ୍ରୋଲିଂକୁ କଡାକଡି କରିବା ଉପରେ ସେ ମଧ୍ୟ ଗୁରୁତ୍ୱ ଦେଇଥିଲେ।

ଏହି ଅବସରରେ କମିଶନରେଟ ପୋଲିସର ଏକ ପତ୍ରିକା ଉନ୍ମୋଚିତ କରାଯାଇଥିଲା। ଏଥିସହ ଉତ୍ତମ କାର୍ଯ୍ୟ ପାଇଁ ୨୧ ଜଣ ପୋଲିସ କର୍ମଚାରୀମାନଙ୍କୁ କମିଶନର ମାନପତ୍ର ଦେଇ ପୁରସ୍କୃତ କରିଥିଲେ। ପୁରସ୍କୃତ ପୋଲିସ କର୍ମଚାରୀ ହେଲେ ଭୁବନେଶ୍ୱରର ମହିଳା ଏସ୍ଆଇ ସନ୍ତୋଷିନୀ ବେହେରା, ଏଏସ୍ଆଇ ଶିଶିର କୁମାର ସେଠୀ, ହାବିଲଦାର ବିଶ୍ୱରଞ୍ଜନ ଦାଶ, କନଷ୍ଟେବଲ ନିରଞ୍ଜନ ସାହୁ, ଓଆର କନଷ୍ଟେବଲ ଦୈତାରି ବଦ୍ର, ଟ୍ରାଫିକ୍ କନଷ୍ଟେବଲ ପୁଷ୍ପଲତା ଭୋଇ, କଟକର ଏସ୍ଆଇ ବଂଶୀଧର ବେହେରା,ଏଏସ୍ଆଇ ଶିଶିରକାନ୍ତ ସାହାଣୀ, ହାବିଲଦାର ଦିଲୀପ କୁମାର ଚୌଧୁରୀ, ଏପିଆର କନଷ୍ଟେବଲ ସଞ୍ଜୟ ଦେବଦର୍ଶନ ଜେନା, ଓଆର କନଷ୍ଟେବଲ ଶରତ କୁମାର ବିଶ୍ୱାଳ ଓ ଟ୍ରାଫିକ କନଷ୍ଟେବଲ ସୁନୀଲ କୁମାର ସେଠୀ। ସେହିଭଳି ଓଏସ୍ଏପି ବାଟାଲିୟନର ସୁବେଦାର ମଧୁସୂଦନ ଦାଶ, ଏଚ୍ଏମ୍ ଚନ୍ଦ୍ରମଣୀ ସାହୁ, ହାବିଲଦାର ଟି.ମୋହନ ରାଓ ଓ ଏସ୍/୮୪ ଦେବଦତ୍ତ ଦାଶଙ୍କ ସମେତ ଏଏସ୍ବିଏନ୍ ବାଟାଲିୟର ୫ଜଣ ପୋଲିସ କର୍ମଚାରୀ ପୁରସ୍କୃତ ହୋଇଛନ୍ତି।

**ଉତ୍ତମ କାର୍ଯ୍ୟ ପାଇଁ ୨୧ଜଣ ପୁରସ୍କୃତ**

ଉତ୍ସବରେ ଅତିରିକ୍ତ ପୋଲିସ କମିଶନର ସଞ୍ଜୟ ସିଂ, ଭୁବନେଶ୍ୱର ଡିସିପି ଅନୁପ କୁମାର ସାହୁ, କଟକ ଡିସିପି ଅଖିଳେଶ୍ୱର ସିଂ ଓ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ରହିଥିଲେ। ତେବେ ସୋମବାର ଓଡିଶା ପୋଲିସର ପ୍ରତିଷ୍ଠା ଦିବସ ଥିବାବେଳେ ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ ପାଇଁ ତାହା ପାଳନ ହୋଇପାରି ନ ଥିଲା ବୋଲି ଭୁବନେଶ୍ୱର ଡିସିପି ଅନୁପ କୁମାର ସାହୁ କହିଛନ୍ତି।

## ନାମାଙ୍କନପତ୍ର ଦାଖଲ କଲେ ବାବୁ ସିଂ, ଜଗନ୍ନାଥ ପ୍ରଧାନ



ନାମାଙ୍କନପତ୍ର ଦାଖଲ ପାଇଁ ଶୋଭାଯାତ୍ରାରେ ଯାଉଥିବା ଆଶାୟୀ ପ୍ରାର୍ଥୀ।

**ପୁରୁଣା ଭୁବନେଶ୍ୱର, ୨।୪(ଡି.ଏନ.ଏ.)**

ଏକାମ୍ର ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ବାବୁ ସିଂ ମଙ୍ଗଳବାର ନାମାଙ୍କନପତ୍ର ଦାଖଲ କରିଛନ୍ତି। ପୂର୍ବାହ୍ନ ୧୧ଟାରେ ସୁନ୍ଦରପଦା ଫୁଟବଲ ପଡିଆଠାରୁ ଶତାଧିକ ଦଳୀୟ କର୍ମୀଙ୍କ ସହ ଏକ ଶୋଭାଯାତ୍ରାରେ ବାହାରି କଳ୍ପନାସ୍ଥିତ ଉପଜିଲାପାଳ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଏହି ବିଶାଳ ଶୋଭାଯାତ୍ରା ସମୟରେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କୁ ବାଟରେ ଦର୍ଶନ କରିବା ସହ ଆଶୀର୍ବାଦ ନେଇଥିଲେ। ଶୋଭାଯାତ୍ରାରେ ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତି, ଭୁବନେଶ୍ୱର ଭାଜପା ଲୋକ ସଭା ପ୍ରାର୍ଥିନୀ, ଭୁବନେଶ୍ୱର ଜିଲା ଭାଜପା ସଭାପତି ହରେକୃଷ୍ଣ ଖୁଣ୍ଟିଆ, ପୂର୍ବତନ କର୍ପୋରେଟର ସୁରେନ୍ଦ୍ର ପ୍ରଧାନ, ଶୁଭାସିନୀ ପୃଷ୍ଟି, ରଘୁନାଥ ମହାନ୍ତି, ଖଣ୍ଡଗିରି ମଣ୍ଡଳ ସଭାପତି ଶିଶିର ପାହାଡସିଂ ପ୍ରମୁଖ ସାମିଲ ହୋଇଥିଲେ । ଅନ୍ୟପକ୍ଷରେ ଭାଜପା ଭୁବନେଶ୍ୱର ମଧ୍ୟପ୍ରାର୍ଥୀ ଜଗନ୍ନାଥ ପ୍ରଧାନ ମଧ୍ୟ ନିଜର ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେ ତାଙ୍କର ସମର୍ଥକମାନଙ୍କୁ ନେଇ ଉପଜିଲାପାଙ୍କ କାର୍ଯ୍ୟାଳୟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି।

ସିକ୍ୟୁରିଟି ଗାର୍ଡ ଗଦାଧରଙ୍କ ଗଳାକାଟି ହତ୍ୟା ଘଟଣା

## ବ୍ୟବଚ୍ଛେଦ ରିପୋର୍ଟରେ ଆତ୍ମହତ୍ୟା

**ଭୁବନେଶ୍ୱର,୨।୪ (ବ୍ୟୁରୋ)**

ବାଲିଅନ୍ତା ଥାନା ପାହାଳ ଫାଣ୍ଡି ଅଧୀନ ୧୬ନଂ ଜାତୀୟ ରାଜପଥ କଡରେ ଥିବା ମା’ଶାରଳା ମାର୍ବଲ ଓ ଗ୍ରାନାଇଟ୍ ଶୋ’ରୁମର ସିକ୍ୟୁରିଟ୍ ଗାର୍ଡ ଗଦାଧର ସ୍ୱାଇଁଙ୍କ କ୍ଷତାକ୍ତ ମୃତଦେହ ଗତ ୨୮ ତାରିଖରେ ଉଦ୍ଧାର କରାଯାଇଥିଲା। ଗଦାଧରଙ୍କ ବେକ କଟାଯାଇଥିବାରୁ ତାଙ୍କୁ କେହି ହତ୍ୟା କରିଥିବା ପୋଲିସ ପ୍ରଥମେ ସନ୍ଦେହ କରୁଥିଲା। ହେଲେ ଏବେ ଏହି ଘଟଣା ଭିନ୍ନ ମୋଡ ନେଇଛି। ଏହା ହତ୍ୟା ନୁହେଁ, ଏକ ଆତ୍ମହତ୍ୟା ଘଟଣା ବୋଲି ପୋଲିସ କହିଛି। ଏପରିକି ମଙ୍ଗଳବାର ପୋଲିସକୁ ଗଦାଧରଙ୍କ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ହସ୍ତଗତ ହୋଇଛି। ଏଥିରେ ଉଲ୍ଲେଖ ରହିଛି ଯେ, ଗଦାଧର ନିଜେ ଡାହାଣ ହାତରେ ଏକ ଧାରୁଆ ଛୁରୀରେ ବେକ କାଟି ଆତ୍ମହତ୍ୟା କରିଛନ୍ତି। ମୃତଦେହ ମିଳିଥିବା ଘରୁ ଗଦାଧରଙ୍କ ଡାହାଣ ହାତରେ ରକ୍ତ ଲାଗିଥିଲା। ମାତ୍ର ବାମ ହାତରେ କିଛି ବି ଲାଗିନଥିଲା। ସେ ପିନ୍ଧିଥିବା ଶାର୍ଟ ଭିତରୁ ଏକ ଧାରୁଆ ଛୁରୀକୁ ପୋଲିସ ଜବତ କରିଥିଲା। ତେଣୁ ପୋଲିସ ଏହି ସବୁକୁ ତଦନ୍ତ ପରିସରକୁ ନେବା ପରେ ଏହା ଏକ ଆତ୍ମହତ୍ୟା ଘଟଣା ବୋଲି କହିଛି। ଏହାସହ ମାରବଲ୍ ଶୋ’ରୁମର ମାଲିକ ଓ ଅନ୍ୟ ଲୋକଙ୍କୁ ପୋଲିସ ପଚରାଉଚରା କରିଛି। ଏପରିକି ଚିଠିରେ ମିଳିଥିବା ଚିଠିଲେ ଲେଖାଥିବା ବାବୁନାକୁ ପୋଲିସ ପଚରାଉଚରା କରିବା ପରେ ଏହା ଆତ୍ମହତ୍ୟା ପୋଲିସ ପୋଲିସ କହିଛି। ଅନ୍ୟପଟେ ଗଦାଧରଙ୍କୁ ବ୍ଲାକ୍‌ମେଲ କରୁଥିବା ବାବୁନାଙ୍କୁ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା ମାମଲାରେ ଗିରଫ କରାଯାଇଥିବା ଜଣାପଡ଼ିଛି। ଏନେଇ ପୋଲିସ ମୁହଁ ଖୋଲୁନଥିବାବେଳେ ବୁଧବାର ସିପି ଅଫିସରେ ଏକ ଖବରଦାତା ସମ୍ମିଳନୀରେ ଖୁଲାସା କରାଯିବ ବୋଲି ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି।

## ଏଜି ଅଫିସ୍ କର୍ମଚାରୀ ସଂଗଠନ ପକ୍ଷରୁ ଓଡ଼ିଶା ଦିବସ

**ଭୁବନେଶ୍ୱର,୨।୪(ବ୍ୟୁରୋ)**

ଏଜି ଅଫିସ୍ କର୍ମଚାରୀ ସଂଗଠନ ପକ୍ଷରୁ ୮୪ତମ ଓଡ଼ିଶା ଦିବସ ଆୟୋଜିତ ହୋଇଯାଇଛି। ନିଉ ଏଜି କଲୋନୀ ଦୁର୍ଗାମଣ୍ଡପ ପଡ଼ିଆରେ ଆୟୋଜିତ ଏହି ସମାରୋହରେ ବିଶିଷ୍ଟ ଔପନ୍ୟାସିକ ଓ କଥାକାର ଶାନ୍ତନୁ ଆଚାର୍ଯ୍ୟ ମୁଖ୍ୟଅତିଥି ଓ ବକ୍ତା ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସୁଶାନ୍ତ ରଥ ସଭାପତିତ୍ୱ କରିଥିବା ବେଳେ ଆବାହକ ଦିଲୀପ ରାଉତ ସମସ୍ତଙ୍କୁ ଗତ ୩୦ବର୍ଷ ହେବ ପାଳିତ ହୋଇଆସୁଥିବା ଓଡ଼ିଶା ଦିବସ ଲାଗି ଧନ୍ୟବାଦ ଦେଇଥିଲେ। ଏହି ଅବସରରେ କର୍ମଚାରୀମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ଓ ନାଟକ ପ୍ରଦର୍ଶନ କରାଯାଇଥିଲା। ଏଥିରେ ମହେନ୍ଦ୍ର ଶତପଥୀ, ସୁଦର୍ଶନ ପଟ୍ଟନାୟକ, ଆନନ୍ଦ ଭଞ୍ଜ, ବିବେକାନନ୍ଦ ପାତ୍ର, ଗୌରୀରଞ୍ଜନ ମିଶ୍ର, ବରୁଣ ମାଝି ସମେତ ସଂଗଠନର ବହୁ କର୍ମକର୍ତ୍ତା ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ।



ଓଡ଼ିଶା ଦିବସ ପାଳନ ଅବସରରେ କଳିଙ୍ଗବିହାରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଡ. ବିଭୂତିଭୂଷଣ ଆଚାର୍ଯ୍ୟଙ୍କ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

## କାରରୁ ୪.୮୮ ଲକ୍ଷ ଟଙ୍କା ଜବତ

**ପୁରୁଣା ଭୁବନେଶ୍ୱର, ୨।୪(ଡି.ଏନ.ଏ.)**

ସ୍ପେଶାଲ ଟାସ୍କଫୋର୍ସର ଯାଞ୍ଚବେଳେ ଧଉଳି ଥାନା ଅଧୀନ ପୁରୀ–ଭୁବନେଶ୍ୱର ଜାତୀୟ ରାଜପଥ ଲିଙ୍ଗିପୁର ବାଇପାଶ୍‌ଠାରେ ଏକ ହୁଣ୍ଡାଇ କାର୍‌ରୁ ୪ ଲକ୍ଷ ୮୮ ହଜାର ଟଙ୍କା ଜବତ କରାଯାଇଛି। ମିଳିଥିବା ଖବର ମୁତାବକ, କାର (ନଂ. ଓଡି ୦୨ ଏକେ ୮୦୮୦) ଚାଳକ ଦରକାରୀ କାଗଜପତ୍ର ଦେଖିବାକୁ ପୋଲିସ ପକ୍ଷରୁ ତନଖି ଚାଲିଥିବାବେଳେ ଟଙ୍କା ଜବତ କରାଯାଇଥିଲା। ଚାଳକ ହେଉଛନ୍ତି ବଲଙ୍ଗୀର ସନ୍ଦିପ ରାୟଗୁରୁ। ନିଜର ବ୍ୟବସାୟ ପାଇଁ ରାଜମହଲସ୍ଥିତ ବ୍ୟାଙ୍କ ଅଫ ଇଣ୍ଡିଆରେ ଟଙ୍କା ମଙ୍ଗଳବାର ଜମା କରିବାକୁ ଆସିଥିବା ସେ କହିଥିଲେ। ତେବେ ନିର୍ବାଚନ ସମୟରେ ଏତେଗୁଡ଼ିଏ ଟଙ୍କା ଏବଂ ଚାଳକଙ୍କ ସନ୍ଦେହ ଜନକ ଉତ୍ତରରେ ପୋଲିସ ଭୁବନେଶ୍ୱର ଅତିରିକ୍ତ ତହସିଲଦାର ସସ୍ମିତ ସାହୁ ଏବଂ ଫ୍ଲାଇଙ୍ଗ ସ୍କ୍ୱାଡର ମନୋଜ କୁମାର ଲେଙ୍କାଙ୍କ ଆଲୋଚନାକ୍ରମେ ଧଉଳି ଥାନା ପୋଲିସ ଯାଞ୍ଚ କରିବାକୁ ଦାୟିତ୍ୱ ଦିଆଯାଇଥିଲା। ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡିକୁ ସିଜ୍ କରିବା ସହ ଟଙ୍କା ଜବତ କରିଥିଲା। ଆବଶ୍ୟକ କାଗଜପତ୍ର ଦାଖଲ ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପୋଲିସ କହିଛି। ସମ୍ପ୍ରତି ନିର୍ବାଚନ ଯୋଗୁ ୫୦ ହଜାରରୁ ଊର୍ଦ୍ଧ୍ୱ ଅଧିକା ଟଙ୍କା ଧରି ଯାତ୍ରା ଉପରେ ଅଙ୍କୁଶ ଲଗାଯାଇଛି।

## ଧଉଳି ନିଶାମୁକ୍ତ କେନ୍ଦ୍ରରୁ ମହିଳା ଉଦ୍ଧାର

**ପୁରୁଣା ଭୁବନେଶ୍ୱର, ୨।୪(ଡି.ଏନ.ଏ.)**

ନିକଟରେ ଜଣେ ମହିଳା ଗାଁରେ ବିଳମ୍ବିତ ରାତିରେ ଘୂରି ବୁଲୁଥିବା ବେଳେ ମଙ୍ଗଳବାର ଅପରାହ୍ନରେ ଅନୁରୂପ ଭାବେ ଜଣେ ମହିଳା ଧଉଳି ଥାନା ଅଧୀନ ନିଶାମୁକ୍ତ କେନ୍ଦ୍ରଠାରୁ ଉଦ୍ଧାର ହୋଇଛନ୍ତି। ପୋଲିସ୍ ସୂଚନା ମୁତାବକ, ମହିଳା ଜଣକ ମଙ୍ଗଳବାର ମଧ୍ୟାହ୍ନ ୧୨ଟାରେ ନିଶାମୁକ୍ତି କେନ୍ଦ୍ରଠାରେ ରହୁଥିବା ଏକ ଘରୋଇ କଲେଜର ଛାତ୍ରାବାସରେ ପଶିଥିଲେ। ସେଠାରେ ସେ ଏଣୁ ତେଣୁ କହିବା ପରେ ପିଲାମାନଙ୍କ ସହ ଯୁକ୍ତିତର୍କ ହୋଇଥିଲା। ଏଥିରେ ମହିଳା ଏହିଠାରେ ରହିବି କହି ଜିଦ୍‌ରେ ଅଡି ବସିଥିଲେ। ତେବେ ପିଲାମାନେ ମଧ୍ୟାହ୍ନରେ ପୋଲିସକୁ ଖବର ଦେଇଥିଲେ। ଅପରାହ୍ନ ୫ଟାରେ ପୋଲିସ ପହଞ୍ଚି ମହିଳାଙ୍କୁ ପଚରାଉଚରା କରୁଥିବାବେଳେ ପିଲାମାନେ ତାଙ୍କୁ ମାଡ ମାରିଥିବା କହିଥିଲେ। ପରେ ପିସିଆର ଭ୍ୟାନରେ ବସାଇ ମହିଳାଙ୍କୁ ଜେରା କରିବା ସହ ତାଙ୍କ ଘରେ ପହଞ୍ଚାଇ ଦେବାକୁ ପୋଲିସ ନେଇଥିଲା।

## ଏଜି ଅଫିସ୍ ଆକାଉଣ୍ଟସ୍ ଆସୋସିଏଶନର କର୍ମକର୍ତ୍ତା ଚୟନ

**ଭୁବନେଶ୍ୱର,୨।୪(ବ୍ୟୁରୋ)**

ଏଜିଅଫିସ୍‌ଆକାଉଣ୍ଟସ୍‌ଆସୋସିଏଶନର ନୂତନ କର୍ମକର୍ତ୍ତା ନିର୍ବାଚନ ଓ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ନିର୍ବାଚନରେ ସଭାପତି ଭାବେ ସୁଦର୍ଶନ ପଟ୍ଟନାୟକ, ଉପସଭାପତି ରାମଚନ୍ଦ୍ର ଲେଙ୍କା, ସାଧାରଣ ସମ୍ପାଦକ ଦିଲୀପ କୁମାର ରାଉତ, ସମ୍ପାଦକ ଭାବେ ସୁକାନ୍ତ କୁମାର ପାଣିଗ୍ରାହୀଙ୍କ ଚୟନ ହୋଇଥିଲେ। ଏଥିସହ କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ବଳରାମ ପାତ୍ର, ବସନ୍ତ କୁମାର ବେହେରା, କାଞ୍ଚନୀ ନାୟକ, ମାଳବିକା ମହାନ୍ତି, ନିହାରିକା ମିଶ୍ର, ନିରଞ୍ଜନ ବେହେରା, ରବିନାରାୟଣ ବେହେରା, ସୋମନାଥ ବାଘ, ସନ୍ତୋଷ କୁମାର ରଣା, ମାୟାଧର ଜେନା ନିର୍ବାଚିତ ହୋଇ ଶପଥ ପାଠ କରିଛନ୍ତି।

## ବିଶ୍ୱ ଅଟିଜିମ୍ ସଚେତନତା ଦିବସ

**ଭୁବନେଶ୍ୱର, ୨।୪ (ବ୍ୟୁରୋ)**

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ‘ସୁଗମ୍ୟ ନିର୍ବାଚନ’କୁ ଭିତ୍ତିକରି ମଙ୍ଗଳବାର ବିଶ୍ୱ ଅଟିଜିମ୍ ସଚେତନତା ଦିବସ ପାଳିତ ହୋଇଯାଇଛି। ଏନ୍‌ସିଏସ୍‌ଡିଏ ପ୍ରାଙ୍ଗଣରେ ଆୟୋଜିତ କାର୍ଯ୍ୟକ୍ରମକୁ ବିଭାଗର ପ୍ରମୁଖ ଶାସନ ସଚିବ ନୀତେନ୍ ଚନ୍ଦ୍ର ଓ ବିଭାଗୀୟ ନିର୍ଦ୍ଦେଶକ ତଥା ସୁଗମ୍ୟ ନିର୍ବାଚନର ନୋଡାଲ ଅଧିକାରୀ ସୁଶାନ୍ତ ମହାପାତ୍ର ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଟିଜିମ୍‌ର ଶିକାର ହୋଇଥିବା ଶିଶୁମାନଙ୍କର ଚିହ୍ନଟୀକରଣ, ପରୀକ୍ଷା ଓ ୟୁଡିଆଇଡି ପାଇଁ ପଞ୍ଜୀକରଣ ହୋଇଥିଲା। ଅଟିଜିମ୍ ଶିଶୁମାନଙ୍କ ମଧ୍ୟରେ ‘ସୁଗମ୍ୟ ମତଦାନ’ ବିଷୟବସ୍ତୁକୁ ନେଇ ଏକ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ପ୍ରତି ବୁଥ୍‌କୁ ହୁଇଲ୍ ଚେୟାର ପ୍ରଦାନ କରାଯାଇଥିଲା। ସେହିପରି ସେଣ୍ଟ୍ରାଲ ଫର ଅଟିଜିମ ଥେରାପି କାଉନସେଲିଂ ଆଣ୍ଡ ହେଲ୍ପ (କ୍ୟାଚ୍) ପକ୍ଷରୁ ୧୨ତମ ଅଟିଜିମ୍ ସଚେତନତା ଦିବସ ପାଳିତ ହୋଇଯାଇଛି। ଇଡକଲ୍ ଅଡିଟୋରିୟମଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଲାଗି ନିଯୁକ୍ତ ବ୍ୟାଙ୍କିଂ ଲୋକପାଳ ଶ୍ରୀଧର ବେହେରା ମୁଖ୍ୟଅତିଥି ଭାବେ ଏବଂ କ୍ୟାଚ୍ ସଙ୍ଗଠନର ସମ୍ପାଦିକା ରିତା ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଯୋଗ ପ୍ରଦର୍ଶନ, ର୍‍ୟାମ୍ପ ଶୋ’ ଆୟୋଜନ କରାଯାଇଥିଲା। ସ୍ମରଣିକା ‘ପ୍ରୟାସ’କୁ ଉନ୍ମୋଚନ ହୋଇଥିଲା।

## ବଳାତ୍କାର ଅଭିଯୋଗ: ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୨।୪ (ବ୍ୟୁରୋ)**

ଜଣେ ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ମଙ୍ଗଳବାର ମହିଳା ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ନୟାଗଡ ଜିଲା ରଣପୁର ଥାନା ଅଞ୍ଚଳର ଅକ୍ଷୟ କୁମାର ନାୟକ (୧୮)। ସୂଚନା ମୁତାବକ, ଇନଫୋସିଟି ଥାନା ଅଞ୍ଚଳରେ ରହୁଥିବା ଜନୈକା ଯୁବତୀ(୩୦)ଙ୍କ ସହ ଅଭିଯୁକ୍ତ ଅକ୍ଷୟଙ୍କର ଗତ ନଭେମ୍ବରରେ ଦେଖା ହେବା ସହ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଅକ୍ଷୟ ତାଙ୍କୁ ବିବାହ କରିବାର ପ୍ରତିଶ୍ରୁତି ଦେଇ ତାଙ୍କ ସହ ବାରମ୍ବାର ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ ବିବାହ ପାଇଁ ରାଜି ହୋଇନଥିଲେ। ଏ ନେଇ ସୋମବାର ଇନଫୋସିଟି ଥାନାରେ ଯୁବତୀ ଜଣଙ୍କ ବଳାତ୍କାର ଅଭିଯୋଗ ଆଣି ଏତଲା ଦେଇଥିଲେ। ପୋଲିସ କେସ୍ ନଂ. ୪୦/୧୯ ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିଲା।

ଅଚଳ ହୋଇ ପଡ଼ିଛି ହିନ୍ଦ୍ କୁଷ୍ଠ ନିବାରଣ ସଂଘ

## ପୁନର୍ବିନ୍ୟାସ କରିବା ପାଇଁ ରାଜ୍ୟପାଳଙ୍କ ପ୍ରତିଶ୍ରୁତି

**ଭୁବନେଶ୍ୱର,୨।୪(ବ୍ୟୁରୋ)**

ରାଜ୍ୟରେ କୁଷ୍ଠରୋଗୀ, କୁଷ୍ଠମୁକ୍ତ ବ୍ୟକ୍ତି ଓ କୁଷ୍ଠକର୍ମୀମାନଙ୍କ ଦୁରବସ୍ଥା ସମ୍ପର୍କରେ ରାଜ୍ୟପାଳ ତଥା ହିନ୍ଦ୍ କୁଷ୍ଠ ନିବାରଣ ସଂଘ ସଭାପତି ପ୍ରଫେସର ଗଣେଶୀ ଲାଲ ଇଣ୍ଡିଆନ ହାନ୍‌ସେନିଆନ୍ସ ଆସୋସିଏଶନ ପ୍ରତିନିଧିଙ୍କ ସହ ମଙ୍ଗଳବାର ବୈଠକରେ ସମୀକ୍ଷା କରିଛନ୍ତି। ୨୦୧୧ରୁ ଏ ପର୍ଯ୍ୟନ୍ତ ହିନ୍ଦ୍ କୁଷ୍ଠ ନିବାରଣ ସଂଘର ସାଧାରଣ ପରିଷଦ ଓ କାର୍ଯ୍ୟକାରୀ ପରିଷଦ ବୈଠକ ନ ହେବା, ରାଜ୍ୟରେ ଖାଲିପଡ଼ିଥିବା ୩୫୦ କୁଷ୍ଠକର୍ମୀ ପଦବୀ ପୂରଣ ପାଇଁ ତତ୍ପରତା ପ୍ରକାଶ ନ କରିବା ଏବଂ ସେହି କୁଷ୍ଠକର୍ମୀମାନଙ୍କର ପ୍ରତିବର୍ଷ ଦରମା ବାବଦକୁ ଅନୁମୋଦିତ ହେଉଥିବା ଆର୍ଥିକ ଅନୁଦାନକୁ ହଡ଼ପ କରିବା ଆଦି ପ୍ରସଙ୍ଗ ଆଲୋଚନା ପରିସରଭୁକ୍ତ ହୋଇଥିଲା। ରାଜ୍ୟରେ ଥିବା ୧୧ଲକ୍ଷ ୨୯ହଜାର ୫୩୦ଜଣ କୁଷ୍ଠମୁକ୍ତ ଓ କୁଷ୍ଠ ପୀଡ଼ିତଙ୍କ କାହାଣୀ ଶୁଣି ରାଜ୍ୟପାଳ ମର୍ମାହତ ହୋଇଥିଲେ। ଏପ୍ରିଲ ଦ୍ୱିତୀୟ ସପ୍ତାହଠାରୁ ରାଜ୍ୟପାଳ ନିଜେ ରାଜ୍ୟର ବିଭିନ୍ନ କୁଷ୍ଠାଶ୍ରମ, କୁଷ୍ଠ ଚିକିତ୍ସାଳୟ ଓ କୁଷ୍ଠ କଲୋନୀ ପରିଦର୍ଶନ କରି ସେଠାରେ ଅବସ୍ଥାପିତ ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀମାନଙ୍କ କାର୍ଯ୍ୟ ତଦାରଖ କରିବେ। ଏଥିସହିତ କୁଷ୍ଠରୋଗୀଙ୍କ ସେବାରେ ନିଜକୁ ନିୟୋଜିତ କରିବା ସହ ଅଚଳ ହୋଇପଡ଼ିଥିବା ହିନ୍ଦ୍ କୁଷ୍ଠ ନିବାରଣ ସଂଘର ପୁନର୍ବିନ୍ୟାସ କରିବେ ବୋଲି ରାଜ୍ୟପାଳ ପ୍ରତିଶ୍ରୁତି ଦେଇଛନ୍ତି। ଇଣ୍ଡିଆନ ହାନ୍‌ସେନିଆନ୍ସ ଆସୋସିଏଶନ ସାଧାରଣ ସମ୍ପାଦକ ଦୁର୍ଯ୍ୟୋଧନ ସାହୁ ଏବଂ ପୂର୍ବତନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ତଥା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର କୁଷ୍ଠରୋଗ ପରାମର୍ଶଦାତା ଡା. ଡମ୍ବରୁଧର ଭୂୟାଁ ପ୍ରତିନିଧିତ୍ୱ କରିଥିଲେ।

## ବ୍ରାଉନ୍ ସୁଗାର ଚାଲାଣରେ ପଥର ମାଫିଆ

**ଭୁବନେଶ୍ୱର,୨।୪ (ବ୍ୟୁରୋ)**

■ ୪ଜଣଙ୍କୁ ଧରିଲା ପୋଲିସ
■ ବନ୍ଧୁକ, ବ୍ରାଉନ୍ ସୁଗାର ଓ ଦାମୀ କାର ଜବତ



ଦାମୀ କାର୍‌ରେ ହେଉଥିଲା ବ୍ରାଉନ ସୁଗାର ଚାଲାଣ। ସେଥିରେ ଯାଉଥିବା ଲୋକ ସମ୍ଭ୍ରାନ୍ତ ପରିବାରର ଭଳି ଲାଗୁଥିଲେ। ପୋଲିସ ନଜରରୁ ହଟିବା ପାଇଁ ଏଭଳି ଚତୁରତା ଅବଲମ୍ବନ କରାଯାଇଥିଲା। ଶେଷରେ କ୍ୟୁଏଟି ଓ ଶହୀଦନଗର ପୋଲିସ ହାତରେ ଧରାପଡିଛନ୍ତି ଏହି ର୍‍ୟାକେଟ। ସମ୍ପୃକ୍ତ ଗ୍ୟାଙ୍ଗ୍‌ର ୪ଜଣ ସଦସ୍ୟଙ୍କୁ କ୍ୟୁଏଟି ଓ ଶହୀଦନଗର ପୋଲିସ ଗିରଫ କରିଛି। ସେମାନଙ୍କ ନିକଟରୁ ପୋଲିସ ଗୋଟିଏ ବନ୍ଧୁକ, ଦୁଇଟି ଜୀବନ୍ତ ଗୁଳି, ୩୧ ଗ୍ରାମ ବ୍ରାଉନ ସୁଗାର, ନଗଦ ୧୩ ହଜାର ଟଙ୍କା, ୫ ମୋବାଇଲ୍ ଫୋନ୍ ଓ ଗୋଟିଏ ଟାଟା ସଫାରି କାର (ଓଆର୦୨ବିଏଚ୍୫୪୦୨)କୁ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଖୋର୍ଦ୍ଧା ଅଞ୍ଚଳର ସୋମନାଥ ଭୁଜବଳ, ରାଜେଶ ବରାଳ, ଅମରେନ୍ଦ୍ର ବରାଳ ଓ ଜିତେନ୍ଦ୍ର ମାନସିଂ। ଶହୀଦନଗର ଥାନାରେ ଆଇପିସି ଦଫା ୨୧(ବି), ଏନ୍‌ଡିପିଏସ୍ ସହ ୨୫ ଆର୍ମସ ଆକ୍ଟ ଲଗାଇ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଗ୍ୟାଙ୍ଗ୍‌ର ମାଷ୍ଟରମ୍ୟାଇଣ୍ଡ ସୋମନାଥ ହୋଇଥିବାବେଳେ ସେ ଚୋରା ପଥର ଚାଲାଣ କରନ୍ତି। ତାଙ୍କ ନାମରେ ଖୋର୍ଦ୍ଧା ଥାନାରେ ଏକାଧିକ ମାମଲା ରହିଥିବା ପୋଲିସ ସୂଚନା ଦେଇଛି।

ସୂଚନା ଅନୁଯାୟୀ, ଗତ କିଛିଦିନ ହେବ ଖୋର୍ଦ୍ଧାରେ ଚୋରା ପଥର ଚାଲାଣ ଉପରେ କଟକଣା ହେବାରୁ ସୋମନାଥ ଉକ୍ତ କାର୍ଯ୍ୟଛାଡ଼ି ଏକ ଗ୍ୟାଙ୍ଗ୍ ଗଢିଥିଲେ। ସେମାନେ ନିୟମିତ ବାଲେଶ୍ୱର ଜଳେଶ୍ୱରରୁ ବ୍ରାଉନସୁଗାର ଆଣି ରାଜଧାନୀ ଓ ଖୋର୍ଦ୍ଧା ଅଞ୍ଚଳରେ ହୋଲ୍‌ସେଲିଂ କରନ୍ତି। ତାଙ୍କଠାରୁ ଛୋଟ ବେପାରୀମାନେ ବ୍ରାଉନସୁଗାର ନେଇଥାନ୍ତି। ଏନେଇ କ୍ୟୁଏଟି ନିକଟରେ ଖବର ପହଞ୍ଚିଥିବା ପରେ ଗତ କିଛିଦିନ ହେବ ଉକ୍ତ ଗ୍ୟାଙ୍ଗ୍ ଉପରେ ନଜର ରଖାଯାଇଥିଲା। ସୋମବାର ରାତି ପ୍ରାୟ ଗୋଟାଏ ବେଳେ ସେମାନେ ଜୟଦେବ ବିହାର ବନା ଢାବା ନିକଟରେ ରାସ୍ତାରେ କାର ପାର୍କିଂ କରି ଭିତରେ ବସିଥିଲେ। ସେମାନେ ଅନ୍ୟ କାହାକୁ ବ୍ରାଉନସୁଗାର ବିକ୍ରି କରିବାକୁ ଅପେକ୍ଷା କରିଥିବା ପୋଲିସ ସନ୍ଦେହ କରୁଛି। ତେବେ ଏହି ସମୟରେ ପୋଲିସ ଚଢ଼ାଉ କରି ସେମାନଙ୍କୁ ଥାନାକୁ ଆଣି ପଚରାଉଚରା ପରେ ବ୍ରାଉନସୁଗାର ର୍‍ୟାକେଟର ପର୍ଦ୍ଦାଫାଶ ହୋଇଥିଲା। ସୋମନାଥ ଓ ୩ ସହଯୋଗୀଙ୍କ ନାମରେ ଅନ୍ୟ କେଉଁ ଥାନାରେ ମାମଲା ରହିଛି ସେନେଇ ପୋଲିସ ଖୋଳତାଡ କରୁଛି। ଅନ୍ୟପକ୍ଷରେ ଶହୀଦନଗର ଥାନା ବନାଢ଼ାବା ନିକଟରେ ସବୁବେଳେ ଅସାମାଜିକଙ୍କ ଆଡ୍ଡା ଜମୁଛି। ଚୋରା ମଦ ଓ ନିଶା କାରବାର ଚାଲୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

# ଏ ମାସର କୃଷିସୂଚନା

**ଡାଲୁଅ ଧାନ :** ସମୟୋପଯୋଗୀ ଜଳସେଚନ କରନ୍ତୁ ।
– ସାର ପ୍ରୟୋଗର ଦିନକ ପୂର୍ବରୁ କ୍ଷେତରୁ ଜଳ ନିଷ୍କାସନ କରି ସାର ପ୍ରୟୋଗର ୪୮ ଘଣ୍ଟାପରେ ୫ ସେ.ମି. ଜଳ ବାନ୍ଧି ରଖନ୍ତୁ ।
– ଧାନ ଫୁଲ ଉଡ଼ାଇବାର ୨୦ ଦିନ ଆଗରୁ ଓ ୧୦–୧୫ ଦିନ ପର୍ଯ୍ୟନ୍ତ କ୍ଷେତରେ ୩–୫ ସେ.ମି. ପାଣି ବାନ୍ଧି ରଖନ୍ତୁ ।
– ଧାନ କେଣ୍ଡାର ୮୫% ପାଚିଗଲେ ଅମଳ କରନ୍ତୁ ।

**ନଳିତା :** ନଳିତା ବୁଣିବା ପାଇଁ ମାଟିକୁ ଭଲଭାବରେ ଗୁଣ୍ଡକରି ହେକ୍ଟର ପ୍ରତି ୧୨ ଗାଡ଼ି ଶଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ଶେଷ ଓଡ଼ ଚାଷରେ ପିଟା ନଳିତାରେ ହେକ୍ଟର ପ୍ରତି ୩୦ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ଏବଂ ମଧୁର ନଳିତାରେ ୨୦ କି.ଗ୍ରା. ଯବକ୍ଷାରଜାନ, ୨୦ କି.ଗ୍ରା. ଫସ୍‌ଫରସ୍ ଓ ୨୦ କି.ଗ୍ରା. ପଟାସ୍ ମୂଳସାର ହିସାବରେ ପ୍ରୟୋଗ କରନ୍ତୁ ।
– ଧାଡ଼ିରେ ବୁଣିଲେ ନିର୍ବାଚିତ କିସମରୁ ହେକ୍ଟର ପ୍ରତି ୭.୫ କି.ଗ୍ରା. ପିଟା ନଳିତା ବା ୫ କି.ଗ୍ରା. ମଧୁର ନଳିତା ବୁଣନ୍ତୁ। ଛଟାବୁଣା କରୁଥିଲେ ହେକ୍ଟର ପ୍ରତି ୧୦ କି.ଗ୍ରା. ପିଟା ନଳିତା ବା ୭.୫ କି.ଗ୍ରା. ମଧୁର ନଳିତା ବୁଣନ୍ତୁ। ମଧୁର ନଳିତା ୨୫ ସେ.ମି. X୧୦ ସେ.ମି. ବ୍ୟବଧାନ ଓ ପିଟା ନଳିତା ୩୦ ସେ.ମି. X ୧୦ ସେ.ମି. ବ୍ୟବଧାନରେ ବୁଣନ୍ତୁ।
– ବୁଣିବା ପୂର୍ବରୁ ଏକ କି.ଗ୍ରା. ମଞ୍ଜି ପ୍ରତି ୩ ଗ୍ରାମ୍ ଥିରାମ୍ କିମ୍ବା ୨ ଗ୍ରାମ୍ କାର୍ବେଣ୍ଡାଜିମ୍ ଗୋଳାଇ ବିହନ ବିଶୋଧନ କରନ୍ତୁ।

**ଆଖୁ :** ପ୍ରଥମ ସାର ପ୍ରୟୋଗର ୩୦ ଦିନପରେ ଅର୍ଥାତ୍ ଆଖୁ ଲଗାଇବାର ୬୦ ଦିନ ପରେ ହେକ୍ଟର ପ୍ରତି ୧୨୫ କି.ଗ୍ରା. ଯବକ୍ଷାରଜାନ ଦ୍ୱିତୀୟ କିସ୍ତିରେ ପ୍ରୟୋଗ କରି ହୁଡ଼ା ଟେକନ୍ତୁ ଓ ଜଳସେଚନ କରନ୍ତୁ।
– ଆଖୁ ଲଗାଇବାର ୬୦ ଦିନରେ ହେକ୍ଟର ପ୍ରତି ୫ କି.ଗ୍ରା. ଆଜୋସ୍ପିରିଲମ୍ ଓ ୨୫୦ କି.ଗ୍ରା. ଶୁଖିଲା ଗୁଣ୍ଡ ଖତ ମିଶାଇ ପ୍ରୟୋଗ କରନ୍ତୁ।
– ଫସଲରେ ସହଳ କାଣ୍ଡବିନ୍ଧା ପୋକ ଦମନ ଲାଗି ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ କିମ୍ବା ୨୦୦ ମି.ଲି. କୋରାଜେନ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

## ଗହମ

ଗହମ ଗଛ ଶୁଖି ହଳଦିଆ ପଡ଼ିଗଲେ ଓ କେଣ୍ଡାକୁ ବଙ୍କେଇ ଦେଲେ ଯଦି ସହଜରେ ଭାଙ୍ଗିଯାଏ ତେବେ ଜାଣିବେ ଗହମ ଫସଲ ଅମଳ ପାଇଁ ଉପଯୁକ୍ତ ସମୟ।
–ଅମଳ ପରେ ୩/୪ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ।





## ଗୋପାଳନ

–ଦୁଧିଆଳୀ ଗାଈ ଓ ବଳଦଙ୍କୁ ଫାଟୁଆ ରୋଗର ପ୍ରତିଷେଧକ ଟିକା ୬ ମାସ ଅନ୍ତରରେ ଥରେ ଦିଅନ୍ତୁ।
–ଦୁଧିଆଳୀ ଗାଈକୁ ଗ୍ରୀଷ୍ମ ଉତ୍ତାପରୁ ରକ୍ଷା କରିବା ପାଇଁ ଛାଇ ଜାଗାରେ ବାନ୍ଧନ୍ତୁ ଓ ଯଥେଷ୍ଟ ପରିମାଣରେ ଥଣ୍ଡା ପାଣି ପିଇବାକୁ ଦିଅନ୍ତୁ।
–ଅଧିକ ଗରମରୁ ରକ୍ଷା ଲାଗି ଗାଈଙ୍କୁ ଦିନ ୧୨ଟାରେ ଥରେ ଓ ୪ଟା ବେଳକୁ ଆଉ ଥରେ ଥଣ୍ଡା ପାଣିରେ ଗାଧୋଇ ଦିଅନ୍ତୁ।

**ଡାଲି ଜାତୀୟ ଫସଲ :**
ଖରାଟିଆ ମୁଗରେ ଜଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସଙ୍କଟକାଳରେ ଅର୍ଥାତ୍ ଫୁଲ, ଫଳ ବା ଛୁଇଁ ଧରିବା ଅବସ୍ଥା, ଦାନା ଗଠନ ଓ ଛୁଇଁର ଦାନା ପୂରଣ ଅବସ୍ଥାରେ ଜଳସେଚନ କରନ୍ତୁ।
– ଡାଲି ଫସଲରେ ପତ୍ରଖିଆ ପୋକ, ଧଳାମାଛି, ଜଉପୋକ, ପତ୍ର ଉଙ୍କୁଣୀ, ଝାଉଁଳା ରୋଗ, ପତ୍ରଦାଗ ରୋଗ, ସାହେବି ରୋଗ ଆଦି ଲାଗିବାର ଆଶଙ୍କା ରହିଛି। ପୋକଗୁଡ଼ିକ ଓ ସାହେବି ରୋଗ ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଏସିଟାମିପ୍ରିଡ୍ କିମ୍ବା ଥାୟାମେଥୋକ୍‌ଜାମ୍ ୫୦୦ ଲିଟର ପାଣିରେ ସିଞ୍ଚନ କରନ୍ତୁ।
–ରୋଗ ନିୟନ୍ତ୍ରଣ କରିବାକୁ ହେକ୍ଟର ପ୍ରତି ୧୨୫୦ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।
– ଫୁଲ ଆସିବା ସମୟରେ ହେକ୍ଟର ପ୍ରତି ୨୫୦ ମି.ଲି. ଟ୍ରାଇକୋଣ୍ଟାନାଲ୍ ବା ୧୨୫ ମି.ଲି. ଫାଣ୍ଟାକ୍କୁ ୨୫୦ ଲିଟର ପାଣିରେ ମିଶାଇ ସିଞ୍ଚନ କଲେ ଅଧିକ ସଂଖ୍ୟାରେ ଫୁଲ ହେବା ସଙ୍ଗେ ସଙ୍ଗେ ଛୁଇଁଗୁଡ଼ିକ ଲମ୍ବା ଓ ହୃଷ୍ଟପୁଷ୍ଟ ହୁଏ।

**ତୈଳବୀଜ ଫସଲ**
**ଚିନାବାଦାମ :** ଚିନାବାଦାମ ଫସଲ ଅମଳ କରି ୨–୩ ଦିନ ଖରାରେ ଶୁଖାଇ ବସ୍ତାରେ ସାଇତି ରଖନ୍ତୁ। ଆର୍ଦ୍ରତା କମାଇ ଏବଂ ପୋକ ନ ଲାଗିବା ପାଇଁ ୩୦ କି.ଗ୍ରା. ବିହନରେ ୨୫୦ ଗ୍ରାମ୍ କ୍ୟାଲ୍‌ସିୟମ୍ କ୍ଲୋରାଇଡ୍ ବସ୍ତା ଭିତରେ ରଖନ୍ତୁ ।

## ସୂର୍ଯ୍ୟମୁଖୀ

ଧଳାମାଛି ଦମନ କରିବା ଲାଗି ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଏସିଟାମିପ୍ରିଡ୍ କିମ୍ବା ୫୦୦ ମି.ଲି. ବୁପ୍ରୋଫେଜିନ୍ ଔଷଧ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
– ଝାଉଁଳା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୭୫୦ ଗ୍ରାମ୍ କାର୍ବେଣ୍ଡାଜିମ୍ ଗଛର ମୂଳ ଅଂଶରେ ପ୍ରୟୋଗ କରନ୍ତୁ।
– ପତ୍ରଚିତା ରୋଗ ଦମନ ଲାଗି ହେକ୍ଟର ପ୍ରତି ୧ କି.ଗ୍ରା. ୮୭୫ ଗ୍ରାମ୍ ଇଣ୍ଡୋଫିଲ୍ ଏମ୍–୪୫ ବା ୭୫୦ ଗ୍ରାମ୍ ବାଭିଷ୍ଟିନ୍ ବା ଟପ୍‌ସିନ୍ ଏମ୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିବାକୁ ପଡ଼ିବ ।
– କଳଙ୍କି ରୋଗ ଦମନ ଲାଗି ପ୍ରତି ଲିଟର ପାଣିରେ ୧ ଗ୍ରାମ୍ ବେନୋମିଲ୍ କିମ୍ବା ୧ ମି.ଲି. ଡାଇଫେନୋକୋନାଜୋଲ୍ ମିଶାଇ ପତ୍ର ସିଞ୍ଚନ କରନ୍ତୁ ।
– ଫୁଲଶଢ଼ା ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ମିଶାଇ ସିଞ୍ଚନ କରନ୍ତୁ ।



–କୃଷି ବୈଷୟିକ ସୂଚନା କେନ୍ଦ୍ର, ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ,ଓୟୁଏଟି, ଭୁବନେଶ୍ୱର

# ଜୈବିକ କୃଷି : କେତୋଟି କଥା



ସାମ୍ପ୍ରତିକ ପରିସ୍ଥିତିରେ ଆମ ଦେଶରେ ଚାଷଜମିରେ ରାସାୟନିକ ସାର ଓ କୀଟନାଶକ ଆଦିର ମାତ୍ରାଧିକ ପ୍ରୟୋଗ ଚାଷୀ ପାଇଁ ସମସ୍ୟା ହୋଇଛି। କେବଳ ଚାଷୀ ନୁହେଁ, ଏହି ଚାଷ ବା ଫସଲ ଉପରେ ନିର୍ଭର କରୁଥିବା ବ୍ୟକ୍ତି, ସ୍ଥାନୀୟ ପରିବେଶ ଏବଂ ପ୍ରାଣୀ ଓ ଉଦ୍ଭିଦଜଗତ ପ୍ରତି ମଧ୍ୟ ଏହା ବିପଦ ସୃଷ୍ଟି କରିଛି। ଯଦିଓ ଅଧିକ ଫସଲ ବା ଶସ୍ୟ ଉତ୍ପାଦନ ପାଇଁ ଏହି ରାସାୟନିକ ସାର ଓ କୀଟନାଶକ ସହାୟକ ହେଉଛି କିନ୍ତୁ ଅନ୍ୟ ଦିଗରୁ ଦୃଷ୍ଟି ଦେଲେ ଏହାଦ୍ୱାରା ଜମିର ଉର୍ବରତା ନଷ୍ଟ ହେବା ସହ ପରିବେଶ ଓ ଜୀବଜଗତ ଉପରେ ଏହାର କୁପ୍ରଭାବ ପଡୁଛି, ଯାହାକି କୃଷି ବିଶେଷଜ୍ଞ ତଥା ଚାଷୀମାନଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି। ଏଭଳି ପରିସ୍ଥିତିରେ ଜୈବିକ ଚାଷ ବା ଅର୍ଗାନିକ୍ ଫାର୍ମିଂ ଉପରେ ଅଧିକ ଗୁରୁତ୍ୱ ଦେବାକୁ ବିଭିନ୍ନ ମହଲରୁ ଅଭିଯାନ ଜୋରଦାର ହୋଇଛି। ଜୈବିକ ଚାଷ ଦ୍ୱାରା ଚାଷଜମିର ଉର୍ବରତା ଅତୁଟ ରହିବା ସହ ପରିବେଶ ସୁରକ୍ଷିତ ହେଉଛି।

ମାତ୍ରାଧିକ ତଥା ଅନିୟମିତ ଭାବେ ରାସାୟନିକ ସାର ଓ କୀଟନାଶକ ପ୍ରୟୋଗ କରାଯିବା ଦ୍ୱାରା ଫସଲ ପରିବେଷ୍ଟନୀରେ ଥିବା ଉପକାରୀ ଜୀବଙ୍କ ବଂଶ ଲୋପ ପାଇବା ସହ ପରିବେଶ ମଧ୍ୟ ପ୍ରଦୂଷଣ ହୋଇଥାଏ। ଏପରିକି ବାରମ୍ବାର ରାସାୟନିକ ସାର ବ୍ୟବହାର ଦ୍ୱାରା ଜମି ତା'ର ଉର୍ବରତା ହରାଇବା ସହ ଚାଷୀ ମଧ୍ୟ ଆଶାନୁରୂପ ଫସଲ ଅମଳ କରିପାରୁ ନାହିଁ। ତେଣୁ ଏଭଳି ପରିସ୍ଥିତିରେ ଚାଷୀର ଆର୍ଥିକ ମାନଦଣ୍ଡ ମଧ୍ୟ ପ୍ରଭାବିତ ହେଉଛି। ରାସାୟନିକ ସାର ଓ କୀଟନାଶକର କୁପ୍ରଭାବଗୁଡିକ ମଧ୍ୟରେ ପ୍ରମୁଖ :
–ଜମିର ଉର୍ବରତା ନଷ୍ଟ
–ମାଟିରେ ଥିବା ଉପକାରୀ ବା ମିତ୍ର ପୋକମାନଙ୍କର ବଂଶଲୋପ।
–ଅପକାରୀ ପୋକମାନଙ୍କର ବଂଶବୃଦ୍ଧି
–ଶସ୍ୟ ବା ପନିପରିବାରେ ରାସାୟନିକ ସାର ଏବଂ ଔଷଧର ଅଂଶବିଶେଷ ରହିବା ଯୋଗୁ ମଣିଷ ଓ ପଶୁମାନଙ୍କ ପ୍ରତି ଏହା ବିପଦ ସୃଷ୍ଟି କରିଥାଏ।
ମାଟିରେ ଥିବା ଜିଆ, ଜମିର ରାସାୟନିକ ସାର ଓ କୀଟନାଶକର ବିଷାକ୍ତ ଦ୍ରବ୍ୟ ଯୋଗୁ ଅଳ୍ପ ପାଣିରେ ରହୁଥିବା ମାଛ, କ୍ଷେତକୁ ଆସୁଥିବା ପକ୍ଷୀ ଆଦିଙ୍କର ମୃତ୍ୟୁ ହୋଇଥାଏ। ଏଥିସହ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ହେଉଛି ପରିବେଶ ପ୍ରଦୂଷଣ। ଏସବୁର ମୁକାବିଲା ଓ କୁପ୍ରଭାବ ରୋକିବା ପାଇଁ ଜୈବିକ ଚାଷ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ପ୍ରଥମେ ଚାଷୀ, ଜୈବିକ ସାରଭାବେ ଗୋବର ଖତ, କମ୍ପୋଷ୍ଟ, ସବୁଜ ଖତ, ଆଜୋଲା, ନୀଳହରିତ ଶୈବାଳ (ବି.ଜି.ଏ.), ଧଣିଚା ଆଦିକୁ ବ୍ୟବହାର କରିପାରିବେ। ସେହିପରି ହାତ ତିଆରି ଜୈବିକ ଖାଦ୍ୟ ଏବଂ ଔଷଧ ଭାବେ ବୀଜାମୃତ, ଜୀବାମୃତ, ଅମୃତ ପାଣି ଔଷଧ ଭାବେ ହାଣ୍ଡି ଖତ, ଆଗ୍ନେୟାସ୍ତ୍ର ଓ ମଠାସ୍ତ୍ର ପ୍ରସ୍ତୁତ କରି ଜମିରେ ପ୍ରୟୋଗ କରିପାରିବେ।

ଓଡ଼ିଶା ଜୀବିକା ମିଶନ, ସ୍ୱୟଂ ସହାୟକ ଗୋଷ୍ଠୀ ସହାୟତାରେ ଏବେ ଏହି ଜୈବିକ ଖାଦ୍ୟସାର ଏବଂ ଔଷଧ ପ୍ରସ୍ତୁତ କରି କ୍ଷେତରେ ପ୍ରୟୋଗ କରିବା ପାଇଁ କୃଷି ମିତ୍ରଙ୍କ ଜରିଆରେ ପରାମର୍ଶ ଦେଇଛନ୍ତି। ପାରମ୍ପରିକ ପଦ୍ଧତିରେ ପ୍ରସ୍ତୁତ ଏହି ଖାଦ୍ୟସାର ଏବଂ ଔଷଧ ପ୍ରୟୋଗ କରି ଚାଷୀମାନେ ବେଶ୍ ଉପକୃତ ମଧ୍ୟ ହୋଇପାରିଛନ୍ତି। ଏହିସବୁ ଖାଦ୍ୟସାର ଏବଂ ଜୈବିକ ଔଷଧ ପ୍ରସ୍ତୁତି ପ୍ରକ୍ରିୟାରେ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନଙ୍କ ପ୍ରମୁଖ ଭୂମିକା ରହିଛି।

ଏ ପ୍ରସଙ୍ଗରେ ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ ଧୁଙ୍ଗିଆପୁଟ ଗାଁର ମହିଳା ଚାଷୀ ଆରତୀ ସାମଲ କହନ୍ତି, ''ଜୈବିକ ସାର ପ୍ରୟୋଗ କରି ସେ ଭଲ ଅମଳ କରିପାରୁଛନ୍ତି। ଓଡ଼ିଶା ଜୀବିକାମିଶନ ତରଫରୁ ଜୈବିକ ସାରର ପ୍ରସ୍ତୁତି ଏବଂ ପ୍ରୟୋଗ ବିଷୟରେ କୃଷି ମିତ୍ରଙ୍କ ଦ୍ୱାରା ତାଲିମ ପ୍ରଦାନ କରାଯାଉଛି। ଏହାର ବ୍ୟବହାର କରି ପ୍ରାୟ ତିନିଗୁଣା ଅଧିକ ଫସଲ ପାଇପାରୁଛନ୍ତି ଏବଂ ମାଟିର ଉର୍ବରତା ମଧ୍ୟ ରଖି ହଉଛି ବୋଲି ସେ କହନ୍ତି।''

ସେହିପରି ବଜାରରେ ଉପଲବ୍ଧ ହେଉଥିବା ଜୈବିକ ଖାଦ୍ୟସାର ମଧ୍ୟରେ ରହିଛି ଆଜୋସ୍ପିରିଲମ୍, ଆଜୋଲାବାକ୍ଟର, ରାଇଜୋବିୟମ୍, ଫସ୍‌ଫୋବାକ୍ଟର।

# ରାଶିରେ ଜଳସେଚନ



ମାଟିର ବତର ଦେଖି ଜଳସେଚନ କରନ୍ତୁ। ପତ୍ରପୋଡ଼ା ବା ପତ୍ରଦାଗ ଦେଖାଯାଉଥିଲେ ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ସିଞ୍ଚନ କରନ୍ତୁ। ପତ୍ରଛନ୍ଦା ପୋକ ଦେଖାଦେଲେ ଏକର ପ୍ରତି ୪୦୦ ମିଲି ଏଣ୍ଡୋସଲ୍‌ଫାନ୍ ସିଞ୍ଚନ କରନ୍ତୁ। ବିହନଜନିତ ମୂଳଶଢ଼ା ରୋଗ ଦେଖାଯାଉଥିଲେ ତା'ର ଦମନ ପାଇଁ ୧୦ ଲିଟର ପାଣିରେ ଏକ ଗ୍ରାମ୍ ଷ୍ଟ୍ରେପ୍‌ଟୋସାଇକ୍ଲିନ୍ ସହିତ ୧୫ ଗ୍ରାମ୍ କାର୍ବେଣ୍ଡାଜିମ୍ ମିଶାଇ ଗଛମୂଳକୁ ସିଞ୍ଚନ କରନ୍ତୁ।

# ଖରାଟିଆ ପନିପରିବା



କଖାରୁ ଓ କଲରାରେ ଫଳମାଛିର ଦମନ ପାଇଁ ପ୍ରତି ଲିଟର ପାଣିରେ ୨ ମିଲି ଏଣ୍ଡୋସଲ୍‌ଫାନ୍ କିମ୍ବା ୩ ଗ୍ରାମ୍ କାର୍ବାରିଲ୍ ମିଶାଇ ସିଞ୍ଚନ କରନ୍ତୁ। କଖାରୁ ଲଗାଇବାବେଳେ ମନ୍ଦାରେ କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗ କରନ୍ତୁ। ଏହା ଦ୍ୱାରା ନାଲି କଖାରୁ ପୋକରୁ ନିୟନ୍ତ୍ରଣ କରାଯାଇପାରିବ। ବର୍ତ୍ତମାନ ଭେଣ୍ଡି, ଜହ୍ନି, କଲରା, ଗୁଆଁର, ଝୁଡ଼ଙ୍ଗ ଆଦି ଖରାଦିନିଆ ପନିପରିବା ଲଗାନ୍ତୁ।

ପ୍ରଥମ ପୃଷ୍ଠାରୁ...

## ନିଯୁକ୍ତି, କୃଷି,...

କଂଗ୍ରେସ ସରକାର ଲୋକଙ୍କୁ ଏକାଠି କରିବ। ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ (ଏମ୍‌ଜିଏନ୍‌ଆର୍‌ଇଜିଏ)ର ନୂଆ ସଂସ୍କରଣ ଆରମ୍ଭ କରାଯିବ। ଚାଷୀଙ୍କ ଦୁର୍ଦ୍ଦଶା ଦୂର କରିବା ଲାଗି ନିରାପତ୍ତା ଓ ମାଟିର ଗୁଣବତ୍ତା ଭଳି ପ୍ରସଙ୍ଗଗୁଡ଼ିକ ଉପରେ ଗୁରୁତ୍ୱ ଦିଆଯିବ। ଏମ୍‌ଜିଏନ୍‌ଆର୍‌ଇଜିଏ ଯୋଜନାରେ ଏବେ ୧୦୦ ଦିନର କର୍ମନିଯୁକ୍ତି ସୁନିଶ୍ଚିତ କରାଯାଉଥିବାବେଳେ ଏହାକୁ ୧୫୦ ଦିନକୁ ବୃଦ୍ଧି କରାଯିବ। ବର୍ତ୍ତମାନର ନିଯୁକ୍ତିଗୁଡ଼ିକୁ ସୁରକ୍ଷା ଦିଆଯିବା ସହ ନୂଆ ନିଯୁକ୍ତି ସୃଷ୍ଟି କରାଯିବା ଉପରେ କଂଗ୍ରେସ ସର୍ବାଧିକ ପ୍ରାଥମିକତା ଦେବ। ସାରା ଦେଶର କୃଷକଙ୍କ ଚାଷଋଣ ଛାଡ଼ କରାଯିବ ବୋଲି ଇସ୍ତାହାରରେ ପ୍ରତିଶ୍ରୁତି ଦିଆଯାଇଛି। ସେହିପରି ଭାରତର ୨୦% ଅତି ଗରିବ ପରିବାରକୁ ବାର୍ଷିକ ୭୨,୦୦୦ ଟଙ୍କା ପ୍ରଦାନ ପାଇଁ ନ୍ୟୂନତମ ଆୟ ଯୋଜନା (ଏନ୍‌ଓ୍ୱାଇଏଓ୍ୱାଇ) ଅଧୀନରେ ସର୍ବନିମ୍ନ ଆୟ ସମର୍ଥନ କାର୍ଯ୍ୟକ୍ରମ (ଏମ୍‌ଆଇଏସ୍‌ପି)କୁ କାର୍ଯ୍ୟକାରୀ କରାଯିବ। ଦୁର୍ନୀତି ନିରୋଧୀ ଆଇନକୁ କଂଗ୍ରେସ ବିନା ଭେଦଭାବରେ କାର୍ଯ୍ୟକାରୀ କରିବ। ମୋଦି ସରକାରଙ୍କ ଅମଳରେ ହୋଇଥିବା ଅନେକ ଦୁର୍ନୀତି ବିଶେଷକରି ରାଫାଲ ଚୁକ୍ତିର ତଦନ୍ତ କରାଯିବ। ସେହିପରି କେଉଁ ପରିସ୍ଥିତିରେ ବ୍ୟାଙ୍କ ଲୁଟେରାମାନଙ୍କୁ ଦେଶଛାଡ଼ି ଚାଲିଯିବାକୁ ଅନୁମତି ଦିଆଯାଇଛି ତା'ର ଯାଞ୍ଚ କରାଯିବ। ଶିଳ୍ପ, ସେବା ଓ ନିଯୁକ୍ତି କ୍ଷେତ୍ରରେ ଅଭିବୃଦ୍ଧି ପାଇଁ ଦଳ ଏକ ନୂଆ ମନ୍ତ୍ରଣାଳୟ ପ୍ରତିଷ୍ଠା କରିବ। ଭିଡ଼ହିଂସା ଓ ଘୃଣା ଅପରାଧକୁ ରୋକିବା ପାଇଁ ନୂଆ ଆଇନ ପ୍ରଣୟନ କରାଯିବ। ଅନ୍ୟପକ୍ଷରେ ଜମ୍ମୁ–କଶ୍ମୀର ସ୍ଥିତିରେ ଉନ୍ନତି ଆଣିବା ଲାଗି କଂଗ୍ରେସ ଏକାଧିକ ପଦକ୍ଷେପ ନେବ। ସଶସ୍ତ୍ର ବଳ (ସ୍ୱତନ୍ତ୍ର କ୍ଷମତା) ଆଇନ ଏବଂ ଅଶାନ୍ତ କ୍ଷେତ୍ର ଆଇନର ସମୀକ୍ଷା କରାଯିବ। ଉତ୍ତର–ପୂର୍ବ ରାଜ୍ୟଗୁଡ଼ିକ ପାଇଁ ସ୍ୱତନ୍ତ୍ର ବର୍ଗ ମାନ୍ୟତା ପ୍ରଦାନ ଓ ଶିଳ୍ପନୀତିକୁ ପୁନଃ ପ୍ରତିଷ୍ଠା କରିବା ଲାଗି କଂଗ୍ରେସ ଏଥିରେ ପ୍ରତିଶ୍ରୁତି ଦେଇଛି। ଭାରତୀୟ ଦଣ୍ଡବିଧି ଆଇନ (ଆଇପିସି) ଦଫା ୧୨୪କ'ରେ ବର୍ଣ୍ଣିତ 'ଦେଶଦ୍ରୋହ'ର ଦୁରୁପଯୋଗ ହେଉଛି। ତେଣୁ ଏହି ଆଇନର ମଧ୍ୟ ସମୀକ୍ଷା କରାଯିବ। ପଡ଼ୋଶୀ ମ୍ୟାନ୍‌ମାର, ବାଂଲାଦେଶ ଓ ଚାଇନା ସହ ରହିଥିବା ସୀମା ବିବାଦର ସମାଧାନ ଆଲୋଚନା ଜରିଆରେ କରାଯିବ। ସେହିପରି ଆପୋସ ଆଲୋଚନା କରି ଆନ୍ତଃ ରାଜ୍ୟ ସୀମା ବିବାଦର ମଧ୍ୟ ସମାଧାନ କରାଯିବ ବୋଲି ଇସ୍ତାହାରରେ କୁହାଯାଇଛି।

ବରିଷ୍ଠ କଂଗ୍ରେସ ନେତା ପି. ଚିଦାମ୍ବରମ୍ କହିଛନ୍ତି, ସମ୍ପଦ ଓ ଜନମଙ୍ଗଳ ଇସ୍ତାହାରର ମୁଖ୍ୟ ବିଷୟ। ଦେଶର ପ୍ରକୃତ ସମସ୍ୟା ହେଉଛି ବେକାରି, ଚାଷୀଙ୍କ ଦୁର୍ଦ୍ଦଶା, ମହିଳାଙ୍କ ସୁରକ୍ଷା। କିନ୍ତୁ ଭାଜପା ପ୍ରସଙ୍ଗକୁ ଉଗ୍ର ଜାତୀୟତାବାଦ ଆଡକୁ ନେଇଯାଉଛି। ଅନ୍ୟପକ୍ଷରେ ବରିଷ୍ଠ ଭାଜପା ନେତା ଅରୁଣ ଜେଟ୍‌ଲୀ ଏହାକୁ ବିପଜ୍ଜନକ କହି ସମାଲୋଚନା କରିଛନ୍ତି। ସେ କହିଛନ୍ତି, କଂଗ୍ରେସର ଇସ୍ତାହାର ଦେଶକୁ ଛୋଟ ଛୋଟ କ୍ଷେତ୍ରରେ ବିଭକ୍ତ କରିବା ପାଇଁ ଉଦ୍ଦିଷ୍ଟ। ରାହୁଲଙ୍କ 'ଟୁକ୍‌ଡେ ଟୁକ୍‌ଡେ ଗ୍ୟାଙ୍ଗ' ବନ୍ଧୁମାନେ ଜମ୍ମୁ–କଶ୍ମୀର ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ନେଇ ଇସ୍ତାହାରର ଚିଠା ପ୍ରସ୍ତୁତ କରିଛନ୍ତି। ଦେଶଦ୍ରୋହ ଆଇନକୁ ଉଚ୍ଛେଦ କରିବା ପାଇଁ ପ୍ରତିଶ୍ରୁତି ଦେଇଥିବା କଂଗ୍ରେସ ଖଣ୍ଡେ ବି ଭୋଟ ପାଇବା ଯୋଗ୍ୟ ନୁହେଁ।

## 'ରୋଗ ଚିହ୍ନେ, ...

ନରେନ୍ଦ୍ର ମୋଦି। ଖଣି, ଚିଟ୍‌ଫଣ୍ଡ, ନାରୀ ନିର୍ଯାତନା, ଆୟୁଷ୍ମାନ୍ ଯୋଜନାରେ ଓଡିଶା ସାମିଲ ନ ହେବା, କାଳିଆ ଯୋଜନା, ଦାନ ମାଝି ଶବବୁହା ଘଟଣା ଆଦି ବିଭିନ୍ନ ପ୍ରସଙ୍ଗ ଉଠାଇ ସେ ରାଜ୍ୟ ସରକାର ଓ ଅନ୍ୟ ବିରୋଧୀ ଦଳ ଉପରେ ବର୍ଷିଥିଲେ। ଓଡିଶାର ଗରିବ ଲୋକ ନିଜ ଝାଳ ବୁହା ଅର୍ଥ ଚିଟ୍‌ଫଣ୍ଡରେ ବାନ୍ଧି ସର୍ବସ୍ୱାନ୍ତ ହୋଇଛନ୍ତି। ରାଜ୍ୟ ସରକାର ଖଣି ମାଫିଆ, ଚିଟଫଣ୍ଡ ସଂସ୍ଥା ବିରୋଧରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ବୋଲି ସେ ପ୍ରଶ୍ନ କରିଥିଲେ। ୧୯ ବର୍ଷର ବିଜେଡି ସରକାରକୁ ଗାଦିଚ୍ୟୁତ କରିବା ପାଇଁ ଆହ୍ୱାନ ଦେଇଥିଲେ। ଓଡିଶାରେ ପରିବର୍ତ୍ତନ ଦରକାର। ସେଥି ପାଇଁ କେନ୍ଦ୍ର ଓ ରାଜ୍ୟରେ ଭାଜପାର ଡବଲଇଞ୍ଜିନ ସରକାର ଆଣିବାକୁ ହେବ ବୋଲି ସେ ଆହ୍ୱାନ କରିଥିଲେ। ତ୍ରିପୁରାରେ ରାଜନୈତିକ ପରିବର୍ତ୍ତନ କଥା କହିବା ସହ ଓଡିଶାରେ ବି ଏଭଳି କିଛି ଘଟିବାକୁ ଯାଉଛି ବୋଲି କହିଥିଲେ। ଓଡିଶାରେ ସୂର୍ଯ୍ୟୋଦୟ ଖୁବ୍‌ଶୀଘ୍ର ହେବ ବୋଲି ମୋଦି କହିଥିଲେ। ୫ ବର୍ଷର ଶାସନରେ ଗୋଟିଏ ଦିନ ମଧ୍ୟ ଛୁଟି ନେଇ ନ ଥିବା ସେ କହିଥିଲେ।

କଂଗ୍ରେସ ସମୟରେ ଆଦିବାସୀଙ୍କୁ ଉପେକ୍ଷା କରାଯାଇଥିଲା । ଭାଜପା ଶାସନ ସମୟରେ ଆଦିବାସୀଙ୍କ ବିକାଶ ପାଇଁ କେନ୍ଦ୍ରରେ ସ୍ୱତନ୍ତ୍ର ମନ୍ତ୍ରଣାଳୟ ଗଠନ କରାଯାଇଥିବାରୁ ଆଦିବାସୀମାନେ ଏବେ ଉପକୃତ ହେଉଛନ୍ତି। ବର୍ତ୍ତମାନ ସମୁଦ୍ରରେ ମାଛଧରାଳି (ଧୀବରଙ୍କ) ପାଇଁ ମଧ୍ୟ ସ୍ୱତନ୍ତ୍ର ମନ୍ତ୍ରଣାଳୟ ଗଠନ କରାଯାଇଛି । ଭାଜପା ସରକାର ଓଡିଶାରେ ୮ ଲକ୍ଷ ଗରିବ ପରିବାରଙ୍କୁ ପକ୍କାଘର, ୨୪ ହଜାର ଗାଁରେ ମାଗଣାରେ ବିଜୁଳି ସଂଯୋଗ, ୪୦ଲକ୍ଷ ମହିଳାଙ୍କୁ ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ ପ୍ରଦାନ, ୧ କୋଟି ୪୦ ଲକ୍ଷ ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟ ଖୋଲିବା, ୫୦ ଲକ୍ଷ ଶୌଚାଳୟ ନିର୍ମାଣ କରିବା ଆଦି କେବଳ ଆପଣଙ୍କର ଗୋଟିଏ ଭୋଟ ଯୋଗୁ ଏହା ସମ୍ଭବ ହୋଇପାରିଛି ବୋଲି ମୋଦି କହିଥିଲେ। ଆଦିବାସୀଙ୍କ ଜଙ୍ଗଲଜାତ ସାମଗ୍ରୀର ଏମଏସ୍‌ପି ବୃଦ୍ଧି କରାଯାଇଛି। କେନ୍ଦ୍ର ଆରମ୍ଭ କରିଥିବା ଆୟୁଷ୍ମାନ ଭଳି ଯୋଜନାର ଲାଭ ଉଠାଇବାରେ ଓଡିଶାବାସୀଙ୍କୁ ବଞ୍ଚିତ କରିଛନ୍ତି ରାଜ୍ୟ ସରକାର। ଆୟୁଷ୍ମାନ ଯୋଜନାରେ ଦେଶର ୧୭ ଲକ୍ଷ ଲୋକ ଲାଭବାନ ହୋଇଥିବାବେଳେ ଓଡିଶାରେ ଜଣେ ହେଲେ ବି ଏହାର ସୁବିଧା ପାଇପାରିନାହାନ୍ତି। ଖଣିଜ ସମ୍ପଦ ଓ ପର୍ଯ୍ୟଟନ ପ୍ରଚୁର ସମ୍ଭାବନା ଥାଇ ମଧ୍ୟ ଏଠାକାର ଲୋକେ ରୋଜଗାର ପାଉନାହାନ୍ତି। ସେମାନେ ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଚାଲିଯାଉଛନ୍ତି।

ଏହି ପରିପ୍ରେକ୍ଷୀରେ ଚିଟଫଣ୍ଡ, ଖଣି ଦୁର୍ନୀତି ଲୁଟେରାଙ୍କୁ ସହଯୋଗ କରୁଥିବା ଲୋକ ଦରକାର ନା ଚୌକିଦାର ଦରକାର ବୋଲି ମୋଦି ପ୍ରଶ୍ନ କରିଥିଲେ । କେନ୍ଦ୍ରରେ ପୁଣି ଭାଜପା ସରକାର ଆସିଲେ, ସବୁ ସ୍ୱପ୍ନ ପୂରଣ ହେବ ବୋଲି ମୋଦି କହିଛନ୍ତି। ଏହି ଅବସରରେ କଳାହାଣ୍ଡିର ଲୋକ ସଭା ସଂସଦୀୟ କ୍ଷେତ୍ର ଓ କଳାହାଣ୍ଡି ଓ ନୂଆପଡା ଜିଲାର ୭ ବିଧାନସଭା ଆସନରେ ଭାଜପା ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ସେ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ସମାବେଶରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଭାଜପା ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା, ରାଜ୍ୟ ପ୍ରଚାର କମିଟି ଅଧ୍ୟକ୍ଷ ଦାମୋଦର ରାଉତ, ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ସମେତ ଦଳର ପ୍ରାର୍ଥୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ । ବିଜେଡି ଛାଡିଥିବା ମୟୂରଭଞ୍ଜର ଜିଲା ମୋରଡାର ବିଧାୟକ ପ୍ରବୀଣ ଭଞ୍ଜ ଦେଓ, ପୂର୍ବତନ ଏମ୍‌ପି ସୁବାସ ନାୟକ, ଯୋଗିରାମ ବେହେରା, ପ୍ରମୋଦ ପଟ୍ଟନାୟକ, ଶରତ ନାଏକ ପ୍ରମୁଖ ଏହିଅବସରରେ ଭାଜପାରେ ଯୋଗଦେଇଥିଲେ।

## ଶ୍ରୀମନ୍ଦିରରୁ ...

ରାତି ପ୍ରାୟ ସାଢେ ୯ଟାରେ ରାମ ମନ୍ଦିରରେ ପହୁଡ଼ ପଡ଼ିଥିଲା। ତେବେ ମଙ୍ଗଳବାର ସକାଳୁ ଦ୍ୱାର ଫିଟା ଯିବା ପରେ ମନ୍ଦିରରୁ ଚୋରି ହୋଇଥିବା ଜଣାପଡିଥିଲା। କେହି ଦୁର୍ବୃତ୍ତ ବିଳମ୍ବିତ ରାତିରେ ଏହି ମନ୍ଦିର ପଛପାର୍ଶ୍ୱ ଲୁହାଜାଲି ଗେଟ୍‌କୁ କାଟି ଦାନବାକ୍ସରୁ ଟଙ୍କା ଚୋରାଇ ନେଇଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଦୁର୍ବୃତ୍ତ ଜଣକ ଦେବୀ ସୀତାଙ୍କ ମୂର୍ତ୍ତି ଚୋରି ପାଇଁ ଉଦ୍ୟମ କରିଥିଲେ। ମା'ଙ୍କ ପଛପଟେ ଥିବା ମାଣ୍ଡି କାଢି ଦେଇଥିବାବେଳେ ବସ୍ତ୍ର କାଢି ଫିଙ୍ଗି ଦେଇଛନ୍ତି। କିନ୍ତୁ ମୂର୍ତ୍ତି ନେବାରେ ସଫଳ ହୋଇପାରିନାହାନ୍ତି। ମାର୍ବଲ କୃଷ୍ଣ ମୂର୍ତ୍ତି ନେବାକୁ ଉଦ୍ୟମ ବେଳେ କିମ୍ବା କୌଣସି କାରଣରୁ ତଳେ ପଡ଼ି ଭାଙ୍ଗିଥିବା ଦେଖିବାକୁ ମିଳିଛି। ସେହିପରି ଘଣ୍ଟି ଭାଙ୍ଗି ତଳେ ପଡିରହିଥିଲା।

ଏ ସମ୍ପର୍କରେ ରାମ ମନ୍ଦିର ସେବାୟତ ବୈଦ୍ୟନାଥ ମହାପାତ୍ର ଗଣମାଧ୍ୟମ ଆଗରେ କହିଛନ୍ତି, ଦାନ ବାକ୍ସରେ ପ୍ରାୟ ୧୦ରୁ ୧୨ହଜାର ଟଙ୍କା ଥିଲା, ଯାହା ଚୋରି ହୋଇଯାଇଛି। ପ୍ରାୟ ୩/୪ହଜାର ଟଙ୍କାର ଖୁଚୁରା ପଇସା ଛାତ ଉପରେ ପଡ଼ିଛି। ସୀତାଙ୍କ ମୂର୍ତ୍ତି ଚୋରି କରିବାକୁ ଉଦ୍ୟମ କରି ବିଫଳ ହୋଇଛନ୍ତି ଦୁର୍ବୃତ୍ତ। ତେବେ ଏକ ମାର୍ବଲ କୃଷ୍ଣମୂର୍ତ୍ତି ଭାଙ୍ଗିଦେଇଛନ୍ତି । ଏହାକୁ ନେଇ ଅନ୍ୟ ସେବାୟତମାନେ ମଧ୍ୟ କ୍ଷୋଭ ପ୍ରକାଶ କରିଛନ୍ତି। ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ଯେ କେତେ ଢିଲା ତାହା ଏହି ଘଟଣାରୁ ପ୍ରମାଣିତ ହେଉଛି ବୋଲି ସେମାନେ କହିଛନ୍ତି । ଖବର ପାଇ ଆଇଆଇସି ଶ୍ରବଣ କୁମାର ମହାରଣା ପହଞ୍ଚି ଛାନ୍‌ଭିନ କରିଛନ୍ତି । ନିଜେ ଏସ୍‌ପି ଉମାଶଙ୍କର ଦାଶ ମଧ୍ୟ ଏହାକୁ ଗୁରୁତ୍ୱର ସହ ନେଇ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ପୋଲିସ ପକ୍ଷରୁ ସିସିଟିଭି ଫୁଟେଜ ଯାଞ୍ଚ କରାଯାଇ ତଦନ୍ତ ଜାରି ରହିଛି । ଅନ୍ୟପକ୍ଷରେ ସେବାୟତ ବୈଦ୍ୟନାଥଙ୍କ ଅଭିଯୋଗକୁ ଭିତ୍ତି କରି ସିଂହଦ୍ୱାର ଥାନାରେ ଏକ ମାମଲା (ନଂ.୨୬/୧୯) ରୁଜୁ କରାଯାଇଛି।

ଏ ସମ୍ପର୍କରେ ଏସ୍‌ପି କହିଛନ୍ତି, ନିଶ୍ଚିତ ଏହା ଏକ ଗୁରୁତର କଥା। ଏହାର ସମସ୍ତ ଦିଗକୁ ତର୍ଜମା କରାଯିବ । କେଉଁ ପରିସ୍ଥିତିରେ, କିଭଳି ଏବଂ କେଉଁ ବାଟ ଦେଇ ମନ୍ଦିର ଭିତରକୁ ପ୍ରବେଶ କରି ଏପରି ଲୁଟ୍ ହୋଇଛି ତାହା ଉପରେ ଅନୁଧ୍ୟାନ କରାଯାଉଛି। ଆବଶ୍ୟକ ପଡ଼ିଲେ ଫିଙ୍ଗର ପ୍ରିଣ୍ଟ ମଧ୍ୟ ସଂଗ୍ରହ କରିବୁ। ଏଭଳି ଘଟଣାର କିପରି ପୁନରାବୃତ୍ତି ନ ହେବ ସେନେଇ ପଦକ୍ଷେପ ଗ୍ରହଣ କରାଯିବ। ସୂଚନାଥାଉ କି, ଆତଙ୍କବାଦୀଙ୍କ ଟାର୍ଗେଟ୍‌ରେ ଶ୍ରୀମନ୍ଦିର ରହିଛି। ଏ ନେଇ ଗୋଇନ୍ଦା ବିଭାଗ ରିପୋର୍ଟ ଦେବା ପରେ ବିଗତ କିଛିବର୍ଷ ହେବ ଏନ୍‌ଏସ୍‌ଜି ଆସି ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରୁଛି । ମାତ୍ର ଶ୍ରୀମନ୍ଦିରରେ ଯେଉଁଭଳି ସୁରକ୍ଷା ବ୍ୟବସ୍ଥା ରହିଛି ସେନେଇ ଏନ୍‌ଏସ୍‌ଜି ଉଦ୍‌ବେଗ ପ୍ରକାଶ କରିବା ସହ କେତେକ ସୁପାରିସ ମଧ୍ୟ କରିଛନ୍ତି । ହେଲେ ସେହି ସୁପାରିସଗୁଡ଼ିକ ମଧ୍ୟରୁ ଅଧିକାଂଶ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ ।

## ନିରାଶ ହେଲେ ...

ଏହି ଦୁଇ ଆସନକୁ ମିଶାଇ ବିଜେଡି ସମସ୍ତ ୨୧ଟି ଲୋକ ସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି। ଚଳିତ ନିର୍ବାଚନରେ ବିଜେଡି ଲୋକ ସଭା ଆସନରେ ୭୦ ପ୍ରତିଶତରୁ ଊର୍ଦ୍ଧ୍ୱ ଅର୍ଥାତ୍ ୧୭ ଜଣ ଏମ୍‌ପିଙ୍କୁ ବଦଳାଇ ନୂଆ ପ୍ରାର୍ଥୀ କରିଛି। ବଲାଙ୍ଗୀର ଏମ୍‌ପି କଳିକେଶ ସିଂଦେଓ, ବାଲେଶ୍ୱର ଏମ୍‌ପି ରବୀନ୍ଦ୍ର ଜେନା, ପୁରୀ ଏମ୍‌ପି ପିନାକୀ ମିଶ୍ର ଏବଂ କଟକ ଏମ୍‌ପି ଭର୍ତ୍ତୃହରି ମହତାବଙ୍କୁ ବିଜେଡି ପୁଣି ଟିକେଟ ଦେଇଛି।

ସେହିପରି ଘୋଷଣା କରାଯାଇଥିବା ୭ ବିଧାନସଭା ଆସନରେ ଦଳ ୫ ଜଣ ବିଧାୟକଙ୍କ ଟିକେଟ କାଟି ଦେଇଥିବା ବେଳେ ପାଲଲହଡା ବିଧାୟକ ମହେଶ ସାହୁଙ୍କୁ ଢେଙ୍କାନାଳ ଲୋକ ସଭା ଆସନରୁ ପ୍ରାର୍ଥୀ କରାଯାଇଛି। ଏହି ପର୍ଯ୍ୟାୟରେ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରଣବ ପ୍ରକାଶ ଦାସ ଟିକେଟ ପାଇବାରେ ସଫଳ ହୋଇଛନ୍ତି। ଭୁବନେଶ୍ୱର ମଧ୍ୟ ବିଧାନସଭା ପାଇଁ ଭୁବନେଶ୍ୱର ପୂର୍ବତନ ମେୟର ଅନନ୍ତ ନାରାୟଣ ଜେନାଙ୍କୁ ବିଜେଡି ଟିକେଟ ଦେଇଛି। ଏହି ଆସନରେ ବିଧାୟକ ଥିବା ବିଜୟ ମହାନ୍ତିଙ୍କୁ ନିରାଶ ହେବାକୁ ପଡିଛି। ଅନନ୍ତଙ୍କ ନାମରେ ସେକ୍ସ ଭିଡିଓଠାରୁ ଆରମ୍ଭ କରି ଋଷି ହତ୍ୟାକାଣ୍ଡ ଏବଂ ଗୋଲଡେନ ବାବାଙ୍କ ସହ ସମ୍ପୃକ୍ତି ଅଭିଯୋଗ ଆସିବା ପରେ ଦଳ ତାଙ୍କୁ ପ୍ରାର୍ଥୀ ନ କରିପାରେ ବୋଲି ଚର୍ଚ୍ଚା ହେଉଥିଲା। ଅନନ୍ତଙ୍କୁ ବିଧାୟକ ରେସରୁ ହଟାଇବା ପାଇଁ ବିଡିଏ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଥିଲା। ତେବେ ସେ ଟିକେଟ ଲବିକୁ ଜୋରଦାର କରିଥିଲେ। ଶେଷରେ ଅନନ୍ତଙ୍କ ଚାପ ଆଗରେ ବିଜେଡିକୁ ନଇଁବାକୁ ପଡିଛି। ସେହିପରି ଭୁବନେଶ୍ୱର ଉତ୍ତର ବିଧାନସଭା ଆସନ ପାଇଁ ସୁଶାନ୍ତ କୁମାର ରାଉତଙ୍କୁ ଦଳ ପ୍ରାର୍ଥୀ କରିଛି। ତେବେ ତାଙ୍କ ନାମ ପୂର୍ବରୁ କେବେ ଚର୍ଚ୍ଚା ପରିସରକୁ ମଧ୍ୟ ଆସି ନ ଥିଲା । ଏହି ଆସନରେ ପୁଣି ଟିକେଟ ପାଇବାକୁ ପ୍ରିୟଦର୍ଶୀ ମିଶ୍ର ଆଶାୟୀ ଥିଲେ। ତାଙ୍କ ପାଇଁ ଭୁବନେଶ୍ୱର ଏମ୍‌ପି ତଥା ଶ୍ୱଶୁର ପ୍ରସନ୍ନ ପାଟଶାଣୀ ଲବି କରିଥିଲେ ମଧ୍ୟ କିଛି ଫଳପ୍ରଦ ହୋଇ ନାହିଁ। ଶେଷରେ ପ୍ରିୟଦର୍ଶୀଙ୍କୁ ନିରାଶ ହେବାକୁ ପଡିଛି। ସେହିପରି ଖଣ୍ଡପଡା ବିଧାୟକ ଅନୁଭବ ପଟ୍ଟନାୟକଙ୍କ ଟିକେଟ କାଟିଛି ବିଜେଡି। ତାଙ୍କ ସ୍ଥାନରେ ବିଜେଡିର ରାଜ୍ୟ ସଭା ସଦସ୍ୟ ଥିବା ସୌମ୍ୟ ରଞ୍ଜନ ପଟ୍ଟନାୟକ ଟିକେଟ ହାତେଇବାରେ ସଫଳ ହୋଇଛନ୍ତି। ୨୦୧୪ରେ ସୌମ୍ୟ ଆମ ଓଡ଼ିଶା ଦଳ ଗଠନ କରି ମାଠିଆ ଚିହ୍ନରେ ଖଣ୍ଡପଡାରେ ନିଜର ରାଜନୈତିକ ଭାଗ୍ୟ ପରୀକ୍ଷା କରିଥିଲେ । ମାତ୍ର ତାଙ୍କୁ ବିଜେଡି ପ୍ରାର୍ଥୀ ଅନୁଭବ ପଟ୍ଟନାୟକଙ୍କ ଠାରୁ ପରାଜୟ ବରଣ କରିବାକୁ ପଡିଥିଲା। ପାଲଲହଡା ବିଧାୟକ ଥିବା ମହେଶ ସାହୁଙ୍କୁ ଦଳ ଢେଙ୍କାନାଳ ଲୋକସଭା ଆସନ ପାଇଁ ପ୍ରାର୍ଥୀ କରିଥିବାରୁ ସେଠାରୁ ମୁକେଶ ପାଲଙ୍କୁ ଦଳ ପ୍ରାର୍ଥୀ କରିଛି। ଦଳରେ ନିଜର ପତିଆରା ବୃଦ୍ଧି କରିଥିବା ନେଇ ଚର୍ଚ୍ଚାରେ ଥିବା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ପୁଣିଥରେ ସେହି ଆସନରୁ ଲଢିବା ପାଇଁ ଟିକେଟ ହାତେଇଛନ୍ତି। ଅନ୍ୟ ପକ୍ଷରେ କୋରେଇ ବିଧାୟକ ତଥା ଅଭିନେତା ଆକାଶ ଦାସ ନାୟକଙ୍କୁ ବିଜେଡି ଟିକେଟରୁ ବଞ୍ଚିତ ହେବାକୁ ପଡିଛି। ତାଙ୍କ ସ୍ଥାନରେ ଅଶୋକ ବଳଙ୍କୁ ପ୍ରାର୍ଥୀ କରାଯାଇଛି। ଦଳର ପୁରୁଖା ନେତା ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୀବ ସାହୁଙ୍କ ଠାରୁ ବିଜେଡି ମୁହଁ ମୋଡି ଦେଇଛି। ତାଙ୍କ ସ୍ଥାନରେ ରମେଶ ସାଏଙ୍କୁ ଦଳ ପ୍ରାର୍ଥୀ କରିଛି। ବିଜେଡି ଏ ପର୍ଯ୍ୟନ୍ତ ମୋଟ ୨୧ ଲୋକସଭା ଓ ୧୪୪ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି। କେନ୍ଦ୍ରାପଡା, ବାରିପଦା ଏବଂ ଚମ୍ପୁଆ ବିଧାନସଭା ଆସନ ପାଇଁ ଦଳର ସଭାପତି ପ୍ରାର୍ଥୀଙ୍କ ନାମ ଘୋଷଣା କରିନାହାନ୍ତି। ଦିନେ ଦୁଇଦିନ ମଧ୍ୟରେ ଏହି ୩ ଆସନ ଲାଗି ପ୍ରାର୍ଥୀ ଘୋଷଣା ହେବ ବୋଲି ଜଣାପଡିଛି।

“ ନିର୍ବାଚନ ସମୟ ଚାଲିଥିବାରୁ ଯାନର ରିଟେଲ ବିକ୍ରି ବର୍ତ୍ତମାନ ପ୍ରଭାବିତ ସ୍ଥିତିରେ ରହିଛି।
– ଏନ୍.ରାଜା, ଡେପୁଟି ଏମ୍ଡି, ଟୟୋଟା ମୋଟର୍ସ



“ ଦେନା ଏବଂ ବିଜୟା ବ୍ୟାଙ୍କ ମିଶ୍ରଣ ଦ୍ୱାରା ବ୍ୟାଙ୍କ ଅଫ୍ ବରୋଦାରେ ନେଟ୍ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।
– ପି.ଏସ୍. ଜୟକୁମାର, ଏମ୍ଡି, ବ୍ୟାଙ୍କ ଅଫ୍ ବରୋଦା



## ସଂକ୍ଷେପରେ

### ଆର୍‌ବିଆଇ ମୁଦ୍ରାନୀତି କମିଟି ବୈଠକ ଆରମ୍ଭ ରେପୋରେଟ୍ ହ୍ରାସ ନେଇ କଳ୍ପନାଜଳ୍ପନା

**ମୁମ୍ବାଇ,୨-୪:** ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ମୁଦ୍ରାନୀତି କମିଟି(ଏମ୍‌ପିସି) ବୈଠକ ମଙ୍ଗଳବାର ଏଠାରେ ଆରମ୍ଭ ହୋଇଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ଦ୍ୱିମାସିକ ମୁଦ୍ରାନୀତିରେ ରେପୋ ରେଟ ୦.୨୫% ହ୍ରାସ ପାଇବା ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଯାଇଛି। ବିଶେଷଜ୍ଞଙ୍କ କହିବାନୁଯାୟୀ, ମୁଦ୍ରାସ୍ଫୀତି ହାର କମିବା ସହିତ ଔଦ୍ୟୋଗିକ ଉତ୍ପାଦନ ଧିମା ପଡିବାକୁ ଦୃଷ୍ଟିରେ ରଖି ଆର୍‌ବିଆଇ ସୁଧ ହାର ଆହୁରି ୨୫ ବେସିସ୍ ପଏଣ୍ଟ ହ୍ରାସ କରିପାରନ୍ତି। ଗତ ଆର୍ଥିକ ବର୍ଷର ଶେଷ ଦ୍ୱିମାସିକ ମୁଦ୍ରାନୀତିରେ କେନ୍ଦ୍ରୀୟ ବ୍ୟାଙ୍କ ଫେବୃୟାରୀରେ ରେପୋ ରେଟ ହ୍ରାସ କରିବା ଲାଗି ରାଜି ହୋଇଥିଲା। ଗଭର୍ନର ଶକ୍ତିକାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ଉକ୍ତ ଏମ୍‌ପିସି ବୈଠକରେ ରେପୋ ରେଟ ୦.୨୫% ହ୍ରାସ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଫଳରେ ଏହା ହ୍ରାସ ପାଇ ୬.୨୫% ହୋଇଛି। ଗତ ଦେଢ଼ ବର୍ଷ ଭିତରେ ରେପୋ ରେଟ ପ୍ରଥମଥର କମାଯାଇଥିଲା। ଆସନ୍ତା ଗୁରୁବାର ଗଭର୍ନର ଦାସ ମୁଦ୍ରାନୀତି ଘୋଷଣା କରିବେ। ଏମ୍‌ପିସି ବୈଠକ ପୂର୍ବରୁ ଗଭର୍ନର ଦାସ ଉଦ୍ୟୋଗ ଜଗତ, ବ୍ୟାଙ୍କ ଓ ଆର୍ଥିକ ସଂସ୍ଥା ମୁଖ୍ୟ, ଆସୋସିଏଶନ,ଏମ୍‌ଏସ୍‌ଏମ୍‌ଇ ପ୍ରତିନିଧିଙ୍କୁ ଭେଟି ଅର୍ଥନୀତି ଅଭିବୃଦ୍ଧି ନେଇ ଆଲୋଚନା କରିଥିଲେ। ଉଦ୍ୟୋଗ ଜଗତର କହିବାନୁଯାୟୀ, ଆର୍‌ବିଆଇ ଧାର୍ଯ୍ୟ କରିଥିବା ୪%ଠାରୁ ଏବେ ମୁଦ୍ରାସ୍ଫୀତି ବହୁତ କମ୍ ଥିବାରୁ ଅର୍ଥନୀତି ଅଭିବୃଦ୍ଧି ପାଇଁ ରେପୋ ରେଟ ହ୍ରାସ ଅବଶ୍ୟମ୍ଭାବୀ ହୋଇପଡିଛି। ନିର୍ବାଚନୀ ବର୍ଷରେ କ୍ରମାଗତ ଦ୍ୱିତୀୟ ଥର ସୁଧ ହାର ହ୍ରାସ ଦ୍ୱାରା ଶାସକ ଦଳକୁ ସୁହାଇବ ବୋଲି କୁହାଯାଉଛି।

### ପୁରୁଣା ଜିଏସ୍‌ଟି ଦର ନିଷ୍ପତ୍ତି ରିଏଲିଟି କମ୍ପାନୀଙ୍କୁ ମେ ୧୦ ଯାଏ ସମୟ

**ନୂଆଦିଲ୍ଲୀ,୨-୪:** ଇନପୁଟ ଟ୍ୟାକ୍ସ କ୍ରେଡିଟ ସହିତ ପୁରୁଣା ଜିଏସ୍‌ଟି ଦର ଚାଲୁ ରହିବା ନେଇ ରିଏଲ ଇଷ୍ଟେଟ କମ୍ପାନୀମାନଙ୍କୁ ନିଷ୍ପତ୍ତି ନେବା ଲାଗି କେନ୍ଦ୍ର ସରକାର ମେ ୧୦ ଯାଏ ସମୟ ଦେଇଛନ୍ତି। ଏହି ସମୟ ମଧ୍ୟରେ ନିଷ୍ପତ୍ତି ନ ନେଲେ ସେମାନେ ନୂଆ ଟିକସ ହାର ପାଳନ କରିବାକୁ ସ୍ୱୀକାର କରିନେଇଛନ୍ତି ବୋଲି ଧରାଯିବ। ସୂଚନାଥାଉ କି, ଜିଏସ୍‌ଟି କାଉନସିଲ ଏ ସମ୍ପର୍କରେ ଏହାର ୩୪ ତମ ବୈଠକରେ ନିଷ୍ପତ୍ତି ନେଇ ରିଏଲ ଇଷ୍ଟେଟ କମ୍ପାନୀମାନଙ୍କୁ ଦୁଇଟାରୁ ଗୋଟିଏ ଟିକସ ହାର ବାଛିବାକୁ କହିଛନ୍ତି। ପୂର୍ବରୁ ଇନ୍‌ପୁଟ ଟ୍ୟାକ୍ସ କ୍ରେଡିଟ ସହ ରେସିଡେନ୍ସିଆଲ ଫ୍ଲାଟ୍ ଅଥବା ଘର ପାଇଁ ୧୨% ଓ ସୁଲଭ ହାଉସିଂରେ ୮% ଜିଏସ୍‌ଟି ଆଦାୟ କରାଯାଉଛି। ତେବେ କାଉନସିଲ୍‌ର ୩୪ତମ ବୈଠକରେ ରେସିଡେନ୍ସିଆଲ ପାଇଁ ୫% ଓ ସୁଲଭ ପାଇଁ ୧% ଜିଏସ୍‌ଟି ଆଦାୟ ପାଇଁ ସୁପାରିସ କରାଯାଇଛି। ତେବେ ରିଏଲିଟି କମ୍ପାନୀମାନଙ୍କୁ କୌଣସି ଇନ୍‌ପୁଟ ଟ୍ୟାକ୍ସ କ୍ରେଡିଟ ମିଳିବ ନାହିଁ। ଗୋଟିଏ ଥର ଅପ୍‌ସନ ବାଛିବା ଲାଗି କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମାଶୁଳ୍କ ବୋର୍ଡ ପକ୍ଷରୁ ଏ ସଂକ୍ରାନ୍ତରେ ବିଜ୍ଞପ୍ତି ଜାରି କରାଯାଇଛି। କମ୍ପାନୀମାନେ ପୁରୁଣା ସଂକ୍ରାନ୍ତରେ ନିଷ୍ପତ୍ତି ନ ନେଲେ ସେମାନେ ଏପ୍ରିଲ ପହିଲାରୁ ନୂଆ ହାରରେ ପରିବର୍ତ୍ତିତ ହୋଇଗଲେ ବୋଲି ଧରିନିଆଯିବ ବୋଲି ଏଥିରେ କୁହାଯାଇଛି।

### ହୋଣ୍ଡା କାର୍‌ସ ଇଣ୍ଡିଆର ବିକ୍ରି ଅଭିବୃଦ୍ଧି

**ନୂଆଦିଲ୍ଲୀ,୨-୪:** ପ୍ରମୁଖ କାର ନିର୍ମାତା ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡ(ଏଚ୍‌ସିଆଇଏଲ୍) ଘରୋଇ ବଜାରର ବିକ୍ରିରେ ଅଭିବୃଦ୍ଧି ହାସଲ କରିବାକୁ ସକ୍ଷମ ହୋଇଛି। କମ୍ପାନୀ ୨୦୧୮-୧୯ ଆର୍ଥିକ ବର୍ଷରେ ୧,୮୩,୬୮୭ ୟୁନିଟ ଯାନ ବିକ୍ରି କରିବା ସହ ୮% ଅଭିବୃଦ୍ଧି ହାସଲ କରିଛି। ଗତ ବର୍ଷ ସମାନ ସମୟ ମଧ୍ୟରେ କମ୍ପାନୀ ୧୭୦୦୨୬ ୟୁନିଟ ଯାନ ବିକ୍ରି କରିଥିଲା। ୨୦୧୯ ମାର୍ଚ୍ଚରେ କମ୍ପାନୀ ଘରୋଇ ବଜାରରେ ୧୭,୨୦୨ ୟୁନିଟ ଯାନ ବିକ୍ରି କରିଛି। ଏହା ୨୦୧୮ ମାର୍ଚ୍ଚରେ ୧୩,୫୭୪ ୟୁନିଟ ଥିଲା। ଏଥିରେ ୨୭% ଅଭିବୃଦ୍ଧି ହୋଇଥିବା ହୋଣ୍ଡା ପକ୍ଷରୁ କୁହାଯାଇଛି। ଅଂଶୀଦାରଙ୍କ ଉନ୍ନତ ସହଯୋଗ ଦ୍ୱାରା ବିକ୍ରିରେ ଏଭଳି ସଫଳତା ଲାଭ କରିଥିବା କମ୍ପାନୀର ବିକ୍ରି ଓ ମାର୍କେଟିଂ ବରିଷ୍ଠ ଉପସଭାପତି ତଥା ନିର୍ଦ୍ଦେଶକ ରାଜେଶ ଗୋଏଲ କହିଛନ୍ତି।

## ■ ଫେବୃୟାରୀ ୧୨ ସର୍କୁଲାର ରଦ୍ଦ

# ଆର୍‌ବିଆଇକୁ ସୁପ୍ରିମକୋର୍ଟ ଝଟକା

ନୂଆଦିଲ୍ଲୀ,୨-୪



- ■ ଋଣ ପୁନର୍ଗଠନ ପ୍ରକ୍ରିୟାରେ ନମନୀୟତା ଆସିବ
- ■ ୨୦୧୮ ଫେବୃୟାରୀ ୧୨ରେ ଆର୍‌ବିଆଇ ଜାରି କରିଥିଲା ସର୍କୁଲାର
- ■ ୧୮୦ ଦିନ ଭିତରେ ସର୍କୁଲାରରେ ଋଣ ସମାଧାନ ବ୍ୟବସ୍ଥା ଥିଲା
- ■ ଆଇବିସି ବାହାରେ ଋଣ ସମାଧାନ କରିପାରିବେ ବ୍ୟାଙ୍କ

ଭାରତୀୟ ରିଜର୍ଭ ବ୍ୟାଙ୍କକୁ ସୁପ୍ରିମକୋର୍ଟରୁ ବଡ଼ ଝଟ୍‌କା ଲାଗିଛି। ସର୍ବୋଚ୍ଚ ଅଦାଲତ କେନ୍ଦ୍ରୀୟ ବ୍ୟାଙ୍କର ଫେବୃୟାରୀ ୧୨ ସର୍କୁଲାରକୁ ଅସାମ୍ବିଧାନିକ ଦର୍ଶାଇ ରଦ୍ଦ କରିଦେଇଛନ୍ତି। ଫଳରେ ଶକ୍ତି, ଚିନି ଓ ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ କାର୍ଯ୍ୟରତ ବହୁ କମ୍ପାନୀ ଏବଂ ବ୍ୟାଙ୍କ ଏହାଦ୍ୱାରା ଆଶ୍ୱସ୍ତ ହୋଇଛନ୍ତି। ଏହି ରାୟ ପ୍ରକାଶ ପରେ ଋଣ ପୁନର୍ଗଠନ ପ୍ରକ୍ରିୟାରେ ନମନୀୟତା ଆସିବ। କିନ୍ତୁ ଏହାଦ୍ୱାରା ଋଣ ସମାଧାନ କାର୍ଯ୍ୟାନୁଷ୍ଠାନ (ଆଇବିସି) ଧିମା ହୋଇଯିବ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ଦୁଇଜଣିଆ ଖଣ୍ଡପୀଠ ରାୟ ପ୍ରକାଶ କରି ଅନାଦାୟ ଋଣ ପରିଚାଳନା ନେଇ ରିଜର୍ଭ ବ୍ୟାଙ୍କର ପଦକ୍ଷେପକୁ ଶକ୍ତ ଆଘାତ ଦେଇଛନ୍ତି।

ସୂଚନାଥାଉ କି, ଆର୍‌ବିଆଇ ୨୦୧୮ ଫେବୃୟାରୀ ୧୨ରେ ଏକ ସର୍କୁଲାର ଜାରି କରି ୧୮୦ ଦିନ ଭିତରେ ଋଣ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଧାରିତ ଦିନ ଠାରୁ ଗୋଟିଏ ଦିନ ଟପିଗଲେ ସମ୍ପୃକ୍ତ ଋଣଗ୍ରହୀତା କମ୍ପାନୀ ନେଇଥିବା ଋଣକୁ ଅନାଦାୟ ଋଣ ଭାବେ ଦର୍ଶାଇ ଆଇବିସି ଅଧୀନରେ ଋଣ ସମାଧାନ ପାଇଁ ପଠାଇବାକୁ ଋଣପ୍ରଦାନକାରୀ ବ୍ୟାଙ୍କ ଅଥବା ଆର୍ଥିକ ସଂସ୍ଥାକୁ ବାଧ୍ୟ କରାଯାଉଥିଲା। ଏହାକୁ ନେଇ ରିଜର୍ଭ ବ୍ୟାଙ୍କ ଓ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ମଧ୍ୟରେ ମତଭେଦ ସୃଷ୍ଟି ହୋଇଥିଲା। ତେବେ ୨୦୦୦ କୋଟି ଟଙ୍କା ଅଥବା ଏହାଠାରୁ ଊର୍ଦ୍ଧ୍ୱର ଋଣଖିଲାପ କ୍ଷେତ୍ରରେ ୧୮୦ ଦିନ ଭିତରେ ମାମଲାର ସମାଧାନ ନ ହେଲେ ବ୍ୟାଙ୍କ ଏହି ଆକାଉଣ୍ଟ ସମ୍ପର୍କରେ ଏନ୍‌ସିଏଲ୍‌ଟିକୁ ଜଣାଇବାକୁ ବାଧ୍ୟ ହେଉଥିଲେ। ସର୍କୁଲାର ନିୟମ ଅନୁଯାୟୀ ୧୮୦ ଦିନର ସମୟସୀମା ଶେଷ ପରେ ଏହାର ୧୫ ଦିନ ଭିତରେ ଆଇବିସି କୋଡ ୨୦୧୬ ଅଧୀନରେ କମ୍ପାନୀକୁ ଦେବାଳିଆ ଘୋଷଣା କରିବା ପାଇଁ ଏନ୍‌ସିଏଲ୍‌ଟିରେ ଆବେଦନ ଦେବାକୁ ପଡିଥାଏ। ଏହି ସର୍କୁଲାର ଜରିଆରେ ବ୍ୟାଙ୍କର ଋଣ ସମାଧାନ କ୍ଷମତାକୁ ଆର୍‌ବିଆଇ କାଢ଼ି ନେଇଥିଲା। ପୂର୍ବରୁ ବ୍ୟାଙ୍କଗୁଡ଼ିକ ଡେଟ୍ ରିଷ୍ଟ୍ରକ୍‌ଚରିଂ ଏବଂ ଷ୍ଟ୍ରାଟେଜିକ ରିଷ୍ଟ୍ରକ୍‌ଚରିଂ ଜରିଆରେ ମାମଲାର ସମାଧାନ କରୁଥିଲେ। ସୁପ୍ରିମକୋର୍ଟ ରାୟ ପ୍ରକାଶ ପରେ ବ୍ୟାଙ୍କଗୁଡ଼ିକ ଏଣିକି ଆଇବିସି ବାହାରେ ଋଣ ସମାଧାନ କରିପାରିବେ। ସୂଚନାଥାଉ କି, ଗତବର୍ଷ ଅଗଷ୍ଟ ୨୭ରେ ଆଲ୍ଲାହାବାଦ୍ ହାଇକୋର୍ଟ ଶକ୍ତି କମ୍ପାନୀଙ୍କୁ ଏ ମାମଲାରେ ଆଶ୍ୱସ୍ତି ଦେଇ ନ ଥିଲେ। କୋର୍ଟ ଆର୍‌ବିଆଇ ସର୍କୁଲାର ଉପରେ ରହିତାଦେଶ ଜାରି କରିବାକୁ ମନା କରିଦେଇଥିଲେ। ତେବେ ସର୍ବୋଚ୍ଚ ଅଦାଲତ ଗତବର୍ଷ ସେପ୍ଟେମ୍ବର ୧୧ରେ ସର୍କୁଲାର ଉପରେ ରହିତାଦେଶ ଜାରି କରିଥିଲେ। ଅଦାଲତ ଏ ସଂକ୍ରାନ୍ତରେ ଆଗତ ସମସ୍ତ ମାମଲାର ଏକତ୍ର ଶୁଣାଣି କରିଥିଲେ।

# ଫେବୃୟାରୀରେ ଆମେରିକା ଯାଇଥିଲେ ନୀରବ

ନୂଆଦିଲ୍ଲୀ,୨-୪



**ରେଡ୍ କର୍ନର ନୋଟିସ୍‌କୁ ଚକ୍‌ମା**

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନବି)ର ୧୪,୦୦୦ କୋଟି ଟଙ୍କାର ମହାଘୋଟାଲାରେ ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ନୀରବ ମୋଦିଙ୍କ ବିରୋଧରେ ଇଣ୍ଟରପୋଲ ରେଡ୍ କର୍ନର ନୋଟିସ ଜାରି କରିଥିଲେ ମଧ୍ୟ ଏହାକୁ ଚକ୍‌ମା ଦେବାରେ ସେ ସଫଳ ହୋଇଥିଲେ। ନୀରବ ଫେବୃୟାରୀ ମାସରେ ଇଂଲଣ୍ଡରୁ ଆମେରିକା ଯାଇଥିବା ଖବର ସାମ୍ନାକୁ ଆସିଛି। ତାଙ୍କ ପାସପୋର୍ଟ ରଦ୍ଦ ହୋଇଥିଲେ ମଧ୍ୟ ଆମେରିକା ଯିବାରେ ନୀରବ ସଫଳ ହୋଇଥିଲେ। ଏହି ଘଟଣା ସାମ୍ନାକୁ ଆସିବା ପରେ ଇଂଲଣ୍ଡ ସରକାରଙ୍କ ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କୌଣସି ବ୍ୟକ୍ତିଙ୍କ ବିରୋଧରେ ରେଡ କର୍ନର ନୋଟିସ ଜାରି ହେଲେ ତାଙ୍କୁ ଇମିଗ୍ରାଣ୍ଟ କର୍ତ୍ତୃପକ୍ଷ ତୁରନ୍ତ ଗିରଫ କରିବାର ନିୟମ ରହିଛି।

ମାତ୍ର ଏସବୁ ସତ୍ତ୍ୱେ ନୀରବ କିଭଳି ଆମେରିକା ଯିବାକୁ ସଫଳ ହେଲେ ସେ ଘଟଣା ଉପରେ ବର୍ତ୍ତମାନ ପର୍ଯ୍ୟନ୍ତ ପର୍ଦ୍ଦା ହଟି ନାହିଁ। ଭାରତୀୟ ତଦନ୍ତକାରୀ ଏଜେନ୍ସିଗୁଡ଼ିକ ନୀରବଙ୍କ ଯାତ୍ରା ସଂକ୍ରାନ୍ତ ସମସ୍ତ ତଥ୍ୟ ଏବଂ ଟିକେଟ ବିବରଣୀ ସଂଗ୍ରହ କରିଛନ୍ତି। ସେ ଯଦି ଜାମିନ ଲାଗି ଇଂଲଣ୍ଡରେ ଆବେଦନ କରନ୍ତି ତେବେ ଏହାକୁ ପ୍ରମାଣ ସ୍ୱରୂପ ଏଜେନ୍ସିଗୁଡ଼ିକ ବ୍ୟବହାର କରିବେ ବୋଲି ଜଣାପଡ଼ିଛି। ନିକଟରେ ନୀରବଙ୍କ ଜାମିନ ଆବେଦନକୁ ଲଣ୍ଡନ କୋର୍ଟ ଅଗ୍ରାହ୍ୟ କରି ଦେଇଛନ୍ତି। ମାର୍ଚ୍ଚ ୧୯ରେ ବ୍ୟାଙ୍କ ଠକେଇ ମାମଲାରେ ସେ ଗିରଫ ହୋଇଥିଲେ। ଏହି ମାମଲାରେ ଜାମିନ ଲାଗି ନୀରବ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇପାରନ୍ତି ବୋଲି ଶୁଣା ଯାଉଛି।

# ପୁଣି ଫେରିବ ବଜାଜ ଚେତକ

ନୂଆଦିଲ୍ଲୀ,୨-୪



ସମୟ ବଦଳିବା ସହ ସ୍କୁଟର ଚାହିଦା ହ୍ରାସ ହୋଇ ଏହାର ସ୍ଥାନ ଏବେ ସ୍କୁଟି ନେଇଛି। ବଜାରରେ ବିଭିନ୍ନ କମ୍ପାନୀର ସ୍କୁଟି ଉପଲବ୍ଧ ହେଉଥିବା ବେଳେ ଏଗୁଡ଼ିକ ଶକ୍ତିଶାଳୀ ତଥା ଷ୍ଟାଇଲିସ ଫିଚର ସହ ଆସୁଛି। ପ୍ରାୟ ୧୫ ବର୍ଷ ତଳେ ଏଲଏମ୍‌ଏଲର ଭେସ୍ପା ଏବଂ ବଜାଜର ଚେତକ ସ୍କୁଟର ବଜାରରେ ନିଜର ପରିଆରା ଜାହିର କରିଥିଲା। ବଜାରକୁ ଅଟୋମେଟିକ୍ ବାଇକ୍ ଆସିବା ଯୋଗୁ ସ୍କୁଟର ଚାହିଦା ହ୍ରାସ ପାଇଲା। ଏହା ପରେ ପରେ କମ୍ପାନୀଗୁଡ଼ିକ ସ୍କୁଟର ଉତ୍ପାଦନ ବନ୍ଦ କରିଦେଲେ। ଏହି ସମୟରେ ବଜାଜ ଚେତକ ସ୍କୁଟରର ଏକ ଭିନ୍ନ କ୍ରେଜ ରହିଥିଲା। ଅଧିକାଂଶ ଗ୍ରାହକ ଏହି ସ୍କୁଟରକୁ ପସନ୍ଦ କରୁଥିଲେ। ଏହାର ଆରମ୍ଭ ୧୯୭୨ରେ ହୋଇଥିଲା। ଦୀର୍ଘ ୩ ଦଶନ୍ଧି ଧରି ଏହା ବଜାରରେ ନିଜର ପତିଆରା ଜାରି ରଖିଥିଲା। ମାତ୍ର ଧୀରେ ଧୀରେ ଚାହିଦା କମି ୨୦୦୬ରେ ଏହାର ଉତ୍ପାଦନ ବନ୍ଦ ହୋଇଗଲା। ୨ ଷ୍ଟ୍ରୋକରୁ ୪ ଷ୍ଟ୍ରୋକ ଇଞ୍ଜିନ ଏଥିରେ ବ୍ୟବହାର ହେଲା ପରେ ମଧ୍ୟ ବଜାରର ପ୍ରତିଦ୍ୱନ୍ଦ୍ୱିତାରେ ଏହା ସଫଳ ହୋଇ ପାରିଲା ନାହିଁ। ପ୍ରାୟ ୧୩ ବର୍ଷ ପରେ ପୁଣି ଥରେ ଏହି ସ୍କୁଟର ବଜାରକୁ ଆଣିବାକୁ କମ୍ପାନୀ ଯୋଜନା ରଖିଛି। ଚଳିତ ବର୍ଷ ଏହି ସ୍କୁଟର ପୁଣି ଥରେ ଲଞ୍ଚ ହେବା ନେଇ ସୂଚନା ରହିଛି। ସମ୍ପୂର୍ଣ୍ଣ ନୂଆ ରୂପରେ ଏହା ବଜାରକୁ ଆସିବ। ମଡେଲଟିରେ ୧୨୫ ସିସି ଇଞ୍ଜିନ ଏବଂ ମୂଲ୍ୟ ପ୍ରାୟ ୭୦ ହଜାର ଟଙ୍କା ରହିବ ବୋଲି ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ସେହିଭଳି ଏଥିରେ ଆଲଏ ହ୍ୱିଲ, ୟୁଏସ୍‌ବି ଚାର୍ଜିଂ ପୋର୍ଟ, ବ୍ଲୁଟୁଥ୍ କନେକ୍ଟିଭିଟି, କମ୍ବାଇନଡ ବ୍ରେକିଂ ସିଷ୍ଟମ ଏବଂ ଡିସ୍କ ବ୍ରେକ୍ ସହ ଏହା ଆସିବ ବୋଲି ସୂଚନା ରହିଛି।

## ବୋଇଂ ୭୩୭ ପାଇଲଟଙ୍କୁ ଜେଟ୍‌ର ପ୍ରସ୍ତାବ

### ବିନା ଦରମାରେ ସେପ୍ଟେମ୍ବର ଯାଏ ଲମ୍ବା ଛୁଟି ନିଅ

**ନୂଆଦିଲ୍ଲୀ,୨-୪:** ଗତ କିଛି ଦିନ ଧରି ବକେୟା ଦରମା ଦାବି କରି ଆସୁଥିବା ବୋଇଂ ୭୩୭ ବିମାନର ପାଇଲଟମାନଙ୍କୁ ଜେଟ୍ ଏୟାରୱେଜ ଏକ ନୂଆ ପ୍ରସ୍ତାବ ଦେଇଛି। ସେମାନେ ବିନା ଦରମାରେ ଆସନ୍ତା ସେପ୍ଟେମ୍ବର ଯାଏ ଲମ୍ବା ଛୁଟି ନେଇପାରିବେ ବୋଲି କମ୍ପାନୀ କହିଛି। ଅନ୍ୟପକ୍ଷରେ ଜେଟ୍ ପାଇଲଟମାନେ ମଙ୍ଗଳବାର କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସୁରେଶ ପ୍ରଭୁଙ୍କ ହସ୍ତକ୍ଷେପ ଲୋଡି ପତ୍ର ଲେଖିଛନ୍ତି। ସେମାନଙ୍କୁ ସୁଧ ସହ ଜାନୁୟାରୀ, ଫେବୃୟାରୀ ଓ ମାର୍ଚ୍ଚର ବକେୟା ଦରମା ଦେବାକୁ ସରକାର ପଦକ୍ଷେପ ନିଅନ୍ତୁ ବୋଲି ସେମାନେ ଅନୁରୋଧ କରିଛନ୍ତି। ସୂଚନାଥାଉ କି, ଅଧିକ ବେତନ ନେଉଥିବା ପାଇଲଟଙ୍କୁ ଜେଟ୍ ପୂର୍ବରୁ ହିଁ ବିନା ଦରମାରେ ଅସ୍ଥାୟୀ ଛୁଟିରେ ପଠାଇ ଦେଉଥିଲା। ଜେଟ୍ ପକ୍ଷରୁ କୁହାଯାଇଛି ଯେ, ପାଇଲଟଙ୍କୁ ବକେୟା ବେତନ ଦେବା ପର୍ଯ୍ୟନ୍ତ ସେମାନେ ବିନା ଦରମାରେ ଛୁଟିରେ ଯାଇପାରିବେ। ପରିଚାଳନା ଆବଶ୍ୟକତାକୁ ଦୃଷ୍ଟିରେ ରଖି ଜେଟ୍ ପକ୍ଷରୁ ବୋଇଂ ପାଇଲଟ ଓ କ୍ରୁଙ୍କ ଲାଗି ଏପ୍ରିଲ ୧୧ରୁ ୨୬ ତାରିଖ ଯାଏ ରୋଷ୍ଟର ତିଆରି ସରିଛି। ଏଥିରେ କୁହାଯାଇଛି ଯେ, ପାଇଲଟ ୫ ଦିନ କାମ କରିବେ ଓ ୨ ଦିନ ଛୁଟିରେ ଯିବେ। ଅନ୍ୟପକ୍ଷରେ କ୍ରୁ ମାନେ ଏପ୍ରିଲ-ସେପ୍ଟେମ୍ବର ମଧ୍ୟରେ ଛୁଟି ମାଗିଛନ୍ତି।

# ସାଟେଲାଇଟ ଚିତ୍ରରୁ ଟିକସ ଫାଙ୍କି ଧରିଲା ଆୟକର ବିଭାଗ

ନୂଆଦିଲ୍ଲୀ,୨-୪

ଟିକସ ଫାଙ୍କି ଧରିବା ଲାଗି ଆୟକର ବିଭାଗ ଏବେ ହାଇଟେକ୍ ହେଲାଣି। ଏକ ଟିକସ ଫାଙ୍କି ଧରିବା ଲାଗି ନିକଟରେ ବିଭାଗ ସାଟେଲାଇଟ ଚିତ୍ରର ସହାୟତା ନେଇଥିଲା ବୋଲି ପ୍ରିନ୍ସିପାଲ ଡାଇରେକ୍ଟର(ଇନ୍‌ଭେଷ୍ଟିଗେଶନ) ଅମରେନ୍ଦ୍ର କୁମାର ସୂଚନା ଦେଇଛନ୍ତି। ବିଭାଗର ଏଭଳି ପଦକ୍ଷେପ ସମ୍ପର୍କରେ ଜଣାଇ ସେ କହିଛନ୍ତି ଯେ, ମୋଦିନଗରର ଜଣେ ଟିକସଦାତା ଟିକସ ଫାଙ୍କିବା ଉଦ୍ଦେଶ୍ୟରେ ୨୦୧୬ ଫେବୃୟାରୀରେ ଏକ ବାଣିଜ୍ୟିକ ଜମିକୁ ଚାଷ ଜମି ଦର୍ଶାଇଥିଲେ। ତେବେ ସେହି ଜମି ସମ୍ପର୍କରେ କୌଣସି ସୂତ୍ରରୁ ସୂଚନା ପାଇ ବିଭାଗ ତାଙ୍କୁ ନୋଟିସ ଦେଇଥିଲେ। କିନ୍ତୁ ଏହାର ଜବାବରେ ସମ୍ପୃକ୍ତ ଟିକସଦାତା ଏହା ଚାଷ ଜମି ବୋଲି ଦର୍ଶାଇଥିଲେ। ଏହାକୁ ନେଇ ସନ୍ଦେହ ସୃଷ୍ଟି ହେବାରୁ ବିଭାଗ ପକ୍ଷରୁ ହାଇଦ୍ରାବାଦସ୍ଥିତ ନ୍ୟାଶନାଲ ରିମୋଟ ସେନ୍ସିଂ ଏଜେନ୍ସିକୁ ସମ୍ପୃକ୍ତ ଜମିର ପୁରୁଣା ଚିତ୍ର ଦେବାକୁ କୁହାଯାଇଥିଲା। ଏଜେନ୍ସି ପକ୍ଷରୁ ପଠାଯାଇଥିବା ଚିତ୍ରରେ ସେହି ଜମି ଉପରେ ଏକ ବାଣିଜ୍ୟିକ କୋଠା ଥିଲା ବୋଲି ଜଣାପଡିଥିଲା। ଏହି ସାଟେଲାଇଟ ପ୍ରମାଣକୁ ଆଧାର କରି ଆୟକର ବିଭାଗ ସମ୍ପୃକ୍ତ ଟିକସଦାତାଙ୍କଠାରୁ ୧୫ କୋଟି ଟଙ୍କା ଟିକସ ପାଇଁ ନୋଟିସ ଦେଇଛି। ଆଗାମୀ ଦିନରେ ବିଭାଗ ପକ୍ଷରୁ ଏଭଳି ବ୍ୟବସ୍ଥା ବ୍ୟବହାର କରାଯିବ ବୋଲି କୁମାର କହିଛନ୍ତି।

# ଭାରିଯାନ ଲାଗି ଆର୍‌ଏଫ୍‌ଆଇଡି ଟ୍ୟାଗ୍ ଜରୁରୀ

ନୂଆଦିଲ୍ଲୀ,୨-୪



ଏପ୍ରିଲ ପହିଲାରୁ ଭାରିଯାନଗୁଡ଼ିକ ଲାଗି ନିୟମରେ ପରିବର୍ତ୍ତନ ଆସିଛି। ଚଳିତ ମାସ ପହିଲାରୁ ଟ୍ରକ୍ ଏବଂ ବସ୍‌ଗୁଡ଼ିକ ଲାଗି ରେଡିଓ ଫ୍ରିକ୍ୱେନ୍ସି ଆଇଡେଣ୍ଟିଫିକେସନ (ଆର୍‌ଏଫ୍‌ଆଇଡି)ବା ଫାଷ୍ଟାଗ ଅନିବାର୍ଯ୍ୟ ହେବ। ଅର୍ଥାତ ଶୋ'ରୁମରୁ ଯାନଗୁଡ଼ିକ ବଜାରକୁ ବାହାରିବା ପୂର୍ବରୁ ହିଁ ଏହି ଟ୍ୟାଗ୍ ସହ ସଂଯୁକ୍ତ ରହିବ। ଏହାକୁ ନେଇ ସଡକ ଏବଂ ପରିବହନ ମନ୍ତ୍ରଣାଳୟ ପୂର୍ବରୁ ବିଜ୍ଞପ୍ତି ଜାରି କରାଯାଇଥିଲା। ୨୦୧୭ ଡିସେମ୍ବର ପହିଲାରୁ ବିକ୍ରି ହେଉଥିବା ସମସ୍ତ ୪ ଚକିଆ ଯାନ ଲାଗି ଫାଷ୍ଟାଗ ବ୍ୟବସ୍ଥା ଜରୁରୀ ବୋଲି ମନ୍ତ୍ରଣାଳୟ ବିଜ୍ଞପ୍ତିରେ କହିଛି। ଏହି ନିୟମର ଅନୁପାଳନ ଏପ୍ରିଲ ପହିଲାରୁ ଆରମ୍ଭ ହୋଇଛି। କାର ପାଇଁ ଏହି ନିୟମ ପୂର୍ବରୁ ଲାଗୁ ହୋଇସାରିଛି। ଫାଷ୍ଟାଗ ଏକ ଅତ୍ୟାଧୁନିକ ଟେକ୍ନୋଲୋଜି ହୋଇଥିବା ବେଳେ ଏଥିରେ ରେଡିଓ ଫ୍ରିକ୍ୱେନ୍ସି ବ୍ୟବହାର ହୋଇଥାଏ। ଏହା ଦ୍ୱାରା ଟୋଲଗେଟଗୁଡ଼ିକରେ ଆକାଉଣ୍ଟରୁ ଆପେ ଆପେ ଧାର୍ଯ୍ୟ ଦେୟ କଟିଥାଏ। ଏହି ନିୟମ ଲାଗୁ ପାଇଁ ପୂର୍ବର ଜାତୀୟ ମୋଟର ଭେହିକିଲ ଆକ୍ଟରେ ସଂଶୋଧନ କରାଯାଇଛି। ଫାଷ୍ଟାଗକୁ ନିଜ ଆକାଉଣ୍ଟରୁ ରିଚାର୍ଜ କରି ପାରିବେ। ଫାଷ୍ଟାଗ ଦ୍ୱାରା ଆକାଉଣ୍ଟରୁ ଆପେ ଚାର୍ଜ କଟୁଥିବାରୁ ଟୋଲ ପ୍ଲାଜାରେ ପେମେଣ୍ଟ ଲାଗି ଅଟକିବାକୁ ପଡି ନ ଥାଏ। ଫାଷ୍ଟାଗ ଆକାଉଣ୍ଟକୁ ସମୟ ସମୟରେ ରିଚାର୍ଜ କରିବାକୁ ହେବ।

# ଗୁଗଲ୍ ଛାଡ଼ିଲେ ରାଜନ ଆନନ୍ଦନ

ନୂଆଦିଲ୍ଲୀ,୨-୪

ଗୁଗଲ ଇଣ୍ଡିଆ ତଥା ଦକ୍ଷିଣ ପୂର୍ବ ଏସିଆ ପ୍ରେସିଡେଣ୍ଟ ରାଜନ ଆନନ୍ଦନ ଦୀର୍ଘ ୮ ବର୍ଷ ପରେ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ସେ ଏକାଧିକ ଷ୍ଟାର୍ଟଅପ୍ କମ୍ପାନୀରେ ନିବେଶ କରିଥିବା ବେଳେ ଏବେ ଜଏଣ୍ଟ ଭେଞ୍ଚର ଫଣ୍ଡ ସିକ୍ୟୁଇୟା କ୍ୟାପିଟାଲରେ ଯୋଗ ଦେବେ। ଚଳିତ ମାସ ଶେଷ ପର୍ଯ୍ୟନ୍ତ ସେ ଗୁଗଲରେ ଦାୟିତ୍ୱ ତୁଲାଇବେ। ତାଙ୍କ ଅନୁପସ୍ଥିତିରେ ବିକାଶ ଅଗ୍ନିହୋତ୍ରୀ ଅନ୍ତରୀଣ ପ୍ରେସିଡେଣ୍ଟ ଭାବେ ଦାୟିତ୍ୱ ତୁଲାଇବେ। ସେ ବର୍ତ୍ତମାନ ଗୁଗଲର କଣ୍ଟ୍ରି ଡାଇରେକ୍ଟର ଫର୍ ସେଲ୍ସ ଭାବେ ଦାୟିତ୍ୱ ତୁଲାଉଛନ୍ତି। ଗୁଗଲ ପ୍ରେସିଡେଣ୍ଟ ଏସିଆ ପାସିଫିକ୍ ସ୍କଟ୍ ବିୟୁମଣ୍ଟ ଇମେଲ ଯୋଗେ ଏକ ବିବୃତି ଜାରି କରି କହିଛନ୍ତି ଯେ, ଗତ ୮ ବର୍ଷ ଧରି ରାଜନଙ୍କ ଅବଦାନ ପାଇଁ ଗୁଗଲ ନତମସ୍ତକ ହେଉଛି। ତାଙ୍କର କାର୍ଯ୍ୟଦକ୍ଷତା ଯୋଗୁ ଭାରତ ଓ ଦକ୍ଷିଣ ପୂର୍ବ ଏସିଆରେ ଗୁଗଲ ଆଗେଇ ପାରିଛି। ଆନନ୍ଦନ ଇତିପୂର୍ବେ ମାଇକ୍ରୋସଫ୍ଟ ଇଣ୍ଡିଆ, ଡେଲ୍ ଇଣ୍ଡିଆ ଓ ମ୍ୟାକେଞ୍ଜି ଆଣ୍ଡ କମ୍ପାନୀ ଭଳି ବହୁରାଷ୍ଟ୍ରୀୟ କମ୍ପାନୀରେ ଉଚ୍ଚ ପଦବୀରେ କାର୍ଯ୍ୟ କରିଛନ୍ତି।

# ଇକ୍‌ଫାଇରେ ଲ ଫେଷ୍ଟିଭାଲ

ହାଇଦ୍ରାବାଦ,୨-୪

ଇକ୍‌ଫାଇ ଫାଉଣ୍ଡେଶନ ଫର ହାୟର ଏଜୁକେଶନ(ଆଇଏଫ୍‌ଏଚ୍‌ଇ)ର ଦୋନତାନପାଲି କ୍ୟାମ୍ପସସ୍ଥିତ ଲ ସ୍କୁଲ ପକ୍ଷରୁ ଆଇନ ମହୋତ୍ସବ ଲେକ୍ସ 'ନଟ-୨୦୧୯' ଆୟୋଜିତ ହୋଇଯାଇଛି। ସେହିଭଳି ଏନ୍.ଜେ. ଯଶସ୍ୱୀ ମେମୋରିଆଲ ୪ର୍ଥ ଜାତୀୟ ମୋଟ କୋର୍ଟ ପ୍ରତିଯୋଗିତା ଏହି ଅବସରରେ ମଧ୍ୟ ଅନୁଷ୍ଠିତ ହୋଇଥିଲା। ସାମ୍ପ୍ରତିକ ସମୟରେ ଆଇନ ଶିକ୍ଷାର ମାନ ଏବଂ ଛାତ୍ରୀଛାତ୍ରଙ୍କ ସଫଳତା ଉପରେ ଅତିଥି ମାନେ ଏଥିରେ ଗୁରୁତ୍ୱାରୋପ କରିଥିଲେ। ଜୀବନରେ ସଫଳ ଆଇନ ବିଶାରଦ ହେବା ଦିଗରେ ଛାତ୍ରୀଛାତ୍ରଙ୍କୁ କାର୍ଯ୍ୟକ୍ରମରେ ଉତ୍ସାହିତ କରାଯାଇଛି। କାର୍ଯ୍ୟକ୍ରମରେ ତେଲେଙ୍ଗାନାର ରାଜ୍ୟ ଉଚ୍ଚ ନ୍ୟାୟାଳୟର ଜଷ୍ଟିସ ଚୋଳ କୋଦଣ୍ଡ ରାମ, ଜଷ୍ଟିସ ଅଭିନନ୍ଦ କୁମାର ସାଭିଲୀ, ଇକଫାଇ ଲ ସ୍କୁଲ ନିର୍ଦ୍ଦେଶକ ଏ.ଭି. ନରସୀମା ରାଓ ପ୍ରମୁଖ ଉପସ୍ଥିତ ଥିଲେ।




# କର୍ମଚାରୀ ପାଇବେ ଅଧିକ ପେନ୍‌ସନ

ନୂଆଦିଲ୍ଲୀ,୨-୪

**ସୁପ୍ରିମକୋର୍ଟରେ ଇପିଏଫ୍‌ଓ ଆବେଦନ ଖାରଜ**




ଘରୋଇ କମ୍ପାନୀରେ କାର୍ଯ୍ୟରତ କର୍ମଚାରୀଙ୍କ ପେନ୍‌ସନ ବହୁଗୁଣ ବଢ଼ିଯିବ। କେରଳ ହାଇକୋର୍ଟର ରାୟ ବିରୋଧରେ କର୍ମଚାରୀ ଭବିଷ୍ୟନିଧି ସଂଗଠନ(ଇପିଏଫଓ) ପକ୍ଷରୁ ଆଗତ ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ସର୍ବୋଚ୍ଚ ଅଦାଲତଙ୍କ ରାୟ ପରେ ଘରୋଇ କର୍ମଚାରୀ ଲାଭାନ୍ୱିତ ହେବେ।

ଅବସର ଗ୍ରହଣ କରୁଥିବା କର୍ମଚାରୀଙ୍କୁ ଅଂଶଧନ ଆଧାର ବଦଳରେ ତାଙ୍କର ସମ୍ପୂର୍ଣ୍ଣ ଦରମା ଆଧାରରେ ପେନ୍‌ସନ ଦେବାକୁ କେରଳ ହାଇକୋର୍ଟ ଇପିଏଫଓକୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ, ଜଷ୍ଟିସ ଦୀପକ ଗୁପ୍ତା ଓ ଜଷ୍ଟିସ ସଞ୍ଜୀବ ଖାନ୍ନାଙ୍କୁ ନେଇ ଗଠିତ ସୁପ୍ରିମକୋର୍ଟ ଖଣ୍ଡପୀଠ କାଏମ ରଖିଛନ୍ତି। ପ୍ରଚଳିତ ବ୍ୟବସ୍ଥାରେ ପ୍ରତି ମାସ ସର୍ବାଧିକ ୧୫ ହଜାର ଦରମା ଆଧାରରେ ଇପିଏଫ୍‌ଓ କର୍ମଚାରୀଙ୍କ ପେନ୍‌ସନ ନିର୍ଦ୍ଧାରଣ କରିଥାଏ। ସୁପ୍ରିମକୋର୍ଟ ରାୟ ପରେ କର୍ମଚାରୀଙ୍କ ପେନ୍‌ସନ ବଢ଼ିଯିବ ସିନା ସେମାନଙ୍କର ଭବିଷ୍ୟନିଧି(ପିପିଏଫ୍) ପାଣ୍ଠି ହ୍ରାସ ପାଇବ। କାରଣ ଏହାର ଅଧିକାଂଶ ଅଂଶଧନ ପିଏଫ ବଦଳରେ କର୍ମଚାରୀଙ୍କ ପେନ୍‌ସନ ଯୋଜନା(ଇପିଏସ୍)କୁ ଚାଲିଯିବ। ସୂଚନାଥାଉ କି, କେନ୍ଦ୍ର ସରକାର ୧୯୯୫ରେ ଏମ୍ପ୍ଲଇ ପେନ୍‌ସନ ସ୍କିମ୍(ଇପିଏସ) ଆରମ୍ଭ କରିଥିଲେ। ଏହା ଅଧୀନରେ ନିଯୁକ୍ତିଦାତା କର୍ମଚାରୀଙ୍କ ଦରମାର ସର୍ବାଧିକ ବାର୍ଷିକ ୬୫୦୦ଟଙ୍କାର ୮.୩୩%(୫୪୧ ଟଙ୍କା) ହିଁ ଇପିଏସ୍‌ରେ ଜମା କରୁଥିଲେ। ତେବେ ମାର୍ଚ୍ଚ ୧୯୯୬ରେ ସରକାର ନିୟମରେ ସଂଶୋଧନ ଆଣିଲେ। ତଦନୁଯାୟୀ, କର୍ମଚାରୀ ସମ୍ପୂର୍ଣ୍ଣ ଦରମା ହିସାବରେ ଯୋଜନାରେ ଯୋଗଦାନ ଦେବାକୁ ଚାହିଁଲେ ଏବଂ ନିଯୁକ୍ତିଦାତା ମଧ୍ୟ ଏଥିଲାଗି ରାଜି ହେଲେ ତାଙ୍କୁ(କର୍ମଚାରୀଙ୍କୁ) ସେହି ହିସାବରେ ପେନ୍‌ସନ ମିଳିବ। ୨୦୧୪ ସେପ୍ଟେମ୍ବରରେ ଇପିଏଫ୍‌ଓ ପୁନର୍ବାର ନିୟମରେ ପରିବର୍ତ୍ତନ କଲେ। ଏହି ନିୟମ ଅନୁଯାୟୀ, ସର୍ବାଧିକ ୧୫ ହଜାର ଟଙ୍କାର ୮.୩୩% ଯୋଗଦାନକୁ ମଞ୍ଜୁରୀ ଦିଆଗଲା। ତେବେ ନୂଆ ନିୟମରେ ଏହା ମଧ୍ୟ ଯୋଡାଗଲା ଯେ, ଯଦି କୌଣସି କର୍ମଚାରୀ ସମ୍ପୂର୍ଣ୍ଣ ଦରମା ଉପରେ ପେନସନ ନେବାକୁ ଚାହାନ୍ତି, ତେବେ ତାଙ୍କର ପେନ୍‌ସନ ପାଇବାଯୋଗ୍ୟ ଦରମାକୁ ୫ ବର୍ଷର ପୂର୍ବ ଦରମା ହିସାବରେ ନିର୍ଦ୍ଧାରଣ କରାଯିବ। ଏଥିପୂର୍ବରୁ ଏହା ପୂର୍ବ ବର୍ଷର ହାରାହାରି ଦରମା ଉପରେ ନିର୍ଦ୍ଧାରଣ କରାଯାଉଥିଲା। ଫଳରେ ଅଧିକାଂଶ କର୍ମଚାରୀଙ୍କ ଦରମା କମି ଯାଇଥିଲା। ଏହାକୁ ବିରୋଧ କରି ଶ୍ରମିକ ସଂଗଠନଗୁଡ଼ିକ ପକ୍ଷରୁ କେରଳ ହାଇକୋର୍ଟରେ ମାମଲା ଦାଏର କରାଯାଇଥିଲା। ତେବେ ହାଇକୋର୍ଟ ୨୦୧୪ ସେପ୍ଟେମ୍ବର ପହିଲାରେ ହୋଇଥିବା ସଂଶୋଧନକୁ ରଦ୍ଦ କରି ପୁରୁଣା ପ୍ରଣାଳୀକୁ କାଏମ କରିଥିଲେ।

## ସଂକ୍ଷେପରେ

### ପାକିସ୍ତାନରେ ଆଇପିଏଲ୍ ପ୍ରସାରଣରେ କଟକଣା

**ଇସ୍‌ଲାମାବାଦ, ୨।୪ (ପି.ଟି.):** ପାକିସ୍ତାନ ମଙ୍ଗଳବାର ଦେଶରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ପ୍ରସାରଣ ଉପରେ କଟକଣା ଜାରିକରିଛି। ପୂର୍ବତନ ପାକିସ୍ତାନ କ୍ରିକେଟ ଅଧିନାୟକ ତଥା ବର୍ତ୍ତମାନର ପ୍ରଧାନମନ୍ତ୍ରୀ ଇମ୍ରାନ ଖାଁଙ୍କ ଅଧକ୍ଷତାରେ ବସିଥିବା କ୍ୟାବିନେଟ୍ ବୈଠକରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି। ଦେଶର ସୂଚନା ବିଭାଗ ମନ୍ତ୍ରୀ ଫାୱାଦ ଚୌଧାରୀ ଏ ବିଷୟରେ ସୂଚନା ଦେଇଛନ୍ତି। ଭାରତ ସଂଗଠିତ ଭାବେ ପାକିସ୍ତାନରେ କ୍ରିକେଟର କ୍ଷତି ଘଟାଉଛି। ତାକୁ ଏହା କରିବାକୁ ଦିଆଯିବ ନାହିଁ। ପୁଲୱାମା ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ଭାରତୀୟ ଅଫିସିଆଲ ପ୍ରସାରଣକାରୀ ସଂସ୍ଥା ପାକିସ୍ତାନ ସୁପର ଲିଗ୍ ଚତୁର୍ଥ ସଂସ୍କରଣର ଅଧାରୁ ପ୍ରସାରଣ କାର୍ଯ୍ୟରୁ ଓହରିଯାଇଥିଲା। ଏହାକୁ ଲକ୍ଷ୍ୟ କରି ପାକିସ୍ତାନ ସୂଚନା ମନ୍ତ୍ରୀ ଉପରୋକ୍ତ କଥା କହିଛନ୍ତି। ଡିସ୍ପୋର୍ଟ୍ସ ଭାରତରେ ପିଏସଏଲର ଅଫିସିଆଲ ପାର୍ଟନର ରହିଥିଲା। ପୁଲୱାମା ଆକ୍ରମଣ ଘଟଣାର ପ୍ରତିବାଦ ସ୍ୱରୂପ ଫେବୃଆରୀରେ ଏହି ସଂସ୍ଥା ପ୍ରସାରଣ କାର୍ଯ୍ୟରୁ ଓହରିଯାଇଥିଲା। ପିଏସ୍‌ଏଲର ବିଶ୍ୱବ୍ୟାପୀ ଟେଲିଭିଜନ ପ୍ରସାରଣ ନେଇ ଭାରତୀୟ କମ୍ପାନୀ ଆଇଏମ୍‌ଜି ରିଲାଏନ୍ସ ମଧ୍ୟ ଏହାର ଚୁକ୍ତିରୁ ଓହରିଯାଇଥିଲା। ଫଳରେ ପାକିସ୍ତାନ ଭିତ୍ତିକ ଟି୨୦ ଲିଗ୍‌କୁ ଟୁର୍ନାମେଣ୍ଟ ଅଧାରେ ଏକ ନୂଆ ପ୍ରଡକ୍ସନ କମ୍ପାନୀ ସନ୍ଧାନ କରିବାକୁ ପଡ଼ିଥିଲା। ଏହି କାରଣରୁ ପାକିସ୍ତାନରେ ଯେପରି ଆଇପିଏଲ ପ୍ରସାରଣ ନ ହୁଏ ସେ ଦିଗରେ ପାକିସ୍ତାନ ଇଲେକ୍‌ଟ୍ରୋନିକ୍ ମିଡିଆ ରେଗୁଲାଟୋରି ଅଥରିଟିକୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ଚୌଧାରୀ ପ୍ରକାଶ କରିଛନ୍ତି।



❝ ଜଣେ କୋଚିଂ ଡିଗ୍ରୀ ହାସଲ କରିପାରିଲେ ଯେ ସଫଳ କୋଚ୍ ହୋଇପାରିବ ତା'ର କୌଣସି ଗ୍ୟାରେଣ୍ଟି ନାହିଁ।

–ଶୋଏବ ମହମ୍ମଦ, ପୂର୍ବତନ ପାକିସ୍ତାନ ଓପନର



❝ ପ୍ରଫୁଲ୍ଲ ପଟେଲ ଯଦି ଫିଫା କାଉନ୍‌ସିଲ ସଦସ୍ୟ ଭାବେ ନିର୍ବାଚିତ ହୁଅନ୍ତି ଫୁଟ୍‌ବଲ କ୍ଷେତ୍ରରେ ଭାରତ ବିଶେଷ ଉପକୃତ ହେବ।

–ସୁବ୍ରତ ଦତ୍ତ, ଏଆଇଏଫଏଫ୍, ସିନିୟର ଉପସଭାପତି

# 'ପ୍ରତିଭାଙ୍କୁ ଏଜୁକେଟ କରିବା ମୁଖ୍ୟ ଉଦ୍ଦେଶ୍ୟ'

**ଭୁବନେଶ୍ୱର, ୨।୪(କ୍ରୀଡ଼ା ପ୍ରତିନିଧି)**

ରାଜ୍ୟର ଅନ୍ୟତମ ଅଗ୍ରଣୀ କ୍ରୀଡ଼ାନୁଷ୍ଠାନ ସହିଦ ସ୍ପୋର୍ଟିଂ କ୍ଲବ ଗ୍ରାଉଣ୍ଡରେ କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ କ୍ରିକେଟ କ୍ଲିନିକ୍ କରିବାକୁ ଯାଉଛନ୍ତି ରାଜ୍ୟର ଅନ୍ୟତମ ସଫଳ ଖେଳାଳି ତଥା ବର୍ତ୍ତମାନ ରଣଜୀ ଦଳର କୋଚ୍ ରଶ୍ମିରଞ୍ଜନ ପରିଡ଼ା। କ୍ରିକେଟକୁ କ୍ୟାରିୟର କରୁଥିବା ଖେଳାଳିମାନଙ୍କ ପାଇଁ ନିୟମିତ ଅଭ୍ୟାସ ସହ ବିଶେଷ ତାଲିମ ଶିବିରର ଆୟୋଜନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତାଲିମ ଶିବିରରେ ପ୍ରାୟତଃ

### ରଶ୍ମିଙ୍କ କ୍ରିକେଟ କ୍ଲିନିକ୍ ୨୨ରୁ

କ୍ରିକେଟର କଳାକୌଶଳ ଶିକ୍ଷା ସହିତ ଶାରୀରିକ ଓ ମାନସିକଭାବେ କିପରି ସର୍ବଦା ପ୍ରସ୍ତୁତ ରହିପାରିବ ତା ଉପରେ ଗୁରୁତ୍ୱ ଦିଆ ଯାଇଥାଏ। ଗତବର୍ଷ ଏପରି ଏକ ଶିବିର ଆୟୋଜନ କରି ରାଜ୍ୟର କେତେଜଣ ପ୍ରତିଭାସମ୍ପନ୍ନ ଖେଳାଳିଙ୍କ ଆବଶ୍ୟକତାକୁ ସମ୍ୟକ ପୂରଣ କରିବାରେ ସକ୍ଷମ ହୋଇଥିଲେ ରଶ୍ମି। ଏଥର ରଶ୍ମିଙ୍କ କ୍ରିକେଟ କ୍ଲିନକ୍ ଚଳିତମାସ ୨୨ରୁ ମେ' ୧୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଭାଗନେବାକୁ ଚାହୁଁଥିବା ଖେଳାଳିମାନଙ୍କୁ ଏପ୍ରିଲ ୯ ସୁଦ୍ଧା ନାମ ପଞ୍ଜୀକରଣ କରାଇବାକୁ ପଡ଼ିବ। ୧୦ରୁ ୧୬ ବର୍ଷର ଖେଳାଳିମାନେ ଏହି ଶିବିରରେ ଭାଗ ନେଇପାରିବେ ବୋଲି ରଶ୍ମି ପ୍ରକାଶ କରିଛନ୍ତି। ଆବଶ୍ୟକ ଫି' ଦାଖଲ କରି ଖେଳାଳିମାନେ ନିଜ ପ୍ରଦର୍ଶନକୁ ଏହି କ୍ଲିନିକରେ ମାର୍ଜିତ କରିପାରିବେ। ଶିବିର ଆରମ୍ଭରେ ପିଲାମାନଙ୍କୁ ଟୋପି, ଟି-ଶାର୍ଟ ଓ ପୋଷାକ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି ବୋଲି ସେ ସୂଚନା ଦେଇଛନ୍ତି। ବାହାର ରାଜ୍ୟରୁ ପ୍ରତିନିଧିତ୍ୱ କରି ଦୁଇଥର ରଣଜୀ ଟ୍ରଫି ଚାମ୍ପିୟନ ହେବା ସହିତ ଥରେ ଫାଇନାଲର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିବା ରଶ୍ମି ବ୍ୟକ୍ତିଗତଭାବେ ଏହି ଶିବିରରେ ପ୍ରତିଦିନ ଉପସ୍ଥିତ ରହି ଖେଳାଳିମାନଙ୍କୁ ଆବଶ୍ୟକ ଟିପ୍ସ ପ୍ରଦାନ କରିବେ। ରଣଜୀ ଦଳର ଟ୍ରେନର ମନୋଜ ବିଶ୍ୱାଳ ମଧ୍ୟ ତାଲିମ ଦେବେ। ଏହା ବ୍ୟତୀତ ବିଭିନ୍ନ ଦିବସରେ ରାଜ୍ୟର ଅନ୍ୟ ପ୍ରମୁଖ ଖେଳାଳିମାନେ ଶିବିରାର୍ଥୀଙ୍କ ମାର୍ଗଦର୍ଶନ ପାଇଁ ଆସିବେ। ତେଣୁ ଆଗ୍ରହୀ ପିଲାମାନେ ଶୀଘ୍ର ଯୋଗାଯୋଗ କଲେ ଶିବିରର ରୂପରେଖ ପ୍ରସ୍ତୁତ ହେବା ସହଜ ହୋଇପାରିବ ବୋଲି ରଶ୍ମି କହିଛନ୍ତି।

''ଗତବର୍ଷ ମୋର ଏହି କ୍ଲିନିକ୍ ଅତ୍ୟନ୍ତ ସଫଳ ହୋଇଥିଲା ବୋଲି ଜୋର ଦେଇ କହିପାରିବି। କାରଣ କ୍ୟାମ୍ପ ସମ୍ପର୍କରେ ପିଲାମାନେ ବିଳମ୍ବରେ ଜାଣିବାରୁ ସେହି ଅନୁସାରେ ଯୋଗଦେବାପାଇଁ ଭିଡ଼ ଲଗାଇଥିଲେ। ଶେଷରେ ଏପରି ପରିସ୍ଥିତି ହେଲା ଯେ, ମୋତେ କିଛି ପିଲାଙ୍କୁ ମନା କରିବାକୁ ପଡ଼ିଥିଲା। ମୁଁ ଓ ମନୋଜବାବୁ ସବୁକିଛି ହ୍ୟାଣ୍ଡେଲ କରୁଥିବାରୁ ଅଧିକପିଲା ନେଇପାରି ନ ଥିଲି। ଏଥର ବ୍ୟସ୍ତ ଥିବାରୁ କ୍ୟାମ୍ପ କରିବି କି ନାହିଁ ସନ୍ଦେହରେ ଥିଲି। ମାତ୍ର ଅଭିଭାବକମାନଙ୍କର ଫୋନ୍ ଅନେକ ମାତ୍ରାରେ ଆସିବାରୁ କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ଶିବିର ଚାଲୁ ରଖିବାକୁ ନିଷ୍ପତ୍ତି ନେଲି। ପିଲାମାନେ ଅଧିକ କିଛି ଶିଖନ୍ତୁ ବୋଲି ସେମାନଙ୍କ ଅଭିଭାବକମାନେ ଚାହୁଁଥିବା ମୁଁ ଅନୁଭବ କଲି'' ବୋଲି ରଶ୍ମି ପ୍ରକାଶ କରିଛନ୍ତି। ଗତବର୍ଷ ମୁଁ ୨ଟି ଗ୍ରୁପରେ ପିଲାମାନଙ୍କୁ ଭାଗକରି କୋଚିଂ ଦେଇଥିଲି। ୧୧ରୁ ୧୫ ବର୍ଷ ଏବଂ ୧୫ରୁ ୧୭ ବର୍ଷ ମଧ୍ୟରେ ଗ୍ରୁପ କରାଯାଇ ପିଲାଙ୍କୁ ଭିନ୍ନଭାବେ କୋଚିଂ ଦିଆ ଯାଇଥିଲା। ଏଥର କେଉଁ ଏଜ୍ ଗ୍ରୁପରୁ କେତେ ପିଲା ଆସୁଛନ୍ତି ଦେଖିବାପରେ ନିଷ୍ପତ୍ତି ନେବି।

କ୍ରିକେଟ ପ୍ରତିଭାଙ୍କୁ ଏଜୁକେଟ କରିବା ଏହି କ୍ଲିନିକର ମୁଖ୍ୟ ଉଦ୍ଦେଶ୍ୟ। ଜଣେ କେବଳ ବ୍ୟାଟ୍/ବଲ୍ ଧରିଲେ କ୍ରିକେଟର ହୋଇଯିବନି। ଏହା କେତେ କାଲ୍‌କୁଲେଟିଭ ଏବଂ ମାଇଣ୍ଡ ଗେମ୍ ସେ ସମ୍ପର୍କରେ ପିଲାଙ୍କୁ ଶିକ୍ଷା ଦିଆଯିବ। ସ୍କିଲ୍ ନ ଥିଲେ ଜଣେ କ୍ରିକେଟର ହୋଇପାରିବ ନାହିଁ ଏହା ସତ, ମାତ୍ର ସ୍କିଲ୍‌କୁ କିପରି ପ୍ରଦର୍ଶନରେ ରୂପାନ୍ତରିତ କରାଯିବ ତାହା ହିଁ ଏଜୁକେଶନ। ଏହା ହିଁ ମୋ କ୍ଲିନିକର ମୁଖ୍ୟ ଉଦ୍ଦେଶ୍ୟ। ଜୁନିୟର କ୍ରିକେଟରଙ୍କଠାରେ ଅନେକ କିଛି ଅଭାବଥିବା ମୁଁ ଅନୁଭବ କରିଛି। ତାଙ୍କୁ ମନରେ ରଖି କ୍ଲିନିକ ଆରମ୍ଭ କରିଥିଲି ଏବଂ ଏଥର ମଧ୍ୟ ପିଲାଙ୍କୁ ଏଜୁକେଟ କରିବା ମୋର ମୁଖ୍ୟ ଉଦ୍ଦେଶ୍ୟ ରହିବ'' ବୋଲି ରଶ୍ମି କହିଛନ୍ତି।



ପ୍ରଶିକ୍ଷାର୍ଥୀମାନଙ୍କୁ ଟିପ୍ସ ପ୍ରଦାନ କରୁଛନ୍ତି ରଶ୍ମିରଞ୍ଜନ ପରିଡ଼ା (ଫାଇଲ ଫଟୋ)।

■ ଆଇସିସି ଦିନିକିଆ ର୍ୟାଙ୍କିଙ୍ଗ୍

### ବିରାଟ, ବୁମ୍‌ରା ଅପରିବର୍ତ୍ତିତ

**ଦୁବାଇ, ୨।୪:** ଭାରତୀୟ କ୍ରିକେଟ ଦଳର ଅଧିନାୟକ ବିରାଟ କୋହଲି ଓ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା ଆଇସିସି ଦିନିକିଆ ର୍ୟାଙ୍କିଙ୍ଗ୍‌ର ଯଥାକ୍ରମେ ବ୍ୟାଟିଂ ଓ ବୋଲିଂ ତାଲିକାର ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ଆଇସିସି ପକ୍ଷରୁ ପ୍ରକାଶିତ ତାଲିକାରେ କୋହଲି ୮୯୦ ପଏଣ୍ଟ ସହ ପୂର୍ବବତ୍ ଏକ ନମ୍ବର ସ୍ଥାନରେ ରହିଛନ୍ତି। ରୋହିତ୍ ଶର୍ମା ୮୩୯ ପଏଣ୍ଟ ସହ ତାଲିକାର ୨ୟରେ ରହିଛନ୍ତି। ଅପରପକ୍ଷରେ ୭୭୪ ପଏଣ୍ଟ ସହ ବୁମ୍‌ରା ବୋଲିଂ ତାଲିକାର ପୋଲ୍ ପୋଜିସନରେ ରହିଛନ୍ତି। ଅନ୍ୟ ଦୁଇ ଭାରତୀୟ ବୋଲର ଭାବେ କୁଲଦୀପ ଯାଦବ ଓ ଯୁଜବେନ୍ଦ୍ର ଚହଲ ଯଥାକ୍ରମେ ୭ମ ଓ ୮ମ ସ୍ଥାନ ହାସଲ କରିଛନ୍ତି। ଅଷ୍ଟ୍ରେଲିଆ ଅଧିନାୟକ ଆରୋନ୍ ଫିଞ୍ଚ୍ ବ୍ୟାଟିଂ ତାଲିକାର ଟପ୍-୧୦ରେ ପହଞ୍ଚିଛନ୍ତି। ପାକିସ୍ତାନ ବିପକ୍ଷ ଦିନିକିଆ ସିରିଜରେ ପ୍ରଭାବୀ ପ୍ରଦର୍ଶନ ପରେ ସେ ଏକାବେଳେ ୧୨ଟି ପାହାଚ ଲମ୍ଫ ପ୍ରଦାନ କରି ୱେଷ୍ଟଇଣ୍ଡିଜର ସାଇ ହୋପ୍‌ଙ୍କ ସହ ଯୁଗ୍ମ ଭାବେ ୯ମ ସ୍ଥାନରେ ରହିଛନ୍ତି। ପାକିସ୍ତାନ ବିପକ୍ଷ ସିରିଜରେ ଫିଞ୍ଚ୍ ୧୧୨.୭୫ ଆଭରେଜରେ ୪୫୧ ରନ କରିଥିଲେ। ଫିଞ୍ଚଙ୍କ ଏହି ପ୍ରଦର୍ଶନ ବଳରେ ଅଷ୍ଟ୍ରେଲିଆ ୫-୦ରେ ସିରିଜ କ୍ଲିନ୍‌ସୁଇପ କରିଥିଲା। ଉସମାନ ଖ୍ୱାଜା ଓ ଗ୍ଲେନ ମ୍ୟାକ୍ସୱେଲ ର୍ୟାଙ୍କିଙ୍ଗ୍‌ରେ ଉପରକୁ ଉଠିଛନ୍ତି। ଖ୍ୱାଜା ୬ଟି ଓ ମ୍ୟାକ୍ସୱେଲ ୧୦ଟି ସ୍ଥାନ ଉଠି ଯଥାକ୍ରମେ ୧୯ ଓ ୨୩ତମ ସ୍ଥାନ ଲାଭ କରିଛନ୍ତି।

## ହ୍ୟାଟ୍ରିକ ନେଇଥିବା ଜାଣି ନ ଥିଲି: କୁରାନ

**ମୋହାଲି, ୨।୪(ପି.ଟି.):** ଆଇପିଏଲ୍ ଇତିହାସରେ ସର୍ବକନିଷ୍ଠ ଖେଳାଳିଭାବେ କିଙ୍ଗ୍ସ ଇଲେଭେନ ଅଲ୍‌ରାଉଣ୍ଡର ସାମ୍ କୁରାନ ହ୍ୟାଟ୍ରିକ ଉଇକେଟ୍ ଅକ୍ତିଆର କରିବାର ସୌଭାଗ୍ୟ ଲାଭ କରିଛନ୍ତି। ସୋମବାର ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚ୍‌ରେ କୁରାନ ଏହି ସଫଳତା ପାଇଛନ୍ତି। ଆଇପିଏଲ୍ ଦ୍ୱାଦଶ ସଂସ୍କରଣର ଏହା ମଧ୍ୟ ପ୍ରଥମ ହ୍ୟାଟ୍ରିକ ଥିଲା। କୁରାନଙ୍କ ଏହି ସଫଳତା ଯୋଗୁ ପଞ୍ଜାବ ୧୪ ରନରେ ବିଜୟ ଲାଭ କରିଥିଲା। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିବା କୁରାନ କିନ୍ତୁ ହ୍ୟାଟ୍ରିକ ଉଇକେଟ୍ ଅକ୍ତିଆର କରିଥିବା ନିଜେ ଜାଣି ନ ଥିଲେ ବୋଲି କହିଛନ୍ତି। 'ହ୍ୟାଟ୍ରିକ ନେଇଥିବା ବିଷୟରେ ମୁଁ ଜାଣି ନ ଥିଲି। ଆମେ ମ୍ୟାଚ୍ ଜିତି ସାରିଲା ପରେ ଜଣେ ଖେଳାଳି ମୋ ନିକଟକୁ ଆସି ହ୍ୟାଟ୍ରିକ ନେଇଥିବା ମୋତେ ଅବଗତ କରାଇଥିଲେ' ବୋଲି କୁରାନ କହିଛନ୍ତି।



ଦକ୍ଷିଣ ଏସୀୟ ର୍ୟାଙ୍କିଙ୍ଗ ଓ ଜାତୀୟ ଜୁଜୁଟ୍ସୁ ପ୍ରତିଯୋଗିତା ପାଇଁ ମନୋନୀତ ଓଡ଼ିଶା ଦଳର ପ୍ରତିଯୋଗୀମାନେ କର୍ମକର୍ତ୍ତାଙ୍କ ସହ।

## ଜାତୀୟ ଜୁଜୁଟ୍‌ସୁ ପାଇଁ ଓଡ଼ିଶା ଦଳ

**ଭୁବନେଶ୍ୱର, ୨।୪(କ୍ରୀଡ଼ା ପ୍ରତିନିଧି)**

ଦକ୍ଷିଣ ଏସୀୟ ର୍ୟାଙ୍କିଙ୍ଗ୍ ଓ ଜାତୀୟ ଜୁଜୁଟ୍‌ସୁ ପ୍ରତିଯୋଗିତା ଚଳିତମାସ ୩ରୁ ୭ ପର୍ଯ୍ୟନ୍ତ ଚେନ୍ନାଇରେ ଅନୁଷ୍ଠିତ ହେବ। ଏଥିରେ ଭାଗନେବାପାଇଁ ୧୧ ଜଣିଆ ଓଡ଼ିଶା ଦଳ ମଙ୍ଗଳବାର ଚେନ୍ନାଇ ଯାତ୍ରା କରିଛି। ଆଗାମୀ ପ୍ରତିଯୋଗିତାର ବିଭିନ୍ନ ବର୍ଗରେ ଅନୁପମା ସ୍ୱାଇଁ, ପ୍ରିୟଦର୍ଶିନୀ ଘଟୁଆରି, ପୁନିତ ଲେଙ୍କା, ମଧୁପ୍ରିୟା, ଅଂଶୁମାନ ସେଠି, ୱାଲ୍ଟର ଡାନିଏଲ, ଶ୍ରୀକାନ୍ତ ଖୁଣ୍ଟିଆ, ଆଶିଷ କୁମାର ରାଉତ, ଏମ. ଶ୍ରୀକାନ୍ତ ଶେଖର, ଉମା ମାହେଶ୍ୱରୀ ରେଡ୍ଡୀ ଏବଂ ରିକି ବିଭୁଦତ୍ତ ରାଉତ ଭାଗନେବେ। ଜୁଜୁଟ୍‌ସୁ ଜାତୀୟ ପ୍ରତିଯୋଗିତା ପରେ ପ୍ରତିଯୋଗିମାନେ ଦକ୍ଷିଣ ଏସୀୟ ର୍ୟାଙ୍କିଙ୍ଗ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ରାଜ୍ୟ ଜୁଜୁଟ୍‌ସୁ ଆସୋସିଏଶନ ପକ୍ଷରୁ ପ୍ରକାଶ କରାଯାଇଛି।

## ଭାରତରେ ପ୍ରଥମ ପେସାଦାର ଖୋ-ଖୋ ଲିଗ୍

**ନୂଆଦିଲ୍ଲୀ, ୨।୪ (ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଢାଞ୍ଚାରେ ଭାରତରେ ପ୍ରଥମ ପ୍ରଫେଶନାଲ ଖୋ-ଖୋ ଲିଗ୍ ଆୟୋଜନ ହେବାକୁ ଯାଉଛି। ପ୍ରତିଯୋଗିତାର ନାମ ଅଲ୍‌ଟିମେଟ୍ ଖୋ-ଖୋ ରଖାଯାଇଛି। ଖୋ-ଖୋ ଫେଡେରେଶନ ଅଫ୍ ଇଣ୍ଡିଆ (କେକେଏଫ୍‌ଆଇ) ତରଫରୁ ମଙ୍ଗଳବାର ଏହା ଶୁଭ ଉନ୍ମୋଚନ କରାଯାଇଛି। ଖାଉଟି ସାମଗ୍ରୀ ପ୍ରସ୍ତୁତକାରୀ କମ୍ପାନୀ ଡାବର ଇଣ୍ଡିଆ ପ୍ରଥମ ବର୍ଷ ଏହି ପ୍ରତିଯୋଗିତା ଲାଗି ୧୦ କୋଟି ଟଙ୍କା ପୁଞ୍ଜି ଖଟାଇବ ବୋଲି ଏହାର ଭାଇସ୍‌ଚେୟାରମ୍ୟାନ ତଥା ପ୍ରତିଯୋଗିତାର ମୁଖ୍ୟ ପ୍ରମୋଟର ଅମିତ୍ ବର୍ମନ ପ୍ରକାଶ କରିଛନ୍ତି। ୮ଫ୍ରାଞ୍ଚାଇଜ୍ ଟିମ୍‌କୁ ନେଇ ୨୧ଦିନ ଧରି ହେବାକୁଥିବା ଏହି ଆଇପିଏଲ ଷ୍ଟାଇଲ ଲିଗ୍‌ରେ ମୋଟ ୬୦ଟି ମ୍ୟାଚ ଖେଳାଯିବ। ଏହା ଡବଲ ରାଉଣ୍ଡ ରବିନ ଭିତ୍ତିରେ ଖେଳାଯିବ। ସମ୍ଭବତଃ ଚଳିତ ବର୍ଷ ସେପ୍ଟେମ୍ବର କିମ୍ବା ଅକ୍ଟୋବରରେ ଏହା ଆୟୋଜନ ହେବ। ଇଂଲଣ୍ଡ, ଦକ୍ଷିଣ କୋରିଆ, ଇରାନ, ବାଂଲାଦେଶ, ନେପାଳ ଓ ଶ୍ରୀଲଙ୍କା ସମେତ ବିଶ୍ୱର ଅନ୍ୟ କେତେକ ଦେଶର ଖେଳାଳିମାନେ ଏଥିରେ ଅଂଶଗ୍ରହଣ କରିବେ। ଯୁବ ଖେଳାଳି ବିକଶିତ କରିବା ଉଦ୍ଦେଶ୍ୟରେ ଟିମ୍‌ଗୁଡ଼ିକ ସେମାନଙ୍କ ଦଳରେ ୧୮ବର୍ଷରୁ କମ୍ ଖେଳାଳିଙ୍କୁ ସାମିଲ କରିବା ସୁଯୋଗ ପାଇବେ। କେକେଏଫ୍‌ଆଇ ଓ ବର୍ମନ ମିଳିତ ଭାବେ ତେନଜିଂ ନିୟୋଗିଙ୍କୁ ଲିଗ୍‌ର ସିଇଓ ଭାବେ ନିଯୁକ୍ତି ଦେଇଛନ୍ତି। ଭାରତୀୟ ଅଲିମ୍ପିକ ଆସୋସିଏଶନ ସେକ୍ରେଟାରୀ ଜେନେରାଲ ତଥା ପୂର୍ବତନ କେକେଏଫ୍‌ଆଇ ସଭାପତି ରାଜୀବ ମେହେଟ୍ଟା ଲିଗ୍‌ର ଚେୟାରମ୍ୟାନ ଅଛନ୍ତି। ଅଲିମ୍ପିକ କାଉନ୍‌ସିଲ ଅଫ୍ ଏସିଆ (ଓସିଏ) ଖୋ-ଖୋକୁ ସ୍ୱୀକୃତି ପ୍ରଦାନ କରିଛି। ୨୦୨୨ ଏସିଆନ ଗେମ୍ସରେ ଏହା ସ୍ଥାନ ପାଇବ। ଆମେ ୨୦୩୨ ଅଲିମ୍ପିକ ଆୟୋଜନ ପାଇଁ ବିଡ୍ ଦାଖଲ କରିଛୁ। ଆମେ ଯଦି ବିଡ୍ ଜିତୁ ତେବେ ଆୟୋଜକ ଦେଶ ଭାବେ ରୋଷ୍ଟରରେ ୨ରୁ ୩ ଖେଳ ସାମିଲ କରିପାରିବୁ। ଏହି ପରିପ୍ରେକ୍ଷୀରେ ଆମେ ଗେମ୍ସରେ ଖୋ-ଖୋ ଓ କବାଡ଼ିକୁ ଅନ୍ତର୍ଭୁକ୍ତ କରିବାକୁ ମନସ୍ଥ କରିଛୁ ବୋଲି ମେହେଟ୍ଟା ପ୍ରକାଶ କରିଛନ୍ତି।




ଅଲ୍‌ଟିମେଟ୍ ଖୋ-ଖୋ'ର ମୁଖ୍ୟ ପ୍ରମୋଟର ଅମିତ ବର୍ମନ ଏବଂ ସିଇଓ ତେନଜିଂ ନିୟୋଗୀ। (ବାମରୁ ଡାହାଣ)

# ଗ୍ଲାମର ହରାଉଛି ସୁପର କପ୍

**ଭୁବନେଶ୍ୱର, ୨।୪(କ୍ରୀଡ଼ା ପ୍ରତିନିଧି)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଏବେ ଚାଲିଛି ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ସଂସ୍କରଣ। ଗତବର୍ଷ ପ୍ରଥମ ସଂସ୍କରଣ ସଫଳତାର ସହ ସମ୍ପନ୍ନ ହୋଇଥିବାବେଳେ ଦ୍ୱିତୀୟ ସଂସ୍କରଣରୁ ନାମୀ ଦଳ ଗୁଡ଼ିକ ଓହରିଯିବାରୁ ପ୍ରତିଯୋଗିତା ଗ୍ଲାମର ହରାଇଛି। ସର୍ବଭାରତୀୟ ଫୁଟବଲ ଫେଡେରେଶନ(ଏଆଇଏଫଏଫ)ର ପକ୍ଷପାତିତାକୁ ବିରୋଧ କରି ଆଇ-ଲିଗ୍‌ର ୭ଟି ଦଳ ସୁପର କପ୍‌ରୁ ଓହରି ଯାଇଛନ୍ତି। ଯୋଗ୍ୟତା ପର୍ଯ୍ୟାୟରୁ ଆରମ୍ଭ ହୋଇଥିବା ଏହି ଧାରା ପ୍ରି-କ୍ୱାର୍ଟର ଫାଇନାଲ ପର୍ଯ୍ୟନ୍ତ ବଳବତ୍ତର ରହିଛି। ଫଳରେ ଔପଚାରିକତା ଦୃଷ୍ଟିରୁ ଟୁର୍ନାମେଣ୍ଟ ଆଗକୁ ବଢ଼ି ଚାଲିଥିଲେ ହେଁ ଅଧିକାଂଶ ମ୍ୟାଚ କେବଳ ୱାକ୍‌ଓଭରରେ ସୀମିତ ରହିଛି। ନେରୋକା ଏଫସି, ଗୋକୁଲମ୍ ଏଫସି, ମିନର୍ଭା ପଞ୍ଜାବ, ଆଇଜଲ ଏଫସି, ଚର୍ଚ୍ଚିଲ ବ୍ରଦର୍ସ ଏବଂ କଲିକତାର ଦୁଇ ଫୁଟବଲ ମହାଶକ୍ତି ମୋହନ ବାଗାନ ଓ ଇଷ୍ଟ ବେଙ୍ଗଲ ଓହରି ଯିବାରୁ ଟୁର୍ନାମେଣ୍ଟର ରୋମାଞ୍ଚ ଫିକା ପଡ଼ିଛି।

ଏଆଇଏଫଏଫ ବିପକ୍ଷରେ ବିଦ୍ରୋହର ନେତୃତ୍ୱ ନେଇଥିଲା ପୂର୍ବତନ ଆଇ-ଲିଗ୍ ଚାମ୍ପିୟନ ମିନର୍ଭା ପଞ୍ଜାବ। ନିଜ ନିଷ୍ପତ୍ତିରେ ଅଟଳ ରହି ପ୍ରଥମ ଦଳଭାବେ ମିନର୍ଭା ଯୋଗ୍ୟତା ପର୍ଯ୍ୟାୟ ନ ଖେଳିବାରୁ ପୁଣେ ସିଟିକୁ ୱାକଓଭର ମିଳିଥିଲା। ସେହିପରି ଗୋକୁଲମ କେରଳ ଓ ଆଇଜଲ ଏଫସି ଖେଳିବାକୁ ମନା କରିଦେବାରୁ ଯଥାକ୍ରମେ ଦିଲ୍ଲୀ ଡାଇନାମସ ଓ ଚେନ୍ନାଇନ୍ ଏଫସି ୱାକ୍‌ଓଭର ପାଇ ମୁଖ୍ୟ ରାଉଣ୍ଡରେ ପ୍ରବେଶ କରିଥିଲେ। ବିଦ୍ରୋହୀ ଦଳ ଗୁଡ଼ିକ ସହ ପୂର୍ବରୁ ସାମିଲ ଥିଲେ ହେଁ ପରେ ନିଷ୍ପତ୍ତି ପରିବର୍ତ୍ତନ କରି ଆଇ-ଲିଗ୍ ଚାମ୍ପିୟନ ଚେନ୍ନାଇ ସିଟି ମ୍ୟାଚ ଖେଳିଥିଲା। ତେବେ ଇଷ୍ଟ ବେଙ୍ଗଲ, ମୋହନ ବାଗାନ, ଚର୍ଚ୍ଚିଲ ବ୍ରଦର୍ସ ଓ ନେରୋକା ଏଫସି ଖେଳିବାକୁ ମନା କରିଦେବାରୁ ଯଥାକ୍ରମେ ଦିଲ୍ଲୀ ଡାଇନାମସ, ବେଙ୍ଗାଲୁରୁ ଏଫସି, ଜାମସେଦପୁର ଏଫସି ଓ ନର୍ଥଇଷ୍ଟ ୟୁନାଇଟେଡ ୱାକ୍‌ଓଭର ପାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଅର୍ଥାତ୍ ଦିଲ୍ଲୀ ଡାଇନାମସ କୌଣସି ମ୍ୟାଚ ନ ଖେଳି ୨ ୱାକଓଭର ସହ କ୍ୱାର୍ଟର ଫାଇନାଲରେ ପହଞ୍ଚି ଯାଇଛି। ଏହାକୁ ନେଇ କ୍ଲବ ପକ୍ଷରୁ ତୀବ୍ର ଅସନ୍ତୋଷ ପ୍ରକାଶ କରାଯାଇଛି। ଏଆଇଏଫଏଫ ଠିକ୍‌ଭାବେ ପରିସ୍ଥିତିକୁ ହାତେଇବାରେ ଅସମର୍ଥ ହୋଇଥିବାରୁ ଏପରି ପରିସ୍ଥିତି ଉପୁଜିଛି ବୋଲି ଦଳ ପକ୍ଷରୁ ପ୍ରକାଶ କରାଯାଇଛି। ପ୍ରକାଶ ଯୋଗ୍ୟ ଯେ, ଇଣ୍ଡିଆନ ସୁପରଲିଗ୍(ଆଇଏସଏଲ) ଓ ଆଇ-ଲିଗ୍‌ର ଦଳ ଗୁଡ଼ିକ ପ୍ରତି ଏଆଇଏଫଏଫ ସମାନ ମନୋଭବା ଅବଲମ୍ବନ କରୁନାହିଁ ବୋଲି ଅଭିଯୋଗ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଆଇ-ଲିଗ୍‌ର କେତେକ ଦଳ ଏଆଇଏଫ୍‌ଏଫ୍‌ର ବୈମାତୃକ ମନୋଭାବକୁ ବିରୋଧ କରି ସୁପର କପ୍‌ରୁ ଓହରିଯିବାକୁ ନିଷ୍ପତ୍ତି ନେଇଥିଲେ। ପରେ ଏଆଇଏଫଏଫ ଏ ସମ୍ପର୍କରେ ଆଲୋଚନା ପାଇଁ ରାଜି ହୋଇଥିଲେ ହେଁ ବାତିଲ ହୋଇଥିବା କ୍ୱାଲିଫାଇଂ ମ୍ୟାଚ୍‌କୁ ପୁଣି ଆୟୋଜନ କରିବାକୁ ମନା କରି ଦେଇଥିଲା। ଏଥିରେ ଆଇ-ଲିଗ୍ ଦଳ ଗୁଡ଼ିକ ସହମତ ହୋଇ ନ ଥିଲେ।

ଦେଶର ୭ ପ୍ରମୁଖ ଦଳର ବିଦ୍ରୋହ ଓ ଟୁର୍ନାମେଣ୍ଟ ବର୍ଜନ ମଧ୍ୟରେ ସୁପର କପ୍ ଫୁଟବଲର କ୍ୱାର୍ଟର ଫାଇନାଲ ଲାଇନ୍‌ଅପ୍ ହୋଇ ଯାଇଛି। କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ୮ ଦଳ ମଧ୍ୟରେ କେବଳ ଚେନ୍ନାଇ ସିଟିକୁ ବାଦ୍‌ଦେଲେ ଅନ୍ୟ ୭ ଦଳ ହେଲେ ଆଇଏସଏଲର। ତେଣୁ ପ୍ରତିଯୋଗିତାର ଅବଶିଷ୍ଟ ଭାଗ ମୁଖ୍ୟତଃ ଆଇଏସଏଲ ଦଳ ଗୁଡ଼ିକ ମଧ୍ୟରେ ହେବାକୁ ଯାଉଛି। କ୍ୱାର୍ଟର ଫାଇନାଲ କାର୍ଯ୍ୟସୂଚୀ ଅନୁସାରେ ଏପ୍ରିଲ ୪ରେ ବେଙ୍ଗାଲୁରୁ ଏଫସି ବନାମ ଚେନ୍ନାଇ ସିଟି, ଏପ୍ରିଲ ୫ରେ ଦିଲ୍ଲୀ ଡାଇନାମସ ବନାମ ଆଟଲେଟିକୋ ଡି କୋଲକାତା, ଏପ୍ରିଲ ୬ରେ ଗୋଆ ଏଫସି ବନାମ ଜାମସେଦପୁର ଏଫସି ଏବଂ ଏପ୍ରିଲ ୭ରେ ଚେନ୍ନାଇନ୍ ଏଫସି ବନାମ ନର୍ଥଇଷ୍ଟ ୟୁନାଇଟେଡ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ମନେ ରଖିବାକୁ ହେବ ଯେ, ଫୁଟବଲକୁ ଦେଶରେ ଲୋକପ୍ରିୟ କରିବା ପାଇଁ ଏ ପର୍ଯ୍ୟନ୍ତ ପର୍ଯ୍ୟାପ୍ତ ପନ୍ଥା ଗ୍ରହଣ କରାଯାଇ ନାହିଁ। ଏ ପରିସ୍ଥିତିରେ ଏଆଇଏଫଏଫର ମନୋବୃତ୍ତି ଏବଂ କ୍ଲବ ଗୁଡ଼ିକର ନିଷ୍ପତ୍ତି ମୋଟାମୋଟି ଫୁଟବଲକୁ କ୍ଷତିପହଞ୍ଚାଇଛିକହିଲେଅତ୍ୟୁକ୍ତିହେବନାହିଁ।

## କାର୍ଯ୍ୟାନୁଷ୍ଠାନ ସମ୍ଭାବନା

**ନୂଆଦିଲ୍ଲୀ, ୨।୪(ପି.ଟି.) :** ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟରୁ ଓହରିଯାଇଥିବା ଆଇ- ଲିଗ୍ କ୍ଲବଗୁଡିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ସମ୍ଭାବନା ସୃଷ୍ଟି ହୋଇଛି। ଆଇ- ଲିଗ୍‌ର ୭ଟି କ୍ଲବ ଯାଥା ମୋହନ ବାଗାନ, ଇଷ୍ଟ ବେଙ୍ଗଲ, ଚର୍ଚ୍ଚିଲ ବ୍ରଦର୍ସ, ଆଇଜଲ ଏଫ୍‌ସି, ମିନର୍ଭା ଏଫ୍‌ସି, ଗୋକୁଲମ ଏଫ୍‌ସି ଓ ନେରୋକା ଏଫ୍‌ସି ଏଥର ସୁପରକପ୍‌ରୁ ଓହରିଯାଇଛନ୍ତି। ଏହି କ୍ଲବ୍‌ଗୁଡିକ ବିପକ୍ଷରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏଆଇଏଫ୍‌ଏଫ୍‌ର ବିଶ୍ୱସ୍ତ ସୂତ୍ରରୁ ଜାଣିବାକୁ ମିଳିଛି। ଏହି କ୍ଲବଗୁଡିକ ଏବେ ବାସନ୍ଦ ହେବାର ସମ୍ଭାବନା ବଢିଯାଇଛି। କ୍ଲବଗୁଡିକ ଓହରିଯିବା ଫଳରେ ଏଆଇଏଫ୍‌ଏଫ୍ ଆର୍ଥିକ କ୍ଷତି ସହିଛି। ଦଳଗୁଡିକ ଏଆଇଏଫ୍‌ଏଫ୍ ବୈମାତୃକ ମନୋଭାବର ଶିକାର ହେବା ଅଭିଯୋଗରେ କ୍ଲବଗୁଡିକ ଟୁର୍ନାମେଣ୍ଟରୁ ଓହରିଯାଇଥିଲେ। ଆସନ୍ତା ୧୩ ତାରିଖରେ ଲିଗ୍‌ର ଶୃଙ୍ଖଳାଗତ କମିଟିର ବୈଠକ ବସିବ। ଟୁର୍ନାମେଣ୍ଟର ନିୟମ ଅନୁସାରେ ଫେଡେରେଶନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଆଶା କରାଯାଉଛି। ସୁପର କପ୍ ଯୋଗ୍ୟତା ପର୍ଯ୍ୟାୟ ଆରମ୍ଭର ୩ ଦିନ ପୂର୍ବରୁ କ୍ଲବଗୁଡିକ ଟୁର୍ନାମେଣ୍ଟରୁ ଓହରିଯାଇଥିଲେ। ସୁପର କପ୍ ନିୟମ ୧୦.୪ ଅନୁଚ୍ଛେଦ ଅନୁସାରେ ଏହି କ୍ଲବ୍‌ଗୁଡିକ ଉପରେ ବଡ଼ ଆକାରର ଜରିମାନା ଧାର୍ଯ୍ୟ କରାଯିବ ବୋଲି କୁହାଯାଇଛି। ନିୟମ ଅନୁସାରେ କ୍ଲବ୍‌ଗୁଡିକ ଏଆଇଏଫ୍‌ଏଫ୍‌କୁ ଏ ନେଇ କ୍ଷତିପୂରଣ ଦେବେ। ଏଥିସହିତ କ୍ଲବ୍‌ଗୁଡିକ ସୁପରକପ୍‌ର ପରବର୍ତ୍ତୀ ସଂସ୍କରଣରେ ଅଂଶଗ୍ରହଣ କରିବାକୁ ଅଯୋଗ୍ୟ ଘୋଷିତ ହେବେ। ପରିସ୍ଥିତିର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଏହି କ୍ଲବଗୁଡିକ ଉପରେ ବାସନ୍ଦ ଅବଧିକୁ ବୃଦ୍ଧି କରାଯିବା ନେଇ ଏଆଇଏଫ୍‌ଏଫ୍ କାର୍ଯ୍ୟକାରୀ କମିଟି ନିଷ୍ପତ୍ତି ନେଇପାରେ। ଘଟଣାର ଗୁରୁତ୍ୱ ଅନୁସାରେ ଏଆଇଏଫ୍‌ଏଫ୍ କାର୍ଯ୍ୟକାରୀ କମିଟି ଉପରେ ଅନ୍ତିମ ନିଷ୍ପତ୍ତି ନେବାକୁ ପ୍ରସ୍ତାବ ଦିଆଯାଇପାରେ।

ପୂର୍ବରୁ ଏଆଇଏଫ୍‌ଏଫ୍ ଅଧ୍ୟକ୍ଷ ପ୍ରଫୁଲ୍ଲ ପଟେଲଙ୍କ ସହ ବୈଠକରେ ବସିବାକୁ ଆଇ- ଲିଗ୍ କ୍ଲବ୍‌ଗୁଡିକ ଦାବି କରିଥିଲେ। ଗତମାସ ମଧ୍ୟ ଏହି ଦାବିକୁ ଗ୍ରହଣ କରାଯାଇଛି ବୋଲି ଫେଡେରେଶନ ସାଧାରଣ ସମ୍ପାଦକ କୁଶାଲ ଦାସ କ୍ଲବଗୁଡିକୁ ଜଣାଇଥିଲେ। ଏପ୍ରିଲ ୧୩ ଓ ୧୫ରେ ଏହି ବୈଠକ ହେବ ଓ ସମସ୍ୟା ସମ୍ପର୍କରେ ଆଲୋଚନା କରାଯିବ। ତେବେ ସୁପର କପ୍ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ଆଉଥରେ ଆୟୋଜନ ହେବ ନାହିଁ ବୋଲି ସେ ସ୍ପଷ୍ଟ କରିଥିଲେ। ପୁଣି ଥରେ ଏହି ମ୍ୟାଚ୍‌ଗୁଡିକ ଆୟୋଜନ କଲେ ଏହା ଟୁର୍ନାମେଣ୍ଟ ନିୟମର ଉଲ୍ଲଂଘନ କରିବ ଓ ଏହା ବାକି କ୍ଲବ୍‌ଗୁଡିକର ସ୍ୱାର୍ଥରେ କ୍ଷତି ପହଞ୍ଚାଇବ ବୋଲି ଦାସ କହିଥିଲେ।

"କିଙ୍ଗ୍ସ ଇଲେଭେନ ପଞ୍ଜାବ ବିପକ୍ଷ ମ୍ୟାଚରେ ଆମ ଦଳର ଆକସ୍ମିକ ବିପର୍ଯ୍ୟୟ ମୋତେ ନିର୍ବାକ୍ କରିଦେଇଥିଲା ।

–ଶ୍ରେୟାସ ଆୟାର, ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟକ



"ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ହ୍ୟାଟ୍ରିକ୍ କରିଥିବା ବିଷୟ ମ୍ୟାଚ୍ ପରେ ଜଣେ ଖେଳାଳିଙ୍କଠାରୁ ମୁଁ ଶୁଣିବାକୁ ପାଇଥିଲି ।

–ସାମ୍ କୁରାନ, କିଙ୍ଗ୍ସ ଇଲେଭେନ ଅଲରାଉଣ୍ଡର



**ଆଜିର ମ୍ୟାଚ**

ମୁମ୍ବାଇ ଇଣ୍ଡିଆନ୍ସ
ବନାମ
ଚେନ୍ନାଇ ସୁପର କିଙ୍ଗ୍ସ



ପ୍ରସାରଣ
ସ୍ଥାନ : ମୁମ୍ବାଇ
ସମୟ : ରାତି ୮ଟା
ଷ୍ଟାର ସ୍ପୋର୍ଟ୍ସ

# ବାଙ୍ଗାଲୋରର ଚତୁର୍ଥ ପରାଜୟ

**ଜୟପୁର, ୨।୪(ପି.ଟି.)**

ବିରାଟ କୋହଲିଙ୍କ ନେତୃତ୍ୱାଧୀନ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ କ୍ରମାଗତ ଚତୁର୍ଥ ପରାଜୟବରଣ କରିଛି। ମଙ୍ଗଳବାର ଅନୁଷ୍ଠିତ ଲିଗ୍‌ର ୧୪ତମ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ଗୋଟିଏ ବଲ୍ ବାକିଥାଇ ୭ ଉଇକେଟରେ ବାଙ୍ଗାଲୋରକୁ ହରାଇ ପ୍ରଥମ ବିଜୟ ହାସଲ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରି ବାଙ୍ଗାଲୋର ୪ ଉଇକେଟ ହରାଇ ୧୫୮ ରନ ସଂଗ୍ରହ କରିଥିଲା। ଜବାବରେ ରାଜସ୍ଥାନ ୧୯.୫ ଓଭରରେ ୩ ଉଇକେଟ ବିନିମୟରେ ୧୬୪ ରନ କରି ବିଜୟୀ ହୋଇଛି। ୪ ଓଭରର ବୋଲିଂ କରି ୧ ମେଡେନ ନେବା ସହ ୧୨ ରନ ବିନିମୟରେ ୩ ମୂଲ୍ୟବାନ୍ ଉଇକେଟ ଅକ୍ତିଆର କରିଥିବା ରାଜସ୍ଥାନ ଲେଗ୍ ସ୍ପିନର ଶ୍ରେୟାସ ଗୋପାଳ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

୧୫୯ ଟାର୍ଗେଟର ପିଛାକରି ବାଙ୍ଗାଲୋର ଭଲ ଆରମ୍ଭ କରିଥିଲା। ଅଧିନାୟକ ଅଜିଙ୍କ୍ୟ ରାହାନେ ୨୦ ବଲରୁ ୨୨ ରନ କରି ଯୁଜବେନ୍ଦ୍ର ଚହଲଙ୍କ ଦ୍ୱାରା ପ୍ରଥମେ ଏଲ୍‌ବିଡବ୍ଲ୍ୟୁ ହୋଇ ଆଉଟ ହୋଇଥିଲେ। ଅନ୍ୟତମ ଓପନର ଜୋସ୍ ବଟଲର ଚହଲଙ୍କ ବଲ୍‌ରେ ମାର୍କସ ଷ୍ଟୋଇନିସ୍‌ଙ୍କୁ କ୍ୟାଚ୍ ଦେଇ ଆଉଟ ହେବା ପୂର୍ବରୁ ୪୩ ବଲରୁ ୮ ଚୌକା ଓ ୧ ଛକା ସହ ୫୯ ରନ କରି ବିଜୟ ସହଜ କରିଥିଲେ। ଏହାପରେ ଷ୍ଟିଭେନ ସ୍ମିଥ୍ ଓ ରାହୁଲ ତ୍ରିପାଠୀ ତୃତୀୟ ଉଇକେଟ ଯୋଡିରେ ୩୭ ବଲରୁ ୫୦ ରନ ସଂଗ୍ରହ କରିଥିଲେ। ସ୍ମିଥ୍ ୩୮ ରନ (୩୧ ବଲ, ୨ ଚୌକା, ୧ ଛକା) ରନ କରି ମହମ୍ମଦ ସିରାଜଙ୍କ ବଲ୍‌ରେ ଉମେଶ ଯାଦବଙ୍କ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ତ୍ରିପାଠୀ ୨୩ଟି ବଲ ଖେଳି ୩ ଚୌକା ଓ ୧ ଛକା ସହ ୩୪ ରନ କରି ଅପରାଜିତ ରହିବା ସହ ଦଳକୁ ଜିତାଇଥିଲେ। ବୋଲିଂରେ ବାଙ୍ଗାଲୋର ତରଫରୁ ଚହଲ ୨ ଓ ସିରାଜ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ପୂର୍ବରୁ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ବାଙ୍ଗାଲୋର ଦେଖିଚାହିଁ ଆରମ୍ଭ କରିଥିଲା। ଓପ୍‌ନିଂ କରିବାକୁ ଆସିଥିବା ଅଧିନାୟକ ବିରାଟ କୋହଲି ୩ ଚୌକା ସହ ମାତ୍ର ୨୩ ରନ କରି ଯୁବ ଲେଗ୍ ସ୍ପିନର ଗୋପାଳଙ୍କ ବଲରେ କ୍ଲିନ୍ ବୋଲ୍ଡ ହୋଇଥିଲେ। କୋହଲିଙ୍କ ପରେ ଅଭିଜ୍ଞ ଏବି ଡିଭିଲର୍ସ ୯ଟି ବଲ୍ ଖେଳି ୨ ଚୌକା ସହ ୧୩ ଓ ଶିମରନ ହେଟମେୟର ୧ ରନ କରି ଗୋପାଳଙ୍କ ଦ୍ୱାରା ଆଉଟ ହୋଇଥିଲେ। ଗୋଟିଏ ପଟେ ଓପନର ପାର୍ଥିବ ପଟେଲ ଦୃଢ ବ୍ୟାଟିଂ କରି ୪୧ ବଲରୁ ୯ ଚୌକା ୧ ଛକା ସହ ୬୭ ରନ ସଂଗ୍ରହ କରି ଜୋଫ୍ରା ଆର୍ଚରଙ୍କ ବଲ୍‌ରେ ଅଜିଙ୍କ୍ୟ ରାହାନେଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଷ୍ଟୋଇନିସ ୩୧ ରନ (୨୮ ବଲ, ୨ ଚୌକା, ୧ ଛକା) ଓ ମୋଇନ ଅଲି ୧୮ ରନ (୯ ବଲ, ୨ ଚୌକା, ୧ ଛକା) କରି ଅପରାଜିତ ରହିଥିଲେ। ବୋଲିଂରେ ରାଜସ୍ଥାନ ତରଫରୁ ଗୋପାଳ ୩ ଓ ଆର୍ଚର ଗୋଟିଏ ଉଇକେଟ ନେଇଥିଲେ।



ମ୍ୟାନ୍ ଅଫ୍ ଦି ମ୍ୟାଚ୍
ଶ୍ରେୟାସ ଗୋପାଳ

**ସଂକ୍ଷିପ୍ତ ସ୍କୋର**

- ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୨୦ ଓଭରରେ ୧୫୮/୪, (ପାର୍ଥିବ-୬୭, ଷ୍ଟୋଇନିସ୍-୩୧*, କୋହଲି-୨୩, ମୋଇନ- ୧୮*, ଗୋପାଳ- ୩/୧୨, ଆର୍ଚର- ୧/୪୭)
- ରାଜସ୍ଥାନ ରୟାଲ୍ସ ୧୯.୫ ଓଭରରେ ୧୬୪/୩ (ବଟଲର-୫୯, ସ୍ମିଥ୍- ୩୮, ତ୍ରିପାଠୀ ୩୪*, ରାହାନେ- ୨୨, ଚହଲ- ୨/୧୭, ସିରାଜ- ୧/୨୫)

## ଆଇପିଏଲ୍: ନେତୃତ୍ୱରେ କୋହଲିଙ୍କ ଶତକ

**ନୂଆଦିଲ୍ଲୀ, ୨।୪ (ପି.ଟି.):** ଭାରତୀୟ ଅଧିନାୟକ ବିରାଟ କୋହଲି ତାଙ୍କ କ୍ୟାରିୟରରେ ଆଉ ଏକ ସଫଳତା ହାସଲ କରିଛନ୍ତି। ସେ ହାଇପ୍ରୋଫାଇଲ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ୧୦୦ଟି ମ୍ୟାଚ୍‌ରେ ନେତୃତ୍ୱ ନେଇଛନ୍ତି। ମଙ୍ଗଳବାର ଅନୁଷ୍ଠିତ ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଦଳର ନେତୃତ୍ୱ ନେଇ ଏହି ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି। ଏପର୍ଯ୍ୟନ୍ତ କୋହଲି ୧୬୭ଟି ମ୍ୟାଚ୍ ଖେଳିଛନ୍ତି। ସେ କେବଳ ବାଙ୍ଗାଲୋରର ନେତୃତ୍ୱ ନେଇ ଏହି ସଫଳତା ପାଇଛନ୍ତି। ୨୦୧୧ରେ ସେ ବାଙ୍ଗାଲୋରର ନେତୃତ୍ୱ ନେଇଥିଲେ। ୧୦୦ଟି ମ୍ୟାଚ୍‌ର ନେତୃତ୍ୱ ନେବାରେ କୋହଲି ତୃତୀୟ ଅଧିନାୟକ ସାବ୍ୟସ୍ତ ହୋଇଛନ୍ତି। ପୂର୍ବରୁ ମହେନ୍ଦ୍ର ସିଂ ଧୋନୀ ଓ ଗୌତମ ଗମ୍ଭୀର ଏହି ସଫଳତା ପାଇଥିଲେ। ଧୋନୀ ମୋଟ ଉପରେ ୧୬୨ଟି ମ୍ୟାଚ୍‌ର ନେତୃତ୍ୱ ନେଇଛନ୍ତି। ଚେନ୍ନାଇ ସୁପର କିଙ୍ଗ୍ସ ପାଇଁ ୧୪୮ ଓ ବାକି ମ୍ୟାଚ୍‌ଗୁଡ଼ିକ ରାଇଜିଂ ପୁଣେ ସୁପରଜ୍ୟାଣ୍ଟ୍ସ ପାଇଁ ସେ ଅଧିନାୟକତ୍ୱ କରିଥିଲେ। ସେହିପରି ଗମ୍ଭୀର ୧୨୯ଟି ଆଇପିଏଲ୍ ମ୍ୟାଚ୍‌ର ନେତୃତ୍ୱ ନେଇଛନ୍ତି। ସେ କୋଲକାତା ନାଇଟ ରାଇଡର୍ସ ପାଇଁ ୧୦୮ ଓ ଦିଲ୍ଲୀ ଡେୟାର ଡେଭିଲ୍ସ ପାଇଁ ୨୧ଟି ମ୍ୟାଚ୍‌ରେ ନେତୃତ୍ୱ ନେଇଥିଲେ।

## ପ୍ରଭାବୀ ପ୍ରଦର୍ଶନ ସତ୍ତ୍ୱେ ହାରିଲେ ସମୀର

**କୁଆଲାଲମ୍ପୁର, ୨।୪(ପି.ଟି.):** ଭାରତୀୟ ଶଟ୍‌ଲର ସମୀର ବର୍ମା ଏଠାରେ ଆରମ୍ଭ ହୋଇଥିବା ୭ ଲକ୍ଷ ୫୦ ହଜାର ଆମେରିକୀୟ ଡଲାର ପୁରସ୍କାର ରାଶିବିଶିଷ୍ଟ ମାଲେସିଆ ଓପନ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ପୁରୁଷ ସିଙ୍ଗଲ୍ସ ପ୍ରଥମ ରାଉଣ୍ଡ ମୁକାବିଲାରେ ସମୀର ବିଶ୍ୱର ୨ ନମ୍ବର ମାନ୍ୟତା ଖେଳାଳି ଚାଇନାର ସହି ୟୁକିଙ୍କ ବିପକ୍ଷରେ ଦମଦାର ପ୍ରଦର୍ଶନ କରିଥିଲେ ମଧ ଶେଷରେ ପରାଜୟବରଣ କରିଛନ୍ତି। ମଙ୍ଗଳବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ସମୀର ୨୦-୨୨, ୨୩-୨୧, ୧୨-୨୧ ଗେମ୍‌ରେ ହାରିଯାଇଛନ୍ତି। ଏହି ମ୍ୟାଚ୍ ଏକ ଘଣ୍ଟା ୫ ମିନିଟ୍ ଧରି ଖେଳାଯାଇଥିଲା। ତେବେ ମିକ୍ସଡ ଡବଲ୍ସରେ ପ୍ରଣବ ଜେରୀ ଚୋପ୍ରା ଓ ଏନ୍. ସିକ୍କି ରେଡ୍ଡୀ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ପ୍ରଣବ-ସିକ୍କି ଯୋଡ଼ି ୨୨-୨୦, ୨୪-୨୨ ଆୟର୍ଲାଣ୍ଡର ସାମ୍ ମାଗି ଓ ଚଲୋଏ ଯୋଡ଼ିଙ୍କୁ ପରାସ୍ତ କରିଛନ୍ତି।

## ଅନିଲ ଗୋଚ୍ଛିକାରଙ୍କୁ ହ୍ୟାଟ୍ରିକ ମିଷ୍ଟର ଇଣ୍ଡିଆ ଟାଇଟଲ

**ଭୁବନେଶ୍ୱର, ୨।୪ (ସ୍ପୋର୍ଟ୍ସ ବ୍ୟୁରୋ)**

ତାମିଲନାଡୁଠାରେ ସିନିୟର ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା (ମିଷ୍ଟର ଇଣ୍ଡିଆ)ର ଦ୍ୱାଦଶ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାର ଅନିଲ ଗୋଚ୍ଛିକାର ୭୦ କିଗ୍ରା ବର୍ଗରେ ସମସ୍ତ ପ୍ରତିଯୋଗୀଙ୍କୁ ପଛରେ ପକାଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏଥିସହ କ୍ରମାଗତ ୩ୟ ବର୍ଷ ପାଇଁ ଏହି ଟାଇଟଲ ହାସଲ କରି ସେ ହ୍ୟାଟ୍ରିକ ଅର୍ଜନ କରିଛନ୍ତି। ଗତ ୩ ବର୍ଷ ହେବ ଅନୀଲ ଏହି ସର୍ବଭାରତୀୟ ପ୍ରତିଯୋଗିତାରେ ବିଜୟଧାରା ଜାରି ରଖିବା ସହ ପ୍ରଥମ ଓଡ଼ିଆ ଭାବେ ଏକ ନୂତନ କିର୍ତ୍ତୀମାନ ସ୍ଥାପନ କରିବାରେ ସଫଳ ହୋଇଛନ୍ତି। ଏହି ସଫଳତା ପାଇଁ ଓଡ଼ିଶାର ବହୁ କ୍ରୀଡ଼ାପ୍ରେମୀ ଓ କ୍ରୀଡ଼ା ସଙ୍ଗଠନ ପକ୍ଷରୁ ଅନିଲଙ୍କ ନିକଟକୁ ଶୁଭେଚ୍ଛା ଓ ଅଭିନନ୍ଦନ ବାର୍ତ୍ତା ଆସିବାରେ ଲାଗିଛି। ଅନିଲଙ୍କ ଏହି ଲଗାତର ସଫଳତା ଓଡ଼ିଶାରେ ସୁନ୍ଦର ସ୍ୱାସ୍ଥ୍ୟକୁ ଆଗେଇ ନେବାରେ ସହାୟକ ହେବା ସହିତ ଯୁବ ପ୍ରତିଯୋଗୀଙ୍କ ମନରେ ଉତ୍ସାହ ଆଣିବା ଏବଂ ସେମାନଙ୍କୁ ଆଗକୁ ବଢ଼ିବାରେ ପ୍ରେରଣା ଯୋଗାଇବ ବୋଲି ଅନେକ ମତ ଦେଇଛନ୍ତି। ରାଜ୍ୟ ସୁନ୍ଦର ସ୍ୱାସ୍ଥ୍ୟ ସଂଘର ସଭାନେତ୍ରୀ ସୁମିତ୍ରା ତ୍ରିପାଠୀ, ସାଧାରଣ ସମ୍ପାଦକ ପ୍ରସନ୍ନ ମହାସୁଆର ଓ ଜାତୀୟ ବିଚାରକ ତରୁଣ କୁମାର ଚାଟାର୍ଜୀ ତାମିଲନାଡୁରେ ଅନୁଷ୍ଠିତ ହୋଇଥିବା ଏହି ପ୍ରତିଯୋଗିତାରେ ଉପସ୍ଥିତ ରହି ଓଡ଼ିଶାର ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଅନିଲଙ୍କ ଏହି ସଫଳତା ଲାଗି ଓଡ଼ିଶା ରାଜ୍ୟ ସୁନ୍ଦର ସ୍ୱାସ୍ଥ୍ୟ ସଂଘର ଏକ୍‌ଜିକ୍ୟୁଟିଭ ଉପସଭାପତି ବାବୁଲି ସ୍ୱାଇଁ, ନିର୍ଦ୍ଦେଶକ ଡାଃ ଭାରତୀକୃଷ୍ଣ ବ୍ରହ୍ମା, ଯୁଗ୍ମ ସମ୍ପାଦକ ପ୍ରଫୁଲ୍ଲ ଗୁରୁ, ସମସ୍ତ କର୍ମକର୍ତ୍ତାବୃନ୍ଦ ଖୁସି ଜାହିର କରିବା ସହ ପ୍ରଶଂସା କରିଛନ୍ତି।



## ୨୮ ବର୍ଷ ପରେ ବିଶ୍ୱକପ୍ ଜିତିଥିଲା ଭାରତ

**ନୂଆଦିଲ୍ଲୀ, ୨।୪:** ଆଜିକୁ ଆଠବର୍ଷ ତଳେ ଅର୍ଥାତ ୨ ଏପ୍ରିଲ ୨୦୧୧ରେ ଭାରତୀୟ କ୍ରିକେଟ ଦଳ ୨ୟଥର ପାଇଁ ଆଇସିସି ଦିନିକିଆ ବିଶ୍ୱକପ୍ ଟ୍ରଫି ଜିତିବାର ସୌଭାଗ୍ୟ ଲାଭ କରିଥିଲା। ମୁମ୍ବାଇର ୱାଙ୍ଖଡେ ଷ୍ଟାଡିୟମରେ ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ ଭାରତ ୬ ଉଇକେଟ୍‌ରେ କୁମାର ସଙ୍ଗାକାରାଙ୍କ ନେତୃତ୍ୱାଧୀନ ଶ୍ରୀଲଙ୍କାକୁ ପରାସ୍ତ କରି ୨୮ ବର୍ଷର ଲମ୍ବା ପ୍ରତୀକ୍ଷା ପରେ ଆଇସିସି ଦିନିକିଆ ବିଶ୍ୱକପ ହାସଲ କରିଥିଲା। ୧୯୮୩ରେ କପିଳ ଦେବଙ୍କ ନେତୃତ୍ୱରେ ଭାରତ ପ୍ରଥମଥର ପାଇଁ ବିଶ୍ୱକପ୍ ଚାମ୍ପିୟନ ହୋଇଥିଲା। ଏହି ମ୍ୟାଚ୍‌ରେ ଟସ୍ ଜିତି ବ୍ୟାଟିଂ କରିଥିବା ଶ୍ରୀଲଙ୍କା ମାହେଲା ଜୟବର୍ଦ୍ଧନେ (୧୦୩)ଙ୍କ ଅପରାଜିତ ଶତକ ବଳରେ ୬ ଉଇକେଟ୍ ହରାଇ ୨୭୪ ରନ କରିଥିଲା। ଭାରତ ପକ୍ଷରୁ ଜାହିର ଖାଁ ଓ ଯୁବରାଜ ସିଂ ୨ଟି ଲେଖାଏ ଉଇକେଟ୍ ନେଇଥିଲେ। ଜବାବରେ ଘରୋଇ ଭାରତ ଗୌତମ ଗମ୍ଭୀର (୯୭) ଓ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ ଦମ୍‌ଦାର ଅର୍ଦ୍ଧଶତକ ବଳରେ ୪୮.୨ ଓଭରରେ ୪ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା।

## ମୁମ୍ବାଇ-ଚେନ୍ନାଇ ମୁକାବିଲା ଆଜି

**ମୁମ୍ବାଇ, ୨।୪ (ପି.ଟି.)**

ସ୍ଥାନୀୟ ୱାଙ୍ଖଡେ ଷ୍ଟାଡିୟମରେ ବୁଧବାର ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱାଧୀନ ଚେନ୍ନାଇ ସୁପର କିଙ୍ଗ୍ସ ଓ ରୋହିତ ଶର୍ମାଙ୍କ ମୁମ୍ବାଇ ଇଣ୍ଡିଆନ୍ସ ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୫ ତମ ମ୍ୟାଚ୍‌ରେ ପରସ୍ପରକୁ ଭେଟିବେ। ଆଇପିଏଲ୍‌ର ଏହି ଦୁଇ ସଫଳ ଦଳ ଏବେ ଟାଇଟଲ ଦାବିଦାର ଭାବେ ଉଭା ହୋଇଛନ୍ତି। ଅବଶ୍ୟ ଚେନ୍ନାଇ ଦୁଇପାଦ ଆଗରେ ଥିବା ପରି ମନେ ହେଉଛି। ୩ଥର ଟାଇଟଲ ହାସଲ କରିଥିବା ଚେନ୍ନାଇ ଚଳିତ ସଂସ୍କରଣରେ କ୍ରମାଗତ ୩ଟି ମ୍ୟାଚ୍‌ରେ ବିଜୟୀ ହାସଲ କରିଛି। ହ୍ୟାଟ୍ରିକ ବିଜୟ ସହ ଚେନ୍ନାଇ ୬ ପଏଣ୍ଟ ହାସଲ କରି ତାଲିକାର ଶୀର୍ଷରେ ରହିଛି। ଅନ୍ୟପଟେ ମୁମ୍ବାଇ ୩ଟି ମ୍ୟାଚ ଖେଳି ଗୋଟିଏ ବିଜୟ ଓ ଦୁଇଟି ପରାଜୟ ସହ ୨ ପଏଣ୍ଟ ପାଇ ତାଲିକାର ଷଷ୍ଠ ସ୍ଥାନରେ ରହିଛି। ମୁହାଁମୁହିଁ ମୁକାବିଲା ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ମୁମ୍ବାଇ ଆଗରେ ରହିବ। ଗତ ୫ଟି ମୁକାବିଲାରେ ମୁମ୍ବାଇ ୪ତର ବିଜୟୀ ହୋଇଛି। ମୋଟ ଉପରେ ଦେଖିବାକୁ ଗଲେ ମୁମ୍ବାଇ ୧୪ଥର ବିଜୟୀ ହୋଇଥିବା ବେଳେ ଚେନ୍ନାଇ ୧୨ଥର ବାଜି ମାରିଛି। ତେବେ ଧୋନୀ ଏବେ ସୁପର ଫର୍ମରେ ରହିଛନ୍ତି। ଗତ ମ୍ୟାଚ୍‌ରେ ସେ ୪୬ ବଲରୁ ଦ୍ରୁତ ୭୫ ରନ କରି ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚ୍‌ରେ ଚେନ୍ନାଇ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ରାଜସ୍ଥାନ ବିପକ୍ଷରେ ଚେନ୍ନାଇର ଶତପ୍ରତିଶତ ରେକର୍ଡ ବଜାୟ ରହିଛି।

ବ୍ୟାଟିଂ ଓ ସ୍ପିନ୍ ବୋଲିଂ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଚେନ୍ନାଇ ଅପେକ୍ଷାକୃତ ଅଧିକ ଦୃଢ଼ ମନେ ହେଉଛି। ଚେନ୍ନାଇ ସ୍ପିନ୍ ବିଭାଗରେ ବିବିଧତା ରହିଛି। ତେବେ ମୁମ୍ବାଇର ଦ୍ରୁତ ବୋଲିଂ ବିଭାଗ ଅଧିକ ଶକ୍ତିଶାଳୀ ମନେ ହେଉଛି। ରୋହିତ ଶର୍ମା ଓ ଦକ୍ଷିଣ ଆଫ୍ରିକୀୟ ଓପନର କ୍ୱିଣ୍ଟନ ଡି କକ୍‌ଙ୍କ ଉପରେ ମୁମ୍ବାଇ ଅତ୍ୟଧିକ ନିର୍ଭରଶୀଳ ହୋଇପଡୁଛି। ଘରୋଇ ପରିବେଶରୁ ଫାଇଦା ଉଠାଇ ମୁମ୍ବାଇ ଉନ୍ନତ ଖେଳ ପ୍ରଦର୍ଶନ ଲକ୍ଷ୍ୟରେ ରହିଛି। ଲାସିଥ୍ ମାଲିଙ୍ଗାଙ୍କ ସ୍ଥାନରେ ମୁମ୍ବାଇ ଅଲ ରାଉଣ୍ଡର ବେନ୍ କଟିଂ କିମ୍ବା ୱେଷ୍ଟଇଣ୍ଡିଜ ଦ୍ରୁତ ବୋଲର ଅଲଜାରି ଜୋସେଫ୍‌ଙ୍କୁ ଖେଳାଇବ। ସ୍ପିନ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ମୁମ୍ବାଇ ପଛରେ ରହିବ। କାରଣ ଚେନ୍ନାଇ ଦଳରେ ଅଭିଜ୍ଞ ହରଭଜନ ସିଂ, ଦକ୍ଷିଣ ଆଫ୍ରିକାର ଇମ୍ରାନ ତାହିର ଓ ରବୀନ୍ଦ୍ର ଜାଡେଜାଙ୍କ ଭଳି ତାରକା ସ୍ପିନର ରହିଛନ୍ତି। ପାୱାର ପ୍ଲେର ଏମାନଙ୍କ ଭୂମିକା ଯଥେଷ୍ଟ ଗୁରୁତ୍ୱ ରହିଛି।



ରୋହିତ ଶର୍ମା ଓ ମହେନ୍ଦ୍ର ସିଂ ଧୋନୀ।

## କ୍ରିକେଟ ୱାର୍ଲ୍ଡ କପ୍ ଲଞ୍ଚ୍ ପାର୍ଟି

**ଲଣ୍ଡନ, ୨।୪ (ଏଏଫ୍‌ପି):** ଆଇସିସି କ୍ରିକେଟ ବିଶ୍ୱକପ୍‌ର ଲଞ୍ଚ୍ ପାର୍ଟି ସେଣ୍ଟ୍ରାଲ ଲଣ୍ଡନର ଟ୍ରାଫାଲଗାରସ୍ଥିତ 'ଦି ମଲ୍' ଠାରେ ହେବ, ଯାହାର ପୃଷ୍ଠଭୂମିରେ ବକିଂହାମ୍ ପ୍ୟାଲେସ ରହିଛି। ଏଥିଲାଗି ୪,୦୦୦ ଟିକେଟ ବ୍ୟବସ୍ଥା ରହିଛି। ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟୁର୍ନାମେଣ୍ଟର ଓପନିଂ ମ୍ୟାଚ ଅବସରରେ ଏହି ପାର୍ଟି ଅନୁଷ୍ଠିତ ହେବ। ଏଥିରେ ସଙ୍ଗୀତ ଓ ନୃତ୍ୟ କାର୍ଯ୍ୟକ୍ରମ ରହିବ। କେତେଜଣ ନାମୀ ଖେଳାଳି ଏଥିରେ ଉପସ୍ଥିତ ରହିବେ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ। ଓପନିଂ ପାର୍ଟି ଟୁର୍ନାମେଣ୍ଟର ବିଶେଷତ୍ୱ ବୃଦ୍ଧି କରିବ ଏବଂ ଖେଳପ୍ରେମୀଙ୍କୁ ରୋମାଞ୍ଚିତ କରିବ। ଯେଉଁମାନେ ଏହି ପାର୍ଟିରେ ଭାଗ ନେବେ ସେମାନେ ନିଜକୁ ଭାଗ୍ୟବାନ୍ ମନେକରିବେ ବୋଲି ପୂର୍ବତନ ଦକ୍ଷିଣ ଆଫ୍ରିକୀୟ ବୋଲର ତଥା ବିଶ୍ୱକପ୍ ପରିଚାଳନା ନିର୍ଦ୍ଦେଶକ ଷ୍ଟିଭ୍ ଏଲୱର୍ଦ୍ଦି କହିଛନ୍ତି। ଆଇସିସି ବିଶ୍ୱକପ୍ ମେ ୩୦ରୁ ଜୁଲାଇ ୧୪ପର୍ଯ୍ୟନ୍ତ ହେବ। ଲଞ୍ଚ୍ ପାର୍ଟିରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା କ୍ରୀଡ଼ାପ୍ରେମୀମାନେ ଗୁରୁବାରଠାରୁ ଟିକେଟ ସଂଗ୍ରହ କରିପାରିବେ ବୋଲି ସେ ସୂଚନା ଦେଇଛନ୍ତି।

ICC CRICKET WORLD CUP
ENGLAND & WALES
2019

## ଜର୍ମାନ ଷ୍ଟାର୍ ଓଜିଲଙ୍କୁ ଭେଟିଲେ ଶାହରୁଖ





ମେସଟ୍ ଓଜିଲ ଓ ତାଙ୍କ ବାନ୍ଧବୀଙ୍କ ସହ ଶାହରୁଖ୍ ଖାନ୍।

**ମୁମ୍ବାଇ, ୨।୪**

ସାଧାରଣତଃ ଜଣେ କ୍ରୀଡ଼ାପ୍ରେମୀ ଭାବେ ପରିଚିତ ବଲିଉଡ୍‌ର ବାଦ୍‌ଶାହା ଶାହରୁଖ ଖାଁ ଜର୍ମାନ ତଥା ଆର୍ସେନାଲର ଷ୍ଟାର୍ ଫୁଟ୍‌ବଲ ଖେଳାଳି ମେସଟ୍ ଓଜିଲଙ୍କୁ ଭେଟିଛନ୍ତି। ଲଣ୍ଡନର ଏମିରେଟ୍ସ ଷ୍ଟାଡିୟମରେ ଆର୍ସେନାଲ ଓ ନ୍ୟୁକାଷ୍ଟେଲ ମଧ୍ୟରେ ଅନୁଷ୍ଠିତ ପ୍ରିମିୟର ଲିଗ୍ ପ୍ରତିଯୋଗିତାର ରବିବାର ଏକ ମ୍ୟାଚ୍ ଅବସରରେ ଉଭୟ ଶାହରୁଖ ଓ ଓଜିଲ ପରସ୍ପରକୁ ଭେଟିଥିଲେ। ଶାହରୁଖଙ୍କ ଜଣେ ବଡ଼ ପ୍ରଶଂସକ ହୋଇଥିବାରୁ ଓଜିଲ ଏହି ମ୍ୟାଚ୍ ଦେଖିବାକୁ ତାଙ୍କୁ ସ୍ୱତନ୍ତ୍ର ଭାବେ ନିମନ୍ତ୍ରଣ କରିଥିଲେ। ବର୍ତ୍ତମାନ ଆଇପିଏଲ୍‌ର ଦ୍ୱାଦଶ ସଂସ୍କରଣରେ ନିଜ ଦଳ କୋଲକାତା ନାଇଟ୍ ରାଇଡର୍ସକୁ ସର୍ପୋଟ୍ କରିବାରେ ବ୍ୟସ୍ତ ରହୁଥିଲେ ମଧ ଓଜିଲଙ୍କ ନିମନ୍ତ୍ରଣକୁ ଅଣଦେଖା ନ କରି ଶାହରୁଖ ମ୍ୟାଚ୍ ଦେଖିବାକୁ ଲଣ୍ଡନ ଯାଇଥିଲେ। ସେଠାରେ ମ୍ୟାଚ୍ ଦେଖିବା ଲାଗି ଶାହରୁଖଙ୍କ ପାଇଁ ଓଜିଲ ହସ୍ପିଟାଲିଟି ବକ୍ସରେ ସ୍ୱତନ୍ତ୍ର ବ୍ୟବସ୍ଥା କରିଥିଲେ। ଏହି ଅବସରରେ ଓଜିଲଙ୍କ ସହ ତାଙ୍କ ବାନ୍ଧବୀ ତଥା ସ୍ୱିଡେନ ଅଭିନେତ୍ରୀ ଏମିନେ ଗୁଲ୍‌ସେ ମଧ ଉପସ୍ଥିତ ଥିଲେ। ଶାହରୁଖ ଏହାର ଏକ ଫଟୋ ନିଜ ଟୁଇଟର୍ ଆକାଉଣ୍ଟରେ ପୋଷ୍ଟ କରି ଓଜିଲଙ୍କୁ ଧନ୍ୟବାଦ୍ ଦେଇଛନ୍ତି। ଏହି ମ୍ୟାଚ୍‌ରେ ନ୍ୟୁକାଷ୍ଟେଲକୁ ୨–୦ ଗୋଲରେ ଆର୍ସେନାଲ ପରାସ୍ତ କରି ପଏଣ୍ଟ ତାଲିକାର ୩ୟ ସ୍ଥାନକୁ ଲମ୍ଫ ପ୍ରଦାନ କରିଥିଲା। ଏଠାରେ ଉଲ୍ଲେଖଯୋଗ୍ୟ, ଫୁଟ୍‌ବଲ ପ୍ରତି ଭଲପାଇବାରେ ଶାହରୁଖଙ୍କ ଏହା ପ୍ରଥମ ଘଟଣା ନୁହେଁ। ଏଥିପୂର୍ବରୁ ସେ ୨୦୧୮ ଫିଫା ବିଶ୍ୱକପ୍‌ରେ ମଧ ସେ ଷ୍ଟାଡିୟମରେ ଉପସ୍ଥିତ ରହି ମ୍ୟାଚ୍ ଉପଭୋଗ କରିଥିଲେ।

## ଭେନ୍ୟୁ, କାର୍ଯ୍ୟସୂଚୀ ଅପରିବର୍ତ୍ତିତ

**ନୂଆଦିଲ୍ଲୀ, ୨।୪ (ପି.ଟି.)**

ପୂର୍ବନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆସନ୍ତା ଜୁନ ମାସରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ହକି ସିରିଜ ଫାଇନାଲ୍ସ ଆୟୋଜନ ହେବ। ଆସନ୍ତାବର୍ଷ ଆୟୋଜନ ହେବାକୁ ଥିବା ଅଲିମ୍ପିକ୍ସ ଯୋଗ୍ୟତା ହାସଲ ପାଇଁ ବାକିଥିବା ଏହି ଏକମାତ୍ର ଟୁର୍ନାମେଣ୍ଟର କାର୍ଯ୍ୟସୂଚୀରେ ପରିବର୍ତ୍ତନ ହେବନାହିଁ। ଆନ୍ତର୍ଜାତିକ ଅଲିମ୍ପିକ୍ କମିଟି (ଆଇଓସି) ପୂର୍ବରୁ ଭାରତରେ କୌଣସି ଆନ୍ତର୍ଜାତିକ ଇଭେଣ୍ଟ ଆୟୋଜନ ହେବାକୁ ବାସନ୍ଦ କରିଥିଲା। ତେବେ ଏହା ସତ୍ତ୍ୱେ ଏହି ହାଇପ୍ରୋଫାଇଲ ଟୁର୍ନାମେଣ୍ଟ ଭାରତରେ ଆୟୋଜନ ହେବା ସ୍ପଷ୍ଟ ହୋଇଛି। ଫଳରେ ଭାରତ ପାଇଁ ଏହି ଖବର ଆସ୍ୱସ୍ତି ଆଣିଦେଇଛି।

ଗତ ଫେବୃୟାରୀରେ ହୋଇଥିବା ପୁଲୱାମା ଆତଙ୍କବାଦୀ ଆକ୍ରମଣ ପରେ ଭାରତ ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଥିବା ଶୁଟିଂ ବିଶ୍ୱକପ୍‌ରେ ଅଂଶଗ୍ରହଣ କରିବାକୁ ଥିବା ପାକିସ୍ତାନର ୩ଜଣ ଶୁଟରଙ୍କୁ ଭିଜା ଦେଇ ନ ଥିଲା। ଏଥିରେ କ୍ଷୁବ୍ଧ ହୋଇ ଆଇଓସି ଆନ୍ତର୍ଜାତିକ ଫେଡେରେଶନଗୁଡିକୁ ଭାରତକୁ କୌଣସ ବିଶ୍ୱସ୍ତରୀୟ ଇଭେଣ୍ଟ ଆୟୋଜନ ଅଧିକାର ପ୍ରଦାନ କରିବାକୁ ମନା କରିଦେଇଥିଲା। ତେବେ ଏହା ସତ୍ତ୍ୱେ ପୂର୍ବ ନିର୍ଦ୍ଧାରିତ ହକି ସିରିଜ ଫାଇନାଲ୍ସ ଆସନ୍ତା ଜୁନ ୬ରୁ ୧୬ ତାରିଖ ମଧ୍ୟରେ ଆୟୋଜନ ହେବ ବୋଲି ଭାରତୀୟ ଅଲିମ୍ପିକ୍ ଆସୋସିଏଶନ (ଆଇଓଏ)ର ଜଣେ ଅଧିକାରୀ କହିଛନ୍ତି। ଆଇଓସି ସହିତ ଆଇଓଏ ଏ ସଂକ୍ରାନ୍ତରେ ଏକ ବୁଝାମଣାରେ ଉପନୀତ ହୋଇଛି। ତେଣୁ ଏହି ଟୁର୍ନାମେଣ୍ଟ ଠିକ୍ ସମୟରେ ଆୟୋଜନ ହେବ ବୋଲି ସେ କହିଛନ୍ତି। ଭାରତ ହକିପ୍ରୋ ଲିଗ୍‌ରୁ ପୂର୍ବରୁ ଓହରିଯାଇଛି।

ତେଣୁ ୨୦୨୦ ଅଲିମ୍ପିକ୍ସ ପାଇଁ ଯୋଗ୍ୟାତ ହାସଲ କରିବାକୁ ହେଲେ ଭାରତକୁ ହକିସିରିଜ ଫାଇନାଲ ଖେଳିବାକୁ ହେବ। ବିଶ୍ୱରେ ୩ଟି ହକି ସିରିଜ ଫାଇନାଲ୍ସ ଖେଳାଯିବ ଓ ପ୍ରତ୍ୟେକ ଟୁର୍ନାମେଣ୍ଟରେ ୮ଟି ଲେଖାଏ ଦଳ ଅଂଶଗ୍ରହଣ କରିବେ। ଏହି ୩ଟି ଟୁର୍ନାମେଣ୍ଟ ଶ୍ରେଷ୍ଠ ଦୁଇଟି ଲେଖାଏ ଦଳ ଆସନ୍ତା ଅକ୍ଟୋବର ଓ ନଭେମ୍ବରରେ ଆୟୋଜନ ହେବାକୁ ଥିବା ଅଲିମ୍ପିକ କ୍ୱାଲିଫିକେଶ ଇଭେଣ୍ଟରେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ହାସଲ କରିବେ। ଆନ୍ତର୍ଜାତିକ ହକି ଫେଡେରେଶନ (ଏଫ୍‌ଆଇଏଚ୍) ଅଧ୍ୟକ୍ଷ ନରିନ୍ଦର ବାତ୍ରା ମଧ ଆଇଓଏର ମୁଖ୍ୟ ରହିଛନ୍ତି।

ଦେଶରେ ଏବେ ନିର୍ବାଚନକୁ ନେଇ ଉତ୍ସାହ ଉଦ୍ଦୀପନା ରହିଥିବାର ଏ ସଂକ୍ରାନ୍ତରେ ଆମେ ସରକାରଙ୍କ ସହ କିଛି ଆଲୋଚନା କରିନାହୁଁ। ନିର୍ବାଚନ ପରେ ସରକାରଙ୍କୁ ଏ ନେଇ ଆମେ ଅବଗତ କରାଇବୁ ଓ ଆଲୋଚନା କରିବୁ ବୋଲି ଆଇଓଏର ଅଧିକାରୀ ଜଣକ କହିଛନ୍ତି।

ଉଲ୍ଲେଖଥାଉ କି, ଆଇଓସିର ବାସନ୍ଦ ପରେ ଭାରତରେ ଜୁଲାଇରେ ଆୟୋଜନ ହେବାକୁ ଥିବା ଏସିଆନ ଜୁନିୟର ରେସଲିଂ ଚାମ୍ପିୟନଶିପ୍‌କୁ ସ୍ଥାନାନ୍ତର ହୋଇଥିଲା। ୟୁନାଇଟେଡ ୱାର୍ଲ୍ଡ ରେସଲିଂ ଭାରତ ବାହାରକୁ ଏହି ଇଭେଣ୍ଟ ଆୟୋଜନ କରିବାକୁ ନିଷ୍ପତ୍ତି ନେଇଥିଲା।

**ହକି ସିରିଜ ଫାଇନାଲ୍ସ**

# ସଂକ୍ଷେପରେ

## ଜମି ଦୁର୍ନୀତି ମାମଲା
## ବିଏମ୍‌ସି ପୂର୍ବତନ ମେୟର ଶିବଶଙ୍କରଙ୍କ ଜାମିନ ଖାରଜ

**କଟକ ଅଫିସ, ୨।୪:** ବ୍ରହ୍ମପୁର ମହାନଗର ନିଗମର ପୂର୍ବତନ ମେୟର ତଥା ବ୍ରହ୍ମପୁର ଆସନରୁ ସ୍ୱାଧୀନ ଭାବେ ନିର୍ବାଚନ ଲଢୁଥିବା ଶିବଶଙ୍କର ଦାସଙ୍କ ଜାମିନ ଆବେଦନକୁ ହାଇକୋର୍ଟ ମଙ୍ଗଳବାର ଖାରଜ କରିଦେଇଛନ୍ତି। ଫଳରେ ଜେଲ୍ ଭିତରେ ରହି ଶିବଶଙ୍କର ନିର୍ବାଚନ ଲଢ଼ିବେ। ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକଙ୍କ ଜମିକୁ ଜାଲିଆତି କରି ହଡ଼ପ କରିବା ଅଭିଯୋଗରେ ଶିବଶଙ୍କରଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ମାମଲାକୁ ଆଧାର କରି ପୋଲିସ ତାଙ୍କୁ ଗିରଫ କରିଥିଲା। ବିଭିନ୍ନ ପର୍ଯ୍ୟାୟରେ ତାଙ୍କ ନାମରେ ୫୩ଟି ଫୌଜଦାରି ମାମଲା ରୁଜୁ ହୋଇଥିଲା। ଆଉ ମାତ୍ର ୩ଟି ମାମଲାରେ ସେ ଜାମିନ ପାଇବାକୁ ବାକି ଥିବାବେଳେ ସେଥିରୁ ମଙ୍ଗଳବାର ଗୋଟିଏ ମାମଲାର ଜାମିନ ଆବେଦନକୁ ହାଇକୋର୍ଟ ଖାରଜ କରିଛନ୍ତି। ସୂଚନାଥାଉକି, ଶିବଶଙ୍କର ୨୦୦୮ ମସିହାରେ ନବଗଠିତ ବ୍ରହ୍ମପୁର ମହାନଗର ନିଗମର ପ୍ରଥମ ମେୟର ଭାବେ ନିର୍ବାଚିତ ହୋଇଥିଲେ।

## ୧୦୫ଗ୍ରାମ ବ୍ରାଉନସୁଗାର ଜବତ, ୨ ଗିରଫ



**ନିମାପଡ଼ା,୨।୪(ଡି.ଏନ୍.ଏ.):** କଟକ କେନ୍ଦ୍ରାଞ୍ଚଳ ଅବକାରୀ ବିଭାଗ ଗୋଇନ୍ଦା ସଂସ୍ଥା ମଙ୍ଗଳବାର କାକଟପୁର ବ୍ଲକ ଛକ ଅଞ୍ଚଳରେ ଚଢ଼ାଉ କରି ୨ଜଣ ବ୍ରାଉନସୁଗାର ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ କାକଟପୁର ଥାନା ଅଧୀନ ନୀଳକଣ୍ଠପୁର ଗ୍ରାମର ଗୌରାଙ୍ଗ ସାହୁ ଓ ଗୋପ ଥାନା ଅଧୀନ ସୋରଡ଼ା ଗ୍ରାମର ଅମିୟ ରଞ୍ଜନ ସ୍ୱାଇଁ। ଏମାନଙ୍କ ନିକଟରୁ ୧୦୫ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୧୧ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି। ଏନେଇ କଟକ କେନ୍ଦ୍ରାଞ୍ଚଳ ଅବକାରୀ ବିଭାଗ ଏକ ମାମଲା (ନଂ.୧/୧୯)ରୁଜୁ କରି ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ଚୋରା ମଦ ବିକ୍ରି ଅଭିଯୋଗରେ କଟକ କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କାକଟପୁର ଥାନା ଅନ୍ତର୍ଗତ ଉଦୟପୁର ଗ୍ରାମର ପ୍ରଦୀପ ପରିଡା। ଏହା ସହ ତାଙ୍କ ନିକଟରୁ ୩୨ବୋତଲ ଚୋରା ବିଦେଶୀ ମଦ ଜବତ ହୋଇଛି। ଏନେଇ କଟକ କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗ ପକ୍ଷରୁ ଏକ ମାମଲା(ନଂ.୨/୧୯)ରୁଜୁ ହୋଇଛି। ଅବକାରୀ ଡେପୁଟି କମିଶନର ରାମଚନ୍ଦ୍ର ପାଲଟାଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଗୋଇନ୍ଦା ବିଭାଗ ଇନ୍‌ସପେକ୍ଟର ଜଗଦୀଶ ଚନ୍ଦ୍ର ସାମଲ, ଗାଲୁରାମ ସୋରେନ, ଏସ୍‌ଆଇ ଧନଞ୍ଜନ ପାତ୍ର, ଏଏସ୍‌ଆଇ ଦୁର୍ଗାଚରଣ ବାରିକ, ଦେବେନ୍ଦ୍ର ପ୍ରହରାଜଙ୍କ ସମେତ ୧୫ଜଣିଆ ଟିମ ଏହି ଚଢ଼ାଉରେ ସାମିଲ ହୋଇଥିଲେ।

# ର୍‍ୟାଗିଂକୁ ନେଇ ରେଭେନ୍‌ଶାରେ ବିବାଦ ତେଜିଲା

- ଘଟଣାକୁ ଚାପି ଦେବାକୁ ଉଦ୍ୟମ ହେଉଥିବା ଅଭିଯୋଗ
- ବୋର୍ଡ ବୈଠକ ବସିଥିବାବେଳେ ଘେରିଲେ ଛାତ୍ରୀ
- ହାଜର ହେବାକୁ ର୍‍ୟାଗିଂ କରିଥିବା ଛାତ୍ରୀଙ୍କୁ ନୋଟିସ

**କଟକ ଅଫିସ, ୨।୪**



ଛାତ୍ରୀଛାତ୍ରମାନେ ବିଶ୍ୱବିଦ୍ୟାଳୟ କୁଳସଚିବଙ୍କୁ ଘେରାଉ କରି ଅଭିଯୋଗ କରୁଛନ୍ତି।

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କାଠଯୋଡ଼ି ହଷ୍ଟେଲରେ ଛାତ୍ରୀଙ୍କୁ ର୍‍ୟାଗିଂ ହୋଇଥିବା ନେଇ ୟୁନିଭର୍ସିଟି ଗ୍ରାଣ୍ଟ କମିଶନ (ୟୁଜିସି)ଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ନେଇ ଏବେ ବିବାଦ ଉଗ୍ରରୂପ ନେବାରେ ଲାଗିଛି। ଘଟଣାକୁ ଭିନ୍ନ ମୋଡ଼ ଦିଆଯାଉଥିବାରୁ ଏହାକୁ ନେଇ ବିବାଦ ଉଠିଛି। ର୍‍ୟାଗିଂ କରିଥିବା ଛାତ୍ରୀ କୁଳପତିଙ୍କ ସମ୍ପର୍କୀୟ ହୋଇଥିବାରୁ ଆପୋସ ବୁଝାମଣା ଦ୍ୱାରା ଘଟଣାକୁ ଚାପି ଦେବା ପାଇଁ ଚେଷ୍ଟା ଚାଲିଥିବା ଛାତ୍ରୀମାନେ ଅଭିଯୋଗ କରିଛନ୍ତି। ମଙ୍ଗଳବାର ଅପରାହ୍ନରେ କୁଳସଚିବଙ୍କ କାର୍ଯ୍ୟାଳୟରେ ବୋର୍ଡ ବୈଠକ ବସିଥିଲାବେଳେ ଛାତ୍ରୀମାନେ ପହଞ୍ଚି ଘେରାଉ କରିଥିଲେ। ଏହି ସମୟରେ ବୈଠକରେ କେତେକ ନିଷ୍ପତ୍ତି ନିଆଯାଇଥିଲା। ର୍‍ୟାଗିଂ କରିଥିବା ଛାତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯିବ। ଏପ୍ରିଲ ୪ ତାରିଖ ସୁଦ୍ଧା ସେ ଏହାର ଉତ୍ତର ରଖିବେ। ଏହା ଘୋଷଣା ହେବା ପରେ ଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଆହୁରି ତେଜିଥିଲା। ର୍‍ୟାଗିଂ କରି ସୁଦ୍ଧା କେବଳ କାରଣ ଦର୍ଶାଅ ନୋଟିସ କାହିଁକି ଜାରି କରାଯାଉଛି ବୋଲି ଛାତ୍ରୀମାନେ ପ୍ରଶ୍ନ କରିଥିଲେ। ବିଶ୍ୱବିଦ୍ୟାଳୟର ବରିଷ୍ଠ ଅଧିକାରୀଙ୍କ ମିଳିତ ଚକ୍ରାନ୍ତ ବୋଲି ଅଭିଯୋଗ ଆଣି ଏହାର ତୀବ୍ର ପ୍ରତିବାଦ କରିଥିଲେ। ପରେ କୁଳସଚିବଙ୍କ ପ୍ରକୋଷ୍ଠକୁ ପ୍ରବେଶ କରିବା ସହ ନ୍ୟାୟ ନ ମିଳିଲେ ଧାରଣାରେ ବସିବାକୁ ଛାତ୍ରୀମାନେ ଚେତାବନୀ ଦେଇଥିଲେ। ସେମାନଙ୍କ ଦାବି ଅନୁସାରେ ର୍‍ୟାଗିଂ କରିଥିବା ଛାତ୍ରୀଙ୍କ ଅଭିଭାବକଙ୍କୁ କୁଳସଚିବ ଫୋନ କରିବା ସହ ବୁଧବାର ଦିନ ୧୨ଟା ସୁଦ୍ଧା ବିଶ୍ୱବିଦ୍ୟାଳୟରେ ପହଞ୍ଚିବାକୁ କହିଥିଲେ। ବୁଧବାର ର୍‍ୟାଗିଂ କରିଥିବା ଛାତ୍ରୀ ଜଣକ ହାଜର ହେବା ପରେ ଏହି ବିବାଦ ଭିନ୍ନମୋଡ଼ ନେବ ବୋଲି ଆଶା କରାଯାଉଛି।

ସୂଚନା ଥାଉକି, ଗତ ଶନିବାର ସନ୍ଧ୍ୟାରେ କାଠଯୋଡ଼ି ହଷ୍ଟେଲରେ ରହୁଥିବା ବାଣିଜ୍ୟ ବିଭାଗର ଜଣେ ଏମ୍‌ଫିଲ ଛାତ୍ରୀ ଜୁନିୟରମାନଙ୍କୁ ଗାଳି କରୁଥିଲେ। ଉଦ୍ଭିଦ ବିଜ୍ଞାନର ସ୍ନାତକ ତୃତୀୟ ବର୍ଷର ଛାତ୍ରୀ ଏହାର ପ୍ରତିବାଦ କରିବାକୁ ଯାଇ ର୍‍ୟାଗିଂର ଶିକାର ହୋଇଥିଲେ। ର୍‍ୟାଗିଂ କରିଥିବା ଛାତ୍ରୀ ଜଣକ ତାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ ବୋଲି ଅଭିଯୋଗ କରିଥିଲେ।

### ହଷ୍ଟେଲରେ ନାହାନ୍ତି ର୍‍ୟାଗିଂ କରିଥିବା ଛାତ୍ରୀ

ଘଟଣା ପଦାକୁ ଆସିବା ପରେ ର୍‍ୟାଗିଂ କରିଥିବା ଛାତ୍ରୀଜଣକ ହଷ୍ଟେଲ ଛାଡ଼ି ଦେଇଛନ୍ତି। ମଙ୍ଗଳବାର ବୈଠକରେ ତାଙ୍କ ସମ୍ପର୍କରେ ପଚରାଯିବା ବେଳେ ସେ ହଷ୍ଟେଲରେ ନ ଥିବା ଜଣାପଡ଼ିଥିଲା। ହଷ୍ଟେଲ ଛାଡ଼ିବା ପୂର୍ବରୁ ସେ କୌଣସି ସୂଚନା ଦେଇ ନ ଥିଲେ ବୋଲି ମୁଖ୍ୟ ୱାର୍ଡେନ ଡ. ସ୍ମୃତିପ୍ରଭା ଦାସ କହିଥିଲେ।

### ସାକ୍ଷୀକୁ ନେଇ ଯୁକ୍ତିତର୍କ

ର୍‍ୟାଗିଂ କରାଯାଉଥିବାବେଳେ ଯେଉଁ ଅନ୍ତେବାସୀମାନେ ଏହା ଦେଖିଛନ୍ତି ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରିବା ପାଇଁ ଛାତ୍ରୀମାନେ ଦାବି କରିଥିଲେ। ଏହାକୁ ନେଇ ବିଶ୍ୱବିଦ୍ୟାଳୟର କେତେଜଣ ବରିଷ୍ଠ ଅଧିକାରୀ ଓ ପ୍ରତିବାଦ କରିଥିବା ଛାତ୍ରୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଶେଷରେ ସାକ୍ଷୀମାନଙ୍କୁ ଡାକି ପଚରାଉଚରା କରାଯାଇଥିଲା।

### ଆତ୍ମହତ୍ୟା ଧମକ ଦେଲେ ର୍‍ୟାଗିଂର ଶିକାର ଛାତ୍ରୀ

ର୍‍ୟାଗିଂର ଶିକାର ଛାତ୍ରୀ ଜଣକ ଏବେ ମାନସିକ ଚାପରେ ରହୁଥିବାବେଳେ ନ୍ୟାୟ ନ ମିଳିଲେ ଆତ୍ମହତ୍ୟା କରିବେ ବୋଲି କୁଳସଚିବଙ୍କୁ କାନ୍ଦିକାନ୍ଦି କହିଛନ୍ତି। ଦୁଇଦିନ ହେବ ଖାଇବା ପିଇବା ଠିକ୍‌ରେ କରିପାରୁନି। ପାଠପଢ଼ାରେ ବିଭ୍ରାଟ ହେଉଥିବାବେଳେ ଶୋଇବା ଅସହଜ ହୋଇ ପଡ଼ିଲାଣି। ଅନ୍ୟପକ୍ଷରେ ଅଭିଯୋଗକୁ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି ବୋଲି ସେ କହିଥିଲେ।

# ବ୍ୟବସାୟୀଙ୍କୁ ପଞ୍ଜାବରୁ ଉଦ୍ଧାର କଲା କ୍ରାଇମବ୍ରାଞ୍ଚ

- ନିଜ ଇଚ୍ଛାରେ ଘରୁ ଯାଇଥିଲେ ବିଶାଲ
- ନିଖୋଜ ଖବରରୁ ଫାଇଦା ଉଠାଇବାକୁ ଚେଷ୍ଟା କରିଥିଲେ ଦୁର୍ବୃତ୍ତ
- ପରିବାର ଲୋକଙ୍କୁ ଫୋନ୍ କରି ଟଙ୍କା ଦାବି କରିଥିଲେ

**କଟକ ଅଫିସ୍, ୨।୪**

ମର୍କତନଗର ଥାନା ଅନ୍ତର୍ଗତ ସିଡିଏ ଅଞ୍ଚଳରୁ ମାର୍ଚ୍ଚ ୩ରୁ ନିଖୋଜ ବ୍ୟବସାୟୀ ବିଶାଲ କୁମାର ସୁନ୍ଦରକାଙ୍କୁ ମଙ୍ଗଳବାର ଉଦ୍ଧାର କରିଛି କ୍ରାଇମବ୍ରାଞ୍ଚ। କ୍ରାଇମବ୍ରାଞ୍ଚର ଏକ ସ୍ୱତନ୍ତ୍ର ଟିମ ତାଙ୍କୁ ପଞ୍ଜାବର ଅମୃତସର ଅଞ୍ଚଳରୁ ଉଦ୍ଧାର କରି ପରିବାର ଲୋକଙ୍କ ଜିମା ଦେଇଛି। ତେବେ ବିଶାଲଙ୍କୁ କେହି ଅପହରଣ କିମ୍ବା ଜୋର ଜବରଦସ୍ତି ନେଇ ନ ଥିଲେ। ସେ ନିଜ ଇଚ୍ଛାରେ ଘରୁ ଯାଇଥିଲେ ବୋଲି କ୍ରାଇମବ୍ରାଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି।

ବିଶାଲ ନିଖୋଜ ହେବା ପରେ ତାଙ୍କ ବଡ଼ଭାଇ ସନ୍ତୋଷ ସୁନ୍ଦରକା ଏନେଇ ମର୍କତନଗର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୭/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସେ ନିଖୋଜ ହେବାଠାରୁ ତାଙ୍କର ମୋବାଇଲ୍ ଫୋନ୍ ବନ୍ଦ ରହିଥିବାବେଳେ ୨ଦିନ ପରେ କାର୍ ପୁରୀରୁ ମିଳିଥିଲା। ଏହାର ଦିନକ ପରେ ଏକ ଅଜଣା ନମ୍ବରରୁ ବିଶାଲଙ୍କ ପରିବାର ଲୋକଙ୍କୁ କେହି ବ୍ୟକ୍ତି ଫୋନ୍ କରିଥିଲେ। ସେ ବିଶାଲଙ୍କୁ ଅପହରଣ କରିଥିବା କହିବା ସହ ତାଙ୍କୁ ମୁକୁଳାଇବା ପାଇଁ ଲକ୍ଷାଧିକ ଟଙ୍କା ମାଗିଥିଲେ। ପରେ ମାମଲାର ଗୁରୁତ୍ୱ ଦୃଷ୍ଟିରୁ କ୍ରାଇମବ୍ରାଞ୍ଚ ଏହାର ତଦନ୍ତ ଭାର ଗ୍ରହଣ କରିଥିଲା। ବିଶାଲ ପଞ୍ଜାବ ଅମୃତସରରେ ଥିବା ଜଣାପଡ଼ିବା ପରେ ଇନ୍ସପେକ୍ଟର ଅକ୍ଷୟ ନାୟକଙ୍କ ନେତୃତ୍ୱରେ ୩ ଜଣିଆ ଟିମ୍ ପଞ୍ଜାବ ଯାଇ ତାଙ୍କୁ ଉଦ୍ଧାର କରିଥିଲେ। ପଚରାଉରା ପରେ ବିଶାଲ ଘରେ ନ ଜଣାଇ ନିଜେ ଘରୁ ଯାଇଥିବା କହିଥିଲେ। ତେବେ ବିଶାଲ ନିଖୋଜ ହେବାର ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଏହାର ଫାଇଦା ଉଠାଇବାକୁ ଚେଷ୍ଟା କରିଥିଲେ କେତେଜଣ ଦୁର୍ବୃତ୍ତ। ସେମାନେ ବିଶାଲଙ୍କ ଘରକୁ ଫୋନ କରି ଟଙ୍କା ମାଗିଥିବା ପୋଲିସ ଅନୁମାନ କରୁଥିବାବେଳେ ଏ ଦିଗରେ ଅଧିକ ତଦନ୍ତ ଜାରି ରହିଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି।






## ଗ୍ରାମ୍ୟ ଜଙ୍ଗଲ ଜଗୁଆଳିଙ୍କୁ ଆକ୍ରମଣ
# ଏସିଡ୍‌ମାଡ଼, କ୍ୟାମ୍ପ ପୋଡ଼ି: ଜଣେ ମୃତ

**ବ୍ରହ୍ମଗିରି, ୨।୪(ଡି.ଏନ୍.ଏ.)**

ଏକ ଗ୍ରାମ୍ୟ ଜଙ୍ଗଲ ବିବାଦକୁ ନେଇ ସୋମବାର ରାତିରେ ଜଙ୍ଗଲ ଜଗୁଆଳିଙ୍କୁ ମରଣାନ୍ତକ ଆକ୍ରମଣ କରାଯିବା ସହ ଜଗୁଆଳିଙ୍କ କ୍ୟାମ୍ପ ପୋଡ଼ିଦିଆଯାଇ ଏସିଡ୍ ମାଡ କରାଯାଇଛି। ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଜଣେ ଗୁରୁତର ଆହତ ହୋଇଥିବାବେଳେ ଅନ୍ୟ ୩ ଜଣ ଆହତ ହୋଇଛନ୍ତି। ମୃତକ ଜଣଙ୍କ ହେଲେ ସାହାଜାନପୁର ଗ୍ରାମର ଦୋଳଗୋବିନ୍ଦ ମହାନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ବ୍ରହ୍ମଗିରି ଥାନା ଅନ୍ତର୍ଗତ ସାହାଜାନପୁର ଗ୍ରାମ୍ୟ ଜଙ୍ଗଲକୁ ନେଇ ସାହାଜାନପୁର ଓ ଚାପମାଣିକ ଗ୍ରାମ ମଧ୍ୟରେ ଦୀର୍ଘ ଦିନରୁ ବିବାଦ ଲାଗିରହିଥିଲା। ଏହି ଗ୍ରାମ୍ୟ ଜଙ୍ଗଲକୁ ସୁରକ୍ଷା ଦେବା ପାଇଁ ସାହାଜାନପୁର ଗ୍ରାମବାସୀ ପାଳି କରି ଜଙ୍ଗଲକୁ ଜଗା ରଖା କରୁଥିଲେ। ସୋମବାର ଉକ୍ତ ଜଙ୍ଗଲକୁ ସାହାଜାନପୁରର କେତେଜଣ ଲୋକ ଜଗିଥିଲେ। ହଠାତ୍ ସେମାନଙ୍କୁ କେତେଜଣ ଆକ୍ରମଣ କରିବା ସହ ସେମାନେ କରିଥିବା କ୍ୟାମ୍ପରେ ନିଆଁ ଲଗାଇଦେଇଥିଲେ। ଫଳରେ କ୍ୟାମ୍ପରେ ଥିବା ଲୋକମାନେ ଜୀବନ ବିକଳରେ ବାହାରକୁ ବାହାରିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ସେମାନଙ୍କୁ ଏସିଡ୍ ମାଡ କରାଯିବା ସହ ବିଭିନ୍ନ ମାରଣାସ୍ତ୍ରରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏହି ଆକ୍ରମଣରେ ବାବୁଲା ହରିଚନ୍ଦନ ଗୁରୁତର ହୋଇଥିବା ବେଳେ ରାଜେନ୍ଦ୍ର ପ୍ରଧାନ, ରଜନୀକାନ୍ତ ମହାନ୍ତି, ହରମୋହନ ଶ୍ରୀଚନ୍ଦନ ଆହତ ହୋଇଛନ୍ତି। ଆହତମାନେ ପୁରୀ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ସମୟରେ ଗୁରୁତରମାନେ ଭୁବନେଶ୍ୱରରେ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଏ ନେଇ ସାହାଜାନପୁର ଗ୍ରାମ ତରଫରୁ ଉମାକାନ୍ତ ମହାନ୍ତି ବ୍ରହ୍ମଗିରି ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବ୍ରହ୍ମଗିରି ଥାନାରେ ଏକ ମାମଲା ରୁଜୁ ହୋଇଥିବା ଜଣାପଡିଛି।



ଜଳିଯାଇଥିବା ଜଗୁଆଳିଙ୍କ କ୍ୟାମ୍ପ।

## ଚିକିତ୍ସାଧୀନ ନାବାଳକଙ୍କୁ ଡାକ୍ତରଙ୍କ ମାଡ଼ ଘଟଣା
# ତଦନ୍ତ ନିର୍ଦ୍ଦେଶ ଦେଲା ସିଡବ୍ଲ୍ୟୁସି

**ପୁରୀ ଅଫିସ,୨।୪**

ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଜଣେ ନାବାଳକଙ୍କୁ ଡାକ୍ତରଙ୍କ ମାଡ ଘଟଣା ନେଇ ଜିଲା ଶିଶୁ କଲ୍ୟାଣ କମିଟି (ସିଡବ୍ଲ୍ୟୁସି) ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଗଣମାଧ୍ୟମରେ ପ୍ରକାଶିତ ଖବର ଏବଂ ପୁରୀ ସଚେତନ ନାଗରିକ ମଞ୍ଚ ସଭାପତି ତଥା ଆଇନଜୀବୀ ପ୍ରସନ୍ନ କୁମାର ଦାଶଙ୍କ ଅଭିଯୋଗକୁ ଭିତ୍ତି କରି ସିଡବ୍ଲ୍ୟୁସି ଏହି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛି। ଦୁଇ ସପ୍ତାହ ମଧ୍ୟରେ ତଦନ୍ତ ରିପୋର୍ଟ ଦାଖଲ ଲାଗି ସିଡିଏମଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଆହତ ନାବାଳକଙ୍କ ଚିକିତ୍ସା ଓ ସୁରକ୍ଷା ନେଇ ସପ୍ତାହକ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ କୁହାଯାଇଛି। ଶିଶୁ ଅଧିକାର ଆଇନ ଅନୁଯାୟୀ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କୁମ୍ଭାରପଡା ଥାନାକୁ ନିର୍ଦ୍ଦେଶ ଦେଇଛି ସିଡବ୍ଲ୍ୟୁସି।

ସୂଚନଯୋଗ୍ୟ, ଟାଉନ ଥାନା ଅଧୀନ ମିଶ୍ରସାହିର ଅର୍ଜୁନ ମାନସିଂଙ୍କ ପୁଅ ଜୟରାମ(୮) ପରିସ୍ରା ଜନିତ ସମସ୍ୟା କାରଣରୁ ଚିକିତ୍ସା ଲାଗି ଗତ ୩୦ତାରିଖରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ। ତେବେ ଚିକିତ୍ସା ସମୟରେ ଡାକ୍ତର ପି.କେ. ଜେନା କୌଣସି କାରଣରୁ ଉତ୍‌କ୍ଷିପ୍ତ ହୋଇ ଜୟରାମଙ୍କୁ ମାଡ ମାରିଥିବା ଅଭିଯୋଗ ହୋଇଥିଲା। ଏ ନେଇ ଜୟରାମଙ୍କ ପରିବାର ପକ୍ଷରୁ ସିଡିଏମ୍‌ଓ ଏବଂ କୁମ୍ଭାରପଡା ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ପରେ ଆଇନଜୀବୀ ପ୍ରସନ୍ନ କୁମାର ଦାଶ ଏହି ଘଟଣାରେ ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ଦ୍ୱାରସ୍ଥ ହୋଇଥିଲେ।






# ରାଜଧାନୀ ଏକ୍ସପ୍ରେସ୍‌ରୁ ଅଲଗା ହୋଇଗଲା ବଗି

- କାଠଯୋଡ଼ି ବ୍ରିଜ ଉପରେ ଘଣ୍ଟାଏ ଅଟକିଲା
- ତ୍ରୁଟି ଥିବା ଦୁଇ ବଗିକୁ ମରାମତି ପାଇଁ ପଠାଗଲା
- ୪୮ ଘଣ୍ଟା ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ

**କଟକ ଅଫିସ, ୨।୪**



ଭୁବନେଶ୍ୱର-ନୂଆଦିଲ୍ଲୀ ରାଜଧାନୀ ଏକ୍ସପ୍ରେସ ମଙ୍ଗଳବାର ସକାଳେ କଟକ କାଠଯୋଡ଼ି ବ୍ରିଜ ଉପରେ ଯାଉଥିବାବେଳେ ଏହାର କିଛି ବଗି ଅଲଗା ହୋଇଯାଇଥିଲା। ଇଞ୍ଜିନ ସହ ୩ଟି ବଗି ଅନ୍ୟ ବଗିଗୁଡ଼ିକୁ ଛାଡ଼ି କିଛି ବାଟ ଚାଲିଯାଇଥିଲା। ଚାଳକ ଜାଣିବା ପରେ ବ୍ରେକ୍ ଲଗାଇ ଟ୍ରେନ୍‌କୁ ଅଟକାଇଥିଲେ। ଏଥିଯୋଗୁ ଟ୍ରେନ୍‌ଟି ପାଖାପାଖି ଘଣ୍ଟାଏ ଧରି ଅଟକି ରହିଥିଲା। ମରାମତି ପରେ ଟ୍ରେନଟି ପୁଣି ଗନ୍ତବ୍ୟ ପଥରେ ଯାତ୍ରାରମ୍ଭ କରିଥିଲା। ତେବେ ଦୁର୍ଘଟଣାକୁ ନେଇ ଯାତ୍ରୀମାନେ କିଛି ସମୟ ପାଇଁ ଭୟ ଓ ଆତଙ୍କିତ ହୋଇପଡିଥିଲେ ମଧ୍ୟ ସମସ୍ତେ ସୁରକ୍ଷିତ ଥିବା ଜଣାପଡିଛି।

ରାଜଧାନୀ ଏକ୍ସପ୍ରେସ ଭୁବନେଶ୍ୱରରୁ ନୂଆଦିଲ୍ଲୀ ଅଭିମୁଖେ ଯାଉଥିଲା। ସକାଳ ୯ଟା ୫୦ରେ କାଠଯୋଡି ବ୍ରିଜ୍ ଅତିକ୍ରମ କରୁଥିବାବେଳେ ଟ୍ରେନ୍‌ର ବି-୩ ବଗିଟି ବି-୪ରୁ ଅଲଗା ହୋଇଯାଇଥିଲା। ଇଞ୍ଜିନ ସହ ବି-୩, ବି-୨, ବି-୧ ବଗି ରହିଥିଲା। ବି-୪ରୁ ବି-୧୧, ପାଣ୍ଟ୍ରି କାର, ଏ-୧, ଏ-୨, ଏଚ୍-୧ ଏବଂ ଫାଷ୍ଟ ଏସି ବଗି ବ୍ରିଜ ଉପରେ ରେଳଧାରଣାରେ ରହିଯାଇଥିଲା। ଖବରପାଇ ବିଭାଗୀୟ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଘଟଣାର ଅନୁଧାନ କରିବା ସହ ସ୍ଥିତି ସମୀକ୍ଷା କରିଥିଲେ। ପରେ ମରାମତି କାର୍ଯ୍ୟ ଆରମ୍ଭ ହୋଇଥିଲା। ସୁରକ୍ଷା ଦୃଷ୍ଟିରୁ ବି-୩ ଏବଂ ବି-୪ ବଗିକୁ ମରାମତି ଲାଗି ଭୁବନେଶ୍ୱର ପଠାଇ ଦିଆଯାଇଥିଲା। ଟ୍ରେନ୍ ସହ ଅନ୍ୟ ଦୁଇ ନୂଆ ବଗି ସଂଯୋଗ କରାଯାଇ ସେଥିରେ ୬୦ଜଣ ଯାତ୍ରୀଙ୍କୁ ଯାତ୍ରା କରିବାର ବ୍ୟବସ୍ଥା ହୋଇଥିଲା ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଏହି ଘଟଣା ତଦନ୍ତ କରି ୪୮ ଘଣ୍ଟା ମଧ୍ୟରେ ରିପୋର୍ଟ ଦେବାକୁ ଖୋର୍ଦ୍ଧାରୋଡ୍ ରେଳ ଡିଭିଜନର ଡିଭିଜନାଲ ମ୍ୟାନେଜର ବ୍ରିଜମୋହନ ଅଗ୍ରୱାଲ ନିର୍ଦ୍ଦେଶ ଦେଇଛନ୍ତି।



1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖ, କିନ୍ତୁ ନିଜ ଉଦ୍ୟମରେ ଟିକିଏ ହେଲେ ଅବହେଳା କର ନାହିଁ।
-ବ୍ୟାସକବି ଫକୀର ମୋହନ ସେନାପତି



## ସଂକ୍ଷେପରେ

### କୁଆପଥର ମାଡ଼ରେ ବୃଦ୍ଧାଙ୍କ ମୃତ୍ୟୁ ଅଭିଯୋଗ

**ନିଶ୍ଚିନ୍ତକୋଇଲି,୨।୪(ସ୍ୱ.ପ୍ର./ଡି.ଏନ.ଏ.):** କୁଆପଥର ମାଡ଼ରେ ମଙ୍ଗଳବାର ସନ୍ଧ୍ୟାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ନିଶ୍ଚିନ୍ତକୋଇଲି ବ୍ଲକ କଳମଶ୍ରୀ ପଞ୍ଚାୟତ ଅଧୀନ ଲେଙ୍ଗୁରା ଭଗବାନପୁର ଗ୍ରାମର ହୃଦାନନ୍ଦ ମହାରଣାଙ୍କ ସ୍ତ୍ରୀ ସୁରିଆ ଦେଇ(୭୨)। ସେ ତାଙ୍କ ଗ୍ରାମ ନିକଟ ଅନ୍ତେଶ୍ୱର ମନ୍ଦିରକୁ ଯାଇଥିବାବେଳେ ସେଠାରେ କୁଆପଥର ସହ ବର୍ଷା ହୋଇଥିଲା। ଏଥିରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜିଖୋଜି ମନ୍ଦିରଠାରେ ପହଞ୍ଚିଥିଲେ। ଏହି ସମୟରେ ମନ୍ଦିର ନିକଟ ଏକ ବିଲରେ ସୁରିଆ ମରି ପଡ଼ିଥିବା ଦେଖିଥିଲେ। କାଳବୈଶାଖୀ ଓ କୁଆପଥର ମାଡ଼ ଖାଇ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।

### ସମପଡ଼ାରେ କାଉ ମଡ଼କ

**ତିଗିରିଆ,୨।୪(ଡି.ଏନ.ଏ.):** ତିଗିରିଆ ବ୍ଲକ ସମପଡ଼ା ପଞ୍ଚାୟତ ଅଞ୍ଚଳରେ କିଛିଦିନ ହେଲା କାଉ ମଡ଼କ ଦେଖିବାକୁ ମିଳିଛି। ପଞ୍ଚାୟତ ଅନ୍ତର୍ଗତ ସମପଡ଼ା, ବାହାରବିଲ୍ଲା, ଗୁଡ଼ିଆସାହି, ରାଉତସାହି, ଗ୍ରାମ ବିଦ୍ୟାଳୟ ପରିସର ଆଦି ସ୍ଥାନରେ ବହୁ ସଂଖ୍ୟାରେ କାଉ ମରି ପଡ଼ିଥିବା ସ୍ଥାନୀୟ ଜନସାଧାରଣ କହିଛନ୍ତି। କାଉ ଗୁଡ଼ିକ ଉପରେ ଉଡୁଥିବା ଅବସ୍ଥାରେ ହଠାତ୍ ତଳକୁ ଖସିପଡ଼ି ଛଟପଟ ହୋଇ ପ୍ରାଣ ହରାଉଥିବା ଲୋକେ କହିଛନ୍ତି। ଏଭଳି ଅସ୍ୱାଭାବିକ କାଉ ମୃତ୍ୟୁକୁ ନେଇ ସାଧାରଣରେ ନାନା ଆଶଙ୍କା ପ୍ରକାଶ ପାଇଥିବାବେଳେ ସ୍ଥାନୀୟ ଜନପ୍ରତିନିଧି ଏହି ମୃତ୍ୟୁର କାରଣ ଓ ଏହାର ପ୍ରତିକାର ଦିଗରେ ପଦକ୍ଷେପ ନେବାକୁ ତିଗିରିଆ ପ୍ରାଣୀଧନ ନିରୀକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଅନ୍ୟପକ୍ଷରେ ପ୍ରବଳ ଖରା ଯୋଗୁ କେତକ କାଉ ମରିଥାନ୍ତି ବୋଲି ତିଗିରିଆ ପ୍ରାଣୀଧନ ଚିକିତ୍ସାଧିକାରୀ ଡା. ଧର୍ମାନନ୍ଦ ମହାନ୍ତି ପ୍ରକାଶ କରିବା ସହ ସମପଡ଼ା ଅଞ୍ଚଳରେ କାଉ ମରୁଥିବା ନେଇ ଖବର ପହଞ୍ଚିଛି। ବୁଧବାର ସ୍ଥଳ ବିଶେଷରେ ଏହାର ଅନୁଧ୍ୟାନ କରାଯିବ ବୋଲି କହିଥିଲେ।

### ବିଜେଡିର ମିଶ୍ରଣ ପର୍ବ

**ତିଗିରିଆ,୨।୪(ଡି.ଏନ.ଏ.):** ତିଗିରିଆ ବ୍ଲକ ବିନ୍ଧାଣିମା ପଞ୍ଚାୟତର ବାଇପାସ ଛକଠାରେ ସୋମବାର ପଞ୍ଚାୟତ ବିଜେଡି ପକ୍ଷରୁ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ପଞ୍ଚାୟତ ବିଜେଡି ସଭାପତି ମାୟାଧର ରାଉତ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ଆଠଗଡ଼ ନିର୍ବାଚନମଣ୍ଡଳୀ ବିଜେଡି ବିଧାୟକ ପ୍ରାର୍ଥୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ପୁରୁଣା ତିଗିରିଆ ପଞ୍ଚାୟତ ଓ ବିନ୍ଧାଣିମା ପଞ୍ଚାୟତର ୩୦ରୁ ଊର୍ଦ୍ଧ୍ୱ ଯୁବକ ଦଳରେ ସାମିଲ ହୋଇଥିବାରୁ ସେମାନଙ୍କୁ ସ୍ୱାଗତ କରିଥିଲେ। ବିନ୍ଧାଣିମାର ଇନ୍ଦ୍ରମଣୀ ସେଠୀ ଓ ପୁରୁଣାତିଗିରିଆର ଲକ୍ଷ୍ମୀଧର ସ୍ୱାଇଁଙ୍କ ନେତୃତ୍ୱରେ ଯୁବକମାନେ ସାମିଲ ହୋଇଥିଲେ। ଜିଲାପରିଷଦ ସଭ୍ୟା ବିଜୟଲକ୍ଷ୍ମୀ ଖଟୁଆ, ତିଗିରିଆ ବ୍ଲକ ଯୁବ ବିଜେଡି ସଭାପତି ମହେନ୍ଦ୍ର କୁଣ୍ଡୁ, ଗିରିଶ ଜେନା ଓ ବିନ୍ଧାଣିମା ସରପଞ୍ଚ ଅଜିତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### ବିକେ ବିଦ୍ୟାପୀଠରେ ପ୍ରବେଶ ଉତ୍ସବ

**ବାଙ୍କୀ,୨।୪(ସ୍ୱ.ପ୍ର.):** ବାଙ୍କୀ ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠରେ ମଙ୍ଗଳବାର ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାପୀଠର ସମସ୍ତ ଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଏକ ଶୋଭାଯାତ୍ରାରେ ବାଙ୍କୀ-କଟକ ମୁଖ୍ୟ ରାସ୍ତା ବେଦପୁର ଗ୍ରାମ ପରିକ୍ରମା କରି 'ଗାଁ, ନଗର, ସହର ଜିଲା- ସ୍କୁଲ ଯିବେ ଏବେ ପ୍ରତ୍ୟକ ପିଲା' ସ୍ଲୋଗାନ ଦେଇ ଜନସଚେତନତା ସୃଷ୍ଟି କରିଥିଲେ। ପରେ ବିଦ୍ୟାପୀଠରେ ଏକ ସଭା ଆୟୋଜନ କରାଯାଇଥିଲା। ଏଥିରେ ବିଦ୍ୟାଳୟ ପରିଚାଳନା ମଣ୍ଡଳୀର ସମସ୍ତ ସଭ୍ୟାସଭ୍ୟ, ନୂତନ ଛାତ୍ରଙ୍କ ଅଭିଭାବକ, ନାମ ଲୋଖାଇବାକୁ ଆସିଥିବା ଛାତ୍ର, ବିଦ୍ୟାପୀଠ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ନୂତନ ବିଦ୍ୟାର୍ଥୀଙ୍କୁ ପୁଷ୍ପ, ଚନ୍ଦନ ସହ ମିଷ୍ଟାନ ପ୍ରଦାନ କରାଯାଇଥିଲା। ବିଦ୍ୟାପୀଠ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, ପଣ୍ଡିତ ନଗେନ୍ଦ୍ର ମହାପାତ୍ର, ଜ୍ୟୋର୍ତିମୟୀ ରାଉତ, ଇଂ. ଶୁଭଲକ୍ଷ୍ମୀ, ମୀନୁଶ୍ରୀ ମଲିକ, ପରିଚାଳନା ମଣ୍ଡଳି ସଭାପତି ଲକ୍ଷ୍ମୀପ୍ରିୟା ବେହେରା, ଶ୍ରୀନିବାସ ସ୍ୱାଇଁ ଓ ରଞ୍ଜୁଲତା ବେହେରା ପ୍ରମୁଖ ପିଲାଙ୍କୁ ନିୟମିତ ବିଦ୍ୟାଳୟକୁ ଆସିବା ସହିତ ମନଦେଇ ପାଠ ପଢି ଭଲମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଶିକ୍ଷକ ପୁନମ କୁମାରୀ ଗୁପ୍ତା, ଜ୍ୟୋର୍ତିର୍ମୟୀ ପଣ୍ଡା, ଅନୁପମା ସାହୁ, ଚିତ୍ରରେଖା ମିଶ୍ର, ମଞ୍ଜୁଲତା ସୁବୁଦ୍ଧି, ନିବେଦିତା ଜେନା, ବୀଣାପାଣି ଦାସ ପ୍ରମୁଖ ଯୋଗଦେଇ ଜନସାଧାରଣଙ୍କୁ ସଚେତନ କରାଇଥିଲେ।

■ ବିପଦକୁ ଆମନ୍ତ୍ରଣ କରୁଛି ମୁକୁଳା ଡ୍ରେନ୍

# ନିର୍ମାଣର ୫ ବର୍ଷ ପରେ ପଡୁନି ସ୍ଲାବ୍

**ତିଗିରିଆ,୨।୪(ଡି.ଏନ.ଏ.)**

ତିଗିରିଆ ବ୍ଲକ ଅନ୍ତର୍ଗତ ହସ୍ତତନ୍ତ ଗ୍ରାମ ତଥା ବ୍ୟବସାୟୀ କେନ୍ଦ୍ର ନୂଆପାଟଣା ସଂଲଗ୍ନ ରାଜ୍ୟ ରାଜପଥ ନଂ-୬୫ର ଉତ୍ତର ପାର୍ଶ୍ୱରେ ୯୦ ଲକ୍ଷ ଟଙ୍କା ବ୍ୟୟରେ ୨୦୧୪ରେ ଡ୍ରେନ୍ ନିର୍ମାଣ କରାଯାଇଥିଲା। ହେଲେ ଆଜି ପର୍ଯ୍ୟନ୍ତ ସେହି ଡ୍ରେନ୍ ଉପରେ ସ୍ଲାବ ପଡ଼ି ପାରିଲାନି। ଫଳରେ ଏହି ମୁକୁଳା ଡ୍ରେନ୍ ଏବେ ବିପଦକୁ ଆମନ୍ତ୍ରଣ କରୁଛି। ଏପରି କି ଡ୍ରେନ୍‌ଟି ଅଳିଆ ଆବର୍ଜନାରେ ପୋତି ହୋଇ ରହିଛି। ଏହି ଡ୍ରେନ୍ ନିର୍ମାଣବେଳେ ସ୍ଲାବ ପଡ଼ିବା କଥା। କିନ୍ତୁ ତାହା ପକାଯାଇ ନ ଥିବାରୁ ନୂଆପାଟଣା ଓ ଜେମାଦେଇପୁର ଗ୍ରାମର ୪ଟି ବଜାରରେ ଥିବା ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକ ସେମାନଙ୍କ ବର୍ଜ୍ୟବସ୍ତୁ ଡ୍ରେନ୍‌ରେ ପକାଉଛନ୍ତି। ଏଥିଯୋଗୁ ଡ୍ରେନ୍ ପୋତି ହେବା ସହିତ ଆବର୍ଜନାରେ ଭର୍ତ୍ତି ହୋଇଛି।

ଅନ୍ୟପକ୍ଷରେ ରାଜ୍ୟ ରାଜପଥ ନଂ-୬୫ର ଖୁଣ୍ଟୁଣୀଠାରୁ ନରସିଂହପୁର ପର୍ଯ୍ୟନ୍ତ ପ୍ରସସ୍ତୀକରଣ କାର୍ଯ୍ୟ ଚାଲିଥିଲା। ଏହା ୨୦୧୬ରେ ସରିବା କଥା। ହେଲେ ୨୦୧୯ ପ୍ରାରମ୍ଭରେ ଶେଷ ହୋଇଛି। ସମ୍ପୃକ୍ତ ଠିକା ସଂସ୍ଥା ବଜାର ଅଞ୍ଚଳର ଉଭୟ ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ କରିବାକୁ ଥିଲେ ମଧ ତାହା କରିନାହିଁ। ସେହିପରି ବଜାର ମୁଣ୍ଡରେ ଡ୍ରେନ୍ କାମ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ବର୍ଷାହେଲେ ଜେମାଦେଇପୁର ଓ ଗୋଡ଼ି ସାହି ଲୋକଙ୍କ ଘରେ ଆବର୍ଜନା ପାଣି ପଶୁଛି। ଏଥିଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନୂଆପାଟଣା ଅଞ୍ଚଳରେ ନୂତନ ରାସ୍ତା ନିର୍ମାଣ ହେଲା ପରେ ଡ୍ରେନ୍ ୩ ଫୁଟ୍ ତଳେ ରହିଛି। ଏଥିସହିତ ଡ୍ରେନ୍ ମୁକୁଳା ପଡିବାରୁ ତାହା ବିପଦକୁ ଆମନ୍ତ୍ରଣ କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ତିଗିରିଆ ବ୍ଲକ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଫକୀର ମୋହନ ସାହୁ କହିଛନ୍ତି, ଏବେ ରାସ୍ତା ପ୍ରଶସ୍ତୀକରଣ କରୁଥିବା ଠିକା ସଂସ୍ଥା ବାକି ଥିବା ଡ୍ରେନ୍ ନିର୍ମାଣ କରିବା ସହ ସ୍ଲାବ୍ ପକାଇବା ନିୟମ ରହିଛି। ତେବେ ସବୁଠାରେ ଡେନ୍ ଉପରେ ସ୍ଲାବ ପଡୁଥିବାରୁ ଏଠାରେ ମଧ ଖୁବ୍‌ଶୀଘ୍ର ସ୍ଲାବ ପକାଯିବ। ଅନ୍ୟପକ୍ଷରେ ଶୀଘ୍ର ସ୍ଲାବ ପକାଇବା ନିମନ୍ତେ ଜନସାଧାରଣ ଦାବି କରିଛନ୍ତି। ଏବେ ଦେଖିବାକୁ ଅପେକ୍ଷା କେବେ ସେମାନଙ୍କ ଦାବି ପୂରଣ ହେଉଛି।

**ତିଗିରିଆ ବ୍ଲକ**



ରାସ୍ତାକଡ଼ରେ ଥିବା ଡ୍ରେନ୍ ମୁକୁଳା ହୋଇପଡ଼ିଛି।

■ **ଅଳିଆ ଆବର୍ଜନାରେ ପୋତି ହୋଇଛି ଡ୍ରେନ୍**
■ **ଡ୍ରେନ୍‌ରେ ବର୍ଜ୍ୟବସ୍ତୁ ପକାଉଛନ୍ତି ବ୍ୟବସାୟୀ**
■ **ଶୀଘ୍ର ସ୍ଲାବ୍ ପକାଇବାକୁ ଦାବି**

## ପୋଷ୍ଟ କାର୍ଡ ମାଧ୍ୟମରେ ଭୋଟଦାନ ଉପରେ ସଚେତନତା




ପୋଷ୍ଟକାର୍ଡ ମାଧ୍ୟମରେ ଭୋଟଦାନ ଉପରେ ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଛାତ୍ରୀଛାତ୍ର ଓ ଅତିଥି।

**ବାଙ୍କୀ,୨।୪(ସ୍ୱ.ପ୍ର.)**

ବାଙ୍କୀ କଲେଜ ଜାତୀୟ ସେବା ଯୋଜନା ଓ ଇଲେକ୍‌ଟୋରାଲ ଲିଟେରାସି କ୍ଲବ ମିଳିତ ଆନୁକୂଲ୍ୟରେ ପୋଷ୍ଟକାର୍ଡ ମାଧ୍ୟମରେ ଭୋଟ ଦେବା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ କଲେଜ ଅଧ୍ୟକ୍ଷ ଡ. ବାବାଜୀ ଚରଣ ଶତପଥୀ ଉଦ୍‌ଘାଟନ କରିଥିଲେ। ଇଲେକ୍‌ଟୋରାଲ ଲିଟେରାସି କ୍ଲବ ଉପଦେଷ୍ଟା ପ୍ରାଧ୍ୟାପକ ମନୋଜ ମହାପାତ୍ର ଯୋଗଦାନ କରି ପ୍ରତ୍ୟେକ ସ୍ୱେଚ୍ଛାସେବୀ ପୋଷ୍ଟକାର୍ଡ ମାଧ୍ୟମରେ ଭୋଟ ଦେବା ଅଧିକାର ସମ୍ବନ୍ଧରେ ଜନସାଧାରଣଙ୍କୁ ଅବଗତ କରିପାରିଲେ ଆମର ଗଣତନ୍ତ୍ର ନିରପେକ୍ଷ ଓ ନିର୍ମଳ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। ଅତିଥିଭାବେ ଡ.କୃଷ୍ଣଚନ୍ଦ୍ର ରଥ, ଡ. ଦେବରାଜ ମିଶ୍ର, ଡ.ଦିଲୀପ ମିଶ୍ର ଓ ଡ. ଶଶିଭୂଷଣ ମହାପାତ୍ର ପ୍ରମୁଖ ଯୋଗଦାନ କରି ଭୋଟଦେବା ଅଧିକାର, ସଚ୍ଚୋଟ ପାର୍ଥୀ ଚୟନ ଓ ଗଣତନ୍ତ କିପରି ମଜଭୁତ ହୋଇପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧାପକ ସତ୍ୟଜିତ୍ ଦାସ ଓ ଅଧାପିକା ବିଷ୍ଣୁପ୍ରିୟା ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ବନ୍ଧୁକ ଦେଖାଇ ୬୦ ହଜାର ଲୁଟ୍

**ନରସିଂହପୁର,୨।୪(ଡି.ଏନ.ଏ.)**

ମଙ୍ଗଳବାର କଟକ-ନରସିଂହପୁର ମୁଖ୍ୟ ରାସ୍ତା କାନପୁର ଥାନା ଅନ୍ତର୍ଗତ ସିଆରିଆ ତାରିଣୀ ମନ୍ଦିରର କିଛି ଦୂରରେ ଥିବା ନିଛାଟିଆ ସ୍ଥାନରେ ପୁଣି ଲୁଟ୍ ହୋଇଛି। ବନ୍ଧୁକ ଦେଖାଇ ୩ ଦୁର୍ବୃତ୍ତ ଏସ୍‌କେଏସ୍ ମାଇକ୍ରୋ ଫାଇନାନ୍ସ କର୍ମଚାରୀଙ୍କଠାରୁ ୬୦ ହଜାର ଟଙ୍କା ଲୁଟ୍ କରିବାରେ ସକ୍ଷମ ହୋଇଛନ୍ତି। ଏହି ଘଟଣାରେ କାନପୁର ଥାନାରେ ସମ୍ପୃକ୍ତ କମ୍ପାନୀ ପକ୍ଷରୁ ଅଭିଯୋଗ ହୋଇଛି। ଦିନ ପ୍ରାୟ ୨ଟାରେ ନରସିଂହପୁର ଟାଉନର ପଞ୍ଚମୁଖୀ ଛକଠାରେ କାର୍ଯ୍ୟ କରୁଥିବା ଏହି କମ୍ପାନୀର ୪ଜଣ କ୍ଷେତ୍ର କର୍ମଚାରୀ ସୌମ୍ୟରଞ୍ଜନ ସାହୁ, ବିଷ୍ଣୁପ୍ରସାଦ ସାହୁ, କ୍ଷୀରୋଦ ମହାରଣା ଓ ସନ୍ତୋଷ ସାହୁ ବଡମ୍ବା ଥାନା ରତାପାଟ ଗ୍ରାମକୁ ଲଗାଣ ଅର୍ଥ ଆଦାୟ ପାଇଁ ଯାଇଥିଲେ। ପରେ ସମସ୍ତ କର୍ମଚାରୀ ଅର୍ଥ ଆଦାୟ କରି ଆଗପଛ ହୋଇ ନରସିଂହପୁର କାର୍ଯ୍ୟାଳୟକୁ ଫେରୁଥିଲେ। ଏହି ସମୟରେ ଏକ କଳା ନମ୍ବର ବିହୀନ ପଲସରରେ ୩ ଦୁର୍ବୃତ୍ତ ପଛପଟୁ ଆସି ସୌମ୍ୟ, କ୍ଷୀରୋଦ ଓ ବିଷ୍ଣୁଙ୍କୁ ବନ୍ଧୁକ ଦେଖାଇ ସେମାନଙ୍କ ନିକଟରେ ଥିବା ୩ଟି ବ୍ୟାଗ ଛଡ଼ାଇ ନେଇ ବଡ଼ମ୍ବା ଆଡକୁ ପଳାଇଥିଲେ। କର୍ମଚାରୀ ଜୀବନ ବଞ୍ଚାଇବାକୁ ଯାଇ ବ୍ୟାଗ ଗୁଡ଼ିକ ବଢାଇ ଦେଇଥିବା କହିଛନ୍ତି। ଏହି ୩ ଦୁର୍ବୃତ୍ତଙ୍କ ମୁହଁରେ ପଟି ବନ୍ଧା ହୋଇଥିବାରୁ ସେମାନଙ୍କୁ ଚିହ୍ନିବା କଷ୍ଟକର ହୋଇ ପଡିଥିଲା। ସୂଚନାଯୋଗ୍ୟ, ୫ଦିନ ତଳେ ଏହି ସିଆରିଆ ଗ୍ରାମର କଟା ନିକଟ ନିର୍ଜନ ସ୍ଥାନରେ ଗୁଳିକରି ୨ ଦୁର୍ବୃତ୍ତ ଜଣେ ଫାଇନାନ୍ସ କର୍ମଚାରୀଙ୍କଠାରୁ ୭୦ ହଜାର ଟଙ୍କା ଲୁଟ କରିଥିଲେ। ପୋଲିସ ଏହି ଘଟଣାରେ ଏ ପର୍ଯ୍ୟନ୍ତ କାହାରିକୁ ଗିରଫ କରି ପାରିନାହିଁ। ଥାନା ଅଧିକାରୀ ସସ୍ମିତା ରଣା କହିଛନ୍ତି, ଘଟଣାର ଅନୁସନ୍ଧାନ ଚାଲିଛି। ଖୁବ୍‌ଶୀଘ୍ର ଦୁର୍ବୃତ୍ତଙ୍କୁ ଗିରଫ କରାଯିବ।




ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବିଜେଡିରେ ସାମିଲ ହୋଇଥିବା ନେତା, କର୍ମୀଙ୍କୁ ସ୍ୱାଗତ କରୁଛନ୍ତି।

## ଭାଜପା ନଗର ସଭାପତି, କଂଗ୍ରେସ କାଉନସିଲର ବିଜେଡିରେ ସାମିଲ

**ଆଠଗଡ଼,୨।୪(ସ୍ୱ.ପ୍ର.)**

ଆଠଗଡ଼ ବିଜେଡିର ଏକ ମିଶ୍ରଣ ପର୍ବ ମଙ୍ଗଳବାର ଦଳୀୟ କାର୍ଯ୍ୟାଳୟ ସୂର୍ଯ୍ୟଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପା ବିଧାୟକ ପ୍ରାର୍ଥୀ ବ୍ରଜେନ୍ଦ୍ର ରାଏଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରି ରାଏଙ୍କ ଜିଲା ପରିଷଦ ଜୋନ୍ ଗ୍ରାମୀଣ ମଣ୍ଡଳ ସଭାପତି ନିମାଇଁ ଚରଣ ରାଉତ ଭାଜପା ଛାଡ଼ି ତାଙ୍କ ଶତାଧିକ ସମର୍ଥକଙ୍କ ସହ ବିଜେଡିରେ ସାମିଲ ହୋଇଛନ୍ତି। ରାଉତ ଅଭିଯୋଗ କରିଛନ୍ତି, ବର୍ତ୍ତମାନ ଭାଜପା ପୁରୁଣା କର୍ମୀଙ୍କୁ ଅଣଦେଖା କରିବା ସହିତ ରାଜନୀତି ସହିତ ଜଡ଼ିତ ନ ଥିବା ବ୍ୟକ୍ତି ବିଶେଷଙ୍କୁ ଟିକେଟ୍ ଦେଉଛି। ଫଳରେ ଦୀର୍ଘଦିନ ଧରି ପରିଶ୍ରମ କରୁଥିବା ଦଳୀୟ କର୍ମୀ ହତାଶ ହୋଇପଡୁଛନ୍ତି। ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ବିଜେଡରେ ସାମିଲ ହୋଇଥିବା କହିଛନ୍ତି। ସେହିପରି ୨ନଂ ୱାର୍ଡ ପଦ୍ମସାହି ଅଞ୍ଚଳର କଂଗ୍ରେସ କାଉନସିଲର ହାଡ଼ିବନ୍ଧୁ ବେହେରା ଓ କାଉନସିଲର ବନିତା ବେହେରା ତାଙ୍କ ସମର୍ଥକଙ୍କ ସହିତ ବିଜେଡିରେ ଯୋଗଦାନ କରିଛନ୍ତି। ତିଗିରିଆ ବ୍ଲକ ପୁରୁଣା ତିଗିରିଆ ପଞ୍ଚାୟତ ପାଇକିଆଁରା ଗ୍ରାମର ଯୁବନେତା ତଥା ପଞ୍ଚାୟତ ନିର୍ବାଚନରେ କଂଗ୍ରେସର ସମିତିସଭ୍ୟ ପ୍ରାର୍ଥୀ ରଶ୍ମିରଞ୍ଜନ ନାୟକ ବିଜେଡିରେ ଯୋଗଦାନ କରିଛନ୍ତି। ମିଶ୍ରଣ ପର୍ବରେ ବିଧାୟକ ସ୍ୱାଇଁଙ୍କ ସମେତ ପୂର୍ବତନ ନଗରପାଳ ସୁଚିତ୍ରା ସାହୁ, ଆଠଗଡ଼ ଏନ୍‌ଏସି ବିଜେଡି ସଭାପତି ପ୍ରଦୀପ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଦଳରେ ଯୋଗଦାନ କରିଥିବା କର୍ମୀଙ୍କୁ ବିଧାୟକ ସ୍ୱାଇଁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

## ଅଜଣା ବୃଦ୍ଧଙ୍କ ଗଳିତ ମୃତଦେହ ଉଦ୍ଧାର

**ଆଠଗଡ଼,୨।୪(ସ୍ୱ.ପ୍ର.)**

ଆଠଗଡ଼ ଥାନା କନ୍ଦରପୁର ନିକଟରେ ଥିବା କାଜୁ ଜଙ୍ଗଲ ମଧ୍ୟରୁ ମଙ୍ଗଳବାର ଅପରାହ୍ନରେ ଜଣେ ଅଜଣା ବୃଦ୍ଧଙ୍କ ଗଳିତ ମୃତଦେହ ଉଦ୍ଧାର କରାଯାଇଛି। ମୁଣ୍ଡଳି-ଆଠଗଡ ରାସ୍ତାର କନ୍ଦରପୁରଠାରୁ ପ୍ରାୟ ୫୦୦ ମିଟର ଦୂରରେ ଥିବା କାଜୁ ଜଙ୍ଗଲ ମଧ୍ୟରେ ୬୫ରୁ ୭୦ବର୍ଷ ବୟସର ଜଣେ ବୃଦ୍ଧ ଏକ କାଜୁ ଗଛରେ ବେକରେ ଲୁଗା ବାନ୍ଧି ଓହଳିଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ପରେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍‌ଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲା। ପରେ ମୃତଦେହକୁ ଜବତ କରାଯାଇ ବ୍ୟବଚ୍ଛେଦ କରାଯିବା ସହ ଦାହ କରାଯାଇଛି। ସମ୍ପୃକ୍ତ ବୃଦ୍ଧଙ୍କ ପରିଚୟ ମିଳିନାହିଁ। ସେ କେଉଁ କାରଣରୁ ଆତ୍ମହତ୍ୟା କରିଛନ୍ତି ତାହା ସ୍ପଷ୍ଟ ହୋଇନାହିଁ। ଏ ନେଇ ଏକ ଅପମୃତ୍ୟୁ ମାମଲା ନଂ-୧୦/୧୯ ରୁଜୁ କରାଯାଇଛି।

■ ଦେବେନ୍ଦ୍ରଙ୍କ ପ୍ରାର୍ଥିତ୍ୱକୁ ବିରୋଧ ଜାରି

## ପୁଣି ଦଳ ଛାଡ଼ିଲେ କର୍ମକର୍ତ୍ତା

**ନିଶ୍ଚିନ୍ତକୋଇଲି,୨।୪(ସ୍ୱ.ପ୍ର.)**

ମାହାଙ୍ଗା ନିର୍ବାଚନମଣ୍ଡଳୀ ପାଇଁ କଂଗ୍ରେସ ପ୍ରାର୍ଥୀଭାବେ ଦେବେନ୍ଦ୍ର ସାହୁଙ୍କ ନାମ ଘୋଷଣା ହେବାପରେ ଦଳୀୟ ନେତା ଓ କର୍ମକର୍ତ୍ତାଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସୋମବାର ଦଳର ଦୁଇ ଜିଲା ସାଧାରଣ ସମ୍ପାଦକ ଓ ଜଣେ ସମ୍ପାଦକ ଦଳ ଛାଡିବା ପରେ ମଙ୍ଗଳବାର ପୁଣି ବହୁ ସଙ୍ଗଠକ ଓ କର୍ମକର୍ତ୍ତା ଦଳରୁ ଇସ୍ତଫା ଦେଇଛନ୍ତି। ମାହାଙ୍ଗା ନିର୍ବାଚନମଣ୍ଡଳୀ ପୂର୍ବତନ ଯୁବ କଂଗ୍ରେସ ଉପସଭାପତି ରଘୁନାଥ ସିଂ, ପୂର୍ବତନ ସମିତିସଭ୍ୟ ଗୌରାଙ୍ଗ ପାତ୍ର, ଜିଲାପରିଷଦ ପ୍ରାର୍ଥୀ ଲକ୍ଷ୍ମୀଧର ସାହୁ, କଟିକଟା ପଞ୍ଚାୟତ ପୂର୍ବତନ ସଭାପତି ଭାଗବତ ଷଡ଼ଙ୍ଗୀ, ନିଶ୍ଚିନ୍ତକୋଇଲି ପଞ୍ଚାୟତ ପୂର୍ବତନ ସଭାପତି ସୁଦାମ ଚରଣ ସାହୁ, କଟରପଡା ପଞ୍ଚାୟତ ସଭାପତି ସେସଦେବ ସ୍ୱାଇଁ, ଅସୁରେଶ୍ୱର ପଞ୍ଚାୟତ ସଭାପତି ଜିତେନ୍ଦ୍ରନାଥ ସାହୁ, ପୂର୍ବତନ ଜିଲାପରିଷଦ ପ୍ରାର୍ଥୀ ମିନତୀ ସିଂ ଓ ନିଶ୍ଚିନ୍ତକୋଇଲି ବ୍ଲକ କଂଗ୍ରେସ ପୂର୍ବତନ ସାଧାରଣ ସମ୍ପାଦକ ସେକ ସଲାଉଦ୍ଦିନ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସେମାନେ ତାଙ୍କ ଇସ୍ତଫା ପତ୍ରକୁ ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତିଙ୍କ ନିକଟକୁ ପଠାଇ ଦେଇଛନ୍ତି। ଦଳ ଛାଡିବା ପରେ ସେମାନେ କେଉଁ ଦଳକୁ ଯିବେ ବୋଲି ପ୍ରଶ୍ନ କରିବାରୁ ଏବେ କିଛି ସ୍ଥିର ହୋଇନାହିଁ। ଆଗାମୀ ଦିନରେ ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି। ଦିନକୁ ଦିନ ଦଳରେ କର୍ମୀ ବିମୁଖ ହେଉଥିବାରୁ ସଙ୍ଗଠନ କ୍ରମେ ଦୁର୍ବଳ ହେଉଥିବା କୁହାଯାଉଛି। ଏଭଳି ପରିସ୍ଥିତିର ଫାଇଦା ନେବା ପାଇଁ ଉଭୟ ଭାଜପା ଓ ବିଜେଡି ଅଗଭର ହେଉଥିବା ଏକ ବିଶେଷ ସୂତ୍ରରୁ ଖବର ମିଳିଛି। ଏ ସମ୍ପର୍କରେ କଂଗ୍ରେସ ପ୍ରାର୍ଥୀ ହୋଇଥିବା ଦେବେନ୍ଦ୍ର କହିଛନ୍ତି, ଯିଏ ଦଳ ଛାଡିଲେ ମଧ କଂଗ୍ରେସ ଉପରେ ପ୍ରଭାବ ପଡିବ ନାହିଁ।

## ଆଠଗଡ଼ର ୨, ବଡ଼ମ୍ବାର ଜଣେ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ



ଆଠଗଡ଼ ଉପଜିଲାପାଳଙ୍କୁ ଜଣେ ପ୍ରାର୍ଥୀ ନାମାଙ୍କନପତ୍ର ପ୍ରଦାନ କରୁଛନ୍ତି।

**ଆଠଗଡ଼,୨।୪(ସ୍ୱ.ପ୍ର.)**

ଆଠଗଡ଼ ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ନିମନ୍ତେ କୃପା ପାର୍ଟି ପକ୍ଷରୁ ବିଶ୍ୱଜିତ ସାହୁ ଓ ସ୍ୱାଧୀନ ପ୍ରାର୍ଥୀ ରଶ୍ମିରଞ୍ଜନ ପରିଡା ମଙ୍ଗଳବାର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ପ୍ରାର୍ଥୀମାନେ ସମର୍ଥକଙ୍କ ସହ ଉପଖଣ୍ଡ ନିର୍ବାଚନ ଅଧିକାରୀ ଅମୀୟ ସାହୁଙ୍କ କାର୍ଯ୍ୟାଳୟରେ ପହଞ୍ଚି ନାମାଙ୍କନପତ୍ର ଦାଖଲ କରିଥିଲେ। ସେହିପରି ବଡ଼ମ୍ବା ନିର୍ବାଚନମଣ୍ଡଳୀର ସ୍ୱାଧୀନ ବିଧାୟକ ପ୍ରାର୍ଥୀ ପରେଶ ବେହେରା ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ବୁଧବାର ଓ ଗୁରୁବାର ପ୍ରମୁଖ ଦଳ ଏବଂ ସ୍ୱାଧୀନ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ କାର୍ଯ୍ୟକ୍ରମ ରହିଥିବାରୁ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି।

## କାଳବୈଶାଖୀ ସହ କୁଆପଥର ବର୍ଷା

**ନିଶ୍ଚିନ୍ତକୋଇଲି/ସାଲେପୁର, ୨।୪(ସ୍ୱ.ପ୍ର./ଡି.ଏନ.ଏ.)**

ମଙ୍ଗଳବାର ନିଶ୍ଚିନ୍ତକୋଇଲି ଓ ସାଲେପୁର ବ୍ଲକ ଅଞ୍ଚଳରେ କାଳବୈଶାଖୀ ସହ କୁଆପଥର ହୋଇଛି। ଫଳରେ ବିଭିନ୍ନ ପନିପରିବା ଓ ମୁଗ ଫସଲ ପ୍ରଭାବିତ ହୋଇଛି। ହଠାତ୍ ପବନ ଉଗ୍ର ରୂପ ନେବାରୁ ବହୁ ସ୍ଥାନରେ ଗଛ ଭାଙ୍ଗି ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା। ନିଶ୍ଚିନ୍ତକୋଇଲିରେ ୩ଘଣ୍ଟା ଧରି ବିଦ୍ୟୁତ୍ କାଟ ହେବା ସହ ଗାଁ ଗହଳିରେ ଗଛ ଭାଙ୍ଗି ରାସ୍ତା ଅବରୋଧ ହୋଇଥିଲା। ଗୋଟିଏ ଗୋଟିଏ କୁଆ ପଥର ୨୫୦ ଗ୍ରାମରୁ ୫୦୦ଗ୍ରାମ ପର୍ଯ୍ୟନ୍ତ ଓଜନ ଥିବା ଜଣାପଡ଼ିଥିଲା। ଏହି କୁଆପଥର ବର୍ଷା ହେବା ଫଳରେ ବହୁ ଘରର ଆଜବେଷ୍ଟସ ଫାଟିଥିବା ଜଣାଯାଇଛି। ସେହିପରି ସାଲେପୁର ଅଞ୍ଚଳରେ ଘଣ୍ଟାଏ ଧରି ମୂଷଳ ଧାରାରେ ବର୍ଷା ହେବା ସହ ବିଭିନ୍ନ ସ୍ଥାନରେ କୁଆପଥର ମାଡ଼ ହୋଇଥିଲା। ଏଥିଯୋଗୁ ଅଞ୍ଚଳ ଚାଷୀଙ୍କ ମୁଗ, ବିରି ସମେତ ବିଭିନ୍ନ ପନିପରିବା ଫସଲ ନଷ୍ଟ ହେବା ଆଶଙ୍କା ଦେଖାଦେଇଛି। ବର୍ଷା ସହିତ ପବନ ହେବାରୁ ବିଦ୍ୟୁତ୍ ସରବରାହ କିଛି ସମୟ ପାଇଁ ବନ୍ଦ ରହିଥିଲା। ବର୍ଷା ଯୋଗୁ ଲୋକେ ଗରମରୁ ଆଶ୍ୱସ୍ତି ଲାଭ କରିଥିଲେ ମଧ ଚାଷୀ କ୍ଷତିଗ୍ରସ୍ତ ହେବା ସମ୍ଭାବନା ରହିଛି।



ନିଶ୍ଚିନ୍ତକୋଇଲି ଅଞ୍ଚଳରେ ପଡ଼ିଥିବା କୁଆପଥର।

## ଅପରୂପା ଅଂଶୁପା ପ୍ରକଳ୍ପ ଉପରେ ଆଲୋଚନାଚକ୍ର

**ବାଙ୍କୀ,୨।୪(ସ୍ୱ.ପ୍ର.)**

ବାଙ୍କୀ କଲେଜ ଜାତୀୟ ସେବା ଯୋଜନା ଓ ପ୍ରାଣୀବିଜ୍ଞାନ ବିଭାଗ ମିଳିତ ଆନୁକୂଲ୍ୟରେ ଅପରୂପା ଅଂଶୁପା ପ୍ରକଳ୍ପ ଉପରେ ଏକ ଆଲୋଚନାଚକ୍ର ପ୍ରାଣୀବିଜ୍ଞାନ ବିଭାଗ ସେମିନାର ଗୃହଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜ ଅଧ୍ୟକ୍ଷ ଡ.ବାବାଜୀ ଚରଣ ଶତପଥୀ ସଭାପତିତ୍ୱ କରି ଅଂଶୁପା ତା'ର ପୂର୍ବ ଅବସ୍ଥା କିପରି ଫେରିପାଇପାରିବ ସେଥିପାଇଁ ଆମ କଲେଜ ଛାତ୍ରୀଛାତ୍ର ଜନସଚେତନତା ସୃଷ୍ଟି କରିବା ଆବଶ୍ୟକ ବୋଲି ମତପ୍ରକାଶ କରିଥିଲେ। ମୁଖ୍ୟଅତିଥି ପ୍ରାଣୀବିଜ୍ଞାନ ବିଭାଗ ମୁଖ୍ୟ ଡ.କୃଷ୍ଣଚନ୍ଦ୍ର ରଥ ଯୋଗଦାନ କରି ଅଂଶୁପା ଓ ଏହାର ପାର୍ଶ୍ୱବର୍ତ୍ତୀ ଗ୍ରାମମାନଙ୍କରେ ପଥପ୍ରାନ୍ତ ସଭା କରିବା ସହିତ ଏହାର ଚାରିପାଖେ ବ୍ୟାପକ ଚାରାରୋପଣ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଯୁକ୍ତ ୨ କଲେଜ ଅଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ ମହାପାତ୍ର ଯୋଗଦାନ କରି ଅଂଶୁପାର ଐତିହ୍ୟ ଓ ମହତ୍ତ୍ୱ ଉପରେ ଆଲୋକପାତ କରିବା ସଙ୍ଗେସଙ୍ଗେ ବିଶ୍ୱପର୍ଯ୍ୟଟନ ମାନଚିତ୍ରରେ ଏହାକୁ ସ୍ଥାନିତ କରିବା ପାଇଁ ସମସ୍ତେ ଉଦ୍ୟମ କରିବା ଉଚିତ ବୋଲି କହିଥିଲେ। ସମ୍ମାନିତ ଅତିଥି ଡ. ଦେବରାଜ ମିଶ୍ର, ଡ. ଶଶିଭୂଷଣ ମହାପାତ୍ର ଯୋଗଦାନ କରି ଅଂଶୁପା ସମ୍ବନ୍ଧରେ ତାଙ୍କର ଗବେଷଣାତ୍ମକ ତଥ୍ୟ ଉପସ୍ଥାପନ କରିବା ସହିତ ଜୈବିକ ଆବର୍ଜନାକୁ ହଟାଇବାକୁ ପରାମର୍ଶ ପ୍ରଦାନ କରିଥିଲେ। ଅନ୍ୟତମ ବିଶିଷ୍ଟ ଅତିଥି ଡ. ଦିଲୀପ ମିଶ୍ର ଯୋଗଦାନ କରି ଅଂଶୁପାକୁ ଆସୁଥିବା ବିଦେଶୀ ଚଢ଼େଇଙ୍କ ସୁରକ୍ଷା ଦେବା ସହ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ସଫା କରିବା ପାଇଁ ମତପ୍ରକାଶ କରିଥିଲେ। ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ପ୍ରାଧ୍ୟାପକ ସତ୍ୟଜିତ ଦାସ ସ୍ୱାଗତ ଭାଷଣ ଦେବା ସହ ପକଳ୍ପ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ଅଂଶୁପା ପ୍ରକଳ୍ପ ଉପରେ ଏକ ବିଷଦ ବିବରଣୀ ସ୍ୱେଚ୍ଛାସେବୀ ଗୌରୀ ଶଙ୍କର ବେହେରା ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମକୁ ଅଧାପକ ନିରଞ୍ଜନ ରାଉତରାୟ, କୁମୁଦ ରଞ୍ଜନ ମହାରଣା ଓ ରାକେଶ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ଜାତୀୟ ସେବା ଯୋଜନାର ମହିଳା କାର୍ଯ୍ୟକ୍ରମ ଅଧିକାରିଣୀ ଅଧାପିକା ବିଷ୍ଣୁପିୟା ପ୍ରଧାନ ଧନ୍ୟବାଦ ଦେଇଥିଲେ।




ବାଙ୍କୀ କଲେଜରେ ଆୟୋଜିତ ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।



"ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖ, କିନ୍ତୁ ନିଜ ଉଦ୍ୟମରେ ଟିକିଏ ହେଲେ ଅବହେଳା କର ନାହିଁ।
- ବ୍ୟାସକବି ଫକୀର ମୋହନ ସେନାପତି



## ସଂକ୍ଷେପରେ

### ଟ୍ରାକ୍ଟର ଚକା ତଳେ ଚାପି ହୋଇ ଶ୍ରମିକଙ୍କ ମୃତ୍ୟୁ

**କଟକ ଅଫିସ,୨।୪:** ଟ୍ରାକ୍ଟର ଚକା ତଳେ ଚାପି ହୋଇ ମଙ୍ଗଳବାର କାଠଯୋଡି ବିହାର ଅଞ୍ଚଳରେ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ମର୍କତନଗର ଥାନା କାଠଯୋଡି ବିହାର ଅଞ୍ଚଳର ବଳିଆ ବିନ୍ଧାଣୀ। ମର୍କତନଗର ପୋଲିସ ଉକ୍ତ ଟ୍ରାକ୍ଟରକୁ ଜବତ କରିବା ସହ ଏକ ମାମଲା(ନଂ.୫୬/୧୯) ରୁଜୁ କରି ଛି। ବଳିଆ ମଙ୍ଗଳବାର ଭୋର ସମୟରେ କାଠଯୋଡି ବାଲିପଠାରୁ ଟ୍ରାକ୍ଟରରେ ବାଲି ଭର୍ତ୍ତି କରିବାକୁ ଆସିଥିଲେ। ବାଲି ଭର୍ତ୍ତି କରୁଥିବା ସମୟରେ ଟ୍ରାକ୍ଟରଟି ବଳିଆଙ୍କ ପେଟ ଉପରେ ଚଢି ଯାଇଥିଲା। ଖବରପାଇ ମର୍କତନଗର ପୋଲିସ ପହଞ୍ଚି ବଳିଆଙ୍କୁ ସେଠାରୁ ଉଦ୍ଧାର କରି ଏସ୍‌ସିବି ମେଡିକାଲ ନେଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ମହିଳାଙ୍କଠାରୁ ସୁନାଚେନ ଲୁଟ୍

**ଖୁଣ୍ଟୁଣୀ,୨।୪(ଡି.ଏନ୍.ଏ.):** ଖୁଣ୍ଟୁଣୀ ଥାନା ଘଣ୍ଟିଖାଲ ମଦ ଦୋକାନ ସମ୍ମୁଖରୁ ମଙ୍ଗଳବାର ଜଣେ ମହିଳାଙ୍କ ବେକରୁ ସୁନା ଚେନ ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ଏ ସମ୍ପର୍କରେ ମାମଲା (ନଂ.୨୯/୧୯)ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ସୂଚନା ଅନୁଯାୟୀ, ବଡ଼ମ୍ବା ବାଙ୍ଗିରସିଙ୍ଗା ଗ୍ରାମର ମିନତି ବେଉରା ମାଧପୁରକୁ ତାଙ୍କ ବଡ଼ ଭଉଣୀ ଘରକୁ ମଙ୍ଗଳବାର ସକାଳେ ବୁଲିବାକୁ ଯାଇଥିଲେ। ଅପରାହ୍ନରେ ତାଙ୍କ ପୁତୁରା ସନ୍ଦୀପଙ୍କ ସହ ଫେରୁଥିବା ବେଳେ ଘଣ୍ଟିଖାଲ ମଦ ଦୋକାନ ସମ୍ମୁଖରେ ଏକ ବାଇକ୍‌ରେ ୩ଜଣ ଦୁର୍ବୃତ୍ତ ଆସି ତାଙ୍କ ବେକରୁ ସୁନା ଚେନ ଝାମ୍ପିନେଇ ପଳାଇଥିଲେ। ଚେନ ନେବା ବେଳେ ମିନତି ଗାଡିରୁ ତଳକୁ ଖସିପଡ଼ି ଆହତ ହୋଇଥିଲେ। ମିନତିଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ଖୁଣ୍ଟୁଣୀ ଥାନା ଆଇଆଇସି ସୁଚିତ୍ର ବିର୍ଯ୍ୟ ଦାସ ଘଟଣାସ୍ଥଳରେ ପହଞ୍ଚି ଏହି ଯୁବକମାନେ ମଦ ଦୋକାନରୁ ମଦ ପିଇଥିବା ସିସିଟିଭି ଫୁଟେଜରୁ ଜାଣିବାକୁ ପାଇଛନ୍ତି। ଏମାନଙ୍କୁ ଖୁବଶୀଘ୍ର ଧରାଯିବ ବୋଲି ସେ କହିଛନ୍ତି।

### ବନ୍ଧୁକ ଜବତ, ଜଣେ ଗିରଫ

**କଣ୍ଟାପଡ଼ା,୨।୪(ଡି.ଏନ୍.ଏ.):** ଚୋରା ବନ୍ଧୁକ ରଖିବା ଅଭିଯୋଗରେ ଗୋବିନ୍ଦପୁର ପୋଲିସ ସୋମବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଗୋବିନ୍ଦପୁର ଥାନା ସାନ ପାଟସୁନ୍ଦରପୁର ଗ୍ରାମର ଯଜ୍ଞେଶ୍ୱର ବେହେରା(୨୭)। ଏହା ସହ ତାଙ୍କ ନିକଟରୁ ଏକ ଚୋରା ବନ୍ଧୁକ ଓ ଗୋଟିଏ ଗୁଳି ଜବତ କରିଛି। ଏନେଇ ଗୋବିନ୍ଦପୁର ଥାନାରେ ଏକ ମାମଲା(ନଂ.୨୯/୧୯) ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ପାଟସୁନ୍ଦରପୁର ଅଞ୍ଚଳରେ ଗତ କିଛିଦିନ ହେବ କେତେଜଣ ଯୁବକ ଚୋରା ବନ୍ଧୁକ କାରବାର ସହ ବିଭିନ୍ନ ଆପରାଧିକ କାର୍ଯ୍ୟରେ ଲିପ୍ତ ଥିଲେ। ଖବରପାଇ ସୋମବାର ସକାଳ ପ୍ରାୟ ୬ଟାରେ ପୋଲିସ ଯଜ୍ଞେଶ୍ୱରଙ୍କ ଘରେ ଚଢ଼ାଉକରି ତାଙ୍କୁ ଗିରଫ କରିବା ସହ ଏକ ବନ୍ଧୁକ ଓ ଗୋଟିଏ ଗୁଳି ଜବତ କରିଥିଲା।

### ଦୁଇ ବାଇକ୍ ମୁହାଁମୁହିଁ ଧକ୍କା, ୩ ଗୁରୁତର

**କଣ୍ଟାପଡ଼ା,୨।୪(ଡି.ଏନ୍.ଏ.):** ଫୁଲନଖରା-ନିଆଳି ରାସ୍ତାର କଣ୍ଟାପଡା ସରସ୍ୱତୀ ଶିଶୁମନ୍ଦିର ନିକଟରେ ମଙ୍ଗଳବାର ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ୩ଜଣ ଗୁରୁତର ହୋଇଛନ୍ତି। ଗୁରୁତରଙ୍କୁ ପ୍ରଥମେ ଅଡଶପୁର ଓ ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ଏସ୍‌ଭିନିରତାରରେ ପାଠ ପଢୁଥିବା ଦୁଇ ଛାତ୍ର ନିରଞ୍ଜନ ଓ ରବି କୁମାର ଏକ ବାଇକ୍(ଓଆର ୦୨ବିୟୁ ୫୯୧୭)ରେ ଫୁଲନଖରା ଅଭିମୁଖେ ଯାଉଥିଲେ। ଏହି ସମୟରେ ବାଗଲପୁରରୁ କାମସାରି ଘରକୁ ଫେରୁଥିବା ବେଳେ ଗୋବିନ୍ଦପୁର ଥାନା ଅନ୍ତର୍ଗତ ବିଷ୍ଣୁଚରଣ ମହାନ୍ତି(୫୭) ଏକ ବାଇକ(ଓଆର ୦୫ଏଇ ୧୪୪୨)ରେ ଆସୁଥିବା ବେଳେ ସରସ୍ୱତୀ ଶିଶୁମନ୍ଦିର ନିକଟରେ ଦୁଇ ବାଇକ୍ ମଧରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ନିରତାରର ଉଭୟ ଛାତ୍ର ଓ ବିଷ୍ଣୁ ଗୁରୁତର ହୋଇଥିଲେ। ଖବରପାଇ ଓଲଟପୁର ପୋଲିସ ପହଞ୍ଚି ଗୁରୁତରଙ୍କୁ ଚିକିତ୍ସା ପାଁ ଡାକ୍ତରଖାନା ପଠାଉଥିବା ବେଳେ ଦୁର୍ଘଟଣାଗ୍ରସ୍ତ ଦୁଇ ବାଇକ୍‌କୁ ଜବତ କରିଛି।



ବିଭିନ୍ନ ଦଳର ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରୁଛନ୍ତି।

# ଗୋଟିଏ ଦିନରେ ୧୨ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ

**କଟକ ଅଫିସ, ୨।୪**

ଚତୁର୍ଥ ପର୍ଯ୍ୟାୟ ମତଦାନ ପାଇଁ ମଙ୍ଗଳବାର ନାମାଙ୍କନ ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଗୋଟିଏ ଦିନରେ ୧୨ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଏହି ୧୨ ଜଣଙ୍କ ମଧ୍ୟରେ ଅନେକ ହେବିୱେଟ ନେତା ସାମିଲ ଅଛନ୍ତି। ଯଦିଓ ଗତ ଗୁରୁବାରଠାରୁ ତୃତୀୟ ପର୍ଯ୍ୟାୟ ମତଦାନ ପାଇଁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହେଲାଣି ତେବେ ମଙ୍ଗଳବାର କଟକ ରାଜନୀତି ପାଣିପାଗ ବେଶ୍ ସରଗରମ ହୋଇଉଠିଥିଲା। ଶୋଭାଯାତ୍ରା ମାଧ୍ୟମରେ ପ୍ରାର୍ଥୀମାନେ ସମର୍ଥକଙ୍କ ଗହଣରେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। କଟକ ଲୋକସଭା ନିର୍ବାଚନମଣ୍ଡଳୀ ପାଇଁ ସ୍ୱାଧୀନ ପ୍ରାର୍ଥୀ ସଞ୍ଜୟ କୁମାର ସାହୁ, ବଡମ୍ବା ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ସ୍ୱାଧୀନ ପ୍ରାର୍ଥୀ ପରେଶ କୁମାର ବେହେରା, ଆଠଗଡ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ କୃପା ପାର୍ଟି ପ୍ରାର୍ଥୀ ବିଶ୍ୱଜିତ ସାହୁ, ସ୍ୱାଧୀନ ପ୍ରାର୍ଥୀ ରଶ୍ମିରଞ୍ଜନ ପରିଡା ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେହିପରି କଟକ ସଦର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଭାଜପା ପ୍ରାର୍ଥୀ ଦିଲ୍ଲିପ କୁମାର ମଲ୍ଲିକ, ବାରବାଟୀ-କଟକ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ କଂଗ୍ରେସ ପ୍ରାର୍ଥୀ ମହମ୍ମଦ ମୋକିମ, ବିଜୁ ଜନତା ଦଳ ପ୍ରାର୍ଥୀ ଦେବାଶିଷ ସାମନ୍ତରାୟ, ଭାଜପା ପ୍ରାର୍ଥୀ ସମୀର ଦେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଏହାବାଦ ଅଖିଳ ଭାରତ ହିନ୍ଦୁ ମହାସଭା ପ୍ରାର୍ଥୀ ଶୀତଲ କିନ୍ନର ଓ ଚୌଦ୍ୱାର-କଟକ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଭାଜପା ପ୍ରାର୍ଥୀ ନୟନ କିଶୋର ମହାନ୍ତି, ସ୍ୱାଧୀନ ପ୍ରାର୍ଥୀ ସନ୍ତୋଷ କୁମାର ମହାପାତ୍ର ଏବଂ ସମୀର କୁମାର ସାହୁ ନାମାଙ୍କନପତ୍ର ସମ୍ପୃକ୍ତ ରିଟର୍ଣ୍ଣିଂ ଅଫିସରଙ୍କ ନିକଟରେ ଦାଖଲ କରିଛନ୍ତି। ଅନ୍ୟପକ୍ଷରେ ବାଙ୍କୀ, ସାଲେପୁର, ମାହାଙ୍ଗା ଓ ନିଆଳି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ କୌଣସି ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିନାହାନ୍ତି।



ବିଜେଡି ପ୍ରାର୍ଥୀଙ୍କ ଶୋଭାଯାତ୍ରାରେ ଯୁବତୀମାନେ ନୃତ୍ୟ କରୁଛନ୍ତି।

■ ରୋଗୀଙ୍କୁ ନର୍ସ, ସିକ୍ୟୁରିଟି ଗାର୍ଡଙ୍କ ଦୁର୍ବ୍ୟବହାର

## ଏସ୍‌ସିବିରେ ଉତ୍ତେଜନା, ଆସିଲାନି ପୋଲିସ

**କଟକ ଅଫିସ,୨।୪**

ନର୍ସ ଏବଂ ସିକ୍ୟୁରିଟି ଗାର୍ଡଙ୍କ ଦୁର୍ବ୍ୟବହାରଙ୍କୁ ନେଇ ମଙ୍ଗଳବାର ଏସ୍‌ସିବି ମେଡିକାଲରେ ଉତ୍ତେଜନା ଦେଖାଯାଇଥିଲା। ବୁଝାଶୁଝା ପରେ ପରିସ୍ଥିତି ଶାନ୍ତ ପଡିଥିଲେ ମଧ୍ୟ ଖବରପାଇ ପୋଲିସ ଆସି ନ ଥିଲା। ସୂଚନା ଅନୁଯାୟୀ, ଭଦ୍ରକ ଜିଲା ମନୋଜ ଭଲ ନାମକ ଜଣେ ଯୁବକ ଚିକିତ୍ସା ପାଇଁ ଚର୍ମରୋଗ ବିଭାଗକୁ ଆସିଥିଲେ। ସେଠାରେ ବସିବା ପାଇଁ ସ୍ଥାନ ନ ଥିବାରୁ ପାଖରେ ଥିବା ଏକ ସିଡି ବାଟରେ ବସିଥିଲେ। ମନୋଜଙ୍କ କହିବା ଅନୁଯାୟୀ, ସେ ବସିଥିବା ସମୟରେ ଉକ୍ତ ବିଭାଗର କାର୍ଯ୍ୟରତ ସିକ୍ୟୁରିଟି ଗାର୍ଡ ତାଙ୍କୁ ଆସି ଏଠାରେ କାହିଁକି ବସିଛ ବୋଲି ପଶ୍ନ କରିଥିଲେ। ବସିବାକୁ ସ୍ଥାନ ନ ଥିବାରୁ ମନୋଜ ସେଠାରେ ବସିଥିବା କହିଥିଲେ। ପରେ ଉକ୍ତ ବିଭାଗରେ କାର୍ଯ୍ୟରତ ଜଣେ ନର୍ସ ଆସି ସେଠାରେ ପହଞ୍ଚିଥିଲେ। ଏହାକୁ ନେଇ ମନୋଜଙ୍କ ସହ ନର୍ସ ଏବଂ ସିକ୍ୟୁରିଟି ଗାର୍ଡଙ୍କ ସହ ଯୁକ୍ତିତର୍କ ହୋଇଥିଲା। ପରେ ଉଭୟ ଉଭୟ ସିକ୍ୟୁରିଟି ଗାର୍ଡ ଏବଂ ନର୍ସ ତାଙ୍କୁ ଅଶ୍ଳୀଳ ଭାଷା ଗାଳିଗୁଲଜ କରିଥିଲେ। ବିଭାଗ ରୋଗୀମାନଙ୍କ ବସିବା ପାଇଁ ସ୍ଥାନ ନ ଥିବା ବେଳେ ରୋଗୀମାନେ ଗାଡି ପାର୍କିଂ ହୋଇଥିବା ସ୍ଥାନରେ ବସିଥିବା ବେଳେ ମଧ୍ୟ ସିକ୍ୟୁରିଟି ଗାର୍ଡ ଜଣଙ୍କ ରୋଗୀଙ୍କୁ ସେଠାରେ କାହିଁକି ବସିଛ ବୋଲି କହି ଗାଳିଗୁଲଜ କରିଥିଲେ। ଯାହାକୁ ନେଇ ସେଠାରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ସ୍ଥାନୀୟ ଲୋକେ ପୋଲିସ ଖବର ଦେଇଥିଲେ ମଧ୍ୟ ଘଟଣାସ୍ଥଳକୁ ପୋଲିସ ଆସି ନ ଥିଲା। ପରେ ସ୍ଥାନୀୟ ଲୋକେ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

## ଜେଏମ୍‌ସି କପ୍: କ୍ୱାର୍ଟରରେ ୩ ଦଳ

**କଟକ ଅଫିସ,୨।୪:** ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ(ଜେଏମ୍‌ସି) ଆନୁକୂଲ୍ୟରେ ଜେଏମ୍‌ସି କପ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ପ୍ରତିଯୋଗିତାରେ ୨୨ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ମଙ୍ଗଳବାର ଆଇଏସ୍‌ସି, ବାଣିଜ୍ୟ ଓ ପଦାର୍ଥବିଜ୍ଞାନ କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ବିଭାଗୀୟ ମୁଖ୍ୟ ଡ. ଜୟନ୍ତ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଟୁର୍ନାମେଣ୍ଟ ଅନୁଷ୍ଠିତ ହେଉଛି। ବିଶ୍ୱବିଦ୍ୟାଳୟ କୁଳସଚିବ ଅଶୋକ ଦାସ, ପ୍ରଶାସନିକ ଅଧିକାରୀ ଜଗଦୀଶ ମହାନ୍ତି, ବିଶ୍ୱବିଦ୍ୟାଳୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ବିପ୍ଳବ ଶିଳାଦିତ୍ୟ, କଂଗ୍ରେସ ନେତା ଶିବ ଅଗ୍ରୱାଲ, ପ୍ରତୀକ ନାୟକ, ସୌମ୍ୟରଞ୍ଜନ ସ୍ୱାଇଁ, ଅଭିଶେକ ନାୟକ ଯୋଗଦେଇଥିଲେ। ସତ୍ୟବ୍ରତ ପ୍ରଧାନ, ସମ୍ପିତ ବାନାର୍ଜୀ, ମନୋଜ ମହାନ୍ତି ଖେଳ ପରିଚାଳନା କରିଥିଲେ।

## ବିଶ୍ୱ ଅଟିଜିମ ଦିବସ ପାଳିତ

**କଣ୍ଟାପଡ଼ା,୨।୪(ଡି.ଏନ୍.ଏ.)**

ଓଲଟପୁରସ୍ଥିତ ଏସ୍‌ଭି ନିରତାର ପ୍ରସ୍ଥେଟିକ ଓ ଅର୍ଥୋଟିକ ବିଭାଗ ପକ୍ଷରୁ ବିଶ୍ୱ ଅଟିଜିମ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ବିଭାଗର ଛାତ୍ରୀଛାତ୍ରମାନେ ମଙ୍ଗଳବାର ସକାଳୁ ନିରତାରରୁ କଣ୍ଟାପଡା ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା କରି ଛୋଟ ପିଲାଙ୍କଠାରେ ଦେଖାଯାଉଥିବା ଅଟିଜିମ ରୋଗର ଲକ୍ଷଣ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଏହି ଅବସରରେ ନିରତାର ଅଡିଟୋରିୟମଠାରେ ବିଭାଗୀୟ ମୁଖ୍ୟ ଅନୁରୂପା ସେନାପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅତିଥିଭାବେ ଅଟିଜିମିଷ୍ଟ ସ୍ୱର୍ଣ୍ଣପ୍ରଭା ମିଶ୍ର ଯୋଗଦେଇ ଶିଶୁଙ୍କ ଠାରେ ଦେଖାଯାଉଥିବା ଏହି ରୋଗର ଲକ୍ଷଣ ଓ ଏହାର ଚିକିତ୍ସା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ଅତିଥିଭାବେ ନିରତାର ନିର୍ଦ୍ଦେଶକ ଡା. ଶକ୍ତିପ୍ରସାଦ ଦାସ ଯୋଗଦେଇଥିଲେ।




ଛାତ୍ରୀଛାତ୍ରଙ୍କ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

କାର୍ଯ୍ୟକ୍ରମକୁ ଅଧ୍ୟାପକ ସଞ୍ଜୀବ ସେଠୀ, ସୁବ୍ରତ ହାଲଦାର, ଅମିତ ମଣ୍ଡଳ, କ୍ଷଣପ୍ରଭା ମହାକୁଡ ଓ ବିଭାଗୀୟ ଛାତ୍ରୀଛାତ୍ରମାନେ ପରିଚାଳନା କରିଥିଲେ। ଅଧ୍ୟାପକ ରାମକୁମାର ସାହୁ ଧନ୍ୟବାଦ ଦେଇଥିଲେ। ଛାତ୍ରୀଛାତ୍ରମାନେ ଅଟିଜିମ ଉପରେ ଏକ ସଚେତନତାଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ପାଟ୍ରୋଲିଂ ବେଳେ ଧରାପଡ଼ିଲେ ୨ ଲୁଟେରା

**ବନ୍ଧୁକ, ବାଇକ ଜବତ**

**କଟକ ଅଫିସ, ୨।୪**

ରାତ୍ରି ପାଟ୍ରୋଲିଂ ବେଳେ ମଧୁପାଟଣା ପୋଲିସ ହାତରେ ଧରାପଡ଼ିଛନ୍ତି ୨ ଲୁଟେରା। ସେମାନେ ହେଲେ ମଧୁପାଟଣା ଥାନା ଅନ୍ତର୍ଗତ ତିନିଘରିଆ ଅଞ୍ଚଳର ଶୁଭ୍ରଜିତ ସାମଲ ଓରଫ ଟିଟୁଆ(୩୮) ଏବଂ ମାନସ କୁମାର ବସ୍ତିଆ(୩୩)। ସେମାନଙ୍କଠାରୁ ପୋଲିସ ଏକ ବନ୍ଧୁକ ଏବଂ ଏକ ବାଇକ୍ (ଓଆର୍‌୦୫ଏବି-୭୬୨୧) ଜବତ କରିଛି। ଏ ନେଇ ପୋଲିସ ଆର୍ମସ୍ ଆକ୍ଟ ୨୫(୧)(ଏ)(୧-ଏ)ରେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଦ୍ୱୟଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଦ୍ୱୟଙ୍କ ବିରୋଧରେ ମଧୁପାଟଣା, ଯାଜପୁର ରୋଡ, ପାଟକୁରା, ବିଡ଼ାନାସୀ ଥାନାରେ ବହୁ ଆପରାଧିକ ମାମଲା ଥିବା ପୋଲିସ ସୂଚନା ଦେଇଛି।

ମଙ୍ଗଳବାର ଭୋର ୪ଟା ୧୫ ସମୟରେ ମଧୁପାଟଣା ଥାନା ପୋଲିସ ମଧୁବନ ଛକ ନିକଟରେ ପାଟ୍ରୋଲିଂ କରୁଥିଲା। ଅଭିଯୁକ୍ତ ଦ୍ୱୟ ବାଇକ୍‌ରେ ସେହି ପଟରେ ଦ୍ରୁତଗତିରେ ଯାଉଥିଲେ। ପୋଲିସର ସନ୍ଦେହ ହେବାରୁ ସେମାନଙ୍କୁ ରହିବା ପାଇଁ କହିଥିଲେ ମଧ୍ୟ ସେମାନେ ପଳାଇ ଯାଇଥିଲେ। ସଙ୍ଗେ ସଙ୍ଗେ ପିଛା କରି ପୋଲିସ ସେମାନଙ୍କୁ ଧରିଥିଲା। ଯାଞ୍ଚ କରିବାରୁ ସେମାନଙ୍କଠାରୁ ବନ୍ଧୁକ ବାହାରିଥିଲା। ତେବେ ସେମାନେ ବନ୍ଧୁକର ଲାଇସେନ୍ସ ଦେଖାଇ ନ ପାରିବାରୁ ପୋଲିସ ସେମାନଙ୍କୁ ଗିରଫ କରି ଥାନାକୁ ଆଣିଥିଲା। ପଚରାଉଚରା ପରେ ଉଭୟ ଲୁଟ୍ କରିବା ଉଦ୍ଦେଶ୍ୟରେ କଟକ ଆସୁଥିବା ମାନିଥିଲେ।





ଧରାପଡ଼ିଥିବା ଦୁଇ ଅଭିଯୁକ୍ତ।

## ମଦ୍ରାସାର ବାର୍ଷିକ ଉତ୍ସବ

**କଟକ ସଦର,୨।୪ (ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅଧୀନ ରଘୁନାଥପୁରସ୍ଥିତ ମଦ୍ରାସା ଦାରୁଲ ଫଲାହର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ମୋଲାନ ମୋବାରକ ହୋସେନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଅଧ୍ୟାପକ ଡ. ସେକ୍ କଲିମୁଲା ମୁଖ୍ୟଅତିଥି, ସେକ୍ ବରକତୁଲ୍ଲା, ମହମ୍ମଦ ରସିଦ, ସମସୁଲ ଆରଫିନ, ସମିତିସଭ୍ୟ ପ୍ରଭାକର ବେହେରା ଓ ଦୈତାରୀ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଇମାମ ମହମ୍ମଦ ଜାଭେଦ ଆଲମ ବିବରଣୀ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ନାଜମେର ହୋସେନ ଖାଁ, ବି. କମଲଙ୍କ ସମେତ ପରମହଂସ, ରଘୁନାଥପୁର, ଦେଓପୁର, ରାଉତ୍ରାପୁର, ଦାମୋଦରପୁର ଅଞ୍ଚଳର ଇସ୍‌ଲାମୀୟ ବିଦ୍ୱାନମାନେ ଯୋଗଦେଇଥିଲେ।

## ପ୍ରଫେସର ପ୍ରାଣକୃଷ୍ଣ ପରିଜାଙ୍କ ଜୟନ୍ତୀ

**କଟକ ଅଫିସ,୨।୪**

ସୋମବାର ସାରଳା ଭବନଠାରେ ପ୍ରଫେସର ପରିଜା ମେମୋରିଆଲ ସୋସାଇଟି ପକ୍ଷରୁ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ବୈଜ୍ଞାନିକ ପ୍ରଫେସର ପ୍ରାଣକୃଷ୍ଣ ପରିଜାଙ୍କ ୧୨୮ତମ ଜୟନ୍ତୀ ପାଳିତ ହୋଇଯାଇଛି। ସୋସାଇଟି ସଭାପତି ପ୍ରଭାକର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ବିଜ୍ଞାନୀ ଓ ଶିକ୍ଷାବିତ ପ୍ରଫେସର ପ୍ରତାପ କିଶୋର ମହାନ୍ତି, ମୁଖ୍ୟ ବକ୍ତା ପ୍ରଫେସର ଡ. ସଞ୍ଜୟ କୁମାର ସାମନ୍ତରାୟ ଏବଂ ଡ. ଭାଗବତ ଶୁକ୍ଳ ସମ୍ମାନିତ ବକ୍ତାଭାବେ ଯୋଗଦେଇଥିଲେ ମୁଖ୍ୟ ଅତିଥି ପ୍ରଫେସର ମହାନ୍ତି ପ୍ରଫେସର ପରିଜାଙ୍କୁ ଜଣେ ବିଶ୍ୱବିଖ୍ୟାତ ବୈଜ୍ଞାନିକ ଓ ଶିକ୍ଷାବିତ ରୂପେ ବର୍ଣ୍ଣନା କରିଥିଲେ। ତାଙ୍କ ଜୀବନର ସମୟାନୁବର୍ତ୍ତିତା ଅନ୍ୟମାନଙ୍କ ଧେୟ ଓ ଆଦର୍ଶ ହେବା ବାଞ୍ଛନୀୟ ବୋଲି କହିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ଆରମ୍ଭରୁ ସେ ୫ଥର କୁଳପତି ରହି ବିଶ୍ୱବିଦ୍ୟାଳୟକୁ ଆନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠିତ କରିଥିଲେ। ସଭାପତି ସ୍ୱାଇଁ ତାଙ୍କ ଅଭିଭାଷଣରେ ପ୍ରଫେସର ପରିଜା ଜଣେ କର୍ତ୍ତବ୍ୟନିଷ୍ଠ ଶିକ୍ଷାବିତ୍ ଭାବେ ଅଭିହିତ କରିଥିଲେ। ସମ୍ମାନିତ ବକ୍ତା ଡ. ଶୁକ୍ଳ ପ୍ରଫେସର ପରିଜାଙ୍କ ସାହିତ୍ୟିକ ପ୍ରତିଭା ଉପରେ ଆଲୋଚନା କରିଥିଲେ। ତାଙ୍କ ଆତ୍ମଜୀବନୀରେ ବିଂଶଶତାବ୍ଦୀର ଓଡ଼ିଶାର ଶିକ୍ଷା, ବିଜ୍ଞାନ, ରାଜନୀତି ଓ ସାହିତ୍ୟର ପ୍ରତିଛବି ପ୍ରତିଫଳିତ ବୋଲି କହିଥିଲେ। ଏହି ଉତ୍ସବରେ ସୋସାଇଟିର ସାଧାରଣ ସମ୍ପାଦକ ନାଟ୍ୟକାର ସଞ୍ଜିତ କୁମାର ପଟ୍ଟନାୟକ ପ୍ରଫେସର ଡା. ନିରଦ କୁମାର ଗଛାୟତ, ଇଂ ରଘୁନାଥ ପ୍ରସାଦ ଦାସ, ପ୍ରଶାସକ ଡ. ଜାନକୀନାଥ ମହାନ୍ତି, ପ୍ରଫେସର ଡା. ଆନନ୍ଦା ପଟ୍ଟନାୟକ, ନିହାର ରଞ୍ଜନ ରାୟ, ସମ୍ପାଦକ ଚୌଧୁରୀ ସତ୍ୟ ଦାସ, ଅଶୋକ କୁମାର ଦାସ, କୈଳାସ ଚନ୍ଦ୍ର ବରାଳ ପ୍ରମୁଖ ପ୍ରଫେସର ପରିଜାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ବୋମା, ଲଙ୍କାଗୁଣ୍ଡ ପକାଇ ଲୁଟ୍ ଉଦ୍ୟମ

**କଟକ ଅଫିସ୍, ୨।୪**

**ପେଟ୍ରୋଲ ପମ୍ପର ମ୍ୟାନେଜରଙ୍କ ପାଖରେ ଥିଲା ୧୫ ଲକ୍ଷ**

ମର୍କତନଗର ଥାନା ସିଡିଏ ଅଞ୍ଚଳରେ ଥିବା ଏକ ପେଟ୍ରୋଲ ପମ୍ପର ମ୍ୟାନେଜରଙ୍କଠାରୁ ମଙ୍ଗଳବାର ବୋମା ଓ ଲଙ୍କାଗୁଣ୍ଡ ପକାଇ ୧୫ଲକ୍ଷ ଟଙ୍କା ଲୁଟିବାକୁ ଉଦ୍ୟମ କରି ଦୁଇ ଦୁର୍ବୃତ୍ତ ବିଫଳ ହୋଇଛନ୍ତି। ମ୍ୟାନେଜର ମହେନ୍ଦ୍ର ପ୍ରଧାନ ବିଡ଼ାନାସୀ ଥାନା ଅଞ୍ଚଳରେ ଥିବା ଆନ୍ଧ୍ରା ବ୍ୟାଙ୍କକୁ ଟଙ୍କା ଜମା ପାଇଁ ଯିବାବେଳେ ଏଭଳି ଘଟଣା ଘଟିଥିଲା। ମହେନ୍ଦ୍ର ଥାନାରେ ଲିଖିତ ଅଭିଯୋଗ କରି ନ ଥିବାବେଳେ ପୋଲିସ ନିଜ ଆଡୁ ତଦନ୍ତ ଆରମ୍ଭ କରିଥିବା ବିଡ଼ାନାସୀ ଥାନାଧିକାରୀ ଲକ୍ଷ୍ମୀ ନାରାୟଣ ତିୱାରୀ କହିଛନ୍ତି।

ପ୍ରକାଶ ଯେ, ମହେନ୍ଦ୍ର ଓ ତାଙ୍କର ଜଣେ ସହଯୋଗୀ ମିଶି ଅପରାହ୍ନ ୨ଟା ୪୦ ସମୟରେ ଏକ ବ୍ୟାଗରେ ୧୫ ଲକ୍ଷ ଟଙ୍କା ନେଇ ବ୍ୟାଙ୍କରେ ଜମା କରିବାକୁ ବାଇକ୍‌ରେ ଆସୁଥିଲେ। ଏହି ସମୟରେ ପୂର୍ବରୁ ପ୍ରସ୍ତୁତ ଥିବା ଦୁଇ ଦୁର୍ବୃତ୍ତ ତାଙ୍କୁ ଏକ ବାଇକରେ ପିଛା କରିଥିଲେ। କୃଷକ ବଜାର ନିକଟରେ ଦୁର୍ବୃତ୍ତଦ୍ୱୟ ପ୍ରଥମେ ମହେନ୍ଦ୍ରଙ୍କ ବାଇକ ଉପରକୁ ଦୁଇଟି ବୋମା ମାଡ କରିଥିଲେ। ମହେନ୍ଦ୍ର ଭୟଭୀତ ହୋଇ ବାଇକ ରଖି ଦେବାରୁ ଦୁର୍ବୃତ୍ତଦ୍ୱୟ ତାଙ୍କ ଆଖିକୁ ଲଙ୍କାଗୁଣ୍ଡ ଫୋପାଡି ଥିଲେ। ଏହି ସମୟରେ ଜଣେ ଦୁର୍ବୃତ୍ତ ମହେନ୍ଦ୍ରଠାରୁ ଉକ୍ତ ଟଙ୍କା ବ୍ୟାଗଟି ଛଡାଇବାକୁ ଚେଷ୍ଟା କରିଥିଲେ। ମହେନ୍ଦ୍ର ବ୍ୟାଗ୍‌ଟିକୁ ଧରିବା ସହ ବଡ ପାଟି କରିଥିଲେ। ସ୍ଥାନୀୟ ଲୋକେ ଆସିବାରୁ ଦୁର୍ବୃତ୍ତଦ୍ୱୟ ପଳାଇ ଥିଲେ। ବିଡାନାସୀ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ବ୍ୟାଗରେ ୧୫ ଲକ୍ଷ ଟଙ୍କା ଥିଲା ବୋଲି ମହେନ୍ଦ୍ର ପୋଲିସକୁ କହିଥିବା ଥାନା ଅଧିକାରୀ କହିଛନ୍ତି।

## ଡକାୟତି ଯୋଜନା, ୩ ଗିରଫ

**ଚୌଦ୍ୱାର,୨।୪(ଡି.ଏନ୍.ଏ.)**

ବ୍ୟାଙ୍କ ଡକାୟତି ପାଇଁ ଯୋଜନା କରୁଥିବା ୩ ଅଭିଯୁକ୍ତଙ୍କୁ ଚୌଦ୍ୱାର ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ କଟକ ଜିଲା ଆଠଗଡ ଥାନା ସାମସରପୁର ଗ୍ରାମର କଳିଙ୍ଗ କେଶରୀ ପ୍ରଧାନ(ଗୁଡୁ), ବନମାଳୀ ମହାରଣା(ବନା) ଓ ଢେଙ୍କାନାଳ ସଦର ଥାନା ଅଧୀନ କଙ୍କଡାହାଡ ଗ୍ରାମର ଜିତେନ୍ଦ୍ର ନାୟକ(ଜିତୁ)। ଏମାନଙ୍କ ନିକଟରୁ ଗୋଟିଏ ହାତ ତିଆରି ବନ୍ଧୁକ, ୪ଟି ଗୁଳି, ୧ ଖଣ୍ଡା, ତାଲା ଭାଙ୍ଗିବା ପାଇଁ ବ୍ୟବହୃତ ହେଉଥିବା ୨ଟି ଲୁହା ଛଡ, ୩ଟି ମୋବାଇଲ ଫୋନ ସହିତ ୨ଟି ଚୋରା ବାଇକ୍ ଜବତ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ସୋମବାର ବିଳମ୍ବିତ ରାତିରେ ଏସ୍‌ଆଇ ପାର୍ଥ ପ୍ରୀତମ ବେଉରା ଓ ତାଙ୍କ

**ବନ୍ଧୁକ, ୪ଗୁଳି, ଖଣ୍ଡା, ବାଇକ୍ ଜବତ**



ଗିରଫ ୩ ଅଭିଯୁକ୍ତ।

ଟିମ୍ ପାଟ୍ରୋଲିଂ କରୁଥିବା ବେଳେ ୫ଜଣ ଯୁବକ ଚୌଦ୍ୱାରର ବଧି ପଡିଆର ଏକ ନିଛାଟିଆ ଜାଗାରେ ବସି ଆଲୋଚନା କରୁଥିବା ଖବର ପାଇଥିଲେ। ପୋଲିସ ସେଠାରେ ଅଚାନକ ଚଢ଼ାଉ କରିଥିଲା। ପୋଲିସକୁ ଦେଖି ଘଟଣାସ୍ଥଳରୁ ୨ଅଭିଯୁକ୍ତ ଖସି ପଳାଇଥିବା ବେଳେ ୩ଜଣଙ୍କୁ ଧରି ଥାନାକୁ ଆଣିଥିଲା। ପଚରାଉଚରା କରିବାରେ ସେମାନେ ସ୍ଥାନୀୟ ଏକ ବ୍ୟାଙ୍କରେ ଡକାୟତି କରିବା ପାଇଁ ଯୋଜନା କରୁଥିବା ସ୍ୱୀକାର କରିଥିଲେ। ପୂର୍ବରୁ ଢେଙ୍କାନାଳ, ଆଠଗଡ ଓ ଟିଗିରିଆ ଥାନା ଅଞ୍ଚଳରେ ନିଛାଟିଆ ରାସ୍ତାର ସୁଯୋଗ ନେଇ ବ୍ୟବସାୟୀ ଓ ବିଭିନ୍ନ ଫାଇନାନ୍ସ କର୍ମଚାରୀଙ୍କୁ ମାରଣାସ୍ତ୍ର ଦେଖାଇ ଲୁଟ୍ କରିଥିବା ଓ ଏହି ଥାନାମାନଙ୍କରେ ମାମଲା ଥିବା ଆଇଆଇସି ପଦ୍ମଲାଭ ପ୍ରଧାନ କହିଛନ୍ତି। ଏ ସମ୍ପର୍କରେ ପୋଲିସ କେସ୍ ନଂ ୧୧୩/୧୯ ଓ ଦଫା ୩୯୯, ୪୦୨ ଓ ୨୫ ଆର୍ମ ଆକ୍ଟରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଏଥିରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ଆଇଆଇସି ପ୍ରଧାନ କହିଛନ୍ତି।



ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖ, କିନ୍ତୁ ନିଜ ଉଦ୍ୟମରେ ଟିକିଏ ହେଲେ ଅବହେଳା କର ନାହିଁ।

-ବ୍ୟାସକବି ଫକୀର ମୋହନ ସେନାପତି

## ସଂକ୍ଷେପରେ

### ଚିଲିକାରେ ରାଜନୈତିକ ଉଷ୍ମତା ବୃଦ୍ଧି

### ବିଜେଡି ପ୍ରାର୍ଥୀ ପ୍ରଶାନ୍ତଙ୍କ ଶୋଭାଯାତ୍ରା

ବାଲୁଗାଁ,୨।୪(ଡି.ଏନ.ଏ.)-ଚିଲିକା ବିଧାନସଭା ନିର୍ବାଚନମଣ୍ଡଳୀ ନିମନ୍ତେ ଏକାଧିକ ବିଜେଡି ପ୍ରାର୍ଥୀ ଆଶାୟୀ ଥିବା ବେଳେ ସୋମବାର ସମସ୍ତ କଳ୍ପନା ଜଳ୍ପନାର ଅବସାନ ଘଟିଛି । ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଚିଲିକା ବିଧାନସଭା ପ୍ରାର୍ଥୀଭାବେ ବେଗୁନିଆ ବିଧାୟକ ଥିବା ପ୍ରଶାନ୍ତ ଜଗଦେବଙ୍କ ନାମ ଘୋଷଣା କରିଛନ୍ତି । ଫଳରେ ସମଗ୍ର ଚିଲିକା ନିର୍ବାଚନ ମଣ୍ଡଳୀରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି । ଭାଜପାରୁ ବିଧାୟକ ପ୍ରାର୍ଥୀ ଭାବେ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଟିକେଟ ମିଳିଥିବା ବେଳେ କଂଗ୍ରେସର ଅଦ୍ୟାବଧି ନାମ ଘୋଷଣା ହୋଇପାରିନାହିଁ । ଚିଲିକା ରାଜନୈତିକ କ୍ଷେତ୍ରରେ ପୃଥ୍ୱୀରାଜ ଓ ପ୍ରଶାନ୍ତ ସମ୍ପୂର୍ଣ୍ଣ ନୂତନ ଅଟନ୍ତି । ପୂର୍ବରୁ ଭାଜପା ବିଧାୟକ ପ୍ରାର୍ଥୀ ବିଭିନ୍ନ ପଞ୍ଚାୟତ ବୁଲି ଶୋଭାଯାତ୍ରା ଜାରି ରଖିଥିବା ବେଳେ ମଙ୍ଗଳବାର ଅପରାହ୍ନରେ ବିଜେଡ଼ି ତରଫରୁ ଚଣ୍ଡେଶ୍ୱର ପଞ୍ଚାୟତରୁ ଶୋଭାଯାତ୍ରାର ଶୁଭାରମ୍ଭ ହୋଇଛି । ପ୍ରାର୍ଥୀ ପ୍ରଶାନ୍ତ ଜଗଦେବଙ୍କୁ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଥିଲା । ଶୋଭାଯାତ୍ରା ଚଣ୍ଡେଶ୍ୱରରୁ ନାଚୁଣୀ ହୋଇ ସନ୍ଧ୍ୟାରେ ଆଙ୍ଗୁଲା ଠାରେ ପହଞ୍ଚିଥିଲା । ଶୋଭାଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ରଘୁନାଥ ସାହୁ, ଚିଲିକା ବ୍ଲକ ଉପାଧ୍ୟକ୍ଷ ଉତ୍ପଳ ପାଇକରାୟ, ଯୁବ ନେତା ପ୍ରଭାସ ସୁନ୍ଦରାୟ, ପୂର୍ବତନ ବାଣପୁର ବ୍ଲକ ଅଧ୍ୟକ୍ଷ ମାନସ ପ୍ରଧାନ, ଚିଲିକା ବ୍ଲକ୍ ବିଜେଡ଼ି ସଭାପତି ଦେବେନ୍ଦ୍ର ସାମନ୍ତସିଂହାର ପ୍ରମୁଖ ଶତାଧିକ ନେତୃମଣ୍ଡଳୀ ଓ କର୍ମୀ ଯୋଗଦେଇଥିଲେ । ଶୋଭାଯାତ୍ରା ବାଲୁଗାଁ ନଗର ପରିକ୍ରମା ପରେ ବାଣପୁରସ୍ଥିତ ଭଗବତୀ ମନ୍ଦିର ଠାରେ ପହଞ୍ଚିଥିଲା । ସେଠାରୁ ମା'ଙ୍କ ଆର୍ଶୀବାଦ କାମନା କରି ଚିଲିକାରେ ରାଜନୈତିକ ସଭାର ଶୁଭାରମ୍ଭ କରିବେ ବୋଲି ଜଗଦେବ ସୂଚନା ଦେଇଛନ୍ତି । ସେହିପରି ବାଣପୁରରେ ମଧ୍ୟ ନବାଗତ ବିଜେଡ଼ି ପ୍ରାର୍ଥୀଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଅନ୍ୟ ପକ୍ଷରେ ଭାଜପା ଆଶାୟୀ ପ୍ରାର୍ଥୀ ଲଲାଟେନ୍ଦୁ ଶତପଥୀ ସ୍ୱାଧୀନ ପ୍ରାର୍ଥୀଭାବେ ମଙ୍ଗଳବାର ପୂର୍ବାହ୍ନରେ ବାଣପୁରରୁ ଏକ ବିଶାଳ ମୋଟର ସାଇକେଲ ରାଲିରେ ଆସି ବାଲୁଗାଁ ନଗର ପରିକ୍ରମା କରିଥିଲେ । ପରେ ସେ ଖୋର୍ଦ୍ଧାରେ ପହଞ୍ଚି ନିଜର ନାମାଙ୍କନ ପତ୍ର ଦାଖଲ କରିଛନ୍ତି ।

### ବିଦ୍ୟୁତ୍ କର୍ମଚାରୀଙ୍କ ମୃତ୍ୟୁ ଘଟଣା

### ବିଭାଗ ପକ୍ଷରୁ ପରିବାରକୁ କ୍ଷତିପୂରଣ ପ୍ରତିଶ୍ରୁତି

ନିରାକାରପୁର,୨।୪(ଡି.ଏନ.ଏ.)- ନିରାକାରପୁର ଥାନା ଅଞ୍ଚଳରେ କାଳବୈଶାଖୀ ଯୋଗୁ କ୍ଷତିଗ୍ରସ୍ତ ବିଦ୍ୟୁତ୍‌ଖୁଣ୍ଟରେ କାମ କରୁଥିବାବେଳେ ଜଣେ ବିଦ୍ୟୁତ୍ କର୍ମଚାରୀଙ୍କ ମୃତ୍ୟୁ ଘଟିଥିଲା । ମୃତ କର୍ମଚାରୀ ଜଣକ ହେଲେ ଆଶିଷ କୁମାର ବେହେରା(୪୫)। ମଙ୍ଗଳବାର ଅପରାହ୍ନରେ ଆଶିଷଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି । ତାଙ୍କ ଜନ୍ମସ୍ଥାନ ଟାଙ୍ଗୀ ଥାନା ଭୂଷଣ୍ଡପୁରସ୍ଥିତ ବାଲିପାଟପୁରଠାରେ ଅନ୍ତିମ ସଂସ୍କାର କରାଯାଇଥିଲା । ବିଭାଗ ତରଫରୁ ଅନ୍ତିମ ସତ୍କାର ନିମନ୍ତେ ୫ଠହଜାର ଟଙ୍କା ପ୍ରଦାନ କରାଯାଇଛି। କ୍ଷତିପୂରଣ ବାବଦରେ ଅନ୍ୟାନ୍ୟ ସୁବିଧା/ସୁଯୋଗ ଯୋଗାଇ ଦିଆଯିବା ନେଇ ପ୍ରତିଶ୍ରୁତି ପ୍ରଦାନ କରାଯାଇଥିବା ନିରାକାରପୁର ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ଗୌରାଙ୍ଗ ମଣ୍ଡଳ ସୂଚନା ଦେଇଛନ୍ତି। ଏ ନେଇ ପୋଲିସ ପକ୍ଷରୁ ୪/୧୯ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି । କେଉଁ କାରଣରୁ ଖୁଣ୍ଟରୁ ଖସି ତାଙ୍କର ମୃତ୍ୟୁ ହୋଇଥିଲା ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହାର କାରଣ ଜଣାପଡ଼ିବ ବୋଲି ନିରାକାରପୁର ଥାନା ଅଧିକାରୀ ସୂଚନା ଦେଇଛନ୍ତି ।



ବେଗୁନିଆ ନିର୍ବାଚନମଣ୍ଡଳୀ ପାଇଁ ରାଜେନ୍ଦ୍ର ସାହୁ ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି ।



ଜଟଣୀ ବିଧାନସଭା ପାଇଁ ବିଭୂତି ଭୂଷଣ ବଳବନ୍ତରାୟ ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି ।





ଭୁବନେଶ୍ୱର ଲୋକ ସଭା ଆସନରୁ ଫ୍ରି ଥଟ୍ ପାର୍ଟି ଅଫ ଇଣ୍ଡିଆର ବିଶ୍ୱନାଥ ରାମଚନ୍ଦ୍ର ପ୍ରାର୍ଥିପତ୍ର ଦାଖଲ କରିଛନ୍ତି ।

# ବଢ଼ିଲା ରାଜନୈତିକ ଉଷ୍ମତା

ଖୋର୍ଦ୍ଧା ଅଫିସ,୨।୪

ଏପ୍ରିଲ ୨୩ରେ ହେବାକୁ ଥିବା ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ବଢ଼ିଛି ରାଜନୈତିକ ଉଷ୍ମତା। ଭୋଟ ପ୍ରଚାର ବି ଆରମ୍ଭ ହୋଇଗଲାଣି। ମାର୍ଚ୍ଚ ୨୮ରୁ ଏପ୍ରିଲ ୪ ପର୍ଯ୍ୟନ୍ତ ପ୍ରାର୍ଥିପତ୍ର ଦାଖଲ କରିବାର ସମୟ ରହିଛି। ମଙ୍ଗଳବାରଠାରୁ ନାମାଙ୍କନପତ୍ର ଦାଖଲ ସଂଖ୍ୟା ବଢ଼ିଛି।

### ପ୍ରଶାନ୍ତଙ୍କ ଦେଖା ମିଳିଲାନି

ବେଗୁନିଆ ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥିପତ୍ର ଦାଖଲ ଓ ସହରରେ ଶୋଭାଯାତ୍ରା ବେଳେ ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର ସାହୁଙ୍କ ସହ ବେଗୁନିଆ ବିଧାୟକ ପ୍ରଶାନ୍ତ ଜଗଦେବ ଉପସ୍ଥିତ ନ ଥିଲେ। ପ୍ରଶାନ୍ତଙ୍କ ଅନୁପସ୍ଥିତି ବିଜେଡି ଭୋଟକୁ ଭାଗ ଭାଗ କରିବ ବୋଲି କୁହାଯାଉଛି। ଆଜିର ଅନୁପସ୍ଥିତି ପ୍ରଶାନ୍ତଙ୍କ ଅସହଯୋଗର ବାର୍ତ୍ତା ଦେଉଛି ବୋଲି ରାଜନୈତିକ ସମୀକ୍ଷକମାନେ କହୁଛନ୍ତି।

### ଗୁରୁ ଶିଷ୍ୟ ଏକାଠି

ରାଜନୀତିରେ ଜ୍ୟୋତିରୀନ୍ଦ୍ରନାଥ ମିତ୍ର (ଜିତୁ) ଓ ରାଜେନ୍ଦ୍ର ସାହୁ ଗୁରୁଶିଷ୍ୟ ରୂପେ ପରିଚିତ। ରାଜେନ୍ଦ୍ର ଖୋର୍ଦ୍ଧା ବିଧାୟକ ହେବା ପରେ ଗୁରୁଶିଷ୍ୟଙ୍କ ସମ୍ପର୍କରେ ଫାଟ ହୋଇଥିଲା। ୨୦୧୪ରେ ଉଭୟ ପୃଥକ୍ ପୃଥକ୍ ଦଳରୁ ନିର୍ବାଚନ ଲଢ଼ିଥିଲେ। ହେଲେ ୨୦୧୯ ନିର୍ବାଚନ ଗୁରୁଶିଷ୍ୟଙ୍କୁ ଏକାଠି କରିଛି। ଗୁରୁ ଭାଜପାରୁ ଘରକୁ ବାହୁଡି ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ପାଇଁ ବିଜେଡିରୁ ପ୍ରାର୍ଥୀ ହୋଇଛନ୍ତି। ବୁଧବାର ନାମାଙ୍କନପତ୍ର ଦାଖଲ କରିବାର ରହିଛି। ଶିଷ୍ୟ ଖୋର୍ଦ୍ଧା ଛାଡି ଦଳର ମୁଖ୍ୟଙ୍କ ନିର୍ଦ୍ଦେଶରେ ବେଗୁନିଆ ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ ହୋଇ ମଙ୍ଗଳବାର ନାମାଙ୍କନପତ୍ର ଦାଖଲ କରିଛନ୍ତି।

### ଶୁଭ ବେଳା ୧ଟା ୫ ମିନିଟ୍‌କୁ ଅପେକ୍ଷା

ନାମାଙ୍କନପତ୍ର ଦାଖଲ ବେଳେ ରାଜେନ୍ଦ୍ର ସାହୁ ବାରମ୍ବାର ଅନ୍ୟମନସ୍କ ହେଉଥିଲେ। ବୁଝୁ ବୁଝୁ ଜଣାପଡିଥିଲା ଅପରାହ୍ନ ୧ଟା୫ମିନିଟ୍ ହେଉଛି ମାହେନ୍ଦ୍ର ବେଳା। ଏହି ସମୟରେ ପ୍ରାର୍ଥିପତ୍ର ଦାଖଲ କଲେ ଶୁଭ ହିଁ ଶୁଭ। ବିଜୟକୁ ବାଟ ଦେଖାଇବ। ଏଣୁ ରାଜେନ୍ଦ୍ର ବାରମ୍ବାର ସମୟ ପଚାରି ନାମାଙ୍କନପତ୍ର ଦାଖଲରେ ବିଳମ୍ବ କରି ଚାଲିଥିଲେ। ଶୁଭବେଳା ହେବା କ୍ଷଣି ସଙ୍ଗେ ସଙ୍ଗେ ପ୍ରାର୍ଥିପତ୍ର ଦାଖଲ କରିଥିଲେ।

### ହାତ ଟେକିଦେଲା ପୋଲିସ

ବେଗୁନିଆ ନିର୍ବାଚନମଣ୍ଡଳୀ ପାଇଁ ରାଜେନ୍ଦ୍ର ସାହୁ ମଙ୍ଗଳବାର ପ୍ରାର୍ଥିପତ୍ର ଦାଖଲ କରିବାକୁ ଯାଉଥିଲେ। ଉପଜିଲାପାଳଙ୍କ କାର୍ଯ୍ୟାଳୟ ଫାଟକ ସମ୍ମୁଖରେ ପ୍ରାର୍ଥୀଙ୍କୁ ଛାଡି ୫ ଜଣ ଯିବାକୁ ନିୟୋଜିତ ପୋଲିସ ପ୍ରସ୍ତାବ ଦେଇଥିଲା। ତେବେ କର୍ମୀ ସମ୍ପ୍ରତି ଜଣାଇଥିଲେ ମଧ୍ୟ ଠେଲାପେଲା କରି ୨ ଶହରୁ ଉର୍ଦ୍ଧ୍ୱ କର୍ମୀ, ସମର୍ଥକ ଭିତରକୁ ଧସେଇ ପଶିଗଲେ। ପୋଲିସ ଶାସକ ଦଳ ପ୍ରୀତି ଦେଖାଇ ହାତ ଟେକି ଦେଇଥିବା ବିରୋଧୀ ଅଭିଯୋଗ ଆଣିଛନ୍ତି। ବହୁ କଷ୍ଟରେ ପୋଲିସ ଏହାକୁ ନିୟନ୍ତ୍ରଣ କରିଥିଲେ ମଧ୍ୟ କର୍ମୀଙ୍କୁ ଫେରାଇ ଆଣିବାରେ ସମର୍ଥ ହୋଇ ନ ଥିଲା।

### ସ୍ୱାଧୀନ ପ୍ରାର୍ଥୀଙ୍କ ପାଇଁ ମଉକା

ଚିଲିକା ନିର୍ବାଚନମଣ୍ଡଳୀ ପାଇଁ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଥିବା ଲଲାଟେନ୍ଦୁ ଶତପଥୀ କୁହନ୍ତି, ଚିଲିକାରେ ମୁଦା ଅନେକ। ତେବେ ଚିଲିକାରେ କେଉଁଠି ନାଁ କେଉଁଠି ଏକ ରାଜନୈତିକ ଅଚଳାବସ୍ଥା ଓ ଅରାଜକତା ଦୀର୍ଘଦିନ ଧରି ଚାଲିଛି। ନେତା ଓ କୁଜି ନେତାମାନଙ୍କ ଦଲାଲି ଚାଲିଛି। ଏହାକୁ ଶେଷ କରିବାକୁ ମୋ ପରି ଯୁବକମାନେ ଗୋଟାଏ ପଣ କରିଛନ୍ତି। ମାଟି ପ୍ରୀତି କରି ପାର୍ଟି ପ୍ରୀତି ଛାଡି ସ୍ୱାଧୀନ ଭାବେ ପ୍ରାର୍ଥୀ ହୋଇଛି। ଲୋକଙ୍କୁ ପ୍ରତିଶ୍ରୁତି ନେତା ଦିଅନ୍ତି। ୫ବର୍ଷ ହଜି ଯାଆନ୍ତି। ନେତାଙ୍କ ଭଳି ପ୍ରତିଶ୍ରୁତି ମୁଁ ଦେଇ ପାରିବିନି। ଭରସା କର, ଚିଲିକାର ପରିବର୍ତ୍ତନ ନିଶ୍ଚିତ ହେବ କହି ଆସୁଛି। ଦୀର୍ଘ ୫ବର୍ଷ ଧରି ଦିନ ରାତି ଏକାଠି କରି ସେବା ଓ ପରିଶ୍ରମ କରି ଚାଲିଛି। ସେବାର ମୂଲ୍ୟ ଥିବାରୁ ମୁଁ ନିଶ୍ଚିତ ମୋର ମୂଲ୍ୟ ପାଇବି ବୋଲି ଆଶ ରଖିଛି। ବିଜେଡି କେବଳ ଥଇଥାନ ଉଦ୍ଦେଶ୍ୟରେ ଭୟଭୀତ ହୋଇ ଜଣେ ବିଧାୟକଙ୍କୁ ଅଦଳବଦଳ କରି ପ୍ରାର୍ଥିତ୍ୱ ଲଦି ଦେଇଛନ୍ତି। ଜନତା ସ୍ୱାଧୀନତାର ମଜା ଚାଖିବାକୁ ଚାହୁଁଛନ୍ତି। ଆମେ ସେଇଟା ଦେବୁ।

### ବଢୁଛି ସହଯୋଗର ହାତ

ବେଗୁନିଆ ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ରାଜେନ୍ଦ୍ର ସାହୁ କୁହନ୍ତି, ଆଶା ନ ଥିଲା ନାମାଙ୍କନ ଶୋଭାଯାତ୍ରାରେ ଏତେଟା ସଫଳତା ମିଳିବ। ହେଲେ ଭଲ ସମର୍ଥନ ମିଳିଲା। ବେଗୁନିଆ ନିର୍ବାଚନମଣ୍ଡଳୀର ସ୍ଥାନୀୟ ବିଜେଡି ଦଳର ଲୋକ ପ୍ରତିନିଧି, କର୍ମୀ ଓ ସମର୍ଥକ ମନୋବଳକୁ ବଢାଇଛନ୍ତି। ଆଶା ରହିଛି ଆଗାମୀ ଦିନରେ ଲଢେଇରେ ସଫଳତା ମିଳିବ। ଖୋର୍ଦ୍ଧାରେ ୨୫ ବର୍ଷ ଧରି ଯେପରି ରାଜନୈତିକ ସମର୍ଥନ ମିଳିଥିଲା ତାହାଠାରୁ ଅଧିକ ମିଳିବ ବୋଲି ଆଶା ରହିଛି। ଏଥିପାଇଁ ଦଳର ନେତାଙ୍କୁ ସାଧୁବାଦ ଜଣାଇ ଥିଲେ।

### ପଞ୍ଚସୂତ୍ରୀ ନିର୍ବାଚନୀ ଇସ୍ତାହାର

ଏମ୍‌ପି ପ୍ରାର୍ଥୀ ବିଶ୍ୱନାଥ ରାମଚନ୍ଦ୍ର କହିଥିଲେ, ଜାତିପ୍ରଥା ଓ ଧାର୍ମିକ ଭ୍ରାନ୍ତିର ମୂଳୋତ୍ପାଟନ, ଏକ ସନ୍ତାନ ପରିବାର ନୀତି, ଧନୀ ଓ ଗରିବ ମଧ୍ୟରେ ରହୁଥିବା ଦୂରତା ହଟିବା, ଜର୍ମାନୀରେ ଅନୁସୃତ ମିଶ୍ରିତ ଆନୁପାତିକ ପ୍ରତିନିଧି ବ୍ୟବସ୍ଥାର ପ୍ରବର୍ତ୍ତନ, ଗଣତାନ୍ତ୍ରିକ ବିଶ୍ୱ ସରକାର ପ୍ରତିଷ୍ଠା ପରି ୫ ସୂତ୍ରୀ ନିର୍ବାଚନୀ ଇସ୍ତାହାର ଫ୍ରି ଥଟ୍ ପାର୍ଟି ଅଫ୍ ଇଣ୍ଡିଆର ରହିଛି।

### ବିଜେଡି ପ୍ରାର୍ଥୀ ବିଭୂତିଙ୍କ ପ୍ରାର୍ଥିପତ୍ର ଦାଖଲ

ଜଟଣୀ,୨।୪(ଡି.ଏନ.ଏ.): ଜଟଣୀ ନିର୍ବାଚନମଣ୍ଡଳୀ ପାଇଁ ବିଜେଡିପ୍ରାର୍ଥୀ ବିଭୂତି ଭୂଷଣ ବଳବନ୍ତରାୟ ମଙ୍ଗଳବାର ନାମାଙ୍କନପତ୍ର ଦାଖଲ କରିଛନ୍ତି। ଦଳୀୟ କର୍ମୀ ଓ ସମର୍ଥକଙ୍କ ଗହଣରେ ଯାଇ ଭୁବନେଶ୍ୱର ସବ୍‌କଲେକ୍ଟରଙ୍କ କାର୍ଯ୍ୟାଳୟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି।

### ମା'ଙ୍କ କୃପାଲାଭ ନିମନ୍ତେ ସଞ୍ଜୟଙ୍କ ପ୍ରାର୍ଥନା

କୃଷ୍ଣପ୍ରସାଦ,୨।୪(ଡି.ଏନ.ଏ.)

ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ବିଧାନସଭା ଆସନ ମନୋନୟନ ପାଇଁ ବିଜେଡି ତରଫରୁ ପୂର୍ବତନ ବିଧାୟକ ସଞ୍ଜୟ କୁମାର ଦାସବର୍ମା ମଙ୍ଗଳବାର ପୁରୀ ଅଭିମୁଖେ ବାହାରିଥିଲେ । ନାମାଙ୍କନ ଦାଖଲ ପୂର୍ବରୁ ସେ ନିଜ ଗ୍ରାମ ମାଲୁଦସ୍ଥିତ ଈଷାଣ ଗ୍ରାମଦେବତୀ ଚିନାମାଳୀ, ମା'ଦୁର୍ଗାଦେବୀଙ୍କ କୃପାଲାଭ କରିବା ନିମନ୍ତେ ପ୍ରାର୍ଥନା କରିଥିଲେ। ଏହାବ୍ୟତୀତ ଦଧିବାମନଦେବ, ପଞ୍ଚମୁଖୀ ହନୁମାନଙ୍କ ନିକଟରେ ମୁଣ୍ଡିଆ ମାରି ନାମାଙ୍କନ ଦାଖଲ ନିମନ୍ତେ ପୁରୀ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ । ଏଥିପାଇଁ ସେ ମାଲୁଦରୁ ଜହ୍ନିକୁଦା-ସାତପଡ଼ା ଦେଇ ପୁରୀ ଯାଇଥିଲେ । ପ୍ରାୟ ୫ହଜାରରୁ ଉର୍ଦ୍ଧ୍ୱ ସମର୍ଥକଙ୍କ ସାଥିରେ ଏକ ମୋଟର ସାଇକେଲ ରାଲିରେ ଦାସବର୍ମା ବାହାରିଥିଲେ।

■୫ବର୍ଷ ପରେ କାର୍ଯ୍ୟରୁ ଅବ୍ୟାହତି ନେଲେ କମ୍ପ୍ୟୁଟର ଶିକ୍ଷକ

## ଥଇଥାନ କରା ନ ଗଲେ ବିଜେଡିକୁ ବିରୋଧ

ଖୋର୍ଦ୍ଧା ଅଫିସ,୨।୪:



ଶିକ୍ଷାଧିକାରୀଙ୍କୁ କମ୍ପ୍ୟୁଟର ଶିକ୍ଷକମାନେ ଦାବିପତ୍ର ଦେଉଛନ୍ତି ।

ସରକାର କମ୍ପ୍ୟୁଟର ଶିକ୍ଷକଙ୍କ ପ୍ରତି ଅଣଦେଖା କରିବାରୁ ୫ ବର୍ଷ ପରେ ସେମାନଙ୍କୁ କାର୍ଯ୍ୟରୁ ଅବ୍ୟାହତି ନେବାକୁ ପଡିଛି। ତୁରନ୍ତ ଥଇଥାନ ବ୍ୟବସ୍ଥା କରା ନ ଗଲେ କମ୍ପ୍ୟୁଟର ଶିକ୍ଷକମାନେ ବିଜେଡିକୁ ବିରୋଧ କରିବେ ବୋଲି ଘୋଷଣା କରିଛନ୍ତି। ଏହି ଅବସରରେ ଖୋର୍ଦ୍ଧା ଜିଲାର ୧୭୯ ହାଇସ୍କୁଲରେ କାର୍ଯ୍ୟରତ କମ୍ପ୍ୟୁଟର ଶିକ୍ଷକ ଜିଲା ଶିକ୍ଷା ଅଧିକାରୀଙ୍କୁ ଭେଟି ଏକ ସ୍ମାରକପତ୍ର ଦେଇଛନ୍ତି। ପୂର୍ବରୁ ବହୁବାର ଆଇସିଟି ଓ ଇ-ବିଦ୍ୟାଳୟ ଯୋଜନାକୁ ଘରୋଇକରଣ କରିବାକୁ ସରକାରୀ ସ୍ତରରେ ମାନ୍ୟତା ପାଇଁ ମାଧ୍ୟମିକ ଶିକ୍ଷା ସିଲାବସ୍ ଅନୁସାରେ କମ୍ପ୍ୟୁଟର ବିଷୟକୁ ଅନ୍ତର୍ଭୁକ୍ତ କରିବାକୁ ଦାବି ହୋଇଛି। କିନ୍ତୁ ଶିକ୍ଷା ବିଭାଗ ଓ ସରକାର ଏଥିପ୍ରତି କୌଣସି କର୍ଣ୍ଣପାତ କରିନାହାନ୍ତି। ୨୩୭ ଦିନ ଲୋୟର ପିଏମ୍‌ଜିଠାରେ ଖରା, ବର୍ଷା, ଶୀତକୁ ଖାତିର ନ କରି କମ୍ପ୍ୟୁଟର ଶିକ୍ଷକ ଆନ୍ଦୋଳନ ଜାରି ରଖିଥିଲେ। ଅଥଚ ସେମାନଙ୍କୁ ସରକାର ପ୍ରତିଶ୍ରୁତି ଦେଇ ଠକି ଦେଲେ। ରାଜ୍ୟର ୪୦୦୦ କମ୍ପ୍ୟୁଟର ଶିକ୍ଷକ ସ୍ୱଳ୍ପବେତନରେ ଉଚ୍ଚ ବିଦ୍ୟାଳୟରେ ସମସ୍ତ ସରକାରୀ କାର୍ଯ୍ୟ ଓ ଶିକ୍ଷାଦାନ କରୁଥିଲେ। ଏପ୍ରିଲ ୧ରେ ଏମାନଙ୍କ ୫ ବର୍ଷ ଚୁକ୍ତି ଶେଷ ହୋଇଛି। ଫଳରେ ଏପ୍ରିଲ ୨ ରୁ ରାଜ୍ୟର ୪୦୦୦ କମ୍ପ୍ୟୁଟର ଶିକ୍ଷକ ଉକ୍ତ କାର୍ଯ୍ୟରୁ ଅବ୍ୟାହତି ନେଇଛନ୍ତି। ଖୋର୍ଦ୍ଧା ଜିଲା ସଭାପତି ଲାଲୁ ପ୍ରସାଦ ଧଳଙ୍କ ନେତୃତ୍ୱରେ ପ୍ରତି ବ୍ଲକର ସଭାପତି ତଥା ସ୍କୁଲର କମ୍ପ୍ୟୁଟର ଶିକ୍ଷକମାନେ ଏଥିରେ ଭାଗ ନେଇଥିଲେ।

■ ୩ ଏମ୍‌ପି, ୧୩ ବିଧାୟକ ପ୍ରାର୍ଥୀ ଦାଖଲ କଲେ ନାମାଙ୍କନପତ୍ର

## ବେଗୁନିଆ ପାଇଁ ପ୍ରାର୍ଥିପତ୍ର ଦାଖଲ କଲେ ରାଜେନ୍ଦ୍ର

ଖୋର୍ଦ୍ଧା ଅଫିସ,୨।୪:

ଭୁବନେଶ୍ୱର ଲୋକ ସଭା ପାଇଁ ୩ ଏମ୍‌ପି ପ୍ରାର୍ଥୀ ଓ ଜିଲାର ଭୁବନେଶ୍ୱର ମଧ୍ୟ, ଭୁବନେଶ୍ୱର ଉତ୍ତର, ଏକାମ୍ର ଭୁବନେଶ୍ୱର, ଜଟଣୀ, ବେଗୁନିଆ, ଖୋର୍ଦ୍ଧା ଓ ଚିଲିକା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ୧୩ ବିଧାୟକ ପ୍ରାର୍ଥୀ ମଙ୍ଗଳବାର ନାମାଙ୍କନପତ୍ର ଦାଖଲ କରିଛନ୍ତି। ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀ ପାଇଁ ଆପ୍ ସୁବାଶିଷ ପଟ୍ଟନାୟକ, ଭାଜପାର ଜଗନ୍ନାଥ ପ୍ରଧାନ, ସ୍ୱାଧୀନ ପ୍ରାର୍ଥୀ ଭାବେ ରଞ୍ଜନ ଜେନା ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀ ପାଇଁ ସ୍ୱାଧୀନ ପ୍ରାର୍ଥୀ ଭାବେ ସୁମିତରାୟ ଚୌଧୁରୀ, ସିପିଆଇ(ଏମ୍‌ଏଲ) ପକ୍ଷରୁ ମହେନ୍ଦ୍ର କୁମାର ପରିଡା ଅନୁରୂପ ଭାବେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଏକାମ୍ର ଭୁବନେଶ୍ୱର ପାଇଁ ଭାଜପାର ବାବୁ ସିଂ, ସ୍ୱାଧୀନ ପ୍ରାର୍ଥୀ ଭାବେ ସତ୍ୟଜିତ୍ ଜେନା ଓ ଜ୍ଞାନେନ୍ଦ୍ର ମହାନ୍ତି ନାମାଙ୍କନପତ୍ର ଦାଖଲ କରିଛନ୍ତି। ଜଟଣୀ ନିର୍ବାଚନମଣ୍ଡଳୀ ପାଇଁ ବିଜେଡିର ବିଭୂତି ଭୂଷଣ ବଳବନ୍ତରାୟ ମଧ୍ୟ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ବେଗୁନିଆ ନିର୍ବାଚନମଣ୍ଡଳୀ ପାଇଁ ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର ସାହୁ ଖୋର୍ଦ୍ଧା ଉପଜିଲାପାଳ ସରୋଜ ସାହୁଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଏ ଅବସରରେ ସାହୁଙ୍କ ପକ୍ଷରୁ ଏକ ଶୋଭାଯାତ୍ରା ଖୋର୍ଦ୍ଧାର ଏଲଆଇସି ଅଫିସ ନିକଟରୁ ବାହାରି ନୂଆ ବସ୍‌ଷ୍ଟାଣ୍ଡ ଦେଇ ଖୋର୍ଦ୍ଧା ସହର ପରିକ୍ରମା କରିଥିଲା। ଶୋଭାଯାତ୍ରାରେ ଭୁବନେଶ୍ୱର ଲୋକସଭା ପ୍ରାର୍ଥୀ ଅରୂପ ପଟ୍ଟନାୟକ, ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ପ୍ରାର୍ଥୀ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ଓ ରାଜେନ୍ଦ୍ର ଉପସ୍ଥିତ ଥିଲେ। ଅନ୍ୟପକ୍ଷେ ବେଗୁନିଆ ନିର୍ବାଚନମଣ୍ଡଳୀର ରୁଦ୍ର ନାରାୟଣ ବାହିନୀପତି ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଚିଲିକା ନିର୍ବାଚନମଣ୍ଡଳୀ ପାଇଁ ଲଲାଟେନ୍ଦୁ ଶତପଥୀ ଅତିରିକ୍ତ ଜିଲାପାଳ ମଲ୍ଲିକଙ୍କ ନିକଟରେ ଓ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ପାଇଁ ସ୍ୱାଧୀନ ପ୍ରାର୍ଥୀ ମୋହିତ ରଞ୍ଜନ ବେହେରା ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଭୁବନେଶ୍ୱର ଲୋକସଭା ପାଇଁ ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ରଙ୍କ ନିକଟରେ ଫ୍ରି ଥଟ୍ ପାର୍ଟି ଅଫ ଇଣ୍ଡିଆର ବିଶ୍ୱନାଥ ରାମଚନ୍ଦ୍ର ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେହିଭଳି କୃପା ପାର୍ଟିର ବିଶ୍ୱନାଥ ରାଉତ, ସ୍ୱାଧୀନ ପ୍ରାର୍ଥୀ ଜୟନ୍ତ କୁମାର ଦାସ ଅନୁରୂପ ଭାବେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି।

## ରାମେଶ୍ୱର ପଞ୍ଚାୟତରେ କ୍ୟାମ୍ପ୍ କୋର୍ଟ

ନିରାକାରପୁର,୨।୪(ଡି.ଏନ.ଏ.)

ରାମେଶ୍ୱର ପଞ୍ଚାୟତ କାର୍ଯ୍ୟାଳୟ ମଧ୍ୟରେ ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ମଙ୍ଗଳବାର ପୂର୍ବାହ୍ନରେ କ୍ୟାମ୍ପ୍ କୋର୍ଟ ହୋଇଯାଇଛି। ଟାଙ୍ଗୀ ଗ୍ରାମ୍ୟ ନ୍ୟାୟାଧିକାରୀ ରଶ୍ମିତା ସାହୁଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଟକସ୍ଥିତ ନ୍ୟାଶନାଲ୍ ଲ ୟୁନିଭର୍ସିଟିର ଭାଇସ୍ ଚାନ୍ସେଲର୍ କ୍ରିଷ୍ଣାଦେବ ରାଓଙ୍କ ସମେତ ଲ ଛାତ୍ରୀଛାତ୍ର ଯୋଗଦେଇଥିଲେ। କ୍ୟାମ୍ପ୍‌କୋର୍ଟରେ ୧୨ଟି କେସ୍‌ର ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ଏହାକୁ ଏପିପି ନିରଞ୍ଜନ ଦାସ, ସମ୍ପାଦକ ସ୍ୱସ୍ତିକ ରଥ, ପୂର୍ବତନ ସଭାପତି ଭାସ୍କର ପ୍ରସାଦ ପ୍ରମୁଖ ପରିଚାଳନା କରିଥିଲେ।

## ବ୍ରାଉନ୍ ସୁଗାର ଚାଲାଣରେ ପଥର ମାଫିଆ

ଭୁବନେଶ୍ୱର,୨।୪ (ବ୍ୟୁରୋ)

■ ୪ଜଣଙ୍କୁ ଧରିଲା ପୋଲିସ

■ ବନ୍ଧୁକ, ବ୍ରାଉନ୍ ସୁଗାର ଓ ଦାମୀ କାର ଜବତ

ଦାମୀ କାର୍‌ରେ ହେଉଥିଲା ବ୍ରାଉନ ସୁଗାର ଚାଲାଣ। ସେଥିରେ ଯାଉଥିବା ଲୋକ ସମ୍ଭ୍ରାନ୍ତ ପରିବାରର ଭଳି ଲାଗୁଥିଲେ। ପୋଲିସ ନଜରରୁ ହଟିବା ପାଇଁ ଏଭଳି ଚତୁରତା ଅବଲମ୍ବନ କରାଯାଇଥିଲା। ଶେଷରେ କ୍ୟୁଏଟି ଓ ଶହୀଦନଗର ପୋଲିସ ହାତରେ ଧରାପଡିଛନ୍ତି ଏହି ର୍‍ୟାକେଟ। ସମ୍ପୃକ୍ତ ଗ୍ୟାଙ୍ଗ୍‌ର ୪ଜଣ ସଦସ୍ୟଙ୍କୁ କ୍ୟୁଏଟି ଓ ଶହୀଦନଗର ପୋଲିସ ଗିରଫ କରିଛି। ସେମାନଙ୍କ ନିକଟରୁ ପୋଲିସ ଗୋଟିଏ ବନ୍ଧୁକ, ଦୁଇଟି ଜୀବନ୍ତ ଗୁଳି, ୩୧ ଗ୍ରାମ ବ୍ରାଉନ ସୁଗାର, ନଗଦ ୧୩ ହଜାର ଟଙ୍କା, ୫ ମୋବାଇଲ୍ ଫୋନ୍ ଓ ଗୋଟିଏ ଟାଟା ସଫାରି କାର (ଓଆର୦୨ବିଏଚ୍‌୫୪୦୨)କୁ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଖୋର୍ଦ୍ଧା ଅଞ୍ଚଳର ସୋମନାଥ ଭୁଜବଳ, ରାଜେଶ ବରାଳ, ଅମରେନ୍ଦ୍ର ବରାଳ ଓ ଜିତେନ୍ଦ୍ର ମାନସିଂ। ଶହୀଦନଗର ଥାନାରେ ଆଇପିସି ଦଫା ୨୧(ବି), ଏନ୍‌ଡିପିଏସ୍ ସହ ୨୫ ଆର୍ମସ ଆକ୍ଟ ଲଗାଇ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଗ୍ୟାଙ୍ଗ୍‌ର ମାଷ୍ଟରମ୍ୟାଇଣ୍ଡ ସୋମନାଥ ହୋଇଥିବାବେଳେ ସେ ଚୋରା ପଥର ଚାଲାଣ କରନ୍ତି। ତାଙ୍କ ନାମରେ ଖୋର୍ଦ୍ଧା ଥାନାରେ ଏକାଧିକ ମାମଲା ରହିଥିବା ପୋଲିସ ସୂଚନା ଦେଇଛି।

ସୂଚନା ଅନୁଯାୟୀ, ଗତ କିଛିଦିନ ହେବ ଖୋର୍ଦ୍ଧାରେ ଚୋରା ପଥର ଚାଲାଣ ଉପରେ କଟକଣା ହେବାରୁ ସୋମନାଥ ଉକ୍ତ କାର୍ଯ୍ୟଛାଡ଼ି ଏକ ଗ୍ୟାଙ୍ଗ୍ ଗଢ଼ିଥିଲେ। ସେମାନେ ନିୟମିତ ବାଲେଶ୍ୱର ଜଳେଶ୍ୱରରୁ ବ୍ରାଉନସୁଗାର ଆଣି ରାଜଧାନୀ ଓ ଖୋର୍ଦ୍ଧା ଅଞ୍ଚଳରେ ହୋଲ୍‌ସେଲିଂ କରନ୍ତି। ତାଙ୍କଠାରୁ ଛୋଟ ବେପାରୀମାନେ ବ୍ରାଉନସୁଗାର ନେଇଥାନ୍ତି। ଏନେଇ କ୍ୟୁଏଟି ନିକଟରେ ଖବର ପହଞ୍ଚିଥିବା ପରେ ଗତ କିଛିଦିନ ହେବ ଉକ୍ତ ଗ୍ୟାଙ୍ଗ୍ ଉପରେ ନଜର ରଖାଯାଇଥିଲା। ସୋମବାର ରାତି ପ୍ରାୟ ଗୋଟାଏ ବେଳେ ସେମାନେ ଜୟଦେବ ବିହାର ବନା ଢାବା ନିକଟରେ ରାସ୍ତାରେ କାର ପାର୍କ କରି ଭିତରେ ବସିଥିଲେ। ସେମାନେ ଅନ୍ୟ କାହାକୁ ବ୍ରାଉନସୁଗାର ବିକ୍ରି କରିବାକୁ ଅପେକ୍ଷା କରିଥିବା ପୋଲିସ ସନ୍ଦେହ କରୁଛି। ତେବେ ଏହି ସମୟରେ ପୋଲିସ ଚଢ଼ାଉ କରି ସେମାନଙ୍କୁ ଥାନାକୁ ଆଣି ପଚରାଉଚରା ପରେ ବ୍ରାଉନସୁଗାର ର୍‍ୟାକେଟର ପର୍ଦ୍ଦାଫାଶ ହୋଇଥିଲା। ସୋମନାଥ ଓ ୩ ସହଯୋଗୀଙ୍କ ନାମରେ ଅନ୍ୟ କେଉଁ ଥାନାରେ ମାମଲା ରହିଛି ସେନେଇ ପୋଲିସ ଖୋଳତାଡ କରୁଛି। ଅନ୍ୟପକ୍ଷରେ ଶହୀଦନଗର ଥାନା ବନାଢ଼ାବା ନିକଟରେ ସବୁବେଳେ ଅସାମାଜିକଙ୍କ ଆଡ୍ଡା ଜମୁଛି। ଚୋରା ମଦ ଓ ନିଶା କାରବାର ଚାଲୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

■ କାଳବୈଶାଖୀରେ ଧାନ ଫସଲ କ୍ଷତିଗ୍ରସ୍ତ

## ନଷ୍ଟ ଧାନ ଧରି ଚାଷୀଙ୍କ ପ୍ରତିବାଦ

ଖୋର୍ଦ୍ଧା ଅଫିସ,୨।୪:





ଚାଷୀମାନେ ନଷ୍ଟ ହୋଇଥିବା ଧାନକୁ ଦେଖାଇ ପ୍ରତିବାଦ କରୁଛନ୍ତି ।

■ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

■ ମିଳିଲାନି ଅଖା ଟଙ୍କା, ବୀମା ରାଶି

ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ମଙ୍ଗଳବାର କାଳବୈଶାଖୀ ପ୍ରଭାବରେ ନଷ୍ଟ ହୋଇଥିବା ଖରାଟିଆ ଥୋଡ ଧାନ ଧରି ଚାଷୀମାନେ ବିକ୍ଷୋଭ କରିଛନ୍ତି। ମଧ୍ୟାହ୍ନ ୧୨ଟାରେ ଆରମ୍ଭ ହୋଇଥିବା ବିକ୍ଷୋଭ ଅତିରିକ୍ତ ଜିଲାପାଳ ମନୋରଞ୍ଜନ ମଲ୍ଲିକଙ୍କ ହସ୍ତକ୍ଷେପ ପରେ ଅପରାହ୍ନ ୨ଟାରେ ପ୍ରତ୍ୟାହୃତ ହୋଇଥିଲା। ଚାଷୀ ଓ ଚାଷକୁ ବଞ୍ଚାଇବାକୁ ମଙ୍ଗଳବାର ଚାଷୀ ଖୋର୍ଦ୍ଧାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଘେରାଉ କରିଥିଲେ। ଅଭିଯୋଗ ଥିଲା ସରକାର ଓ ପ୍ରଶାସନ ଚାଷୀଙ୍କ ପାଇଁ କାମ କରୁନାହାନ୍ତି। ଚାଷୀଙ୍କ ସମସ୍ୟା ଓ ଅଭିଯୋଗକୁ ଅଣଦେଖା କରୁଛନ୍ତି। ସରକାର ମଣ୍ଡି ଯୋଗେ ଧାନ କିଣିଲେ। ଚାଷୀଙ୍କଠାରୁ ଅଖା ନେଇଗଲେ, ଟଙ୍କା ଦେଲେନି କି ଅଖା ଫେରାଇଲେ ନାହିଁ। ଏପରିକି ଅଖା ଟଙ୍କା ଫେରାଇବା ସମ୍ପର୍କରେ ଜିଲାପାଳଙ୍କଠାରୁ ପ୍ରତିଶ୍ରୁତି ମିଳିଥିଲେ ମଧ୍ୟ ତାହା ଶୀତଳଭଣ୍ଡାରକୁ ଚାଲିଯାଇଥିଲା। ସେହିପରି କୌଣସି ବିପର୍ଯ୍ୟୟ ହୋଇ ଚାଷ କ୍ଷତି ହେଲେ ସେଥିପାଇଁ ଚାଷୀ କରିଥିବା ବୀମା ଅର୍ଥ ମଧ୍ୟ ମିଳିନାହିଁ। ଧାନମଣ୍ଡି ଜିଲାର ବିଭିନ୍ନ ସ୍ଥାନରେ ଖୋଲାଯାଇଛି। ହେଲେ ଟାର୍ଗେଟ ଶେଷ ହୋଇଛି ଦର୍ଶାଇ ଧାନ ଆଉ କିଣାଯାଉନି। ଏ ନେଇ ବିଭିନ୍ନ ଅଞ୍ଚଳରେ ଚାଷୀଙ୍କ ବିକ୍ଷୋଭ, ଆନ୍ଦୋଳନ, ପ୍ରତିବାଦ ଚାଲିଛି। ଚାଷୀ ଜିଲା ଯୋଗାଣ ଅଧିକାରୀ ଓ ଜିଲାପାଳଙ୍କୁ ଭେଟି ଧାନ କିଣିବାର ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ। ଚାଷୀଙ୍କ ଏହି ଦାବି ବି ପୂରଣ ହୋଇପାରିଲା ନାହିଁ। ଧାନ କିଣା ଓ ଅଖା ଟଙ୍କା ଫେରସ୍ତ ସମ୍ପର୍କରେ ମାର୍ଚ୍ଚ ୨୬ ରେ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଜିଲାପାଳଙ୍କୁ ଫେରାଦ ହୋଇଥିଲା। ଏପ୍ରିଲ ୧ ସୁଦ୍ଧା ସମାଧାନ କରା ନ ଗଲେ ଚାଷୀ ଆନ୍ଦୋଳନ କରିବାକୁ ଜିଲାପାଳଙ୍କୁ ଅବଗତ କରାଇଥିଲେ। ହେଲେ ଚାଷୀଙ୍କ ସମସ୍ୟା ସମାଧାନ ନ ହେବାରୁ ସେମାନେ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଥିଲେ।

ଅପରପକ୍ଷେ ୨୦୧୭ -୧୮ ଆର୍ଥିକ ବର୍ଷରେ ଧାନ ଫସଲ ନଷ୍ଟ ହୋଇଥିଲା। ଚାଷୀ ଜିଲା ପ୍ରଶାସନ ନିକଟରୁ କ୍ଷତିପୂରଣ ପାଇଲେ। ହେଲେ କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମା ବାବଦ ଟଙ୍କା ଦିଆଗଲାନାହିଁ। ଏ ନେଇ ବିଭିନ୍ନ ସମୟରେ ଆନ୍ଦୋଳନ ହୋଇଥିଲେ ମଧ୍ୟ ଚାଷୀ ଏଯାବତ୍ ତା'ର ପ୍ରାପ୍ୟ ପାଇନାହିଁ। ସେହିଭଳି ମାର୍ଚ୍ଚ ୩୦ ରେ ବ୍ରଜମୋହନପୁର ପଞ୍ଚାୟତ ଶରଧାପୁରରେ କାଳବୈଶାଖୀ ହୋଇଥିଲା। ଏଠାରେ ସ୍ଥାନୀୟ ଓ ଆଖପାଖ ଅଞ୍ଚଳର ଶତାଧିକ ଚାଷୀଙ୍କ ଏକର ଏକର ଧାନ ନଷ୍ଟ ହୋଇଯାଇଥିଲା। ଧାନ ଥୋଡ ସମୟରେ କ୍ଷତି ହୋଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଏହାକୁ ଅଣଦେଖା କରାଯାଇଥିଲା। ସ୍ଥାନୀୟ ଚାଷୀ କ୍ଷତି ସମ୍ପର୍କରେ କୃଷି ବିଭାଗ, ତହସିଲ ଓ ଆରଆଇ ଅଫିସରେ ଅବଗତ କରିଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ବିଭିନ୍ନ କାରଣକୁ ନେଇ ଉତ୍ତେଜିତ ଚାଷୀ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଘେରାଉ କରିଥିଲେ। ନବନିର୍ମାଣ କୃଷକ ସଙ୍ଗଠନର ଜିଲା ସଂଯୋଜକ ସୁରେଶ ମାନସିଂ କୁହନ୍ତି, ସରକାର, ପ୍ରଶାସନର ଚାଷୀଙ୍କ ପ୍ରତି ବୈମାତୃକ ମନୋଭାବ ଓ ଅଣଦେଖାକୁ ନେଇ ଏହି ବିକ୍ଷୋଭ କରାଯାଇଥିଲା। ଅତିରିକ୍ତ ଜିଲାପାଳ ମଲ୍ଲିକଙ୍କ ସହ ଆଲୋଚନା ପରେ ଖୁବ୍‌ଶୀଘ୍ର ଅଖା ଟଙ୍କା ଚାଷୀ ପାଇବେ ବୋଲି ପ୍ରତିଶ୍ରୁତି ମିଳିଛି। ସେହିପରି ମଣ୍ଡିରେ ପୁଣି ଧାନ କିଣାଯିବ ବୋଲି ସେ କହିଥିଲେ। କାଳବୈଖାଖୀରେ ନଷ୍ଟ ହୋଇଥିବା ଫସଲର କ୍ଷେତ୍ର ପରିଦର୍ଶନ ପାଇଁ କୃଷି ଓ ରାଜସ୍ୱ ବିଭାଗର ଟିମ୍ ମଙ୍ଗଳବାରଠାରୁ ତଦନ୍ତ ଆରମ୍ଭ କରିଛନ୍ତି। ଅନ୍ୟ ସମସ୍ୟା ପର୍ଯ୍ୟାୟକ୍ରମେ ସମାଧାନ କରାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ସଞ୍ଜୟଙ୍କଠାରୁ ସ୍ତ୍ରୀ ଧନୀ
### ରଞ୍ଜନଙ୍କ ଅସ୍ଥାବର ସମ୍ପତ୍ତି ମୂଲ୍ୟ ୧ ହଜାର ଟଙ୍କା

**ପୁରୀ ଅଫିସ,୨।୪:** ପୁରୀ ଲୋକ ସଭା ପ୍ରାର୍ଥୀ ଭାବେ ସିପିଆଇ (ଏମ୍‌ଏଲ୍) ରେଡ୍ ଷ୍ଟାର ପକ୍ଷରୁ ମଙ୍ଗଳବାର ନାମାଙ୍କନ ଦାଖଲ କରିଛନ୍ତି ରଞ୍ଜନ ମିଶ୍ର । ଖୋର୍ଦ୍ଧା ଜିଲା ବାଣପୁର କୁମାରଙ୍ଗା ଶାସନର ରଞ୍ଜନ ସତ୍ୟପାଠରେ ଦର୍ଶାଇଛନ୍ତି ଯେ, ତାଙ୍କ ଅସ୍ଥାବର ସମ୍ପତ୍ତିର ମୂଲ୍ୟ ମାତ୍ର ୧,୦୦୦ ଟଙ୍କା । ତାଙ୍କ ପାଖରେ ୫୦୦ ଟଙ୍କା ଥିବାବେଳେ ଏକ ବ୍ୟାଙ୍କ ଖାତାରେ ୫୦୦ ଟଙ୍କା ଜମା ରହିଛି । ସ୍ଥାବର ସମ୍ପତ୍ତି କିଛି ନାହିଁ କିମ୍ବା ତାଙ୍କ ନାମରେ କୌଣସି ପ୍ରକାର ମାମଲା ନାହିଁ। ସେହିପରି ବ୍ରହ୍ମଗିରି ବିଧାନସଭା ଆସନ ଲାଗି ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି ବିଜେଡିର ସଞ୍ଜୟ ଦାସବର୍ମା। ତାଙ୍କ ସତ୍ୟପାଠ ଅନୁଯାୟୀ, ତାଙ୍କଠାରୁ ତାଙ୍କ ସ୍ତ୍ରୀ ହେଉଛନ୍ତି ଧନୀ । ସଞ୍ଜୟଙ୍କ ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୯,୮୭,୮୬୯ ଟଙ୍କା ହୋଇଥିବାବେଳେ ତାଙ୍କ ସ୍ତ୍ରୀଙ୍କ ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୨୮,୭୮,୦୬୩ ଟଙ୍କା। ସେହିପରି ସଞ୍ଜୟଙ୍କ ସ୍ଥାବର ସମ୍ପତ୍ତିର ମୂଲ୍ୟ ହେଉଛି ୭ ଲକ୍ଷ ଟଙ୍କା। ତାଙ୍କ ନାମରେ ଗୋଟିଏ ଆପରାଧିକ ମାମଲା ବିଚାରାଧୀନ ରହିଥିବା ବେଳେ ସେ ବ୍ୟାଙ୍କରୁ ୧୮,୮୪,୯୬୧ ଟଙ୍କା ଋଣ କରିଛନ୍ତି। ବ୍ରହ୍ମଗିରିର କଂଗ୍ରେସ ପ୍ରାର୍ଥୀ ଉମାକାନ୍ତ ସତ୍ୟପାଠରେ ଦର୍ଶାଇଛନ୍ତି ଯେ, ତାଙ୍କ ଅସ୍ଥାବର ସମ୍ପତ୍ତି ମୂଲ୍ୟ ୭୨,୩୧୧ ଟଙ୍କା। ସ୍ଥାବର ସମ୍ପତ୍ତି କିଛି ନାହିଁ। କିନ୍ତୁ ତାଙ୍କ ନାମରେ ୩ଟି ଆପରାଧିକ ମାମଲା ବିଚାରାଧୀନ ରହିଛି। ପିପିଲି ନିର୍ବାଚନମଣ୍ଡଳୀର ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପ୍ରାର୍ଥୀ ପଦ୍ମଚରଣଙ୍କ ଅସ୍ଥାବର ସମ୍ପତ୍ତି ମୂଲ୍ୟ ୧,୭୦,୭୮୨ ଟଙ୍କା ଓ ସ୍ଥାବର ସମ୍ପତ୍ତି ମୂଲ୍ୟ ୨୨.୮୭ ଲକ୍ଷ ଟଙ୍କା। ସେ ୪, ୫୫,୫୫୭ ଟଙ୍କା ଋଣ କରିଛନ୍ତି। ତାଙ୍କ ନାମରେ କୌଣସି ଆପରାଧିକ ମାମଲା ନାହିଁ।




# ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ବିଜ୍ଞପ୍ତି

**ଭୁବନେଶ୍ୱର,୨।୪(ବ୍ୟୁରୋ)**

- ୨ରୁ ୯ ନାମାଙ୍କନପତ୍ର ଦାଖଲ
- ୧୦ରେ ଯାଞ୍ଚ
- ୧୨ରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର

ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ସକାଶେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏହି ପର୍ଯ୍ୟାୟରେ ୬ଟି ଲୋକ ସଭା ଏବଂ ୪୨ ବିଧାନସଭା ଆସନ ପାଇଁ ନିର୍ବାଚନ ଆସନ୍ତା ୨୯ ତାରିଖରେ ହେବ। ଏଥିପାଇଁ ପ୍ରାର୍ଥୀମାନେ ଏପ୍ରିଲ ୨ ରୁ ୯ ତାରିଖ ମଧ୍ୟରେ ନାମାଙ୍କନ ପତ୍ର ଦାଖଲ କରି ପାରିବେ। ଏପ୍ରିଲ ୧୦ ତାରିଖରେ ଯାଞ୍ଚ ହେବ। ୧୨ରେ ପ୍ରାର୍ଥୀମାନେ ନିଜର ନାମାଙ୍କନ ପ୍ରତ୍ୟାହାର କରିପାରିବେ। ମୟୂରଭଞ୍ଜ ଲୋକ ସଭା ଅଧୀନରେ ଥିବା ଯଶିପୁର, ସାରସକଣା, ରାଇରଙ୍ଗପୁର, ଉଦଳା, ବଡସାହି, ବାରିପଦା ଏବଂ ମୋରଡା, ବାଲେଶ୍ୱର ଲୋକ ସଭା ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ଜଳେଶ୍ୱର, ଭୋଗରାଇ, ବସ୍ତା, ବାଲେଶ୍ୱର, ରେମୁଣା, ନୀଳଗିରି ଏବଂ ସିମୁଳିଆ, ଭଦ୍ରକ ଲୋକ ସଭା ଅଧୀନରେ ଥିବା ସୋରୋ, ସିମୁଳିଆ, ଭଣ୍ଡାରିପୋଖରୀ, ଭଦ୍ରକ, ବାସୁଦେବପୁର, ଧାମନଗର ଏବଂ ଚାନ୍ଦବାଲି, ଯାଜପୁର ଲୋକ ସଭା ଅଧୀନରେ ଥିବା ବିଞ୍ଝାରପୁର, ବରି, ବଡଚଣା, ଧର୍ମଶାଳା, ଯାଜପୁର, କୋରେଇ ଏବଂ ସୁକିନ୍ଦା, କେନ୍ଦ୍ରାପଡା ଲୋକ ସଭା ନିର୍ବାଚନ ମଣ୍ଡଳୀ ଅଧୀନରେ ସାଲେପୁର, ମାହାଙ୍ଗା, ପାଟକୁରା, କେନ୍ଦ୍ରାପଡା, ଆଳି, ରାଜନଗର ଏବଂ ମହାକାଳପଡା ବିଧାନସଭା ଏବଂ ଜଗତ୍‌ସିଂହପୁର ଲୋକ ସଭା ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ପାରାଦୀପ, ତିର୍ତ୍ତୋଲ, ବାଲିକୁଦା-ଏରସମା, ଜଗତ୍‌ସିଂହପୁର, ନିଆଳି, କାକଟପୁର ଏବଂ ନିମାପଡା ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଉକ୍ତ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏହି ନିର୍ବାଚନ ମଣ୍ଡଳୀରେ ଏପ୍ରିଲ ୨୯ ତାରିଖ ସକାଳ ୭ଟାରୁ ସନ୍ଧ୍ୟା ୬ଟା ଯାଏ ଭୋଟ ଗ୍ରହଣ କରାଯିବ।

# ସୌମ୍ୟରଞ୍ଜନଙ୍କୁ ଟିକେଟ ମିଳିବା ପରେ ତେଜିଲା ଅସନ୍ତୋଷ

**ନୟାଗଡ଼ ଅଫିସ,୨।୪**

**ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ**

- ସ୍ୱାଧୀନ ପ୍ରାର୍ଥୀ ହୋଇପାରନ୍ତି ଅନୁଭବ, ଗୟାଧର


ସୌମ୍ୟରଞ୍ଜନ ପଟ୍ଟନାୟକ, ଅନୁଭବ ପଟ୍ଟନାୟକ, ଗୟାଧର ପରିଡ଼ା

ବହୁ ପ୍ରତୀକ୍ଷା ପରେ କଟକ ଲୋକ ସଭା ଅନ୍ତର୍ଗତ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ପାଇଁ ଶେଷରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟ ସଭା ସଦସ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କୁ ଟିକେଟ ଦେଇଛନ୍ତି। ନାମାଙ୍କନ ପତ୍ର ଦାଖଲକୁ ୨ଦିନ ବାକି ଥିବାବେଳେ ବିଦ୍ରୋହକୁ ଚାପିବା ପାଇଁ ମୁଖ୍ୟମନ୍ତ୍ରୀ ଏଭଳି କରିଥିବା ଆଲୋଚନା ହେଉଛି। ମଙ୍ଗଳବାର ଏହି ଆସନ ପାଇଁ ପ୍ରାର୍ଥୀ ଘୋଷଣା ପରେ ଆଶାୟୀ ଥିବା ଖଣ୍ଡପଡ଼ା ବିଧାୟକ ଅନୁଭବ ପଟ୍ଟନାୟକ ଓ ଭାପୁର ବ୍ଲକ ଉପାଧ୍ୟକ୍ଷ ଗୟାଧର ପରିଡ଼ା ନିରାଶ ହୋଇପଡିଛନ୍ତି। ଟିକେଟ ପାଇବାରୁ ବଞ୍ଚିତ ହେବା ପରେ ଉଭୟ ନେତା ସେମାନଙ୍କ ବାସଭବନରେ ବୈଠକ କରୁଥିବା ଜଣାପଡ଼ିଛି। ବୈଠକରେ ଉଭୟ ସ୍ୱାଧୀନ ଭାବେ ପ୍ରାର୍ଥୀ ହେବା ନେଇ ଜୋର୍‌ସୋର ଚର୍ଚ୍ଚା ଚାଲିଛି। ହେଲେ କେହି ଏ ନେଇ ମୁହଁ ଖୋଲୁନାହାନ୍ତି। ଖଣ୍ଡପଡ଼ା ବିଧାୟକ ଅନୁଭବ ପଟ୍ଟନାୟକ କହନ୍ତି, ଅଞ୍ଚଳର ବିକାଶ ପାଇଁ ସେ ପ୍ରଚେଷ୍ଟା ଜାରି ରଖିଥିଲେ। ଅନେକ କାର୍ଯ୍ୟ କରିବାକୁ ବାକି ରହିଛି। ମୁଖ୍ୟମନ୍ତ୍ରୀ ବାହାରୁ ଆଣି ଜଣେ ବ୍ୟକ୍ତିଙ୍କୁ ଟିକେଟ ଦେଇଥିବାରୁ ସେ ଓ କର୍ମୀମାନେ ମର୍ମାହତ। ଦଳୀୟ କର୍ମୀ ଓ ସମର୍ଥକଙ୍କୁ ଡାକି ଆଲୋଚନା ପରେ ଯାହା ନିଷ୍ପତ୍ତି ହେବ ତାହା କରିବେ ବୋଲି ପ୍ରକାଶ କରିଥିଲେ। କର୍ମୀମାନେ ଯଦି ଚାହିଁବେ ତେବେ ସେ ସ୍ୱାଧୀନରେ ଲଢ଼ିବେ ବୋଲି କହିଥିଲେ। ଗୟାଧର ପରିଡ଼ାଙ୍କ ପ୍ରତିକ୍ରିୟା ଲୋଡିବାରୁ ସେ ଏ ନେଇ କୌଣସି ମତ ଦେଇପାରିବେ ନାହିଁ ବୋଲି କହିଥିଲେ। ଅନ୍ୟପକ୍ଷରେ ଗୟାଧର ସ୍ୱାଧୀନ ଭାବେ ନିର୍ବାଚନ ମଇଦାନକୁ ଓହ୍ଲାଇବେ ବୋଲି ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ ଗତ ଡିସେମ୍ବରରେ ଭାପୁର ବ୍ଲକ ବାଘୁଆପଲ୍ଲୀ ପଞ୍ଚାୟତ ଉପନିର୍ବାଚନରେ ସୌମ୍ୟରଞ୍ଜନଙ୍କ ସମର୍ଥିତ ପ୍ରାର୍ଥୀଙ୍କୁ ଗୟାଧରଙ୍କ ସମର୍ଥିତ ପ୍ରାର୍ଥୀ ପରାସ୍ତ କରିଥିଲେ। ସାମାନ୍ୟ ସରପଞ୍ଚ ପ୍ରାର୍ଥୀଙ୍କୁ ଜିତାଇପାରି ନ ଥିବାବେଳେ କିପରି ବିଧାୟକ ଭାବେ ଜିତିବେ ତାହାକୁ ନେଇ ଆଲୋଚନା ହେଉଛି। ଅନ୍ୟପକ୍ଷରେ ବିଦ୍ରୋହୀଙ୍କୁ ମନାଇବା ଓ ଅସନ୍ତୋଷକୁ ପ୍ରଶମିତ କରିବା ସୌମ୍ୟରଞ୍ଜନଙ୍କ ପାଇଁ ଚ୍ୟାଲେଞ୍ଜ ହେବ ବୋଲି ରାଜନୈତିକ ସମୀକ୍ଷକ ମତ ଦେଉଛନ୍ତି।

# ବିଜେଡି ନେତାଙ୍କ ଗାଡ଼ିରୁ ମିଳିଲା ୧୨ ଲକ୍ଷ


କାରରୁ ଜବତ ହୋଇଥିବା ଟଙ୍କା।

**ଭଟଲି,୨।୪(ଡି.ଏନ୍.ଏ.)**

ନିର୍ବାଚନୀ ସ୍କ୍ୱାଡ୍ ମଙ୍ଗଳବାର ଜଣେ ବିଜେଡି ନେତାଙ୍କ ଗାଡ଼ିରୁ ୧୨ଲକ୍ଷ ଟଙ୍କା ଜବତ କରିଛି। ମିଳିଥିବା ସୂଚନା ମୁତାବକ, ବରଗଡ଼ ଜିଲା ଭଟଲି ବ୍ଲକ ଅଧୀନ ବରଗଡ଼-ଅମ୍ବାଭୋନା ମୁଖ୍ୟରାସ୍ତା ବାଉଲସିଂହା ଛକ ନିକଟରେ ମଙ୍ଗଳବାର ନିର୍ବାଚନ ସ୍କ୍ୱାଡ୍ ପକ୍ଷରୁ ଗାଡି ଯାଞ୍ଚ କରାଯାଉଥିଲା। ସ୍କ୍ୱାର୍ଡ଼ ଟିମ୍ ଅମ୍ବାଭୋନାରୁ ବରଗଡ଼ ଯାଉଥିବା ଏକ କାର(ନଂ.ଓଡି୧୭ଜି-୨୩୨୩)କୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ଅଧିକାରୀମାନେ ଗାଡ଼ିରୁ ଏକ ବ୍ୟାଗ୍‌ରେ ଭର୍ତ୍ତିଥିବା ୧୨ଲକ୍ଷ ଟଙ୍କା ଏବଂ ପଞ୍ଜାବ ନ୍ୟାଶନାଲ(ପିଏନ୍‌ବି)ର ଏନ୍‌ଇଏଫ୍‌ଟି ଡିପୋଜିଟ ଫର୍ମ ଜବତ କରିଥିଲେ। ଏପରି କି ଟିମ୍‌ରେ ଥିବା ଅଧିକାରୀମାନେ କାରରେ ଥିବା ଯୋଗେଶ୍ୱର ନାୟକଙ୍କୁ ଟଙ୍କା ବିଷୟରେ ପଚାରି ବୁଝିଥିଲେ। ତଦନ୍ତ ବେଳେ ଗାଡ଼ିଟି ଅମ୍ବାଭୋନା ବ୍ଲକର ବିଜେଡି ନେତା ପ୍ରେମ ପଟେଲଙ୍କ ବୋଲି ଜଣାପଡିଥିଲା। ଏପରି କି ଯୋଗେଶ୍ୱର ପଟେଲଙ୍କର ପେଟ୍ରୋଲ ପମ୍ପର ମ୍ୟାନେଜର ବୋଲି ଅଧିକାରୀମାନେ ଜାଣିବାକୁ ପାଇଥିଲେ। ସେ ବରଗଡ଼ ବ୍ୟାଙ୍କକୁ ଉକ୍ତ ଟଙ୍କା ଜମା କରିବାକୁ ଯାଉଥିବା ଅଧିକାରୀମାନଙ୍କୁ କହିଥିଲେ। ସ୍କ୍ୱାଡ୍ ଟିମ୍ ଉକ୍ତ ଟଙ୍କାକୁ ଭଟଲି ଥାନାକୁ ଆଣି ଥାନା ଭାରପ୍ରାପ୍ତ ଅଧିକାରୀ ଦିଲୀପ କୁମାର ବେହେରାଙ୍କୁ ଜିମା ଦିଆଯାଇଥିଲା। ଏନେଇ ପୋଲିସ ଘଟଣାର ଅଧିକ ତଦନ୍ତ ଚଳାଇଛି। ଅନ୍ୟପକ୍ଷେ ପୋଲିସ ଘଟଣା ସଂକ୍ରାନ୍ତରେ ଭଟଲି ବିଧାନସଭା ରିଟର୍ନିଂ ଅଫିସରଙ୍କୁ ଅବଗତ କରାଇଛି। ତେବେ ଗାଡ଼ି ମାଲିକ ପ୍ରେମ ପଟେଲଙ୍କୁ ପଚାରିବାରୁ ଉକ୍ତ ଟଙ୍କା ପେଟ୍ରୋଲ ପମ୍ପର। ମ୍ୟାନେଜର ଉକ୍ତ ଟଙ୍କା ଧରି ବରଗଡ଼ ପିଏନ୍‌ବି ଶାଖାକୁ ଜମା କରିବାକୁ ଯାଉଥିବା ପ୍ରକାଶ କରିଛନ୍ତି।

# ଚୌକିଦାରି ନାଁରେ ମିଛ ପ୍ରଚାର ଚଳିବ ନାହିଁ: ମାୟାବତୀ

**ଭୁବନେଶ୍ୱର,୨।୪(ବ୍ୟୁରୋ)**



ମାୟାବତୀଙ୍କୁ ଦଳୀୟ ନେତାମାନେ ସ୍ୱାଗତ କରୁଛନ୍ତି।

- ସଂରକ୍ଷଣ ନୀତି ନେଇ ରାଜ୍ୟ ସରକାରଙ୍କୁ ସମାଲୋଚନା
- କଂଗ୍ରେସକୁ ବି ଛାଡ଼ିଲେନି

ଦେଶର ଚୌକିଦାରି ନାଁରେ ଭାଜପା କରୁଥିବା ମିଛ ପ୍ରଚାର (ଜୁମ୍‌ଲା) ଚଳିବ ନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ଗରିବଙ୍କ ପ୍ରତି ପ୍ରତାରଣା କରିଛି। ଅତୀତରେ କଂଗ୍ରେସ ସରକାର କରିଥିବା ସବୁ ଭୁଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୋହରାଇଛନ୍ତି। ରାଜ୍ୟରେ ଥିବା ନବୀନ ପଟ୍ଟନାୟକଙ୍କ ସରକାର ମଧ୍ୟ ଲୋକଙ୍କ ଉତ୍ଥାନ ନେଇ ଏତେଟା ଗମ୍ଭୀର ନ ଥିବା ବିଏସ୍‌ପି ମୁଖ୍ୟ ମାୟାବତୀ କହିଛନ୍ତି। ରାଜଧାନୀ ଭୁବନେଶ୍ୱରସ୍ଥିତ ବରମୁଣ୍ଡା ପଡିଆରେ ଦଳ ପକ୍ଷରୁ ଆୟୋଜିତ ନିର୍ବାଚନୀ ସଭାରେ ମାୟାବତୀ ଏହି ମନ୍ତବ୍ୟ ପ୍ରଦାନ କରିଛନ୍ତି। ମାୟାବତୀ ନିଜର ୨୫ ମିନିଟ୍ ବକ୍ତବ୍ୟରେ ଭାଜପାକୁ ସର୍ବାଧିକ ଟାର୍ଗେଟ କରିଛନ୍ତି। ଅନୁରୂପ ଭାବେ କଂଗ୍ରେସକୁ ମଧ୍ୟ ସମାଲୋଚନା କରିବାକୁ ପଛାଇନାହାନ୍ତି। ବିଜେଡିକୁ କମ୍ ସମାଲୋଚନା କରିଥିଲେ ବି ସଂରକ୍ଷଣ ନୀତି ଉପଯୁକ୍ତ ଭାବେ ଲାଗୁ ନ କରାଯିବା ନେଇ ଖୁବ୍ ବର୍ଷିଛନ୍ତି।

ମାୟାବତୀ କହିଛନ୍ତି ଯେ, ଓଡ଼ିଶାରେ ଅନୁସୂଚିତ ଜାତି(ଏସ୍‌ସି), ଅନୁସୂଚିତ ଜନଜାତି(ଏସ୍‌ଟି) ଏବଂ ଅନ୍ୟାନ୍ୟ ପଛୁଆ ବର୍ଗ(ଓବିସି)ଙ୍କ କ୍ଷେତ୍ରରେ ସଂରକ୍ଷଣ ନୀତି ଠିକ୍ ଭାବେ ଲାଗୁ କରାଯାଇନାହିଁ। ନବୀନବାବୁ ଯଦି ରାଜ୍ୟର ସମସ୍ୟା ପ୍ରତି ସମ୍ବେଦନଶୀଳ ହୋଇଥାନ୍ତେ, ତେବେ ନିର୍ବାଚନ ସମୟରେ ତାଙ୍କୁ ଶିଳାନ୍ୟାସ ଓ ଉଦ୍‌ଘାଟନ କରିବାକୁ ପଡନ୍ତା ନାହିଁ। କେନ୍ଦ୍ର ସରକାର ନିଜ ଅନ୍ତିମ ବଜେଟ୍‌ରେ କେବଳ ଭୋଟରଙ୍କୁ ସ୍ୱପ୍ନ ଦେଖାଇଛନ୍ତି। ଇସ୍ତାହାର ମାଧ୍ୟମରେ ଜନସାଧାରଣଙ୍କୁ ଭାଜପା ଓ କଂଗ୍ରେସ ଭଳି ଦଳ ଭୁଆଁ ବୁଲାଉଛନ୍ତି। ବିଏସ୍‌ପି କଥା ନୁହେଁ, କାମରେ ବିଶ୍ୱାସ କରିଥାଏ। ତେଣୁ ଅନ୍ୟ ଦଳ ଭଳି ନିର୍ବାଚନୀ ଇସ୍ତାହାର ରାଜନୀତିରେ ବିଶ୍ୱାସ ରଖେ ନାହିଁ। ଦେଶପ୍ରେମର କଥା କହୁଥିବା ଦଳ ପୁଲୱାମା ଆକ୍ରମଣ ପରେ ଦଳୀୟ କାର୍ଯ୍ୟକ୍ରମରେ ବ୍ୟସ୍ତ ରହିଥିଲା। ଚୌକିଦାରି ନାଁରେ ଦେଶୀବିଦେଶୀ ପୁଞ୍ଜିପତିମାନଙ୍କୁ କେବଳ କେନ୍ଦ୍ର ସରକାର ସହାୟତା କରୁଥିବା ମାୟାବତୀ କହିଛନ୍ତି। କେନ୍ଦ୍ର ସରକାର ନିଜ ନିର୍ବାଚନୀ ପ୍ରତିଶ୍ରୁତିର ଏକ ଚତୁର୍ଥାଂଶ ପୂରଣ କରିନାହାନ୍ତି। ବିମୁଦ୍ରୀକରଣ ଏବଂ ଜିଏସ୍‌ଟିକୁ ଲାଗୁ କରାଯିବା ପୂର୍ବରୁ ସରକାରଙ୍କ ପକ୍ଷରୁ କୌଣସି ପ୍ରସ୍ତୁତି କରାଯାଇ ନ ଥିଲା। ଅବହେଳିତ ବର୍ଗର ଉତ୍‌ଥାନ ପାଇଁ ସଚ୍ଚାର କମିଟି ସୁପାରିସକୁ ଠିକ୍ ରୂପେ ଲାଗୁ କରାଯାଇନାହିଁ। ଉଚ୍ଚବର୍ଗର ଅବହେଳିତଙ୍କ ପାଇଁ ୧୦ ପ୍ରତିଶତ ସଂରକ୍ଷଣ ସହ ଅନ୍ୟ କିଛି ଦିଗ ଉପରେ ମଧ୍ୟ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି। କଂଗ୍ରେସ ଦଳ ଅତୀତରେ ବୋଫର୍ସ ଦୁର୍ନୀତି କରିଥିଲା, ଭାଜପା ସମୟରେ ରାଫାଲ ଦୁର୍ନୀତି ହୋଇଛି। ସୀମାସୁରକ୍ଷାର ଢିଲା କାରଣରୁ ବାରମ୍ବାର ଆତଙ୍କବାଦୀ ଆକ୍ରମଣ ହେଉଛି। ସିବିଆଇ, ଇଡି ଭଳି ସ୍ୱୟଂଶାସିତ ସଂସ୍ଥାକୁ କେନ୍ଦ୍ର ସରକାର ଅପବ୍ୟବହାର କରୁଥିବା ମାୟାବତୀ କହିଛନ୍ତି।

ନିଜ ସପକ୍ଷରେ ଜନମତକୁ ଆଣିବା ପାଇଁ ବିଭିନ୍ନ ଦଳ ମିଛ ସର୍ବେକ୍ଷଣ, ମତାମତ ସମ୍ପର୍କିତ ପେଡ୍ ନ୍ୟୁଜ ପରିବେଷଣ କରାଯାଉଛି। ସବ୍‌କା ସାଥ୍, ସବ୍‌କା ବିକାଶ ସ୍ଲୋଗାନ ଦେଇ କେବଳ ଧନପଶୁଙ୍କୁ ଫାଇଦା ଦିଆଯାଉଛି। ତେଣୁ କେନ୍ଦ୍ରରେ ଅବହେଳିତ ବର୍ଗର ସରକାର ପାଇଁ ବିଏସ୍‌ପି ଭଳି ବହୁଜନ ହିତୈଷୀ ଦଳକୁ ଭୋଟ ଦେବା ପାଇଁ ମାୟାବତୀ ସମବେତ ଜନତାଙ୍କୁ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ସଭାରେ ରାଜ୍ୟ ସଭା ସଦସ୍ୟ ସତୀଶ ମିଶ୍ର, ବିଏସ୍‌ପି ନେତା ଧରମବୀର ସିଂ ଅଶୋକ, ପୂର୍ବତନ ବିଧାୟକ କୃଷ୍ଣ ସଗରିଆ, ସାମାଜିକ ନ୍ୟାୟ ଅଭିଯାନର ଆବାହକ ଅକ୍ଷୟ ମଲ୍ଲିକ, ଦେବୀ ପ୍ରସାଦ ପୃଷ୍ଟି, ବିଏସ୍‌ପି ଓଡ଼ିଶା ଶାଖା ସଭାପତି ଟଙ୍କଧର ବାଗ ପ୍ରମୁଖ ଉପସ୍ଥିତ ଥିଲେ।

## ନାବାର୍ଡର ପୂର୍ବତନ ସିଜିଏମ୍ ଭାଜପାରେ ଯୋଗଦେଲେ

**ଭୁବନେଶ୍ୱର,୨।୪(ବ୍ୟୁରୋ)**

ନାବାର୍ଡର ପୂର୍ବତନ ସିଜିଏମ୍ କେସି ପାଣିଗ୍ରାହୀ ମଙ୍ଗଳବାର ଭାଜପାରେ ଯୋଗ ଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପୂର୍ବତନ କେନ୍ଦ୍ରାପଡା ଏମ୍‌ପି ବୈଜୟନ୍ତ ପଣ୍ଡା, ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତଙ୍କ ଉପସ୍ଥିତିରେ ପାଣିଗ୍ରାହୀ ଭାଜପାରେ ସାମିଲ ହୋଇଛନ୍ତି। ରାଜନୀତିରେ ସମାଜ ସେବା କରିବା ପାଇଁ ଅଧିକ ସୁଯୋଗ ରହିଥିବା ପାଣିଗ୍ରାହୀ କହିଛନ୍ତି। କୌଣସି ପଦପଦବୀକୁ ଆଶା କରି ରାଜନୀତିକୁ ଆସିନାହାନ୍ତି। ଦଳ ପକ୍ଷରୁ ଯେଉଁ ଦାୟିତ୍ୱ ଦିଆଯିବ, ତାହା ସୂଚାରୁରୂପେ ପାଳନ କରିବେ ବୋଲି ସେ କହିଛନ୍ତି।

# ମନ୍ଦିରରେ ବିଜେଡିର ପ୍ରଚାର

**ଭୁବନେଶ୍ୱର,୨।୪(ବ୍ୟୁରୋ)**

- ଲୋଇସିଂହା ବିଜେଡି ପ୍ରାର୍ଥୀଙ୍କ ନାମାଙ୍କନରେ ତ୍ରୁଟି
- ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଫେରାଦ ହେଲା ଭାଜପା



ଧର୍ମଶାଳା ବିଧାନସଭା ନିର୍ବାଚନ ମଣ୍ଡଳୀର କୃଷ୍ଣପଡା ଗ୍ରାମରେ ଥିବା ଏକ ମନ୍ଦିର ଉପରେ ବିଜେଡି ତା'ର ଦଳୀୟ ରଙ୍ଗ, ଚିହ୍ନ ଏବଂ ନିର୍ବାଚନ ପ୍ରଚାର ବିଷୟ ଲେଖିଛି। ମନ୍ଦିର ପରିସରରେ ପ୍ରଚାର କରିବା ବା ପୋଷ୍ଟର ମାରିବା ଆଦର୍ଶ ନିର୍ବାଚନ ଆଚରଣ ବିଧିର ପରିପନ୍ଥୀ । ବିଜେଡି କ୍ଷମତା ଲୋଭରେ ଧର୍ମାନୁଷ୍ଠାନରେ ନିର୍ବାଚନୀ ପ୍ରଚାର କରୁଛି । ଶାସକ ଦଳ ଆଦର୍ଶ ନିର୍ବାଚନ ଆଚରଣ ବିଧିକୁ ଉଲ୍ଲଂଘନ କରିଛି। ଯଥାଶୀଘ୍ର ଏହି ଘଟଣା ଉପରେ ଯାଜପୁର ଜିଲାପାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ମନ୍ଦିର ପରିସରରେ ଥିବା ହୋର୍ଡିଂ ହଟାଇବାକୁ ରାଜ୍ୟ ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଯାଇଥିବା ଭାଜପା ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଦାବି କରିଛି । ସେହିପରି ଲୋଇସିଂହା ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥୀ ପ୍ରଦୀପ ବେହେରାଙ୍କ ନାଁରେ ଭିଜିଲାନ୍ସ କେସ ରହିଛି। ହାଇକୋର୍ଟରେ ତାହା ବିଚାରାଧୀନ ରହିଛି । ଏକଥା ସେ ତାଙ୍କ ନିର୍ବାଚନ ନାମାଙ୍କନ ପତ୍ରରେ ଉଲ୍ଲେଖ କରିନାହାନ୍ତି। ସେ ଜଣେ ସରକାରୀ କର୍ମଚାରୀ ହୋଇଥିବା ବେଳେ ତାଙ୍କ ନାଁରେ ଭିଜିଲାନ୍ସ ମାମଲା ଥାଇ ମଧ୍ୟ ତାଙ୍କର ସ୍ୱେଚ୍ଛାକୃତ ଅବସର ଆବେଦନକୁ ବିଦ୍ୟୁତ ବିଭାଗ କିପରି ଅନୁମୋଦନ କଲେ ବୋଲି ଭାଜପା ପ୍ରଶ୍ନ କରିଛି। ବିଜେଡିରୁ ପ୍ରାର୍ଥୀ ହେବେ ବୋଲି ତାଙ୍କର ସବୁ ବେଆଇନକୁ ସରକାର ଓ ମୁଖ୍ୟ ନିର୍ବାଚନ ଅଧିକାରୀ ଆଖି ବୁଜି ଦେଇଛନ୍ତି କି ବୋଲି ମହାନ୍ତି କହିଛନ୍ତି । ମିଥ୍ୟା ତଥ୍ୟ ଉପସ୍ଥାପନ କରି ନାମାଙ୍କନ କରିଥିବାରୁ ବିଜେଡି ପ୍ରାର୍ଥୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ତାଙ୍କ ନାମାଙ୍କନ ପତ୍ରକୁ ଖାରଜ କରାଯାଉ ବୋଲି ପ୍ରତିନିଧି ଦଳ ଦାବି କରିଛି । ଏହି ପ୍ରତିନିଧି ଦଳରେ ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର, ଭାଜପା କୃଷକ ମୋର୍ଚ୍ଚାର ସାଧାରଣ ସମ୍ପାଦକ ସୁରଥ ବିଶ୍ୱାଳ, ରାଜ୍ୟ ଯୁବ ମୋର୍ଚ୍ଚା ଉପସଭାପତି ସିକନ୍ଦର ଅଲ୍ଲୀ ଏବଂ ଭାଜପା ନିର୍ବାଚନ ପ୍ରକୋଷ୍ଠର ସଂଯୋଜକ ଜୟନ୍ତ ଜେନା ପ୍ରମୁଖ ଯୋଗ ଦେଇଥିଲେ।

# ଚନ୍ଦ୍ରଶେଖରଙ୍କ ଗସ୍ତର ୨୮ ବର୍ଷ ପରେ ମୋଦି

**ସୋନପୁର,୨।୪(ନି.ପ୍ର.)**


ପ୍ରାକ୍ତନ ପ୍ରଧାନମନ୍ତ୍ରୀ ଚନ୍ଦ୍ରଶେଖର


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୬ ତାରିଖ ଶନିବାର ଓଡିଶା ଗସ୍ତରେ ଆସୁଛନ୍ତି। ସୁନ୍ଦରଗଡରେ ଦଳୀୟ ସଭା ସାରି ସୁବର୍ଣ୍ଣପୁର ଆସିବେ। ପୂର୍ବାହ୍ନ ୧୨ଟାରେ ସେ ଜିଲା ସଦର ମହକୁମାର ରାମେଶ୍ୱରସ୍ଥିତ ଷ୍ଟାଡିୟମରେ ପହଞ୍ଚି ଭାଜପାର ବିଜୟ ସଂକଳ୍ପ ସମାବେଶକୁ ସମ୍ବୋଧନ କରିବେ। ପ୍ରଧାନମନ୍ତ୍ରୀ ଏଠାରେ ଗୋଟିଏ ଘଣ୍ଟା ରହିବାର କାର୍ଯ୍ୟକ୍ରମ ରହିଛି। ତାଙ୍କ ଗସ୍ତକୁ ନେଇ ଜିଲାବାସୀଙ୍କ ମଧ୍ୟରେ ଉତ୍ସୁକତା ପ୍ରକାଶ ପାଇଛି । କାରଣ ନୂତନ ଜିଲା ଗଠନ ହେବା ଦିନଠାରୁ ଏଠାକୁ କୌଣସି ପ୍ରଧାନମନ୍ତ୍ରୀ ଆସି ନ ଥିଲେ। ବଲାଙ୍ଗୀର ଜିଲା ଅଧୀନରେ ସୋନପୁର ଏକ ଉପଖଣ୍ଡ ଥିବା ବେଳେ ୧୯୯୧ ମସିହା ମେ ୨୧ତାରିଖରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଚନ୍ଦ୍ରଶେଖର ଶେଷ ପ୍ରଧାନମନ୍ତ୍ରୀ ଭାବେ ସୁବର୍ଣ୍ଣପୁର ଆସିଥିଲେ। ସେ ସହରର ମାଣିକେଶ୍ୱରୀ ପଡିଆରେ ଏକ ନିର୍ବାଚନୀ ସଭାରେ ଯୋଗ ଦେଇଥିଲେ। ଏହାର ୨୮ବର୍ଷ ପରେ ଆଉ ଜଣେ ପ୍ରଧାନମନ୍ତ୍ରୀ ଏହି ଜିଲା ସଦର ମହକୁମାରେ ପାଦ ଥାପିବେ।

ପ୍ରଧାନମନ୍ତ୍ରୀ ମୋଦିଙ୍କ କାର୍ଯ୍ୟକ୍ରମ ପାଇଁ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଉଛି। ଏସ୍‌ପିଜିର ଏକ ଟିମ୍ ମଙ୍ଗଳବାର ରାତି ସୁଦ୍ଧା ସୋନପୁରରେ ପହଞ୍ଚିବେ। ସଭାସ୍ଥଳ ତିଆରି ସହ ଷ୍ଟାଡିୟମ ସମ୍ମୁଖ ରିଂରୋଡ ପାର୍ଶ୍ୱକୁ ସମତଳ କରାଯାଇ ହେଲିପ୍ୟାଡ ପ୍ରସ୍ତୁତ କରାଯାଉଛି। ଏଥିପାଇଁ ସହରର ଟ୍ରାଫିକ୍ ବ୍ୟବସ୍ଥାକୁ କଡାକଡି କରାଯିବ। ରୟାଲ ପଡିଆ, ଗାନ୍ଧୀ ପଡିଆ ଓ କୁଞ୍ଜ ଛକ ନିକଟରେ ଗାଡି ପାର୍କିଂ ବ୍ୟବସ୍ଥା କରାଯାଉଛି। ଭାଜପା ପକ୍ଷରୁ ମଧ୍ୟ କାର୍ଯ୍ୟକ୍ରମକୁ ସଫଳ କରାଯିବା ପାଇଁ ଦଳୀୟ ପ୍ରସ୍ତୁତି ଚାଲିଛି। ବଲାଙ୍ଗୀର ଲୋକ ସଭା ଅନ୍ତର୍ଗତ ସୁବର୍ଣ୍ଣପୁର ଜିଲାର ବୀରମହାରାଜପୁର ଓ ସୋନପୁର ନିର୍ବାଚନ ମଣ୍ଡଳୀ ଏବଂ କନ୍ଧମାଳ ଲୋକସଭା ଅନ୍ତର୍ଗତ ବୌଦ୍ଧ ଓ କଣ୍ଟାମାଳ ନିର୍ବାଚନ ମଣ୍ଡଳୀକୁ ଦଳ ଅଧିକ ଫୋକସ କରିଛି। ବୌଦ୍ଧ ଜିଲାରେ ବିଜେଡିର ହେଭିୱେଟ୍ ପ୍ରଦୀପ ଅମାତ ଓ ସୁବର୍ଣ୍ଣପୁରରେ ରାଜ୍ୟ କ୍ୟାବିନେଟ୍ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ପ୍ରାକ୍ତନ ମନ୍ତ୍ରୀ ପଦ୍ମନାଭ ବେହେରା ବିଧାୟକ ଅଛନ୍ତି। ଏହି ସବୁ ନିର୍ବାଚନ ମଣ୍ଡଳୀରେ ଭାଜପା ବିଧାୟକ ପ୍ରାର୍ଥୀ କେବେ ବିଜୟୀ ହୋଇନାହାନ୍ତି। ଲୋକସଭା ପ୍ରାର୍ଥୀ ମଧ୍ୟ ବିଜେଡିର ଦଳୀୟ ପ୍ରାର୍ଥୀଙ୍କଠାରୁ ଗତ ନିର୍ବାଚନଗୁଡିକରେ ବହୁ କମ୍ ଭୋଟ ପାଇଥିଲେ। ତେବେ ଗତ ପଞ୍ଚାୟତ ନିର୍ବାଚନରେ ଭାଜପାକୁ ଏହି ଦୁଇ ଜିଲାରେ ଆଶାତୀତ ସଫଳତା ମିଳିଛି। ମୋଦିଙ୍କ ପ୍ରଚାର ଯୋଗୁଁ ଭାଜପା ଏଠାରେ ଜନମତ ନିଜ ସପକ୍ଷରେ ନେବା ପାଇଁ ଚେଷ୍ଟା କରୁଛି। ମୋଦିଙ୍କ ସଭା ଆଳରେ ଦଳ ଅସନ୍ତୁଷ୍ଟ ଦଳୀୟ ନେତାଙ୍କୁ ମନାଇବାକୁ ମଧ୍ୟ ଚେଷ୍ଟା କରୁଥିବା ସୂଚନା ମିଳୁଛି।



ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖ, କିନ୍ତୁ ନିଜ ଉଦ୍ୟମରେ ଟିକିଏ ହେଲେ ଅବହେଳା କର ନାହିଁ।
–ବ୍ୟାସକବି ଫକୀର ମୋହନ ସେନାପତି



## ସଂକ୍ଷେପରେ

### ଯୋଗ ପ୍ରାଣାୟାମ ଶିକ୍ଷାକେନ୍ଦ୍ରର ସୁବର୍ଣ୍ଣ ଜୟନ୍ତୀ

**ପୁରୀ ଅଫିସ,୨।୪:** ସ୍ଥାନୀୟ ଷ୍ଟେଶନ ରୋଡସ୍ଥିତ ଯୋଗ ପ୍ରାଣାୟାମ ଶିକ୍ଷାକେନ୍ଦ୍ରର ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ଦୁଇଦିନିଆ ମହୋତ୍ସବକୁ ଶ୍ରୀମନ୍ଦିର ପୁରୋହିତ ଗବେଷକ ଡ. ସିଦ୍ଧେଶ୍ୱର ମହାପାତ୍ର ଉଦ୍‌ଘାଟନ କରି ପଞ୍ଚାମୃତ ଯୋଗ ମାଧ୍ୟମରେ ବିଶ୍ୱ କଲ୍ୟାଣ କିପରି ହୋଇପାରିବ ତାହା ପ୍ରତିପାଦନ କରିଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ବେଦାନ୍ତ ବିଭାଗ ପ୍ରଫେସର ଡ. ପ୍ରଭାତ ରଞ୍ଜନ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଯୋଗର ପ୍ରାସଙ୍ଗିକତା ବୁଝାଇଥିଲେ । ବିଶ୍ୱ ସନାତନ ଯୋଗ ବାହିନୀର ପ୍ରତିଷ୍ଠାତା ଯୋଗାଚାର୍ଯ୍ୟ ଅକ୍ଷୟ କୁମାର ଗ୍ରହାଚାର୍ଯ୍ୟ ଉଦ୍‌ଘାଟନୀ ସଭାରେ ଅଧ୍ୟକ୍ଷତା କରିଥିଲେ । ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ କଟକୀ ମଠ ମହନ୍ତ ଡ. ବିଜୟ ରାମାନୁଜ ଦାସ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପୋଲିସ ଅଧିକାରୀ କାଳନ୍ଦୀ ଚରଣ ପାତ୍ର ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଏଥିରେ ଯୋଗ ଶିକ୍ଷାର୍ଥୀମାନେ ପଞ୍ଚାମୃତ ଯୋଗ ପ୍ରଦର୍ଶନ କରିଥିଲେ । ସଭାରେ ରମାବଲ୍ଲଭ ମହାପାତ୍ର, ଆଲୋକ ସ୍ୱାଇଁ, ମଦନ ମୋହନ ପାତ୍ର, ପ୍ରକାଶ କୁମାର ଗୋଛି, ବାନାମ୍ବର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

### ଶିକ୍ଷା ସଚେତନତା ଲାଗି ଗାଁ ବୁଲିଲେ ଛାତ୍ରୀଛାତ୍ର

**ଗୋପ, ୨।୪(ଡି.ଏନ୍.ଏ.):** ଗୋପ ଶିକ୍ଷା ବିଭାଗ ଅଧୀନ ବିଭିନ୍ନ ସ୍କୁଲ ପକ୍ଷରୁ ସଭିଏଁ ପଢ଼ିବା, ସଭିଏଁ ବଢ଼ିବା ସଚେତନତା ବାର୍ତ୍ତା ନେଇ ସମସ୍ତ ସରକାରୀ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ମଙ୍ଗଳବାର ବିଭିନ୍ନ ଗ୍ରାମ ପରିକ୍ରମା କରି ସଚେତନ କରିଛନ୍ତି। ମଣ୍ଡଳ ଶିକ୍ଷାଧିକାରୀ ବସନ୍ତ କୁମାର ମିଶ୍ର, ପ୍ରଭାସ ଚନ୍ଦ୍ର କରଣଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ଲକରେ ଥିବା ସମସ୍ତ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ପାଳନ କରାଯାଇଛି। କେତେକ ବିଦ୍ୟାଳୟରେ ଅଧାରୁ ପାଠ ଛାଡୁଥିବା ପିଲାଙ୍କୁ ପାଠପଢ଼ା ପ୍ରତି ଆକୃଷ୍ଟ କରିବା, ସରକାରୀ ବିଦ୍ୟାଳୟରେ ନାମ ଲେଖାଇ ସରକାରଙ୍କ ତରଫରୁ ହୋଇଥିବା ଯୋଜନାର ସୁବିଧା ନେବା କଥା କହିଥିଲେ। ଭଇରିପୁର ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୟାନିଧି ଦାଶଙ୍କ ସହଯୋଗରେ ସହକାରୀ ଶିକ୍ଷକ ବିଦ୍ୟାଧର ମିଶ୍ର, ଅଭିଲିପ୍ସା ଗୌତମୀ ପ୍ରମୁଖ ସାମିଲ ଥିଲେ। ସେହିପରି ଶିଶୋ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଶିବଦତ୍ତ ନାୟକ, ଗୋପ କେନ୍ଦ୍ର ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଗୌରୀପ୍ରିୟା ନାୟକ, ଡାଳିମ୍ବଗୋରଡ଼ି ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ସେଠୀଙ୍କ ସହଯୋଗିତାରେ ଛାତ୍ରୀଛାତ୍ରମାନେ ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ସତ୍ୟବତୀ ଦାସ, ଡେଜାଲିନ୍ ସ୍ୱାଇଁ, ସ୍ୱାଗତିକା ନାୟକ, ଦୀନକୃଷ୍ଣ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

# ୫ ପ୍ରାର୍ଥୀ ଦାଖଲ କଲେ ନାମାଙ୍କନପତ୍ର





ବ୍ରହ୍ମଗିରି ବିଧାନସଭା ଲାଗି ବିଜେଡି ପ୍ରାର୍ଥୀ ସଞ୍ଜୟ କୁମାର ଦାସବର୍ମା ଏବଂ ସତ୍ୟବାଦୀ ନିର୍ବାଚନ ମଣ୍ଡଳୀ ପାଇଁ କଂଗ୍ରେସ ପ୍ରାର୍ଥୀ ପ୍ରସାଦ ହରିଚନ୍ଦନ ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି।

**ପୁରୀ ଜିଲ୍ଲା**

- ଜନସାଧାରଣଙ୍କ ଆସ୍ଥା ଭାଜନ ହେବ କଂଗ୍ରେସ: ପ୍ରସାଦ
- ବ୍ରହ୍ମଗିରିବାସୀ ପୁଣି ମୋ ଉପରେ ଆସ୍ଥା ରଖିବେ: ସଞ୍ଜୟ

**ପୁରୀ ଅଫିସ,୨।୪**

ତୃତୀୟ ପର୍ଯ୍ୟାୟରେ ପୁରୀ ସଂସଦୀୟ କ୍ଷେତ୍ର ଏବଂ ଏହା ଅଧୀନ ବିଧାନସଭା ଆସନ ଲାଗି ହେବାକୁ ଥିବା ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଜାରି ରହିଛି। ମଙ୍ଗଳବାର ଷଷ୍ଠ ଦିବସରେ ଜଣେ ଏମ୍‌ପି ପ୍ରାର୍ଥୀ ଏବଂ ୪ଜଣ ବିଧାୟକ ପ୍ରାର୍ଥୀ ସେମାନଙ୍କ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସିପିଆଇ (ଏମ୍‌ଏଲ୍) ରେଡ୍ ଷ୍ଟାର ପୁରୀ ଲୋକ ସଭା ପ୍ରାର୍ଥୀ ଭାବେ ରଞ୍ଜନ ମିଶ୍ର, ସତ୍ୟବାଦୀ ନିର୍ବାଚନମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀ ପ୍ରସାଦ ହରିଚନ୍ଦନ, ବ୍ରହ୍ମଗିରିରୁ ବିଜେଡି ପ୍ରାର୍ଥୀ ସଞ୍ଜୟ ଦାସବର୍ମା ଏବଂ କଂଗ୍ରେସ ପ୍ରାର୍ଥୀ ଉମାକାନ୍ତ ବରାଳ, ପିପିଲିରୁ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)ର ବିଧାୟକ ପ୍ରାର୍ଥୀ ଭାବେ ପଦ୍ମଚରଣ ଜେନା ନାମାଙ୍କନପତ୍ର ଦାଖଲ କରିଛନ୍ତି। ପ୍ରାର୍ଥୀମାନେ ନିଜ ନିଜ ଅଞ୍ଚଳରୁ ଶୋଭାଯାତ୍ରାରେ ବାହାରିଥିଲେ। ପ୍ରସାଦ ସତ୍ୟବାଦୀ ପଞ୍ଚସଖା ପଡ଼ିଆରୁ ଶହ ଶହ ବାଇକ୍ ଶୋଭାଯାତ୍ରାକାରୀଙ୍କ ଗହଣରେ ପୁରୀ ଆସିଥିଲେ। ସେ ଅପରାହ୍ନ ପ୍ରାୟ ୧ଟାରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଥିଲେ। ତାଙ୍କ ସହ ଦଳର ପୁରୀ ଲୋକ ସଭା ପ୍ରାର୍ଥୀ ସତ୍ୟପ୍ରକାଶ ନାୟକ ଏବଂ ଅନ୍ୟ ନେତୃବୃନ୍ଦ ଆସିଥିଲେ। ସେହିପରି ବ୍ରହ୍ମଗିରିରୁ ବହୁ ସଂଖ୍ୟକ କର୍ମୀଙ୍କୁ ଧରି ଆସିଥିଲେ ସଞ୍ଜୟ ଓ ଉମାକାନ୍ତ। ଦୁହେଁ ଉପଜିଲାପାଳ ଭବତାରଣ ସାହୁଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଜିଲାପାଳ ତଥା ରିଟର୍ନିଂ ଅଫିସର ଜ୍ୟୋତି ପ୍ରକାଶ ଦାସଙ୍କ ନିକଟରେ ରଞ୍ଜନ ଏବଂ ଅତିରିକ୍ତ ଜିଲାପାଳଙ୍କ ନିକଟରେ ପଦ୍ମଚରଣ ନାମାଙ୍କନପତ୍ର ଦାଖଲ କରିଥିଲେ ।

ପ୍ରାର୍ଥିପତ୍ର ଦାଖଲ ପରେ ସତ୍ୟବାଦୀ କଂଗ୍ରେସ ପ୍ରାର୍ଥୀ ପ୍ରସାଦ କହିଥିଲେ, ବେକାର ଯୁବକଙ୍କ ପାଇଁ ରୋଜଗାର, ଚାଷୀଙ୍କୁ ଋଣଛାଡ, ଧାନ ଦର କୁଇଣ୍ଟାଲ ପିଛା ୨୬୦୦ ଟଙ୍କା ହେଉଛି ଓଡ଼ିଶା ପାଇଁ ଦଳର ପ୍ରତିଶ୍ରୁତି । ଏଥିସହ ମହିଳାଙ୍କୁ ସୁରକ୍ଷା ଓ ସମ୍ମାନ, ସୁଖୀ ସମୃଦ୍ଧି ଓଡ଼ିଶା ଗଠନ ସହ ସତ୍ୟବାଦୀରେ ଶାନ୍ତି, ପ୍ରଗତି ହେଉଛି ଆମର ପ୍ରତିଶ୍ରୁତି। ଆଗାମୀ ନିର୍ବାଚନରେ ନିଶ୍ଚିତ ସତ୍ୟବାଦୀରେ କଂଗ୍ରେସ ଜନସାଧାରଣଙ୍କ ଆସ୍ଥା ଭାଜନ ହେବ ବୋଲି ସେ କହିଥିଲେ । ବିଜେଡିର ବ୍ରହ୍ମଗିରି ବିଧାୟକ ପ୍ରାର୍ଥୀ ଦାସବର୍ମା କହିଥିଲେ, ଗତ ଦୁଇଟି ନିର୍ବାଚନରେ ବ୍ରହ୍ମଗିରିବାସୀ ମୋତେ ଆଶୀର୍ବାଦ ଦେଇ ନିର୍ବାଚିତ କରିଥିଲେ। ମୋଠାରୁ ଯାହା ଆଶା କରିଥିଲେ ତାହା ପୂରଣ କରିବା ପାଇଁ ପରିଶ୍ରମ କରିଛି । ଆସନ୍ତା ସାଧାରଣ ନିର୍ବାଚନରେ ପୁଣି ମୋ ଉପରେ ଆସ୍ଥା ରଖିବେ ବୋଲି ବିଶ୍ୱାସ ରହିଛି। ବ୍ରହ୍ମଗିରିର କଂଗ୍ରେସ ପ୍ରାର୍ଥୀ ଉମାକାନ୍ତ କହିଥିଲେ, କଂଗ୍ରେସ ଗଡ଼ କୁହାଯାଉଥିବା ବ୍ରହ୍ମଗିରି କେତେଜଣଙ୍କ ଚକ୍ରାନ୍ତରେ ପଡ଼ି ଆଜି ଦୁଇଭାଗ ହୋଇଛି। ଏହାସତ୍ତ୍ୱେ ଆଗାମୀ ଲଢେଇ ହେବ ସ୍ୱାଭିମାନର ଲଢେଇ। ପାଣ୍ଡବ ପକ୍ଷେ କମ୍ ସୈନ୍ୟ ଥାଇ ମଧ୍ୟ ସେମାନେ ଯେପରି ଉଚ୍ଚକୋଟୀର ରଣକୌଶଳ ଯୋଗୁ ବିଜୟୀ ହେଲେ ସେହିଭଳି ଚ୍ୟାଲେଞ୍ଜ ଦେବୁ ବୋଲି ସେ ଆଶା କରିଛନ୍ତି । ସିପିଆଇ (ଏମ୍‌ଏଲ୍) ରେଡ୍ ଷ୍ଟାର ପ୍ରାର୍ଥୀ ରଞ୍ଜନ ଜନବିରୋଧୀ ବ୍ୟବସ୍ଥାର ଆମୂଳଚୂଳ ପରିବର୍ତ୍ତନ ହେବା ଦରକାର ବୋଲି କହିଛନ୍ତି ।



ସତ୍ୟବାଦରେ ଝାଞ୍ଜିମାଡ଼ରେ ଜଳିଯାଇଥିବା ଧାନଫସଲକୁ ଚାଷୀମାନେ ଦେଖାଉଛନ୍ତି।

■ ସତ୍ୟବାଦୀରେ କାଳ ବୈଶାଖୀ

## ଝାଞ୍ଜି ମାଡ଼ରେ ଜଳିଗଲା ଧାନ ଫସଲ: ଚିନ୍ତାରେ ଚାଷୀ

**ସାକ୍ଷୀଗୋପାଳ, ୨।୪(ଡି.ଏନ୍.ଏ.)**

ସତ୍ୟବାଦୀ ଅଞ୍ଚଳରେ ଗତ ରବିବାର ଅପରାହ୍ନରେ ହଠାତ କାଳ ବୈଶାଖୀ ମାଡି ଆସିବା ସହିତ ଉତ୍ତାପ ଯୁକ୍ତ ଝାଞ୍ଜି ପବନ ମାଡରେ ଧାନ ଫସଲ ଜଳି ଯାଇଛି। ବାହାରିଥିବା ଧାନ କେଣ୍ଡା ସହିତ ପତ୍ରଗୁଡିକ ପୋଡି ଶୁଷ୍କ ହୋଇ ଯାଇଛି। ଜଳସେଚନ ସୁବିଧା ନ ଥିବା ଚାଷଜମିରେ ବ୍ୟକ୍ତିଗତ ଉଠା ଜଳସେଚନ ପଏଣ୍ଟରୁ ଜଳ ଯୋଗାଣ ସହ ଆବଶ୍ୟକ ସାର ପିଡିଆ ଓ କୀଟ ନାଶକ ପ୍ରୟୋଗ ନିମନ୍ତେ ଅଧିକ ଟଙ୍କା ବ୍ୟୟକରି ଚାଷୀମାନେ ଲହୁଲୁହାଣ ହୋଇ ଫସଲ କାଟିବାକୁ ରଖିଥିବା ଆଶା ମଉଳି ଯାଇଛି। ପବନ ମାଡରେ କେତେକ ଧାନ ଖେତରେ ପଡିଯାଇଛି। ଏଭଳି ସ୍ଥିତିରେ ସତ୍ୟବାଦୀ ବ୍ଲକର ଶହଶହ ଚାଷୀ ଏବେ ଚିନ୍ତାରେ ପଡିଥିବା କହିଛନ୍ତି। ବ୍ଲକର ଶୁକଳ ଗ୍ରାମପଞ୍ଚାୟତର ବାଁବରଡା, ଦୋଖଣ୍ଡପୁର, ମାର୍କଣ୍ଡପଡା, ଗୁଆଳିପାରି, ଦକ୍ଷିଣକେରା, ଆଳିଶ ଗ୍ରାମପଞ୍ଚାୟତର ଆଳିଶ, ତୁରାଳି, ରାଏପୁର, ମଧୁବନ ଗ୍ରାମପଞ୍ଚାୟତର ଡାହଣ କୁମ୍ଭାରପଡା, ହାଟପଡା, ଇଚ୍ଛାପୁର, ବ୍ରହ୍ମପୁର, ଗୋଲ ବିଞ୍ଝେଇପଡା, ଭଣ୍ଡାରିଦଣ୍ଡା ଓ ଦୁଗଲ ଗ୍ରାମ ପଞ୍ଚାୟତ ଆଦି ପ୍ରାୟ ୫ ହଜାର ଏକରରୁ ଊର୍ଦ୍ଧ୍ୱ ଜମିରେ କରାଯାଇଥିବା ଧାନ ଫସଲରେ ଏହି ଅବସ୍ଥା ଦେଖାଯାଇଛି। ହଠାତ୍ ଏହି ସମସ୍ୟା ଦେଖାଦେଇଥିବାରୁ ଫସଲ ଅମଳ ଆଶା କ୍ଷୀଣ ହୋଇଛି ବୋଲି ଜଣେ ଚାଷୀ ହରିହର ସ୍ୱାଇଁ କହିଛନ୍ତି। ସେହିପରି ଶୁକଳ ସମିତିସଭ୍ୟ ଜଳନ୍ଧର ସେଠୀ ଏହି ସମସ୍ୟା ନେଇ କୃଷି ଅଧିକାରୀଙ୍କୁ ଜଣାଇବା ପରେ ଗ୍ରାମ୍ୟ କୃଷି କର୍ମଚାରୀ ରତିକାନ୍ତ ମିଶ୍ର କ୍ଷେତ୍ର ପରିଦର୍ଶନ କରିବାକୁ ଆସିଥିବା କହିଛନ୍ତି।

## ବିଦ୍ୟୁତ୍ ଆଘାତରେ ଟଳି ପଡ଼ିଲେ ସେସୁ କର୍ମଚାରୀ

**ସାକ୍ଷୀଗୋପାଳ, ୨।୪ (ଡି.ଏନ୍.ଏ./ସ୍ୱ.ପ୍ର.)**

ମରାମତି ପାଇଁ ବିଦ୍ୟୁତ୍ ଖୁଣ୍ଟରେ ଚଢ଼ି କାମ କରୁଥିବା ତ୍ରିନାଥ ମଲ୍ଲିକ (୫୮) ନାମକ ଜଣେ ସେସୁ କର୍ମଚାରୀ ମଙ୍ଗଳବାର ବିଦ୍ୟୁତ୍ ଆଘାତରେ ଟଳି ପଡିଛନ୍ତି। ସତ୍ୟବାଦୀ ବ୍ଲକ ମଧୁବନ ଗ୍ରାମପଞ୍ଚାତର ଡାହଣ କୁମ୍ଭାରପଡା ଗ୍ରାମ ନିକଟରେ ଏହି ଅଘଟଣ ଘଟିବା ପରେ ତାଙ୍କୁ ମୁମୂର୍ଷୁ ଅବସ୍ଥାରେ ସ୍ଥାନୀୟ ଲୋକେ ଚିକତ୍ସା ନିମନ୍ତେ ସାକ୍ଷୀଗୋପାଳ ଡାକ୍ତରଖାନାକୁ ଆଣିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ସହ ସତ୍ୟବାଦୀ ଥାନାକୁ ଖବର ଦେଇଥିଲେ। ମୃତ କର୍ମଚାରୀଙ୍କ ଘର ଡେଲାଙ୍ଗ ଥାନା ଅନ୍ତର୍ଗତ ରେଞ୍ଚ ଗ୍ରାମରେ। ଖବରପାଇ ସତ୍ୟବାଦୀ ଥାନା ପୋଲିସ ସେଠରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏ ନେଇ ନଂ ୫/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଚିକିତ୍ସା ଅବହେଳାରୁ ବୃଦ୍ଧଙ୍କ ମୃତ୍ୟୁ

**ଅଭିଯୋଗକୁ ସିଡିଏମ୍‌ଓଙ୍କ ଖଣ୍ଡନ**

**ପୁରୀ ଅଫିସ,୨।୪**

ପୁଣି ଚର୍ଚ୍ଚାକୁ ଆସିଛି ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ। ଗତ ୩୦ ତାରିଖରେ ଚିକିତ୍ସାଧୀନ ଜଣେ ନାବାଳକଙ୍କୁ ଡାକ୍ତର ମାଡ଼ ମାରିଥିବାବେଳେ ମଙ୍ଗଳବାର ଚିକିତ୍ସା ଅବହେଳାରୁ ଜଣେ ଅସହାୟ ବୃଦ୍ଧଙ୍କ ଜୀବନ ଯାଇଛି। କୁମ୍ଭାରପଡା ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏଥିସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ଗତ ମାର୍ଚ୍ଚ ୩୧ ତାରିଖରେ ପେଟ୍ରୋଲ ପମ୍ପ ନିକଟ ରାସ୍ତାକଡରେ ଜଣେ ବୃଦ୍ଧ ଅସହାୟ ଅବସ୍ଥାରେ ପଡିଥିବା ଦେଖି କେତେଜଣ ଯୁବକ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ମେଡିସିନ୍ ୱାର୍ଡରେ ଭର୍ତ୍ତି କରାଯାଇଥିଲା। ୩ଦିନ ଧରି ସେ ଚିକିତ୍ସାଧୀନ ଥିବାବେଳେ ମଙ୍ଗଳବାର ତାଙ୍କର ମୃତ୍ୟୁ ଘଟିଛି। ତାଙ୍କୁ ଉଦ୍ଧାର କରି ଏଠାକୁ ଆଣିଥିବା ଯୁବକମାନେ ଗଣମାଧ୍ୟମ ଆଗରେ ଅଭିଯୋଗ କରିଛନ୍ତି ଯେ, ଚିକିତ୍ସାରେ ଅବହେଳା ଯୋଗୁ ସମ୍ପୃକ୍ତ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ପ୍ରଥମ ଦିନ ପରେ ତାଙ୍କୁ ଆବଶ୍ୟକ ସେବା ଯୋଗାଇ ଦିଆଯାଇ ନାହିଁ। ସେହି ୱାର୍ଡ ଦାୟିତ୍ୱରେ ଥିବା ଡାକ୍ତର କିମ୍ବା ନର୍ସ କେହି ତାଙ୍କ ଚିକିତ୍ସା ପ୍ରତି ଗୁରୁତ୍ୱ ଦେଇ ନ ଥିଲେ। ଏପରିକି ମେଡିକାଲ ପକ୍ଷରୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇ ନ ଥିଲା।

ଏ ସଂକ୍ରାନ୍ତରେ ସିଡିଏମ୍‌ଓ ଏବଂ ଏଡିଏମଓ(ମେଡିକାଲ)ଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଏ ନେଇ ସିଡିଏମ୍‌ଓ ରାମଚନ୍ଦ୍ର ରାଉତଙ୍କୁ ପଚାରିବାରେ କହିଛନ୍ତି, ଅସହାୟ ରୋଗୀଙ୍କୁ ସ୍ୱତନ୍ତ୍ର ଭାବେ ଚିକିତ୍ସା ଲାଗି ଏଠାରେ ସେପରି କୌଣସି ବ୍ୟବସ୍ଥା ନାହିଁ। ସାଧାରଣ ୱାର୍ଡରେ ସେମାନଙ୍କ ଚିକିତ୍ସା କରାଯାଇଥାଏ। ସମ୍ପୃକ୍ତ ବୃଦ୍ଧଙ୍କ ଚିକିତ୍ସାରେ କୌଣସି ଅବହେଳା କରାଯାଇନାହିଁ। ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ ଅବନତି ଘଟିଥିଲା। ତେବେ ଆବଶ୍ୟକ ଅନୁଯାୟୀ ସେବା ଯୋଗାଇ ଦିଆଯାଇଥିଲା।

■ ମା'ମଙ୍ଗଳା ମନ୍ଦିରରେ ଦ୍ୱିତୀୟ ପାଳି ଝାମୁଯାତ୍ରା

## ପାଟୁଆ ନୃତ୍ୟ ଦେଖି ଭକ୍ତ ବିମୋହିତ



କାକଟପୁର ମା'ମଙ୍ଗଳାଙ୍କ ମନ୍ଦିରରେ ଜଣେ ପାଟୁଆ ନୃତ୍ୟ କରୁଛନ୍ତି।

**କାକଟପୁର, ୨।୪(ଡି.ଏନ୍.ଏ.)**

ଚୈତ୍ରମାସର ୨ୟ ମଙ୍ଗଳବାର। କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା'ମଙ୍ଗଳାଙ୍କ ମନ୍ଦିରରେ ୨ୟ ପାଳି ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବ୍ରାହ୍ମମୁହୂର୍ତ୍ତରେ ମନ୍ଦିର ଖୋଲାଯାଇ ମା'ଙ୍କ ସ୍ନାନ ମାର୍ଜଣା ପରେ ମା'ଙ୍କୁ ଚନ୍ଦନ ବେଶରେ ସଜ୍ଜିତ କରାଯାଇଥିଲା। ମା'ଙ୍କ ନୀତିକାନ୍ତି ପରେ ମନ୍ଦିର ପହୁଡ଼ ଫିଟାଯାଇଥିଲା। ଭକ୍ତମାନେ ଉତ୍ତର ଦ୍ୱାରଦେଇ ବାରିକେଡ ମଧ୍ୟରେ ମନ୍ଦିର ଭିତରକୁ ଯାଇ ମା'ଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ସଧବାମାନେ ମନ୍ଦିର ବେଢ଼ାରେ ଥିବା ପଛେଇ ପୂଜା କରିବା ସହିତ ବେଢ଼ାରେ ନୂଆ ଅରୁଆ ଚାଉଳ, ବିରି ବିଞ୍ଚି ଜାମୁଡାଳରେ ଓଳାଇଥିଲେ। ଘଣ୍ଟପାଟୁଆମାନେ ପ୍ରାଚୀ ନଦୀର ଘଣ୍ଟତୋଳା ତୁଠକୁ ଯାଇ ଘଟ ସ୍ଥାପନ, ପାଣିତୋଳା କାର୍ଯ୍ୟ କରିବା ପରେ ଏକ ପଟୁଆରରେ ମନ୍ଦିରକୁ ଆସିଥିଲେ। ମା'ଙ୍କୁ ସ୍ତୁତି କଲାପରେ ପୂଜାପଣ୍ଡା ସେମାନଙ୍କୁ ମା'ଙ୍କ ଆଜ୍ଞାମାଳ ପ୍ରଦାନ କରିଥିଲେ। ଆଜ୍ଞାମାଳ ପାଇବା ପରେ ରାଉଳ ପାଟୁଆମାନେ ମନ୍ଦିର ବେଢ଼ାରେ ଏବଂ ସ୍ଥାନୀୟ ଅଞ୍ଚଳର ପାଟୁଆମାନେ ସିଂହଦ୍ୱାରା ସମ୍ମୁଖରେ ମନ୍ଦିର ବାହାରେ ପାଟୁଆନୃତ୍ୟ ପରିବେଷଣ କରିଥିଲେ। ପ୍ରାତଃରୁ ମନ୍ଦିରରେ ଭିଡ଼ ଲାଗିରହିଥିଲା। କାକଟପୁର ଥାନା ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ବେଳେ ଟ୍ରାଫିକ ବ୍ୟବସ୍ଥାକୁ ନିୟନ୍ତ୍ରଣ କରାଯାଇଥିଲା। ବିଭିନ୍ନ ସାମାଜିକ ସଂଗଠନମାନଙ୍କ ପକ୍ଷରୁ ସୂଚନା କେନ୍ଦ୍ର, ଜଳଛତ୍ର ଖୋଲାଯାଇ ଭକ୍ତମାନଙ୍କୁ ସାହାଯ୍ୟ ସହଯୋଗ ଯୋଗାଇ ଦିଆଯାଇଥିଲା।

## 'ଶିକ୍ଷିତ ହୁଅ, ଐତିହ୍ୟ ସମ୍ପର୍କରେ ଜାଣ'

**ପୁରୀ ଅଫିସ,୨।୪**

ଆଜିକାଲି ଛାତ୍ରୀଛାତ୍ରମାନେ ଉଚ୍ଚଶିକ୍ଷା ହାସଲ କରୁଛନ୍ତି। ହେଲେ ନିଜ ଅଞ୍ଚଳର ଐତିହ୍ୟଠାରୁ ଦୂରେଇ ଯାଉଛନ୍ତି। ଫଳରେ ଜଣେ ଛାତ୍ର ଉଚ୍ଚଶିକ୍ଷିତ ହେବା ସତ୍ତ୍ୱେ ନିଜ ଗାଁ ମାଟି, ସହର ତଥା ପ୍ରଦେଶର ଐତିହାସିକ ପୃଷ୍ଠଭୂମି ସମ୍ପର୍କରେ ଅନଭିଜ୍ଞ ରହୁଛି ବୋଲି ତପୋବନ ବିଦ୍ୟାଳୟ ବାର୍ଷିକୋତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର ମିଶ୍ର ଏହା କହିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଡ. ପ୍ରମୋଦ କୁମାର ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ମଞ୍ଚାସୀନ ଥିବା ଐତିହ୍ୟ ବିଶାରଦ ମିଶ୍ର କହିଲେ, ପିଲାମାନଙ୍କୁ ଉଚ୍ଚଶିକ୍ଷିତ କରାଇବା ସହ ଐତିହ୍ୟ, ପରମ୍ପରା ବିଷୟରେ ଜଣାଇବା କ୍ଷେତ୍ରରେ ପରିବାର ଓ ମା' ବାପାଙ୍କ ପ୍ରମୁଖ ଭୂମିକା ରହିଛି। ନିଜ ଜନ୍ମମାଟିର ମହତ୍ତ୍ୱ ହେଉ କି, ଗାଁ ମାଟିର ପରିଚୟ କେବଳ ମା'ବାପା ହିଁ ଦେଇପାରିବେ। ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇ ଶିକ୍ଷିତ ହେବା ସହ ଉଚ୍ଚାଭିଳାଷୀ ମନୋଭାବ ରଖ, କିନ୍ତୁ ନିଜ ଅଞ୍ଚଳର ଐତିହ୍ୟ ସମ୍ପର୍କରେ ଜାଣ ବୋଲି ସେ କହିଥିଲେ। ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ଉତ୍ସବକୁ ଉଦ୍‌ଘାଟନ କରି ପ୍ରାଚୀନ ଗୁରୁକୁଳ ଶିକ୍ଷା ଉପରେ ଆଲୋକପାତ କରି କହିଲେ ଯେ, ଗୁରୁଶିଷ୍ୟ ପରମ୍ପରା ଏ ଦେଶର ପରିଚୟ। ମୁଖ୍ୟଅତିଥି ଭାବେ ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ଯୋଗଦେଇ ଏକ ସଶକ୍ତ ଓ ସମୃଦ୍ଧ ଭାରତ ଗଠନରେ ଛାତ୍ରୀଛାତ୍ରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ଅନ୍ନପୂର୍ଣ୍ଣା ପାଣି ବିବରଣୀ ପାଠ, କବିତା ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ବିଦ୍ୟାର୍ଥୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।





ତପୋବନ ବିଦ୍ୟାଳୟ ବାର୍ଷିକୋତ୍ସବରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର ମିଶ୍ର ଉଦ୍‌ବୋଧନ ଦେଉଛନ୍ତି।

■ ବିଜେଡି ବନାମ ଭାଜପା

## ମିଶ୍ରଣ ପର୍ବ ନେଇ ବି ପ୍ରତିଯୋଗିତା



ପୁରୀ ତେଲିପଡିଆସ୍ଥିତ କୁବେର ମଣ୍ଡପରେ ବିଜେଡିର ମିଶ୍ରଣ ପର୍ବ।



ପୁରୀ ତ୍ରିଦେବ ଭିଲାସ୍ଥିତ ଭାଜପା କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବ।

**ପୁରୀ ଅଫିସ,୨।୪**

ନିର୍ବାଚନ ଯେତେ ପାଖେଇ ଆସୁଛି ଦଳବଦଳ ପ୍ରକ୍ରିୟା ସେତେ ଜୋର୍ ଧରୁଛି। ଟିକେଟ ପାଇଁ ଆଶାୟୀ ପ୍ରାର୍ଥୀ ଯଦି ନିରାଶ ହେଉଛନ୍ତି ତେବେ ଦଳ ବଦଳ କରିବାକୁ ପ୍ରାଥମିକତା ଦେଉଛନ୍ତି। ଓଡ଼ିଶା ରାଜନୀତିରେ ବର୍ତ୍ତମାନ ଏଭଳି ଧାରା ଦେଖିବାକୁ ମିଳୁଛି। ଏପରି କି ଗୋଟିଏ ଦଳରୁ ଟିକେଟ ପାଇବା ପରେ ତାହାକୁ ପ୍ରତ୍ୟାଖ୍ୟାନ କରି ଅନ୍ୟ ଦଳରେ ମିଶିବା ଭଳି ନିଆରା ଉଦାହାରଣ ବି ଏଥର ପରିଲକ୍ଷିତ ହୋଇଛି। ଦଳ ବଦଳ କରୁଥିବା ନେତା ଏକା ନୁହେଁ ବରଂ ସାଥୀରେ ସମର୍ଥକ, ଶୁଭେଚ୍ଛୁଙ୍କୁ ଧରି ଅନ୍ୟ ଦଳରେ ମିଶୁଛନ୍ତି । ଅପରପକ୍ଷେ ଅଲଗା ଦଳରୁ ଆସୁଥିବା ନେତା ଓ କର୍ମୀଙ୍କୁ ସ୍ୱାଗତ କରିବା ଲାଗି ଆୟୋଜନ କରାଯାଉଛି ମିଶ୍ରଣ ପର୍ବ । ଏହି ମିଶ୍ରଣ ପର୍ବ ଏବେ ପ୍ରାୟ ପ୍ରତିଦିନ ସବୁ ଦଳରେ ଚାଲିଛି । ମିଶ୍ରଣ ପର୍ବକୁ ନେଇ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ଏକପ୍ରକାର ପ୍ରତିଯୋଗିତା ହେଉଛି। ପୁରୀରେ ମଙ୍ଗଳବାର ଏମିତି ମିଶ୍ରଣ ପର୍ବ ପ୍ରତିଯୋଗିତା ଦେଖିବାକୁ ପାଇଥିଲେ ଭୋଟର। ସନ୍ଧ୍ୟାରେ ତ୍ରିଦେବ ଭିଲାସ୍ଥିତ ଭାଜପା କାର୍ଯ୍ୟାଳୟରେ ମିଶ୍ରଣ ପର୍ବ ଆୟୋଜନ ହୋଇଥିଲା। ଏଥିରେ ଦଳର ପୁରୀ ଲୋକ ସଭା ପ୍ରାର୍ଥୀ ଡା. ସମ୍ବିତ୍ ପାତ୍ର, ପୁରୀ ବିଧାନସଭା ପ୍ରାର୍ଥୀ ଜୟନ୍ତ ଷଡ଼ଙ୍ଗୀ ଏବଂ ଜିଲା ସଭାପତି ପ୍ରଭଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିଜେଡି ଏବଂ କଂଗ୍ରେସର ବହୁ ଯୁବ, ମହିଳା କର୍ମୀ ଭାଜପାରେ ସାମିଲ ହୋଇଥିଲେ। ଏହି ଉପଲକ୍ଷେ ଶରଧାବାଲିଠାରୁ ଏକ ଶୋଭାଯାତ୍ରା ବାହାରି ଭାଜପା କାର୍ଯ୍ୟାଳୟରେ ପହଞ୍ଚିଥିଲା । ସେହିପରି ତେଲିପଡ଼ିଆସ୍ଥିତ କୁବେର ମଣ୍ଡପରେ ବିଜେଡି ପକ୍ଷରୁ ମିଶ୍ରଣ ପର୍ବ ଆୟୋଜିତ ହୋଇଥିଲା। କଂଗ୍ରେସରୁ ଇସ୍ତଫା ଦେଇଥିବା ପୁରୁଖା ନେତା ନୃସିଂହ ପ୍ରସାଦ ସାହୁ, ତାଙ୍କ ଭାଇ ନାରାୟଣ ସାହୁ, ଭାଇବୋହୂ ମଧୁସ୍ମିତା ସାହୁ ଏବଂ ସେମାନଙ୍କ ବହୁ ସମର୍ଥକ ବିଜେଡିରେ ମିଶିଥିଲେ। ଏହି କାର୍ଯ୍ୟକ୍ରମରେ ଦଳ ପକ୍ଷରୁ ମନ୍ତ୍ରୀ ମହେଶ୍ୱର ମହାନ୍ତି, ଏମ୍‌ପି ପିନାକୀ ମିଶ୍ର, ରାମକୃଷ୍ଣ ଦାସମହାପାତ୍ର ଉପସ୍ଥିତ ରହି ସମସ୍ତଙ୍କୁ ସ୍ୱାଗତ କରିଥିଲେ।